# ପ୍ରାଚୀନଦୀର
# ଐତିହାସିକ ବିଭବ

ଡାକ୍ତର ରାଧାଚରଣ ପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡ଼େମୀ

ଭୁବନେଶ୍ୱର

ନିଳିଖିକା

ଡାକ୍ତର ରାଧାଚରଣ ପଣ୍ଡା

ଗ୍ରାଃ ପୋ: ବାଲୁଗାଁ,

ଜି: ପୁରୀ

* ପ୍ରଥମ ପ୍ରକାଶ ୧୩୭୮

୧୯୬୯

* ମୁଦ୍ରାକର

ଶ୍ରୀ ରାମଚନ୍ଦ୍ର ମିଶ୍ର

ଉତ୍ତର ପ୍ରେସ୍, କଟକ-୧

# ସୂଚୀ ପତ୍ର


| ବିଷୟ | ପୃଷ୍ଠା |
|---|---|
| ୧ । ପ୍ରାଚୀନଦୀର ପରିଚୟ | ୧ |
| ୨ । ପ୍ରାଚୀନଦୀ ଓ ପ୍ରାଚୀ ମାହାତ୍ମ୍ୟ | ୧୧ |
| ୩ । ପ୍ରାଚୀମାହାତ୍ମ୍ୟ ଓ ତଦାୟ କଥ | ୧୩ |
| ୪ । ପ୍ରାଚୀନଦୀର ପ୍ରାଚୀନତ୍ୱ | ୨୧ |
| ୫ । ପ୍ରାଚୀନଦୀ ଓ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପି | ୩୬ |
| ୬ । ପ୍ରାଚୀନଦୀ ଏବଂ ଭୁବନେଶ୍ୱର ନିକଟବର୍ତ୍ତୀ କେତୋଟି ପ୍ରାଚୀନ କୀର୍ତ୍ତି | ୫୨ |
| ୭ । ପ୍ରାଚୀନଦୀ ଏବଂ ଚନ୍ଦ୍ରୋପଲା ବନ୍ଦର | ୫୬ |
| ୮ । ପ୍ରାଚୀନଦୀ ତୀରରେ ବାସ କରିଥିବା ବିଭିନ୍ନ ରାଜବଂଶ | ୬୬ |
| ୯ । ପ୍ରାଚୀନଦୀ ତୀରର ଦ୍ୱାଦଶ ଶମ୍ଭୁ | ୮୫ |
| ୧୦ । ପ୍ରାଚୀନଦୀ ତୀରର ଅନ୍ୟାନ୍ୟ ପ୍ରାଚୀନକୀର୍ତ୍ତି | ୧୦୫ |
| ୧୧ । କାକଟପୁର ମଙ୍ଗଳା | ୧୧୬ |
| ୧୨ । ପ୍ରାଚୀନଦୀ ତୀରର ଅନ୍ୟାନ୍ୟ ପ୍ରାଚୀନ କୀର୍ତ୍ତି (୨) | ୧୩୧ |
| ୧୩ । ପ୍ରାଚୀନଦୀ ତୀରର ତୀର୍ଥସ୍ଥାନ ଓ ବାର୍ଷିକମେଳା | ୧୫୮ |
| ୧୪ । ପ୍ରାଚୀନଦୀ ତୀରରେ ପ୍ରତିଷ୍ଠିତ ବିଭିନ୍ନ ଧର୍ମ | ୧୭୦ |
| ୧୫ । ପ୍ରାଚୀନଦୀରେ ବୋଇତ ବାଣିଜ୍ୟ | ୧୮୮ |
| ୧୬ । ପ୍ରାଚୀନଦୀ ତୀରବର୍ତ୍ତୀ କେତୋଟି ପ୍ରସିଦ୍ଧ ସ୍ଥାନ | ୧୯୭ |
| ୧୭ । ପ୍ରାଚୀନଦୀର ବର୍ତ୍ତମାନ ଅବସ୍ଥା | ୨୪୮ |
| ୧୮ । ଉପସଂହାର | ୨୫୬ |

# ଭୂମିକା


୧୯୨୮ ଖ୍ରୀଷ୍ଟାବ୍ଦରେ ମୁଁ 'ପାରିକୁଦ' ଇତିହାସ ଲେଖି ପ୍ରକା କରିଥିଲି । ଆନ୍ଧ୍ର ବିଶ୍ୱବିଦ୍ୟାଳୟ 'ପାରିକୁଦ' ପୁସ୍ତକକୁ ଏମ୍. ଏ. ଶ୍ରେଣୀ ପାଇଁ ପାଠ୍ୟ ପୁସ୍ତକ କରିଥିଲେ ।

ପରେ ୧୯୧୯ ରେ କାକଟପୁର ଅଂଚଳରେ ରହି ପ୍ରାଚୀ ଖରର ପ୍ରାଚୀନ କୀର୍ତ୍ତିଗୁଡ଼ିକୁ ଦେଖି 'ପ୍ରାଚୀନଧାର ଐତିହାସିକ ବିଭ ନାମକ ପୁସ୍ତକ ଲେଖି ମୁଁ ୧୯୩୭ ରେ କଟକ 'ଉତ୍କଳ ସାହି ସମାଜ'ରୁ 'ହିନ୍ଦୋଳ ପୁରସ୍କାର' ପାଇଥିଲି ।

ରଚନାର ଦୀର୍ଘ ୩୩ ବର୍ଷ ପରେ ଓଡ଼ିଶା ସାହିତ୍ୟ ଏକାଡେ ସେହି ଗ୍ରନ୍ଥ ଛାପି ମୋତେ ଆପ୍ୟାୟିତ କରିଛନ୍ତି । ଏଥିପାଇଁ ଏକାଡେମୀ କର୍ତ୍ତୃପକ୍ଷଙ୍କଠାରେ କୃତଜ୍ଞ ରହିଲି ।

ଡାକ୍ତର ରାଧାଚରଣ ପ

ତା ୧ । ୪ । ୧୯୬୯ ବାଲୁଗାଁ (ପୁରୀ)


ପ୍ରାଚୀନତାର
ଐତିହାସିକ ସତ୍ୟ

# ପ୍ରାଚୀ ନଦୀର ପରିଚୟ

**ପରିଚୟ—** ପୁରୀ ଜିଲ୍ଲାର ସଦର ସବ୍‌ଡିଭିଜନରେ ଥିବା ପାଞ୍ଚ ଗୋଟି ବଡ଼ନଦୀ ମଧ୍ୟରୁ 'ପ୍ରାଚୀ' ନଦୀ ଗୋଟିଏ ।

**ଅବସ୍ଥାନ—** ଏହି ନଦୀ ପୁରୀ ଓ କଟକ ଜିଲ୍ଲାର ମଧ୍ୟପ୍ରଦେଶରେ, କୁଶଭଦ୍ରା ଏବଂ ଦେବୀ ନଦୀର ମଧ୍ୟରେ ଅବସ୍ଥିତ । ଏହାର ଉତ୍ତର ତୀରରେ କଟକ ଜିଲ୍ଲାର ସଦର, ଗୋବିନ୍ଦପୁର, ଜଗତସିଂହପୁର ଓ ବାଲିକୁଦା ଥାନା ମାନ ଏବଂ ଦକ୍ଷିଣ ତୀରରେ ପୁରୀ ଜିଲ୍ଲାର ବାଲିଅନ୍ତା, ବାଲିପାଟଣା, ନିମାପଡ଼ା, ଗୋପ ଓ କାକଟପୁର ଥାନା ମାନ ଯଥାକ୍ରମେ ଉତ୍ତରରୁ ଦକ୍ଷିଣ ଯାଏଁ ବ୍ୟାପିଛି । ଶେଷୋକ୍ତ କାକଟପୁର ଥାନାର ମଧ୍ୟ ଦେଇ ଏହି ନଦୀ ପ୍ରବାହିତ ହେଉଥିବାରୁ ସେହି ଥାନାର ଗ୍ରାମଗୁଡ଼ିକ ପ୍ରାଚୀ ନଦୀର ଦୁଇ କୂଳରେ ଦେଖାଯାଏ ।

**ବିସ୍ତୃତି—** ଆଜିକାଲି ପ୍ରାଚୀ ନଦୀର ଲମ୍ବା ପ୍ରାୟ ୩୦ (ତିରିଶ) ମାଇଲ ଏବଂ ଚଉଡ଼ା ପ୍ରାୟ ୪୦/୫୦ ହାତ ହେବ । ପୂର୍ବେ ଏହାର ବିସ୍ତୃତି ଆହୁରି ଅଧିକ ଥିଲା, କିନ୍ତୁ କାଳକ୍ରମେ ତାହା ସଂକୁଚିତ ହୋଇ ବର୍ତ୍ତମାନ ଅବସ୍ଥାରେ ପହଞ୍ଚିଛି ।

**ଉତ୍ପତ୍ତି**—ପ୍ରତ୍ୟେକ ନଦୀ କୌଣସି ଗୋଟିଏ ଅତିବଡ଼ ପୁଷ୍କରଣୀ, ଝରଣା କିମ୍ବା ହ୍ରଦରୁ ଜାତ ହୋଇଥାଏ । କିନ୍ତୁ ପ୍ରାଚୀ ନଦୀର ସେପରି କୌଣସି ଉତ୍ପତ୍ତି ସ୍ଥାନ ନାହିଁ । ଅନ୍ୟ ଏକ ନଦୀର ଶେଷାଂଶକୁ ଏକ୍ଷଣି 'ପ୍ରାଚୀ ନଦୀ' କୁହାଯାଉଛି । ଅବଶ୍ୟ ପ୍ରାଚୀନ କାଳରେ ଏହି ନଦୀର ଏପରି ଅବସ୍ଥା ନଥିଲା । ଏ ବିଷୟ ଅନ୍ୟ ଏକ ଅଧ୍ୟାୟରେ ଆଲୋଚିତ ହେବ ।

**ଉପନଦୀ**— ଆଧୁନିକ ପ୍ରାଚୀ ନଦୀର ନିମ୍ନରେ ପାଞ୍ଚଗୋଟି ଉପନଦୀ ଦେଖାଯାଏ—

**୧. ଶୋଲ**—ଏହି ନଦୀ ପୁରୀ-କଟକ ମଧ୍ୟବର୍ତ୍ତୀ ଜଗନ୍ନାଥ ସଡ଼କର ୪୩ ମାଇଲଠାରେ ଥିବା ଫୁଲନଖରା-ଗଂଭାରୀ ଗଣ୍ଡରୁ ବାହାରି ଫୁଲନଖରା-ନିଆଳି ସଡ଼କର ୧୪।୧୫ ମାଇଲ୍ ମଧ୍ୟରେ ପ୍ରାଚୀ ନଦୀ ସଂଗେ ମିଶିଅଛି ।

**୨. ମଣିକର୍ଣ୍ଣିକା**—ପୁରୀଜିଲାର ବାଲିପାଟଣା ଥାନାରେ ଥିବା 'ଭାକର ସାହି' ନାମକ ଗ୍ରାମର ଉତ୍ତରରେ କୁଶଭଦ୍ରା ନଦୀରୁ ବାହାରି ମଣିକର୍ଣ୍ଣିକା ସେହି ଥାନାର 'ତ୍ରିବେଣୀ' ନାମକ ସ୍ଥାନରେ ପ୍ରାଚୀ ସଂଗେ ମିଶିଅଛି । ପ୍ରକୃତରେ ମଣିକର୍ଣ୍ଣିକା କୁଶଭଦ୍ରାର ଗୋଟିଏ ଶାଖାନଦୀ ଏବଂ ସାଧାରଣତଃ ଶେଷୋକ୍ତ ନଦୀରେ ପ୍ରବଳ ବନ୍ୟା ହେଲେ ସେହି ଉଦ୍‌ବୃତ୍ତ ପାଣି ମଣିକର୍ଣ୍ଣିକା ଦେଇ ପ୍ରାଚୀକୁ ଯାଏ । ଅନ୍ୟ ସମୟରେ ଏହା ଶୁଖିଯାଇ ଗୋଟିଏ ନାଳ ପରି ଦେଖାଯାଏ ।

**୩. ଚନ୍ଦ୍ରମୌଳୀ**—ନିଆଳୀ ଗ୍ରାମର ପ୍ରାୟ ଦେଢ଼ ମାଇଲ ଦକ୍ଷିଣରେ ସିଦ୍ଧମଠଠାରୁ ପ୍ରାଚୀ ନଦୀରୁ ବାହାରି ଗୋପ-ମାଧବ ସଡ଼କ ମଧ୍ୟ ଦେଇ ପ୍ରାଚୀର ଦକ୍ଷିଣ ଦିଗରେ ପ୍ରାୟ ତିନି ମାଇଲ ଯାଏ ପ୍ରବାହିତ ହେବା ପରେ ନିମାପଡ଼ା ଥାନାର 'ଚୌରାସୀ' ଗ୍ରାମର ନିମ୍ନରେ ପୁଣି ଯାଇ ପ୍ରାଚୀ ସଂଗେ ମିଶିଛି, ଏହାର ନିମ୍ନ ଅଂଶକୁ 'ଲଳିତା ନଦୀ' କୁହାଯାଏ ।

**୪. ଭରଡ଼ା**— ଭରଡ଼ା ଦେବୀ ନଦୀର ଗୋଟିଏ ଶାଖାନଦୀ । ଏହା ବଲିପଡ଼ା ଗ୍ରାମର ପ୍ରାୟ ଅଧ ମାଇଲ ଉପରଭାଗରୁ ବାହାରି ଦୁଇପାୟ

ହୋଇ କିଛୁ ଦୂର ପ୍ରବାହିତ ହେବା ପରେ ସେଇ ଦୁଇ ଧାରା ପୁଣି ଏକତ୍ର ହୋଇ ପ୍ରାଚୀ ନଦୀର ଉତ୍ତର ତୀରରେ ଥିବା ମାଭରଣ ଓ ଭରଡ଼ା ଗ୍ରାମ ମଧ୍ୟରେ ପ୍ରାଚୀ ସଂଗେ ମିଶିଛି । ଆଜିକାଲି ଏହି ଭରଡ଼ା ନଦୀ ହିଁ ପ୍ରାଚୀର ଅଧିକାଂଶ ପାଣିକି ଯୋଗାଇଥାଏ ।

**୪. କାଦୁଆ**—ସାଇଲୋ ଯୋଡ଼ର ନିମ୍ନ ଅଂଶ କାଦୁଆ ନଦୀ ହୋଇ କାକଟପୁର ଥାନାର ବନ୍ଦାସାହି ଗ୍ରାମଠାରେ ପ୍ରାଚୀ ନଦୀରେ ମିଶିଛି ।

**ଶାଖାନଦୀ**—ପୂର୍ବେ ପ୍ରାଚୀ ନଦୀର ଆଠଗୋଟି ଶାଖାନଦୀ ଥିବାର ହଣ୍ଟର ସାହେବ ତାହାଙ୍କ ପ୍ରଣୀତ 'ଓଡ଼ିଶା' ଇତିହାସର ଦ୍ୱିତୀୟ ଭାଗ 'ପରିଶିଷ୍ଟ'ର ତୃତୀୟ ପୃଷ୍ଠାରେ ଲେଖିଥିଲେ । କିନ୍ତୁ ଆଜିକାଲି ସେ ସବୁ ପୋତିହୋଇ ପଡ଼ିଚି । କେବଳ ପ୍ରାଚୀରେ ପ୍ରବଳ ବନ୍ୟା ହେଲେ ସେହି ବନ୍ୟାଜଳ ପୂର୍ବର ପୋତାନଦୀଗୁଡ଼ିକ ଦେଇ ବହିଯାଏ । ଏହି ଅବସ୍ଥାରେ ପ୍ରାଚୀର ପୂର୍ବ ପୋତା ଶାଖାନଦୀଗୁଡ଼ିକ ନିମ୍ନ କେତେକ ସ୍ଥାନରେ ଥିବାର ସ୍ଥିର କରାଯାଇପାରେ ।

**୧. ସାଇଲୋ ଯୋଡ଼**—ନିଆଳି ଗ୍ରାମର ପ୍ରାୟ ଏକମାଇଲ୍ ଦକ୍ଷିଣରେ ପ୍ରାଚୀ ନଦୀରୁ ବାହାରି ନିମାପଡ଼ା ଓ ଗୋପ ଥାନା ଦେଇ ଆଜକାଲି ଏହା 'କାଦୁଆ' ନଦୀରେ ପରିଣତ ହୋଇଛି । ବନ୍ୟା ସମୟରେ ଏହି ନଦୀରେ କୁଶଭଦ୍ରାର ଉଦ୍‌ବୃତ୍ତ ଜଳ ମଧ୍ୟ ପ୍ରବେଶ କରେ ।

**୨. ଚନ୍ଦ୍ରମୌଳୀ**—ଏହି ନଦୀ କଥା ପୂର୍ବରୁ କୁହାଯାଇଛି ।

**୩. ଚନ୍ଦ୍ରୋତ୍ପଳା**—ଏହା ପ୍ରାଚୀ ନଦୀର ପ୍ରସିଦ୍ଧ ଶାଖାନଦୀ ଥିଲା । ପ୍ରାଚୀର ଦକ୍ଷିଣ ତୀରରୁ ପାଣିଛତ୍ର ଓ ନୂଆହାଟ ମଧ୍ୟସ୍ଥ ସ୍ଥାନରୁ ବାହାରି ଦକ୍ଷିଣ ଓ ପୂର୍ବମୁଖୀ ହୋଇ ଆଧୁନିକ 'ଚନ୍ଦ୍ରଭାଗା ତୀର୍ଥ' ସମ୍ମୁଖରେ ବଂଗୋପସାଗରରେ ମିଶୁଥିଲା । ଏହି ଚନ୍ଦ୍ରୋତ୍ପଳାର ପଦ୍ମତୋଳା ଗଣ୍ଡରେ ପ୍ରସିଦ୍ଧ ଶିଳ୍ପୀ ସିବାଇ ସାମନ୍ତରା କୋଣାର୍କର ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ । ପଦ୍ମତୋଳା ଗଣ୍ଡ ପୋତା ହେବାରୁ ଏହି ନଦୀର ଉପରଭାଗ ପୋତି ହୋଇପଡ଼ିଲା ଏବଂ ନିମ୍ନଭାଗ ( ଗଣ୍ଡ ଓ ସମୁଦ୍ର ମଧ୍ୟସ୍ଥ ସ୍ଥାନ )

ଆଧୁନିକ ଚନ୍ଦ୍ରଭାଗା ତୀର୍ଥ ହୋଇ ରହିଛି । ପୂର୍ବେ ଯେଉଁ ଅଂଚଳର ବନ୍ୟାଜଳ ସବୁ ଚନ୍ଦ୍ରୋପୂଳା ଦେଇ ଯାଉଥିଲା ଆଜକାଲି ସେହି ଜଳ-ଯୋଗୁ କାଦୁଆ ନଦୀ ସୃଷ୍ଟି ହୋଇଛି । ଏହି କାଦୁଆ ନଦୀ ପୁଣି ପ୍ରାଚୀ ସଂଗେ ମିଶିଛି ।

**୪. କନ୍ଦଳ ନଦୀ**— କାକଟପୁର ଥାନାର ବୋଲଗ ଗ୍ରାମ ନିକଟରୁ ବାହାରି କନ୍ଦଳପୁର, ଲତାହରଣ, ଅହ୍ଲଣିଆ ପାଟଣା, ଓଲଂଗର, ନଇଁଗୁଆଁ ଓ ବେଗୁନିଆ ପ୍ରଭୃତି ଗ୍ରାମ ସମୀପରେ ପ୍ରବାହିତ ହୋଇ ପୂର୍ବରେ ବଂଗୋପସାଗରରେ ମିଶୁଥିଲା । ଏହି ନଦୀର ଦୁଇ କୂଳରେ କେତୋଟି ଶୈବମନ୍ଦିର ଏବଂ କେତେକ ପ୍ରାଚୀନ କୀର୍ତ୍ତି ଏବେ ସୁଦ୍ଧା ଦେଖିବାକୁ ପାଉଁ ।

**୫. ବଲନ୍ଦୀ ଧାର**— ଏହି ଶାଖାନଦୀ କାକଟପୁର ଗ୍ରାମର ବର୍ତ୍ତମାନର 'ବିଶ୍ୱାମିତ୍ର ଆଶ୍ରମ'ଠାରୁ ବାହାରି କଟକଣା ଓ ଦହିଖିଆ ଗ୍ରାମ ସମୀପ ଦେଇ ପୂର୍ବମୁଖୀ ହୋଇ ବହି ଯାଉଥିଲା । ପୂର୍ବରେ ଥିବା 'ମୁକ୍‌ଦସ ସାହାନିଆ'ଙ୍କ ପୀଠ ଠାରେ ଏହାର ମୁହାଣ ଥିବାର ଜଣାଯାଏ ।

**୬. କିଉନ୍ତ ନଦୀ**— ଏହି ଶାଖାନଦୀ କାକଟପୁର ଥାନାର ଦେଉଳି ଓ ବାଜପୁର ଗ୍ରାମ ମଧ୍ୟରୁ ବାହାରି ଘୋଲ, କାହାଳି, ସିଉନ୍ତ, କୁହୁଡ଼ି ଓ ଅସ୍ତରଂଗ ଗ୍ରାମ ସମୀପ ଦେଇ ପୂର୍ବମୁଖୀ ହୋଇ ଯାଇ କନ୍ଦଳନଦୀ ସଂଗେ ଏକତ୍ର ହୋଇ ବଂଗୋପସାଗରରେ ମିଶୁଥିଲା । ଏହି ନଦୀର ତୀରରେ ମଧ୍ୟ କେତେକ ଶୈବ ମନ୍ଦିର ଓ ପ୍ରାଚୀନ କୀର୍ତ୍ତି ଦେଖାଯାଏ ।

**୭. କାଲୁଆ ଯୋଡ଼**— ଏହା କାକଟପୁର ଥାନାର ହରିଦାସପୁର ଓ କୁଣ୍ଡେଇ ଗ୍ରାମ ମଧ୍ୟସ୍ଥାନରୁ ପ୍ରାଚୀ ନଦୀରୁ ବାହାରି ଦକ୍ଷିଣମୁଖୀ ହୋଇ ପ୍ରବାହିତ ହେବା ପରେ ପୂର୍ବୋକ୍ତ ଚନ୍ଦ୍ରୋପୂଳା ସଂଗେ ମିଶୁଥିଲା । ଆଜ-କାଲି ଚନ୍ଦ୍ରୋପୂଳା ପୋତିହୋଇ ତା' ସ୍ଥାନରେ କାଦୁଆ ନଦୀ ସୃଷ୍ଟି ହୋଇଥିବାରୁ ଏହି ଯୋଡ଼ର ପାଣି ଟିକରପଡ଼ା ଗ୍ରାମ ନିକଟରେ କାଦୁଆ ନଦୀରେ ମିଶୁଅଛି ।

୮. **ପୋତା ନଦୀ**—ଏହାର ସଂକେତ ବର୍ତ୍ତମାନ ସୁଦ୍ଧା ନୈରଝାଡ଼ ଜଂଗଲରେ ରହିଛି । ପୂର୍ବେ ପ୍ରାଚୀନଦୀର ଦକ୍ଷିଣ ତୀରରୁ ବନ୍ତମଠର ୧/୪ର୍ଥ ମାଇଲ ନିମ୍ନରୁ ଏହି ନଦୀ ବାହାରି ପ୍ରାୟ ୪।୫ ମାଇଲ ଯାଏ ଦକ୍ଷିଣକୁ ପ୍ରବାହିତ ହେବା ପରେ ପୁଣି ଯାଇ ସେଇ ପ୍ରାଚୀ ନଦୀରେ ମିଶିଥିଲା । ଏହି ନଦୀର ଦୁଇପାର୍ଶ୍ୱରେ ନୈରଝାଡ଼ର ନିବିଡ଼ ଜଂଗଲ ରହିଛି ।

ପ୍ରୋକ୍ତ ଆଠଗୋଟି ଶାଖାନଦୀ ମଧ୍ୟରୁ ୧ମ, ୨ୟ, ୭ମ ଓ ୮ମ ନଦୀରେ ପ୍ରାଚୀର ଉଦ୍‌ବୃତ୍ତ ବନ୍ୟାଜଳ ପ୍ରବାହିତ ହୁଏ । ୩ୟ, ୪ର୍ଥ ଓ ୬ଷ୍ଠ ନଦୀଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ପୋତି ହୋଇଯାଇଛି । କେବଳ ୫ମ ବଳଦାଧାରରେ ପ୍ରତିବର୍ଷର ବନ୍ୟାଜଳ ସାମାନ୍ୟ ମତେ ପ୍ରବାହିତ ହୁଏ । ଅଧିକାଂଶ ନଦୀ ପୋତା ହେଲେ ସୁଦ୍ଧା ସେହି ନଦୀତୀରରେ କେତେକ ପ୍ରାଚୀନ ମନ୍ଦିର, ବାପି, ବୋଇତକୁଦ ପ୍ରଭୃତିରୁ ଏବଂ ସ୍ଥାନୀୟ କିମ୍ବଦନ୍ତୀରୁ ଏହି ନଦୀଗୁଡ଼ିକର ପ୍ରାଚୀନତ୍ୱ ସମ୍ବନ୍ଧରେ କେତେକ ବିଷୟ ଜାଣିହୁଏ ।

**ଗଣ୍ଡ**—ପ୍ରାଚୀ ନଦୀରେ ଅନେକଗୁଡ଼ିଏ ଗଭୀର ସ୍ଥାନ ବା ଗଣ୍ଡ ଅଛି । ଏହି ଗଣ୍ଡଗୁଡ଼ିକରେ ଗ୍ରୀଷ୍ମଦିନରେ ମଧ୍ୟ ପ୍ରାୟ ୨୦/୩୦ ହାତ ପାଣି ରହେ । ବର୍ଷାଦିନରେ ବିଶେଷତଃ ପ୍ରବଳ ବନ୍ୟା ସମୟରେ ଏହି ଗଣ୍ଡ ଉପର ଦେଇ ଡଙ୍ଗା ନେଆଣ କରିବା ପାଇଁ ନାଉରୀମାନେ ଭୟ କରନ୍ତି । ସେ ସମୟରେ ଏଠାରେ ପାଣି ଭଉଁରୀ ଦେଇ ବୁଲୁଥାଏ ଏବଂ କୌଣସି ଅସୁବିଧା ହେଲେ ଡଂଗା ହଠାତ୍ ପାଣିରେ ବୁଡ଼ିଯିବା ସମ୍ଭବ ଦେଖାଯାଏ । ପ୍ରାଚୀ ନଦୀର ୩୦ ମାଇଲ ମଧ୍ୟରୁ ଉପର ୧୦ ମାଇଲ ନଦୀ ପ୍ରାୟ ପୋତି ହୋଇପଡ଼ିଚି, କିନ୍ତୁ ନିମ୍ନ ୨୦ ମାଇଲ ମଧ୍ୟରେ ଅସଂଖ୍ୟ ଗଣ୍ଡ ଦେଖାଯାଏ । ତନ୍ମଧ୍ୟରୁ ଏଗୁଡ଼ିକ ପ୍ରଧାନ ଅଟେ—

ଉତ୍ତରରୁ ଦକ୍ଷିଣକୁ ଯଥାକ୍ରମେ—

| ଗଣ୍ଡରନାମ | ଅବସ୍ଥାନ |
|---|---|
| ୧- ଭରଡ଼ା ଗଣ୍ଡ— | ଭରଡ଼ା ଓ ମାଉରଣ ଗ୍ରାମ ମଧ୍ୟରେ । ଏଠାରେ ଦେବୀ ନଦୀର ଭରଡ଼ା ଶାଖାନଦୀ ଆସି ପ୍ରାଚୀନଦୀରେ ମିଶେ । |

୨ ମଞ୍ଜୁଷା ଗଣ୍ଡ } ଜଗନ୍ନାଥପୁର-ପାଣିଛତର ମଧ୍ୟରେ ।
ଗୁଆ ଚୋପ

୩- ବୋଲଗ ଗଣ୍ଡ—ବୋଲଗ ଗ୍ରାମ ନିକଟରେ

୪-ବୈତରଣୀ ଗଣ୍ଡ— ବୋଲଗର ପ୍ରାୟ ଅଧମାଇଲ ଦକ୍ଷିଣରେ । ଏଠାରେ ପାତାଳରୁ ଗଂଗା ଫୁଟି ଉଠୁଥିବାର ଲୋକମାନଙ୍କର ବିଶ୍ୱାସ ।

୫ ବିଶ୍ୱାମିତ୍ର ଗଣ୍ଡ—କାକଟମ୍ପୁର ଗ୍ରାମର ବିଶ୍ୱାମିତ୍ର ଆଶ୍ରମ ନିକଟରେ ।

୬-ଯୋଡ଼ାମ୍ବା ଗଣ୍ଡ—କାକଟପୁରର ଅଧମାଇଲ ଦକ୍ଷିଣରେ, ପ୍ରାଚୀର ନଦୀର ଦୁଇ କୂଳରେ ଦୁଇଟି ଆମ୍ବଗଛ ଅଛି । ଏହି ମଧ୍ୟସ୍ଥ ଗଣ୍ଡ ଅତି ଗଭୀର ଓ ଏଠାରେ ନଦୀ ଅତି ଅଣଓସାରିଆ ଦେଖାଯାଏ । ସେହି ଗଣ୍ଡ ଦେଇ ଡଙ୍ଗା ଯିବା ସାଧାରଣତଃ ନିରାପଦ ନୁହେ ।

୭-ଚନ୍ଦ ଗଣ୍ଡ, } — ଯୋଡ଼ାମ୍ବର ଅଧମାଇଲ ଦକ୍ଷିଣରେ ଏହି
୮-ଚୁନକାଛୁ ଗଣ୍ଡ, } ଦୁଇଟି ଗଣ୍ଡ ନିକଟ ନିକଟରେ ଦେଖାଯାଏ ।

୯-ତପସ୍ୟା ଗଣ୍ଡ—ଏଠାରେ ପୂର୍ବେ କୌଣସି ଋଷି ତପସ୍ୟା କରୁଥିବାର କିମ୍ବଦନ୍ତୀ ଅଛି ।

୧୦-ବାଉଁଶଥଳ ଗଣ୍ଡ—ପୀତାମ୍ବରପୁର ଶାସନ ନିକଟବର୍ତ୍ତୀ ।

୧୧-ଦେଉଳ ଗଣ୍ଡ— ଦେଉଳ ମଠର ଦକ୍ଷିଣ ଦିଗରେ ।

୧୨-କୁଳ ଗଣ୍ଡ—କୁତୋଇ ଓ ବନ୍ତ ମଧ୍ୟରେ ।

୧୩-ବନ୍ତ ଗଣ୍ଡ—ବନ୍ତ ମଠ ସମୀପରେ, ଏଠାରେ ଅତି ବଡ଼ ଘଡ଼ିଆଳ କଂଖିର (ମନୁଷ୍ୟଖିଆ) ସର୍ବଦା ରହନ୍ତି ।

୧୪ ନୈରଝାଡ଼ା ଗଣ୍ଡ—ଜଂଗଲକୁ ଲଗି ଏହି ଗଣ୍ଡ ଦେଖାଯାଏ । ବନ୍ୟା ସମୟରେ ଏହି ଗଣ୍ଡରେ ଜଂଗଲର ବଡ଼

ବଡ଼ ବୃକ୍ଷ ବନ୍ୟା ପାଣିରେ ବୁଡ଼ିଥାଏ । ସେ ସମୟରେ ନଦୀ ଦେଇ ଡଙ୍ଗା ଯା ଆସ କରିବା ନିରାପଦ ନୁହେଁ ।

୧୫-ବାଲିନାସି ଗଣ୍ଡ—ନୈରିଝାଡ଼ ଜଂଗଲର ଦକ୍ଷିଣ ଭାଗରେ ପ୍ରାଚୀ ନଦୀର ଗୋଟିଏ ଗଣ୍ଡକୁ 'ବାଲିନାସି ଗଣ୍ଡ' କୁହାଯାଏ । ଏହି ଗଣ୍ଡ ସମ୍ମୁଖରେ ପ୍ରାଚୀ ନଦୀର ଦକ୍ଷିଣ ତୀରରେ ସେହି ନୈରିଝାଡ଼ ଜଂଗଲ ଭିତରେ 'ବାଲିନାସି ପୀଠ' ଅଛି ।

୧୬-ତିନମୁହାଣିଆ ଗଣ୍ଡ—କାଦୁଆ ନଦୀ ଯେଉଁ ସ୍ଥାନରେ ପ୍ରାଚୀ ସଂଗେ ମିଶେ ସେହି ସ୍ଥାନର ଗଣ୍ଡକୁ 'ତିନମୁହାଣୀ' କୁହାଯାଏ । ଏହା ଅତି ଗଭୀର ଗଣ୍ଡ ଏବଂ ଏଠାରେ ପ୍ରଚୁର କୁଂଭୀର ରହନ୍ତି ।

୧୭-ସଗଡ଼ା ଗଣ୍ଡ—ତିନ ମୁହାଣୀର ଅର୍ଦ୍ଧ ମାଇଲ ଦକ୍ଷିଣ ପୂର୍ବରେ ଗୋଟିଏ ଗଣ୍ଡ ଅଛି । ଏଠାରେ ପାଣି ମିଠା ରହେ । ସ୍ଥାନୀୟ ଲୋକମାନଙ୍କର ବିଶ୍ୱାସ ଏହି ସଗଡ଼ା ଗଣ୍ଡରେ ପ୍ରାଚୀର କୁମ୍ଭୀର ସବୁ ଖରା ଓ ବର୍ଷା ଦିନରେ ପାଣି ପିଅନ୍ତି ।

୧୮-ମୁହାଣିଆ ଗଣ୍ଡ—ପ୍ରାଚୀନଦୀର ମୁହାଣଠାରୁ ପ୍ରାୟ ଅଧେ ମାଇଲ ପଶ୍ଚିମରେ ଗୋଟିଏ ଗଣ୍ଡଅଛି । ଏହାକୁ ମୁହାଣିଆ ଗଣ୍ଡ କୁହାଯାଏ । ସମୁଦ୍ରର ପାଣି ନଦୀ ଦେଇ ଯେତେବେଳେ ଜୁଆର ଉଠେ ସେତେବେଳେ ଏହି ଗଣ୍ଡ ଅତିଭୟଙ୍କର ଥାଏ । ଏଠାରେ ଡଙ୍ଗା ନେବା ସହଜ ନୁହେଁ । ପାଣିତଳେ ସମୁଦ୍ରରୁ ଗୋଟିଏ ପ୍ରବଳ ସ୍ରୋତ ବହେ । ତାହାର ନାମ ସାରେଣୀ ସ୍ରୋତ ।

**ମୁହାଣ**—କାକଟପୁର ଥାନାର ପୂର୍ବଦକ୍ଷିଣ କୋଣରେ ଡାକୁଆ କଣୀ ଏବଂ କେଉଟଜଙ୍ଗା ନାମକ ଗ୍ରାମ ମଧ୍ୟରେ ପ୍ରାଚୀନଦୀର ମୁହାଣ ଅଛି ।

ଏହିଠାରେ ପ୍ରାଚୀ ବଙ୍ଗୋପସାଗର ସଙ୍ଗେ ମିଶେ । ପୂର୍ବେ ଏହି ମୁହାଣ ଅତିବଡ଼ ଥିଲା । କିନ୍ତୁ ଆଜି କାଲି ପୋତିହୋଇ ପ୍ରାୟ ଏକମାଇଲ ମାତ୍ର ଓସାର ଦେଖାଯାଏ । ଏହି ମୁହାଣ ପୋତି ହେବାରୁ ପ୍ରାଚୀର ବନ୍ୟା ଜଳ ଏଠାରୁ ପୁଣି ପୂର୍ବମୁଖୀ ହୋଇ ସମୁଦ୍ର କୂଳେ କୂଳେ ଯାଇ ବର୍ତ୍ତମାନର ଦେବୀ ମୁହାଣ ସଙ୍ଗେ ମିଶୁଅଛି । ଏହି 'ନୂତନ ନଦୀ'ରେ ପ୍ରତିଦିନ ଦେବୀ ଓ ପ୍ରାଚୀର ଜୁଆର ଭଟ୍ଟା ପାଣି ଦେଖାଯାଏ । ସମୟରେ ପ୍ରାଚୀ ମୁହାଣ ପୋତି ହୋଇଗଲେ ଏହି ନଦୀର ବନ୍ୟାଜଳ ନିକଟବର୍ତ୍ତୀ ଗୃଷଜମିରେ ମାଡ଼ିଯାଏ । କେତେକ ସମୟରେ ପ୍ରାଚୀମୁହାଣ ଦେଇ ସମୁଦ୍ରର ଲୁଣୀପାଣି ଆସି ସ୍ଥାନୀୟ ଜମିଗୁଡ଼ିକୁ ଲୁଣା କରିଦିଏ ।

**ପ୍ରାଚୀନଦୀ ଦେଖିବାର ସୁବିଧା**—ପୁରୀ ଜିଲ୍ଲାର ଅନ୍ୟନଦୀ ଗୁଡ଼ିକ ଅପେକ୍ଷା ପ୍ରାଚୀନଦୀ ଗୋଟିଏ ଅଗମ୍ୟ ପ୍ରଦେଶରେ ଅବସ୍ଥିତ ଥିବାରୁ ଏହାକୁ ସହଜରେ ଅନ୍ୟସ୍ଥାନବାସୀ ଦେଖି ପାରନ୍ତି ନାହିଁ । ପୁରୀ ଜିଲ୍ଲା ତଥା ଓଡ଼ିଶାର ଅନ୍ୟ ସବୁନଦୀ ଅପେକ୍ଷା ପ୍ରାଚୀନଦୀ ପୌରାଣିକ ଓ ଐତିହାସିକ ବିଭବରେ ଅତି ପ୍ରସିଦ୍ଧ ହେଲେ ହେଁ ଏହାର ବିଚିତ୍ର ଅବସ୍ଥାନ ଯୋଗୁଁ ଐତିହାସିକ ଏବଂ ସାଧାରଣ ଲୋକମାନେ ଏହି ନଦୀ ସମ୍ବନ୍ଧରେ ବିଶେଷ ପରିଚୟ ପାଇ ପାରିନାହାନ୍ତି । ଏହି କାରଣରୁ ଓଡ଼ିଶାର ଧାରାବାହିକ ଇତିହାସରେ ପ୍ରାଚୀନଦୀର ପ୍ରାଚୀନ ବିଭବ ସମ୍ବନ୍ଧରେ ବିଶେଷ କିଛି ଲେଖାଯାଇ ନାହିଁ । ବର୍ତ୍ତମାନ ଏହି ନଦୀକୁ ଯେଉଁମାନେ ଦେଖିବାକୁ ଇଚ୍ଛା କରନ୍ତି ସେମାନେ ନିମ୍ନ କେତେକ ରାସ୍ତା ଦେଇ ଗଲେ ଯିବା ସୁବିଧାଜନକ ।

୧—**ପୁରୀ**ଠାରୁ ସରଦେଇପୁର ଯାଏ ମୋଟରରେ ଯାଇ ସେଠାରୁ ବନମାଳିପୁର ଦେଇ ତ୍ରିବେଣୀ ତୀର୍ଥକୁ ଶଗଡ଼ରେ ଯାଇ ପାରନ୍ତି । ଏହି ତ୍ରିବେଣୀ ତୀର୍ଥର ପ୍ରାୟ ଦୁଇ ମାଇଲ ଉତ୍ତରରୁ ପ୍ରାଚୀନଦୀର ଆରମ୍ଭ ଦେଖାଯାଏ । ସେଠାରୁ ଦକ୍ଷିଣ ଓ ପୂର୍ବମୁଖ ହୋଇ ନିଆଳି, ମାଧବ, ସାତପାଟଣା, ତୁଳସୀପୁର, ଚଉରାସୀ, କୁଆହାଟ ପ୍ରଭୃତି ଗ୍ରାମ ଅତିକ୍ରମ କରି କାକଟପୁର ଥାନାରେ ପହଞ୍ଚିବ । ଏଠାକୁ ଆସିବା ଯାଏ ଶଗଡ଼ ଓ ସାଇକେଲ ପ୍ରଭୃତି ଗ୍ରୀଷ୍ମଦିନରେ ଏବଂ ଡଙ୍ଗା ବର୍ଷାଦିନରେ ବ୍ୟବହାର

କରାଯାଇପାରେ । କାକଟପୁର ଥାନାରେ ଥିବା ସମୁଦାୟ ପ୍ରାଚୀନଦୀ ଦେଖିବାପାଇଁ ବର୍ଷାଦିନରେ ଡଙ୍ଗାର ସୁବିଧା କିମ୍ବା ଅନ୍ୟ ସମୟରେ ଏହି ନଦୀ କୂଳେ କୂଳେ ଚାଲି ଯିବାକୁ ହେବ ।

୨—**କଟକ** ଠାରୁ ଯେଉଁମାନେ ଫୁଲନଖରା ନିଆଳି ସଡ଼କଦେଇ ଯାନ୍ତି ସେମାନେ ଏହି ସଡ଼କର ୧୩।୧୫ ମାଇଲ୍‌ ଠାରୁ ପ୍ରାଚୀନଦୀ ଏବଂ ତାହାର ଦୁଇ କୂଳରେ ଥିବା ପ୍ରାଚୀନ କୀର୍ତ୍ତିଗୁଡ଼ିକୁ ଦେଖିପାରନ୍ତି ।

୩—**ପୁରୀ**ଠାରୁ ପିପ୍‌ପଲି, ନିମାପଡ଼ା, ବ୍ରହ୍ମକୁଣ୍ଡି—ମାଧବ ରାସ୍ତାରେ, କିମ୍ବା ପୁରୀ-ଗୋପ ବ୍ରହ୍ମକୁଣ୍ଡି-ମାଧବ ରାସ୍ତାଦେଇ ପୂର୍ବ ରୀତିରେ ଏହି ନଦୀର ସମୁଦାୟ ଅଂଶ ଦେଖିପାରନ୍ତି ।

୪—**କଟକ**—ଜଗତସିଂହପୁରଠାରୁ ଆଳପିଙ୍ଗଳରେ ଦେବୀ ନଦୀରେ ଡଙ୍ଗା ଚଢ଼ି ଭରଡ଼ା ନଦୀ ଦେଇ ସେଇ ଡଙ୍ଗାରେ ସମୁଦାୟ ପ୍ରାଚୀନଦୀ ଦେଖିହେବ ।

**ଦେଖିବା ପାଇଁ ସମୟ**—ଯେ କୌଣସି ସୁବିଧାରେ ହେଉ ସମୁଦାୟ ନଦୀ ଦେଖିବା ପାଇଁ ପ୍ରାୟ ଦୁଇଦିନ ସମୟ ଦରକାର । ଯେଉଁମାନେ ପ୍ରତ୍ୟେକ ସ୍ଥାନର ପ୍ରାଚୀନକୀର୍ତ୍ତି ଓ ନଦୀକୂଳସ୍ଥ ଗ୍ରାମଗୁଡ଼ିକୁ ଦେଖିବାକୁ ଇଚ୍ଛା କରନ୍ତି ସେମାନଙ୍କୁ ହୁଏତ ଆଉ କିଛି ଅଧିକ ସମୟ ଲାଗିପାରେ ।

**ଦେଖିବାର ଆବଶ୍ୟକତା**—ଏ ପର୍ଯ୍ୟନ୍ତ ଓଡ଼ିଶାର ଗୋଟିଏ ପୂର୍ଣ୍ଣାଙ୍ଗ ଇତିହାସ ଲେଖା ଯାଇନାହିଁ । ଏହା ଲେଖିବା ଜଣେ ଦୁଇଜଣଙ୍କର ସାଧ୍ୟ ମଧ୍ୟ ନୁହେ । ଏଥିପାଇଁ ସମୂହ ଯତ୍ନ ଦରକାର । ପୁଣି ଇତିହାସ ଲେଖିବା ପୂର୍ବରୁ ଦେଶର ପ୍ରତ୍ୟେକ ଅଞ୍ଚଳ ବୁଲି ସେଠାର ପ୍ରାଚୀନ ଐତିହାସିକ ବିଭବ ଓ କିମ୍ବଦନ୍ତୀ ପ୍ରଭୃତି ସଂଗ୍ରହ କରିବାକୁ ହେବ । ତା' ନ ହେଲେ କୌଣସି ଲେଖା ପୂର୍ଣ୍ଣାଙ୍ଗ ହେବା ସମ୍ଭବ ନୁହେ । ଏହି ଉଦ୍ଦେଶ୍ୟରେ ପ୍ରାଚୀନଦୀର ସମୁଦାୟ ଅଂଶ ଏକାଧିକବାର ଭ୍ରମଣକରି ସେଠାର ପ୍ରାଚୀନ ବିଭବର ବିବରଣୀ ସଂଗ୍ରହ କରିବାକୁ

ହେବ । ତଦ୍ଵାରା ଓଡ଼ିଶା ଇତିହାସର ଗୋଟିଏ ପ୍ରଧାନ ଅଭାବ ପୂରଣ ହେବା ନିଃସନ୍ଦେହ ।

**ମୋର ଅନୁଭୂତି**—ଗତ ଆଠବର୍ଷ ମଧ୍ୟରେ ପ୍ରାଚୀନଦୀର ଅସଂଖ୍ୟ ପ୍ରାଚୀନକୀର୍ତ୍ତି ଏକାଧିକଥର ଦେଖିବାର ସୁବିଧା ମୁଁ ପାଇଥିଲି । ସେଇ ସମୟରେ ଏଠାର ପ୍ରାଚୀନକୀର୍ତ୍ତି ସମ୍ବନ୍ଧରେ ଯାହା ଯାହା ବିଷୟ ସଂଗ୍ରହକରିଥିଲି, ଏବଂ ସ୍ଥାନୀୟ ଲୋକମାନଙ୍କଠାରୁ ଯାହା ଯାହା ଶୁଣିଥିଲି; ତାହାହିଁ ପୁସ୍ତକର ଅନ୍ୟ ଅଧ୍ୟାୟ ଗୁଡ଼ିକରେ ଲେଖାଅଛି । ଏହାକୁ ପୂର୍ଣ୍ଣାଙ୍ଗ କରିବାପାଇଁ ହୁଏତ ଆଉ ଥରେ ସମୁଦାୟ ପ୍ରାଚୀକୂଳ ଦେଖିବାକୁ ଦରକାର ପଡ଼ିବ । କିନ୍ତୁ ଏ ପର୍ଯ୍ୟନ୍ତ ଯାହା ସଂଗ୍ରହ କରାଯାଇଛି, ତାହା ପ୍ରାଚୀନଦୀ ସମ୍ବନ୍ଧରେ ଯଥେଷ୍ଟ ଭାବରେ ବିଶ୍ୱାସ ହୁଏ ।

# ପ୍ରାଚୀ ନଦୀ ଓ ପ୍ରାଚୀ ମାହାତ୍ମ୍ୟ

ଓଡ଼ିଶାରେ ଅସଂଖ୍ୟ ନଦୀ ଅଛି । ଏକାଧିକ ନଦୀ ତୀରର ସ୍ଥାନେ ସ୍ଥାନେ ପ୍ରାଚୀନ ଶିବ, ବିଷ୍ଣୁ ଏବଂ ଦୁର୍ଗାମୂର୍ତ୍ତି ଓ ମନ୍ଦିର ମାନ ଦେଖାଯାଏ । କିନ୍ତୁ କୌଣସି ନଦୀ ସମ୍ବନ୍ଧରେ ଗୋଟିଏ ସ୍ୱତନ୍ତ୍ର ପୁରାଣ କିମ୍ବା ନଦୀର ସମୁଦାୟ ଅଞ୍ଚଳରେ ପ୍ରାଚୀନ ମନ୍ଦିର ସମୂହ ଥିବାର ଦେଖାଯାଏ ନାହିଁ । କେବଳ ପୁରୀ ଜିଲାର ଏହି ପ୍ରାଚୀନଦୀ ସମ୍ବନ୍ଧରେ ଗୋଟିଏ ପୁରାଣ 'ପ୍ରାଚୀ ମାହାତ୍ମ୍ୟ' ଅଛି ଓ ଏଥିରେ ଏହି ନଦୀ ତୀରବର୍ତ୍ତୀ "ଦ୍ୱାଦଶ ଶମ୍ଭୁ" ଏବଂ କେତେକ ବିଷ୍ଣୁ ଓ ଦୁର୍ଗାଙ୍କ ବର୍ଣ୍ଣନା ଦିଆଯାଇଛି ।

ଓଡ଼ିଆ ଭାଷାରେ ଅସଂଖ୍ୟ ପୁରାଣ ଅଛି, ସେହି ପୁରାଣଗୁଡ଼ିକରେ ଅତି ପ୍ରାଚୀନ ଯୁଗର ମହାପୁରୁଷମାନଙ୍କର ଜୀବନ କଥା ବର୍ଣ୍ଣିତ ହୋଇଛି । ସେ ଗୁଡ଼ିକ ପାଠକଲେ ମନରେ ଆଧ୍ୟାତ୍ମିକ ଭାବ ବିଶେଷରୂପେ ସଞ୍ଚାରିତ ହେବ ବୋଲି ଲୋକମାନଙ୍କର ବିଶ୍ୱାସ । ଦାର୍ଢ୍ୟତାଭକ୍ତି, ଭାଗବତ, କାର୍ତ୍ତିକ ମାହାତ୍ମ୍ୟ ଓ ମାଘମାହାତ୍ମ୍ୟ ପ୍ରଭୃତି ପୁରାଣ ଗୁଡ଼ିକ ଓଡ଼ିଶାର ପ୍ରତ୍ୟେକ ପୁର ପଲ୍ଲୀବାସୀ ପଢ଼ନ୍ତି । ଏଗୁଡ଼ିକରେ ଆଧ୍ୟାତ୍ମିକଭାବ ପୂରି ରହିଛି । ପ୍ରାଚୀମାହାତ୍ମ୍ୟ ମଧ୍ୟ ସେହିପରି ଗୋଟିଏ ଆଧ୍ୟାତ୍ମିକଭାବପୂର୍ଣ୍ଣ ଲେଖା, ତଥାପି ତାହାର ଐତିହାସିକ ବର୍ଣ୍ଣନାଗୁଡ଼ିକ ଆମ୍ଭମାନଙ୍କୁ ଯଥେଷ୍ଟ ନୂତନ ଉପାଦାନ

ଯୋଗାଉଅଛି । ପୌରାଣିକ ବିଷୟଗୁଡ଼ିକୁ ବାଦ ଦେଇ, କେବଳ ଐତିହାସିକ ବର୍ଣ୍ଣନାଗୁଡ଼ିକୁ ଧରିଲେ 'ପ୍ରାଚୀ ମାହାତ୍ମ୍ୟ' ଓଡ଼ିଶାର ଅନ୍ୟ ସବୁ ପୁରାଣଠାରୁ ଗୋଟିଏ ପୃଥକ୍ ଗ୍ରନ୍ଥ ବୋଲି କହିପାରୁ । ଅନ୍ୟ ପୁରାଣଗୁଡ଼ିକରେ ଯେଉଁ ମହାପୁରୁଷମାନଙ୍କର ଜୀବନ ଚରିତ କିମ୍ବା ଆଧ୍ୟାତ୍ମିକ ଘଟଣାମାନ ବର୍ଣ୍ଣିତ ଅଛି, ସେ ଗୁଡ଼ିକ ସଂପୂର୍ଣ୍ଣ ସତ୍ୟ ବୋଲି ଆଜିକାଲି ପ୍ରମାଣ କରିବା ସହଜ ନୁହେଁ କିନ୍ତୁ ପ୍ରାଚୀ ମାହାତ୍ମ୍ୟରେ ଯେଉଁ ଦେବ ଦେବୀ ଓ ତୀର୍ଥସ୍ଥାନଗୁଡ଼ିକର ବର୍ଣ୍ଣନା ଦିଆଯାଇଛି, ସେହି ଦେବ-ଦେବୀଙ୍କ ମନ୍ଦିର ଓ ତୀର୍ଥମାନ ବର୍ତ୍ତମାନ ସୁଦ୍ଧା ସେହି ନଦୀତୀରରେ ଦେଖାଯାଏ । ଏହି କାରଣରୁ ପ୍ରାଚୀ ମାହାତ୍ମ୍ୟକୁ ଗୋଟିଏ ସାଧାରଣ 'ପୁରାଣ' ନ କହି ଏହା ଓଡ଼ିଶାର ଗୋଟିଏ ପ୍ରଧାନ 'ପ୍ରାଚୀ ଐତିହାସିକ ଗ୍ରନ୍ଥ' ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପୌରାଣିକ ବର୍ଣ୍ଣନାଗୁଡ଼ିକ କପୋଳ କଳ୍ପିତ ବୋଲି କହିଲେ ସୁଦ୍ଧା ଏଥିରେ ବର୍ଣ୍ଣିତ ଶିବ, ବିଷ୍ଣୁ ଓ ଦୁର୍ଗା ମୂର୍ତ୍ତିଗୁଡ଼ିକୁ ଦେଖିଲେ ନିଶ୍ଚୟରେ ସେ କାଳର ଇତିହାସ ଓ ପ୍ରତିଷ୍ଠିତ ରାଜପୁରୁଷଙ୍କର ଧର୍ମ-ସମ୍ବନ୍ଧରେ ଅନେକ ଐତିହାସିକ ତଥ୍ୟ ଜାଣିହେବ । ସେ ସମସ୍ତ ବିଷୟ ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ଆଲୋଚିତ ହେବ ।

# ପ୍ରାଚୀ-ମାହାତ୍ମ୍ୟ ଓ ତଦୀୟ କବି

ଓଡ଼ିଆ ଭାଷାରେ 'ଅଷ୍ଟାଦଶ ପୁରାଣ' ଓ ଅସଂଖ୍ୟ 'ଉପପୁରାଣ' ଅଛି । ଏହି ଗ୍ରନ୍ଥଗୁଡ଼ିକରେ ଅତି ପ୍ରାଚୀନ କାଳର ଇତିହାସ, ଧର୍ମାତ୍ମାମାନଙ୍କର ଜୀବନ ଚରିତ, ଅସଂଖ୍ୟ ଯୁଦ୍ଧର ବର୍ଣ୍ଣନା ଏବଂ ଧର୍ମୋପଦେଶମାନ ବର୍ଣ୍ଣିତ ହୋଇଅଛି । ସେ ସବୁ ପୁରାଣ ଓଡ଼ିଆ ଭାଷାରେ ଗୋଟିଏ ଗୋଟିଏ ଅମୂଲ୍ୟ ସମ୍ପତ୍ତି ଅଟେ । ପ୍ରାୟ ସବୁ ପୁରାଣ ସଂସ୍କୃତରୁ ଅନୁବାଦିତ ହୋଇଅଛି ଏବଂ ଉପପୁରାଣଗୁଡ଼ିକ ଏହି ପୁରାଣରେ ଥିବା ବିଷୟଗୁଡ଼ିକ ନେଇ ବିସ୍ତୃତରୂପେ ଲେଖାଯାଇଥାଏ ।

'ପ୍ରାଚୀ ମାହାତ୍ମ୍ୟ' ପଦ୍ମପୁରାଣକୁ ଅବଲମ୍ବନ କରି ଲେଖା ଯାଇଥିବା ଗୋଟିଏ ଉପପୁରାଣ ଅଟେ । ଏଥିରେ ପ୍ରାଚୀ ନଦୀ ତୀରର ଦ୍ୱାଦଶ ଶମ୍ଭୁଙ୍କ ମାହାତ୍ମ୍ୟ ଓ ଅସଂଖ୍ୟ ତୀର୍ଥର ବର୍ଣ୍ଣନା କରାଯାଇଛି । ସଂସ୍କୃତ ପଦ୍ମପୁରାଣ ୧୦ମ ଶତାବ୍ଦୀର ଲେଖା ବୋଲି ୰ ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀ ସ୍ଥିର କରିଛନ୍ତି । ପ୍ରାଚୀ ମାହାତ୍ମ୍ୟ ସେହି ସଂସ୍କୃତ ପଦ୍ମପୁରାଣକୁ ଦେଖି ପ୍ରଥମେ ସଂସ୍କୃତରେ ଲେଖାଯାଇଥିଲା । ସେହି ପ୍ରଥମ ଲେଖକ କିଏ ? ହଣ୍ଟର ସାହେବ ତାହାଙ୍କ 'ଓଡ଼ିଶା' ଇତିହାସର ଦ୍ୱିତୀୟଭାଗ ପରିଶିଷ୍ଟରେ କେତେକ ଅପ୍ରକାଶିତ ପୋଥିଗୁଡ଼ିକର ଗୋଟିଏ ତାଲିକା ଦେଇଛନ୍ତି । ସେହି ତାଲିକାରେ ୨୧୦ ପୃଷ୍ଠାରେ ସଂସ୍କୃତ ପ୍ରାଚୀ ମାହାତ୍ମ୍ୟ କଥା ଲେଖିଛନ୍ତି । କିନ୍ତୁ ତହିଁର କବି କିଏ, ତା ସେ ଲେଖି ନାହାନ୍ତି । ଅତଏବ

ପ୍ରଥମ ସଂସ୍କୃତ ପ୍ରାଚୀ ମାହାତ୍ମ୍ୟର ଲେଖକ କିଏ ଓ ତାହା କେଉଁ ସମୟରେ ଲେଖାଯାଇଥିଲା ସ୍ଥିର କରିବା ସହଜ ନୁହେଁ ।

ପୁରୀ ଜିଲ୍ଲାର କାକଟପୁର ଅଂଚଳରୁ ଖଣ୍ଡିଏ ତାଳପତ୍ର ପୋଥି (ପ୍ରାଚୀମାହାତ୍ମ୍ୟ) ମୁଁ ସଂଗ୍ରହ କରିଛି । ଏହାର ଲେଖକ ପଣ୍ଡିତ ନାରାୟଣ ମିଶ୍ର କର ଶର୍ମା । ନିବାସ ସ୍ଥାନ କାକାଟପୁରର ନିକଟବର୍ତ୍ତୀ ପୀତାମ୍ବରପୁର ଶାସନ । ଏକ୍ଷଣି ମିଶ୍ରଙ୍କ ବଂଶରେ କେହି ନାହାନ୍ତି । ନାରାୟଣମିଶ୍ରେ ଏହି ପୋଥିକୁ ଅନ୍ୟ ଯେଉଁ ପୋଥିର ଅବଲମ୍ବନରେ ଲେଖିଥିଲେ ସେ କଥା କୌଣସିଠାରେ ଲେଖି ନାହାନ୍ତି । କେବଳ ଏହାକୁ ରାମଚନ୍ଦ୍ର ଦେବଙ୍କ ୭ମ ଅଙ୍କରେ ଶେଷ କରିଥିବା ପୋଥି ଶେଷରେ ଲେଖିଛନ୍ତି ।

**ସଂସ୍କୃତ ପୋଥିର ସମୟ**—ଓଡ଼ିଶା ଇତିହାସରେ ପୂର୍ବେ ତିନିଜଣ ରାମଚନ୍ଦ୍ର ଦେବ ରାଜତ୍ୱ କରିଥିବାର ବର୍ଣ୍ଣନା ଅଛି । ଏଥି ମଧ୍ୟରୁ କେଉଁ ରାମଚନ୍ଦ୍ର ଦେବଙ୍କ ସମୟରେ ପଣ୍ଡିତ ନାରାୟଣ ମିଶ୍ରଙ୍କ ପୋଥି ଲେଖା ହୋଇଥିଲା ସେ କଥା ସ୍ପଷ୍ଟ ଜଣାଯାଏ ନାହିଁ । ପଣ୍ଡିତେ ନିଜର ଗୋତ୍ର, ପ୍ରବର, ନାମ ଓ ଧାମ ପ୍ରଭୃତି ସବୁ ଲେଖି ସୁଦ୍ଧା ଉକ୍ତ ପୋଥିରେ କୌଣସି ସାଲ ଦେଇନାହାନ୍ତି । ଏହି କାରଣରୁ ସଂସ୍କୃତ ପ୍ରାଚୀ ମାହାତ୍ମ୍ୟର ଲେଖା ସମୟ ଠିକ୍ କରିବାପାଇଁ ମୁଁ ସ୍ଥାନୀୟ ଅଧିବାସୀଙ୍କଠାରୁ ପଣ୍ଡିତ ନାରାୟଣ ମିଶ୍ରଙ୍କ ଜୀବତ ଓ ମୃତ ସମୟ ପ୍ରଭୃତି ସଂଗ୍ରହ କରିଥିଲି । ସେହି ବିବରଣୀରୁ ଜଣାଯାଏ ଯେ ଏହି ପୋଥି ଓଡ଼ିଶାର ତୃତୀୟ ରାମଚନ୍ଦ୍ର ଦେବଙ୍କ ସମୟରେ ଲେଖା ଯାଇଥିଲା । ତୃତୀୟ ରାମଚନ୍ଦ୍ର ଦେବ ୧୮୧୭ ଠାରୁ ୧୮୫୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜୀବିତ ଥିଲେ । ତାହାଙ୍କର ୭ମ ଅଙ୍କ ୧୮୨୨ ଖ୍ରୀଷ୍ଟାବ୍ଦରେ ହୋଇଥିଲା । ଅତଏବ, ଏହି ପୋଥି ଆଜକୁ ୧୧୪ ବର୍ଷ ତଳେ ଲେଖା ଯାଇଥିଲା ବୋଲି କୁହାଯାଇପାରେ । ପ୍ରାଚୀ ତୀରର ଅସଂଖ୍ୟ ଗ୍ରାମରେ ଏବଂ ପୁରୀ କଟକ ପ୍ରଭୃତି ସହରରେ ଅନେକ ଅନୁସନ୍ଧାନ କରି ସୁଦ୍ଧା ଅନ୍ୟ କୌଣସି ସ୍ଥାନରେ ଆଉ ଖଣ୍ଡେ ସଂସ୍କୃତ ପୋଥି ଥିବାର ଜଣାଯାଇ ନାହିଁ । ଏହି କାରଣରୁ ଏହି ପୋଥି ଖଣ୍ଡିକୁହିଁ ଏ ଅଂଞ୍ଚଳର ପ୍ରଧାନ ସଂସ୍କୃତ ପ୍ରାଚୀ ମାହାତ୍ମ୍ୟ ବୋଲି ବିଶ୍ୱାସ କରୁଁ ।

**ଓଡ଼ିଆ ପ୍ରାଚୀ ମାହାତ୍ମ୍ୟ**—ଓଡ଼ିଆ ଭାଷାରେ ଖଣ୍ଡିଏ ଛାପା ପୁସ୍ତକ ଏବଂ ଏକାଧିକ ତାଳପତ୍ର ପ୍ରାଚୀମାହାତ୍ମ୍ୟ ପୋଥି ଅଛି । ଛାପା ପୁସ୍ତକ ଖଣ୍ଡିକ ୰ପଣ୍ଡିତ ଗୋବିନ୍ଦ ରଥଙ୍କ ଦ୍ୱାରା ୧୯୦୭ ଖ୍ରୀଷ୍ଟାବ୍ଦରେ କଟକ ଏଡ଼ୁଓ୍ୱାର୍ଡ଼ ପ୍ରେସରେ ଛାପା ହୋଇଥିଲା । ପଣ୍ଡିତ ରଥେ ୧୯୦୫ ଖ୍ରୀଷ୍ଟାବ୍ଦରେ କୋଣାର୍କ ଓ ଚନ୍ଦ୍ରଭାଗା ଯିବା ସମୟରେ କାକଟପୁର ଆସି ସ୍ଥାନୀୟ ଲୋକମାନଙ୍କଠାରୁ ପ୍ରାଚୀ ମାହାତ୍ମ୍ୟର ତାଳପତ୍ର ପୋଥି ଖଣ୍ଡେ ସଂଗ୍ରହ କରିଥିଲେ । ପରେ ସେହି ପୋଥିକି ନିଜ ରୁଚି ଅନୁସାରେ ଲେଖାଇ ପୁସ୍ତକାକାରରେ ଛପାଇ ଥିଲେ । ଏହି ଛାପା ପୁସ୍ତକରେ ତାଳପତ୍ର ପୋଥି ତୁଳନାରେ ଅନେକ ଗୁଡ଼ିଏ ଭୁଲ୍ ଅଛି ।

**ତାଳପତ୍ର ପୋଥି**—ପ୍ରାଚୀନଦୀତଟର ଏକାଧିକ ପଲ୍ଲୀ ଭାଗବତଘରେ ଓ ଗାଦିଘରେ ତାଳପତ୍ର ପ୍ରାଚୀ ମହାତ୍ମ୍ୟ ପୋଥି ମିଳେ । ତ୍ରିବେଣୀ 'ଅନ୍ତର୍ବେଦୀ ମଠ' ଠାରୁ ପ୍ରାଚୀ ମୁହାଣ ପର୍ଯ୍ୟନ୍ତ ଯେଉଁ କେତେକ ସ୍ଥାନର ତାଳପତ୍ର ପୋଥି ଦେଖିବା ସୁବିଧା ପାଇଥିଲି ସେ ସବୁଗୁଡ଼ିକ ୩୦/୪୦ ବର୍ଷର ଲେଖାଥିବାର ଦେଖିଥିଲି । କିନ୍ତୁ ସେ ସବୁ ଅପେକ୍ଷା କାକଟପୁର ନିକଟବର୍ତ୍ତୀ ଶ୍ରୀରାମପୁର ଶାସନ ନିବାସୀ ୰ଅନନ୍ତ ଷଡ଼ଙ୍ଗୀଙ୍କଠାରୁ ମୁଁ ଯେଉଁ ପୋଥି ପାଇଥିଲି ତାହାହିଁ ଅତିପୁରୁଣା ପୋଥି ଅଟେ । ୰ଅନନ୍ତ ଷଡ଼ଙ୍ଗୀ ୧୯୨୧ ସାଲ୍, ଅର୍ଥାତ୍ ୧୮୮୪ ଖ୍ରୀଷ୍ଟାବ୍ଦରେ ଏହି ପୋଥି ଲେଖିଥିଲେ । ଏହା ଲେଖିବା ପାଇଁ ସେ ଓଡ଼ିଆ ପ୍ରାଚୀ ମାହାତ୍ମ୍ୟ ଲେଖକ ତ୍ରିଲୋଚନ ଦ୍ୱିଜଙ୍କ ପ୍ରଥମ ଲେଖାକୁ ନକଲ କରିଥିଲେ । ସେହି ପ୍ରଥମ ଲେଖା କେବେ ଲେଖା ହୋଇଥିଲା ଓ ତାହା କେଉଁଠାରେ ରହିଲା ଜଣାଯାଏ ନାହିଁ । ଯେତେଦୂର ସମ୍ଭବ ତ୍ରିଲୋଚନଦ୍ୱିଜ ୧୮୮୪ କିଂବା ତାର ବର୍ଷେ ଦୁଇବର୍ଷ ପୂର୍ବରୁ ଓଡ଼ିଆ ପ୍ରାଚୀ ମାହାତ୍ମ୍ୟ ପ୍ରୋକ୍ତ ନାରାୟଣ ମିଶ୍ରଙ୍କ ସଂସ୍କୃତ ପୋଥିକୁ ଅନୁକରଣ କରି ଲେଖିଥିଲେ । ଅନନ୍ତ ଷଡ଼ଙ୍ଗୀଙ୍କ ପୋଥି ତ୍ରିଲୋଚନଦ୍ୱିଜଙ୍କ ସେହି ପ୍ରଥମ ଲେଖାର ଅନୁକରଣ ଥିବାର ଷଡ଼ଙ୍ଗୀଙ୍କଠାରୁ ମୁଁ ଶୁଣିଥିଲି । ତାହା ପରେ ଏ ଅଂଚଳର ଅନ୍ୟାନ୍ୟ ପୋଥିଗୁଡ଼ିକ ଲେଖା ଯାଇଥିଲା ।

**ତ୍ରିଲୋଚନ ଦ୍ୱିଜ**—ଓଡ଼ିଆ ପ୍ରାଚୀ ମାହାତ୍ମ୍ୟର ଲେଖକ ନାମ 'ତ୍ରିଲୋଚନ ଦ୍ୱିଜ' ଏହି ତ୍ରିଲୋଚନ ଦ୍ୱିଜ କିଏ ? ଓଡ଼ିଶାର ପ୍ରାଚୀନ ଓ ଆଧୁନିକ କବିମାନଙ୍କର ରଚିତ ପୁସ୍ତକର ତାଲିକା ଓ କବିଜୀବନୀ ସମ୍ବନ୍ଧରେ ତିନୋଟି ପୁସ୍ତକ ପ୍ରକାଶିତ ହୋଇଛି । ପ୍ରଥମଟି ୰ତାରିଣୀଚରଣ ରଥଙ୍କ 'ଉତ୍କଳ ସାହିତ୍ୟର ଇତିହାସ', ଦ୍ୱିତୀୟଟି ପାରଳା ନିବାସୀ ୰ଅପର୍ଣ୍ଣା ପଣ୍ଡାଙ୍କର 'କବି ଜୀବନୀ' ଏବଂ ତୃତୀୟଟି ପଣ୍ଡିତ ବିନାୟକ ମିଶ୍ରଙ୍କ ପ୍ରଣୀତ 'ଓଡ଼ିଆ ସାହିତ୍ୟର ଇତିହାସ ।' ହଣ୍ଟର ସାହେବ ମଧ୍ୟ ତାହାଙ୍କ ପ୍ରଣୀତ 'ଓଡ଼ିଶା ଇତିହାସର' ଦ୍ୱିତୀୟ ଭାଗରେ ସେପରି କେତେକ କବିମାନଙ୍କର ପରିଚୟ ଦେଇଛନ୍ତି, କିନ୍ତୁ କୌଣସି ପୁସ୍ତକରେ ତ୍ରିଲୋଚନ ଦ୍ୱିଜଙ୍କର ନାମ କିଂବା ପରିଚୟ ଦିଆଯାଇ ନାହିଁ । କୃପାସିନ୍ଧୁ ମିଶ୍ରେ ଏବଂ ପ୍ୟାରିମୋହନ ଆଚାର୍ଯ୍ୟ ମଧ୍ୟ ଏହାଙ୍କ ସମ୍ବନ୍ଧରେ ନୀରବ ଅଛନ୍ତି । ଆଧୁନିକ ଇତିହାସ ଲେଖକ ପୁରୀର ଉକିଲ ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ଯେଉଁ 'ପ୍ରାଚୀନ ଉତ୍କଳ' ନାମକ ପ୍ରକାଣ୍ଡ ପୁସ୍ତକ ଲେଖିଛନ୍ତି ସେଥିରେ ସେ ତ୍ରିଲୋଚନ ଦ୍ୱିଜଙ୍କ ସମ୍ବନ୍ଧରେ ନିମ୍ନ କେତେକ ଧାଡି ଲେଖିଛନ୍ତି:—

"କବି ତାହାଙ୍କର କୌଣସି ପରିଚୟ ଦେଇନାହାନ୍ତି ? କିଂବା ଅନୁବାଦର ସମୟ ଦେଇନାହାନ୍ତି । × × × ଧର୍ମଗ୍ରନ୍ଥଟି ଭାଗବତ ବୃତ୍ତରେ ଲିଖିତ । ଏଥିରୁ ଅନୁମାନ ହୁଏ ଏ କବି ଭକ୍ତାଗ୍ରଣୀ ଜଗନ୍ନାଥ ଦାସଙ୍କ ପରବର୍ତ୍ତୀ ବା ସମସାମୟିକ ଲେଖକ" । (ପ୍ରାଚୀନ ଉତ୍କଳ ୯୭–୯୮ ପୃଷ୍ଠା)

ଓଡ଼ିଆ ଭାଗବତ ପ୍ରଣେତା ଭକ୍ତକବି ଜଗନ୍ନାଥ ଦାସ ଓଡ଼ିଶାର ରାଜା ପ୍ରତାପରୁଦ୍ରଦେବଙ୍କ ସମୟରେ ( ୧୫୦୪-୧୫୩୨ଖ୍ରୀ. ) ଜୀବିତ ଥିଲେ । କେବଳ ଭାଗବତ ବୃତ୍ତରେ ପ୍ରାଚୀ ମାହାତ୍ମ୍ୟ ଲିଖିତ ହୋଇଛି ବୋଲି ଜଗବଂଧୁ ବାବୁ ତ୍ରିଲୋଚନ ଦ୍ୱିଜଙ୍କୁ ଷୋଡ଼ଶ ଶତାବ୍ଦୀରେ ନେଇ ରଖିବା ଯୁକ୍ତି ସଙ୍ଗତ ବୋଧ ହେଉନାହିଁ । ସେ କାଳର କବି ହୋଇଥିଲେ ନିଶ୍ଚୟ ତାଙ୍କର ନାମ ଓଡ଼ିଶା ଇତିହାସରେ ଲିପିବଦ୍ଧ

ହୁଅନ୍ତା । ସେ ଯାହାହେଉ, ବର୍ତ୍ତମାନ ଏହି କବିଙ୍କ ସମ୍ବନ୍ଧରେ ମୁଁ ଯାହା ସଂଗ୍ରହ କରିଛି ତା' ଏଠାରେ ଉଲ୍ଲେଖ କରିବି ।

ତ୍ରିଲୋଚନ ଦ୍ୱିଜ ଜଣେ ଶ୍ରୋତ୍ରିୟ ବ୍ରାହ୍ମଣ ଥିଲେ । ଦ୍ୱିଜ ତାହାଙ୍କର ସଂଜ୍ଞା ନୁହେଁ । ବ୍ରାହ୍ମଣ ଥିବାରୁ ସେ ନିଜକୁ 'ଦ୍ୱିଜ' ବୋଲି ଲେଖିଛନ୍ତି । ତାହାଙ୍କର ନାମ ତ୍ରିଲୋଚନ ଆଚାର୍ଯ୍ୟ । ନିବାସ ସ୍ଥାନ କଟକ ଜିଲ୍ଲା ଜଗତ-ସିଂହପୁର ଥାନାର ଭାତପଡ଼ା ଶାସନ । ତ୍ରିଲୋଚନଙ୍କ ପିତାଙ୍କ ନାମ ରାମ ଆଚାର୍ଯ୍ୟ ଓ ନାତିଙ୍କ ନାମ ହାଡ଼ିବନ୍ଧୁ ଆଚାର୍ଯ୍ୟ । ତ୍ରିଲୋଚନ ଜଣେ ଜ୍ୟୋତିଷ ପଣ୍ଡିତ ଥିଲେ । ତାହାଙ୍କର ଗୋଟିଏ କନ୍ୟାକୁ ପୁରୀ ଜିଲ୍ଲା କାକଟପୁର ଥାନାର କାକଟପୁର ନିକଟବର୍ତ୍ତୀ ପୀତାମ୍ବରପୁର ଶାସନର ପାଟଯୋଷୀଙ୍କ ଘରେ ବିବାହ କରିଥିଲେ । ସେଇ କନ୍ୟାର ସମ୍ବନ୍ଧ ନେଇ ତ୍ରିଲୋଚନ କାକଟପୁରକୁ ଏକାଧିକବାର ଆସିଥିଲେ ଏବଂ ସେହି ସମୟରେ ସେ ପ୍ରାଚୀନଦୀ ତୀରବର୍ତ୍ତୀ ଶିବମନ୍ଦିରଗୁଡ଼ିକକୁ ଯାଇ ଶିବଦର୍ଶନ କରୁଥିଲେ । ପରେ ଏହି ପ୍ରାଚୀତୀରବର୍ତ୍ତୀ ଦ୍ୱାଦଶ ଶମ୍ଭୁଙ୍କ ମାହାତ୍ମ୍ୟ ଓଡ଼ିଆ ଭାଷାରେ ଲେଖିବା ପାଇଁ ମନସ୍ଥ କଲେ ଏବଂ ଏଥି ସକାଶେ ସେ ସ୍ଥାନୀୟ ପଣ୍ଡିତ ନାରାୟଣ ମିଶ୍ରଙ୍କ ଦ୍ୱାରା ଲିଖିତ ସଂସ୍କୃତ ପ୍ରାଚୀ ମାହାତ୍ମ୍ୟ ପୋଥିକୁ ଅବଲମ୍ବନ କରି ନିଜର ଓଡ଼ିଆ ପୋଥି ଲେଖିଥିଲେ ।

ଉପର୍ଯ୍ୟୁକ୍ତ ବିବରଣୀ, ମୁଁ କାକଟପୁର ନିକଟବର୍ତ୍ତୀ ଶ୍ରୀରାମପୁର ଶାସନ ନିବାସୀ ୰ କୃଷ୍ଣ ମିଶ୍ରଙ୍କ ଠାରୁ ସଂଗ୍ରହ କରିଥିଲି । କୃଷ୍ଣ ମିଶ୍ରେ ନିଜେ ତ୍ରିଲୋଚନ ଦ୍ୱିଜଙ୍କୁ ଦେଖିଥିଲେ ଏବଂ ତାହାଙ୍କ ସହ ଏହି ପ୍ରାଚୀମାହାତ୍ମ୍ୟ ଓ ଜ୍ୟୋତିଷ ବିଦ୍ୟାବିଷୟରେ ଚର୍ଚ୍ଚା କରିଥିବାର ମୋତେ କହିଥିଲେ । ଦୀର୍ଘ ୯୫ ବର୍ଷ ଜୀବିତ ଥାଇ କୃଷ୍ଣ ମିଶ୍ରେ ଗତ ୧୯୩୫ ଖ୍ରୀଷ୍ଟାବ୍ଦର ଡିସେମ୍ବରମାସରେ ଇହଲୀଳା ସାଙ୍ଗ କରିଥିଲେ ।

ତ୍ରିଲୋଚନ ଦ୍ୱିଜଙ୍କ ଜ୍ୟୋତିଷ ଶାସ୍ତ୍ରରେ କିପରି ପାଣ୍ଡିତ୍ୟ ଥିଲା, ତାହାର ଗୋଟିଏ ସ୍ପଷ୍ଟ ପ୍ରମାଣ କୃଷ୍ଣ ମିଶ୍ରେ ନିଜ ଅନୁଭୂତିରୁ ମୋତେ କହିଥିଲେ । ଏକ ସମୟରେ ତ୍ରିଲୋଚନ କାକଟପୁରର

ମଙ୍ଗଳାଙ୍କ ମନ୍ଦିରରେ ଥିଲେ । ସେଦିନ ସ୍ନାନପୂର୍ଣ୍ଣିମା । ତହିଁ ପୂର୍ବରୁ ଏହି ଅଂଚଳରେ ବର୍ଷା ଅଭାବରୁ ଜଳକଷ୍ଟ ହୋଇଥିଲା । ଲୋକମାନେ ବହୁତ କଷ୍ଟ ଅନୁଭବ କରୁଥିଲେ । ଆଚାର୍ଯ୍ୟ ଏଠାରେ ପ୍ରବେଶ କରିବା ମାତ୍ରେ ସ୍ଥାନୀୟ ବ୍ରାହ୍ମଣମାନେ ତାହାଙ୍କର ଜ୍ୟୋତିଷ ଜ୍ଞାନ ପରୀକ୍ଷା କରିବା ସକାଶେ ବର୍ଷାହେବା ସମ୍ବନ୍ଧରେ ଅନେକ ପ୍ରଶ୍ନ ପଚାରିଥିଲେ । ଆଚାର୍ଯ୍ୟ ଭୂମିରେ କେତୋଟି ଖଡ଼ିଗାର ଟାଣି କହିଲେ, "ଆଜି ନିଶ୍ଚୟ ବର୍ଷା ହେବ" ସେ ଏହି ବାକ୍ୟଟି ଅତିଦମ୍ଭ ସହକାରେ କହିଥିବାର ଜଣାଯାଏ । ତାହା ଶୁଣି ସ୍ଥାନୀୟ ଲୋକମାନେ ହସିଦେଇ ଆଚାର୍ଯ୍ୟଙ୍କ କଥାକୁ ଉଡ଼ାଇ ଦେଇଥିଲେ । କିନ୍ତୁ ଦେଖୁଁ ଦେଖୁଁ ସେହି ସନ୍ଧ୍ୟା ସମୟରେ ବଡ଼ ଅସରାଏ ବର୍ଷା ହୋଇଥିଲା । ସେହି ଦିନୁ ସ୍ଥାନୀୟ ଲୋକମାନେ ତ୍ରିଲୋଚନ ଆଚାର୍ଯ୍ୟଙ୍କ ଜ୍ୟୋତିଷ ଜ୍ଞାନ ଓ ପାଣ୍ଡିତ୍ୟକୁ ଅତୀବ ପ୍ରଶଂସା କରୁଥିଲେ । ଜ୍ୟୋତିଷ ଶାସ୍ତ୍ରରେ ଆଚାର୍ଯ୍ୟଙ୍କ କିପରି ପାଣ୍ଡିତ୍ୟ ଥିଲା, ତାହା ଜାଣିବା ତାହାଙ୍କର କୌଣସି ଗ୍ରନ୍ଥ ପୁସ୍ତକାକାରରେ ଲିଖିତ ବା ପ୍ରକାଶିତ ହୋଇଥିବାର ଜଣାଯାଏ ନାହିଁ ।

**ଆଚାର୍ଯ୍ୟଙ୍କ ସମୟ**—ତ୍ରିଲୋଚନ ଆଚାର୍ଯ୍ୟ କେଉଁ ସମୟରେ ଜୀବିତ ଥିଲେ, ସେ କଥା ତାହାଙ୍କ ପ୍ରଣୀତ ପ୍ରାଚୀମାହାତ୍ମ୍ୟରୁ ଜଣାଯାଏ ନାହିଁ, କିନ୍ତୁ ପ୍ରୋକ୍ତ କୃଷ୍ଣମିଶ୍ରଙ୍କଠାରୁ ଶୁଣିଥିଲି ଯେ ଆଚାର୍ଯ୍ୟ ପ୍ରାୟ ୧୮୩୯ ଓ ୧୮୮୯ ମଧ୍ୟରେ ଜୀବିତ ଥିଲେ, ଏବଂ ପ୍ରାୟ ୧୮୮୪ ଖ୍ରୀଷ୍ଟାବ୍ଦ, ଅର୍ଥାତ୍ ତାହାଙ୍କର ୪୫ ବର୍ଷ ବୟସରେ ସେ ଓଡ଼ିଆ ପ୍ରାଚୀମାହାତ୍ମ୍ୟ ପୋଥି ଲେଖିଥିଲେ । ଏପରି ସ୍ଥଳେ ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ ମହୋଦୟ ତ୍ରିଲୋଚନ ଆଚାର୍ଯ୍ୟଙ୍କୁ ଯେ ଷୋଡ଼ଶ ଖ୍ରୀଷ୍ଟାବ୍ଦରେ ଜୀବିତ ଥିବାର ତାହାଙ୍କ ପ୍ରଣୀତ 'ପ୍ରାଚୀନ ଉତ୍କଳ'ରେ ଲେଖିଛନ୍ତି, ତାହା କେବଳ ଭ୍ରମପୂର୍ଣ୍ଣ କିଂବା କାଳ୍ପନିକ ହେବା ନିଃସନ୍ଦେହ ।

**ତାଳପତ୍ର ପୋଥି ଓ ଛାପା ପୁସ୍ତକର ପାର୍ଥକ୍ୟ**—

ତ୍ରିଲୋଚନ ଦ୍ୱିଜଙ୍କ ଲେଖା ପ୍ରଥମ ପ୍ରାଚୀମାହାତ୍ମ୍ୟ ପୋଥି କେଉଁଠି ରହିଲା କେହି ଜାଣନ୍ତି ନାହିଁ, କିନ୍ତୁ ସେହି ପ୍ରଥମ ପୋଥିକୁ ନକଲ କରି

ଲେଖାଯାଇଥିବା ଓ ଅନନ୍ତ ଷଡ଼ଙ୍ଗୀଙ୍କ ପୋଥି ମୋ ପାଖରେ ଅଛି । ଏହି ପୋଥି ଲେଖାହେବା ପରେ ପ୍ରାଚୀନଦୀ ତୀରର ଅନ୍ୟ ପ୍ରାଚୀମାହାତ୍ମ୍ୟ ପୋଥିଗୁଡ଼ିକ ଲେଖାଯାଇଥିବା କଥା ପୂର୍ବରୁ କୁହାଯାଇଛି । ବର୍ତ୍ତମାନ ଅନନ୍ତ ଷଡ଼ଙ୍ଗୀଙ୍କ ପୋଥି ଏବଂ ପଣ୍ଡିତ ଗୋବିନ୍ଦ ରଥଙ୍କ ଦ୍ୱାରା ପ୍ରକାଶିତ ପ୍ରାଚୀମାହାତ୍ମ୍ୟ ପୁସ୍ତକ—ଏ ଦୁଇ ଗ୍ରନ୍ଥ ତୁଳନା କଲେ ପଣ୍ଡିତ ରଥଙ୍କ ପୁସ୍ତକରେ ଅନେକଗୁଡ଼ିଏ କାଳ୍ପନିକ, ଅପ୍ରାସଙ୍ଗିକ ଏବଂ ଭ୍ରମାତ୍ମକ ବିଷୟମାନ ଦେଖିବାକୁ ପାଉଁ । ଅନନ୍ତ ଷଡ଼ଙ୍ଗୀ ସେପରି ପଣ୍ଡିତ ନ ଥିଲେ । ତାହାଙ୍କ ପୋଥିରେ ଅସଂଖ୍ୟ ବର୍ଣ୍ଣାଶୁଦ୍ଧି ଦେଖାଯାଏ, କିନ୍ତୁ ସେହି ପୋଥି ତ୍ରିଲୋଚନ ଆଚାର୍ଯ୍ୟଙ୍କର ପ୍ରଥମ ଲେଖାନୁସାରେ ଲେଖାଯାଇଥିବାରୁ ତହିଁର ବିଷୟଗୁଡ଼ିକ ନିର୍ଭୁଲ ବୋଲି କୁହାଯାଇପାରେ । ଏ ଦୃଷ୍ଟିରେ ପଣ୍ଡିତ ଗୋବିନ୍ଦ ରଥଙ୍କ ଛପା ପୁସ୍ତକରେ ଅସଂଖ୍ୟ ଭୁଲ ରହିଛି । ଏପରି ଭୁଲ ମଧ୍ୟରୁ ଗୋଟିଏ ବିଚିତ୍ର ଓ ଗୁରୁତର ଭୁଲ ଏଠାରେ ଉଲ୍ଲେଖ କରାଯିବ—

ଅନନ୍ତ ଷଡ଼ଙ୍ଗୀଙ୍କ ତାଳପତ୍ର ପୋଥିର ୭ମ ଅଧ୍ୟାୟ ଶେଷରେ ଲେଖାଅଛି—

"ଆଚାର୍ଯ୍ୟ ଦ୍ୱିଜ ତ୍ରିଲୋଚନ
ପୁଷ୍କରେଶ୍ୱରଙ୍କ ଦରଶନ ।"

କିନ୍ତୁ ପଣ୍ଡିତ ଗୋବିନ୍ଦ ରଥଙ୍କ ଛପା ପୁସ୍ତକରେ ସେହି ପଦଗୁଡ଼ିକ କିପରି ଲେଖାଅଛି ଦେଖନ୍ତୁ—

"ଆଶ୍ଚର୍ଯ୍ୟ ତ୍ରିଲୋଚନ ବାଣୀ
ପ୍ରାକୃତ ବନ୍ଧେ ଗୀତ ଭଣି" । (୪୭ ପୃଷ୍ଠା)

ତ୍ରିଲୋଚନ ପ୍ରତ୍ୟେକ ଅଧ୍ୟାୟ ଶେଷରେ ନିଜକୁ 'ତ୍ରିଲୋଚନ ଦ୍ୱିଜ' ବୋଲି ପରିଚୟ ଦେଇଛନ୍ତି । ଏହି ପରିଚୟ ଅନୁସାରେ ତାହାଙ୍କର ପ୍ରକୃତ ନାମ କଣ ତାହା ସ୍ପଷ୍ଟ ଜାଣିହୁଏ ନାହିଁ, କିନ୍ତୁ ତାଳପତ୍ର ପୋଥିର ସେଇ ୭ମ ଅଧ୍ୟାୟ ଶେଷରେ ସେ ଆଚାର୍ଯ୍ୟ ବୋଲି ଲେଖିଛନ୍ତି ।

ତଦ୍ୱାରା ହିଁ ତାହାଙ୍କର ପ୍ରକୃତ ସଂଜ୍ଞା ବେଶ ଜାଣିହୁଏ । ଏହି ସଂଜ୍ଞା ଅଭାବରୁ ଛପା ପୁସ୍ତକରେ ବିଲୋଚନଙ୍କ ପ୍ରକୃତ ପରିଚୟ ଜାଣିହୁଏ ନାହିଁ । ପଣ୍ଡିତ ଗୋବିନ୍ଦ ରଥେ ତାଳପତ୍ର ପୋଥିର ବିଷୟ ନେବା ସତ୍ତ୍ୱେ ତାହାଙ୍କର ଛପା ପୁସ୍ତକରେ ଏ ପଦ ନାହିଁ କି ଭୁଲ ଲେଖିଛନ୍ତି ତାହା ଜାଣିବା ସହଜ ନୁହେଁ । ଯେଉଁମାନେ ପ୍ରାଚୀମାହାତ୍ମ୍ୟର ବିଶୁଦ୍ଧ ସଂସ୍କରଣ ପାଠ କରିବାକୁ ଇଚ୍ଛା କରନ୍ତି, ସେମାନେ ହୁଏତ ସଂସ୍କୃତ ପ୍ରାଚୀମାହାତ୍ମ୍ୟକୁ ପଢିବେ, କିଂବା ଅନନ୍ତ ଷଡ଼ଙ୍ଗୀଙ୍କ ସଂଶୋଧିତ ପୋଥି ଲେଖାକୁ ପଢ଼ିବାକୁ ହେବ ।

ପଣ୍ଡିତ ନାରାୟଣ ମିଶ୍ରଙ୍କ ସଂସ୍କୃତ ପୋଥି ତୁଳନାରେ ମଧ୍ୟ ଓଡ଼ିଆ ପୋଥି ଓ ପୁସ୍ତକରେ ଅନେକ ନୂତନ କଥା ରହିଛି । ଏ ଗୁଡ଼ିକ ପର ଅଧ୍ୟାୟରେ ଆଲୋଚିତ ହେବ ।

# ପ୍ରାଚୀନଦୀର ପ୍ରାଚୀନତ୍ୱ

ପ୍ରାଚୀନଦୀ ପ୍ରକୃତରେ କେବେ ସୃଷ୍ଟି ହେଲା ? ଏହା ଜାଣିବା ପାଇଁ ସେପରି କୌଣସି ସଠିକ୍ ପ୍ରମାଣ ଆମ୍ଭେମାନେ ପାଇ ନାହୁଁ, କିଂବା ଏ ସମ୍ବନ୍ଧରେ କୌଣସି ପୋଥି, ଲେଖା, ଶିଳା ବା ତାମ୍ରଶାସନ ପ୍ରଭୃତି ଆବିଷ୍କୃତ ହୋଇନାହିଁ । ତଥାପି ଏହାସ୍ଥିର କରିବା ପାଇଁ ଆମ୍ଭମାନଙ୍କୁ ନିମ୍ନ କେତେକ ପୌରାଣିକ ଏବଂ ଐତିହାସିକ ଇତିବୃତ୍ତଗୁଡ଼ିକୁ ଆଲୋଚନା କରିବାକୁ ହେବ ।

**୧ମ ପୌରାଣିକ ପ୍ରମାଣ**—ଏ କଥା କୁହାଯାଇଛି ଯେ ଓଡ଼ିଆ ଭାଷାରେ ଅଷ୍ଟାଦଶ ମହାପୁରାଣ ଓ ଅସଂଖ୍ୟ ଉପପୁରାଣ ଲେଖା ଯାଇଛି । ଏହି ପୁରାଣ ଓ ଉପପୁରାଣ ବ୍ୟତୀତ ଏ ଦେଶର ପ୍ରତ୍ୟେକ ପୁରପଲ୍ଲୀରେ ଅସଂଖ୍ୟ କିମ୍ବଦନ୍ତୀ, ଗଳ୍ପ ଓ କାହାଣୀ ପ୍ରଭୃତି ରହିଛି । ଏସବୁ ଗୁଡ଼ିକ ଏଦେଶର ପ୍ରାଚୀନ ଐତିହାସିକ ଘଟଣାଗୁଡ଼ିକୁ ନେଇ ଲେଖାଯାଇଥିବାର ନିଃସନ୍ଦେହ । ପୁରାଣ ଗୁଡ଼ିକ ଯେତେ କପୋଳକଳ୍ପିତ ହେଲେ ମଧ୍ୟ ଏବଂ କିମ୍ବଦନ୍ତୀ ଗୁଡିକର ମୂଳଭିତ୍ତି ଆଦୌ ନଥିଲେ ମଧ୍ୟ, ସେଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କଲେ ପ୍ରତ୍ୟେକ ପୁରାଣ ଓ କିଂବଦନ୍ତୀରେ ପ୍ରାଚୀନ ଐତିହାସିକ ବିବରଣୀ ଆଂଶିକ ବା ପୂର୍ଣ୍ଣଭାବରେ ରହିଥିବାର ଦେଖାଯାଏ । ଏହି ଦୃଷ୍ଟିରୁ

ପ୍ରାଚୀନଦୀର ପ୍ରାଚୀନତ୍ୱ ସମ୍ବନ୍ଧରେ ଯେଉଁ 'ପ୍ରାଚୀମାହାତ୍ମ୍ୟ' ଉପପୁରାଣ ଲେଖାଅଛି, ତାହାହିଁ ଆମ୍ଭମାନଙ୍କୁ କେତେକ ଐତିହାସିକ ଉପାଦାନ ଯୋଗାଇ ଥାଏ ।

**ପ୍ରାଚୀମାହାତ୍ମ୍ୟ**—ସଂସ୍କୃତ ଓ ଓଡ଼ିଆ 'ପ୍ରାଚୀମାହାତ୍ମ୍ୟ' ଆଧୁନିକ ଯୁଗର ଲେଖା ହେଲେହେଁ, ତାହା ସଂସ୍କୃତ ପଦ୍ମପୁରାଣକୁ ଅନୁକରଣ କରି ଲେଖାଯାଇଥିବାରୁ ତାହାର ବିଷୟଗୁଡ଼ିକ ପୌରାଣିକ ଯୁଗର ଘଟଣାକୁ ନେଇ ଲେଖାଯାଇଥିବାର ସମ୍ଭବ । ଏହି ଗ୍ରନ୍ଥରେ ପ୍ରାଚୀ ନଦୀର ଉତ୍ପତ୍ତି ସମ୍ବନ୍ଧରେ ନିମ୍ନ ବିବୃତି ଦିଆଯାଇଛି—

ସତ୍ୟଯୁଗରେ ବ୍ରହ୍ମାଙ୍କ କମଣ୍ଡଳୁର ପାଣି ତଳେ ପଡ଼ି 'ସରସ୍ୱତୀ' ନାମକ ନଦୀ ଜାତ ହୋଇଥିଲା । ଏହି ସରସ୍ୱତୀ ପଶ୍ଚିମ ଦିଗକୁ ଯାଇ ସେଠାରେ ସମୁଦ୍ର ସଙ୍ଗେ ମିଶିଥିଲା—

"ସେ ଜଳ ଅଧୋଭାଗେ ପଡ଼ି, ପଶ୍ଚିମ ଦିଗେ ଗଲା ମାଡ଼ି,<br>ନାମ ହୋଇଲା ସରସ୍ୱତୀ, ସ୍ୱର୍ଗରେ କରନ୍ତି ମୁକତି ।"<br>(ପ୍ରାଚୀମାହାତ୍ମ୍ୟ ୧ମ ଅଧ୍ୟାୟ)

ଏହି ସରସ୍ୱତୀ ନଦୀର 'ମହାନଦୀ' 'ଭଦ୍ରା', ଓ 'ଶତୋଦ୍ଭବା' ବୋଲି ଆଉ ତିନୋଟି ନାମ ମଧ୍ୟ ଥିଲା ।

ପ୍ରାଚୀମାହାତ୍ମ୍ୟ ଅନୁସାରେ ସରସ୍ୱତୀଙ୍କ ବାସସ୍ଥାନ 'କନକଗିରି' ଓ ସେଠାରୁ ସେ ପଶ୍ଚିମମୁଖୀହୋଇ ବହିଯାଉଥିଲେ—

"କନକଗିରି ପଶ୍ଚିମରେ, ସକଳତୀର୍ଥ ସେହିଠାରେ ।<br>ନାମ ତାଙ୍କର ସରସ୍ୱତୀ, ଦର୍ଶନେ ଦିଅନ୍ତି ମୁକତି ।<br>ପଶ୍ଚିମ ରତ୍ନାକରେ ମିଶି, ପ୍ରଭାବଗଣରେ ଉଲ୍ଲାସି ।"<br>(ପ୍ରା· ମା. ୨ୟ ଅଧ୍ୟାୟ)

ସରସ୍ୱତୀ ନଦୀ ଜାତ ହେବାର କେତେକାଳ ପରେ ମହାଦେବଙ୍କର ରେତଃ ପଡ଼ି ସମୁଦ୍ରରେ ବାଡ଼ବାନଳ ଜନ୍ମି ଥିଲା । ଏହି ବାଡ଼ବାନଳ ଯୋଗୁ

ଜଗତର ସବୁ ପ୍ରାଣୀ ଭୟରେ ଥରୁଥିଲେ । ସେମାନଙ୍କୁ ରକ୍ଷା କରିବାପାଇଁ ବାଡ଼ବାନଳକୁ କପରି ଲିଭାଇବାକୁ ହେବ ଏ ବିଷୟରେ ଦେବଲୋକରେ ଘୋର ଭାବନା ପଡ଼ିଥିଲା । ସକଳ ଦେବଗଣ ବ୍ରହ୍ମାଙ୍କୁ ଘେନି ଇନ୍ଦ୍ର, ବରୁଣ, ଗଙ୍ଗା, ଯମୁନା ଓ ନର୍ମଦା ପ୍ରଭୃତି ଦେବଦେବୀଙ୍କୁ ଦେଖା କରି ବାଡ଼ବାନଳ ଲିଭାଇବା ପାଇଁ ସ୍ତୁତି କରିଥିଲେ, କିନ୍ତୁ କୌଣସି ଦେବଦେବୀ ସେହି କାର୍ଯ୍ୟ କରିବାକୁ ସକ୍ଷମ ହୋଇ ନ ଥିଲେ । ପରେ ବ୍ରହ୍ମାଙ୍କ ଆଦେଶ ମତେ ସମସ୍ତେ ଯାଇ କନକଗିରିର ପଶ୍ଚିମରେ ଥିବା ସରସ୍ୱତୀଙ୍କୁ ଦେଖା କଲେ । ଦେବଦେବୀଙ୍କ ଏହି ଅନୁରୋଧ ରକ୍ଷା କରି ସରସ୍ୱତୀ ପଶ୍ଚିମ ଦିଗରୁ ପାତାଳ ପୁର ମାର୍ଗ ଦେଇ ପୂର୍ବମୁଖୀ ହୋଇ ଅସିଥିଲେ । ଏଣୁ ପୂର୍ବମୁଖୀ ହେବାରୁ ସରସ୍ୱତୀଙ୍କର ଅନ୍ୟ ଏକ ନାମ 'ପ୍ରାଚୀ' ହୋଇଥିଲା ।

"ଏ ରୂପେ ସଙ୍ଗେ ସୁର ଘେନି, ଚଳିଲେ ଭୁବନ ପାବନୀ ।
କନକଗିରି ଶୃଙ୍ଗେ ହେଲେ, ସେଠାରୁ ପାତାଳକୁ ଗଲେ ।
ପାତାଳପୁର ମାର୍ଗେ ଯାଇ, ପୂର୍ବଦିଗକୁ ମୁଖ ହୋଇ ।
ଚଳିଲେ ପ୍ରାଚୀ ସରସ୍ୱତୀ, କିନ୍ନରବର କରେ ସ୍ତୁତି ।
ପାତାଳପୁର ମାର୍ଗେ ହୋଇ, ପ୍ରବେଶ ସିଦ୍ଧ ବନେ ଯାଇ ।
ଯହିଁ କପିଳ ମୁନିବର, ସିଦ୍ଧଙ୍କୁ ଘେଇ ସଙ୍ଗତର ।"
(ପ୍ରା.ମା. ୩ୟ ଅଧ୍ୟାୟ)

କନକଗିରି ଗୁଡ଼ ସରସ୍ୱତୀ ପାତାଳପୁର ଦେଇ ଆସି ଯେଉଁ ସ୍ଥାନରେ ପୂର୍ବମୁଖୀ ହୋଇ ଦେଖାଦେଲେ, ସେହି ସ୍ଥାନରେ ସିଦ୍ଧବନ ଥିଲା ଏବଂ ସେହି ବନରେ କପିଳମୁନି ବ୍ରହ୍ମାଙ୍କ ସକାଶେ ତପସ୍ୟା କରୁଥିଲେ । ସରସ୍ୱତୀ ପ୍ରାଚୀ ହୋଇ ଆବିର୍ଭୂତା ହେବା ପରେ ତାହାଙ୍କୁ ଦେଖି କପିଳମୁନି ସେହି ସ୍ଥାନରେ ଗୋଟିଏ ଶିବଲିଙ୍ଗ ସ୍ଥାପନ କରିଥିଲେ । ଏହି ଲିଙ୍ଗର ନାମ 'କପିଳେଶ୍ୱର' ଏବଂ ସେଠାର ପ୍ରାଚୀତୀର୍ଥକୁ 'ମୁକ୍ତିତୀର୍ଥ' କୁହାଯାଇଥିଲା । ଏ ବିଷୟରେ ବ୍ରହ୍ମା କପିଳମୁନିଙ୍କୁ କହିଥିଲେ ।

"ବିଶେଷେ ପ୍ରାଚୀ ସରସ୍ୱତୀ, କୂଳେ କରିବ ତୁମ୍ଭେ ସ୍ଥିତି ।
ସେଠାରେ ହରଙ୍କୁ ସ୍ଥାପିବ, କପିଳେଶ୍ୱର ନାମ ଦେବ ।

ଯାବତ ଥିବ ଏ ମେଦିନୀ, ରହିବ ତୁମ୍ଭ ନାମ ଘେନି ।
ବିନ୍ଧ୍ୟାଚଳରୁ ଶିଳା ନିଅ, ସେଠାରେ ମନ୍ଦିର କରାଅ ।
ମନ୍ଦିରେ ରଖି ହରିରୂପ, କୃତାର୍ଥ କର ନିଜରୂପ ।"

× × ×

" ମୁକ୍ତିତୀର୍ଥରେ ସ୍ନାନକଲେ, ସର୍ବ ନୁହଇ ତାଙ୍କୁ ଭଲେ ।
ଏମନ୍ତ ମହିମା ଯାହାର, ଶୁଣ କପିଳ ଦ୍ୱିଜବର ।"
(ପ୍ରା. ମା. ୩ୟ ଅଧ୍ୟାୟ)

ବର୍ତ୍ତମାନ 'ସିଦ୍ଧବନ', 'କପିଳମୁନିଙ୍କ ଆଶ୍ରମ' ଏବଂ 'କପିଳେଶ୍ୱର ମହାଦେବ'ଙ୍କ ମନ୍ଦିର କେଉଁସ୍ଥାନରେ ଥିଲା ବା ଅଛି, ତାହା ସ୍ଥିରକଲେ ପ୍ରାଚୀନଦୀର ପ୍ରକୃତ ଉତ୍ପତ୍ତି ସ୍ଥାନ ଜଣାଯିବ । ଏ ବିଷୟ "ପ୍ରାଚୀତୀରର ଦ୍ୱାଦଶ ଶମ୍ଭୁ" ଅଧ୍ୟାୟରେ ଆଲୋଚିତ ହେବ ।

ପ୍ରାଚୀ ନଦୀର ନାମକରଣ ଓ ଉତ୍ପତ୍ତି ସମ୍ବନ୍ଧରେ ପ୍ରାଚୀ-ମାହାତ୍ମ୍ୟରେ ଯାହା ପୌରାଣିକ ଇତିବୃତ୍ତ ଥିଲା ତାହା ଉପରେ କୁହାଗଲା । ଐତିହାସିକ ସତ୍ୟତା ପ୍ରମାଣ କରିବା ପାଇଁ ଯେଉଁମାନେ ପୌରାଣିକ ଇତିବୃତ୍ତକୁ ବିଶ୍ୱାସ କରନ୍ତି ସେମାନେ ପ୍ରାଚୀମାହାତ୍ମ୍ୟର ଉପର୍ଯ୍ୟୁକ୍ତ ଲେଖାକୁ ହିଁ ଗ୍ରହଣ କରିବାକୁ ହେବ । କାରଣ ପ୍ରାଚୀନଦୀ ସମ୍ବନ୍ଧରେ ପ୍ରାଚୀ ମାହାତ୍ମ୍ୟ ବ୍ୟତୀତ ଅନ୍ୟ କୌଣସି ପୁରାଣରେ ଏପରି ବିବରଣୀ ଥିବାର ଜଣାଯାଏ ନାହିଁ ।

**ଭାଗବତ ପ୍ରଭୃତି**— ଆମ ଦେଶର କେତେକ ଐତିହାସିକ ବିଶ୍ୱାସ କରନ୍ତି ଯେ 'ପ୍ରାଚୀନଦୀ'ର ନାମ ପୌରାଣିକ ଯୁଗର ପ୍ରଚେତ ଦଶଭାଇଙ୍କ ନାମାନୁସାରେ ଦିଆଯାଇଥିବ । ଏହି ପ୍ରଚେତ ବା ପ୍ରଚେତା-ମାନଙ୍କ ସମ୍ବନ୍ଧରେଶ୍ରୀମଦ୍ ଭାଗବତ ୪ର୍ଥ ସ୍କନ୍ଧ ତ୍ରିଂଶ ଅଧ୍ୟାୟରେ ଏବଂ ବାୟୁପୁରାଣ ଓ ବ୍ରହ୍ମାଣ୍ଡ ପୁରାଣରେ କେତେକ କଥା ଲେଖାଯାଇଛି । ପ୍ରଚେତମାନେ କୌଣସି ସମୁଦ୍ରହ୍ରଦରୁ ଆସି ଗୋଟିଏ ବିସ୍ତୃତ ଭୂଭାଗରେ-

ଥିବା ଆଦିମ ଲୋକମାନଙ୍କୁ ହତ୍ୟାକରି ସେହି ରାଜ୍ୟ ଦଖଲକରି ନିଜର ରାଜତ୍ୱ ସ୍ଥାପନ କରିଥିବାର ଲେଖାଅଛି, କିନ୍ତୁ ସେମାନେ ପ୍ରକୃତରେ କେଉଁ ଦେଶର ଲୋକ, ଅଧିକାର କରିଥିବା ପ୍ରଦେଶ କେଉଁଠି ଏବଂ ସେମାନଙ୍କ ନାମାନୁସାରେ ଯେ ପ୍ରାଚୀନଦୀର ଏପରି ନାମକରଣ ହୋଇଥିଲା ଏକଥା କୌଣସି ପୁରାଣରେ ଦେଖାଯାଏ ନାହିଁ । ଏପରି ସ୍ଥଳେ ପୌରାଣିକ ଯୁଗର ପ୍ରଚେତାମାନଙ୍କ ନାମାନୁସାରେ ଏହି ନଦୀର ଏପରି ନାମ ହେବା କଥା ଆଦୌ ବିଶ୍ୱାସ ଯୋଗ୍ୟ ନୁହେଁ ବୋଲି କୁହାଯାଇପାରେ (*)

**ରାମାୟଣ ଓ ମହାଭାରତ**— ପ୍ରାଚୀମାହାତ୍ମ୍ୟରେ ଅଯୋଧ୍ୟା ରାଜପୁତ୍ର ଶ୍ରୀ ରାମଚନ୍ଦ୍ର ଏବଂ ପଞ୍ଚ ପାଣ୍ଡବମାନଙ୍କର ବନବାସ ସମୟର କେତେକ କଥା ଲେଖାଯାଇଛି । ବନବାସକୁ ଯାଉ ଯାଉ ସେମାନେ ପ୍ରାଚୀନଦୀତୀରକୁ ଆସି ଏଠାରେ ଏକାଧିକ ଶିବ ଓ ବିଷ୍ଣୁ ପ୍ରତିମା ସ୍ଥାପନ କରିଥିବାର ଏବଂ ଏଠାର ତୀର୍ଥସ୍ଥାନ ଗୁଡିକରେ ନିଜର ପିତୃପୁରୁଷମାନଙ୍କ ପାଇଁ ଶ୍ରାଦ୍ଧ ଓ ଯଜ୍ଞ ପ୍ରଭୃତି କରିଥିବାର ମଧ୍ୟ ଲେଖାଅଛି । ଏହି ପ୍ରାଚୀକୂଳର ଏକ ଶିବଙ୍କଠାରେ ଘୋର ତପସ୍ୟା କରି ଲଙ୍କାଧିପତି ରାବଣ 'ଅମର ବର' ପାଇଥିବା ଓ ସେହି କାରଣରୁ ଏହି ଶିବଙ୍କ ନାମ 'ଅମରେଶ୍ୱର' ହେବାକଥା ଏକ ଅଧ୍ୟାୟରେ ବର୍ଣ୍ଣିତ ଅଛି । ପାଣ୍ଡବ ବନ୍ଧୁ ଶ୍ରୀକୃଷ୍ଣ ପ୍ରାଚୀତୀରର ଶିବଙ୍କଠାରେ ତପସ୍ୟା କରି, ଚକ୍ର ଲାଭ କରିଥିବାରୁ ସେହି ଶିବଙ୍କ ନିକଟବର୍ତ୍ତୀ ପ୍ରାଚୀତୀର୍ଥକୁ 'ଚକ୍ରତୀର୍ଥ' କୁହାଯାଇଛି । ଗୋଟିଏ ଅଧ୍ୟାୟରୁ ଜଣାଯାଏ ଯେ ଶିବ ପାର୍ବତୀଙ୍କୁ ବିବାହକଲା ପରେ ଏହି ପ୍ରାଚୀତୀରକୁ ଆସି ଏଠାରେ ନିଜପାଇଁ ଗୋଟିଏ ଅତିସୁନ୍ଦର ଗ୍ରାମ ସ୍ଥାପନ କରି ସେହି ଗ୍ରାମରେ ଶିବଙ୍କୁ ପ୍ରତିଷ୍ଠା କରିଥିଲେ । ସେହି କାରଣରୁ ଏଠାରେ ଶିବଙ୍କ ନାମ 'ଗ୍ରାମେଶ୍ୱର' ହୋଇଥିଲା । ଗୋଟିଏ କିଂବଦନ୍ତୀରୁ ଜଣାଯାଏ ଯେ ପ୍ରାଚୀତୀରର ତ୍ରିବେଣୀ ନିକଟବର୍ତ୍ତୀ

---

(*) ପ୍ରଚେତାମାନଙ୍କ ସମ୍ବନ୍ଧରେ ଏପରି ଅନୁମାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଶ୍ରୀଯୁକ୍ତ ନାରାୟଣ ତ୍ରିପାଠୀ ବି.ଏ. ଜଣେ । ସେ ତାହାଙ୍କର ଖଣ୍ଡିଏ ପତ୍ରରେ ଏକଥା ମୋ ପାଖକୁ ଲେଖିଥିଲେ, କିନ୍ତୁ ପରେ ସେ ନିଜେ ନିଜର ଅନୁମାନ ଭ୍ରମାତ୍ମକ ବୋଲି କହନ୍ତି ।

ଗୋଟିଏ ମନୋରମ ଅରଣ୍ୟରେ ଶିଆଳି ଲତାରେ ଶ୍ରୀକୃଷ୍ଣ ଶୟନ କରିଥିବା ସମୟରେ ତାହାଙ୍କୁ ଜରାଶବର ଶରଦ୍ୱାରା ଆଘାତକରି ମାରିଥିଲା । ଏପରି ଅସଂଖ୍ୟ ପୌରାଣିକକଥା ଓ କିଂବଦନ୍ତୀ ପ୍ରାଚୀମାହାତ୍ମ୍ୟରୁ ଏବଂ ସ୍ଥାନୀୟ ଲୋକମାନଙ୍କଠାରୁ ଶୁଣିବାକୁ ପାଉ । କିନ୍ତୁ ପ୍ରକୃତରେ ରାମାୟଣ ଓ ମହାଭାରତର ମୂଳଗ୍ରନ୍ଥଗୁଡ଼ିକୁ ଦେଖିଲେ ଏସବୁ ବର୍ଣ୍ଣନାର ସତ୍ୟତା ଜାଣିହେବ । ଏକ୍ଷଣି ବଜାରରେ ଯେଉଁ କେତେଖଣ୍ଡ ରାମାୟଣ ଓ ମହାଭାରତ ଗ୍ରନ୍ଥ ବିକ୍ରି ହେଉଛି, ସେଗୁଡ଼ିକରେ ଏ ଶ୍ରେଣୀର ପୌରାଣିକ ବର୍ଣ୍ଣନା ଦେଖାଯାଏ ନାହିଁ ତଥା, ତହିଁ ସଂଗେ ସଂଗେ ସେପରି କୌଣସି ଗ୍ରନ୍ଥରେ ମଧ୍ୟ 'ପ୍ରାଚୀନଦୀ'ର ନାମ ଦେଖାଯାଏ ନାହିଁ । ଏହି କେତେକ କାରଣରୁ ପ୍ରାଚୀନଦୀର ପ୍ରାଚୀନତ୍ୱ ସମ୍ବନ୍ଧରେ କେବଳ ପ୍ରାଚୀମାହାତ୍ମ୍ୟରେ ବର୍ଣ୍ଣିତ ବିଷୟ ବ୍ୟତୀତ ଅନ୍ୟ କୌଣସି ପୁରାଣର ବିଷୟଗୁଡ଼ିକୁ ବିଶ୍ୱାସ କରିହୁଏ ନାହିଁ ।

**ଐତିହାସିକ ପ୍ରମାଣ**—ପ୍ରାଚୀନଦୀ ପ୍ରକୃତରେ କେଉଁ ଯୁଗରେ ସୃଷ୍ଟି ହୋଇଛି, ଏକଥା ପୌରାଣିକ ବର୍ଣ୍ଣନା ଉପରେ ନିର୍ଭର କରି ଠିକ୍‌ଠିକ୍ କହିବା ସହଜ ନ ହେଲେ ମଧ୍ୟ ଏକାଧିକ ଐତିହାସିକ ପ୍ରମାଣ ଦ୍ୱାରା ଏହାର ପ୍ରକୃତ ସମୟ ଠିକ କରିବା ସମ୍ଭବ ଦେଖାଯାଏ । ଅବଶ୍ୟ ଏଦିଗରେ ଆମଦେଶର (ଓଡ଼ିଶାର) କୌଣସି ଐତିହାସିକ ଚେଷ୍ଟା କରି ନାହାନ୍ତି, ଏବଂ ଯେଉଁ କେତେକ ବଙ୍ଗୀୟ, ବିହାରୀୟ ଏବଂ ପାଶ୍ଚାତ୍ୟ ଐତିହାସିକ ପ୍ରାଚୀନଦୀ ସମ୍ବନ୍ଧରେ ଥରେ ଅଧେ ଭାବିଛନ୍ତି ସେମାନେ ଏକାଧିକ ଭୁଲମାର୍ଗରେ ଗତି କରି ଏହି ସମସ୍ୟାଟିକୁ ଆହୁରି ଜଟିଳ କରିଦେଇଛନ୍ତି । ନିମ୍ନରେ ସେମାନଙ୍କର ସବୁ ଲେଖାର ଆଲୋଚନା କରି ପ୍ରକୃତରେ ପ୍ରାଚୀନଦୀ କେଉଁ ଯୁଗରୁ ଥିଲା, ସେ କଥା ସ୍ଥିର କରାଯିବ ।

**ପୁରୀ ଜିଲ୍ଲାରେ ପ୍ରାଚୀନଦୀର ବିଶେଷତ୍ୱ**—ଆଜିକାଲି ପୁରୀ ଜିଲ୍ଲାର ଯେଉଁ କେତୋଟି ବଡ଼ନଦୀ ଦେଖାଯାଏ, ସେ ଗୁଡ଼ିକ କାଠଯୋଡ଼ି ନଦୀର ପ୍ରଧାନ ଶାଖା 'କୁଆଖାଇ'ରୁ ବାହାରି ଅଛି । କୁଆଖାଇ ନଦୀର ମୁହଁ ବନ୍ଦକଲେ ଏହି ଜିଲ୍ଲାର ସଦରଉପବିଭାଗ ଜଳଶୂନ୍ୟ

ହେବା ସନ୍ଦେହ ନାହିଁ, କିନ୍ତୁ ଦିନ ଥିଲା ଯେତେବେଳେ କୁଆଖାଇର ଜନନୀ କାଠଯୋଡ଼ି ଅତି ଛୋଟିଆ ନଦୀ ଥିଲା । ଏପରି କି ଦୁଇଖଣ୍ଡ କାଠ ଯୋଡ଼ିଦେଇ ଲୋକମାନେ ଏହି ନଦୀ ପାର ହେଉଥିଲେ । ସେହି କାରଣରୁ ଏହାର ଏପରି ନାମ ହୋଇଥିଲା । କାଠଯୋଡି ନଦୀ ଯେତେ ବେଳେ ଅତି ଛୋଟଥିଲା ଠିକ୍ ତାହାର ବହୁ ପୂର୍ବରୁ ପ୍ରାଚୀନଦୀ ପୁରୀଜିଲ୍ଲାର ଅତି ପ୍ରସିଦ୍ଧ ଓ ପ୍ରଧାନ ନଦୀ ଥିଲା । ଏହା ସମ୍ଭବତଃ ଖ୍ରୀଷ୍ଟପୂର୍ବ ଦୁଇ ତିନି ଶତବର୍ଷ ଆଗର କଥା । ଏ ସମ୍ବନ୍ଧରେ ପୁରୀ ଜିଲାର ଗେଜେଟିଏର ଲେଖକ ଓମାଲି ସାହେବ ଲେଖିଛନ୍ତି—

"It has been surmised that it (The Prachi River) was formerly the principal drainage Channel of the district"

(Puri Dist gagetteer P.13-1908th Edu)

ପୁଣି ଲେଖାଅଛି ।

There was formerly a large river flowing the sea along the cause followed by the Prachi. Which has been filled up, **while the other Channels have not developed** ! × × It is probable there fore that at some period, more or less remote, **there must have been a large river** where the Prachi new flows, and that this was the channel by which part of the water which how passes through and over the Puri District then found its way to the sea. "

(Ifid, p. q of 1929 th Edu)

ଏସବୁ ଲେଖାରୁ ସ୍ପଷ୍ଟ ଦେଖାଯାଏ ଯେ ପୁରୀ ଜିଲାର ଆଧୁନିକ ସବୁ ବଡ ନଦୀ ଯଥାः—କୁଆଖାଇ, କୁଶଭଦ୍ରା, ଦୟା ଓ ଭାର୍ଗବୀ ପ୍ରଭୃତି ସୃଷ୍ଟିହେବା ପୂର୍ବରୁ ପ୍ରାଚୀନଦୀ ଅତି ବଡ ନଦୀ ଥିଲା ଏବଂ ଏହି ନଦୀ ଦେଇ ଏ ଜିଲ୍ଲାର ସବୁଜଳ ସମୁଦ୍ରକୁ ଯାଉଥିଲା । ଅନ୍ତତଃ ଆଜିକାଲି ଯେଉଁଠାରେ

ପ୍ରାଚୀନଦୀ ଅଛି ସେଠାରେ ପୂର୍ବେ ଗୋଟିଏ ଅତି ବଡ଼ ନଦୀ ପ୍ରବାହିତ ହେଉଥିଲା ।

**ପ୍ରାଚୀନ ଇତିହାସରୁ କେତେକ ପ୍ରମାଣ—** ଏହି ଅବସ୍ଥାରେ ପୁରୀ ଜିଲାର ଅତି ପ୍ରାଚୀନ ଇତିହାସରୁ କେତୋଟି ବିଷୟ ଆଲୋଚନା କରାଯିବ ।

**କଳିଙ୍ଗରେ ନନ୍ଦ ରାଜତ୍ୱ—** ଓଡ଼ିଶାର ପ୍ରାଚୀନ ଇତିହାସରୁ ଜଣାଯାଏ ଯେ ମଗଧର ନନ୍ଦରାଜାମାନେ ଖ୍ରୀଷ୍ଟପୂର୍ବ ୩୭୦ ସମୟରେ ପ୍ରାଚୀନ ଓଡ଼ିଶା ବା କଳିଙ୍ଗକୁ ଅଧିକାରକରି ଏଠାର ତୋଷାଳୀ ନାମକ ସ୍ଥାନରେ ନିଜର ରାଜଧାନୀ ସ୍ଥାପନ କରିଥିଲେ । ନନ୍ଦବଂଶରେ ୯ଜଣ ରାଜା ରାଜୁତି କରିଥିଲେ, ଏବଂ ସେମାନଙ୍କର ଶେଷ ରାଜା ଯାଏ, "ଅର୍ଥାତ୍ ଖ୍ରୀ.ପୂ. ୩୭୦ ଠାରୁ ୩୨୨ ଯାଏ ଓଡ଼ିଶା ସେମାନଙ୍କର ଅଧୀନରେ ଥିଲେ ।

**ତୋଷାଳୀର ଅବସ୍ଥାନ—** ଆଧୁନିକ ଧଉଳୀ ପ୍ରାଚୀନ ତୋଷାଳୀ ଥିବାର ପଣ୍ଡିତମାନେ ସ୍ଥିର କରିଛନ୍ତି । ଏହି ଧଉଳୀ ପୁରୀଜିଲାର ଭୁବନେଶ୍ୱରରୁ ପ୍ରାୟ ୫/୬ ମାଇଲ ଦକ୍ଷିଣରେ ଅବସ୍ଥିତ । ଏଠାରେ ଗୋଟିଏ ଗ୍ରେଟ ଗ୍ରାମ 'ଧଉଳୀ ଗ୍ରାମ' ଏବଂ ସେହି ଗ୍ରାମର ପ୍ରାୟ ଏକ ମାଇଲ୍ ଦକ୍ଷିଣରେ ଦୁଇଟି ପାହାଡ଼ ବା ମୁଣ୍ଡିଆ ଅଛି । ଏ' ଦୁଇ ମୁଣ୍ଡିଆ ମଧ୍ୟରୁ ଉତ୍ତରଦିଗର ବଡ଼ ମୁଣ୍ଡିଅରେ ଗୋଟିଏ ଭଂଗା ଶିବମନ୍ଦିର ଏବଂ ଦକ୍ଷିଣର ଗ୍ରେଟ ମୁଣ୍ଡିଆରେ ମଗଧ ରାଜା ଅଶୋକଙ୍କର ଶିଳାଲିପିଅଛି । ଏହି ଗ୍ରେଟିଆ ମୁଣ୍ଡିଅର ଉପର ଭାଗରେ ଗୋଟିଏ ପ୍ରସ୍ତର ହାତୀ ଖୋଳା ଯାଇଛି । ସେଥିପାଇଁ ବୋଧହୁଏ ଏହି ଗ୍ରେଟିଆ, ପାହାଡ଼ର ନାମ 'ଅଶ୍ୱତ୍ଥାମା ପାହାଡ଼' ଦିଆଯାଇଛି । ଏ ଦୁଇ ମୁଣ୍ଡିଆର ପଶ୍ଚିମରେ ଉତ୍ତର-ଦକ୍ଷିଣମୁଖୀ ହୋଇ ଦୟା ନଦୀ ପ୍ରବାହିତ, ଏବଂ ଏହାର ଚତୁର୍ଦିଗରେ ବିସ୍ତୀର୍ଣ୍ଣ କୃଷକର୍ମ ଓ ପଡ଼ିଆ ଦେଖାଯାଏ । ଏହି ବିସ୍ତୀର୍ଣ୍ଣ ପ୍ରଦେଶ ଦେଖିଲେ ଏଠାରେ ଦିନେ ଗୋଟିଏ ଅତିବଡ଼ ରାଜଧାନୀ ଥିବାର ସ୍ପଷ୍ଟ ବୁଝାଯାଇପାରେ ।

**ରାଜଧାନୀ ପାଇଁ ପାଣି ନାଳ**— ନନ୍ଦବଂଶର ପ୍ରଥମ ରାଜା ଏଠାରେ ରାଜଧାନୀ ସ୍ଥାପନ କଲା ସମୟରେ ସମ୍ଭବତଃ ଆଧୁନିକ ଦୟା ଓ ଭାର୍ଗବୀନଦୀ ଏ ଅଂଚଳରେ ନଥିଲା । ନିଜ ରାଜଧାନୀରେ ଲୋକମାନଙ୍କର ଏହି ଜଳକଷ୍ଟ ଥିବାର ଅନୁଭବ କରି ପ୍ରଥମ ନନ୍ଦ ବା ନନ୍ଦବର୍ଦ୍ଧନ ଗୋଟିଏ 'କେନାଲ୍‌' ବା ପାଣିନାଳ ଖୋଳାଇଥିବାର ବର୍ଣ୍ଣିତ ଅଛି, (୧) କେତେକ ପଣ୍ଡିତ କହନ୍ତି ଏହି କେନାଲ୍‌ ସଂଭବତଃ ଆଧୁନିକ ଦୟା ନଦୀ ହେବ । କିନ୍ତୁ ଏହା ଆଦୌ ସଂଭବ ପରି ଦେଖାଯାଏ ନାହିଁ । କାରଣ, ପୂର୍ବରୁ କୁହାଯାଇଛି ଯେ ଆଧୁନିକ କାଠଯୋଡ଼ି ନଦୀ ସେ କାଳରେ ଅତି ସ୍ରୋତଥିଲା । ଏପରି ସ୍ରୋତନଦୀରୁ ଗୋଟିଏ ନାଳ ଖୋଳିବା ସୁବିଧା ଜନକ ନୁହେ । ପୁରୀଜିଲା ଗେଜେଟିଅର୍‌ ଲେଖକ ଯେଉଁ ନାଳ ପ୍ରାଚୀନଦୀଥିବା ସ୍ଥାନରେ ପୂର୍ବେ ଥିବାର ଲେଖିଛନ୍ତି, ସେହି ନାଳ ସଂଭବତଃ ମହାନଦୀରୁ ଖୋଳାଇଥିଲେ, ତାହା ନରାଜର ଆହ୍ରଦ ଉପରୁ ଖୋଳାଯାଇଥିଲା । ସେହି ନାଳହିଁ ପୂର୍ବେ ପ୍ରାଚୀନଦୀର ଉତ୍ପତ୍ତିସ୍ଥାନ ହୋଇଥିବା ସଂଭବ । ଏ ସମ୍ବନ୍ଧରେ ଗୋଟିଏ ଅନୁସନ୍ଧାନ ବିବରଣୀ ନିମ୍ନରେ ଉଲ୍ଲେଖ କରିବା:—

**ସୁଧାକର ବାବୁଙ୍କ ଚୁଡ଼ଙ୍ଗ ଦୁର୍ଗର ବିବରଣୀ**—ଐତିହାସିକ ସବ ଡିପୋଟି ଶ୍ରୀଯୁକ୍ତ ସୁଧାକର ପଟ୍ଟନାୟକ ବି·ଏ. ଗତ ୧୯୩୦ ଖ୍ରୀଷ୍ଟାବ୍ଦରେ ଭୁବନେଶ୍ୱର ନିକଟବର୍ତ୍ତୀ 'ଚୁଡ଼ଂଗ ଦୁର୍ଗ' ସମ୍ବନ୍ଧରେ ଯେଉଁ ଅନୁସନ୍ଧାନକରି ତାହାଙ୍କର ବିବରଣୀ ଲେଖିଥିଲେ ସେହି ବିବରଣୀର ୨/୩ ପୃଷ୍ଠାରେ ଲେଖିଛନ୍ତି—

"× × the vow almost silted up Barang river which then ran close by . This river originally had is head at **'D'ak A'mba'**, a mile or so above Naraj and there tranched from Mahanadi . In good olden

---

(୧) କଳିଂଗ ରାଜଚକ୍ରବର୍ତ୍ତୀ ଖାରବେଳଙ୍କର ହାତୀଗୁଂଫା ଶିଳାଲିପିର ଷଷ୍ଠଧାଡ଼ି ଦେଖନ୍ତୁ ।

days, it is believed, when the Khathjori was but a small streamlet fardable my means of two bieces of logs reaching both sides from whence the name (Kath=log, wood and Jori=a pair) half the water of the Mohanadi used to be carried by this river and in the lower reaches this river went by the name of the sacred Prachi having, it is said, a sacred firth or shrime at each and every of it curves down to the famous Konarak, as mentioned in the Sacred work the Prachi mohatmiya. With the closing of the head at D'ak A'mba the river was gradually silted up and we now find only pools of water of various detph here and there through its bed ."

("Extract from A report on the Ancient fort of Churang" by MrS. Patnaik" B.A. 1930)

ଉପର୍ଯ୍ୟୁକ୍ତ ବିବରଣୀରୁ ସ୍ପଷ୍ଟ ଜଣାଯାଏ ଯେ ନରାଜର ପ୍ରାୟ ଏକ ମାଇଲ ଉର୍ଦ୍ଧ୍ୱରେ ମହାନଦୀର ଦକ୍ଷିଣ ତୀର 'ଡାକଆମ୍ବା' ନାମକ ସ୍ଥାନରୁ ଗୋଟିଏ କେନାଲ ଖୋଳା ଯାଇଥିଲା । ଏହି କେନାଲ ଚୂଡ଼ଙ୍ଗ ଦୁର୍ଗର ଉପତଟରେ ଥିବା 'ବାରଙ୍ଗ ନଦୀ' ରୂପେ ପ୍ରବାହିତ ହୋଇ ସମ୍ଭବତଃ ତୋଷାଳୀ ବା ଧଉଳୀ ରାଜଧାନୀ ଯାଏ ବ୍ୟାପିଥିଲା । ଏହାକୁ ହିଁ ନନ୍ଦବର୍ଦ୍ଧନ ରାଜା ନିଜ ରାଜୁତିରେ ଖ୍ରୀ· ପୂ: ୩୬୦ ପରେ ଖୋଳଇ ଥିବାର ବିଶ୍ୱାସ ହୁଏ । ପରେ ଏହି ନାଳରୁ କଳିଙ୍ଗ ରାଜଚକ୍ରବର୍ତ୍ତୀ ଖାରବେଳ ଆଉ ଏକ ନଦୀ ଖୋଳାଇ ନିଜ ରାଜଧାନୀ ଯାଏ ନେଇଥିଲେ ।

**ପ୍ରାଚୀନଦୀ ଖାରବେଳଙ୍କ କୀର୍ତ୍ତି** ପ୍ରାଚୀମାହାତ୍ମ୍ୟରେ ବର୍ଣ୍ଣିତ 'ସିଦ୍ଧବନ', 'କପିଳ ମୁନିଙ୍କ ଆଶ୍ରମ' ଏବଂ ସେହି ମୁନିଙ୍କଦ୍ୱାରା ପ୍ରତିଷ୍ଠିତ । 'କପିଳେଶ୍ୱର ମହାଦେବ' ପ୍ରଭୃତି ଆଧୁନିକ ଯୁଗର ଫୁଲନଖରା-ନିଆଳୀ ସଡ଼କର ୧୪।୧୫ ମାଇଲ ମଧ୍ୟରେ ଥିଲା । କାରଣ ଏହିଠାରେ ହିଁ କପିଳ ମୁନିଙ୍କ ପ୍ରତିଷ୍ଠିତ କପିଳେଶ୍ୱର ମହାଦେବଙ୍କ ମନ୍ଦିର ଅଛି ଏବଂ ଏହି ମହାଦେବ ଥିବା ସ୍ଥାନରୁ 'ପ୍ରାଚୀନଦୀ'ର ନାମ ଶୁଣାଯାଏ । ଏଠାରୁ ପ୍ରାଚୀ ନଦୀ ପ୍ରାୟ ୩୦ ମାଇଲ ଯାଏ ପୂର୍ବ ଦକ୍ଷିଣ ଦିଗକୁ ବ୍ୟାପି ବଙ୍ଗୋପ-

ସାଗରରେ ପଡ଼ୁଛି । ଫୁଲନଖରା ନିଆଳି ସଡ଼କର ଯେଉଁ ସ୍ଥାନରୁ 'ପ୍ରାଚୀ' ନାମ ଶୁଣାଯାଏ, ତାହାର ଉପର ଭାଗରେଥିବା ନଦୀର ନାମ 'ଶୋଲ' । ଏହି 'ଶୋଲ' ପୁରୀ-କଟକ ଜଗନ୍ନାଥ ସଡ଼କର ୪୩ ମାଇଲ ଠାରୁ ବାହାରି ପ୍ରାୟ ୧୪ ମାଇଲ ଯାଏ ଯାଇ ସେଠାରେ ପ୍ରାଚୀନଦୀ ସଙ୍ଗେ ମିଶିଛି କିଂବା ସେଠାରୁ ତାହାର ନାମ ପ୍ରାଚୀନଦୀ ହୋଇଛି । ଜଗନ୍ନାଥ ସଡ଼କର ପୂର୍ବରେ 'ଶୋଲ' ନଦୀର ଉତ୍ପତ୍ତି ଏବଂ ସେଇ ସଡ଼କର ପଶ୍ଚିମରେ କୁଆଖାଇ ନଦୀ ପ୍ରବାହିତ । କୁଆଖାଇର ପଶ୍ଚିମରେ ପ୍ରାୟ ୫/୬ ମାଇଲ ଦୂରରେ, ପୂର୍ବୋକ୍ତ 'ବାରଙ୍ଗ ନଦୀ' ଏବଂ ବାରଙ୍ଗ ନଦୀର ପ୍ରାୟ ୫/୬ମାଇଲ ପଶ୍ଚିମରେ 'ଢ଼ାକଆମ୍ବା' ନିକଟବର୍ତ୍ତୀ ମହାନଦୀ ଅଛି । ଏସବୁ ସ୍ଥାନଗୁଡ଼ିକ ଦେଖିଲେ ସ୍ପଷ୍ଟ କୁହାଯାଇ ପାରେ ଯେ ମହାନଦୀରୁ ଯେଉଁ ନାଳ ନନ୍ଦବର୍ଦ୍ଧନ ପ୍ରଥମେ ଖୋଳାଇ ଥିଲେ ସେହି ନାଳ କ୍ରମେ କ୍ରମେ ନିମ୍ନକୁ ଯାଇ 'ବାରଙ୍ଗ ନଦୀ', 'କୁଅଖାଇ ନଦୀ' 'ଶୋଲ ନଦୀ' ଓ 'ପ୍ରାଚୀନଦୀ' ହୋଇଥିଲା । ନନ୍ଦବର୍ଦ୍ଧନ ପ୍ରଥମ ଓ ଦ୍ୱିତୀୟ ନଦୀ ଖୋଳାଇ ମହାନଦୀର ପାଣିକି ନିଜରାଜଧାନୀ ତୋଷାଳୀ ବା ଆଧୁନିକ ଧଉଳୀ ଯାଏ ଅଣାଇଥିଲେ । ପରେ ଖାରବେଳ କୁଆଖାଇ ନଦୀରୁ ଶୋଲ ଓ ପ୍ରାଚୀନଦୀ ଖୋଳାଇ ନିଜ ରାଜଧାନୀ ଯାଏ ନେଇଥିଲେ । ନନ୍ଦବର୍ଦ୍ଧନ ଖୋଳାଇବା ନାଳକୁ ପୁଣି ବିସ୍ତୃତ କରି ଖାରବେଳ ଖୋଳାଇଥିବା ବିଷୟ ଖାରବେଳଙ୍କ ହାତୀଗୁମ୍ଫା ଲିପିର ୬ଷ୍ଠ ଧାଡ଼ିରେ ସ୍ପଷ୍ଟ ଲେଖାଅଛି । ଏହି ଲିପିର ୬ଷ୍ଠ ଧାଡ଼ି—

> "ପଞ୍ଚମେ ଚେଦାନୀ ବସ ନନ୍ଦରାଜା ତିବସ ସତ ଅଘାଟିତମ୍-
> ତନୁସୂଲ୍ୟା ଓ୍ୱାଟା-ପାନାଡ଼ିମ ନଗାରମ ପବଶ୍ୟାତି
> ଶତସାହସେଇ ଖାନାପଏତି ।"

ଅର୍ଥାତ୍, "ଖାରବେଳ ନିଜ ରାଜତ୍ୱର ପଞ୍ଚମବର୍ଷରେ ପୂର୍ବ ନନ୍ଦ ରାଜାଙ୍କଦ୍ୱାରା ତିନିଶତ ବର୍ଷ ପୂର୍ବେ ଖୋଳାଯାଇ ଥିବା ନାଳକୁ ତନଶୂଲ୍ୟା ଓ୍ୱାଟଠାରୁ ଖୋଳାଇ ନିଜ ରାଜଧାନୀ ଯାଏ ନେଇଥିଲେ, ଏଥିପାଇଁ ସେ ଏକଶତ ସହସ୍ର (ମୁଦ୍ରା) ଖର୍ଚ୍ଚ କରିଥିଲେ ।" (୧)

(୧) ଅଧ୍ୟାପକ ବାରୁଆଙ୍କର "Old Brahmi Inscriptions of Udayagiri and Khandagiri" ୧୪ ଓ ୦୩ ପୃଷ୍ଠା ଦେଖନ୍ତୁ ।

ରାଜା ନନ୍ଦବର୍ଦ୍ଧନ ଯେଉଁ କେନାଲ ଖୋଳାଇ ଥିଲେ ତାହା ଆଧୁନିକ ଦୟା ନଦୀ ବୋଲି ଆମ ଦେଶର କେତେକ ଐତିହାସିକ କହନ୍ତି । କିନ୍ତୁ ମୋର ବିଶ୍ୱାସ ସେ ପୂର୍ବୋକ୍ତ ବାରଙ୍ଗନଦୀ ଓ ତହିଁର ନିମ୍ନରେ ଆଧୁନିକ କୁଆଖାଇ ଏବଂ ଦୟା ନଦୀ ଖୋଳାଇ ମହାନଦୀର ପାଣି ନିଜ ରାଜଧାନୀକୁ ଅଣାଇଥିଲେ । ଲିପି ଲେଖାରୁ ସ୍ପଷ୍ଟ ଜଣାଯାଏ ଯେ ଏହା କେବଳ 'କେନାଲ' ବା ନାଳ ଥିଲା । ପୁରା ନଦୀ ନଥିଲା । ସେହି ଲିପିରୁ ମଧ୍ୟ ପାଠ କରୁ ଯେ ଖାରବେଳ ଏହି 'ତନୁଶୂଲ୍ୟ' ଠାରୁ ଗୋଟିଏ ନାଳ ଖୋଳାଇ ନିଜ ରାଜଧାନୀ ଯାଏ ନେଇଥିଲେ । ଏଥି ପାଇଁ ତାହାଙ୍କୁ ଏକଶତ ସହସ୍ର ବା ଏକଲକ୍ଷ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିଥିଲା ।

ବର୍ତ୍ତମାନ 'ତନୁଶୂଲ୍ୟା ଓ୍ୱାଟ', ଖାରବେଳ ଖୋଳାଇ ଥିବା 'ନୂତନ ନାଳ' ଏବଂ ତାହାଙ୍କର ରାଜଧାନୀ କେଉଁଠାରେ ଥିଲା ତାହା ଜାଣିବାକୁ ହେବ ।

**ତନୂ-ଶୂଲ୍ୟା ଓ୍ୱାଟ**—ହାତୀଗୁମ୍ଫା ଲିପିର 'ତନୁ-ଶୂଲ୍ୟା ଓ୍ୱାଟ'ର ପ୍ରକୃତ ଅର୍ଥ କଣ ? ଏ ପର୍ଯ୍ୟନ୍ତ କୌଣସି ଐତିହାସିକ ସ୍ଥିର କରିନାହାନ୍ତି । କିନ୍ତୁ କହନ୍ତି 'ତନୁଶୂଲ୍ୟା'ର ଅର୍ଥ 'ତୋଷାଳୀ' ବା 'ଧଉଳୀ', ଆଉ କେହି କେହି କହନ୍ତି 'ତନୁଶୂଲ୍ୟା' ଗୋଟିଏ ସଡ଼କ ଥିଲା । ସେହି ସଡ଼କଠାରୁ ଖାରବେଳ ଗୋଟିଏ ନାଳ ଖୋଳାଇଥିଲେ । କିନ୍ତୁ, ଏ ଶ୍ରେଣୀର ଲେଖକମାନେ କେହିହେଲେ ପ୍ରାଚୀନଦୀର ଉପରେ ଥିବା ପୂର୍ବୋକ୍ତ 'ଶୋଲ ନଦୀ'କୁ ଦେଖିନାହାନ୍ତି । ଏହି 'ଶୋଲ' ଯେ ପ୍ରାଚୀନ 'ତନୁଶୂଲ୍ୟା'ର ଅପଭ୍ରଂଶ ଏହା ମଧ୍ୟ କେହି ଭାବିଥିବାର ଜଣାଯାଏ ନାହିଁ, ତୋଷାଳୀ, ଧଉଳୀ ହେବାର ଯେପରି ସଂଭବ ହେଲା, ତନୁ-ଶୂଲ୍ୟାରୁ 'ଶୋଲ' ନାମଟି ମାତ୍ର ରହିବା ଅସମ୍ଭବ ନୁହେଁ । ଦୀର୍ଘ ୧୪ ମାଇଲ ଯାଏ ଏହି ଶୋଲ ନଦୀ ପ୍ରବାହିତ ହେଉଛି । ଜଗନ୍ନାଥ ସଡ଼କର ପୂର୍ବରେ ଗୋଟିଏ ଅତି ଗଭୀର ଗଣ୍ଡ 'ଗମ୍ଭାରି ଗଣ୍ଡ' ଅଛି । ଏହି ଗଣ୍ଡରୁ ଶୋଲ ନଦୀ ବାହାରିଥିବାର ଦେଖାଯାଏ, କିନ୍ତୁ ଏହି ଗଣ୍ଡକୁ ଲାଗି ଫୁଲନଖରା ପୋଲ କୁଆଖାଇ ଓ ଗଣ୍ଡ ମଧ୍ୟରେ ରହିଛି । ଏହି ପୋଲଦେଇ କୁଆଖାଇର ଉଦ୍‌ବୃତ୍ତ ପାଣି ବହିଯାଏ ।

ଶୋଲ ଉକ୍ତ ଗଣ୍ଡରୁ ପ୍ରାୟ ୨ ମାଇଲ ଯାଏ ଯିବାପରେ ବାଲିପାଟଣା ଥାନାସ୍ଥ ଭିଙ୍ଗାରପୁର ଗ୍ରାମର ପଶ୍ଚିମରେ ଥିବା କୁଶଭଦ୍ରା ନଦୀର 'ରାମଚନ୍ଦ୍ରପୁର କାଟ' ଦେଇ ପ୍ରଚୁର ପାଣି ଯାଇ ସେଥିରେ ମିଶେ । ଏ ଦୁଇ ନଦୀର ପାଣି (କୁଆଖାଇ ଓ କୁଶଭଦ୍ରା) ଯୋଗୁ ଶୋଲ ନଦୀ ଓସାର ହୋଇଛି । ଏଠାରୁ ପ୍ରାୟ ୧୧ ମାଇଲ ଏବଂ ୧୨/୧୩ ମାଇଲ ଯିବା ପରେ ସେହି ସେହି ସ୍ଥାନରେ ଯଥାକ୍ରମେ ଦେବୀ ନଦୀର ବନ୍ୟାଜଳ ଆସି ଶୋଲରେ ମିଶେ । ଏସବୁ ପାଣି ଯାଇ ୧୪/୧୫ ମାଇଲରେ ପ୍ରାଚୀ ନଦୀ ଦେଇ ତଳକୁ ବହିଯାଏ । ଏ ସମସ୍ତ ଦେଖିଲେ ସ୍ପଷ୍ଟ କହି ପାରୁ ଯେ ଲିପିର 'ତନୁଶୂଲ୍ୟା ଓ୍ୱାଟ' କେବଳ ଏହି 'ଶୋଲ ନଦୀ'କୁ ଲକ୍ଷ୍ୟ କରାଯାଉଛି । ଏ ଦିଗରେ ଆହୁରି ଅନୁସନ୍ଧାନ କରିବା ପାଇ. ଅନ୍ତତଃ ଶୋଲ ନଦୀର ପ୍ରକୃତ ଅବସ୍ଥାନ ଏବଂ ଶୋଲ, କୁଆଖାଇ, ବାରଙ୍ଗ ନଦୀ ଏବଂ ପ୍ରାଚୀ ନଦୀର ପରସ୍ପର ସମ୍ବନ୍ଧ ବିଷୟ ସ୍ପଷ୍ଟ ଜାଣିବା ପାଇଁ ଆମ ଦେଶର ନବୀନ ଐତିହାସିକମାନଙ୍କୁ ଅନୁରୋଧ କରୁଁ ।

**ଖାରବେଳ ଖୋଳାଇଥିବା ନୂତନ ନାଳ**— ପୂର୍ବରୁ କୁହାଯାଇଛି ଯେ ରାଜା ନନ୍ଦବର୍ଦ୍ଧନ ଯେଉଁ ନାଳ ଖୋଳାଇଥିଲେ ତାହା ଆଧୁନିକ 'ବାରଙ୍ଗ ନଦୀ' ବ୍ୟତୀତ ଅନ୍ୟ କିଛି ନୁହେ । ଏହି ବାରଂଗନଦୀ କ୍ରମଶଃ ବୃଦ୍ଧି ହୋଇ କୁଆଖାଇ ଓ ଶୋଲ ନଦୀରେ ପରିଣତ ହୋଇଥିବାର ସମ୍ଭବ । ପରେ ଅର୍ଥାତ୍ ନନ୍ଦରାଜତ୍ୱର ପ୍ରାୟ ୩୦୦ ଶତ ବର୍ଷ ପରେ (?) ଖାରବେଳ ନିଜ ରାଜଧାନୀରେ ନଦୀର ଅଭାବ ଦେଖି ପ୍ରୋକ୍ତ 'ତନୁଶୂଲ୍ୟା' ବା ଆଧୁନିକ ଶୋଲନଦୀକୁ ବଢାଇ ନିଜ ରାଜଧାନୀ ପର୍ଯ୍ୟନ୍ତ ଗୋଟିଏ ନାଳ ଖୋଳାଇଥିଲେ । ଏହି ନୂତନ ନାଳ ହିଁ ଆଧୁନିକ 'ପ୍ରାଚୀନଦୀ' ଅଟେ । ପ୍ରାଚୀନଦୀ କ୍ରମଶଃ ଆହୁରି ବିସ୍ତୃତ ଲାଭକରି ବଙ୍ଗୋପସାଗର ଯାଏ ବ୍ୟାପିଥିଲା ।

**ଖାରବେଳଙ୍କ ରାଜଧାନୀ**—ଏ ବିଷୟରେ ଆର ଅଧ୍ୟାୟରେ ବିସ୍ତୃତ ଆଲୋଚନା କରାଯିବ ।

**ପ୍ରାଚୀନଦୀର ଉତ୍ପତ୍ତି ସ୍ଥାନ ଏବଂ ସମୟ** ଉପର୍ଯ୍ୟୁକ୍ତ କେତେକ ଆଲୋଚନାପରେ ପ୍ରାଚୀନଦୀର ଉତ୍ପତ୍ତି କେଉଁଠାରେ ଓ

ତାହା କେଉଁ ସମୟରେ ଖୋଳାଯାଇଥିଲା ସେ ବିଷୟରେ କେତେକଥା କୁହାଯିବ ।

ଶୋଲନଦୀ ଫୁଲନଖରା – ନଆଳି ସଡ଼କର ୧୪/୧୫ ମାଇଲ ଯାଏ ବ୍ୟାପିଥିବାରୁ ଏବଂ ଏହି ସ୍ଥାନରେ କପିଳେଶ୍ୱର ମହାଦେବ ପ୍ରାଚୀମାହାତ୍ମ୍ୟ ବର୍ଣ୍ଣିତ ଦ୍ୱାଦଶ ଶଂଭୁଙ୍କ ମଧ୍ୟରୁ ପ୍ରଥମ ଶଂଭୁ ହେବା ଯୋଗୁଁ, ଶୋଲନଦୀର ଏହି ଶେଷ ଭାଗହିଁ ପ୍ରାଚୀନଦୀର ଉତ୍ପତ୍ତିସ୍ଥାନ ବୋଲି ସ୍ପଷ୍ଟ କୁହାଯାଇପାରେ । ଫୁଲନଖରା—ନଆଳି ସଡ଼କର ଏହି ସ୍ଥାନରେ କପିଳେଶ୍ୱରପୁର ଶାସନ ପ୍ରାଚୀନଦୀର ଉତ୍ତର ତୀରରେ ରହିଛି ଏବଂ ଏଠାରୁ ନଆଳି ଗ୍ରାମ ପ୍ରାୟ ୪½ କିଂବା ୫ ମାଇଲ ଦକ୍ଷିଣରେ ଅବସ୍ଥିତ । ପୂର୍ବରୁ କୁହାଯାଇଛି ଯେ ନଦୀଗୁଡ଼ିକ ସାଧାରଣତଃ କୌଣସି ହ୍ରଦ, ପୁଷ୍କରିଣୀ କିଂବା ଝରଣାରୁ ଉତ୍ପତ୍ତି ହୁଏ, କିନ୍ତୁ ପ୍ରାଚୀନଦୀର ସେପରି କୌଣସି ଉତ୍ପତ୍ତି ସ୍ଥାନ ଦେଖାଯାଏ ନାହିଁ । ଏହି କାରଣରୁ ହାତୀଗୁଂଫା ଲିପିରେ ବର୍ଣ୍ଣିତ 'ତନୁଶୂଲ୍ୟା ଓ୍ୱାଟା' ବା ଆଧୁନିକ ଶୋଲ ନଦୀର ଶେଷଭାଗରୁ ଖାରବେଳ ପ୍ରାଚୀନଦୀକୁ ଖୋଳାଇ, ଏଠାରୁ ପ୍ରାୟ ୧୦/୧୨ ମାଇଲ ଦକ୍ଷିଣରେ ଥିବା ନିଜ ରାଜଧାନୀକୁ ଏହି ନାଳରୁ ପାଣିନେବା ସୁବିଧା କରିଥିଲେ । କାଳକ୍ରମେ ଏହି ନାଳ ସମୁଦ୍ର ଯାଏ ବ୍ୟାପିଗଲା ଓ ତାହାହିଁ ଆଧୁନିକ ପ୍ରାଚୀନଦୀରେ ପରିଣତ ହେଲା ।

ଖାରବେଳ କେଉଁ ସମୟରେ ଏହି ନଦୀ ଖୋଳାଇଥିଲେ ? ପ୍ରୋକ୍ତ ଲିପିରେ ବର୍ଣ୍ଣିତ ଅଛି ଯେ ସେ ତାହାଙ୍କ ରାଜତ୍ୱର ୫ମ ବର୍ଷରେ ଏହାକୁ ଖୋଳାଇଥିଲେ ["ପଞ୍ଚମେ ସେ ଦାନି········ ପାଓ୍ୱେଖ୍ୟାତ···" ଷଷ୍ଠଧାଡ଼ି] ଖାରବେଳ ଖ୍ରୀ. ପୂ. ୧୭୩ ଅବ୍ଦରେ କଳିଙ୍ଗ ସିଂହାସନ ଆରୋହଣ କରିଥିଲେ । ତାହାଙ୍କ ରାଜତ୍ୱର ପଞ୍ଚମବର୍ଷ ଖ୍ରୀ. ପୂ. ୧୬୮ ଅବ୍ଦରେ ସେ ପ୍ରାଚୀନଦୀକୁ ଖୋଳାଇଥିଲେ-ବୋଲି କହିପାରୁଁ । ପ୍ରାଚୀମାହାତ୍ମ୍ୟ ଅନୁସାରେ ପ୍ରାଚୀନଦୀ ସତ୍ୟଯୁଗର କୌଣସି ସମୟରେ ସୃଷ୍ଟି ହୋଇଥିବାର ଲେଖା ଯାଇଥିଲେ ସୁଦ୍ଧା, ତାହା କେଉଁ ସାଲ ବା ଅବ୍ଦ ସଂଗେ ସମାନ ହେବ କହିହୁଏ ନାହିଁ । କିନ୍ତୁ ହାତୀଗୁଂଫା ଲିପି ଅନୁସାରେ ଏହାର ସମୟ ଠିକ୍ କରାଯାଇଁ ପାରୁଛି । ପ୍ରାଚୀନଦୀର ପ୍ରାଚୀନତ୍ୱ ସମ୍ବନ୍ଧରେ ଅନ୍ୟ କୌଣସି

ଶୀଳା ବା ତାମ୍ର ଶାସନ ବା ସାଲ ପ୍ରଭୃତି ନଥିବା ସ୍ଥଳେ ଏହି ହାତୀଗୁଂଫା ଲିପିର ସାଲକୁ ହିଁ ଆମ୍ଭେମାନେ ଗ୍ରହଣ କରିବାକୁ ହେବ। ଏହି ସାଲ ଅନୁସାରେ ପ୍ରାଚୀନଦୀ ଅଜକୁ ପ୍ରାୟ ୨୧୦୪ ବର୍ଷ ହେଲା ଖୋଳା ଯାଇଛିବୋଲି କହିପାରୁ ?

# ପ୍ରାଚୀନଦୀ ଓ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପି

ପ୍ରାଚୀନଦୀର ଐତିହାସିକ ବିଭବ ସଂପୂର୍ଣ୍ଣରୂପେ ଜାଣିବାପାଇଁ ଆମ୍ଭମାନଙ୍କୁ ପ୍ରାଚୀନ ଓଡ଼ିଶାର କେତେକ ଇତିହାସ କଥା ଜାଣିବାକୁ ହେବ । କାରଣ ଏ ପର୍ଯ୍ୟନ୍ତ ଓଡ଼ିଶା ସମ୍ବନ୍ଧରେ ଯେଉଁ କେତେକ ଗ୍ରନ୍ଥ ଲେଖା ଯାଇଛି ସେ ସବୁ ଗ୍ରନ୍ଥଲେଖକ ଏ ଦେଶର ପ୍ରତ୍ୟେକ ପୁରପଲ୍ଲୀର ପ୍ରାଚୀନ ଇତିହାସ ସଂଗ୍ରହ କରି ନାହାଁନ୍ତି । ସେଥିପାଇଁ ସେମାନଙ୍କର ଲେଖା ଗୁଡ଼ିକରେ ଅନେକ ଅଭାବ ଓ ଅପୂର୍ଣ୍ଣତା ରହିଛି । ପ୍ରାଚୀନଦୀ ଅତି ପ୍ରାଚୀନ କାଳରୁ ଥିଲେହେଁ ଏବଂ ଏହାର ଦୁଇ ତୀରରେ ଶତ ଶତ ପ୍ରାଚୀନ କୀର୍ତ୍ତି ବର୍ତ୍ତମାନ ସୁଦ୍ଧା ରହିଥିବା ସତ୍ତ୍ୱେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନେ ଏବଂ ଓଡ଼ିଶା ସମ୍ବନ୍ଧରେ ଯେଉଁମାନେ ଇତିହାସ ଗ୍ରନ୍ଥ ଲେଖିଛନ୍ତି ସେମାନେ ଏହି ନଦୀ ସମ୍ବନ୍ଧରେ ଆଦୌ କିଛି ଜାଣନ୍ତି ନାହିଁ । ଦୀର୍ଘ ୩୦ ମାଇଲ ଲମ୍ବା ନଦୀର ଦୁଇକୂଳରେ ଅସଂଖ୍ୟ ଦେବମନ୍ଦିର, ପୁଷ୍କରିଣୀ ବାଂପି ଓ ଦୁର୍ଗ ପ୍ରଭୃତି ଥାଇ ସୁଦ୍ଧା ପ୍ରାଚୀ ତୀର ସମ୍ବନ୍ଧରେ କୌଣସି ଶିଳା କିମ୍ବା ତାମ୍ରଶାସନ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ । ସେପରି କୌଣସି ସ୍ପଷ୍ଟ ପ୍ରମାଣ ଅଭାବରୁ ଆମ୍ଭମାନଙ୍କୁ ଅନ୍ୟ ସ୍ଥାନରୁ ପ୍ରମାଣ ଖୋଜିବାକୁ ହେବ । ଏପରି ଏକ ପ୍ରମାଣ ମଧ୍ୟରୁ କଳିଙ୍ଗରାଜ ଚକ୍ରବର୍ତ୍ତୀ ଖାରବେଳଙ୍କ ଦ୍ୱାରା ଖୋଦିତ ହାତୀଗୁମ୍ଫା ଶିଳାଲିପି ଗୋଟିଏ । ଏହି ଲିପି ସମ୍ବନ୍ଧରେ କେତେକ ଆଲୋଚନା ଏଠାରେ କରାଯିବ ।

**ଉଦୟଗିରିର ହାତୀଗୁମ୍ଫା ଲିପିର ଅବସ୍ଥାନ**—ପୁରୀଜିଲାସ୍ଥ ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରି ପର୍ବତରେ ବିଂଶାଧିକ ପ୍ରାଚୀନ ଗୁମ୍ଫା ଅଛି । ଏହି ଗୁମ୍ଫା ମଧ୍ୟରୁ ହାତୀଗୁମ୍ଫା ଗୋଟିଏ ଅତିବଡ଼ ଗୁମ୍ଫା । ଏହି ଗୁମ୍ଫାର ଉପର ଭାଗରେ ବ୍ରାହ୍ମୀ ଭାଷାରେ ଲେଖା ଯାଇଥିବା ଖାରବେଳଙ୍କ ୧୭ ଧାଡ଼ି ଶିଳାଲିପି ଅଛି ।

**ଲିପିର ବିଶେଷତ୍ୱ**—ଏହି ଲିପିରେ ଖାରବେଳଙ୍କ ବାଲ୍ୟ ଓ ଯୁବରାଜ ଜୀବନ ଏବଂ ୧୩ ବର୍ଷ ରାଜତ୍ୱର ବିବରଣୀ ଲେଖାଅଛି । ଖ୍ରୀଷ୍ଟପୂର୍ବ ଦୁଇଶତବର୍ଷରେ ଖାରବେଳଙ୍କ ରାଜତ୍ୱସମୟରେ ପ୍ରାଚୀନ କଳିଙ୍ଗରାଜତ୍ୱର ଅବସ୍ଥା ଖାରବେଳଙ୍କ ରାଜଧାନୀର ବିଶେଷ ପରିଚୟ ଏବଂ ରାଜତ୍ୱର ପ୍ରତ୍ୟେକ ବର୍ଷରେ ଖାରବେଳ ଭାରତର କେଉଁ କେଉଁ ପ୍ରଦେଶ କିପରି ଭାବରେ ଅଧିକାର କରି ଭାରତରେ ଏକଛତ୍ରାଧିପତ୍ୟ ସ୍ଥାପନ କରିଥିଲେ ସେ କଥା ସ୍ପଷ୍ଟ ଲେଖାଅଛି । ପ୍ରକୃତରେ କହିବାକୁ ଗଲେ ଏହି ହାତୀଗୁମ୍ଫା ଲିପିଦ୍ୱାରା ପ୍ରାଚୀନ କଳିଙ୍ଗର ଗୋଟିଏ ବିସ୍ତୃତ ଇତିହାସ ଜାଣିହୁଏ । ଆଜି ପର୍ଯ୍ୟନ୍ତ ଯେଉଁ ସମୟକୁ ଓଡ଼ିଶାର 'ଅନ୍ଧକାର ଯୁଗ' କୁହାଯାଉଥିଲା ସେହି ଅନ୍ଧକାର ଯୁଗର ସଂକ୍ଷିପ୍ତ ଇତିହାସ ଏହି ଲିପି ଦ୍ୱାରା ଉଦ୍‌ଘାଟିତ ହେଉଛି ।

**ଲିପିପାଠ**—ହାତୀଗୁମ୍ଫା ଲିପି ପ୍ରାୟ ୧୧୨ ବର୍ଷ ତଳେ ପ୍ରଥମେ ଆବିଷ୍କୃତ ହୋଇଥିଲା । ସେହି ଦିନରୁ ଅସଂଖ୍ୟ ଦେଶୀ ଓ ପାଶ୍ଚାତ୍ୟ ପଣ୍ଡିତ ଏହି ଲିପିର ପାଠୋଦ୍ଧାର କରିବା ପାଇଁ ଯତ୍ନ କରିଛନ୍ତି । ଏପରି କି ଏହି ଲିପି ପାଠ କରିବା ପାଇଁ ଜର୍ମାନୀ ଓ ଇଂଲଣ୍ଡ ଦେଶର ପଣ୍ଡିତମାନେ ମଧ୍ୟ ଏଠାକୁ ଆସି ନିଜ ରୁଚି ଅନୁସାରେ ଏହି ଲିପିର ପାଠୋଦ୍ଧାର କରି ପ୍ରବନ୍ଧମାନ ପ୍ରକାଶ କରିଅଛନ୍ତି ।

**ଜଏସ୍ୱାଲଙ୍କ ବିଶେଷତ୍ୱ**—ଏପର୍ଯ୍ୟନ୍ତ ଯେଉଁ କେତେଜଣ ଦେଶୀ ଓ ବୈଦେଶିକ ପଣ୍ଡିତ ଏହି ଲିପିର ପାଠୋଦ୍ଧାର କରିଛନ୍ତି, ସେମାନଙ୍କ ମଧ୍ୟରୁ ପାଟଣାର ପ୍ରସିଦ୍ଧ ବାରିଷ୍ଟର ଡାକ୍ତର କେ: ପି: ଜଏସ୍ୱାଲ ଏହି ଲିପି ସମ୍ବନ୍ଧରେ ଯେପରି ଏକାଧିକବାର ଅନୁସନ୍ଧାନ କରି ନିଜର ବିସ୍ତୃତ ଲେଖାମାନ ପ୍ରକାଶ କରିଥିଲେ, ଅନ୍ୟ କୌଣସି ଐତିହାସିକ ସେପରି କରି ନ ଥିଲେ । ଏହି କାରଣରୁ ଜଏସ୍ୱାଲଙ୍କ ଲେଖା ଅନେକ ଉପାଦେୟ ବୋଲି ସ୍ୱୀକାର କରାଯାଇଛି ।

**ଜଏସ୍ୱାଲ୍‌ଙ୍କ ପ୍ରଥମ ପାଠ**—ଡାକ୍ତର ଜଏସ୍ୱାଲ୍ ହାତିଗୁମ୍ଫା ଲିପି ସମ୍ବନ୍ଧରେ ତାହାଙ୍କର ପ୍ରଥମ ପ୍ରବନ୍ଧ ୧୯୧୭ ଖ୍ରୀଷ୍ଟାବ୍ଦର ବିହାର ଓଡ଼ିଶା ଅନୁସନ୍ଧାନ ସମିତିର ତ୍ରୈମାସିକ ପତ୍ରିକାରେ (J. B. O. R. S. VOL III P. IV 1917) ପ୍ରକାଶ କରିଥିଲେ । ଏହି ପ୍ରବନ୍ଧ ପ୍ରକାଶ କରିବା ପୂର୍ବରୁ ସେ ହାତିଗୁମ୍ଫାକୁ ଯାଇ ସେଠାର ଲିପି ନିଜ ଆଖିରେ ଦେଖି ନଥିଲେ । ତତ୍‌ପୂର୍ବରୁ ଯେଉଁ ଐତିହାସିକମାନେ ଏହି ଲିପି ଦେଖି ତହିଁର ପାଠୋଦ୍ଧାର କରିଥିଲେ, ସେ ସବୁ ଲେଖା ଏବଂ ଏହି ଲିପର ଏକାଧିକ ଛବି (Photo & cash) ଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରି ସେହି ଅନୁଭୂତିରୁ ନିଜର ପ୍ରବନ୍ଧ ଲେଖି ପ୍ରକାଶ କରିଥିଲେ ।

**୧୯୧୭ରେ ପ୍ରକାଶିତ ପ୍ରବନ୍ଧ ଓ ପ୍ରାଚୀନଦୀ**—୧୯୧୭ ଖ୍ରୀଷ୍ଟାବ୍ଦରେ ପ୍ରଥମ ଥର ପାଇଁ ଜଏସ୍ୱାଲ ଯେଉଁ ପ୍ରବନ୍ଧ ଲେଖିଥିଲେ ସେହି ପ୍ରବନ୍ଧର 'ଲିପିପାଠ' ଅଂଶରେ ଲିପିର ଦଶମ ଧାଡ଼ିକୁ ସେ ଏପରି ପଢ଼ିଥିଲେ—

"ଉଭୟ ପା . । ତଟେ ରାଜନିବାସଂ ମହାବିଜୟପ୍ରାସାଦଂ କାରୟତି"
(ବି: ଓ: ଐତିହାସିକ ପତ୍ରିକାର ୪୫୭ ପୃଷ୍ଠା)

J. B. O. R. S Vol IV, 1917.

ଖାରବେଳ ନିଜ ରାଜତ୍ୱର ପ୍ରଥମ ଆଠବର୍ଷ ମଧ୍ୟରେ ଭାରତର ଅନେକ ପ୍ରଦେଶ ଜୟ କରି ସେଠାର ଲୁଣ୍ଠିତ ଧନ ସମ୍ପତ୍ତି ନିଜ ରାଜଧାନୀକୁ ଆଣିଥିଲେ । ଏହି ସମ୍ପତ୍ତି ପୁଣି ଖର୍ଚ୍ଚ କରି ନବମ ବର୍ଷରେ ସେ ନିଜ ପାଇଁ ପ୍ରାଚୀ ନଦୀର ଉଭୟ ତୀରରେ ଗୋଟିଏ 'ମହାବିଜୟ ପ୍ରାସାଦ' ନିର୍ମାଣ କରିଥିଲେ ।

ପୂର୍ବ ଅଧ୍ୟାୟରେ ବର୍ଣ୍ଣିତ ଅଛି ଯେ ଖାରବେଳ ନିଜ ରାଜଧାନୀର ଜଳକଷ୍ଟ ଦୂର କରିବା ପାଇଁ ରାଜତ୍ୱର ୫ମ ବର୍ଷରେ 'ତନୁଶୂଲ୍ୟା ଓ୍ୱାଠା' ଠାରୁ ଗୋଟିଏ କେନାଲ ଖୋଳାଇଥିଲେ ଏବଂ ସେହି କେନାଲ ହିଁ ଅଧୁନିକ ପ୍ରାଚୀନଦୀ । ପ୍ରୋକ୍ତ ଲେଖାରେ ସ୍ପଷ୍ଟ ବର୍ଣ୍ଣିତ ଅଛି ଯେ ରାଜତ୍ୱର ୯ମ ବର୍ଷରେ ଖାରବେଳ ନିଜ ପାଇଁ ପ୍ରାଚୀନଦୀର ଉଭୟ ତୀରରେ 'ମହାବିଜୟ ପ୍ରାସାଦ' ନିର୍ମାଣ କରିଥିଲେ ।

**ପ୍ରାଚୀନଦୀ ସମ୍ବନ୍ଧରେ ଜଏସ୍ୱାଲ ଅନଭିଜ୍ଞ**—ନିଜ ଲେଖା ପ୍ରବନ୍ଧରେ 'ପ୍ରାଚୀନଦୀ' କଥା ଏବଂ ତାହାର ଦୁଇ କୂଳରେ 'ମହାବିଜୟ ପ୍ରାସାଦ' ନିର୍ମିତ ହୋଇଥିବା କଥା ସ୍ପଷ୍ଟ ଲେଖି ସୁଦ୍ଧା ଜୟସ୍ୱାଲ ପ୍ରାଚୀନଦୀର ସ୍ଥାନ ନିର୍ଣ୍ଣୟ ସମ୍ବନ୍ଧରେ ସଂପୂର୍ଣ୍ଣ ଅନଭିଜ୍ଞ ଥିଲେ । ଏହି କାରଣରୁ ସେ ପ୍ରାଚୀନଦୀ ଓ ହାତୀଗୁମ୍ଫା ଲିପିର କି ସମ୍ବନ୍ଧ ଅଛି ତାହା ସ୍ଥିର କରି ପାରି ନ ଥିଲେ । ପୁଣି ଏହି ନଦୀର ପ୍ରକୃତ ଅବସ୍ଥାନ ସମ୍ବନ୍ଧରେ ତାହାଙ୍କର କିପରି ଭୁଲ ଧାରଣା ରହିଛି ଦେଖନ୍ତୁ । ତାହାଙ୍କ ପ୍ରଥମ ପ୍ରବନ୍ଧରେ ଜଏସ୍ୱାଲ ଲେଖିଛନ୍ତି ।

"Prachi--This is a small river near modern Bhubaneswar and not **very far from Dhauli and Hatigumpha !**"

ପରବର୍ତ୍ତୀ ଅଧ୍ୟାୟରେ ପ୍ରାଚୀନଦୀ ସହିତ ଭୁବନେଶ୍ୱର ନିକଟବର୍ତ୍ତୀ ପ୍ରାଚୀନ କୀର୍ତ୍ତିଗୁଡ଼ିକର କି ସମ୍ବନ୍ଧ ଅଛି ସେ ବିଷୟ ଆଲୋଚନା କରାଯିବ ।

ପ୍ରାଚୀନଦୀର ପ୍ରକୃତସ୍ଥାନ ନିର୍ଦ୍ଦେଶ କରି ନ ଥିବାରୁ ଜଏସ୍ୱାଲ ହାତୀଗୁମ୍ଫା ଲିପିର 'ଉଭୟ ପ୍ରାଚୀ ତଟେ' ଲେଖାର ବିଶେଷତ୍ୱ କଣ ଜାଣିପାରି ନଥିଲେ । ଏହି କାରଣରୁ 'ଉଭୟ ପ୍ରାଚୀ ତଟେ'ର କୌଣସି ବିଶେଷତ୍ୱ ନଥିବା କଥା ସେ ଲେଖିଛନ୍ତି । "Ubhaya Prachi Tata is an addition to the text"

**ଜଏସ୍ୱାଲଙ୍କ ପରି ଓଡ଼ିଆ ଐତିହାସିକମାନଙ୍କର ଭ୍ରମ**—ଜଏସ୍ୱାଲଙ୍କର ହାତୀଗୁମ୍ଫା ଲିପିପାଠ ପ୍ରବଂଧ ୧୯୧୭ରେ ପ୍ରକାଶିତ ହେବା ପରେ ଓଡ଼ିଶାର ଦୁଇଜଣ ପ୍ରସିଦ୍ଧ ଐତିହାସିକ ପଣ୍ଡିତ ଓଡ଼ିଶା ସମ୍ବନ୍ଧରେ ଦୁଇଟି ଗ୍ରନ୍ଥ ଲେଖି ପ୍ରକାଶ କରିଥିଲେ । ଏମାନଙ୍କ ମଧ୍ୟରେ, ପ୍ରଥମ କୃପାସିନ୍ଧୁ ମିଶ୍ର ଏମ. ଏ., ଏହାଙ୍କର 'ଉତ୍କଳ ଇତିହାସ' ଓ ଦ୍ୱିତୀୟ ଜଗବନ୍ଧୁ ସିଂହ ଏହାଙ୍କର 'ପ୍ରାଚୀନ ଉତ୍କଳ' । ଏ ଦୁଇ ଇତିହାସ ଗ୍ରନ୍ଥର ଯଥାକ୍ରମେ ୩୫ ଓ ୬୭୦ ପୃଷ୍ଠାରେ ଜଏସ୍ୱାଲଙ୍କର ହାତୀଗୁମ୍ଫା ଲିପିର ପାଠ ସଂକ୍ଷିପ୍ତ ଭାବରେ ଅନୁବାଦିତ ହୋଇଛି । ଦୁହେଁ ପ୍ରାଚୀନଦୀ ତୀରରେ ଖାରବେଳଙ୍କ ମହାବିଜୟ ପ୍ରାସାଦ ନିର୍ମାଣ କରାଇଥିବା କଥା ଲେଖିଛନ୍ତି, କିନ୍ତୁ ପ୍ରାଚୀନଦୀର ପ୍ରକୃତ

ଅବସ୍ଥାନ କେଉଁଠି ଏ ସମ୍ବନ୍ଧରେ କୌଣସି ଅନୁସନ୍ଧାନ ନକରି ଜଏ-ସ୍ୱାଲଙ୍କର ସେହି ପୂର୍ବ ଲେଖାକୁ ଅନୁକରଣ କରି ଭ୍ରମରେ ପଡ଼ିଛନ୍ତି । ଶେଷୋକ୍ତ ଓଡ଼ିଆ ଐତିହାସିକ ଶ୍ରୀଯୁକ୍ତ ଜଗବନ୍ଧୁ ସିଂହଙ୍କର ଘର ଏହି ପ୍ରାଚୀ ନଦୀର ଅତିନିକଟରେ ଅଛି । ତଥାପି ସେ ଏହି ନଦୀ ସମ୍ବନ୍ଧରେ ଏପରି ଭ୍ରମପୂର୍ଣ୍ଣ ବିବରଣୀ ନିଜ ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି । ସାମାନ୍ୟ ଚେଷ୍ଟା କରିଥିଲେ ଜଗବନ୍ଧୁ ବାବୁ ପ୍ରାଚୀନଦୀର ପ୍ରକୃତ ଅବସ୍ଥାନ ଓ ଏହାର ଦୁଇକୂଳରେ ଥିବା ଅସଂଖ୍ୟ ପ୍ରାଚୀନ କୀର୍ତ୍ତି ସମ୍ବନ୍ଧରେ ବିଶେଷ ବିବରଣୀ ପାଇଥାନ୍ତେ । କିନ୍ତୁ ସେ ଦିଗରେ ସେ ଆଦୌ ଯତ୍ନ କରି ନଥିବାର ତାହାଙ୍କ ଲେଖାରୁ ବେଶ୍ ବୁଝାଯାଉଛି । ଜଏସ୍ୱାଲଙ୍କ ପରି ସେ ମଧ୍ୟ ତାହାଙ୍କର 'ପ୍ରାଚୀନ ଉତ୍କଳ' ଗ୍ରନ୍ଥରେ ଲେଖିଛନ୍ତି—"ପ୍ରାଚୀନଦୀ ଭୁବନେଶ୍ୱର, ଧଉଳୀ ଓ ହାତୀଗୁମ୍ଫା ନିକଟରେ ଅବସ୍ଥିତ" (ପ୍ରା: ଉ: ୨୭୦ ପୃଷ୍ଠା) ।

**ପ୍ରାଚୀନଦୀର ଅସ୍ତିତ୍ୱ ଲୋପ**—ପ୍ରାଚୀନଦୀର ପ୍ରକୃତ ଅବସ୍ଥାନ ଓ ତାହାର ଦୁଇ ତୀରରେ ଥିବା ଶତ ଶତ ପ୍ରାଚୀନକୀର୍ତ୍ତି ସମ୍ବନ୍ଧରେ ଜଏସ୍ୱାଲ ଏବଂ ଆମଦେଶର ଓଡ଼ିଆ ଐତିହାସିକମାନେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିବାରୁ ସେମାନଙ୍କ ଲେଖାଗୁଡ଼ିକରେ ଏହି ନଦୀର ଅସ୍ତିତ୍ୱ ମଧ୍ୟ ଲୋପ କରିଦେଇଛନ୍ତି । ଏହା କମ ଆଶ୍ଚର୍ଯ୍ୟ କଥା ନୁହେଁ ।

**ଜଏସ୍ୱାଲଙ୍କ ଦ୍ୱିତୀୟ ପ୍ରବନ୍ଧ**—ପୂର୍ବରୁ କୁହାଯାଇଛି ଯେ ଡ଼ାକ୍ତର ଜଏସ୍ୱାଲ ହାତୀଗୁମ୍ଫାର ପାଠୋଦ୍ଧାର କରିବା ପାଇଁ ଏକାଧିକ ଥର ଯତ୍ନ କରିଛନ୍ତି ଏବଂ ଏଥିପାଇଁ ସେ ପାଟଣାରୁ ହାତୀଗୁମ୍ଫା ଦେଖିବା ପାଇଁ ଓଡ଼ିଶାକୁ ଏକାଧିକ ଥର ଆସିଥିବାର ଜଣାଯାଏ । ୧୯୧୭ ଖ୍ରୀଷ୍ଟାବ୍ଦରେ ସେ ଯେଉଁ ପ୍ରଥମ ପ୍ରବନ୍ଧ ଲେଖିଥିଲେ, ସେତେବେଳେ ସେ ଏହି ଶିଳାଲିପି ନିଜ ଆଖିରେ ଦେଖି ନଥିଲେ । କେବଳ ପୂର୍ବ ଲେଖକ-ମାନଙ୍କର ଲେଖାଗୁଡ଼ିକୁ ଏବଂ ଲିପିର ଏକାଧିକ ଫଟୋ ଦେଖି ସେ ସେହି ପ୍ରଥମ ଲେଖାକୁ ଲେଖି ପ୍ରକାଶ କରିଥିଲେ । ତଥାପି ସେହି ଲେଖାରେ 'ଉଭୟ ପ୍ରାଚୀ ତଟେ' କଥା ସେ ସ୍ପଷ୍ଟରୂପେ ପାଠ କରିଥିଲେ । କେବଳ ପ୍ରାଚୀନଦୀର ପ୍ରକୃତ ଅବସ୍ଥାନ ଜାଣି ନପାରି ସେ ସେହି ଦୁଇପଦର ବିଶେଷତ୍ୱ କଣ ସ୍ଥିର କରିପାରି ନଥିଲେ । ୧୯୧୭ ପରେ ଡ଼ାକ୍ତର

ଜଏସ୍ୱାଲ ଓଡ଼ିଶାକୁ ଆସି ହାତୀଗୁମ୍ଫା ଲିପି ନିଜେ ଦେଖିଥିଲେ । ଏହି ଦେଖିବା ସମୟରେ ସେ ଲିପିର ୧୦ମ ଧାଡ଼ିରେ ଥିବା ସେହି 'ଉଭୟ ପ୍ରାଚୀ ତଟେ' ପଦ ଦୁଇଟି କୁଆଡ଼େ ପ୍ରସ୍ତର ଦେହରୁ ଛିଣ୍ଡି ଯାଇଥିବାର ସେ ଦେଖିଥିଲେ [ଏହା କମ ଆଶ୍ଚର୍ଯ୍ୟ ବା ଦୁଃଖ ଗ୍ୟର କଥା ନୁହେଁ] ନିଜ ଆଖିରେ ଏହି ଲିପି ଦେଖିବାପରେ ଜଏସ୍ୱାଲ ୧୯୧୮ ଖ୍ରୀଷ୍ଟାବ୍ଦରେ ଐତିହାସିକ ପତ୍ରିକାରେ ଗୋଟିଏ ସଂଶୋଧିତ ପ୍ରବଂଧ ପ୍ରକାଶ କରିଥିଲେ । ଏହି ସଂଶୋଧିତ ଅଂଶ ମଧ୍ୟରେ "ଉଭୟ ପ୍ରାଚୀତଟେ" ପଦ ଦୁଇଟି ପ୍ରଧାନ ଥିଲା । ଲିପିର ୧୦ଧାଡ଼ିରେ ପୂର୍ବବର୍ଷ (୧୯୧୭) ପାଠ କରିଥିବା 'ଉଭୟ ପ୍ରାଚୀ ତଟେ' ବଦଳରେ ସେ ସେହି ସ୍ଥାନରେ ପଢ଼ିଥିଲେ "କେ-ମାନା (ତି)" । ଏହାର କୌଣସି ଅର୍ଥ ନ ଥିବାର ସେ ଲେଖିଥିଲେ । ଫଳରେ 'ଉଭୟ ପ୍ରାଚୀ ତଟେ' ପଦଗୁଡ଼ିକ ଏକବାରେ ଲୋପହୋଇଗଲା ଏବଂ ଜଏସ୍ୱାଲ କିମ୍ବା ଅନ୍ୟ କୌଣସି ଅନୁସନ୍ଧିତ୍ସୁ 'ଉଭୟ ପ୍ରାଚୀ ତଟେ' କିମ୍ବା ପ୍ରାଚୀନଦୀ ସମ୍ବନ୍ଧରେ ଆଉ ଆଦୌ ଭାବି ନ ଥିଲେ ।

**ବାରୁଆଙ୍କ ବିଚିତ୍ର ପାଠ**—କଲିକତା ବିଶ୍ୱବିଦ୍ୟାଳୟର ପ୍ରଧାନ ଇତିହାସ ଅଧ୍ୟାପକ ଶ୍ରୀଯୁକ୍ତ ବାରୁଆ ଖଣ୍ଡଗିରି ଓ ଉଦୟଗିରିରେ ଥିବା 'ପ୍ରାଚୀନ ବ୍ରାହ୍ମୀ ଲିପି' ସମ୍ବନ୍ଧରେ ଗୋଟିଏ ବଡ଼ ଗ୍ରନ୍ଥ ଲେଖିଛନ୍ତି । ବିଶ୍ୱବିଦ୍ୟାଳୟ ନିଜ ବ୍ୟୟରେ ପ୍ରକାଶ କରି, ସେଠା ଛାତ୍ରମାନଙ୍କର ପାଠ୍ୟପୁସ୍ତକ ରୂପେ ଏହି ପୁସ୍ତକକୁ ମଞ୍ଜୁର କରିଛନ୍ତି । ଏହି ଗ୍ରନ୍ଥ ଖଣ୍ଡିକ (Old Brahmi Inscriptions of Khandgiri and Udayagiri, By Prof. B. M. Barua) ୧୯୨୯ରେ ପ୍ରକାଶିତ ହୋଇଥିଲା । ତତ୍‌ପୂର୍ବରୁ ଜଏସ୍ୱାଲ ହାତୀଗୁମ୍ଫା ଲିପି ସମ୍ବନ୍ଧରେ ୪/୫ଟି ପ୍ରବଂଧ ପ୍ରକାଶ କରିଥିଲେ । ତାହାଙ୍କର ଏହିସବୁ ପ୍ରବଂଧ, ଏବଂ ଜଏସ୍ୱାଲଙ୍କ ପର୍ବରୁ ଯେଉଁ ଦେଶୀ ଓ ପାଶ୍ଚାତ୍ୟ ପଣ୍ଡିତମାନେ ଏହି ଲିପି ସମ୍ବନ୍ଧରେ ଯାହା ପ୍ରକାଶ କରିଥିଲେ ସେ ସବୁ ପାଠକରି ନିଜର ସ୍ୱାଧୀନ ମତ ସହ ଅଧ୍ୟାପକ ବରୁଆ ନିଜର ଗ୍ରନ୍ଥ ପ୍ରକାଶ କରିଥିଲେ କିନ୍ତୁ ଏହି ଗ୍ରନ୍ଥରେ ମଧ୍ୟ ଲିପିର ୧୦ମ ଧାଡ଼ିରେ ଥିବା ସେହି 'ଉଭୟ ପ୍ରାଚୀତଟେ' ସମ୍ବନ୍ଧରେ ଅଧ୍ୟାପକ ମହୋଦୟ ବିଶେଷ କିଛି ଆଲୋଚନା କରିନାହାନ୍ତି । ବରଂ

ଜଏସ୍ୱାଲ୍ ୧୯୧୮ ଖ୍ରୀଷ୍ଟାବ୍ଦରେ ତାହାଙ୍କର ଦ୍ୱିତୀୟ ପ୍ରବନ୍ଧରେ 'ଉଭୟ ପ୍ରାଚୀ ତଟେ' ସ୍ଥଳେ ଯେଉଁ "କେ-ମାନା (ତ)" ପଢ଼ିଥିଲେ ସେହି 'କେ-ମାନା (ତ)' ପଦଗୁଡ଼ିକ ଅଧ୍ୟାପକ ମହୋଦୟଙ୍କୁ ଆଉରି ଭିନ୍ନପ୍ରକାର ଦେଖାଗଲା । ନିଜ ଗ୍ରନ୍ଥରେ ସେ ଲିପିର ୧୦ମ ଧାଡ଼ିକୁ ଏହିପରି ପାଠ କରିଛନ୍ତି—

"ନବମେ କଓ୍ୱାସେ ବଦ୍ଦୂରଆ କଲଙ୍ଗ—ରାଜ ନିବାସମ୍

ମହା ବିଜୟ ପ୍ରାସାଦଂ କାରୟତି..."

ଉପର୍ଯ୍ୟୁକ୍ତ ଧାଡ଼ିର ରେଖାଙ୍କିତ ପଦଗୁଡ଼ିକ ଜଏସ୍ୱାଲ୍ଙ୍କ ୧୯୧୭ ଖ୍ରୀଷ୍ଟାବ୍ଦର ପ୍ରଥମ ପ୍ରବନ୍ଧରେ ଥିବା 'ଉଭୟ ପ୍ରାଚୀ ତଟେ' ସ୍ଥଳେ ଲେଖା ଯାଇଥିଲା । ଏହି 'ବଦୂରଆ କଲଙ୍ଗ'ର ଅର୍ଥ ଅଧ୍ୟାପକ ବାରୁଆଙ୍କ ମତରେ—ଖାରବେଳ ଯେଉଁ ମହାବିଜୟ ପ୍ରାସାଦ ନିର୍ମାଣ କରିଥିଲେ ତହିଁରେ କଳିଙ୍ଗ ଦେଶର ଅତିସୁନ୍ଦର ଓ ମୂଲ୍ୟବାନ ବୈଡୁର୍ଯ୍ୟ (ମୂଲ୍ୟବାନ ପ୍ରସ୍ତର) ଖଞ୍ଜା ଯାଇଥିଲା । (୧) ଜଏସ୍ୱାଲ୍ଙ୍କର ୧୯୧୮ ଖ୍ରୀଷ୍ଟାବ୍ଦର ଦ୍ୱିତୀୟ ପ୍ରବନ୍ଧରେ ଥିବା 'କେ-ମାନା (ତ)' ଅପେକ୍ଷା ଅଧ୍ୟାପକ ବାରୁଆଙ୍କର ଏହି ଲେଖା ଆହୁରି ବିଚିତ୍ର ବୋଧହୁଏ । ଏ ସବୁ ଦେଖିଲେ 'ଗଡ୍ଡଳିକା ନ୍ୟାୟ'ରେ ଜଣେ ଥରେ ଯେଉଁ ଭୁଲ କଲା ଅନ୍ୟମାନେ ସେହି ଭୁଲର କୌଣସି ସଂଶୋଧନ ବା ପରିବର୍ଦ୍ଧନ ନକରି ପୁଣି ଏକ ଭୁଲକଲା ପରି, ପ୍ରଥମ ଲେଖାର 'ଉଭୟ ପ୍ରାଚୀ ତଟେ' ପଦଗୁଡ଼ିକର ଅର୍ଥ ବୁଝି ନପାରିବା ସଙ୍ଗେ ସଙ୍ଗେ ଦ୍ୱିତୀୟ ପ୍ରବନ୍ଧରେ ତାହାକୁ ଉଠାଇ ଅନ୍ୟ ଏକ ଅନର୍ଥ ପଦ ବ୍ୟବହାର କରିବା ଦ୍ୱାରା ଅଧ୍ୟାପକଙ୍କ ପରି ସୁପଣ୍ଡିତ-ମାନେ ମଧ୍ୟ ଏହି ଲିପିପାଠର ଭୁଲ ଅର୍ଥ ପ୍ରକାଶ କରିବାକୁ କୁଣ୍ଠିତ ହୋଇ ନାହାନ୍ତି । ଅଧ୍ୟାପକ ବାରୁଆ ଜଏସ୍ୱାଲ କିମ୍ବା ଅନ୍ୟ କୌଣସି ପୂର୍ବ ଲେଖକମାନଙ୍କ ଲେଖାଗୁଡ଼ିକୁ ନକଲ ନକରି ସ୍ୱତନ୍ତ୍ର ଭାବରେ ନିଜର ଅନୁସନ୍ଧାନ, ବିଶେଷତଃ ପ୍ରାଚୀନଗିରି ସମ୍ବନ୍ଧରେ କରିଥିଲେ ହୁଏତ ଏପରି ବିଚିତ୍ର ଅର୍ଥ କରି ନଥାନ୍ତେ ।

(୧) ଅଧ୍ୟାପକ ବାରୁଆଙ୍କ ଗ୍ରନ୍ଥର ୧୯ ଏବଂ ୪୪ ପୃଷ୍ଠା ଦେଖନ୍ତୁ ।

## ପ୍ରାଚୀନଦୀ ସମ୍ବନ୍ଧରେ ଜଏସ୍ୱାଲଙ୍କ ଉଦାସୀନ ଭାବ—

ହାତୀଗୁମ୍ଫା ଶିଳାଲିପିର ପ୍ରକୃତ ପାଠୋଦ୍ଧାର କରିବା ଦିଗରେ ଏକ୍ଷଣି ଡାକ୍ତର ଜଏସ୍ୱାଲଙ୍କୁ ଭାରତର ଅଦ୍ୱିତୀୟ ବ୍ୟକ୍ତି (Authority) ଅଟନ୍ତି । ଏହି ଲିପି ସମ୍ବନ୍ଧରେ ସେ ଛ' ଖଣ୍ଡି ଅତିବିସ୍ତୃତ ବିବରଣୀ ଆଜି ସୁଦ୍ଧା ପ୍ରକାଶ କରିଛନ୍ତି । ତାହାଙ୍କର ସବୁ ଲେଖା ମୁଁ ପଢ଼ିଚି । କିନ୍ତୁ ୧୯୧୭ ଖ୍ରୀଷ୍ଟାବ୍ଦର ତାହାଙ୍କର ପ୍ରଥମ ଲେଖାପରେ ସେ ପ୍ରାଚୀନଦୀ ସମ୍ବନ୍ଧରେ ଆଦୌ ଆଉ ଭାବି ନାହାନ୍ତି । ଶିଳାଲିପିର ପ୍ରତ୍ୟେକ ଧାଡ଼ି ପ୍ରତ୍ୟେକ ଅକ୍ଷର, ଏପରି କି ପ୍ରତ୍ୟେକ ମାତ୍ରାର କି କି ଭାବ ବା ଅର୍ଥ ଅଛି ତାହା ମଧ୍ୟ ଜଏସ୍ୱାଲ ଖୋଳିତାଡ଼ି ପାଇଛନ୍ତି । ଏ ଲିପିରେ ଖାରବେଳଙ୍କ କଳିଙ୍ଗ ରାଜଧାନୀର ବିସ୍ତୃତ ବିବରଣୀ ଏବଂ ତାହାଙ୍କ ରାଜତ୍ୱ ସମୟରେ ସେ ଭାରତର ଚତୁର୍ଦ୍ଦିଗ କରିଥିବା ଅଭିଯାନ ଓ ଯୁଦ୍ଧ ବିଜୟର ବିବରଣୀ ପ୍ରଭୃତି ଥିବାର ସେ ପାଇଛନ୍ତି । କିନ୍ତୁ ଏ ସବୁ ସତ୍ତ୍ୱେ ଖାରବେଳ ଠିକ କେଉଁ ସ୍ଥାନରେ ତାହାଙ୍କର ମହାବିଜୟ ପ୍ରାସାଦ ନିର୍ମାଣ କରିଥିଲେ, ସେହି ସ୍ଥାନ ନିର୍ଣ୍ଣୟ କରିବା ପାଇଁ କୌଣସି ଚେଷ୍ଟା କରି ନାହାନ୍ତି । ନିଜେ ଜଏସ୍ୱାଲ ଯେତେବେ ଏହି ସ୍ଥାନ ନିର୍ଣ୍ଣୟ କରି ପାରି ନାହାନ୍ତି, ତାହାଙ୍କ ପରବର୍ତ୍ତୀ ଲେଖକମାନେ ବା କାହିଁକି ସେ ଦିଗରେ ମୁଣ୍ଡ ଖର୍ଚ୍ଚ କରନ୍ତେ ? । ଏ କେତେକ କାରଣରୁ ହାତୀଗୁମ୍ଫା ଲିପିର ଅଧିକାଂଶ ପାଠୋଦ୍ଧାର ହେବା ସତ୍ତ୍ୱେ ଖାରବେଳଙ୍କ ରାଜଧାନୀର ସ୍ଥାନ ନିର୍ଣ୍ଣୟ ଆଦୌ ହୋଇ ପାରି ନାହିଁ ।

ଏହି ହାତୀଗୁମ୍ଫା ଲିପି ସମ୍ବନ୍ଧରେ ପ୍ରକାଶିତ ହୋଇଥିବା ସବୁ ପ୍ରବନ୍ଧମାନ ପାଠକରି ଜଏସ୍ୱାଲଙ୍କର ୧୯୧୭ ଖ୍ରୀଷ୍ଟାବ୍ଦର ପ୍ରଥମ ଲେଖା ଉପରେ ନିର୍ଭର କରି ମୁଁ ପ୍ରାଚୀନଦୀ ସଙ୍ଗେ ହାତୀଗୁମ୍ଫା ଲିପିର ଏବଂ ଖାରବେଳଙ୍କର କି ସମ୍ବନ୍ଧ ଅଛି, ସେ ବିଷୟ ଗୋଟିଏ ପ୍ରବନ୍ଧରେ ଲେଖି ଜଏସ୍ୱାଲଙ୍କ ପାଖକୁ ପଠାଇଥିଲି । ଅବଶ୍ୟ ଏହା ଲେଖିବା ପୂର୍ବରୁ ମୁଁ ପ୍ରାଚୀନଦୀ ଦୁଇ କୂଳରେ ଥିବା ଅସଂଖ୍ୟ ପ୍ରାଚୀନ କୀର୍ତ୍ତି ନିଜେ ଦେଖିଥିଲି, ଏବଂ ଲିପିରେ ବର୍ଣ୍ଣିତ ପୁଷ୍କରିଣୀ ଜଳାଶୟ ଓ ମଇଦାନ ପ୍ରଭୃତିର କେତେକ ସନ୍ଧାନ ପାଇଥିଲି । ଏ ସମସ୍ତ ଉପରେ ନିର୍ଭର କରି ମୁଁ ମୋର ପ୍ରବନ୍ଧ ଲେଖି ପଠାଇଥିଲି । ପ୍ରବନ୍ଧ ପଠାଇବା

ବେଳେ ଜଏସ୍ୱାଲ୍‌ଙ୍କୁ ଅନୁରୋଧ କରିଥିଲିଯେ ଏହାକୁ ପଢ଼ି, ଏ ବିଷୟରେ ନିଜ ମତାମତ ମୋତେ ଜଣାଇବେ ଏବଂ ଏହି ପ୍ରବଂଧକୁ ତାହାଙ୍କ ସମ୍ପାଦକତ୍ୱରେ ପ୍ରକାଶିତ ବିହାର ଓଡ଼ିଶା ଐତିହାସିକ ସଂଘର ତ୍ରୈମାସିକ ପତ୍ରିକାରେ ପ୍ରକାଶ କରିବେ । କିନ୍ତୁ ମୋର କୌଣସି ଅନୁରୋଧ ରକ୍ଷା ନ କରି ଡ଼କ୍ଟର ଜଏସ୍ୱାଲ୍ ମୋ ପ୍ରବଂଧକୁ ନିର୍ଦ୍ଦିଷ୍ଟ ଭିତରେ ମୋ ପାଖକୁ ଫେରାଇ ଦେଇଛନ୍ତି । ଏହାପରେ ମୁଁ ଏକାଧିକ ପତ୍ର ତାହାଙ୍କ ପାଖକୁ ଲେଖିଥିଲି । ମୋର ପ୍ରଧାନ ଦାବୀ ଯେ ଜଏସ୍ୱାଲ୍ ଆଉଥରେ ଓଡ଼ିଶାକୁ ଆସି ପ୍ରାଚୀନଦୀର ପ୍ରକୃତ ଅବସ୍ଥାନ ନିଜେ ଦେଖିଯାନ୍ତୁ, ଏବଂ ଏହି ନଦୀ ସଙ୍ଗେ ଖାରବେଳଙ୍କ ରାଜଧାନୀର କି ସମ୍ବନ୍ଧ ଥିଲା ତାହା ସ୍ଥିର କରନ୍ତୁ । ଏହି ଚିଠିର ଉତ୍ତରରେ ଡ଼କ୍ଟର ଜଏସ୍ୱାଲ୍ ଐତିହାସିକ ସଂଘର ସଂପାଦକଙ୍କ ଜରିଆରେ ନିମ୍ନ ଚିଠି ଲେଖାଇଛନ୍ତି—

"No 1829-S

Bihar and Orissa Reserach Society
Patna 20 th Nov'35

"Mr. Jayaswal suggests that the matter might be settled if you were to start excavations along the Prachi River".

## ପ୍ରାଚୀନଦୀ ତୀରରେ ଭୂଖନନ କାର୍ଯ୍ୟର ଆବଶ୍ୟକ—

ଆଜିକାଲି ଭୂଖନନ (Excavation) ଦ୍ୱାରା ଅନେକ ଗୁଡ଼ିଏ ପ୍ରାଚୀନ ଐତିହାସିକ ଏବଂ ସ୍ଥାନ ପୂର୍ବ କୀର୍ତ୍ତିର ଭଗ୍ନାବଶେଷ ଭୂଗର୍ଭରୁ ଆବିଷ୍କୃତ ହେଉଅଛି । କେତେବର୍ଷ ତଳେ ସିନ୍ଧୁ ନଦୀ ତୀରବର୍ତ୍ତୀ 'ମହେଞ୍ଜୋଦାରୋ' ଓ 'ହରପ୍‌ପା' ଅଂଚଳରୁ ଯେଉଁ ପ୍ରାଚୀନ କୀର୍ତ୍ତି ଗୁଡ଼ିକ ଆବିଷ୍କୃତ ହୋଇଛି, ତଦ୍ୱାରା ଭାରତର ଆର୍ଯ୍ୟ ଆଗମନର ବହୁ ପ୍ରାଚୀନ ଯୁଗର ଇତିହାସ ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟ କରିବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ପ୍ରାଚୀନ ଓଡ଼ିଶାର ଅନେକ ରାଜଧାନୀ, ଦୁର୍ଗ, ଗଡ଼, ନଗରୀ, ପୋତାଶ୍ରୟ ପ୍ରଭୃତି ଭାଂଗିରୁଜି ଭୂତଳରେ ପୋତିହୋଇ ପଡ଼ିଛି, ଏ ଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ଏ ଦେଶର ସରକାର କିଂବା କେନ୍ଦ୍ର ସରକାର କୌଣସି ଆୟୋଜନ

କର ନାହାନ୍ତି । ପ୍ରାଚୀନଦୀ ତୀରରେ ମଧ୍ୟ ବହୁ ସଂଖ୍ୟକ ପ୍ରାଚୀନ କୀର୍ତ୍ତି ପୋତିହୋଇ ପଡ଼ିଛି । ପୂର୍ବେ ଯେଉଁ ସ୍ଥାନରେ ଶତାଧିକ ଲୋକ ବାସକରୁଥିଲେ ଆଜ ସେହି ସ୍ଥାନ ହୁଏତ ଜଂଗଲ ହୋଇଛି, କିଂବା ନଦୀଗର୍ଭରେ ବୁଡ଼ି ରହିଛି । ଏ ସବୁ ଖୋଳ ତାଡ଼ ଦେଖିଲା ପରେ ପ୍ରାଚୀ ନଦୀ ସଙ୍ଗେ ଖାରବେଳଙ୍କର କି ସମ୍ବନ୍ଧ ଥିଲା ତାହା ସ୍ଥିର କରିବା ପାଇଁ ଡାକ୍ତର ଜଏସ୍ୱାଲ ଲେଖିଛନ୍ତି । ଏ ଦିଗରେ ଓଡ଼ିଶାର ନୂତନ ସରକାରଙ୍କର କର୍ତ୍ତବ୍ୟ ଯଥେଷ୍ଟ ରହିଛି । ଅନ୍ତତଃ ଏହି ଲେଖା ପ୍ରକାଶିତ ହେବା ପରେ ଓଡ଼ିଶାର ନେତୃସ୍ଥାନୀୟ ବ୍ୟକ୍ତିମାନେ ଏ ଦେଶର ସରକାରଙ୍କ ଶୁଭଦୃଷ୍ଟି ଏ ଦିଗରେ ଆକର୍ଷଣ କଲାଭଳି କିଛି କାର୍ଯ୍ୟ କଲେ ଜଏସ୍ୱାଲଙ୍କର ପ୍ରାଚୀ ନଦୀ ପ୍ରତି ଥିବା ଉଦାସୀନ ଭାବ ଅଚିରେ ଦୂରହେବ ବୋଲି ଆଶା କରୁଁ ।

**ଖାରବେଳଙ୍କ ରାଜଧାନୀ**—ହାତୀ ଗୁମ୍ଫା ଶିଳାଲିପି ଦ୍ୱାରା ଖାରବେଳଙ୍କ ତେରବର୍ଷ ରାଜତ୍ୱର ବିଶେଷ ବିବରଣୀ ଅତି ସୁନ୍ଦର-ରୂପେ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ତାହାଙ୍କ ରାଜଧାନୀର ଅବସ୍ଥିତି ମଧ୍ୟ ସ୍ପଷ୍ଟ ଜାଣିହୁଏ । ଏ ସମ୍ବନ୍ଧରେ କେତେକ କଥା ଏଠାରେ ଆଲୋଚିତ ହେବ ।

**ଖାରବେଳଙ୍କ ରାଜଧାନୀ**—ଖାରବେଳ 'ଚୈତ୍ର ଐର ବଂଶ'ର ତୃତୀୟ ରାଜା ଥିଲେ । ଅଶୋକଙ୍କ ମୃତ୍ୟୁ ପରେ ମୌର୍ଯ୍ୟ ସମ୍ରାଟ୍‌ମାନେ ହୀନବଳ ଥିବାର ଦେଖି କଳିଂଗର ପୂର୍ବ ରାଜାମାନଙ୍କ ବଂଶଧର 'ଚୈତ୍ର ଐର' କୋଶଳରୁ ଆସି କଳିଂଗରେ ନିଜର ସ୍ୱାଧୀନ ରାଜତ୍ୱ ସ୍ଥାପନ କରିଥିଲେ (ଖ୍ରୀ· ପୂ· ୨୨୦ ରେ) ଖାରବେଳ ଏହି ଚୈତ୍ର ଐରଙ୍କର ତୃତୀୟ ପୁରୁଷ ବା ନାତି ଅଟନ୍ତି ।

**ଖାରବେଳଙ୍କ ପୂର୍ବରୁ କଳିଂଗର ରାଜଧାନୀ**—ପ୍ରାଚୀନ କଳିଂଗର ଏକାଧିକ ସ୍ଥାନରେ ବିଭିନ୍ନ ରାଜବଂଶ ପୃଥକ୍ ପୃଥକ୍ ରାଜଧାନୀ ସ୍ଥାପନ କରିଥିଲେ । କିନ୍ତୁ ସେ ସବୁ ସ୍ଥାନଗୁଡ଼ିକ ନିର୍ଦ୍ଦିଷ୍ଟ ଭାବରେ ଏଯାଏ ଚିହ୍ନି ହୁଏ ନାହିଁ । ନନ୍ଦରାଜତ୍ୱ ସମୟରେ (ଖ୍ରୀ. ପୂ. ୩୭୦—୩୨୨ ଅବ୍ଦ) କଳିଂଗର ରାଜଧାନୀ ତୋଷାଳୀ ନାମକ ଥିବାର

ବର୍ଣ୍ଣିତ ହୋଇଛି । ଏହି ତୋଷାଳୀ ବା ତୋଷଳ ଗୋଟିଏ ପ୍ରଦେଶର ନାମ ବୋଲି କେହି କହନ୍ତି । ଆଉ କେତେକ ପଣ୍ଡିତଙ୍କ ମତାନୁସାରେ ଆଧୁନିକ 'ଧଉଳୀ' କୁ ପ୍ରାଚୀନ 'ତୋଷାଳୀ' କୁହାଯାଏ । ତାହା ହେଲେ ନନ୍ଦ ରାଜତ୍ୱରେ କଳିଙ୍ଗର ରାଜଧାନୀ ଆଧୁନିକ ଧଉଳୀ ନିକଟରେ ଥିଲା ବୋଲି କୁହା ଯାଇପାରେ ।

ନନ୍ଦଙ୍କ ପରେ କଳିଙ୍ଗର ଦ୍ୱିତୀୟ ଐର ରାଜାମାନଙ୍କ ସମୟରେ ଏହି ରାଜଧାନୀ କେଉଁଠି ଥିଲା ଜଣାଯାଏ ନାହିଁ । ଏହି ଦ୍ୱିତୀୟ ଐର ବଂଶରେ କେତେଜଣ ରାଜାଥିଲେ ସେ କଥା ମଧ୍ୟ ସ୍ପଷ୍ଟ ଜଣାନାହିଁ । କେବଳ ଏହି ବଂଶର ରାଜାମାନେ ଦୁର୍ବଳ ଥିବାରୁ ମଗଧ ରାଜା ଅଶୋକ କଳିଙ୍ଗ ଅଧିକାର କରି ସେଠା ରାଜଧାନୀ ତୋଷାଳୀରେ ନିଜର ଶିଳାଲିପି ସ୍ଥାପନ କରିଥିଲେ । ଏହି ଲିପି ଅଦ୍ୟାବଧି ଧଉଳୀର ଗୋଟିଏ ବଡ଼ ପ୍ରସ୍ତରରେ ଲେଖା ହୋଇ ରହିଛି ।

ଅଶୋକଙ୍କ ମୃତ୍ୟୁର ୧୬ ବର୍ଷ, ଅର୍ଥାତ୍ ଖ୍ରୀ.ପୂ. ୨୦୦ ଅବ୍ଦରେ ଚେଦି ଐର ଅସି ଗୋଟିଏ ସ୍ୱତନ୍ତ୍ର ରାଜଧାନୀ ସ୍ଥାପନ କରିଥିଲେ । ଏହି ରାଜଧାନୀ କେଉଁଠାରେ ଥିଲା ?

ଅଧ୍ୟାପକ ବାରୁଆ ଲେଖିଛନ୍ତି—

The city of Kalinga was built,

**Even before the reign of Kharavela''** (*)

ଅର୍ଥାତ୍, ଖାରବେଳଙ୍କ ରାଜତ୍ୱର ବହୁପୂର୍ବରୁ 'କଳିଙ୍ଗ ନଗର' ନିର୍ମିତ ହୋଇଥିଲା । କିନ୍ତୁ ଏହି ରାଜଧାନୀ ପ୍ରକୃତରେ କେଉଁ ସ୍ଥାନରେ ଥିଲା ସେ ବିଷୟ କୌଣସି ଐତିହାସିକ ଏ ପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି ।

## ଖାରବେଳଙ୍କ ସମୟରେ କଳିଙ୍ଗ ରାଜଧାନୀ—

ଖାରବେଳଙ୍କ ସମୟରେ କଳିଙ୍ଗ ରାଜଧାନୀ କପରି ଥିଲା ଏବଂ ସେ

(*) Vide, "Old Brahmi Inscription on the Khandagiri and Udayagiri'' P.288, By prof. B.M Barua.

ରାଜସିଂହାସନରେ ବସିବା ପ୍ରଥମ ବର୍ଷ ଝଡ଼ରେ ପୂର୍ବରାଜାଙ୍କର ରାଜଧାନୀର ଭଙ୍ଗା ପ୍ରାଚୀର, ଦୁର୍ଗ, ମନ୍ଦିର, ବଗିଚା ଓ ପୁଷ୍କରିଣୀ ପ୍ରଭୃତିର ମରାମତି ସେ କରାଇ ଥିଲେ ସେ ସମସ୍ତ ବିଷୟ ହାତୀଗୁମ୍ଫା ଲିପିରେ ବର୍ଣ୍ଣିତଅଛି । ତଥାପି, ସେହି ରାଜଧାନୀର ପ୍ରକୃତ ଅବସ୍ଥାନ କେଉଁଠି ସେ କଥା ଉକ୍ତ ଲିପିରେ ନାହିଁ ।

**ଖାରବେଳଙ୍କ ରାଜଧାନୀର ନାମ**—ଖାରବେଳଙ୍କ ସମୟରେ କଳିଙ୍ଗ ରାଜଧାନୀର ନାମ କଣ ଥିଲା ? ହାତୀଗୁମ୍ଫା ଲିପିରେ ରାଜଧାନୀର ସେପରି କୌଣସି ନାମୋଲ୍ଲେଖ ନାହିଁ । କେବଳ "କଳିଙ୍ଗ ରାଜଧାନୀ" ଏବଂ 'ରାଜଧାନୀ' ବୋଲି ମାତ୍ର ଲେଖାଅଛି ।

ଏହି ନାମ ଦେଖି ରାଜଧାନୀର ପ୍ରକୃତ ସ୍ଥାନ କେଉଁଠି ତାହା ସ୍ଥିର କରିବା ସହଜ ନୁହେଁ ।

**ତୋଷାଳୀ ଖାରବେଳଙ୍କ ରାଜଧାନୀ ନଥିଲା**—ପୂର୍ବରୁ କୁହାଯାଇଛି ଯେ, ଅଶୋକଙ୍କ ମୃତ୍ୟୁର ୧୭ବର୍ଷ ପରେ ଚୈତ୍ରବଂଶୀର କୋଶଳରୁ ଆସି କଳିଙ୍ଗରେ ଗୋଟିଏ ସ୍ୱତନ୍ତ୍ର ରାଜଧାନୀ ସ୍ଥାପନ କରିଥିଲେ । ତୋଷାଳୀ ନନ୍ଦରାଜାମାନଙ୍କର ରାଜଧାନୀ ଥିଲା । ଅଶୋକ କଳିଙ୍ଗ ଅଧିକାର କରି ଏହି ତୋଷାଳୀ ବା ଆଧୁନିକ ଧଉଳୀରେ ନିଜର ଗୋଟିଏ ପୁତ୍ରଙ୍କୁ ଶାସକ ରୂପେ ରଖାଇଥିଲେ ଏବଂ ଏହିଠାରେ ନିଜର ଗୋଟିଏ ଶିଳାଲିପି ଖୋଳାଇଥିଲେ । ଏହି କେତେକ କାରଣରୁ ଚୈତ୍ରବଂଶୀୟ ସେହି ପୁରୁଣା ସ୍ଥାନରେ ନ ରହି ଅନ୍ୟ ଏକ ସ୍ୱତନ୍ତ୍ର ସ୍ଥାନରେ ନିଜର ରାଜଧାନୀ ସ୍ଥାପନ କରିଥିଲେ । ହାତୀଗୁମ୍ଫା ଲିପି ଅନୁସାରେ ସେହି ସ୍ଥାନଟି ଅତିବିସ୍ତୃତ ଥିଲା । ସେଠାରେ ଅସଂଖ୍ୟ, ଦେବମନ୍ଦିର, ରାଜପ୍ରାସାଦ, ଦୁର୍ଗ, ପୁଷ୍କରିଣୀ, ବାପି ଓ ପ୍ରଶସ୍ତ ମଇଦାନ ପ୍ରଭୃତି ଥିଲା । ଏପରି କୌଣସି ପ୍ରାଚୀନକୀର୍ତ୍ତି ତୋଷାଳୀ କିଂବା ଆଧୁନିକ ଧଉଳୀର ନିକଟବର୍ତ୍ତୀ ଚତୁର୍ଦ୍ଦିଗରେ ଦେଖାଯାଏ ନାହିଁ ଏବଂ ତୋଷାଳୀର ନାମ ସୁଦ୍ଧା ଖାରବେଳଙ୍କ ଶିଳାଲିପିରେ ନାହିଁ । ଏହି କାରଣରୁ ତୋଷାଳୀ ଖାରବେଳଙ୍କ କଳିଙ୍ଗ ରାଜଧାନୀ ନଥିଲା ବୋଲି ସ୍ପଷ୍ଟ କହିପାରୁ ।

**ହାତୀଗୁମ୍ଫା ନିକଟରେ କଳିଙ୍ଗ ରାଜଧାନୀ ନଥିଲା—** ଡକ୍ଟର ଜଏସ୍ୱାଲ ତାହାଙ୍କର ୧୯୧୭ ଖ୍ରୀଷ୍ଟାବ୍ଦର ପ୍ରଥମ ପ୍ରବନ୍ଧରେ ଲେଖିଥିଲେ ।

There are indications that the capital must have been near the site of the inscription.

ହାତୀଗୁମ୍ଫାଲିପି ଉଦୟଗିରି ପାହାଡ଼ର ଗୋଟିଏବଡ଼ ଗୁମ୍ଫାର ଶିରୋଭାଗରେ ଅଛି । ଏହି ଲିପି ଥିବା ଗୁମ୍ଫାର ଉଚ୍ଚତା ପ୍ରାୟ ୫୭ ଫୁଟ ଏବଂ ଯେଉଁ ପାହାଡ଼ ଉପରେ ଏହି ଗୁମ୍ଫା ରହିଛି ତାହାର ଉଚ୍ଚତା (ଉଦୟଗିରି ପାହାଡ଼) ୧୧୦ ଫୁଟଅଟେ । ଉଦୟଗିରି ପାହାଡ଼ର ଦକ୍ଷିଣରେଖଣ୍ଡଗିରି ପାହାଡ଼ ଏବଂ ପୂର୍ବ, ପଶ୍ଚିମ ଓ ଉତ୍ତରରେ କଣ୍ଟକବୃକ୍ଷଲତାପୂର୍ଣ୍ଣ ଜଂଗଲ ଓ ନିମ୍ନପ୍ରଦେଶ ରହିଛି । ଉଦୟଗିରିର ଉପରେ କିଂବା ତହିଁର ଚତୁର୍ଦିଗରେ ଲିପିରେ ବର୍ଣ୍ଣିତ ଦେବମନ୍ଦିର, ପୁଷ୍କରିଣୀ, ବାଂପି କିବା ବିସ୍ତୃତ ମଇଦାନର କୌଣସି ଚିହ୍ନ ମଧ୍ୟ ନାହିଁ । ଏପରିସ୍ଥଳେ ଲିପିର ନିକଟରେ ପ୍ରାଚୀନ କଳିଙ୍ଗ ରାଜଧାନୀ ଥିଲାବୋଲି ଜଏସ୍ୱାଲ ଯାହା କହନ୍ତି ତାହା ସଂପୂର୍ଣ୍ଣ ଭ୍ରମ କିଂବା କାଳ୍ପନିକ ବୋଲି ସ୍ପଷ୍ଟ କୁହାଯାଇପାରେ ।

**ଖାରବେଲଙ୍କ ମହାବିଜୟ ପ୍ରାସାଦ ଏବଂ ପ୍ରାଚୀ ନଦୀ-** ୧୯୧୭ ଖ୍ରୀଷ୍ଟାବ୍ଦରେ ଜଏସ୍ୱାଲ ହାତୀଗୁମ୍ଫାଲିପି ସମ୍ବନ୍ଧରେ ଯେଉଁ ଦୀର୍ଘ ପ୍ରବନ୍ଧ ପ୍ରକାଶ କରିଥିଲେ, ସେହି ପ୍ରବନ୍ଧ ଅନୁସାରେ ଲିପିର ୧୦ ମ ଧାଡ଼ିରେ ସେ ସ୍ପଷ୍ଟ ପଢ଼ିଥିଲେ ।

"ଉଭୟ ପ୍ରାଚୀତଟେ ରାଜନିବାସଂ
ମହାବିଜୟ ପ୍ରାସାଦଂ କାରୟତି" × × ❋

---

❋ Vide" Hathigumpha Inscription" by K. P. J. (J. B. O. R. S. Vol. III P, IV P. 456) (1917).

କଳିଙ୍ଗ ସିଂହାସନ ଆରୋହଣ କରିବା ନବମ ବର୍ଷରେ ଖାରବେଳ ପ୍ରାଚୀ ନଦୀର ଉଭୟ ତୀରରେ ନିଜପାଇଁ 'ମହାବିଜୟ ପ୍ରାସାଦ' ନିର୍ମାଣ କରାଇଥିଲେ । ପୂର୍ବରୁ କୁହାଯାଇଛି ଯେ, ତାହାଙ୍କ ରାଜତ୍ୱର ୫ମ ବର୍ଷରେ ସେ ତନୁଶୁଲ୍ୟା ଓ୍ୱାଟଠାରୁ ଗୋଟିଏ 'କେନାଲ' ବା ପାଣିନାଳ ଖୋଳାଇ ନିଜ ରାଜଧାନୀ ପାଖକୁ ଅଣାଇଥିଲେ । ଏହି ନାଳ ହିଁ ଆଧୁନିକ ପ୍ରାଚୀ ନଦୀ ଅଟେ, ଏବଂ ଏହି ନଦୀର ଦୁଇ କୂଳରେ ନିଜପାଇଁ 'ମହାବିଜୟ ପ୍ରାସାଦ' ନାମକ ରାଜପ୍ରାସାଦ ୩୮ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ବ୍ୟୟରେ ନିର୍ମାଣ କରାଇଥିଲେ । ଲିପିର ଏହି ଧାଡ଼ିରୁ ସ୍ପଷ୍ଟ ଜଣାଯାଏ ଯେ ଖାରବେଳଙ୍କ ନୂତନ ରାଜପ୍ରାସାଦ ପ୍ରାଚୀ ନଦୀର ଉଭୟତୀରରେ ନିର୍ମିତ ହୋଇଥିଲା ଏବଂ ଏହିଠାରେ ହିଁ ତାହାଙ୍କର ରାଜଧାନୀ ଥିଲା ।

**ଖାରବେଳଙ୍କ ପୂର୍ବରୁ କଳିଙ୍ଗ ରାଜଧାନୀରେ ଥିବା ସଂକେତ ମାନ:—** ପୂର୍ବରୁ କୁହାଯାଇଛି ଯେ ଖାରବେଳଙ୍କ ପୂର୍ବରାଜା ଚେଦିବଂଶୀର ଓ ତାହାଙ୍କ ବଂଶଧର କଳିଙ୍ଗରେ ଗୋଟିଏ ସ୍ୱତନ୍ତ୍ର ରାଜଧାନୀ ସ୍ଥାପନ କରିଥିଲେ । ଏହି ରାଜଧାନୀର ପ୍ରକୃତ ସ୍ଥାନ କେଉଁଠି ସେ କଥା ଆମଦେଶର ଐତିହାସିକ କିଂବା ଅନ୍ୟ କୌଣସି ଭାରତୀୟ ବା ପାଶ୍ଚାତ୍ୟ ପଣ୍ଡିତ ଏ ପର୍ଯ୍ୟନ୍ତ ଦେଖିନାହାନ୍ତି । ଏକାଧିକ ଦେଶୀ ଓ ପାଶ୍ଚାତ୍ୟ ପଣ୍ଡିତଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଯେ ଚେଦିବଂଶୀ ରାଜାମାନଙ୍କ-ଦ୍ୱାରା ପ୍ରତିଷ୍ଠିତ କଳିଙ୍ଗ ରାଜଧାନୀ ସମ୍ପୂର୍ଣ୍ଣରୂପେ ଲୁପ୍ତ ହୋଇଛି । ଏ ବିଷୟରେ କେତେକ ପଣ୍ଡିତଙ୍କର କଳ୍ପନାଶକ୍ତି ଆହୁରି ଊର୍ଦ୍ଧ୍ୱକୁ ଗତିଯାଇଛି । କେତେକ ପଣ୍ଡିତ କହନ୍ତି "ପ୍ରାଚୀନ କଳିଙ୍ଗ ରାଜଧାନୀ ସମୁଦ୍ର ଭିତରେ ଲୀନ ହୋଇଗଲା", ଆଉ କେତେକଜଣ କହନ୍ତି ଆଧୁନିକ "ମୁଖଲିଂଗମ" କିଂବା "କଳିଙ୍ଗପାଟଣା" ପ୍ରାଚୀନ କଳିଙ୍ଗ ରାଜଧାନୀ ଅଟେ * ଇତ୍ୟାଦି । କିନ୍ତୁ ଏ ଶ୍ରେଣୀର କୌଣସି ପଣ୍ଡିତ ପ୍ରାଚୀନ କଳିଙ୍ଗ ରାଜଧାନୀର ପ୍ରକୃତ ଅବସ୍ଥାନ କେଉଁଠି ଥିଲା ସେ କଥା

---

* Vide. 'Kalinga Nagara' by Mr. G. Rama Das B.A (Calcutta Review March, 1931)

ସ୍ପଷ୍ଟ ଜାଣିବାପାଇଁ କେବେହେଲେ ଯତ୍ନ କରିଥିବାର ଦେଖାଯାଇନାହିଁ । ସେପରି ଏକାଧିକ ଦେଶୀ ଓ ପାଶ୍ଚାତ୍ୟ ପଣ୍ଡିତମାନଙ୍କୁ ମୋର ଅନୁରୋଧ, ସେମାନେ ଥରେ ଆସି ପ୍ରାଚୀ ନଦୀର ଦୁଇକୂଳରେ ଥିବା ପ୍ରାଚୀନ-ଯୁଗର ଅସଂଖ୍ୟ ଦେବମନ୍ଦିର, ପୁଷ୍କରିଣୀ ବାଂଫି, ଗଡ଼ ଓ ମଇଦାନ ପ୍ରଭୃତି ଦେଖିଯାନ୍ତୁ । ପ୍ରାଚୀ ନଦୀର ଦୀର୍ଘ ୩୦ ମାଇଲ ଲମ୍ବା ଏବଂ ପ୍ରାଚୀ ନଦୀ ଓ ବଙ୍ଗୋପସାଗର ମଧ୍ୟସ୍ଥ ଭୂପ୍ରଦେଶରେ (ପୁରୀ ଜିଲ୍ଲାର ବାଲିପାଟଣା, ନିମାପଡ଼ା, ଗୋପ ଓ କାକଟପୁର ଥାନା ଏବଂ କଟକ ଜିଲ୍ଲାର ଗୋବିନ୍ଦପୁର, ଜଗତସିଂହପୁର ଓ ବାଲିକୁଦା ଥାନାର ମଧ୍ୟଭାଗ ) ଥିବା ଶତ ଶତ ପ୍ରାଚୀନ କୀର୍ତ୍ତିର ଭଗ୍ନାବଶେଷଗୁଡ଼ିକୁ ଦେଖିଯାନ୍ତୁ, ଏ ଗୁଡ଼ିକୁ ଥରେ ଦେଖିଗଲେ ଲୁପ୍ତ (?) କଳିଙ୍ଗର ରାଜଧାନୀ ପ୍ରକୃତରେ କେଉଁଠାରେ ଥିଲା ସେ କଥା ସେମାନେ ସ୍ଥିର କରିବା-ପାଇଁ ବିଶେଷ ସୁବିଧା ପାଇପାରନ୍ତ । ମୋର ଆଶା ଏ ଦିଗରେ ଉତ୍କଳର ପ୍ରତ୍ୟେକ ଐତିହାସିକ ବିଶେଷ ଦୃଷ୍ଟିଦେବେ ଏବଂ ସେମାନଙ୍କର ଯତ୍ନରୁ ପ୍ରାଚୀନ କଳିଙ୍ଗର ଏହି ଲୁପ୍ତଗୌରବ ଜଗତ୍‌ବାସୀଙ୍କ ଆଗରେ ଉଦ୍‌ଘାଟିତ ହେବ ।

**ହାତୀଗୁମ୍ଫା ଲିପିର ଅନ୍ୟାନ୍ୟ ବିଶେଷତ୍ୱ**—ହାତୀଗୁମ୍ଫ ଲିପିର ପାଠୋଦ୍ଧାର ଦ୍ୱାରା ପ୍ରାଚୀନ କଳିଙ୍ଗ ରାଜ୍ୟର ଗୋଟିଏ ବିସ୍ତୃତ ଇତିହାସ ଲେଖିବାପାଇଁ ଉପାଦାନ ସଂଗ୍ରହ କରାଯାଇଛି । ଏ ପର୍ଯ୍ୟନ୍ତ ଖ୍ରୀ: ପୂର୍ବ ଯୁଗର କଳିଙ୍ଗ ଇତିହାସକୁ 'ଅନ୍ଧକାର ଯୁଗ' କୁହାଯାଉଥିଲା । କିନ୍ତୁ ଏକ୍ଷଣି ଏହିଲିପିଦ୍ୱାରା ଆମ୍ଭେମାନେ ସେ କାଳର ଅନେକ ଘଟଣା ସ୍ପଷ୍ଟ ଜାଣିପାରୁଛୁ । 'ସେ କାଳରେ କଳିଙ୍ଗର ସୈନ୍ୟ କେତେ ଥିଲା, ଲୋକସଂଖ୍ୟା କେତେ ଥିଲା,' ଲୋକମାନେ କିପରି ଯୁଦ୍ଧରେ ଯୋଗ ଦେଉଥିଲେ, କିପରି ଘର, ପୁଷ୍କରିଣୀ, ବାଂଫି ଓ ମଇଦାନ ପ୍ରଭୃତି ନିର୍ମାଣ କରୁଥିଲେ ଏବଂ ରାଜପୋଷକତା ଲାଭ କରି ଯୁଦ୍ଧବେଳେ ଯୁଦ୍ଧ ଏବଂ ଦେଶଶାନ୍ତିବେଳେ ନାଚତାମସା କରି କିପରି ମଉଜ କରୁଥିଲେ ଏ ସମସ୍ତ ବିଷୟ ଉକ୍ତ ଲିପିରେ ସ୍ପଷ୍ଟ ଲେଖା ଅଛି । ପ୍ରାଚୀନ କଳିଙ୍ଗର ଏତେ ନୂତନ ବିଷୟ ଏହି ଲିପିଦ୍ୱାରା ଉଦ୍‌ଘାଟିତ ହେଉଥିବା ସତ୍ତ୍ୱେ କୌଣସି ଓଡ଼ିଆ ଏହି ଲିପିସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିନାହାନ୍ତି ।

ଯେଉଁମାନେ ବା କରିଛନ୍ତି ସେମାନେ ନିଜ ଗୋଡ଼ରେ ନିଜେ ଠିଆ ନ ହୋଇ ଅନ୍ୟର ଲେଖାଗୁଡ଼ିକୁ ଚର୍ବିତ ଚର୍ବଣ କରିଛନ୍ତି ମାତ୍ର । ଏହି ଲେଖାର ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ ଲିପିର ଆବଶ୍ୟକୀୟ ବିଷୟଗୁଡ଼ିକ ସମ୍ବନ୍ଧରେ କେତେକ ଆଲୋଚନା କରିବି ଏବଂ ଲିପିର ବିସ୍ତୃତ ଆଲୋଚନା ମୋର ଖାରବେଳଙ୍କ ଜୀବନୀ ଗ୍ରନ୍ଥରେ ପ୍ରକାଶ କରିବି ।

# ପ୍ରାଚୀନଦୀ ଏବଂ ଭୁବନେଶ୍ୱର ନିକଟବର୍ତ୍ତୀ କେତୋଟି ପ୍ରସିଦ୍ଧ ପ୍ରାଚୀନକୀର୍ତ୍ତି

**ଜଏସ୍ୱାଲଙ୍କର ୧୯୧୭ ଖ୍ରୀଷ୍ଟାବ୍ଦର ପ୍ରବନ୍ଧ**—ହାତୀଗୁମ୍ଫା ଲିପିର ପାଠୋଦ୍ଧାର ଯେଉଁ କେତେକ ଭାରତୀୟ ଓ ପାଶ୍ଚାତ୍ୟ ପଣ୍ଡିତ କରିଥିଲେ ତନ୍ମଧ୍ୟରୁ ଡାକ୍ତର ଜଏସ୍ୱାଲଙ୍କର ପାଠହିଁ ଅତି ଉପାଦେୟ ଓ ଉତ୍କୃଷ୍ଟ ଅଟେ । କିନ୍ତୁ ତାହାଙ୍କର ପ୍ରଥମ ପାଠରେ (୧୯୧୭) ସେ ଯେଉଁ ଭୁଲ୍ କରିଛନ୍ତି ସେ ବିଷୟରେ କେତେକ କଥା ଏଠାରେ ବର୍ଣ୍ଣନା କରିବି ।

**ପ୍ରାଚୀନଦୀ ସମ୍ବନ୍ଧରେ ତାହାଙ୍କର ନିର୍ଭୁଲ ପାଠ**—୧୯୧୭ ଖ୍ରୀଷ୍ଟାବ୍ଦର ପ୍ରଥମ ପ୍ରବନ୍ଧରେ ପ୍ରାଚୀନଦୀ ସମ୍ବନ୍ଧରେ ଜଏସ୍ୱାଲ ହାତୀଗୁମ୍ଫା ଲିପିରୁ ନିର୍ଭୁଲ ପାଠୋଦ୍ଧାର କରିଛନ୍ତି । ଏହି ନଦୀର ଉଭୟ ତୀରରେ ଖାରବେଳ ନିଜର ମହାବିଜୟ ପ୍ରାସାଦ ନିର୍ମାଣ କରିଥିବା କଥା ଜଏସ୍ୱାଲ ତାହାଙ୍କ ପ୍ରବନ୍ଧର ଏକାଧିକ ସ୍ଥାନରେ ଲେଖିଛନ୍ତି । କିନ୍ତୁ ପ୍ରାଚୀନଦୀର ପ୍ରକୃତ ଅବସ୍ଥାନ କେଉଁଠି ତାହା ଜାଣିବା ପାଇଁ ସେ (ଜଏସ୍ୱାଲ) ଆଦୌ ଚେଷ୍ଟା କରି ନାହାନ୍ତି ।

**ପ୍ରାଚୀନଦୀର ଅବସ୍ଥାନ ସମ୍ବନ୍ଧରେ ତାହାଙ୍କର ଭୁଲ ଧାରଣା**—ଏହି କାରଣରୁ ସେ ଲେଖିଛନ୍ତି "This (The Prachi River) is a small river near modern Bhubaneswar and not very far from Dhauli and Hatigumpha (1)"

ଏହିଲେଖାରୁ ସ୍ପଷ୍ଟ ଜଣାଯାଏ ଯେ ପ୍ରାଚୀନଦୀ ଏବଂ ଭୁବନେଶ୍ୱର ଧଉଳୀ ଓ ହାତିଗୁମ୍ଫାର ଭୌଗୋଳିକ ଅବସ୍ଥାନ ସମ୍ବନ୍ଧରେ ଜଏସ୍ୱାଲଙ୍କର ଜ୍ଞାନ ସୀମାବଦ୍ଧ ଥିଲା । ତାହା ନ ହେଲେ ସେ ପ୍ରାଚୀନଦୀ ଓ ଅନ୍ୟ ପ୍ରସିଦ୍ଧସ୍ଥାନଗୁଡ଼ିକ ସମ୍ବନ୍ଧରେ ଏପରି ଭୁଲ ଧାରଣା କରି ନଥାନ୍ତେ !

**ଏପରି ଭୁଲ ପାଠଯୋଗୁଁ ପ୍ରାଚୀନ କଳିଙ୍ଗ ଇତିହାସରେ ବିଭ୍ରାଟ ଘଟିଛି**— ପ୍ରାଚୀନଦୀର ପ୍ରକୃତ ଅବସ୍ଥାନ ଜାଣି ନ ଥିବାରୁ ଜଏସ୍ୱାଲ ଓ ତାହାଙ୍କର ପରବର୍ତ୍ତୀ ଲେଖକମାନେ ଖାରବେଳ ଯୁଗର କଳିଙ୍ଗ ଇତିହାସକୁ ବିକୃତ କରି ଯାଇଛନ୍ତି । ସେମାନଙ୍କ ମତରେ ପ୍ରାଚୀନଦୀ କେବଳ ଭୁବନେଶ୍ୱର ଧଉଳୀ ଓ ହାତିଗୁମ୍ଫା ମଧ୍ୟବର୍ତ୍ତୀ ସ୍ଥାନରେ ଥିଲା, ଏବଂ ଏକ୍ଷଣି ତାହା ଲୁପ୍ତ ହୋଇଯାଇଛି । ଏପରି ଭ୍ରମଧାରଣାରୁ ସେମାନେ ପ୍ରାଚୀନଦୀର ବିଶେଷତ୍ୱ ସମ୍ବନ୍ଧରେ ଆଦୌ କିଛି ଜାଣିବାପାଇଁ ଚେଷ୍ଟା କରିନାହାନ୍ତି । ପ୍ରାଚୀନଦୀର ଦୀର୍ଘ ୩୦ ମାଇଲ ଲମ୍ବା ଦୁଇ ତୀରରେ କି କି ପ୍ରାଚୀନକୀର୍ତ୍ତି ଅଛି ଏ ବିଷୟ ମଧ୍ୟ ସେମାନଙ୍କୁ କିଛି ଜଣାନାହିଁ । ସେ ବିଷୟ ସ୍ପଷ୍ଟ ରୂପେ ଜଣାଇବା ସତ୍ତ୍ୱେ ଡ଼କ୍ଟର ଜଏସ୍ୱାଲ ଏହି ନୂତନ କଥାକୁ ଆଦୌ ବିଶ୍ୱାସ କରନ୍ତି ନାହିଁ, ଏହା କମ୍ ଆଶ୍ଚର୍ଯ୍ୟ କଥା ନୁହେଁ ।

**ପ୍ରାଚୀନଦୀର ଅବସ୍ଥାନ ଜାଣିଥିଲେ ଖାରବେଳ ଓ କଳିଙ୍ଗ ସମ୍ବନ୍ଧରେ ନୂତନ ଇତିହାସ ଲେଖି ହୁଅନ୍ତା**— ଡ଼କ୍ଟର ଜଏସ୍ୱାଲ ହାତିଗୁମ୍ଫା ସମ୍ବନ୍ଧରେ ଏକାଧିକ ପ୍ରବନ୍ଧ ଲେଖିବା ସମୟରେ ପ୍ରାଚୀନଦୀର ପ୍ରକୃତ ଅବସ୍ଥାନ କଥା ଏବଂ ସେହି ନଦୀ ତୀରରେ ଥିବା ଶତଶତ ବାପି, ପୁଷ୍କରିଣୀ, ଦେବମନ୍ଦିର ଓ ମଇଦାନ ପ୍ରଭୃତିର ଭଗ୍ନାବଶେଷ ଥରେ ଦେଖିଥିଲେ ଖାରବେଳଙ୍କ ସମ୍ବନ୍ଧରେ ଏବଂ କଳିଙ୍ଗ

ଇତିହାସର ଗୋଟିଏ ନୂତନ ଅଧ୍ୟାୟ ଲେଖିଥାନ୍ତେ କିନ୍ତୁ ସାମାନ୍ୟ ଭ୍ରମଯୋଗୁ ସେ ତାହା କରିପାରି ନାହାନ୍ତି ।

**ପ୍ରାଚୀ ନଦୀ ସଂଗେ ଭୁବନେଶ୍ୱର ଓ ତନ୍ନିକଟବର୍ତ୍ତୀ ପ୍ରସିଦ୍ଧ ସ୍ଥାନଗୁଡ଼ିକର ସମ୍ବନ୍ଧ**—ପ୍ରାଚୀନଦୀର ପ୍ରକୃତ ଅବସ୍ଥାନ ଜାଣି ନଥିବାରୁ ଜଏସ୍ୱାଲ ଏହି ନଦୀ ଭୁବନେଶ୍ୱର, ଖଣ୍ଡଗିରି ଓ ଧଉଳୀ ମଧ୍ୟରେ ଥିବାର ବିଶ୍ୱାସ କରିଥିବା କଥା ପୂର୍ବେ କୁହାଯାଇଛି । କିନ୍ତୁ ପ୍ରକୃତରେ ଏହି ନଦୀ ସଂଗେ ଅନ୍ୟାନ୍ୟ ସ୍ଥାନଗୁଡ଼ିକର କିପରି ସମ୍ବନ୍ଧ ରହିଛି କିମ୍ବା ଏହି ନଦୀଠାରୁ ପ୍ରୋକ୍ତ ସ୍ଥାନଗୁଡ଼ିକ କେତେ ଦୂରରେ ରହିଛି ସେ ବିଷୟ ନିମ୍ନ ଉକ୍ତିରୁ ସ୍ପଷ୍ଟ ବୁଝିହେବ ।

୧— ଭୁବନେଶ୍ୱରଠାରୁ ଖଣ୍ଡଗିରି ଓ ଉଦୟଗିରିର ଦୂରତା ପ୍ରାୟ ୩ ମାଇଲ୍ ଏବଂ ଏ ଦୁଇଟି ପାହାଡ଼ ଭୁବନେଶ୍ୱରର ପଶ୍ଚିମରେ ଅବସ୍ଥିତ ।

୨—ଭୁବନେଶ୍ୱରର ଦକ୍ଷିଣରେ ପ୍ରାୟ ୬ ମାଇଲ୍ ଦୂରରେ ଧଉଳୀ ପର୍ବତ ରହିଛି ।

୩—ଭୁବନେଶ୍ୱରଠାରୁ ପ୍ରାୟ ୧୬ ମାଇଲ୍ ପୂର୍ବରେ ପ୍ରାଚୀନଦୀ ଉତ୍ତର ଦକ୍ଷିଣ ହୋଇ ପ୍ରବାହିତ ।

୪—ଧଉଳୀଠାରୁ ପ୍ରାଚୀ ନଦୀ ପ୍ରାୟ ୧୪-୧୫ ମାଇଲ୍ ଦୂରରେ ।

୫—ହାଥିଗୁମ୍ଫା ଲିପିଠାରୁ ପ୍ରାଚୀ ନଦୀର ଦୂରତା ପ୍ରାୟ ୧୯ ମାଇଲ୍ ହେବ ।

ଭୁବନେଶ୍ୱର ଓ ତନ୍ନିକଟବର୍ତ୍ତୀ କେତେକ ପ୍ରସିଦ୍ଧ ପ୍ରାଚୀନ କୀର୍ତ୍ତିର ଭୌଗୋଳିକ ଅବସ୍ଥାନ ସଂଗେ ପ୍ରାଚୀନଦୀକୁ ତୁଳନା କଲେ ନିଶ୍ଚିତରୂପେ ବୁଝିହେବ ଯେ ଏହି ନଦୀ ପ୍ରୋକ୍ତ ସ୍ଥାନରୁ ବହୁଦୂରରେ ଅବସ୍ଥିତ । କିନ୍ତୁ ଏହି କେତେକ କଥା ଜାଣି ନଥିବାରୁ ଡକ୍ଟର ଜଏସ୍ୱାଲ ତାହାଙ୍କର ପ୍ରଥମ ପ୍ରବନ୍ଧରେ ଲେଖିଥିଲେ "ପ୍ରାଚୀନଦୀ ଭୁବନେଶ୍ୱର, ଖଣ୍ଡଗିରି ଓ ଧଉଳୀ ମଧ୍ୟବର୍ତ୍ତୀ ସ୍ଥାନରେ ବା ନିକଟରେ ଥିଲା ।"

ଏସବୁ ଭୌଗୋଳିକ ଜ୍ଞାନ ଅଭାବରୁ ସେ ପ୍ରାଚୀନଦୀର ଅସ୍ତିତ୍ୱ ସ୍ୱୀକାର କରିନାହାନ୍ତି ଏବଂ ଏହି କାରଣରୁ ହାତୀଗୁମ୍ଫା ଲିପିରେ ଥିବା 'ଉଭୟ ପ୍ରାଚୀତଟେ' ବାକ୍ୟଟିକୁ ସେ Is an addition to the text ବୋଲି ଲେଖିଛନ୍ତି !

---

# ପ୍ରାଚୀ ନଦୀ ଏବଂ ଚନ୍ଦ୍ରୋତ୍ପଳା ବନ୍ଦର

**ଚନ୍ଦ୍ରୋତ୍ପଳା ନଦୀ**—ଏହି ଗ୍ରନ୍ଥର ପ୍ରଥମ ଅଧ୍ୟାୟରେ ପ୍ରାଚୀନଦୀର ଅଠଗୋଟି ଶାଖାନଦୀ ମଧ୍ୟରୁ 'ଚନ୍ଦ୍ରୋତ୍ପଳା' ଗୋଟିଏ ପ୍ରସିଦ୍ଧ ଶାଖାନଦୀ ଥିବାର ବର୍ଣ୍ଣିତ ଅଛି । ଏହି ନଦୀ ପ୍ରାଚୀନଦୀରୁ ଆଧୁନିକ 'ନୟାହାଟ' ଓ ଘା 'ଚନ୍ଦ' ଗ୍ରାମ ମଧ୍ୟରୁ ବାହାରି ଦକ୍ଷିଣମୁଖୀ ହୋଇ ପ୍ରାୟ ୭/୮ ମାଇଲ ଯିବାପରେ ପୁଣି ପୂର୍ବମୁଖୀ ହୋଇ ବଙ୍ଗୋପସାଗରରେ ପଡୁଥିଲା । ଏହି ନଦୀର ଅବସ୍ଥାନ ଓ ନାମକରଣ ସମ୍ବନ୍ଧରେ ଏକାଧିକ ପୌରାଣିକ ବିବରଣୀ ରହିଛି । ସେଥିରୁ କେତୋଟି ନିମ୍ନରେ ବର୍ଣ୍ଣିତ ହେଲା ।

## 'ପ୍ରାଚୀ ମାହାତ୍ମ୍ୟରେ ଚନ୍ଦ୍ରୋତ୍ପଳାର ନାମକରଣ—

ପ୍ରାଚୀ ମାହାତ୍ମ୍ୟର ଦ୍ୱିଷଷ୍ଠ ଅଧ୍ୟାୟରେ ଲେଖା ଅଛି—

"ପୂର୍ବକାଳରେ ପ୍ରାଚୀ ତୀରେ—ଚନ୍ଦ ଚଣ୍ଡାଳ ପୁର କରେ ।
ସର୍ବ ଜନ୍ମରେ ନିଷ୍ଠାପର—ହୋଇ ସେଠାରେ କରେ ଘର ।
ତା ସଙ୍ଗେ କଣ୍ଟି ଦ୍ୱିଜନାରୀ—ଉତ୍ପଳା ନାମେ ସେ କୁମାରୀ ।
ବିହାର କରେ ତା ସଙ୍ଗରେ—ପତ୍ନୀ ଭାବରେ ନିରନ୍ତରେ ।
ପୂର୍ବ ଜନ୍ମର ପାପ ବଳେ—ସନ୍ତାନହୀନ ହେଲା କାଳେ ।
ଏ ରୂପେ କେତେ କାଳ ଗଲା—ମରଣ କାଳ ଆସି ହେଲା ।

ଚନ୍ଦ ଉତ୍ପଳା ଦୁହିଁଙ୍କର—ଜୀବ ଛାଡ଼ିଲା କଳେବର ।
ସେ ଦୁହିଁଙ୍କ ହୃଦୁ ଜାତ—ସେ ହେତୁ ସେ ନଦୀ ବିଖ୍ୟାତ ।
ହୋଇଲେ ଜମ୍ବୁଦ୍ୱୀପ ଉର୍ଦ୍ଧ୍ୱ—ଉତ୍କଳ ଖଣ୍ଡ ଭୂମି ମଧ୍ୟେ ।
ଚନ୍ଦଙ୍କ ଉତ୍ପଳା ନାମରେ—ଲିଂଗ ହୋଇଲେ ଦୁଇ ତୀରେ ।
କହିଲେ ଦ୍ୱିଜବରମାନେ—ଚନ୍ଦ ଉତ୍ପଳା ହେଲା ନାମେ ।
ସେ ହେତୁ ସର୍ବ ପାପ ଦହ୍ନ—ଜଳ ହୋଇଲା ପୁଣ୍ୟ ମୟୀ ।
ଏମନ୍ତେ ଚନ୍ଦ୍ରୋତ୍ପଳା ଜାତ—ସଂସାରେ ହୋଇଲେ ବିଖ୍ୟାତ ।

( ୨ୟ ଅଧ୍ୟାୟ ୫ପୃଷ୍ଠା )

**ଚନ୍ଦ୍ରୋତ୍ପଳାର ଅବସ୍ଥାନ**—ଚନ୍ଦ୍ରୋତ୍ପଳା ନଦୀର ଅବସ୍ଥାନ ସମ୍ବନ୍ଧରେ 'କପିଳ ସଂହିତା' ରେ ଲେଖାଅଛି—

'ଉତ୍ପଳେଶଂ' ସମାସାଦ୍ୟ, ଯାବଚ୍ଚିନ୍ତା ମହେଶ୍ୱର ।
ତାବତ୍ ଚନ୍ଦ୍ରୋତ୍ପଳା ଖ୍ୟାତା ସର୍ବ ପୁଣ୍ୟପ୍ରଦା ନଦୀ ।"

( କପିଳ ସଂହିତା )

ଅର୍ଥାତ୍—ଉତ୍ପଳେଶ୍ୱର ମହାଦେବଙ୍କଠାରୁ 'ଚନ୍ଦେଶ୍ୱରୀ' ଠାକୁରାଣୀଙ୍କ ମଧ୍ୟବର୍ତ୍ତୀ ନଦୀର ନାମ 'ଚନ୍ଦ୍ରୋତ୍ପଳା' ଏବଂ ତାହା ସର୍ବପୁଣ୍ୟ ପ୍ରଦାୟିନୀ ବୋଲି ଖ୍ୟାତ ।

**ଉତ୍ପଳେଶ୍ୱର ଓ ଚନ୍ଦେଶ୍ୱରୀଙ୍କ ସ୍ଥାନ**- ପୂର୍ବୋକ୍ତ ପ୍ରାଚୀ ମାହାତ୍ମ୍ୟରୁ ମଧ୍ୟ ସ୍ପଷ୍ଟ ଜଣାଯାଏ ଯେ 'ଚନ୍ଦ' ନାମକ ଚଣ୍ଡାଳ 'ଉତ୍ପଳା' ନାମ୍ନୀ ବ୍ରାହ୍ମଣ କନ୍ୟାକୁ ବିବାହ କରି କେତେକ କାଳ ଏକତ୍ର ବାସ କଲାପରେ ସେମାନେ ଅପୁତ୍ରିକ ହୋଇ ମରିଯିବାପରେ ସ୍ଥାନୀୟ ଅଧିବାସୀମାନେ ସେ ଦୁହିଙ୍କ ନାମକୁ ସ୍ମରଣ ରଖିବା ନିମନ୍ତେ ଦୁଇଟି ଶିବଲିଂଗ ନଦୀର ଦୁଇ କୂଳରେ ସ୍ଥାପନ କରିଥିଲେ । ଏ ଦୁଇ ଲିଂଗ ଅନୁସାରେ ନଦୀର ନାମ (ଚନ୍ଦ+ଉତ୍ପଳା) 'ଚନ୍ଦ୍ରୋତ୍ପଳା' ହୋଇଥିଲା । କିନ୍ତୁ 'କପିଳ ସଂହିତା' ଅନୁସାରେ ଦୁଇଟି ଶିବଲିଂଗ ବଦଳରେ ଗୋଟିଏ ଶିବଲିଂଗ ଓ ଗୋଟିଏ ଶକ୍ତିମୂର୍ତ୍ତି ସ୍ଥାପିତ ହୋଇଥିବାର ଜଣାଯାଏ । ପୁଣି ଉକ୍ତ ଦୁଇ ମୂର୍ତ୍ତିର ନାମ ଗୁଡ଼ିକ ମଧ୍ୟ ପରିବର୍ତ୍ତନ କରାଯାଇଥିବାର ବର୍ଣ୍ଣିତ ଅଛି । ଚନ୍ଦକ ପୁରୁଷ

ବଦଳରେ 'ଚିତ୍ରେଶ୍ୱରୀ' ଠାକୁରାଣୀ ଏବଂ 'ଉତ୍ପଳା' ସ୍ତ୍ରୀ ବଦଳରେ 'ଉତ୍ପଳେଶ୍ୱର' ମହାଦେବଙ୍କୁ ସ୍ଥାପନ କରିଥିବାର ସଂହିତାରୁ ଜଣା ଯାଏ । ବର୍ତ୍ତମାନ ଏହି ସଂହିତାନୁସାରେ ପୂର୍ବେ ଯେଉଁ ଅଞ୍ଚଳ ଦେଇ ଚିତ୍ରୋତ୍ପଳା ପ୍ରବାହିତ ହେଉଥିଲା ଆଜିକାଲି ସେହି ଅଞ୍ଚଳର **ଦୁଇଟି** ସ୍ଥାନରେ ଏହି ଗ୍ରନ୍ଥ ବର୍ଣ୍ଣିତ ମୂର୍ତ୍ତିଗୁଡ଼ିକ ଦେଖାଯାଏ । ପ୍ରଥମ ମୂର୍ତ୍ତି 'ଉତ୍ପଳେଶ୍ୱର' କାକଟପୁର ଥାନାର ପାଟପୁର ନିକଟବର୍ତ୍ତୀ 'ଉପୁଳା' ଗ୍ରାମରେ ପୂଜାପାନ୍ତି ଏବଂ ଦ୍ୱିତୀୟ ମୂର୍ତ୍ତି 'ଚିତ୍ରେଶ୍ୱରୀ' ଠାକୁରାଣୀ ଏହି ଥାନାର 'ଚିତ୍ରେଶ୍ୱରୀ ଗ୍ରାମରେ ପ୍ରତିଷ୍ଠିତ । ଶେଷୋକ୍ତ ସ୍ଥାନ ପ୍ରାଚୀନ ଚିତ୍ରୋତ୍ପଳା ନଦୀର ମୁହାଣଠାରୁ ପ୍ରାୟ ୩।୦ ମାଇଲ ଉତ୍ତରରେ ଦେଖାଯାଏ ଏବଂ ପ୍ରଥମ ଶିବମୂର୍ତ୍ତିଟି ପ୍ରାଚୀନଦୀଠାରୁ ପ୍ରାୟ ୩।୮ ମାଇଲ ଦକ୍ଷିଣରେ ରହିଛି । ଏହି ଦୁଇ ମୂର୍ତ୍ତିକୁ ଦେଖିଲେ ପ୍ରାଚୀମାହାତ୍ମ୍ୟ ଓ କପିଳସଂହିତାରେ ବର୍ଣ୍ଣିତ 'ଚିତ୍ରୋତ୍ପଳା'ର ନାମକରଣ ଏବଂ ଅବସ୍ଥାନ ପ୍ରାୟ ଠିକ୍ ଥିବାର ଜଣାଯାଏ ।

**ମହାଭାରତରେ ଚିତ୍ରୋତ୍ପଳାର ପରିଚୟ**—ସାରଳା ଦାସଙ୍କ ମହାଭାରତରେ ମଧ୍ୟ ଚିତ୍ରୋତ୍ପଳା ନଦୀ ସମ୍ବନ୍ଧରେ କେତେକ କଥା ଲେଖାଅଛି—

"ଜମ୍ବୁଦ୍ୱୀପେ ଭରତଖଣ୍ଡେ ଉଡ୍ରାଷ୍ଟ୍ର ମଣ୍ଡଳେ,
ଉତ୍ପଳେଶ୍ୱର ଯେ ଲିଂଗ ଚିତ୍ରୋତ୍ପଳା କୂଳେ ।
ଜମ୍ବୁଦ୍ୱୀପ ବାରିନଧି ପଶ୍ଚିମର ଭାଗେ ,
ସୁନ୍ଦର ମାଳ ପର୍ବତ କଳ୍ପବଟ ଲଗେ ।
ଚନ୍ଦ୍ରଭାଗା କୋଣାର୍କର ତୀର୍ଥ ଅଟେ ଯହିଁ,
ସେହି ସର୍ବସ୍ଥାନ ହାଲ ସୁସ୍ଥାନ ଅଟଇ ।
ଚିତ୍ରୋତ୍ପଳା ନଦୀ ବହେ ଦକ୍ଷିଣ କୋଣରେ,
ଉଡ୍ରରାଷ୍ଟ୍ର ବ୍ରହ୍ମପୁର (?) ଅଛଇ ସେଠାରେ ।
କଳିକାଳରେ ଗୋପନ ଅଛି ଏକ ନଦୀ ,
ଚିତ୍ରୋତ୍ପଳା ନାମେ ଆସେ ଐଶାନ୍ୟକୁ ଭେଦି ।
ସେ ନଦୀକୂଳେ ପରଶୁରାମଙ୍କ ଆଶ୍ରମ ,
ନତ୍ୟ ଭୁବନ କନକାବତୀ ଅଟେ ନାମ ।

(ମହାଭାରତ ସଭାପର୍ବ)

**ଚିତ୍ରୋତ୍ପଳା ନଦୀର ପ୍ରାଚୀନତ୍ୱ**— ପୂର୍ବରୁ କୁହାଯାଇଛି ଯେ ପ୍ରାଚୀ ନଦୀ ଖ୍ରୀଷ୍ଟପୂର୍ବ ୧୬୯ ଅବ୍ଦରେ ଖାରବେଳଙ୍କ ୫ମ ବର୍ଷ ରାଜତ୍ୱରେ ଖୋଳା ଯାଇଥିଲା। ଚିତ୍ରୋତ୍ପଳା ନଦୀ ନିଶ୍ଚୟରେ ତାହା ପୂର୍ବରୁ ଖୋଳ ଯାଇଥିବ। କିନ୍ତୁ ପ୍ରୋକ୍ତ ପ୍ରାଚୀମାହାତ୍ମ୍ୟରୁ ଜଣାଯାଏ ଯେ ଏହା ଆହୁରି ପୁରୁଣାଯୁଗର ନଦୀ ଅଟେ। ପ୍ରାଚୀମାହାତ୍ମ୍ୟରେ ଯେଉଁ 'ଶତ୍ରକ ଚଣ୍ଡାଳ' କଥା ବର୍ଣ୍ଣିତ ଅଛି ସେ ସମ୍ଭବତଃ ଖାରବେଳ ବଂଶର ପ୍ରଥମ ପୁରୁଷ 'ଚୈତ୍ରବୀର' ଅଟନ୍ତି। ଚୈତ୍ରବୀର କୋଶଳରୁ ଆସି ଏଠାରେ ନୂତନ ରାଜତ୍ୱ ସ୍ଥାପନ କରିଥିଲେ। ତାହାଙ୍କ ସମକକ୍ଷ କୌଣସି ରାଜକନ୍ୟା ପାଇନଥିବାରୁ ସମ୍ଭବତଃ ସେ 'ଉତ୍ପଳା' ନାମ୍ନୀ ବ୍ରାହ୍ମଣ କନ୍ୟାକୁ ବିବାହ କରିଥିଲେ। କ୍ଷତ୍ରିୟମାନଙ୍କର ଗୋଟିଏ ନିୟମ ଅଛି ଯେ ସେମାନେ ନିଜର ସମାନସ୍କନ୍ଧ ବଂଧୁ ନ ମିଳିଲେ କୌଣସି ବ୍ରାହ୍ମଣ ଘରେ ନିଜର ପୁତ୍ର ପାଇଁ ପାତ୍ରୀ ଖୋଜି ପାରନ୍ତି। କିନ୍ତୁ ଯେଉଁ ବ୍ରାହ୍ମଣ ନିଜର କନ୍ୟାକୁ ଅର୍ଥ ଲୋଭରେ କ୍ଷତ୍ରିୟ ହସ୍ତରେ ଅର୍ପଣ କରେ, ତାହାକୁ 'ଶାସନ'ର ଅନ୍ୟାନ୍ୟ ବ୍ରାହ୍ମଣମାନେ ପତିତ ପରି ଘୃଣା କରନ୍ତି। ଚୈତ୍ର କ୍ଷତ୍ରିୟ ହୋଇ ବ୍ରାହ୍ମଣ କନ୍ୟାକୁ ବିବାହ କରିଥିବାରୁ ପ୍ରାଚୀମାହାତ୍ମ୍ୟ ଲେଖକ ତାହାଙ୍କୁ 'ଚଣ୍ଡାଳ' ବୋଲି ସମ୍ବୋଧନ କରିଥିଲେ। ନଚେତ୍ ଯେଉଁ ଚଣ୍ଡାଳ, ବ୍ରାହ୍ମଣ କନ୍ୟାକୁ ବିବାହ କରିଥିଲା ସେ ଏବଂ ସେହି କନ୍ୟା ମରିଯିବାପରେ ସେମାନଙ୍କର ସ୍ମୃତି ରକ୍ଷା ନିମନ୍ତେ ଏହି ନଦୀ ତୀରରେ ଦୁଇଟି ଶିବଲିଂଗ ସ୍ଥାପନ ହୁଅନ୍ତା କିପରି ? ଏ କେତେକ ଘଟଣାରୁ ବେଶ୍ ଜାଣିହୁଏ ଯେ ବୀର ବଂଶ ସ୍ଥାପୟିତା ଚୈତ୍ରବୀର ଏଠାରେ ରାଜତ୍ୱ ସ୍ଥାପନ କରିଥିଲେ ଏବଂ ସେହି ଚୈତ୍ର ଓ ତାହାଙ୍କର ସ୍ତ୍ରୀ ଉତ୍ପଳା ନାମାନୁସାରେ ଏହି ନଦୀର ଏପରି ନାମକରଣ ହୋଇଥିଲା। ପ୍ରାଚୀନ ଇତିହାସରୁ ଜଣାଯାଏ ଯେ ଚୈତ୍ରବୀର ଅଶୋକଙ୍କ ମୃତ୍ୟୁର ୧୬ ବର୍ଷ ପରେ କୋଶଳରୁ ଆସିଥିଲେ। ଏହି ସମୟ ଖ୍ରୀ. ପୂ. ୨୨୨ ବୋଲି ପୂର୍ବରୁ କୁହାଯାଇଛି। ଅତଏବ ଚିତ୍ରୋତ୍ପଳା ସେହି କାଳରୁ ଏଠାରେ ଥିଲା ବୋଲି କୁହାଯାଇପାରେ। ପରେ ପ୍ରାଚୀ ନଦୀ ଖୋଳା-ଯିବାରୁ ଏହା ସେହି ପ୍ରାଚୀ ନଦୀର ଗୋଟିଏ ପ୍ରଧାନ ଶାଖା ନଦୀରେ ପରିଣତ ହୋଇଯାଇଥିଲା।

**ଚନ୍ଦ୍ରୋପୃଲା ଓ କୋଣାର୍କ**—ଚନ୍ଦ୍ରୋପୃଲା ନଦୀର ମୁହାଣ ନିକଟରେ ପୂର୍ବେ 'କୋଣାର୍କ' ବୋଲି ଗୋଟିଏ ଅତି ସମୃଦ୍ଧିଶାଳୀ ନଗର ଥିଲା । ମୁହାଣ ନିକଟ ଥିବାରୁ ଏବଂ କଳିଙ୍ଗ ଦେଶର ଲୋକମାନେ ଏହି ମୁହାଣ ଦେଇ ବୋଇତବାଣିଜ୍ୟ କରୁଥିବାରୁ, କୋଣାର୍କ ସହର ଏ ଅଞ୍ଚଳର ସମୁଦ୍ର କୂଳରେ ଗୋଟିଏ ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର ମଧ୍ୟ ଥିଲା ।

**କୋଣାର୍କ ସମ୍ବନ୍ଧରେ ଟଲେମୀଙ୍କ ବର୍ଣ୍ଣନା**—ଚନ୍ଦ୍ରୋପୃଲା ନଦୀ ମୁହାଣରେ ଥିବା କୋଣାର୍କ ସହର ସମ୍ବନ୍ଧରେ ଗ୍ରୀକ ଲେଖକ 'ଟଲେମୀ' ତାହାଙ୍କ ଲିଖିତ '**ଭୂଗୋଳ**'ରେ ଲେଖିଛନ୍ତି । ଟଲେମୀଙ୍କ ଭୂଗୋଳ ଖ୍ରୀଷ୍ଟ ୧ମ ଅବ୍ଦରେ ଲେଖାଯାଇଥିଲା । ଏହି ଲେଖାରେ ପ୍ରାଚୀନ ଉତ୍କଳର ସମୁଦ୍ର ଉପକୂଳରେ ଥିବା ଏକାଧିକ ନଦୀ ବନ୍ଦର ଓ ସହରର ନାମ ଦିଆଯାଇଛି । କିନ୍ତୁ ଆଜିକାଲି ସେ ସବୁ ସହର ଓ ବନ୍ଦର କେଉଁଠାରେ ଅଛି ସ୍ଥିରକରି ହୁଏ ନାହିଁ । କେବଳ ନାମର ଉଚ୍ଚାରଣ ଅନୁସାରେ 'କୋଣାର୍କ'ର ସ୍ଥାନ ଜାଣି ହୁଏ । ଟଲେମୀ କୋଣାର୍କକୁ 'କୋନ୍ନାଗାର (Konnagara) ବୋଲି ଲେଖିଛନ୍ତି । ଟଲେମୀଙ୍କ ଭୂଗୋଳ ଖ୍ରୀଷ୍ଟ ୧ମ ଅବ୍ଦରେ ଲେଖାଯାଇଥିବାରୁ କୋଣାର୍କ ସହର ମଧ୍ୟ ସେହି ସମୟରେ ଥିବାର ନିଃସନ୍ଦେହରେ କୁହାଯାଇପାରେ ।

**ଚନ୍ଦ୍ରୋପୃଲା ଏବଂ ହୁଏନ୍‌ସାଙ୍ଗ 'ଚେଲିତାଲୋ'**—ଚୀନ ପରିବ୍ରାଜକ ହୁଏନ୍‌ସା ତାମ୍ରଲିପ୍ତ ଠାରୁ ସିଂହଳ ଯାଉ ଯାଉ ମାର୍ଗରେ ଓଡ଼ିଶା ଦେଶକୁ ଆସି ଏଠାରେ ଥିବା କେତେକ ବୌଦ୍ଧକୀର୍ତ୍ତି ଏବଂ ଏକାଧିକ ରାଜଧାନୀ ବା ସହର ଦେଖିଥିବା କଥା ତାହାଙ୍କର 'ଭ୍ରମଣ ବୃତ୍ତାନ୍ତ'ରେ ଲେଖିଯାଇଛନ୍ତି । ସେ ୬୪୦ ଖ୍ରୀଷ୍ଟାବ୍ଦରେ ଓଡ଼ିଶାକୁ ଆସିଥିଲେ । ସେ କାଳରେ ଚନ୍ଦ୍ରୋପୃଲା ନଦୀର ମୁହାଣ ନିକଟରେ ଥିବା ପୂର୍ବୋକ୍ତ କୋଣାର୍କ ସହରର ନାମ ସମ୍ଭବତଃ 'ଚନ୍ଦ୍ରୋପୃଲା' ବା 'ଚୈତ୍ରିକ' ଥିଲା । ହୁଏନ୍‌ସା ଏହି ସହରକୁ ନିଜର ଭାଷାରେ 'ଚେ—ଲି—ତା—ଲୋ' (che-li-ta-lo) ବୋଲି ଲେଖିଥିଲେ । 'ଚେ—ଲି—ତା—ଲୋ'ର ଅର୍ଥ—ଯେଉଁ ସ୍ଥାନରୁ ଲୋକମାନେ ବିଦେଶ ଯାତ୍ରାକରନ୍ତି । ଏହି ଚେ—ଲି—ତା—ଲୋ ସମ୍ବନ୍ଧରେ ହୁଏନ୍‌ସା ଲେଖିଛନ୍ତି:—

❋ "The south- eastern frontiers of the country (Uda or Orissa) border on the great sea. There is a town called Chi-li-ta-lo (Charitra). This is a rendezvous for merchants who embark on the sea, and for others from distant places who travel here and there".

("The life of Hiuen—Tsiang", by. S. Beal P. 134)

ଅନ୍ୟ ଏକ ବିବରଣୀରେ ଲେଖାଅଛି:—

"On the south-east frontiers of the country, on the borders of the ocean, is the town Charitra (Chi-li-ta-lo) about 20 miles round. Here its merchants depart for distant countries, and strangers come and go and stop here on their way The walls of the city are strong and lofty. Here are found all sorts of rare and precious articles".

Outside the city there are five convents one after the other. Other towns are very high and earved with figures of saints exquisitely" done.

(Travels of Yuanchway by Mruathes)

**ଚିତ୍ରୋତ୍ପଳା ବା ଚେଲିତାଲୋ ବନ୍ଦର**—କୋଣାର୍କ ସହର ନୌବାଣିଜ୍ୟର ପ୍ରଧାନ କେନ୍ଦ୍ର ଥିବା ସମୟରେ ଚିତ୍ରୋତ୍ପଳା ନଦୀର ମୁହାଣରେ ଗୋଟିଏ ଅନ୍ତର୍ବର୍ତ୍ତ ବନ୍ଦର ଥିଲା, ଏହି ବନ୍ଦର ସମ୍ବନ୍ଧରେ 'ପୁରୀଜିଲ୍ଲା ଗେଜେଟିୟର ଲେଖକ ଲେଖିଛନ୍ତି । Tradition speaks of

An old port at its mouth which, if true, might with some reason, be identified with the port of che li-ta-lo, that lay to the south-east of the capital of Wu-tu (Oda or North Orissa) is the time of Hiuen Tsiang is in the seventh century A D."

(Puri District Gazetter, P. 313) 13th Edition.

**ପ୍ରାଚୀନଦୀ ସହ ଚିତ୍ରୋତ୍ପଳା ବନ୍ଦରର ସମ୍ବନ୍ଧ—** ପ୍ରାଚୀ ନଦୀର ମୁହାଣଠାରୁ ଚିତ୍ରୋତ୍ପଳା ନଦୀର ମୁହାଣ ପ୍ରାୟ ୨।୩ ମାଇଲ୍ ଦକ୍ଷିଣରେ ଆଜିକାଲି ଦେଖାଯାଏ । କିନ୍ତୁ ପୂର୍ବକାଳରେ ପ୍ରାଚୀ ଓ ଚିତ୍ରୋତ୍ପଳା ଆହୁରି ବିସ୍ତୃତ ଓ ଗଭୀର ଥିବା ସମୟରେ ଏ ଦୁଇଟି ନଦୀର ମୁହାଣ ପ୍ରାୟ ଏକ ସ୍ଥାନରେ ଥିବା ସମ୍ଭବ ଏବଂ ଏ ଦୁଇନଦୀର ଯୁକ୍ତ ମୁହାଣରେ "ଚିତ୍ରୋତ୍ପଳା" ବା 'ଚରିତ୍ର' କିମ୍ବା ଚେଲି ବନ୍ଦର ଥିବାର ଅନୁମିତ ହୁଏ ।

**ଚିତ୍ରୋତ୍ପଳା ନଦୀ ଓ କୋଣାର୍କ ମନ୍ଦିର—** ପୂର୍ବରୁ କୁହାଯାଇଛି ଯେ ଚିତ୍ରୋତ୍ପଳା ନଦୀ ପ୍ରାଚୀରୁ ବାହାରି କିଛିଦୂର ଦକ୍ଷିଣମୁଖୀ ହୋଇ ଯିବାପରେ ପୁଣି ପୂର୍ବଦିଗକୁ ଗତିକରି ବଙ୍ଗୋପସାଗରରେ ମିଶିଥିଲା । ଏହି ନଦୀ ଯେଉଁ ବାଟ ଦେଇ ପୂର୍ବେ ବହିଯାଉଥିଲା ଆଜିକାଲି ସେହି ନଦୀ ଧାରରେ କୃଷି ଜମି ହୋଇଯାଇଛି, କିନ୍ତୁ ସ୍ଥାନେ ସ୍ଥାନେ କେତୋଟି ଅତି ବଡ଼ ପ୍ରସ୍ତର ପୂର୍ବ ନଦୀ ଧାରରେ ପଡ଼ିରହିଛି । ସ୍ଥାନୀୟ କିମ୍ବଦନ୍ତୀରୁ ଜଣାଯାଏ ଯେ, କୋଣାର୍କର ସୂର୍ଯ୍ୟମନ୍ଦିର ନିର୍ମାଣ କରିବାପାଇଁ ଏହି ଚିତ୍ରୋତ୍ପଳା ନଦୀ ଦେଇ ପ୍ରସ୍ତର ଗୁଡିକ ଅଣାଯାଇଥିଲା । ଏଥିପାଇଁ ଏହି ନଦୀର ସ୍ଥାନୀୟ ନାମ 'ପଥର ବୁହା ନଦୀ' । ଦୂର ଦେଶରୁ ପ୍ରାଚୀ ଓ ଚିତ୍ରୋତ୍ପଳା ଦେଇ ପଥର ଅଣିବା ପରେ ଏହି ଚିତ୍ରୋତ୍ପଳାର 'ପଦ୍ମତୋଳା ଗଣ୍ଡ'କୁ ପୋତି ଶିଳ୍ପୀ ଶିବାଇ ସାନ୍ତରା ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ । ଏହି କିମ୍ବଦନ୍ତୀରୁ ଅନୁମିତ ହୁଏ ଯେ ଖ୍ରୀଷ୍ଟ ୧୩ଶ ଅବଧିଯାଏ, ଅର୍ଥାତ୍, କୋଣାର୍କର ସୂର୍ଯ୍ୟମନ୍ଦିର ନିର୍ମିତ ହେବାପର୍ଯ୍ୟନ୍ତ ପ୍ରାଚୀ ଓ

ଚନ୍ଦ୍ରଭାଗା ନଦୀ ଅତି ଗଭୀର ଥିଲା ଏବଂ ଏହି ନଦୀ ଦେଇ ସେହି ମନ୍ଦିରର ଆବଶ୍ୟକୀୟ ପଥର ପ୍ରଭୃତି ଆଣିବା ପାଇଁ ସୁବିଧା ଥିଲା ।

**କୋଣାର୍କର ସୂର୍ଯ୍ୟମନ୍ଦିର ପରେ 'ଚନ୍ଦ୍ରଭାଗା'ର ଉତ୍ପତ୍ତି**—ପଦ୍ମଖୋଲା ଗଣ୍ଡରେ ସୂର୍ଯ୍ୟମନ୍ଦିର ନିର୍ମିତ ହେବାପରେ ଚନ୍ଦ୍ରଭାଗା ଓ ପ୍ରାଚୀ ନଦୀର ବିସ୍ତୃତି ଓ ଚୌଡ଼ା ଆସ୍ତେ ଆସ୍ତେ ଊଣା ହୋଇଥିଲା ଏବଂ ଏ ଦୁଇଟି ନଦୀ କ୍ରମଶଃ ଲୁପ୍ତ ହେବାରୁ ମହାନଦୀର ଦକ୍ଷିଣସ୍ଥ ପ୍ରଧାନ ଶାଖାନଦୀ 'କାଠଯୋଡ଼ି' ଏବଂ ତାହାଁର ଶାଖାନଦୀ 'କୁଆଖାଇ', 'କୁଶଭଦ୍ରା' ଓ 'ଦେବୀ' ପ୍ରଭୃତିର କଳେବର ବୃଦ୍ଧି ପାଇଥିଲା । ଏ ସମ୍ବନ୍ଧରେ ପୁରୀ ଜିଲ୍ଲା ଗେଜେଟିଅର ଲେଖକ ଲେଖିଛନ୍ତି:—

'It is at least certain that since the creation of this great temple (The Konarak temple) the waters of the Katjuri have been diverted from the Prachi to the Devi, the Kushabhadra and the Kuakhai". (Vide PP 313-14)

ଚନ୍ଦ୍ରଭାଗା ନଦୀର ମୁହାଣକୁ ପ୍ରାୟ ଦୁଇମାଇଲ ପଶ୍ଚିମରେ "ପଦ୍ମଖୋଲା" ଗଣ୍ଡ ଥିଲା । ଏହି ଗଣ୍ଡପୋତିହୋଇ ସେଠାରେ କୋଣାର୍କ ନିର୍ମିତ ହେବାରୁ ସେହି ମନ୍ଦିର ଓ ମୁହାଣ ମଧ୍ୟରେ ଚନ୍ଦ୍ରଭାଗା ନଦୀର ଯେଉଁ ଅବଶିଷ୍ଟ ଅଂଶ ରହିଲା ତାହାହିଁ ଆଧୁନିକ 'ଚନ୍ଦ୍ରଭାଗା' ତୀର୍ଥରୂପେ ରହିଛି । ଏବେଣି ଚନ୍ଦ୍ରଭାଗା ତୀର୍ଥ କୋଣାର୍କଠାରୁ ପ୍ରାୟ ୧୨ମାଇଲ ପୂର୍ବରେ ଦେଖାଯାଏ ଏବଂ ପୂର୍ବ ଅପେକ୍ଷା ଏହିଠାରୁ ବଙ୍ଗୋପସାଗର ଆହୁରି ଦୂରକୁ ଘୁଞ୍ଚିଯାଇଛି ।

**ଚନ୍ଦ୍ରଭାଗା ବନ୍ଦର ଲୋପ ପରେ ସ୍ଥାନୀୟ ଅବସ୍ଥା**— ଚନ୍ଦ୍ରଭାଗା ବନ୍ଦର ଥିବା ସମୟରେ ପ୍ରାଚୀ ଓ ଚନ୍ଦ୍ରଭାଗା ମୁହାଣ ନିକଟରେ ଅସଂଖ୍ୟ ପ୍ରସିଦ୍ଧ ଗ୍ରାମ ଓ ଲୋକବସତି ଥିଲା । ଏଥି ମଧ୍ୟରୁ କୋଣାଳି ସହର ପ୍ରଧାନ ଅଟେ ।

ବ୍ୟବସାୟ ବାଣିଜ୍ୟର ପ୍ରଧାନ କେନ୍ଦ୍ର ଥିବାରୁ ଏଠାକୁ ଅସଂଖ୍ୟ ଲୋକ ପ୍ରତିଦିନ ଯା ଆସ କରୁଥିଲେ । କିନ୍ତୁ ୧୩ଶ ଖ୍ରୀଷ୍ଟାବ୍ଦ ପରେ ଅର୍ଥାତ କୋଣାର୍କର ସୂର୍ଯ୍ୟମନ୍ଦିର ନିର୍ମାଣ ଏବଂ ଚନ୍ଦ୍ରୋପଳା ବନ୍ଦରର ବିଶେଷତ୍ୱ କମିଯିବା ପରେ ଏହି ନିକଟବର୍ତ୍ତୀ ସହର ଓ ଲୋକବସତି କ୍ରମଶଃ ଲୋପ ପାଇଛି ଏବଂ ଆଜିକାଲି ଏହି ଅଞ୍ଚଳଗୁଡ଼ିକ ନିର୍ଜନ ମରୁଭୂମି ହୋଇ ପଡ଼ିଛି । ଲୋକାରଣ୍ୟ ଓ ଲୋକବସତି ଅଦୃଶ୍ୟ ହେବାସଙ୍ଗେ ସଙ୍ଗେ ପ୍ରକୃତି ମଧ୍ୟ ଏହି ସ୍ଥାନକୁ ଆହୁରି ହତଶ୍ରୀ କରାଇ ଦେଇଛି । ପ୍ରତିଦିନ ଓ ପ୍ରତିମୁହୂର୍ତ୍ତ ସମୁଦ୍ର କୂଳରୁ ଦକ୍ଷିଣା ପବନରେ ଗଡ଼ି ଆସିବା ବାଲିଯୋଗୁ ଏ ଅଞ୍ଚଳଗୁଡ଼ିକ ବିସ୍ତୃତ ବାଲିଦ୍ୱାରା ପୋତି ହୋଇପଡ଼ୁଛି । କୌଣସି ସ୍ଥାନରେ ବୃକ୍ଷଲତାର ଚିହ୍ନ କିଂବା ଚାଷ ବ୍ୟବସାୟ ପାଇଁ ସୁବିଧା ମଧ୍ୟ ରହୁନି । ଚତୁର୍ଦ୍ଦିଗର ବିସ୍ତୃତ ମରୁପ୍ରାନ୍ତରରେ କେବଳ ଭଗ୍ନ ସୂର୍ଯ୍ୟମନ୍ଦିର ହିଁ ପୂର୍ବ ସମୃଦ୍ଧଶାଳୀ ପ୍ରଦେଶର ନିଦର୍ଶନ ସ୍ୱରୂପ ଦଣ୍ଡାୟମାନ ହୋଇ ରହିଛି । ଏ ବିଷୟରେ ପୁରୀ ଜିଲ୍ଲା ଗେଜେଟିଅରରେ ଲେଖାଅଛି —

"The flourishing villages have disappeared, Sand has drifted northwards and westwards obliterating all traces even of cultivation and the temple alone has withstood the attacks of time and climate, bearing melancholy testimony to the past civilization of the land". (vide P. 314)

**ଆଜିକାଲିର ଅବସ୍ଥା**—କୋଣାର୍କ ମନ୍ଦିରଠାରୁ ପୁରୀ ସହର ପର୍ଯ୍ୟନ୍ତ ସମୁଦ୍ର କୂଳେ କୂଳେ ଗତ ୪୦ ବର୍ଷ ହେଲା ସରକାରଙ୍କ କୃଷିବିଭାଗ ତରଫରୁ ବିସ୍ତୃତ ଝାଉଁ ଚାଷ କରାଯାଇଛି । ଏହି ଝାଉଁ ଗଛଗୁଡ଼ିକ ଅତି ଜକାଜକି ପଡ଼ିବାରୁ ସମୁଦ୍ରରୁ ବାଲି ଉଡ଼ିଆସିବା ବନ୍ଦ ହୋଇଛି । ଏହି କାରଣରୁ ଝାଉଁବଣ ଭିତର ମାଟି ଉର୍ବର ହୋଇ କୃଷୋପଯୋଗୀ ହେଲାଣି । ଏଠାରେ ବିଭିନ୍ନ ପ୍ରକାର ଫଳ ଗଛ, ନଡ଼ିଆ, ଆମ୍ବ, ଲଙ୍କା-ଅମ୍ବ ଗଛ ଓ ଶୀତଦିନିଆ ଫସଲ କୋବି, ବିଲାତି ବାଇଗଣ ପ୍ରଭୃତି ଚାଷ ହେଉଛି ।

କ୍ରମେ କୋଣାର୍କ ଅଞ୍ଚଳ ଲୋକବସତି ଦ୍ୱାରା ପୂର୍ଣ୍ଣ ହେଉଛି । ଏଠାରେ ଏକ ହାଇସ୍କୁଲ ବସିଲାଣି । ଗୋପ ନୂଆପଡ଼ା ଓ ପିପିଲିଠାରୁ ଏକ ପକ୍କା ସଡ଼କ ପଡିଲାଣି । କୋଣାର୍କ ଓ ପ୍ରାଚୀ ମୁହାଣ ପର୍ଯ୍ୟନ୍ତ ମଧ୍ୟ ଝାଉଁ ଓ ତାଳବଣ ହେଲାଣି । ମାଟି ଉର୍ବର ହେଲେ ଏ ଅଞ୍ଚଳରେ ପୁଣି ଲୋକବସତି ଦେଖାଯିବ । କୃଷି ପାଇଁ ଜମି ମଧ୍ୟ ବ୍ୟବହାର କରିହେବ ।

ନିକଟରେ କୋଣାର୍କ-ପୁରୀ ମଧ୍ୟରେ ଏକ ରେଳ ରାସ୍ତା ତିଆରି କରିବା ପ୍ରସ୍ତାବ କେନ୍ଦ୍ର ସରକାର କରିଛନ୍ତି । ଏହାଦ୍ୱାରା ବିଦେଶୀ ପର୍ଯ୍ୟଟକମାନଙ୍କ ପାଇଁ ସୁବିଧା ହେବ ।

# ପ୍ରାଚୀ ନଦୀ ତୀରରେ ବାସ କରିଥିବା ବିଭିନ୍ନ ରାଜବଂଶ

ପୁରାଣ ପ୍ରସିଦ୍ଧ 'ପ୍ରାଚୀ ନଦୀ' ଆଜି ପ୍ରାୟ ଲୋପ ପାଇଛି । ଏହି ନଦୀର ଐତିହାସିକ ବିଭବ ସମ୍ବନ୍ଧରେ ଓଡ଼ିଶାବାସୀ ସମ୍ପୂର୍ଣ୍ଣ ଉଦାସୀନ ଦେଖାଯାନ୍ତି । ଅନ୍ୟ ପ୍ରଦେଶ ବାସୀଙ୍କ ବ୍ୟତୀତ ଓଡ଼ିଶାର ଯେଉଁମାନେ ଏହି ପ୍ରାଚୀ ନଦୀର ଦୁଇ କୂଳରେ ବାସ କରନ୍ତି ସେମାନେ ମଧ୍ୟ ଏହି ନଦୀର ପ୍ରାଚୀନ ବିଶେଷତ୍ୱ ଭୁଲି ଯାଇଛନ୍ତି । ଦିନେ ପ୍ରାଚୀନଦୀ ଯେ ପୁରୀଜିଲ୍ଲାର ଏକମାତ୍ର ଅତିବଡ଼ ଓ ପ୍ରସିଦ୍ଧ ନଦୀ ଥିଲା ଏକଥା ଅତି ଅଳ୍ପ ଲୋକଙ୍କୁ ଜଣାଅଛି । ଏପରି ଅବସ୍ଥାରେ ଏହି ନଦୀ ତୀରରେ ଯେଉଁ ବିଭିନ୍ନ ରାଜବଂଶ ପୂର୍ବକାଳରେ ବାସକରି ନିଜନିଜର ରାଜତ୍ୱ କରିଥିଲେ, ସେକଥା ଜାଣିବା ପାଇଁ ଆମ୍ଭମାନଙ୍କୁ ଅନେକ ଅନୁସନ୍ଧାନ କରିବାକୁ ପଡ଼ିବ । ଏଥିପାଇଁ ଏହି ଅଞ୍ଚଳର ପ୍ରତ୍ୟେକ ପଲ୍ଲୀର ପ୍ରାଚୀନ ଇତିହାସ ସଂଗ୍ରହ କରିବାକୁ ପଡ଼ିବ । ପ୍ରତ୍ୟେକ ପ୍ରାଚୀନ ମନ୍ଦିର, ପୋତାନଦୀ, ପୁଷ୍କରିଣୀ, ବାମ୍ପୀ ଓ ଦୁର୍ଗ ପ୍ରଭୃତିର ତନ୍ନ ତନ୍ନ କରି ପରୀକ୍ଷା କରିବାକୁ ପଡ଼ିବ । ତାହେଲେ ପ୍ରାଚୀନ ଯୁଗରେ ଏହି ନଦୀ କୂଳରେ ଯେଉଁମାନେ ରାଜତ୍ୱ କରିଥିଲେ ସେମାନଙ୍କର ବଂଶାବଳୀ ଓ ରାଜତ୍ୱର ବିଶେଷ ବିବରଣୀ ଜାଣିହେବ । ଏକ୍ଷଣି ମୋର ସୁବିଧାନୁସାରେ ମୁଁ ଯେଉଁ କେତୋଟି ରାଜବଂଶର ପରିଚୟ ପାଇଛି । ସେ କଥା ହିଁ ଏଠାରେ ଉଲ୍ଲେଖ କରିବି । ଏ ଦିଗରେ ଆହୁରି ଏକାଧିକ ଥର ଅନୁସନ୍ଧାନ କରିବାକୁ ହେବ ।

ଏ ପର୍ଯ୍ୟନ୍ତ ପ୍ରାଚୀ ନଦୀ ସମ୍ବନ୍ଧରେ ଯେଉଁ କେତେକ ଉପାଦାନ ସଂଗ୍ରହ କରାଯାଇଛି ସେଗୁଡ଼ିକୁ ଆଲୋଚନା କରି ଦେଖିଲେ ଖ୍ରୀଷ୍ଟପୂର୍ବ ପ୍ରାୟ ୨୦୦ ବର୍ଷଠାରୁ ଏହି ନଦୀ ତୀରରେ ଏକାଧିକ ରାଜବଂଶ ରାଜତ୍ୱ କରିଥିବାର ପ୍ରମାଣ ମିଳୁଛି । କିନ୍ତୁ କୌଣସି ରାଜବଂଶର ପୂର୍ଣ୍ଣାଙ୍ଗ 'ଇତିହାସ' କିମ୍ବା 'ବଂଶାବଳୀ' ଏପର୍ଯ୍ୟନ୍ତ ହସ୍ତଗତ ହୋଇ ପାରିନି । ଯାହାହେଉ ଯେଉଁ କେତୋଟି ରାଜବଂଶର ଆଂଶିକ ବା ସମ୍ପୂର୍ଣ୍ଣ ପରିଚୟ ମିଳିଛି ସେହି ସେହି ବଂଶର ସଂକ୍ଷିପ୍ତ ବିବରଣୀ ନିମ୍ନରେ ବର୍ଣ୍ଣନା କରିବି—

**୧ମ ଚୈଦ୍ର ଐର ବଂଶ**— ଖ୍ରୀ. ପୂ. ୨୨୭-୧୭୦ ପ୍ରାଚୀନ ଓଡ଼ିଶା ଇତିହାସରୁ ସ୍ପଷ୍ଟ ଜଣାଯାଏ ଯେ ମଗଧରାଜ ଅଶୋକଙ୍କ ମୃତ୍ୟୁପରେ ଚୈଦ୍ରଐର କୋଶଳରୁ ଆସି କଳିଙ୍ଗରେ ନିଜର ସ୍ୱାଧୀନରାଜ୍ୟ ସ୍ଥାପନ କରିଥିଲେ । ଚୈଦ୍ରଙ୍କ ପୂର୍ବରୁ 'ତୋଷାଳୀ' ବା ଆଧୁନିକ 'ଧଉଳୀ' ଅଶୋକ ଓ ନନ୍ଦରାଜା ମାନଙ୍କ ସମୟରେ କଳିଙ୍ଗର ରାଜଧାନୀ ଥିଲା । କିନ୍ତୁ ଚୈଦ୍ର ଐର ଆସିବା ପରେ ସେ ଅନ୍ୟ ଏକ ରାଜଧାନୀ ସ୍ଥାପିତ କରିଥିଲେ । ଏହି ନୂତନ ରାଜଧାନୀ କେଉଁଠି ଥିଲା, ସେ ବିଷୟ ଏ ପର୍ଯ୍ୟନ୍ତ କୌଣସି ଐତିହାସିକ ସ୍ଥିରକରି ନାହାନ୍ତି । ହାତୀଗୁମ୍ଫା ଲିପିରେ ସ୍ପଷ୍ଟ ଲେଖା ଅଛି ଯେ ଚୈଦ୍ର ବଂଶର-ତୃତୀୟ ରାଜା 'ଖାରବେଳ' ସିଂହାସନରେ ବସିବା ପ୍ରଥମ ବର୍ଷ ନିଜ ରାଜଧାନୀର ପ୍ରାଚୀର, ଦୁର୍ଗ, ଦେବମନ୍ଦିର, ପୁଷ୍କରିଣୀ, ଉଦ୍ୟାନ, ବାପୀ ପ୍ରଭୃତି ପ୍ରାୟ ୩୦ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଖର୍ଚ୍ଚ କରି ମରାମତି କରାଇଥିଲେ । ୩୦ ଲକ୍ଷ୍ୟ ସ୍ୱର୍ଣ୍ଣମୁଦ୍ରା ଖର୍ଚ୍ଚ କରି ମରାମତି କରାଇଥିବା ରାଜଧାନୀର ସେହି ସେହି ଅଂଶଗୁଡ଼ିକ କୌଣସି ସଂକୀର୍ଣ୍ଣ ସ୍ଥାନରେ ନଥିଲା— ସେଥିପାଇଁ ସୁବିସ୍ତୃତ ପ୍ରଦେଶ ଦରକାର । ଏପରି ପ୍ରଦେଶ ଧଉଳୀ କିମ୍ବା ଖଣ୍ଡଗିରି ନିକଟବର୍ତ୍ତୀ ସ୍ଥାନରେ ଆଦୌ ନାହିଁ ଏବଂ ସେହି ସେହି ସ୍ଥାନରେ ପ୍ରୋକ୍ତ ମନ୍ଦିର, ପୁଷ୍କରିଣୀ, ବାପୀ ପ୍ରଭୃତିର ସଂକେତ ମଧ୍ୟ ଦେଖାଯାଏ ନାହିଁ, ମାତ୍ର ଏପରି ଏକାଧିକ ପ୍ରାଚୀନ କୀର୍ତ୍ତିର ଭଗ୍ନାବଶେଷ ଯେଉଁଠାରେ ବର୍ତ୍ତମାନ ସୁଦ୍ଧା ଦେଖାଯାଏ ସେହି ସ୍ଥାନକୁ ହିଁ ପ୍ରାଚୀନ ଐର ରାଜାମାନଙ୍କର ରାଜଧାନୀ ନିଶ୍ଚିତ ନିଷ୍ପତ୍ତିରେ ସ୍ଥିର କରିବାକୁ ହେବ । ଏପରି ସୁବିସ୍ତୃତ ପ୍ରଦେଶ

ଏକ୍ଷଣି ଭୁବନେଶ୍ୱର ଠାରୁ ଆରମ୍ଭ କରି ପଦ୍ମରେ ବଙ୍ଗୋପସାଗର ଯାଏ ପଡ଼ିରହିଛି । ଏହି ପ୍ରଦେଶରେ ପ୍ରାଚୀ ନଦୀ ଉତ୍ତରୁ ଦକ୍ଷିଣ ହୋଇ ପ୍ରବାହିତ । ଖାରବେଳଙ୍କ ହାତୀଗୁମ୍ଫା ଲିପିର 'ମହାବିଜୟ ପ୍ରାସାଦ' ମଧ୍ୟ ଠିକ ଏହି ନଦୀର ଦୁଇତୀରରେ ନିର୍ମିତ ହୋଇଥିବାର ଅନେକ ସଂକେତ ଦେଖାଯାଏ ।

**ଖାରବେଳଙ୍କ ମହାବିଜୟ ପ୍ରାସାଦର ସ୍ଥାନ ନିର୍ଣ୍ଣୟ—** ହାତୀଗୁମ୍ଫା ଲିପିରେ ବର୍ଣ୍ଣିତ ଖାରବେଳଙ୍କ 'ମହାବିଜୟ ପ୍ରାସାଦ'ର ସ୍ଥାନ କେଉଁଠାରେ ଥିଲା, ସେକଥା କୌଣସି ଐତିହାସିକ ପଣ୍ଡିତ ଏପର୍ଯ୍ୟନ୍ତ ସ୍ଥିର କରିନାହାନ୍ତି । ଡ଼ା. ଜଏସ୍ୱାଲ ତାହାଙ୍କର ପ୍ରଥମ ପ୍ରବନ୍ଧ (୧୯୧୭)ରେ ଏହି ପ୍ରାସାଦ 'ଉଭୟ ପ୍ରାଚୀତଟେ' ନିର୍ମିତ ହୋଇଥିବା କଥା ସ୍ପଷ୍ଟ ଲେଖି ଯାଇ ଥିଲେ ହେଁ ସେହି 'ପ୍ରାଚୀନଦୀ' କେଉଁଠି ତା' ସ୍ଥିର କରି ନଥିବାରୁ ସେହି ପ୍ରାସାଦର ସ୍ଥାନ ମଧ୍ୟ ସେ ସ୍ଥିର କରି ପାରି ନଥିଲେ । ଏକ୍ଷଣି ଏହି 'ମହାବିଜୟ ପ୍ରାସାଦ' ପ୍ରାଚୀ ନଦୀର ପ୍ରଥମ ଦଶ ମାଇଲ ପରେ ଥିବା ପ୍ରାଚୀ ଓ ତାହାର ଦକ୍ଷିଣସ୍ଥ ଶାଖାନଦୀ ଚନ୍ଦ୍ରମୌଳୀ, ଲଳିତା ମଧ୍ୟ ସ୍ଥାନରେ ଥିବାର ନିଃସନ୍ଦେହରେ କୁହାଯିବ ।

**ପ୍ରାଚୀ ଓ ଲଳିତା ମଧ୍ୟସ୍ଥ ସ୍ଥାନର ବିଶେଷତ୍ୱ—** ପ୍ରାଚୀ ନଦୀର ପ୍ରଥମ ଦଶ ମାଇଲ ପରେ ତାହାର ଦକ୍ଷିଣସ୍ଥ ଶାଖାନଦୀ 'ଚନ୍ଦ୍ରମୌଳୀ' 'ସିଦ୍ଧମଠ' ନାମକ ସ୍ଥାନରୁ ବାହାରି ପ୍ରାୟ ଦୁଇ ମାଇଲ ଯାଏ ଦକ୍ଷିଣ ପୂର୍ବମୁଖୀ ହୋଇ ଯିବା ପରେ ପୁଣି ସେହି ପ୍ରାଚୀ ନଦୀରେ ଯାଇ ମିଶିଅଛି । ଏହି ନଦୀର ପ୍ରଥମ ଅଂଶକୁ 'ଚନ୍ଦ୍ରମୌଳୀ' ଓ ଦକ୍ଷିଣସ୍ଥ ଅଂଶକୁ 'ଲଳିତା' ନଦୀ କହନ୍ତି । ପ୍ରାଚୀ ମାହାତ୍ମ୍ୟରେ ଲଳିତା ନଦୀ ସମ୍ବନ୍ଧରେ କେତେକ ବର୍ଣ୍ଣନା ଦିଆଯାଇଛି—

"ଅମରେଶ୍ୱର ସମୀପରେ ଲଳିତା ନାମ ବୋଲି ନରେ ।
ପ୍ରାଚୀରୁ କିଛି ଭିନ୍ନ ହୋଇ ଲଳିତା ବହୁଛନ୍ତି ତହିଁ ।

× × ×

ସେ ନଦୀ ଦକ୍ଷିଣ ତୀରରେ—ଲଳିତା ନଦୀ ବନ୍ଦେ ଧୀରେ
ଅମରେଶ୍ୱର କୃତ୍ତିବାସ—ଦକ୍ଷିଣ ତୀରେ କଲେ ବାସ ।

(ପ୍ରା: ମା: ୧୨ଶ ଅଧ୍ୟାୟ)

ଲଳିତା ଓ ପ୍ରାଚୀନଦୀ ମଧ୍ୟସ୍ଥ ସ୍ଥାନର ବିସ୍ତୃତି ପୂର୍ବ ପଶ୍ଚିମରୁ ପ୍ରାୟ ଦୁଇ ମାଇଲ ଏବଂ ଉତ୍ତର ଦକ୍ଷିଣରେ ପ୍ରାୟ ୧୫ ମାଇଲ ହେବ । ଏ ମଧ୍ୟସ୍ଥ ଭୂପ୍ରଦେଶରେ ପ୍ରାଚୀନଦୀ ତୀରବର୍ତ୍ତୀ ଅଧିକାଂଶ ପ୍ରସିଦ୍ଧ ଐତିହାସିକ ପ୍ରାଚୀନ କୀର୍ତ୍ତିର ଭଗ୍ନାବଶେଷ ଦେଖାଯାଏ । ତନ୍ମଧ୍ୟରୁ ନିମ୍ନଗୁଡ଼ିକ ପ୍ରଧାନ ଅଟେ ।

**୧-ନଅର**—ନିମାପଡ଼ା ଓ କାକଟପୁର ସଡ଼କର ୧୯/୨୦ ମାଇଲ ମଧ୍ୟରେ ଲଳିତା ନଦୀର ଉତ୍ତର ତୀରରେ ଗୋଟିଏ ଅତି ଉଚ୍ଚ ସ୍ଥାନ ଅଛି । ଏହି ସ୍ଥାନକୁ ସ୍ଥାନୀୟ ଲୋକମାନେ 'ନଅର' 'ନବର' ଏବଂ 'ବିଜୟ ନଅର' କହନ୍ତି । ଗତ ୧୦/୧୫ ବର୍ଷ ମଧ୍ୟରେ ସ୍ଥାନୀୟ ଲୋକମାନେ ଏହି ସ୍ଥାନରୁ ଅସଂଖ୍ୟ ପ୍ରାଚୀନ ଇଟା ଓ ପ୍ରସ୍ତର ଖୋଳି ନିଜର ଘର ନିର୍ମାଣ ପାଇଁ ବ୍ୟବହାର କରିଛନ୍ତି । ଏକ୍ଷଣି ଏହି ସ୍ଥାନରେ ସେପରି ଇଟା ଦେଖାଯାଏ ନାହିଁ, କିନ୍ତୁ ସ୍ଥାନଟି ଅନ୍ୟ ଚତୁର୍ଦ୍ଦିଗଠାରୁ ଏବେ ସୁଦ୍ଧା ଉଚ୍ଚା ଦେଖାଯାଏ । ଏଠାରେ ପୂର୍ବେ ଗୋଟିଏ ବଡ଼ ପ୍ରାସାଦ ବା ରାଜନଗର ଥିବାର ସ୍ଥାନୀୟ କିମ୍ବଦନ୍ତୀରୁ ଜଣାଯାଏ । ସ୍ଥାନର ବିଶେଷତ୍ୱ ଦେଖିଲେ ପୂର୍ବେ ଏହା ରାଜପ୍ରାସାଦ ପାଇଁ ପ୍ରସିଦ୍ଧ ଥିବାର କୁହାଯାଇପାରେ । ଲଳିତା ଓ ପ୍ରାଚୀନଦୀ ଏହି ସ୍ଥାନର ଚତୁର୍ଦ୍ଦିଗ ବେଢ଼ି ରହି 'ଗଡ଼ଖାଇ' (Moat) ର କାର୍ଯ୍ୟ କରନ୍ତି । ଏପରି ଏକ ଜଳବେଷ୍ଟିତ ସ୍ଥାନରେ ପୂର୍ବେ ରାଜାମାନେ ଗଡ଼ କରୁଥିବାର ଏକାଧିକ ସ୍ଥାନରେ ଦେଖାଯାଏ । ସ୍ଥାନର ନାମାନୁସାରେ ଏହିଠାରେ ପୂର୍ବେ ଖାରବେଳ ନିଜର ମହାବିଜୟ ପ୍ରାସାଦ ନିର୍ମାଣ କରିଥିବା ସମ୍ଭବ ଦେଖାଯାଏ । ଏ ଦିଗରେ ବିଶେଷ ଅନୁସନ୍ଧାନ କଲେ କିଂବା ଏହି ସ୍ଥାନକୁ ଖୋଳାଇ ଏହା ମଧ୍ୟରେ ଥିବା ପ୍ରାଚୀନ କୀର୍ତ୍ତିଗୁଡ଼ିକୁ ସଂଗ୍ରହ କଲେ ପ୍ରୋକ୍ତ ମହାବିଜୟ ପ୍ରାସାଦର ସତ୍ୟତା ଜାଣିହେବ ।

**୨ ସଭାମଣ୍ଡପ**—ନଅରର ପ୍ରାୟ ୨/୩ ଶତ ହାତ ପୂର୍ବରେ ଗୋଟିଏ ମଣ୍ଡପ ଅଛି । ଏହାର ଆୟତନ ୭୦ ଫୁଟ ଲମ୍ବା, ୩୦ ଫୁଟ ଚଉଡ଼ା ଏବଂ ୭ ଫୁଟ ଉଚ୍ଚ ଅଟେ । ଏହି ମଣ୍ଡପର ନଅଗୋଟି ପ୍ରସ୍ତର ପାବଚ୍ଛ ପୂର୍ବଦିଗରେ ଅଛି । ସେ ପାବଚ୍ଛଗୁଡ଼ିକ ପୂର୍ବେ ବଡ଼ ପ୍ରସ୍ତରରେ ନିର୍ମିତ ଥିଲା । ସେଥିରୁ କେତେଖଣ୍ଡ ପ୍ରସ୍ତର ସ୍ଥାନୀୟ ଲୋକମାନେ ନିଜ ବ୍ୟବହାରପାଇଁ ନେଇ ଯାଇ ସେହି ସ୍ଥାନରେ ମଣ୍ଡପର ପ୍ରସ୍ତର ଖମ୍ବ-ଗୁଡ଼ିକୁ ପୋତିଦେଇଥିବାର ଦେଖାଯାଏ । ମଣ୍ଡପ ଛାତ ପାଇଁ ପୂର୍ବେ ୧୬ଟି ପ୍ରସ୍ତର ଖମ୍ବ ଥିଲା । ଏ କ୍ଷଣି ଛ'ଟି ମାତ୍ର ରହିଛି । ଏହାର ଛାତ ଭାଂଗିଯାଇଛି ମଣ୍ଡପର ମୂଳ ପତନ ପ୍ରସ୍ତରରେ ନିର୍ମିତ । ତହିଁ ଉପରେ ପୁରୁଣା ଇଟା ଗଡ଼ାଯାଇଛି । ଏହାର ପ୍ରତ୍ୟେକ ଇଟାର ମାପ—

୧୪ ୧/୨" × ୧୦" × ୩"—ଏହି **ଇଟାଗୁଡ଼ିକ** ଚଷୁ ଦେଇ ପୋଡ଼ା ହୋଇଥିବାରୁ ଇଟାଉପରେ ସେହି ଚଷୁର ଦାଗ ସ୍ପଷ୍ଟ ରୂପେ ଦେଖାଯାଏ । ସମଗ୍ର ପୁରୀ ଜିଲ୍ଲାରେ ପୁରୀ ଜଗନ୍ନାଥଙ୍କ ଦୋଳବେଦୀ ଏବଂ ନିମାପଡ଼ାର ଦୋଳବେଦୀ (ପ୍ରସ୍ତରରେ ନିର୍ମିତ) ବ୍ୟତୀତ ଏପରି କୌଣସି ଇଟାର ମଣ୍ଡପ ଅନ୍ୟ ସ୍ଥାନରେ ଦେଖାଯାଏ ନାହିଁ । ସ୍ଥାନୀୟ ଲୋକମାନେ କହନ୍ତି ଏହି ମଣ୍ଡପରେ ପାଣ୍ଡବମାନେ ସଭା କରୁଥିବାରୁ ଏହାର ଏପରି ନାମ ହୋଇଛି । କିନ୍ତୁ ପୌରାଣିକ ଯୁଗର ପାଣ୍ଡବଙ୍କ କଥା ଛାଡ଼ିଦେଇ ଐତିହାସିକ ଯୁଗର ଖାରବେଳ ଏହି ସଭାମଣ୍ଡପ କରିଥିବା କଥା କେତେଦୂର ସମ୍ଭବ ତା ପାଠକମାନଙ୍କୁ ସ୍ଥିର କରିବାକୁ ହେବ ।

**୩-'ଚଉରାଶୀ' ଗ୍ରାମ**—ଏ ଦୁଇନଦୀ ମଧ୍ୟରେ ଥିବା ୫/୬ଟି ଗ୍ରାମ ମଧ୍ୟରୁ 'ଚଉରାଶୀ'ଗ୍ରାମରେ ଅନେକ ଐତିହାସିକ ବିଶେଷତ୍ୱ ଥିବାର ଦେଖାଯାଏ । ଏହି ଗ୍ରାମର ଚତୁର୍ଦ୍ଦିଗରେ ପୂର୍ବେ ଚଉରାଶୀ (୮୪) ଗୋଟି ପୁରୁଣା କୂଅ ବା ବାମ୍ପୀ ଥିବାରୁ ଏହାର ଏପରି ନାମ ହୋଇଥିବାର ସ୍ଥାନୀୟ ଲୋକମାନେ କହନ୍ତି । ଏକ୍ଷଣି ଅଧିକାଂଶ ବାମ୍ପୀ ପୋତି ହୋଇ ପଡ଼ିଛି—ତଥାପି, ଯେଉଁ କେତୋଟି ଅକ୍ଷୁନ୍ନ ରହିଛି ସେ ଗୁଡ଼ିକ ଦେଖିଲେ ଏହି ସ୍ଥାନର ପ୍ରାଚୀନ ବିଭବ ଓ ବିଶେଷତ୍ୱ କଣ ଥିଲା ଅନୁମାନ କରିହେବ । ପ୍ରତ୍ୟେକ ବାମ୍ପୀରେ ସେଇ ପୁରୁଣା ଯୁଗର ଇଟା ଦେଖାଯାଏ ଏବଂ

ପ୍ରତ୍ୟେକ ବାମ୍ପୀର ହାରହାର ମୂଲ୍ୟ ପ୍ରାୟ ୮୦୦/୧୦୦୦ ଟଙ୍କା ହେବା ସମ୍ଭବ ଦେଖାଯାଏ । ଅଧିକାଂଶ ବାମ୍ପୀ ବୃତ୍ତାକାର । ଅତି ଅଳ୍ପ ମାତ୍ର ଚତୁରସ୍ର ଦେଖାଯାଏ । ଅଳ୍ପ କେତୋଟି ବାମ୍ପୀ ପୁରୁଣା ମାଟି ନଳରେ ନିର୍ମିତ ଥିବାର ଦେଖାଯାଏ । ସେପରି ନଳ ଭୂଗର୍ଭରୁ ଖୋଳା ଯାଇଛି । ସେହି ନଳଗୁଡ଼ିକ ଆଧୁନିକ ନଳଠାରୁ ଅତି ମୋଟା ଓ ଦୀର୍ଘସ୍ଥାୟୀ ଦେଖାଯାଏ । ଚଉରାଶୀର ଉତ୍ତରରେ ପ୍ରାଚୀନଦୀ ଏବଂ ସେହି ନଦୀର ଉତ୍ତର ତୀରରେ 'ଷୋଳ୍ପାଙ୍କ' ବୋଲି ଗୋଟିଏ ବାମ୍ପୀ ଅଛି । ସେହି ବାମ୍ପୀରେ ଗୋଟିଏ ଶିଳାଲିପି ଥିବାର ସ୍ଥାନୀୟ ଲୋକମାନେ କହନ୍ତି । କିନ୍ତୁ ଉକ୍ତ ବାମ୍ପୀରେ ଏତେ ପାଣି ରହେ ଯେ ଏକ ସମୟରେ ୧୬ଟି ଲୋକ ତହିଁରୁ ପାଣି କାଢ଼ି ସୁଦ୍ଧା ତାହାର ଭିତରକୁ ଶୁଷ୍କ କରିପାରି ନ ଥିଲେ ।

**୪-ହର ପାଟଣା**—ବର୍ତ୍ତମାନ ଏଠାରେ ଅଳ୍ପ କେତୋଟି ତେଲଘର ଦେଖାଯାଏ । କିନ୍ତୁ ପୂର୍ବେ ଏଠା ଏକ ନୃସିଂହସ୍ଥାନ ଥିବାର ସ୍ଥାନୀୟ ଲୋକେ କହନ୍ତି । ପ୍ରାଚୀ ନଦୀରେ ବୋଇତ ବାଣିଜ୍ୟ ଚାଲୁଥିବା ସମୟରେ ଏଠାରେ ଅତି ଧନୀ ବ୍ୟବସାୟୀମାନେ ଥିବାରୁ ଏହି ଗ୍ରାମର ଏପରି ନାମ ଦିଆଯାଇଥିଲା ।

**୫-ପ୍ରାଚୀନ ମନ୍ଦିର**—ଏହି ମଧ୍ୟରେ 'ଲକ୍ଷ୍ମୀନାରାୟଣ' 'ଲଳିତମାଧବ' ଏବଂ 'ବଦରେଶ୍ୱର' ମନ୍ଦିର ଗୁଡ଼ିକ ଅତି ପ୍ରାଚୀନ ଥିଲା । ବର୍ତ୍ତମାନ ସବୁ ଭାଂଗିଯାଇଛି । କିନ୍ତୁ ପ୍ରଥମ ଦୁଇଟି ମନ୍ଦିରର ବିଷ୍ଣୁମୂର୍ତ୍ତି ଗୁଡ଼ିକ କଳାମୁଗୁନି ପ୍ରସ୍ତରରେ ନିର୍ମିତ ଏବଂ ପ୍ରତ୍ୟେକ ମୂର୍ତ୍ତିର କାରୁକାର୍ଯ୍ୟ ଅତି ସୂକ୍ଷ୍ମ ଓ ମନୋରମ ଦେଖାଯାଏ ।

**୬-ବାରାହୀ ମନ୍ଦିର**—ଏହି ସ୍ଥାନରେ ଥିବା ସବୁ ମନ୍ଦିର ଅପେକ୍ଷା ବାରାହୀଙ୍କ ମନ୍ଦିରଟି ପ୍ରାୟ ଭଗ୍ନାବସ୍ଥାରେ ଥିଲେ ସୁଦ୍ଧା ତାହାର ସୂକ୍ଷ୍ମ କାରୁକାର୍ଯ୍ୟଗୁଡ଼ିକ ଦେଖିବା ଯୋଗ୍ୟ । ମୁଁ ଦେଖିଥିବା ସବୁ ମନ୍ଦିରଠାରୁ ଏହି ବାରାହୀ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ କୋଣାର୍କ ମନ୍ଦିର ପରି ବା ତାହାଠାରୁ ଅଧିକ ସୂକ୍ଷ୍ମ ଥିବାର କହିପାରେ । ଏହି ମନ୍ଦିର

ଭୁବନେଶ୍ୱରର ପରଶୁରାମେଶ୍ୱର ମନ୍ଦିର ପରିନିର୍ମିତ—ରେଖ ଦେଉଳ ଓ ମଣ୍ଡପ ମୁଖଶାଳା ଭିତରେ ବାରହୀଙ୍କ ଅତିବଡ଼ ପାଷାଣ ମୂର୍ତ୍ତି । ମନ୍ଦିରର ପଶ୍ଚିମ କାନ୍ଥରେ ସୂର୍ଯ୍ୟଦେବଙ୍କ ମୂର୍ତ୍ତିଟି ଅତି ସୁନ୍ଦର ଦେଖାଯାଏ । ଏହି ମନ୍ଦିରଟି ଅତି ଅନାଦୃତ ଭାବରେ ପଡ଼ିରହିଛି । ସରକାର ଏହାକୁ ତାହାଙ୍କର 'ପ୍ରାଚୀନ 'ସ୍ମୃତିରକ୍ଷା' ଆଇନ ମଧ୍ୟରେ ରଖାଇବା ଦରକାର ।

**୭ ଆଧୁନିକ ମଠ**—ଆଧୁନିକ ଯୁଗର ମଠ ମଧ୍ୟରୁ 'ସିଦ୍ଧମଠ', 'ଭେଟପଡ଼ିଆ ମଠ' ଓ 'ଗୁରୁଦେବ ମଠ' ପ୍ରଧାନ ଅଟେ । ଭେଟପଡ଼ିଆ ମଠରେ ଦୋଳ-ପଞ୍ଚକ ଦିନ ଅନେକ ଦେଉଳର ଠାକୁର ଏକାଠିହୋଇ ଏକଗ୍ରହ କଟାନ୍ତି !

**୮-ଗାଦି**—ଲଳିତାର ମୁହାଣ ନିକଟରେ ଗୋଟିଏ 'ଗାଦି' ଅଛି । ତାହାକୁ 'ମାତଂଗ ଗାଦି' କୁହାଯାଏ । ପ୍ରାଚୀମାହାତ୍ମ୍ୟ ବର୍ଣ୍ଣିତ 'ମାତଙ୍ଗଋଷି' ଏହିଠାରେ ଆଶ୍ରମ କରିଥିବାର ଜଣାଯାଏ । ଏହି ମାତଙ୍ଗ ଋଷିହିଁ ଲଳିତାମାଧବଙ୍କୁ ସ୍ଥାପନ କରିଥିବାର ଉକ୍ତ ପୁରାଣରେ ବର୍ଣ୍ଣିତ ଅଛି ।

**୯-ପୁଷ୍କରିଣୀ**—ଏହି ସ୍ଥାନରେ ୧୦/୧୨ଟି ଅତି ବଡ଼ ପୁଷ୍କରିଣୀ ଅଛି । ତନ୍ମଧ୍ୟରୁ 'ବଧୁ', 'ଆଗୃର୍ଯ୍ୟ', 'ଜାରି', 'ଆଙ୍କୁଆ', 'ଦାନୁଆ', 'ତେଲଂଗା', 'ଶୁକୁ' ପୁଷ୍କରିଣୀଗୁଡ଼ିକ ପ୍ରଧାନ ଅଟେ । ପ୍ରତ୍ୟେକ ପୁଷ୍କରିଣୀର କ୍ଷେତ୍ରଫଳ ପ୍ରାୟ ୮/୧୦ ଏକର ଜମି ହେବ । ଏବେଣି ପ୍ରାୟ ପୋତିହୋଇ କୃଷିଜମିରେ ପରିଣତ ହୋଇଛି । ହାତୀଗୁଂଫା-ଲିପିରେ ବର୍ଣ୍ଣିତ ବହୁସଂଖ୍ୟକ ତଡ଼ାଗ, ପୁଷ୍କରିଣୀ, ବାପି ଏବଂ ଦେବମନ୍ଦିର ଓ ବିଶାଳ ମଇଦାନ, ପଡ଼ିଆ ପ୍ରଭୃତି ଅଛି । ଯେଉଁମାନେ ଖାରବେଳଙ୍କ ପ୍ରାଚୀନ ରାଜଧାନୀ ଏବଂ ମହାବିଜୟ ପ୍ରାସାଦର ସ୍ଥାନ ଜାଣିବାପାଇଁ ଇଚ୍ଛା କରନ୍ତି, ସେମାନଙ୍କୁ ମୋର ଅନୁରୋଧ ସେମାନେ ଥରେ ଆସି ଏହି ଅଂଚଳ ସବୁ ଦେଖିଯାନ୍ତୁ ।

ତଦ୍ୱାରା ସେମାନଙ୍କର ସଂଦେହ ଦୂର ହେବ ଏବଂ ପ୍ରାଚୀନ କଳିଙ୍ଗ ରାଜଧାନୀର ସ୍ଥାନ ନିର୍ଣ୍ଣୟ କରିହେବ ।

## ୨ୟ-ଦେବଗ୍ରାମ ଲିପିର ରାଜବଂଶ (?) ୨-୭ ଖ୍ରୀଷ୍ଟାବ୍ଦ

ହାତୀଗୁମ୍ଫା ଲିପିରେ ଖାରବେଳଙ୍କର ୧୩ ବର୍ଷ ରାଜତ୍ୱ ବିଷୟ ବର୍ଣ୍ଣିତ ଅଛି । ଖାରବେଳ ଖ୍ରୀଷ୍ଟପୂର୍ବ ୧୭୩ ଅବ୍ଦରେ ସିଂହାସନ ଆରୋହଣ କରିଥିଲେ । ଅତଏବ ତାହାଙ୍କର ୧୩ ବର୍ଷ ରାଜତ୍ୱ ଖ୍ରୀ. ପୂ ୧୬୦ ଅବ୍ଦରେ ଶେଷ ହୋଇଥିଲା । ୧୩ ବର୍ଷ ରାଜତ୍ୱପରେ ଖାରବେଳ ଆଉର କେତେବର୍ଷ ଜୀବିତଥିଲେ ସେକଥା କୌଣସିଠାରେ ଲିପିବଦ୍ଧ ହୋଇନାହିଁ । କିଂବା ତାହାଙ୍କପରେ ଆଉ କେତେଜଣ ରାଜା ସେହି ବଂଶରେ ରାଜତ୍ୱ କରିଥିଲେ ସେକଥା ମଧ୍ୟ ପ୍ରକାଶିତ ହୋଇନାହିଁ । ପୁଣି ଖ୍ରୀଷ୍ଟପୂର୍ବ ୧୬୦ ଅବ୍ଦଠାରୁ ୨ୟ, ୩ୟ ଖ୍ରୀଷ୍ଟାବ୍ଦଯାଏ ପ୍ରାଚୀନ କଳିଂଗ ଇତିହାସର କୌଣସି ରାଜବଂଶ ବିଷୟ ଏ ପର୍ଯ୍ୟନ୍ତ କିଛି ଜଣାଯାଇନାହିଁ । ଏହି କାରଣରୁ ଏ ସମୟକୁ କଳିଙ୍ଗ ଇତିହାସର 'ଅନ୍ଧକାର ଯୁଗ' କୁହାଯାଇପାରେ ।

ନିକଟରେ ମୁଁ ଖଣ୍ଡିଏ ତାମ୍ରଶାସନ ପୁରୁଣା କାକଟପୁର ଥାନାର 'କୁଅପଦା' ଗ୍ରାମରୁ ପାଇଅଛି । ଏହି ଶାସନଟି ଅସମ୍ପୂର୍ଣ୍ଣ ଅଛି । ଏଥିର ତିନୋଟି ପଥରୁ କେବଳ ମଧ୍ୟଟି ମାତ୍ର ମୋତେ ମିଳିଛି, ଅନ୍ୟ ଦୁଇଟି କେଉଁଠି ରହିଲା ଜାଣିହୁଏ ନାହିଁ । ଯେଉଁ ଖଣ୍ଡିକ ମୁଁ ପାଇଛି ତହିଁର ପାଠ ଅପର ପୃଷ୍ଠାରେ ଦିଆଯିବ । ଏହି ପାଠରୁ ଜଣାଯାଏ ଯେ ଜଣେ ପ୍ରବଳ ପ୍ରତାପୀ ରାଜା ସ୍ଥାମୀୟ କେତେଜଣ ବ୍ରାହ୍ମଣଙ୍କୁ 'ଦେବଗ୍ରାମ' ନାମକ ଏକ ଗ୍ରାମ ଦାନ କରିଥିଲେ । ସେହି ଗ୍ରାମର ଚତୁଃସୀମା ବା ସରହଦ ଏ ଖଣ୍ଡିକରେ ବର୍ଣ୍ଣିତ ଅଛି । ଲିପିରେ ବର୍ଣ୍ଣିତ 'କନକ ନଦୀ' ପୂର୍ବେ ପ୍ରାଚୀର ଗୋଟିଏ ଶାଖାନଦୀ ଥିବାର ପ୍ରଥମ ଅଧ୍ୟାୟରେ ଲେଖିଅଛି । ଏହି ଲିପିରୁ କୌଣସି ରାଜା କିଂବା ରାଜବଂଶର ନାମ ଜାଣିହୁଏ ନାହିଁ, କିନ୍ତୁ ପ୍ରଥମ ପୃଷ୍ଠାର ଦକ୍ଷିଣ ଧାଡ଼ିରେ ଯେଉଁ 'ମହା ସାମନ୍ତ', 'ମହାରାଜା', 'ରାଜପୁତ୍ର', 'ଓ କୁମାରାମାତ୍ୟ' ମାନଙ୍କୁ ଏହି ଦାନ ଗ୍ରାମ ଅକ୍ଷୁନ୍ନ ରଖିବାପାଇଁ ଯେଉଁ ଉପଦେଶ ଲେଖାଯାଇଛି ସେହି

ଲେଖାରୁ ସ୍ପଷ୍ଟ ଜାଣିହୁଏ ଯେ ଦାତା ଜଣେ ପ୍ରବଳ ପ୍ରତାପୀ ସମ୍ରାଟ ଥିଲେ । ତାହାଙ୍କର ଅନ୍ୟ ତାମ୍ରଫଳକ ନ ମିଳିବା ଯାଏ, ଏହି ବଂଶ ସମ୍ବନ୍ଧରେ କୌଣସି ବିଶେଷ କଥା ଲେଖିହେବ ନାହିଁ ।

ଏହି ତାମ୍ରଶାସନରେ ଗୋଟିଏ ସାଲ ଦେଖାଯାଏ । ତାହା ସମ୍ଭବତଃ ଖ୍ରୀଷ୍ଟ ୨ କମ୍ବା ୪ ଅବ୍ଦ ହେବ । ଏହି ଅସଂପୂର୍ଣ୍ଣ ଲିପିର ପାଠ ଉଦ୍ଧାର କରିବାପାଇଁ ଯୋଗାଡ଼ କରାଯାଇଛି, ତାହା ସଂପୂର୍ଣ୍ଣ ହେଲେ ଏହି ବଂଶ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯିବ ।

ଉକ୍ତ ଅସଂପୂର୍ଣ୍ଣ ଲିପିର ପାଠ ।

## ୧ ମ ପୃଷ୍ଠା

୧ ମ, ଧାଡ଼ି – ଦେବ ଗ୍ରାମ ସମ୍ବନ୍ଧ .....
୨ ୟ, ,, --ଭବିଶ୍ୟ ମହାସାମନ୍ତ ମହାରାଜ ରାଜପୁତ୍ର କୁମାରାମାତ୍ୟ,
୩ ୟ, ,, --ବଲ୍ଲଭ ଜାତିପ୍ରାନ୍ୟ ଆର୍ହଂ ପୂଜୟନ୍ତ ମାନୟନ୍ତ
୪ ର୍ଥ, ,, —ସମ୍ବୋଭବନ୍ତ ଯଥୋୟଂ ଗ୍ରମୋଦ୍ଦେଶେ ପୂର୍ବେ
ମ, ,, —ଗେ ସିମୂଲୀବୃକ୍ଷ ସୀମା ନଦୀ କୃତାଃ ପୁଷ୍କରଣ୍ୟଂ
୬ ଷ୍ଠ, ,, —ମାଳନପ ଦୁ କୋଣେନ ମଚକ ଗ୍ରାମେ ସମୀପ୍ୟ
୭ ମ, ,, ..........

## ୨ ୟ ପୃଷ୍ଠା

୧ ମ, ,, —କଦଲନଦ୍ୟା ଇତି ଏବ କ୍ଷେତ୍ର ସମାଶ୍ରିତ୍ୟ...
୨ ୟ, ,, —ବତ୍ରଣ ତପସ୍ୱୀଂ ଦ୍ୟା ଲେ ପେତା ବ୍ରାହ୍ମଣେଭ୍ୟୋ ·
୩ ୟ, ,, —ଅର୍କସ୍ୱାମୀ କଛସ୍ୱାମୀ ସ୍ଥିର ସ୍ୱାମୀ···
୪ ର୍ଥ, ,, --ତି ସମ୍ପ୍ରଦତ୍ତ ସ୍ତ୍ର··· ଲୁପ୍ତୋ ଧର୍ମ ଗୌରବା ର୍ଦ୍ୟା···
୫ ମ, ,, —ଯଥୋକ୍ତଂ ଧର୍ମ ଶାସ୍ତ୍ରେ ବହୁଭି ବସୁଧା ଦତ୍ତାରାଜାଭି ସଗରାଦିଭିଃ
୬ ଷ୍ଠ, ,, — ଯଶ୍ୟଯଶ୍ୟ ଯଦାଭୂମି ତଶ୍ୟ ତଶ୍ୟ ତଦାଫଳଂ ସମ୍ବତ୍
୨୦୦+୪୦+ଫଲ୍ଗୁଣ

**ଏହି ଲିପିପାଠର କେତେକ ପରିଚୟ**— ମୋତେ ମିଳିଥିବା ତାମ୍ର ଲିପିରେ କୌଣସି ରାଜା କିମ୍ବା ରାଜବଂଶର ପରିଚୟ ଦିଆ ନ ଗଲେ ମଧ୍ୟ ଏହି ଲିପିରେ ବର୍ଣ୍ଣିତ କେତେକ ସ୍ଥାନ ଓ ନଦୀର ପରିଚୟ ସ୍ପଷ୍ଟ ଜାଣିହୁଏ । ଯେଉଁ ଗ୍ରାମ ବ୍ରାହ୍ମଣମାନଙ୍କୁ ଦାନ କରାଯାଇଥିଲା, ତାହାର ନାମ 'ଦେବଗ୍ରାମ' । ଏହି ଗ୍ରାମର ଚତୁଃସୀମା ମଧ୍ୟରୁ 'କନ୍ଦଳନଦୀ' ଆଧୁନିକ କାକଟପୁର ନିକଟବର୍ତ୍ତୀ କନ୍ଦଳପୁର ଗ୍ରାମ ସମୀପରେ ପଶ୍ଚିମରୁ ପୂର୍ବମୁଖୀ ହୋଇ ବହି ଯାଉଥିଲା । ଏହି କନ୍ଦଳନଦୀ ପ୍ରାଚୀ ନଦୀର ଗୋଟିଏ ଶାଖାନଦୀ ଥିଲା ଏବଂ ଏହା ବଲରା ନାମକ ଗ୍ରାମରୁ ବାହାରି ପୂର୍ବମୁଖୀ ହୋଇ ଦେବୀମୁହାଣ ଦେଇ ବଙ୍ଗୋପସାଗର ସଙ୍ଗେ ମିଶୁଥିଲା ।

ସ୍ଥାନୀୟ ଲୋକମାନଙ୍କଠାରୁ ଶୁଣାଯାଏ ଯେ ପୂର୍ବେ ଏଠାରେ ଗୋଟିଏ ଅତି ବଡ଼ ଶିମୁଳି ବୃକ୍ଷ ଥିଲା ଏବଂ ଏହି ବୃକ୍ଷର ପଶ୍ଚିମରେ 'ଦେବଗ୍ରାମ' ନାମକ ବ୍ରାହ୍ମଣ ଶାସନ ଥିଲା । ଆଜିକାଲି ଏହି ଶାସନ ଅଦୃଶ୍ୟ ହୋଇଛି, କିନ୍ତୁ ଏହି ଶାସନରେ ବାସ କରୁଥିବା ବ୍ରାହ୍ମଣମାନେ ନିଜ ନିଜ ବାଡ଼ିରେ ଯେଉଁ ଗାଡ଼ିଆ କରି କନ୍ଦଳ ନଦୀରେ ସ୍ନାନ କରୁଥିଲେ ସେହି ଗାଡ଼ିଆଗୁଡ଼ିକ ଏକ ଲମ୍ବ ଧାଡ଼ିରେ ଥିବାରୁ ଆଜିକାଲି ଏହି ସ୍ଥାନକୁ 'ଧାଡ଼ିଗାଡ଼ିଆ' କୁହାଯାଏ ।

ଦେବଗ୍ରାମ ଥିବା ସ୍ଥାନ ଆଜିକାଲି ଧାନ ଜମିରେ ପରିଣତ ହୋଇଛି । ଏକାଧିକ ସ୍ଥାନରେ ପାନବରଜ ନିର୍ମିତ ହୋଇଛି । ଏହି ପାନବରଜ ତିଆରି ପାଇଁ ସ୍ଥାନେ ସ୍ଥାନେ ଅତି ଗମ୍ଭୀର ଖାଲ କରାଯାଇ ମାଟି ତୋଳା ଯାଇଛି । ସେପରି ମାଟି ଖୋଳୁ ଖୋଳୁ ଏକାଧିକ ଥର ଭୂଗର୍ଭରୁ ପ୍ରାଚୀନ ଇଟା, ପ୍ରାଚୀନ ଯୁଗର କଣ୍ଢେଇ, କେତେକ ପ୍ରକାର ଧାତୁ ପଦାର୍ଥ ପ୍ରଭୃତି ମିଳିଥିବାର ସ୍ଥାନୀୟ ଲୋକମାନେ କହନ୍ତି । ଥରେ ଏଠାରୁ ଗୋଟିଏ ଇଟାର କବର(Toumb) ମିଳିଥିଲା । ସେହି କବରରେ ଗୋଟିଏ ମୃତ ମନୁଷ୍ୟର ଅସ୍ଥି ପାଉଁଶ ସଦୃଶ୍ୟ ମିଳି ଥିବାର ଜଣାଯାଏ । ଯେଉଁ ଇଟାରେ ଏହି କବର ନିର୍ମିତ ହୋଇଥିଲା ସେହି ଇଟାଗୁଡ଼ିକ ସେହି ପ୍ରାଚୀନ ଇଟା ଧରଣର ଅତି ମୋଟା ଓ ଚଷୁଦେଇ

ପୋଡା ହୋଇଥିଲା । ଏଥିରୁ ସ୍ପଷ୍ଟ ଜାଣିହୁଏ ଯେ ଏହି ଇଟା ମଧ୍ୟ ଖାରବେଳଙ୍କ ଯୁଗର ଅଟେ ।

ଦେବଗ୍ରାମରେ ଥିବା କେତେକ ବ୍ରାହ୍ମଣମାନଙ୍କର ନାମ ଉକ୍ତ ଲିପିରେ ବର୍ଣ୍ଣିତ ଅଛି । ସେମାନଙ୍କର 'ସ୍ୱାମୀ' ସଂଜ୍ଞାରୁ ବେଶ୍ ଜାଣିହୁଏ ଯେ ସେମାନେ ନୈଷ୍ଠିକ ବ୍ରାହ୍ମଣ ଥିଲେ ଏବଂ ଯେଉଁ ରାଜା ଏହି ଗ୍ରାମ ଦାନ କରିଥିଲେ ସେ ମଧ୍ୟ ଜଣେ ବ୍ରାହ୍ମଣଭକ୍ତ ଆର୍ଯ୍ୟ ବା ହିନ୍ଦୁ ଥିଲେ ।

ଲିପିରେ ଥିବା ସାଲ 'ସମ୍ବତ ୨୦୦+୪୦+...' ଲେଖାଅଛି । ଜଣେ ଲିପି ପାଠକ କହନ୍ତି ଏହା ଗୁପ୍ତାଙ୍କ ଏବଂ ପ୍ରାୟ ୨—୪ ର୍ଥ ଖ୍ରୀଷ୍ଟାବ୍ଦ ହେବ । ଅନ୍ୟ ଜଣେ ପାଠକ ଏହି ଲିପିର ଅକ୍ଷର ଗୁଡ଼ିକ ଦେଖିଲେ ଏଗୁଡ଼ିକ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆବିଷ୍କୃତ ସବୁ ତାମ୍ରଶାସନ ଲିପିଠାରୁ ଅତି ପ୍ରାଚୀନ ହେଲେ ହେଁ ଖ୍ରୀଷ୍ଟ ୬ ଅବ୍ଦର ଲିପି ହେବା ସମ୍ଭବ ।

ମୁଁ ପୂର୍ବରୁ କହିଛି, ଏହା ଗୋଟିଏ ଅସମ୍ପୂର୍ଣ୍ଣ ତାମ୍ରଶାସନ । ଏଥିରୁ କୌଣସି ରାଜବଂଶାବଳୀ ଜାଣି ହୁଏ ନାହିଁ । ତେଣୁ ଏ ବିଷୟରେ ଅଧିକ ଆଲୋଚନା କରିବା ସହଜ ନୁହେଁ । ଏହି ଲିପି ଦ୍ୱାରା ଏତିକି ମାତ୍ର ସ୍ପଷ୍ଟ ଜାଣିହୁଏ ଯେ ଖ୍ରୀଷ୍ଟ ୨-୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଅଞ୍ଚଳରେ କୌଣସି ପରାକ୍ରମୀ ରାଜବଂଶ ରାଜତ୍ୱ କରିଥିଲେ ଏବଂ ସେହି ସମୟରେ ପ୍ରାଚୀର 'କନ୍ଦଳ ନଦୀ' ଗୋଟିଏ ଶାଖାନଦୀ ଥିଲା । ତାମ୍ରଶାସନର ଅନ୍ୟ ଅଂଶଗୁଡ଼ିକ ମିଳିଲେ ଏବଂ ଏହି ଲିପି ମିଳିବା ସ୍ଥାନରେ ଖନନକାର୍ଯ୍ୟ କରିବା ପରେ ଅନ୍ୟ ନୂତନ ବିଷୟ ଆବିଷ୍କୃତ ହେବ । ତାହା ଦେଖିବା ପରେ ଏ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ପ୍ରକାଶ କରିବ ।

**ତାମ୍ର 'କର ବଂଶ' ୯/୧୦ ଖ୍ରୀଷ୍ଟାବ୍ଦ**—ପ୍ରାଚୀନଦୀର ଦକ୍ଷିଣ ତୀରରେ ପ୍ରାୟ ୧୦ / ୧୧ ମାଇଲ ମଧ୍ୟରେ ଯେଉଁ 'ଚଉରାଶୀ' ଗ୍ରାମକଥା ପୂର୍ବ ବର୍ଣ୍ଣିତ ଅଛି, ସେହି ଗ୍ରାମର ଏକ ଧାନଜମିରୁ ଗତ ୧୯୬୨ ଖ୍ରୀଷ୍ଟାବ୍ଦରେ ଗୋଟିଏ ତାମ୍ରଶାସନ ଆବିଷ୍କୃତ ହୋଇଥିଲା । ଏହି ଶାସନର ପାଠୋଦ୍ଧାର

ବନ୍ଧୁ ନାରାୟଣ ତ୍ରିପାଠୀ ବି. ଏ., ଗତ ୧୯୨୮ ଖ୍ରୀଷ୍ଟାବ୍ଦରେ 'ବିହାର ଓଡ଼ିଶା ଐତିହାସିକ ସଂଘ'ର ପତ୍ରିକାରେ [J. B. O. R. S. VOL XIV. P. II P 292H] ପ୍ରକାଶ କରିଛନ୍ତି । ଏହି ଶାସନ ପ୍ରସିଦ୍ଧ 'କରବଂଶ'ର ରାଜା ଶିବକର ଦେବଙ୍କର ଗୋଟିଏ ଦାନପତ୍ର । ଶିବକର ଦେବ ତାହାଙ୍କ ରାଜ୍ୟର 'ଗୁହ ଦେବୀ ପାଟକ' ନାମକ ମୁକାମରୁ ଏହି ଶାସନକୁ ଦାନ କରିଛନ୍ତି । ଦାନ କରିଥିବା ଗ୍ରାମର ନାମ ଦକ୍ଷିଣ ତୋଷଳ ଅନ୍ତର୍ଗତ ଅନ୍ତରୋଧ ବିଶି ବା ପ୍ରଗନ୍ନାର 'ଓାରୁଓ୍ୱାଡ଼ା' ଗ୍ରାମ । ଦାନଗ୍ରହୀତା ଋଗ୍‌ବେଦଚରଣ ଜାଲୁଭଟ୍ଟ—ଏହାଙ୍କର ଗାତ୍ୟାୟନ ଗୋତ୍ର ଥିଲା ।

**ଏହି ତାମ୍ରଶାସନ ସହ ପ୍ରାଚୀନଦୀର ସମ୍ବନ୍ଧ**—ପ୍ରୋକ୍ତ ଲିପିରେ (ଶାସନର) ପ୍ରାଚୀନଦୀର ସମ୍ବନ୍ଧରେ କୌଣସି ବିଷୟରେ ଲେଖାଯାଇନାହିଁ । ତଥାପି, ଏହି ଶାସନ ଯେଉଁ ସ୍ଥାନରୁ ଦାନ କରାଯାଇଛି ଏବଂ ଏହା ଯେଉଁ ସ୍ଥାନରୁ ଆବିଷ୍କୃତ ହୋଇଛି ସେ ଦୃଷ୍ଟିରେ ପ୍ରାଚୀନଦୀ ସଂଗେ ଏହି ଶାସନର ଘନିଷ୍ଠ ସମ୍ବନ୍ଧ ରହିଛି । ନିମ୍ନରେ ସେ ବିଷୟ ନେଇ କେତେକ ଆଲୋଚନା କରାଯିବ ।

**୧—ଦକ୍ଷିଣ ତୋଷଳର ଦକ୍ଷିଣ ସୀମା**—ମହାନଦୀଠାରୁ ଦକ୍ଷିଣରେ ଚିଲିକା ହ୍ରଦ ମଧ୍ୟସ୍ଥ ପ୍ରଦେଶ ପୂର୍ବେ ଦକ୍ଷିଣ ତୋଷଳରାଜ୍ୟ ଥିଲା । ଏହି ରାଜ୍ୟରେ କରବଂଶର ରାଜାମାନେ ଖ୍ରୀଷ୍ଟ ୧-୧୧ଶ ଅବ୍ଦ ମଧ୍ୟରେ ରାଜତ୍ୱ କରୁଥିଲେ ।

**୨ୟ—ଅନ୍ତରୋଧ ପ୍ରଗନ୍ନା**—ଆଜିକାଲି ପୁରୀ ଜିଲ୍ଲାର ନିମାପଡ଼ା ଥାନାରେ ଅବସ୍ଥିତ । ଏହି ପ୍ରଗନ୍ନାର ଉତ୍ତର ଓ ପୂର୍ବ ଅଂଚଳରେ ପ୍ରୋକ୍ତ ତୁଳସୀ ପୁର ଓ ଚଉରାଶୀ ଗ୍ରାମ ଦୁଇଟି ଏବଂ ପ୍ରାଚୀନଦୀ ଅଛି ।

**୩ୟ—ଗୃହଦେବୀ ପାଟିକା**—ଲିପିରେ ବର୍ଣ୍ଣିତ 'ଗୃହଦେବୀ ପାଟିକା' ଗୋଟିଏ ଗ୍ରାମ ଥିଲା । ଏହି ଗ୍ରାମ ମୁକାମରୁ ଶିବକରଦେବ ଏହି ସନନ୍ଦଟିକୁ ଦାନ କରିଥିଲେ । ଆଜିକାଲି ଏହି ଅଂଚଳରେ

'ଗୃହଦେବୀ ପାଟିକା' ନାମକ କୌଣସି ଗ୍ରାମ ନାହିଁ—କିନ୍ତୁ ଚଉରାଶୀର ଠିକ୍ ଉତ୍ତରରେ ପ୍ରାଚୀ ନଦୀର ଉତ୍ତର ତୀରରେ 'ଦେବୀପାଟଣା' ନାମକ ଗୋଟିଏ ଗ୍ରାମ ଦେଖାଯାଏ । ଏହି ଦେବୀପାଟଣା ସମ୍ଭବତଃ ପ୍ରାଚୀନ 'ଗୃହଦେବୀ ପାଟିକା' ଥିଲା ଓ ଏହି ସ୍ଥାନରୁ ଶିବକର ନିଜର ଶାସନ ଦାନ କରିଥିଲେ ।

**୪ର୍ଥ—'ଚଉରାଶୀ'**—ଏହି ଗ୍ରାମର ବିଶେଷ ବର୍ଣ୍ଣନା ପୂର୍ବେ ଦିଆଯାଇଛି । ଏହି ଗ୍ରାମରୁ ପ୍ରୋକ୍ତ ତାମ୍ର ଶାସନ ଆବିଷ୍କୃତ ହୋଇଥିଲା ଏବଂ ଏହା ମଧ୍ୟ କଥିତ ଅନ୍ତରୋଧ ପ୍ରଗନ୍ନାରେ ରହିଛି ।

**୫ମ—ଭରୁଓ୍ୱାଡା ଗ୍ରାମ**—ଉକ୍ତ ଶାସନରେ ବର୍ଣ୍ଣିତ ଦାନଗ୍ରାମ 'ଭରୁଓ୍ୱାଡ଼ା' କେଉଁଠାରେ ଥିଲା ସ୍ପଷ୍ଟ ଜଣା ନାହିଁ । ସେହି ନାମର କୌଣସି ଗ୍ରାମ ଏହି ଅଞ୍ଚଳରେ ଦେଖାଯାଏ ନାହିଁ । ସମ୍ଭବତଃ ଏହି ପ୍ରଗନ୍ନାରେ ଚଉରାଶୀଠାରୁ ପ୍ରାୟ ୩ ମାଇଲ ଦକ୍ଷିଣରେ ଥିବା 'ବାନବରାଡ଼' ଗ୍ରାମ ଥିଲା । ଏଠାରେ କାତ୍ୟାୟନ ଗୋତ୍ରର ଶ୍ରୋତ୍ରୀୟ ବ୍ରାହ୍ମଣ ବାସ କରନ୍ତି ।

ଉପର୍ଯ୍ୟୁକ୍ତ କେତେକ ବର୍ଣ୍ଣନାରୁ ସ୍ପଷ୍ଟ ଜାଣିହୁଏ ଯେ ଖ୍ରୀଷ୍ଟ ୧ମ ଠାରୁ ୧୧ଶ ଅବ୍ଦ ମଧ୍ୟରେ ପ୍ରାଚୀନ କଳିଙ୍ଗର ପ୍ରସିଦ୍ଧ କରବଂଶ ରାଜାମାନେ ପ୍ରାଚୀ ନଦୀର ଦୁଇପାର୍ଶ୍ୱରେ ଥିବା ଏହି ଅଂଚଳରେ ନିଜର ରାଜତ୍ୱ ସ୍ଥାପନକରି ରାଜ୍ୟ ଶାସନ କରୁଥିଲେ । ଏହି ରାଜାମାନେ ଆର୍ଯ୍ୟ ହିନ୍ଦୁ ଥିବାରୁ ଏମାନଙ୍କଦ୍ୱାରା ଏହି ଅଂଚଳର ଏକାଧିକ ଶିବ ଓ ବିଷ୍ଣୁ ମନ୍ଦିରମାନ ନିର୍ମିତ ହୋଇଥିଲା ଓ ଏମାନେ ମଧ୍ୟ ଏକାଧିକ ସ୍ଥାନରେ ପୁଷ୍କରଣୀ ଓ ବାମ୍ପି ପ୍ରଭୃତି ଖୋଳାଇ ନିଜର ଅମର କୀର୍ତ୍ତିମାନ ସ୍ଥାପନ କରିଯାଇଥିଲେ । କରବଂଶର ବିସ୍ତୃତ ଇତିହାସ ପ୍ରକାଶିତ ହେଲେ ସେମାନଙ୍କ ସମୟରେ ପ୍ରାଚୀ ନଦୀର ବିଭବ କିପରିଥିଲା ତାହା ମଧ୍ୟ ସ୍ପଷ୍ଟ ଜାଣିହେବ ।

## ୪ର୍ଥ — କାକୋଦରପୁର-ଭୁଜଂଗମପୁରୀ - ରାଜବଂଶ

୧୨/୧୩ଶ ଖ୍ରୀଷ୍ଟାବ୍ଦ ପ୍ରାଚୀ ନଦୀର ପ୍ରଥମ ୨/୩ମାଇଲ ମଧ୍ୟରେ 'ନିଆଳି' ନାମକ ଏକ ଗ୍ରାମ ଅଛି । ଏହି ଗ୍ରାମରେ ପ୍ରାଚୀମାହାତ୍ମ୍ୟ ବର୍ଣ୍ଣିତ 'ଶୋଭନେଶ୍ୱର' ମହାଦେବଙ୍କ ମନ୍ଦିର ଅଛି । ଉକ୍ତ ମନ୍ଦିରର ଜଗମୋହନ ବାହାର ବାଡ଼ ଦେହରେ (ଦ୍ୱାରର ଡାହାଣ ଦିଗବାଡ଼ କାନ୍ଥରେ) ଗୋଟିଏ ଅତି ସୁନ୍ଦର ଓ ପ୍ରଶସ୍ତ ଶିଳାଲିପି ଅଛି । ଏହି ଲିପି ପାଠରୁ ଜଣାଯାଏ ଯେ 'କାକୋଦର ପୁର ଭୁଜଂଗମ ପୁରୀ' ନାମକ ସ୍ଥାନରେ ଶ୍ରୀ ବୈଦ୍ୟନାଥ ନାମକ ଜଣେ ବ୍ରାହ୍ମଣ ରାଜା ଓ ତାହାଙ୍କର ପୂର୍ବ ପୁରୁଷମାନେ ରାଜତ୍ୱ କରିଥିଲେ, ଏବଂ ସେହି ବୈଦ୍ୟନାଥ ନିଆଳିର ଶୋଭନେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ଏହି ଲିପିର ପ୍ରତିକୃତି ଓ ପାଠ ଶ୍ରଦ୍ଧେୟ ବନ୍ଧୁ ଶ୍ରୀଯୁକ୍ତ ସୁଧାକର ପଟ୍ଟନାୟକ ବି.ଏ., ବିହାର ଓଡ଼ିଶା ଐତିହାସିକ ସଂଘର ତ୍ରୈମାସିକ ପତ୍ରିକାରେ ପ୍ରକାଶ କରିଛନ୍ତି । (Vide.J.D.O.R.S. Vol.XVII. PT. I. P. 119 ff (1931) ]

**ଲିପି ପାଠ** ଶୋଭନେଶ୍ୱର ଶିଳାଲିପି ପାଠରୁ ନିମ୍ନ କେତେକ ବିଷୟ ଜାଣି ହୁଏ ।

୧-ରାଜବଂଶ—ଗରୁଡ— [କାଶ୍ୟପ ଗୋତ୍ରୀୟ ବ୍ରାହ୍ମଣ, କାକୋଦର ପୁର ଭୁଜଂଗମପୁରୀଠାରେ ନିଜର ରାଜ୍ୟ ସ୍ଥାପନ କରିଥିଲେ ।]

ମାଧବ

|

ହାରିୟୁ

|

ବୈଦନାଥ—ଶୋଭନେଶ୍ୱର ମନ୍ଦିର ଓ ଶିଳାଲିପି ସ୍ଥାପକ ।

**୨-କାକୋଦରପୁର — ଭୁଜଂଗମପୁରୀ** — ନିଆଳିଠାରୁ ପ୍ରାୟ ୯ ମାଇଲ ଉତ୍ତର ପଶ୍ଚିମ ଦିଗରେ ଆଧୁନିକ ପୁରୀ ଜିଲ୍ଲାର

ବାଲିଅନ୍ତା ଥାନାରେ, କୁଶଭଦ୍ରା ନଦୀର ଦକ୍ଷିଣ କୂଳରେ 'କାକୋଦର-ପୁର' ନାମକ ଏକ ବଡ଼ ଗ୍ରାମ ଅଛି । ଏହି ଗ୍ରାମ ଏକ୍ଷଣି ପୁରୀର ଏମାର ମଠ ମହନ୍ତଙ୍କ ଇଲାକା ଭୁକ୍ତ । ଏଠାରେ ସେହି ମହନ୍ତଙ୍କ ପୂର୍ବ ପୁରୁଷଙ୍କ ଦ୍ୱାରା ପ୍ରତିଷ୍ଠିତ 'ପତିତ ପାବନ' ଜଗନ୍ନାଥଙ୍କ ମନ୍ଦିର ଅଛି ଓ ପ୍ରତିବର୍ଷ ଏଠାରେ ଗୁଣ୍ଡିଚାଯାତ୍ରା ହୁଏ । କାକୋଦର ପୁରର ବିସ୍ତୃତି ଦେଖିଲେ ଏଠାରେ ପୂର୍ବେ କୌଣସି ରାଜବଂଶ ବାସକରୁଥିବାର ଅନୁମିତ ହୁଏ । କିନ୍ତୁ ସ୍ଥାନୀୟ ଅଧିବାସୀ ସେ ବିଷୟରେ ସଂପୂର୍ଣ୍ଣ ଉଦାସୀନ ଦେଖାଯାନ୍ତି ।

**୩-ମନ୍ଦିର ନିର୍ମାଣ ବା ଶିଳ୍ପୀ**—ରାଜା ଶ୍ରୀ ବୈଦ୍ୟନାଥଙ୍କ ଆଦେଶ କ୍ରମେ ପ୍ରସିଦ୍ଧ ଶିଳ୍ପୀ 'ଶୋଭନ' ନିଆଳିର ଶୋଭନେଶ୍ୱର ମନ୍ଦିର ନିର୍ମାଣ କରିଥିଲେ । ଶୋଭନ ମଧ୍ୟ ଜଣେ ବ୍ରାହ୍ମଣ ଥିଲେ ।

**୪-ଲିପି ଖୋଦକ**—ଶୋଭନେଶ୍ୱର ମନ୍ଦିରରେ ଥିବା ଶିଳାଲିପି 'ଉଦୟନ' ନାମକ ଶିଳ୍ପୀ ଦ୍ୱାରା ଖୋଳାଯାଇଥିଲି । ଏହି ଉଦୟନ ସମ୍ଭବତଃ ଭୁବନେଶ୍ୱରର 'ମେଘେଶ୍ୱର ଶିଳାଲିପି' ଲେଖକ 'ଉଦୟନ' ହେବ । ଏ ଦୁଇ ଲିପିର ଏକାଧିକ ଅକ୍ଷର ଓ ଭାବ ପ୍ରାୟ ସମାନ ଦେଖା ଯିବାରୁ ଉଦୟନ ଏ ଦୁଇ ଲିପିର ଏକମାତ୍ର ଶିଳ୍ପୀ ଥିଲେ ବୋଲି ଅନୁମିତ ହୁଏ ।

**୫-ସାଲ**—ଲିପିର ସମସ୍ତ ବିଶେଷତ୍ୱ ସତ୍ତ୍ୱେ କୌଣସି ସାଲ ତହିଁରେ ଲେଖାଯାଇ ନାହିଁ । ତଥାପି, ପୂର୍ବୋକ୍ତ ଉଦୟନ ଶିଳ୍ପୀଙ୍କ ନାମ ମେଘେଶ୍ୱର ଓ ଶୋଭନେଶ୍ୱର ଶିଳାଲିପିରେ ଦେଖାଯିବାରୁ ଏବଂ ପ୍ରଥମୋକ୍ତ ଲିପିରେ ଗଂଗବଂଶର ପ୍ରସିଦ୍ଧ ରାଜା ଅନଂଗଭୀମ ଦେବଙ୍କ ନାମ ଥିବାରୁ ଏହି ଲିପି ମଧ୍ୟ ସେହି ଅନଂଗଭୀମ ଦେବଙ୍କ ସମୟରେ କିଂବା ତାହାଙ୍କର ଅଳ୍ପ କେତେକ ବର୍ଷ ପରେ ଖୋଳାଯାଇଥିବାର ସମ୍ଭବ ।

**୬-ବୈଦ୍ୟନାଥଙ୍କ ସହ ଗଂଗବଂଶର ସମ୍ବନ୍ଧ**—ବୈଦ୍ୟନାଥ ନିଜକୁ 'ଭୁଂଜଗମପୁରୀ ଭୂପ' ବୋଲି ପରିଚୟ ଦେଇଛନ୍ତି । ଜାତିରେ ବ୍ରାହ୍ମଣ ହେଲେହେଁ ଏହି 'ଭୂପ' ଶବ୍ଦରୁ ସେ ଜଣେ ରାଜାଥିବାର ସମ୍ଭବ ।

ସମ୍ଭବ । ଲିପିର ୬ ୯ ଧାଡ଼ିରୁ ସ୍ପଷ୍ଟ ଜଣାଯାଏ ଯେ ରାଜା ବିଦ୍ୟାପତି ଅତି ପରାକ୍ରମୀ ଯୋଦ୍ଧା ଥିଲେ । ତାହାଙ୍କ ବାହୁବଳରେ ସେ ଅନେକ ରାଜ୍ୟ ଜୟକରି ଶତ୍ରୁ ମୁଣ୍ଡ ଗଡ଼ାଇଥିଲେ । ତାହାଙ୍କର ବଳ ପରାକ୍ରମ କଥା ଶୁଣିଲେ ଶତ୍ରୁ ସର୍ବଦା ଭୟରେ ଥରୁଥିଲେ - ଇତ୍ୟାଦି । ଏପରି ବୀରରାଜା ଉତ୍କଳ ଦେଶରେ ଥିବା ନିଆଳି ଗ୍ରାମର ଶୋଭନେଶ୍ୱର ମହାଦେବ ମନ୍ଦିର ନିର୍ମାଣ କରାଇଥିଲେ । ମନ୍ଦିର ସମ୍ମୁଖରେ ଥିବା 'ମଣ୍ଡପ' ମଧ୍ୟ ତାହାଙ୍କର କୀର୍ତ୍ତି ।

ବୈଦ୍ୟନାଥଙ୍କ ରାଜତ୍ୱ ସମୟ ଗଙ୍ଗବଂଶର ରାଜା ଅନଙ୍ଗଭୀମଦେବଙ୍କ ସମୟ ହେବା ସମ୍ଭବ ବୋଲି ପୂର୍ବେ କୁହାଯାଇଛି । ଓଡ଼ିଶା ଇତିହାସରୁ ଜଣାଯାଏ ଯେ ଗଂଗବଂଶ ରାଜାମାନଙ୍କ ସମୟରେ ଓଡ଼ିଶାର ସୀମା ଗଙ୍ଗାନଦୀଠାରୁ ଗୋଦାବରୀ ଯାଏଁ ବ୍ୟାପିଥିଲା । ସେହି ରାଜାମାନେ ଏହି ବିଶାଳରାଜ୍ୟରେ ଏକ ଛତ୍ରାଧିପତ୍ୟ ସ୍ଥାପନ କରିଥିବାର ବର୍ଣ୍ଣିତ ଅଛି । କିନ୍ତୁ, ଏହି ଶୋଭେନେଶ୍ୱର ଲିପିରୁ ମଧ୍ୟ ଜଣାଯାଇଛି ଯେ ଠିକ୍ ସେହି ସମୟରେ କାକୋଦରପୁରରେ ବୈଦ୍ୟନାଥଙ୍କ ପୂର୍ବପୁରୁଷ ନିଜର ଏକଛତ୍ରାଧିପତ୍ୟ ସ୍ଥାପନ କରିଥିଲେ । ଏପରି ସ୍ଥଳେ ଏ ଦୁଇ ରାଜବଂଶ ଏକରାଜ୍ୟରେ କପରି ରହିଲେ ତା' ଠିକ୍ କରିବା ସହଜ ନୁହେଁ । ହୁଏତ ଯେଉଁ ଗଙ୍ଗବଂଶ ରାଜାମାନଙ୍କୁ 'ଏକଛତ୍ରାଧିପତି' ବୋଲି କୁହାଯାଉଥିଲା, ପ୍ରକୃତରେ ସେମାନେ ସେପରି ନଥିଲେ । ସେମାନଙ୍କ ସମୟରେ ଆହୁରି ଏକାଧିକ ସ୍ୱାଧୀନ ରାଜବଂଶ ଓଡ଼ିଶାର ସ୍ଥାନେ ସ୍ଥାନେ ରାଜତ୍ୱ କରୁଥିଲେ । ସେପରି ଏକ ରାଜବଂଶ ଏହି ବୈଦ୍ୟନାଥ ବଂଶ ଅଟନ୍ତି । ଗଂଗବଂଶ ରାଜାମାନଙ୍କଠାରୁ ସଂପୂର୍ଣ୍ଣ ସ୍ୱାଧୀନ ନଥିଲେ, ବୈଦ୍ୟନାଥ ନିଆଳିରେ ଗୋଟିଏ ପ୍ରକାଣ୍ଡ ଶିବମନ୍ଦିର ସ୍ଥାପନ କରି ନିଜ କୀର୍ତ୍ତିକୁ ଚିରସ୍ଥାୟୀ କରିବାପାଇଁ ଗୋଟିଏ ଶିଳାଲିପି ପ୍ରତିଷ୍ଠା କରିବା ସମ୍ଭବ ହୁଅନ୍ତା ନାହିଁ । ପୁଣି ଏହି ଲିପି ଲେଖିବା ପାଇଁ ସେ ଗଂଗବଂଶ ରାଜାମାନଙ୍କର ପ୍ରସିଦ୍ଧ ଶିଳ୍ପୀ 'ଉଦୟନା'ଙ୍କୁ ନିଜର ହସ୍ତଗତ କରନ୍ତେ ନାହିଁ । ଏ କେତେକ ଘଟଣାରୁ ବେଶ୍ ଜଣାଯାଏ ଯେ ବୈଦ୍ୟନାଥଙ୍କ ରାଜବଂଶ ଗଂଗରାଜାମାନଙ୍କଠାରୁ ସ୍ୱାଧୀନଥିଲେ ଓ ଦୁଇବଂଶ ମଧ୍ୟରେ ସାମୟିକ ଯୁଦ୍ଧବିଗ୍ରହ ମଧ୍ୟ ଚାଲିଥିଲା ।

**୭-ଅନ୍ୟାନ୍ୟ କୀର୍ତ୍ତି**—ଲିପିର ୨୧ ଧାଡ଼ିରୁ ଜଣାଯାଏ ଯେ ରାଜା ବୈଦ୍ୟନାଥ ଏଠାରେ ଅନେକ ପୁଷ୍କରଣୀ, ମଠ, ମଣ୍ଡପ, ଲୋକ-ମାନଙ୍କ ପାଇଁ ବାସଗୃହ ପ୍ରଭୃତି ନିର୍ମାଣ କରିଥିଲେ ଏବଂ ଏହି ମନ୍ଦିରର ସୀମାନ୍ତ ପ୍ରଦେଶ ଯାଏ ଉତ୍ତମଛାୟାପ୍ରଦ ବୃକ୍ଷରୋପଣ କରିଥିଲେ ।

୨୨ ଧାଡ଼ିରେ ଲେଖାଅଛି ଯେ—ଏହି ରାଜା ବ୍ରହ୍ମାଙ୍କ ପରି ଅତି ନୈଷ୍ଠିକ, ଶୁକଙ୍କ ପରି ମାର୍ତ୍ତନିପୁଣ, ନଳଙ୍କପରି ଶୈବଧର୍ମ ପାଳକ, ବୃହସ୍ପତିଙ୍କ ପରି ବିଚକ୍ଷଣ ଥିବାରୁ ଏଠାରେ ସାତୋଟି ଯଜ୍ଞ କରାଇ ଥିଲେ, ଏବଂ ଶିବ ଓ ବିଷ୍ଣୁଙ୍କ ପାଇଁ ମନ୍ଦିର ନିର୍ମାଣ କରାଇଥିଲେ ।

**୮-ପ୍ରାଚୀନଦୀ ଓ ଶୋଭନେଶ୍ୱର ଲିପି**—ଶୋଭନେଶ୍ୱର ମନ୍ଦିର ଓ ଏଥିରେ ଥିବା ଶିଳାଲିପି ପ୍ରାଚୀନଦୀର ଉତ୍ତର ତୀରରେ ପ୍ରାୟ ୧୦୦ ହାତ ଦୂରରେ ଅଛି । ଶୋଭନେଶ୍ୱର ମହାଦେବ ପ୍ରାଚୀ ମହାତ୍ମ୍ୟ ବର୍ଣ୍ଣିତ ଦ୍ୱାଦଶ ଶମ୍ଭୁଙ୍କ ମଧ୍ୟରୁ ଜଣେ ଅଟନ୍ତି । ତଥାପି, ଏହି ଲିପିରେ ପ୍ରାଚୀନଦୀର ନାମଗନ୍ଧ ଲେଖାଯାଇ ନାହିଁ । ଏଥିରୁ ଅନୁମିତ ହୁଏ ଯେ, ଏହି ଲିପି ଓ ମନ୍ଦିର ନିର୍ମିତ ହେବା ସମୟରେ ପ୍ରାଚୀନଦୀର ବିଶେଷତ୍ୱ ପ୍ରାୟ ଊଣା ହୋଇଯାଇଥିଲା । ତା ନହେଲେ ସେହି ନଦୀ ସମ୍ବନ୍ଧରେ ଏପରି ନୀରବ ରହିବା ଅନ୍ୟ କୌଣସି କାରଣ ନ ଥିଲା ।

## ୫ମ କେଶରୀ ଓ ଗଂଗରାଜାମାନଙ୍କ ସମୟରେ ପ୍ରାଚୀ ନଦୀର ସ୍ଥାନେ ସ୍ଥାନେ ଥିବା ଖଣ୍ଡାଏତ ସାମନ୍ତ ରାଜାମାନେ

( ଖ୍ରୀଷ୍ଟ ୧୫୨୦ ଠାରୁ ୧୫୬୮ ) ଅବ୍ଦ—ପ୍ରାଚୀ ନଦୀର ଆରମ୍ଭରୁ ଶେଷଯାଏଁ ଦୀର୍ଘ ୩୦ ମାଇଲ ଭୂପ୍ରଦେଶରେ ସେହି ନଦୀର ଦୁଇ ତୀରରେ ଅସଂଖ୍ୟ ପ୍ରାଚୀନଗଡ଼ ବା ଦୁର୍ଗର ସଂକେତମାନ ଦେଖାଯାଏ । ଏ ସବୁ ଦୁର୍ଗ ବା ଗଡ଼ରେ କେଶରୀ ଏବଂ ଗଂଗବଂଶ ରାଜାମାନଙ୍କ ସମୟର ଖଣ୍ଡାଏତ ସାମନ୍ତ ରଜାମାନେ ବାସ କରୁଥିବାର ପ୍ରମାଣ ମିଳେ । ସେମାନଙ୍କ ସମୟରେ ପ୍ରାଚୀନଦୀ ଅତି ଗଭୀର ଥିଲା ଓ ଏହି ନଦୀ ଦେଇ ବୋଇତ ବାଣିଜ୍ୟ ଚଳୁଥିଲା । ଏହି ବାଣିଜ୍ୟ ପାଇଁ ଏକାଧିକ ବୈଦେଶିକ ବେପାରୀ ପ୍ରାଚୀନଦୀ ଦେଇ ଓଡ଼ିଶା ଭିତରକୁ ଆସୁଥିଲେ । ଏପରି ବୈଦେଶିକମାନଙ୍କର ଆକ୍ରମଣରୁ ଦେଶକୁ ରକ୍ଷାକରିବା ପାଇଁ ସ୍ଥାନେ ସ୍ଥାନେ

ଏହି ଖଣ୍ଡାଏତ ସାମନ୍ତମାନଙ୍କୁ ରଖାଯାଇଥିବା ସମ୍ଭବ । ଓଡ଼ିଶା ଇତିହାସରୁ ଜଣାଯାଏ ଯେ, ଏହି ସାମନ୍ତ ରାଜାମାନେ ନିଜ ଅଧୀନରେ ଅସଂଖ୍ୟ 'ପାଇକ ସୈନ୍ୟ' ରଖୁଥିଲେ । ଏହି ସୈନ୍ୟକୁ ନେଇ ଯୁଦ୍ଧବେଳେ ଉତ୍କଳ ସମ୍ରାଟଙ୍କ ସହ ମିଶି ଶତ୍ରୁ ସଂଗେ ଯୁଦ୍ଧ କରୁଥିଲେ ଏବଂ ଦେଶ ଶାନ୍ତିବେଳେ ଏମାନେ ସ୍ଥାନୀୟ ଅଂଚଳରେ କୃଷି ଓ ବ୍ୟବସାୟ ବାଣିଜ୍ୟ କରି ଚଳୁଥିଲେ । ସେ କାଳର ପ୍ରାଚୀ ନଦୀରେ କପରି ବୋଇତ ବାଣିଜ୍ୟ ଚଳୁଥିଲା ସେ କଥା ପରବର୍ତ୍ତୀ ଅଧ୍ୟାୟରେ କୁହାଯିବ ।

**ପ୍ରାଚୀ ତୀରବର୍ତ୍ତୀ ସାମନ୍ତ ରାଜାମାନଙ୍କର ପରିଚୟ—** ପ୍ରାଚୀନଦୀ କୂଳରେ ଅସଂଖ୍ୟ ସାମନ୍ତ ରାଜାମାନଙ୍କର ଗଡ ଓ ଦୁର୍ଗ ଥିବାର କୁହାଯାଇଛି । ଏ ସମସ୍ତ ରାଜବଂଶର ଇତିହାସ ଆଲୋଚନା କରିବା ପାଇଁ ଗୋଟିଏ ପ୍ରକାଣ୍ଡ ଗ୍ରନ୍ଥ ଲେଖି ହେବ । ତଦ୍ୱାରା ଏହି ଗ୍ରନ୍ଥ ଲେଖାର ଉଦ୍ଦେଶ୍ୟ ସାଧିତ ହେବନାହିଁ । ଏଥିପାଇଁ ସେ ସବୁ ଆଲୋଚନା ନକରି ପ୍ରାଚୀନଦୀ ତୀରର କେଉଁସ୍ଥାନରେ ଏହି ସାମନ୍ତ ରାଜାମାନଙ୍କର ଗଡ଼ ବା ଦୁର୍ଗ ଥିଲା ସେ ବିଷୟ ମାତ୍ର "ପ୍ରାଚୀନଦୀ ତୀରର ପ୍ରସିଦ୍ଧ ସ୍ଥାନ" ଅଧ୍ୟାୟରେ ବର୍ଣ୍ଣିତ ହେବ ।

**ହିନ୍ଦୁ ମୋଗଲ ଓ ମରହଟ୍ଟା ଶାସନର ପ୍ରାଚୀ ନଦୀ ତୀରବର୍ତ୍ତୀ କେତୋଟି ରାଜନିବାସ** —ଓଡ଼ିଶାର ସ୍ୱାଧୀନତା ଲୋପ ହେବା ପରେ (୧୫୬୮ରେ) ମୋଗଲ ଓ ମରହଟ୍ଟାମାନେ ଯଥାକ୍ରମେ ଏହି ରାଜ୍ୟ ଅଧିକାର କରି ପ୍ରାୟ ତିନିଶହ ବର୍ଷ ଯାଏଁ ଏଠାରେ ରାଜତ୍ୱ କରିଥିଲେ । ଏହି ସମୟରେ ସେହି ସେହି ସରକାରଙ୍କର ରାଜ-କର୍ମଚାରୀମାନେ ଦେଶର ସ୍ଥାନେ ସ୍ଥାନେ ରହି ଶାସନକାର୍ଯ୍ୟ ଚଳାଉଥିଲେ । ସେପରି ଏକାଧିକ ଶାସକମାନଙ୍କର ଆସ୍ଥାନ ପ୍ରାଚୀ ନଦୀର ସ୍ଥାନେ ସ୍ଥାନେ ଦେଖାଯାଏ । ଏ ଶ୍ରେଣୀର ରାଜକର୍ମଚାରୀ କେତେବର୍ଷ ଏହି ଅଞ୍ଚଳରେ ରାଜତ୍ୱ କରିଥିଲେ ଏବଂ ସେମାନଙ୍କ ଦ୍ୱାରା ଏ ଦେଶର କି କି ଉନ୍ନତି ବା ଅବନତି ଘଟିଥିଲା ସେ ସମସ୍ତ ବିଷୟ ଜାଣିବାପାଇଁ ତେତେ ସୁବିଧା ନାହିଁ । ତଥାପି, ସେମାନେ ଯେଉଁ ଯେଉଁ ସ୍ଥାନରେ ବାସ କରୁଥିଲେ ସେହି

ସ୍ଥାନଗୁଡ଼ିକ ସେହି ସେହି ଶାସକମାନଙ୍କ ନାମାନୁସାରେ ଆଜିସୁଦ୍ଧା ପରିଚିତ ହୁଏ, ଏବଂ ଏହି ସ୍ଥାନଗୁଡ଼ିକରେ ସେହି ଜାତିର ଲୋକମାନେ ମଧ୍ୟ ବାସକରନ୍ତି । ଏଥିରୁ ସ୍ପଷ୍ଟ ଜାଣିହୁଏ ଯେ ଓଡ଼ିଶା ମୋଗଲ ଓ ମରହଟ୍ଟାମାନଙ୍କ କରଗତ ହେବା ମାତ୍ରେ ସେହି ନୂତନ ଶାସକମାନଙ୍କର ରାଜକର୍ମଚାରୀ ବା ପ୍ରତିନିଧିମାନେ ଦେଶର ଅନ୍ୟସ୍ଥାନପରି ଏହି ପ୍ରାଚୀ ନଦୀର ଦୁଇପାଖରେ ବାସ କରି ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ଏ ଶ୍ରେଣୀର ଗ୍ରାମଗୁଡ଼ିକର ନାମ ଓ ପରିଚୟ ପରବର୍ତ୍ତୀ ଏକ ଅଧ୍ୟାୟରେ ବର୍ଣ୍ଣନା କରିବି ।

# ପ୍ରାଚୀ ତୀରର ଦ୍ୱାଦଶ ଶମ୍ଭୁ

**ଦ୍ୱାଦଶ ଶମ୍ଭୁଙ୍କ ବିଶେଷତ୍ୱ** :— ପ୍ରାଚୀ ନଦୀ ତୀରରେ ପୁରାଣ ଓ ଇତିହାସ ପ୍ରସିଦ୍ଧ ଯେଉଁ ଶତ ଶତ ପ୍ରାଚୀନ କୀର୍ତ୍ତି ଦେଖିବାକୁ ପାଉଁ ତନ୍ମଧ୍ୟରୁ ପ୍ରାଚୀ ମାହାତ୍ମ୍ୟ ବର୍ଣ୍ଣିତ 'ଦ୍ୱାଦଶ ଶମ୍ଭୁ' ଅତି ପ୍ରସିଦ୍ଧ ଅଟନ୍ତି । ଏହି ଦ୍ୱାଦଶ ଶମ୍ଭୁଙ୍କର ସ୍ଥାନ ନିର୍ଣ୍ଣୟ ଓ ସଂକ୍ଷିପ୍ତ ପରିଚୟ ନିମ୍ନରେ ବର୍ଣ୍ଣିତ ହେଲା ।

ଶମ୍ଭୁଙ୍କ ନାମ—**କପିଳେଶ୍ୱର**

**ଅବସ୍ଥାନ**— କଟକଜିଲ୍ଲା ଗୋବିନ୍ଦପୁର ଥାନାସ୍ଥ କପିଳେଶ୍ୱରପୁର ଶାସନର ୧/୪ ମାଇଲ ଓ ପ୍ରାଚୀ ନଦୀର ପୂର୍ବ ତୀରରେ ।

**ସଂକ୍ଷିପ୍ତ ପରିଚୟ**— ଏଠାରେ ପୂର୍ବେ କପିଳ ମୁନିଙ୍କ ଆଶ୍ରମ ଓ ସିଦ୍ଧବନ ଥିଲା । ପ୍ରାଚୀ ନଦୀ ପ୍ରଥମେ ଏଠାରେ ପାତାଳଫୁଟି ବାହାରିଥିଲା । ଏହି ନଦୀ କୂଳରେ କପିଳ ମୁନି ଶିବଲିଙ୍ଗ ସ୍ଥାପନକରି ତାହାଙ୍କୁ 'କପିଳେଶ୍ୱର' ନାମ ଦେଇଥିଲେ । ଅନ୍ଧ ଓ ଅନ୍ଧାରକଣାମାନେ ଏହି ଶିବଙ୍କ ପ୍ରସାଦ ପାଇ ଭଲ ଦେଖିପାରନ୍ତି ବୋଲି ଏହି ଶିବଙ୍କୁ 'ଅଂଧମୁନି କପିଳେଶ୍ୱର' କହନ୍ତି ।

**କପିଳେଶ୍ୱର ମନ୍ଦିର:**— ଏହି ମନ୍ଦିରଟି ପ୍ରାଚୀ ତୀରରେ ନିର୍ଜନ ହୋଇ ରହିଛି । ଏଠାରୁ ଫୁଲନଖରା-ନିଆଳି ସଡ଼କ ପ୍ରାୟ ୧½ ମାଇଲ ଦୂର (ପୂର୍ବରେ) । ଏହି ସଡ଼କର ୧୨ ମାଇଲ ପୂର୍ବରେ ମନ୍ଦିର ଦେଖାଯାଏ । ଶିବଙ୍କର ପ୍ରାଚୀ ନଦୀ ତଟ ମନ୍ଦିର ଭାଙ୍ଗି ଯାଇଛି । ସେହି ସ୍ଥାନରେ ଏକ୍ଷଣି ପ୍ରାୟ ୨୦/୨୫ ହାତ ଉଚ୍ଚାର କଠା ପଥରରେ ନିର୍ମିତ ଗୋଟିଏ ପୀଢ଼ ଦେଉଳ ଦେଖାଯାଏ । ଶିବଙ୍କ ଲିଙ୍ଗ ବର୍ଷା ସମୟାରେ ପାଣିରେ ବୁଡ଼ିଥାଏ । ଉକ୍ତ ମନ୍ଦିରର ନବଗ୍ରହ ମୂର୍ତ୍ତିଗୁଡ଼ିକ ଅତି ସୁନ୍ଦର ଓ ସ୍ପଷ୍ଟ ଦେଖାଯାନ୍ତି । ମନ୍ଦିର ଦେହରେ ବୃକ୍ଷଲତା ଉଠିଯାଇଛି । ସମ୍ମୁଖରେ ଗୋଟିଏ ଭୂଳ ଭୋଗଘର ଏବଂ ଗ୍ରେଟ ବାଂଫି ରହିଛି । ଭୋଗଘର ଓ ବାଂଫିର ଉପରଭାଗରେ ପୁରୁଣା ଇଟା ଦେଖିବାକୁ ପାଉଁ । ମନ୍ଦିର ଚତୁର୍ଦ୍ଦିଗରେ ଥିବା ଇଟାର ପ୍ରାଚୀର ଭାଙ୍ଗି କୁଢ଼ହୋଇ ପଡ଼ିଛି ।

ମନ୍ଦିର ଦ୍ୱାରର ଦୁଇପାର୍ଶ୍ୱ ମଧ୍ୟରୁ ଡାହାଣ ପାର୍ଶ୍ୱରେ ଗୋଟିଏ ସପ୍ତମାତୃକା ପ୍ରସ୍ତର ଏବଂ ବାମଦିଗରେ ଶିବପାର୍ବତୀ ମୂର୍ତ୍ତି ରହିଛି । ପ୍ରାଚୀନ ମନ୍ଦିରର କଳସ ପ୍ରସ୍ତର ଓ ଆମଳକ ଶିଳା ମଧ୍ୟ ଭାଂଗି ତଳେ ପଡ଼ିଛି । ସ୍ଥାନୀୟ କପିଳେଶ୍ୱରପୁରରୁ ପଣ୍ଡିତାନ ସେବକ ଆସି ଶିବଙ୍କୁ ପୂଜା କରନ୍ତି ।

୨· **ଗୋକର୍ଣ୍ଣେଶ୍ୱର**—ଗୋବିନ୍ଦପୁର ଥାନାର କଣ୍ଠାପଡ଼ା ବ୍ରାହ୍ମଣ ଶାସନ ଏହି ମନ୍ଦିରର ପ୍ରାଚୀର ପୂର୍ବରେ ଅବସ୍ଥିତ । ମନ୍ଦିରଟି କଠା ପ୍ରସ୍ତରରେ ନିର୍ମିତ ଗୋଟିଏ ପୀଢ଼ ଦେଉଳ । ପୂର୍ବ ଇଟା ମନ୍ଦିର ଓ ପ୍ରାଚୀର ଭାଙ୍ଗି କୁଢ଼ ହୋଇଛି । ଅନେକ ଇଟା ସ୍ଥାନୀୟ ଲୋକମାନେ ନଷ୍ଟ କରିଛନ୍ତି । ଏହି ମନ୍ଦିରର ବିଶେଷତ୍ୱ ଏହି ଯେ ଏହାର ମୁଖ ପଶ୍ଚିମ ଦିଗକୁ ରହିଛି । ଏହାର କାରଣ କେହି କହି ପାରନ୍ତି ନାହିଁ । ଦେଉଳ ବାହାରେ ଦୁଇଟି ସୁନ୍ଦର ବୃଷଭ ଅଛନ୍ତି । ଦ୍ୱାରର ଡାହାଣ ଦିଗରେ ବିଷ୍ଣୁଙ୍କ ବାମନ ଅବତାରମୂର୍ତ୍ତିଟିଏ ରଖାଯାଇଛି । ପାର୍ଶ୍ୱଦେବତାମାନଙ୍କୁ ଯଥା ସ୍ଥାନରେ ଦେଖିବାକୁ ମିଳନ୍ତି ।

୩ **ବିଲେଶ୍ୱର:**—ପୁରୀ ଜିଲାର ବାଲିପାଟଣା ଥାନାରେ ପଇଁଜି ପାଟଣା ଗ୍ରାମର ୧/୪ ମାଇଲ ଉତ୍ତରରେ ପ୍ରାଚୀନଦୀର ପଶ୍ଚିମ ତୀରରେ ।

ଏଠାରେ ପ୍ରାଚୀନ ଇଟା ମନ୍ଦିର ଭାଂଗିଯାଇଛି । ସେହି ସ୍ଥାନରେ ଗୋଟିଏ ପ୍ରସ୍ତର ନିର୍ମିତ ପୀଢ଼ଦେଉଳ ଓ ସମ୍ମୁଖରେ ଗୋଟିଏ ସ୍ତୁପ୍ନଭାଗ ଦେଖାଯାଏ । ସ୍ତମ୍ଭମ୍ନ ଉପର ଗୋଟିଏ ଖମ୍ବରେ ବୃଷଭ ଅଛି । ଶିବଙ୍କ ଶକ୍ତିର ପାଦୁକ ନଳା ଦକ୍ଷିଣ ଦିଗକୁ ରଖାଯାଇଛି । ଏହାର କାରଣ ସ୍ଥାନୀୟ ସେବକମାନେ କହି ପାରନ୍ତିନାହିଁ । ମନ୍ଦିରର ଦ୍ୱାର ପୂର୍ବକୁ । ଦ୍ୱାରଠାରୁ ପ୍ରାୟ ୩୦-୪୦ ହାତ ଦୂରରେ 'କୁଶଭଦ୍ରା' ନଦୀର ଶାଖା ମଣିକର୍ଣ୍ଣିକା ନଦୀ ପ୍ରାୟ ୨୦୦ ହାତ ଦୂର ଦକ୍ଷିଣକୁ ଯାଇ ପ୍ରାଚୀ ସଙ୍ଗେ ମିଶିଛି । ମଣିକର୍ଣ୍ଣିକା ଓ ପ୍ରାଚୀ ମଧ୍ୟସ୍ଥ ସ୍ଥାନରେ ତ୍ରିବେଣୀର ଅନ୍ତର୍ବେଦୀ ମଠ । ଏହି ମଠରେ ଜଣେ ବାବାଜୀ ପତିତପାବନ ମୂର୍ତ୍ତି ସ୍ଥାପନ କରିଛନ୍ତି । ବାବାଜୀଙ୍କ ୫/୬ ପୁରୁଷ ଏଠାରେ ରହିଥିବା ନିଦର୍ଶନ ଦେଖାଯାଏ । ଅନ୍ତର୍ବେଦୀ ଅତି ରମଣୀୟ ସ୍ଥାନ ଅଟେ । ଏଠାରେ ମାଧବୀଲତାର କୁଞ୍ଜ ଦେଖାଯାଏ । ପ୍ରାଚୀକୂଳରେ ସ୍ଥାନୀୟ ଲୋକମାନେ ବୈଠକ ପାଇଁ ଗୋଟିଏ ସ୍ୱତନ୍ତ୍ର ଗୃହ ସୁନ୍ଦର ପୁଷ୍ପଉଦ୍ୟାନ ସ୍ଥାପନ କରିଛନ୍ତି । ଅନ୍ତର୍ବେଦୀ ପୀଠରେ ବହୁକାଳରୁ ଲୋକମାନେ ଯଜ୍ଞ କରିଥିବାର ଜଣାଯାଏ । ଏଠାରେ ୧୩୦୬ ସାଲର ଯଜ୍ଞ ପ୍ରସ୍ତରମାନ ଦେଖାଯାଏ । ବିଲ୍ୱେଶ୍ୱର ମନ୍ଦିରର ପଛରେ ପ୍ରାୟ ୧୦/୧୫ ହାତ ଦୂରରେ ଆଉ ଗୋଟିଏ ଗ୍ଲେଟ ପୀଢ଼ ଦେଉଳରେ ଶିବ. ଲିଙ୍ଗଟିଏ ସ୍ଥାପନ କରାଯାଇଛି । ଏହି ଦେଉଳର ମୁହଁ ଦକ୍ଷିଣକୁ ଅଛି । ବଡଦେଉଳର ଉତ୍ତର ଦିଗରେ ଗୋଟିଏ ଭୋଗଘର ଅଛି । ମନ୍ଦିର କାନ୍ଥରେ ପାର୍ଶ୍ୱଦେବତା ଓ ଅଳ୍ପ କେତୋଟି ଅଶ୍ଳୀଳ ମୂର୍ତ୍ତି ରହିଅଛି ।

୪- **ଶୋଭନେଶ୍ୱର**— କଟକ ଜିଲ୍ଲା ଗୋବିନ୍ଦପୁର ଥାନାସ୍ଥ ନିଆଳି ଗ୍ରାମରେ, ପ୍ରାଚୀର ଉତ୍ତର ତୀରରେ ।

ଏଠାରେ ମଧ୍ୟ ପ୍ରାଚୀନ ଇଟାରମନ୍ଦିର ଭାଙ୍ଗିଯାଇଛି । ତା ସ୍ଥାନରେ ଗୋଟିଏ ପ୍ରକାଣ୍ଡ ରେଖ ଦେଉଳ, ପୀଢ଼ ମୁଖଶାଳା ଏବଂ ସମ୍ମୁଖରେ ଦଉଡି ମଣ୍ଡପ ଦେଖାଯାଏ । ସମୁଦାୟ ମନ୍ଦିର ମଣ୍ଡପ ଏବଂ

ପ୍ରାଚୀର କଠା ପ୍ରସ୍ତରରେ ନିର୍ମିତ । ଏହି ମନ୍ଦିର, ମଣ୍ଡପ ଓ ପ୍ରାଚୀର ପ୍ରଭୃତି କାକୋଦର ପୁର, ଭୁଜଙ୍ଗମପୁରର ରାଜା ଶ୍ରୀବୈଦ୍ୟନାଥଙ୍କ ଦ୍ୱାରା ୧୨-୧୩ଶ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିବା କଥା ଏହି ମନ୍ଦିରର ବାହାର ବାଡ଼ ଦେହରେ ଥିବା ଗୋଟିଏ ବଡ଼ ଶିଳାଲିପିରୁ ଜାଣି ହୁଏ । ଏହି ମନ୍ଦିରର ପାର୍ଶ୍ୱ ଦେବତା ଗୁଡ଼ିକ ଏବଂ ମନ୍ଦିର ବାଡ଼ ଓ ରେଖା ଦେହରେ ଥିବା ପ୍ରସ୍ତମୂର୍ତ୍ତି ଏବଂ କାରୁକାର୍ଯ୍ୟ ଗୁଡ଼ିକ ଅତି ସୁନ୍ଦର ଓ ସୂକ୍ଷ୍ମ ଦେଖାଯାଏ । ଏଗୁଡ଼ିକର ଶିଳ୍ପକାର୍ଯ୍ୟ ଭୁବନେଶ୍ୱର ଓ କୋଣାର୍କ ମନ୍ଦିରପରି ଦେଖାଯାଏ । ମନ୍ଦିର ଉପରେ ଅନେକ ବୃକ୍ଷ ଲତା ଅଛି । ବେଢ଼ା ମଧ୍ୟରେ ମଧ୍ୟ ଏପରି ବୃକ୍ଷ ଓ ସେହି ବୃକ୍ଷତଳେ ଏକାଧିକ ଶିବ ଓ ବିଷ୍ଣୁ ମୂର୍ତ୍ତି ଅଛି । ଏହି ମନ୍ଦିର ସମ୍ମୁଖରେ ଥିବା ଦୁଇଟି ମଣ୍ଡପ ଭାଙ୍ଗି ଯାଇଛି । କେବଳ ମଣ୍ଡପର ସ୍ତମ୍ଭ ବ୍ୟତୀତ ଛାତ ଗୁଡ଼ିକ ଆଦୌ ନାହିଁ । ଦୁଇଟି ମନ୍ଦିର ମଧ୍ୟରୁ ମନ୍ଦିରକୁ ଲାଗିଥିବା ମଣ୍ଡପଠାରୁ ତାହାଁ ସମ୍ମୁଖରେଥିବା ମଣ୍ଡପଟି କିଛି ଉଚ୍ଚସ୍ଥାନରେ ଅବସ୍ଥିତ । ଏହି ଉଚ୍ଚମଣ୍ଡପର ମଧ୍ୟ ଭାଗରେ ଗୋଟିଏ ରେଖାଙ୍କିତ ପ୍ରସ୍ତର ଅଛି । ତାହାକୁ ଲୋକମାନେ 'ଲକ୍ଷଣା ପ୍ରସ୍ତର' କହନ୍ତି । କୌଣସି କଳ ନିଷ୍ପତ୍ତି କରିବା ପୂର୍ବରୁ ଠାକୁରଙ୍କଠାରେ ଶପଥକରି କହିବାପାଇଁ ଲୋକମାନେ ଏଠାକୁ ଆସି ଏହି ପ୍ରସ୍ତର ଗୁଡ଼ିକୁ ଛୁଇଁ ସତ୍ୟ କରନ୍ତି । ମନ୍ଦିର ଭିତରେ ଜଗମୋହନ ଡାହାଣ ପାଖରେ ଗୋଟିଏ ବିଷ୍ଣୁ ( ବାସୁଦେବ ) ମୂର୍ତ୍ତି ପ୍ରାୟ ୩/୪ ହାତ ଉଚ୍ଚ ହେବ ରଖାଯାଇଛି । ଏଠା ମନ୍ଦିରର ଦ୍ୱାର ପୂର୍ବକୁ ରହିଛି ଏବଂ ମନ୍ଦିରର ଦକ୍ଷିଣରେ ପ୍ରାଚୀ ନଦୀ ପ୍ରାୟ ୫୦ ହାତ ଦୂରରେ ଉତ୍ତର ଦକ୍ଷିଣ ହୋଇ ପ୍ରବାହିତ ।

**୫ମ—ରାମେଶ୍ୱର**—କଟକ ଜିଲ୍ଲାର ଗୋବିନ୍ଦ ପୁର ଥାନାସ୍ଥ ଚୌଲା ଶାସନରେ; ପ୍ରାଚୀର ଉତ୍ତର ତୀରରେ ।

ଏଠାର ପ୍ରାଚୀନ କଠା ମନ୍ଦିର ଭାଙ୍ଗି ଯାଇଛି । ସେହି ସ୍ଥାନରେ ଗୋଟିଏ ପ୍ରକାଣ୍ଡ ପ୍ରସ୍ତରର ରେଖ ଦେଉଳ ମୁଖଶାଳା (ପୀଢଦେଉଳ)

ଓ ମଣ୍ଡପ ଦେଖାଯାଏ । ମଣ୍ଡପର ସ୍ତୁତ ମଧ୍ୟ ପୀଢ଼ ଦେଉଳ ଅଟେ । ସେ ମଣ୍ଡପ ସମ୍ମୁଖରେ ପ୍ରାୟ ୨/୩ ଫୁଟ ଉଚ୍ଚ ଗୃନ୍ଧନୀ ଅଛି । ବଡ଼ ମନ୍ଦିରର ମୁହଁ ପୂର୍ବ ଦିଗକୁ । ଏହାର ଉତ୍ତରରେ 'ମରିଚମ୍ବୀ' ଠାକୁରାଣୀଙ୍କର ପୀଢ଼ ଦେଉଳ । ଦକ୍ଷିଣରେ ନିଆଳିମାଧବ ସଡ଼କ ଏବଂ ସେହି ସଡ଼କର ଦକ୍ଷିଣରେ ପ୍ରାଚୀ ନଦୀ ଉତ୍ତର ଦକ୍ଷିଣ ହୋଇ ପ୍ରବାହିତ । ରାମେଶ୍ୱର ଓ ମରିଚମ୍ବୀ ମନ୍ଦିରରେ ଚୂନର ପଲସ୍ତରା ଥିବାରୁ କୌଣସି କାରୁକାର୍ଯ୍ୟ ଦେଖାଯାଏ ନାହିଁ । ବଡ଼ ଦେଉଳର ଦକ୍ଷିଣ ରେଖ ଉପରେ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ତ୍ରିମୂର୍ତ୍ତି ଚୂନରେ ଗଢାଯାଇଛି । ଏହି ମନ୍ଦିର ଗୁଡ଼ିକୁ ଜଲାଲ ପୁର ରାଉତ ବଂଶ ନିର୍ମାଣ କରିଥିବା ସ୍ଥାନୀୟ ଲୋକେ କହନ୍ତି । ରାମେଶ୍ୱର ନିକଟବର୍ତ୍ତୀ ପ୍ରାଚୀ ତୀରରେ ଏକାଧିକ ଯଜ୍ଞ ହୋଇ-ଥିବା କିମ୍ବଦନ୍ତୀ ଅଛି ଏବଂ ପ୍ରତ୍ୟେକ ଯଜ୍ଞ ସ୍ଥାନରେ ଯଜ୍ଞ ଖମ୍ବଗୁଡ଼ିକ ପୋତା ହୋଇଛି ।

**ଷଷ୍ଠ-ଅଙ୍ଗେଶ୍ୱର**— କଟକ ଜିଲ୍ଲା ଜଗତସିଂହପୁର ଥାନାସ୍ଥ ପିତାପଡ଼ା ଗ୍ରାମରେ, ପ୍ରାଚୀ ନଦୀର ଉତ୍ତର ତୀରରେ ।

ପିତାପଡ଼ା ଗ୍ରାମର ଅଙ୍ଗେଶ୍ୱର ଦେବଙ୍କ ପ୍ରାଚୀନ ଇଟାର ମନ୍ଦିର ମୁଖଶାଳା ଓ ମଣ୍ଡପ ପ୍ରଭୃତି ଭାଙ୍ଗିଯାଇଛି । ବଡ଼ ଦେଉଳ ଉପରେ ଅନେକ ବୃକ୍ଷଲତା ଅଛି । ଏହି ଦେଉଳର ଦ୍ୱାର ପୂର୍ବକୁ । ମଣ୍ଡପର ଦକ୍ଷିଣରେ ଅନ୍ୟ ଏକ ଛୋଟିଆ ପୀଢ଼ ଦେଉଳରେ ଅମ୍ବିକା ମୂର୍ତ୍ତି ଅଛି । ସ୍ଥାନଟି ଅତି ରମ୍ୟ ହେଲେ ହେଁ କଣ୍ଟକ ବୃକ୍ଷଦ୍ୱାରା ବେଷ୍ଟିତ ଥିବାରୁ ଅତି ନିର୍ଜନ ଓ ବିକୃତ ଦେଖାଯାଏ । ଏ ପର୍ଯ୍ୟନ୍ତ ବର୍ଣ୍ଣିତ ଅନ୍ୟ ସମସ୍ତ ମନ୍ଦିରଠାରୁ ଏହା ସେହି ପ୍ରାଚୀନ ଇଟାରେ ଭଙ୍ଗାହୋଇ ରହିଛି । ଏଠାରେ ନୂତନ ଧରଣର ପ୍ରସ୍ତର ମନ୍ଦିର ନିର୍ମିତ ହୋଇନାହିଁ । ପୂର୍ବ ଇଟା ମନ୍ଦିରଟା ରେଖ ଦେଉଳ ଓ ମୁଖଶାଳା ପୀଢ଼ ଦେଉଳ ଥିବାର ଦେଖାଯାଏ ।

**୭ମ-ଅମରେଶ୍ୱର**– ପୁରୀ ଜିଲ୍ଲା ନିମାପଡ଼ା ଥାନାସ୍ଥ ଅମର ପ୍ରସାଦ ଗ୍ରାମରେ ପ୍ରାଚୀର ଦକ୍ଷିଣ ତୀରରେ, ପିପ୍‌ପିଲି ଅସ୍ତରଙ୍ଗ ସଡ଼କର ୧୯/୨୦ ମାଇଲ ମଧ୍ୟରେ ।

ଏଠାର ଶିବ ମନ୍ଦିର ମାଙ୍କଡ଼ା ପ୍ରସ୍ତରରେ ନିର୍ମିତ । ରେଖ ଦେଉଳ ଓ ପୀଢ଼ ମୁଖଶାଳା । ମୁଖଶାଳାକୁ କିଛି ଦୂର ଛାଡ଼ି ସମ୍ମୁଖରେ ଗୋଟିଏ ଇଟା ଓ ଛପର ମଣ୍ଡପ । ବଡ଼ ମନ୍ଦିରର ଦକ୍ଷିଣରେ ଚର୍ଚ୍ଚିକାଙ୍କ ପୀଢ଼ ଦେଉଳ ଏବଂ ଉତ୍ତରରେ ଲକ୍ଷ୍ମୀନୃସିଂହଙ୍କ ପୀଢ଼ଦେଉଳ । ମଣ୍ଡପର ପୂର୍ବ ଓ ଦକ୍ଷିଣ କୋଣରେ ମଣ୍ଡପଠାରୁ ପ୍ରାୟ ୧୮/୨୦ ହାତ ଦୂରରେ ଗୋଟିଏ କୁଣ୍ଡଅଛି । ଏହି କୁଣ୍ଡରେ ଲଙ୍କାଧିପତି ରାବଣ ଅମରବର ପାଇବା ପାଇଁ ଯଜ୍ଞ କରିଥିବା କିମ୍ବଦନ୍ତୀ ଅଛି । ଉକ୍ତ କୁଣ୍ଡର ଚତୁର୍ଦ୍ଦିଗରେ ରାବଣର ୯ଟି ମୁଣ୍ଡ(ପ୍ରସ୍ତର ନିର୍ମିତ) ଥିଲା । ଏ କ୍ଷଣି ଗୁଟିଏ ମାତ୍ର ଅଛି । ପୂର୍ବ ଇଟା ମନ୍ଦିରର କାନ୍ଥ କେତେକ ସ୍ଥାନରେ ଦେଖାଯାଏ ।

**୮ମ-ଗ୍ରାମେଶ୍ୱର** – କଟକ ଜିଲ୍ଲା ଜଗତସିଂହପୁର ଥାନାସ୍ଥ ନିଭରଣ ଗ୍ରାମରେ, ପ୍ରାଚୀନଦୀର ଉତ୍ତର ତୀରରେ ।

ନିଭରଣ ଗ୍ରାମରେ ଗୁଟିଏ ମନ୍ଦିର ଏକାଠି ଦେଖାଯାଏ । ତନ୍ମଧ୍ୟରୁ ଗ୍ରାମେଶ୍ୱର ମହାଦେବ, ଗୋଟିଏ ବିଷ୍ଣୁ ମନ୍ଦିର , ବାରଭୁଜା ପାର୍ବତୀ ଏବଂ ଅନ୍ୟ ଏକ ଠାକୁରାଣୀ ମନ୍ଦିର । ସବୁଗୁଡ଼ିକ ଆଧୁନିକ ପ୍ରସ୍ତର ଓ ଇଟାର ପୀଢ଼ ଦେଉଳ । ପୂର୍ବ ଇଟା ମନ୍ଦିର ଭାଙ୍ଗି ଯିବାରୁ ସେହି ସ୍ଥାନରେ ସ୍ଥାନୀୟ ଲୋକମାନେ ଏସବୁ ମନ୍ଦିର ନିର୍ମାଣକରି ପୂର୍ବ ଠାକୁର ମୂର୍ତ୍ତିଗୁଡ଼ିକୁ ଯଥା ସ୍ଥାନରେ ରଖାଇଛନ୍ତି । ଏଠା ବିଷ୍ଣୁ ମନ୍ଦିରର ବିଷ୍ଣୁ ଓ ବୁଦ୍ଧଦେବଙ୍କ କଳା ମୁଗୁନି ପ୍ରସ୍ତରରେ ନିର୍ମିତ ମୂର୍ତ୍ତିଗୁଡ଼ିକ ଅତି ଚିକ୍‌କଣ, ସୁନ୍ଦର ଓ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ଦେଖାଯାଏ ।

**୯ମ-ସୋମେଶ୍ୱର**– ପୁରୀ ଜିଲ୍ଲା କାକଟପୁର ଥାନାସ୍ଥ କାକଟପୁର ଗ୍ରାମର ପ୍ରାୟ ଅଧମାଇଲ ପୂର୍ବରେ ପିପ୍‌ପିଲି-ଅସ୍ତରଙ୍ଗ

ସଡ଼କର ୨୭ ମାଇଲ ନିକଟରେ । ପ୍ରାଚୀନଦୀ ଏଠାରୁ ପ୍ରାୟ ଏକମାଇଲ ପଶ୍ଚିମ ଦକ୍ଷିଣରେ ପ୍ରବାହିତା ।

ଏଠାର ପୁରୁଣା ଇଟା ମନ୍ଦିର ଭାଙ୍ଗି ଯାଇ ତଳେ ପଡ଼ିଛି । ସେହି ସ୍ଥାନରେ ସ୍ଥାନୀୟ ମୁକାଗଡ଼ର ବ୍ରାହ୍ମଣମାନେ ଗୋଟିଏ ପ୍ରସ୍ତର ପୀଢ଼ ଦେଉଳ ନିର୍ମାଣ କରିଛନ୍ତି । ଏବଂ ମନ୍ଦିରର ଅତି ବଡ଼ ଓ ସୁନ୍ଦର ଦଧିନଉତି ଏଠାରେ ପଡ଼ିଛି । ମନ୍ଦିର ସମ୍ମୁଖରେ ଇଟାର ପ୍ରାଚୀର ଅଛି । ସେହି ପ୍ରାଚୀର ବାହାର କାନ୍ଥରେ ବିଷ୍ଣୁଙ୍କ ଦଶ ଅବତାର ଓ ଶିବ ଏବଂ ଶାକ୍ତ ମୂର୍ତ୍ତିଗୁଡ଼ିକ ରଖାଯାଇଛି । ଏ ସବୁ ଗୁଡ଼ିକ ଅତି ସୁନ୍ଦର ଓ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ । ଏଠା ପାର୍ଶ୍ୱଦେବତା ମୂର୍ତ୍ତିଗୁଡ଼ିକ ମଧ୍ୟ ଅତି ସୁନ୍ଦର ଅଟେ । ଦକ୍ଷିଣରେ ଥିବା ଗଣେଶଙ୍କ ତଳରେ ଗୋଟିଏ ସ୍ତ୍ରୀ ମୂର୍ତ୍ତି କାଣ୍ଡଶର ଧରିଥିବା ଭଳି ଦେଖାଯାଏ । ଏ ମୂର୍ତ୍ତିର ନାମ ଲଳିତା । ଏହି ମନ୍ଦିରରେ ଶିବଲିଙ୍ଗ ନାହିଁ । କେବଳ ଶକ୍ତିମାତ୍ର ପୂଜାପାଏ ।

**୧୦ମ-ସିଦ୍ଧେଶ୍ୱର:—** ପୁରୀ ଜିଲ୍ଲା କାକଟପୁର ଥାନାସ୍ଥ ମୁଦୁଗଲ ଗ୍ରାମରେ, ପ୍ରାଚୀ ନଦୀର ଉତ୍ତର ତୀରରେ ଅବସ୍ଥିତ ।

ଏଠାରେ ପୂର୍ବ ଇଟାମନ୍ଦିର ସବୁ ଭାଙ୍ଗି ଯାଇଥିବାରୁ ସ୍ଥାନୀୟ ଜମିଦାର ଖଣ୍ଡିଏ ଛପର ଘରେ ଶିବ ଲିଙ୍ଗଙ୍କୁ ରଖାଇଛନ୍ତି । ସିଦ୍ଧେଶ୍ୱରଙ୍କଠାରୁ ପ୍ରାୟ ୨/୩ ଶହ ହାତ ଦକ୍ଷିଣପୂର୍ବରେ ପ୍ରାଚୀନ ସିଦ୍ଧେଶ୍ୱର ମନ୍ଦିର ଭାଙ୍ଗି ପଡ଼ିଛି । ସେଠାରେ ଗୋଟିଏ ମାନବାକୃତି ଋଷି ମୂର୍ତ୍ତି ଅଛି । ଏହାଙ୍କୁ ମୁଦୁଗଲ ଋଷି କହନ୍ତି । ଏହି ଋଷିଙ୍କଠାରୁ ପ୍ରାୟ ୧୦୦ ହାତ ଦକ୍ଷିଣ ପୂର୍ବରେ ମୁଦଗଲ ମାଧବଙ୍କର ପୀଢ଼ଦେଉଳ ଏବଂ ତାହାର ସମ୍ମୁଖରେ ଗୋଟିଏ ଛପର ମଣ୍ଡପ ଉପରେ ଅତି ସୁନ୍ଦର ମୂର୍ତ୍ତିଟିଏ ରଖାଯାଇଛି ।

**୧୧ଶ-ନୃତ୍ତେଶ୍ୱର—** ପୁରୀ ଜିଲ୍ଲା କାକଟପୁର ଥାନାସ୍ଥ ନାଶିକେଶ୍ୱର ଗ୍ରାମରେ ପ୍ରାଚୀ ନଦୀର ଉତ୍ତର ତୀରରେ ଅବସ୍ଥିତ ।

ଏଠାରେ ପ୍ରାଚୀନ ଇଟାର ମନ୍ଦିର ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି । ଜଗମୋହନ, ରେଖଦେଉଳ, ମୁଖଶାଳା । ପୀଢ଼ ଦେଉଳ ଉପରେ ବୃକ୍ଷଲତା

ଉଠିଯାଇଛି । ମନ୍ଦିରର ଦ୍ୱାର ପୂର୍ବକୁ ଏହି ମନ୍ଦିରର ପ୍ରାୟ ଅଧମାଇଲ ପୂର୍ବରେ ନାଗିକେଶ୍ୱର ବ୍ରାହ୍ମଣ ଶାସନ । ଏଠା ମନ୍ଦିରରେ ପ୍ରାଚୀନ ଇଟାର ଗଠନ ପ୍ରଣାଳୀ ବେଶ୍ ଦେଖାଯାଏ । କିନ୍ତୁ ଏଥିପ୍ରତି କେହିହେଲେ ବିଶେଷ ଦୃଷ୍ଟି ଦେଇ ନଥିବାରୁ ଏହା ମଧ୍ୟ ଅଚିରେ ଭୂମିସାତ ହେବା ସମ୍ଭବ ।

**୧୨ଶ-ମୁକ୍ତେଶ୍ୱର—** ପୁରୀ ଜିଲ୍ଲା କାକଟପୁର ଥାନାସ୍ଥ ଡାଳୁଆକଣି ଗ୍ରାମରେ, ବଂଗୋପସାଗର କୂଳରେ ଏବଂ ପ୍ରାଚୀର ଉତ୍ତର ତୀରରେ ।

ଏହି ମନ୍ଦିର ଭାଙ୍ଗି ଅଦୃଶ୍ୟ ହୋଇଛି । ଠାକୁର ମୂର୍ତ୍ତି ଗୋଟିଏ ଗର୍ତ୍ତରେ ରହିଛନ୍ତି ।

**ଦ୍ୱାଦଶ ଶମ୍ଭୁଙ୍କର ବିଶେଷତ୍ୱ—** ଉପରୋକ୍ତ ଦ୍ୱାଦଶ ଶମ୍ଭୁଙ୍କର ପୌରାଣିକ ବିଶେଷତ୍ୱ ସମ୍ବନ୍ଧରେ ପ୍ରାଚୀମାହାତ୍ମ୍ୟରେ ନିମ୍ନ କେତେକ ବିଷୟ ଲେଖାଅଛି ।

"ପ୍ରାଚୀତୀରରେ ଯେତେହର ସମସ୍ତେ ବ୍ରହ୍ମ ଏକଶ୍ୱର ।
କପିଳେଶ୍ୱର ସମୀପରୁ ଏକାଦଶ ରୁଦ୍ର ସେଠାରୁ ।
ଏକାଦଶ ଇନ୍ଦ୍ରିୟ ମତ ସମସ୍ତ ପାପ କରେ ହତ ।
ପ୍ରାନ୍ତରେ ଗୋମୁଖ କେଶବ ସାକ୍ଷାତେ ବ୍ରହ୍ମାର ମାଧବ ।
ସକଳ ସାକ୍ଷୀ ରୂପେ ହରି କେଶବ ରୂପେ ବିଜେକରି ।
କ୍ଲେଶ ନାଶନ ଜୀବଙ୍କର ଦର୍ଶନେ କରନ୍ତି ଉଦ୍ଧାର ।
ଲୋକଙ୍କ ନିସ୍ତାର ନିମନ୍ତେ ବିହାର କଲେ ଏ ଜଗତେ ।
ଆରମ୍ଭ କପିଳଙ୍କଠାରୁ ଗୋମୁଖୀ କେଶବ ପ୍ରାଚୀରୁ ।
ଅଷ୍ଟ କୋଶରେ ଯେତେ ହର ଅଛନ୍ତି ପ୍ରାଚୀ ନଦୀ ତୀର ।
ସମସ୍ତେ ଏ ବ୍ରହ୍ମ ସ୍ୱରୂପୀ କହି ଅଛନ୍ତି ବିଶ୍ୱବ୍ୟାପୀ ।
ଜନ୍ମରେ ଏହାଙ୍କ ଦର୍ଶନ କରଇ ଯେଉଁ ପୁଣ୍ୟଜନ ।

ସକଳ ପାପ ଯାଏ ନାଶ    ଅନ୍ତେ ଲଭଇ କୈଲାସ ।
ବିଶେଷେ ଏକା ଦିବସରେ    ନିଶ୍ଚୟେ ଯାଇ ପ୍ରାଚୀ କ୍ଷେତ୍ର ।
ଦେଖଇ ଏକାଦଶ ହର    ପ୍ରାନ୍ତେ ଗୋମୁଖୀ ଦାମୋଦର ।
ଏମନ୍ତେ ଦ୍ୱାଦଶ ମୂରତି    ଦେଖି ଲଭଇ ନରେ ଗତି ।
ପୁନର୍ପି ସେ ମାତୃଗର୍ଭରେ    ପୂରିତଯେ ମନ୍ତ୍ର ବିଷ୍ଠାରେ ।
ଜନ୍ମ ନୁହଇ ଆଉ ବାରେ    ଲଭଇ ଜନ୍ମ ମୁକ୍ତି ଦ୍ୱାରେ ।
ଯେବେ ଦେଖଇ ଏକାବାରେ    ବିଲୋମ ପ୍ରତିଲୋମ କରେ ।
ଏକ ଏକରେ ମୋକ୍ଷ ଲଭ    ଦେଖିଲେ ଦିଅନ୍ତି ସେ ଶିବ ।
ହେଳାରେ ଭକ୍ତିରେ ଯେ ନର    ଭ୍ରମଇ ଯାଇ ପ୍ରାଚୀ କ୍ଷେତ୍ର ।
ନିଶ୍ଚୟେ ଦେଖଇ ଯେ ହର    କ ଦେବା ତାକୁ ପଟାନ୍ତର ।
ସାକ୍ଷାତେ ଦେବତା ସେ ହୋଇ    ବସଇ ସ୍ୱର୍ଗେ ସେହୁ ଯାଇ ।

( ପ୍ରାଚୀମାହାତ୍ମ୍ୟ-୧୩ଶ ଅଧ୍ୟାୟ )

**ଅଷ୍ଟଶମ୍ଭୁଙ୍କ ମାହାତ୍ମ୍ୟ**—ପ୍ରୋକ୍ତ ଦ୍ୱାଦଶ ଶମ୍ଭୁଙ୍କ ମଧ୍ୟରୁ ଗୋକର୍ଣ୍ଣେଶ୍ୱର ଓ ନୃତ୍ୟେଶ୍ୱରଙ୍କ ମଧ୍ୟରେଥିବା ଅଷ୍ଟଶମ୍ଭୁ ଅତି ପ୍ରସିଦ୍ଧ ଥିବାର ପ୍ରାଚୀମାହାତ୍ମ୍ୟରେ ବର୍ଣ୍ଣିତ ଅଛି । ଯେଉଁମାନେ ଅନ୍ତତଃ ଏକାଦିନକରେ ଏହି ଅଷ୍ଟଶମ୍ଭୁଙ୍କୁ ଜୀବନରେ ଥରେମାତ୍ର ଦେଖନ୍ତି ସେମାନେ ସ୍ୱର୍ଗଭୋଗ କରିବା ସମ୍ଭବ ବୋଲି ବର୍ଣ୍ଣିତ ଅଛି ।

"ଅଷ୍ଟ ଶମ୍ଭୁର ଯେ ବିଧାନ    କହିବା ଶୁଣ ତପୋଧନ ।
ଶତ ସମୀର ହୁତାଶନ    ଆଗେ ଗମନ ଦ୍ୱିଜମନ ।
ସୂର୍ଯ୍ୟ ଯେ ସୋମ ଗଣନାର    ଏ ଅଷ୍ଟ ମୂରତି ଶିବର ।
ପ୍ରଥମେ ଗୋକର୍ଣ୍ଣ ଈଶ୍ୱର    ଅନ୍ତେ ବିଜୟ ନୃତ୍ୟେଶ୍ୱର ।
ଯେ ଏକ ମୂର୍ତ୍ତି ବହୁ ଜାତ    ଅଜସ୍ର ଗୁଣରେ ବିଦିତ ।
ପ୍ରାଚୀ କ୍ଷେତ୍ରରେ ଯେତେ ହର    ସମସ୍ତେ ବ୍ରହ୍ମ ଦ୍ୱିଜବର ।
ମଧ୍ୟ ପ୍ରାଣୀଙ୍କର ଉତ୍ତମ    ଏକ ଏ ଅନେକ ବିଶ୍ରାମ ।
ପ୍ରାଣୀଙ୍କି ଉଦ୍ଧାରିବା ପାଇଁ    ବହୁ ରୂପକୁ ଛନ୍ତି ବହି ।
ବିରିଧି ହରିହର ରୂପୀ    ନିଶତ ରୂପେ ବିଶ୍ୱବ୍ୟାପୀ ।

× × × ×

ପ୍ରାଚୀ ତୀରରେ କରବାସ ହୋଇଲେ ରହି କୃତ୍ତିବାସ ।
ପୂର୍ବର ଜନ୍ମ ତପବଳେ ଶିବ ପୂଜଇ ପ୍ରାଚୀକୂଳେ ।
ଶିବ ପୂଜଇ ଯେଉଁ ନର ପାପ ମୁକତ ତା ଶରୀର ।

( ପ୍ରା: ମା: ୧୩ଶ ଅଧ୍ୟାୟ )

**ଦ୍ୱାଦଶ ଶମ୍ଭୁଙ୍କର ପୌରାଣିକ ଇତିବୃତ୍ତ**—ଉପର୍ଯ୍ୟୁକ୍ତ ଦ୍ୱାଦଶ ଶମ୍ଭୁଙ୍କ ମଧ୍ୟରୁ ପ୍ରତ୍ୟେକ ଶମ୍ଭୁଙ୍କ ସମ୍ବନ୍ଧରେ ଏକାଧିକ ପ୍ରକାର ପୌରାଣିକ ଇତିବୃତ୍ତ ଥିବାର ପ୍ରାଚୀମାହାତ୍ମ୍ୟରେ ବର୍ଣ୍ଣିତ ଅଛି । ଏ ବିଷୟରେ ସଂକ୍ଷିପ୍ତରେ ନିମ୍ନରେ କେତୋଟି କଥା କୁହାଯିବ ।

**୧ମ-କପିଳେଶ୍ୱର**—ସରସ୍ୱତୀ ନଦୀ ପାତାଳ ଫୁଟି ସିଦ୍ଧବନରେ କପିଳମୁନିଙ୍କ ଆଶ୍ରମ ନିକଟରେ ବାହାରି, ସେଠାରୁ ପୂର୍ବମୁଖୀ ହୋଇ ସମୁଦ୍ର ଆଡ଼କୁ ପ୍ରବାହିତ ହେବାରୁ ଏହାଙ୍କର ନାମ 'ପ୍ରାଚୀ' ନାମ ହୋଇଥିଲା । ଏହି ସିଦ୍ଧବନରେ କପିଳମୁନି ବ୍ରହ୍ମାଙ୍କ ଆଦେଶମତେ ଗୋଟିଏ ଶିବଲିଙ୍ଗ ସ୍ଥାପନ କରିଥିଲେ । ସେହି ଶିବଙ୍କର ନାମ କପିଳେଶ୍ୱର ହେଲା ।

**୨ୟ-ଗୋକର୍ଣ୍ଣେଶ୍ୱର**—ପ୍ରାଚୀନଦୀ ସ୍ୱର୍ଗର ଦେବାଦେବୀଙ୍କୁ ବଡ଼ବାଗ୍ନି ଲିଭାଇବାପାଇଁ ସମୁଦ୍ରମୁଖେ ଯାଉଁ ଯାଉଁ ମାର୍ଗରେ ବ୍ରହ୍ମା ଯେଉଁ ପ୍ରାଚୀ ତୀରରେ ଶିବଙ୍କୁ ସ୍ଥାପନକରି ପୂଜା କରିଥିବାରୁ ସେହି ଶିବଙ୍କର ନାମ ଗୋକର୍ଣ୍ଣେଶ୍ୱର ହୋଇଥିଲା ।

**୩ୟ-ବିଲ୍ୱେଶ୍ୱର**—ପୂର୍ବେ ଦେବ ଓ ଦାନବମାନଙ୍କ ମଧ୍ୟରେ ଘୋର ଯୁଦ୍ଧ ହେବାରୁ ସେହି ଯୁଦ୍ଧରେ ଶିବ ଦେବତାମାନଙ୍କୁ ସାହାଯ୍ୟ କରିଥିଲେ । କିନ୍ତୁ ଯୁଦ୍ଧରେ ଦେବତାମାନେ ପରାସ୍ତ ହେବାରୁ ଶିବ ଯୁଦ୍ଧ କ୍ଷେତ୍ରରୁ ଯାଇ ପ୍ରାଚୀର ଦକ୍ଷିଣ ତୀରରେ ଥିବା ଗୋଟିଏ ବେଲଗଛମୂଳେ ଲୁଚିଥିଲେ । ଏହିଠାରେ କେତେକାଳ ରହିବାପରେ ଏହାଙ୍କର 'ବିଲ୍ୱେଶ୍ୱର' ନାମ ହେଲା ଏବଂ ଦାନବ ବଂଶର ବଳୀରାଜା ଏହାଙ୍କୁ ସର୍ବସ୍ୱ ଦାନ କରିଥିଲେ ।

**୪ର୍ଥ ଶୋଭନେଶ୍ୱର**—ବନବାସ ସମୟରେ ପାଣ୍ଡବମାନେ ଏହାଙ୍କୁ ପ୍ରତିଷ୍ଠା କରିଥିଲେ ।

**୫ମ-ରାମେଶ୍ୱର**— ଶ୍ରୀ ରାମଚନ୍ଦ୍ର ବନବାସ ସମୟରେ ଏଠାରେ ଶିବ ପୂଜାକରି ଅଭୟବର ପାଇଥିଲେ ଏବଂ ସେଠାରୁ ଯାଇ ଲଙ୍କାପତି ରାବଣକୁ ବଧ କରିଥିଲେ । ସେହିଦିନରୁ ଏଠାରେ ଶିବଙ୍କର ନାମ 'ରାମେଶ୍ୱର' ହେଲା ।

**୬ଷ୍ଠ-ଅଂଗେଶ୍ୱର**—ଅଂଗଦେଶ (ବିହାର) ର ରାଜା ପ୍ରାଚୀ-କୂଳକୁ ଆସି ଏଠାରେ ଶିବଙ୍କୁ ପୂଜା କରିଥିବାରୁ ଏହି ଶିବଙ୍କର ନାମ 'ଅଂଗେଶ୍ୱର' ହେଲା ।

**୭ମ-ଅମରେଶ୍ୱର**—ଲଙ୍କାଧିପତି ରାବଣ ପ୍ରାଚୀକୂଳକୁ ଆସି ଏଠାରେ ଗୋଟିଏ ଯଜ୍ଞକରି ଶିବଙ୍କଠାରୁ ଅମରବର ପାଇଥିଲେ । ସେହି କାରଣରୁ ଏହି ଶିବଙ୍କର ନାମ 'ଅମରେଶ୍ୱର' ହୋଇଥିଲା ।

**୮ମ-ଗ୍ରାମେଶ୍ୱର**—ଶିବ ପାର୍ବତୀଙ୍କୁ ବିବାହ କଲାପରେ ହିମାଳୟରୁ ଆସି ଏହି ପ୍ରାଚୀତୀରରେ ଗୋଟିଏ ଗ୍ରାମ ସଂଗଠନକରି ନିଜ ପତ୍ନୀ ସହ ବାସକରି ଏଠାରେ ରହିଥିଲେ । ସେହି କାରଣରୁ ଏହି ଶିବଙ୍କର ନାମ 'ଗ୍ରାମେଶ୍ୱର' ହେଲା ।

**୯ମ ସୋମେଶ୍ୱର**—ଭଗବାନ ଶ୍ରୀକୃଷ୍ଣ ପ୍ରାଚୀତୀରକୁ ଆସି ଏଠାରେ ଶିବଙ୍କ ସମ୍ମୁଖରେ ଯୋଗ ଓ ତପସ୍ୟାକରି ସୁଦର୍ଶନଚକ୍ର ଲାଭ କରିଥିଲେ । ସେଥିପାଇଁ ଏହି ଶିବଙ୍କର ନାମ 'ସୋମେଶ୍ୱର ହୋଇଥିଲା ।

**୧୦ମ-ସିଦ୍ଧେଶ୍ୱର**—କେତକୀ ପୁଷ୍ପ ଶିବଙ୍କୁ ସ୍ତୁତିକରି ନିଜ ଅଭିଶାପରୁ ମୁକ୍ତିଲାଭ କରିଥିବାରୁ ଏଠାର ଶିବଙ୍କୁ ସିଦ୍ଧେଶ୍ୱର ନାମ ଦିଆଯାଇଛି ।

**୧୧ଶ-ନିର୍ତ୍ତେୟଶ୍ବର**—ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ପିତାଙ୍କ ଅଭିଶାପରୁ ମୁକ୍ତିଲାଭ କରିବାପାଇଁ ପ୍ରାଚୀତୀରକୁ ଆସି ଏହି ଶିବଙ୍କୁ ଦର୍ଶନ କଲାପରେ ଚନ୍ଦ୍ରଭାଗାଯାଇ ସେଠାରେ ସୂର୍ଯ୍ୟଙ୍କୁ ଉପାସନା କରିଥିଲେ । ସେହି ଦିନରୁ ଏଠା ଶିବଙ୍କର ନାମ 'ନିର୍ତ୍ତେୟଶ୍ବର' ହୋଇଥିଲା ।

**୧୨ଶ ମୁକ୍ତେଶ୍ବର**—ପ୍ରାଚୀନଦୀରେ ସ୍ନାନକରି ଲୋକମାନେ ଏହି ଶିବଙ୍କୁ ଦର୍ଶନକରି ଇହଜଗତରୁ ମୁକ୍ତିଲାଭ କରନ୍ତି ବୋଲି ଏହାଙ୍କର ନାମ ମୁକ୍ତେଶ୍ବର ହୋଇଥିଲା ।

ଦ୍ବାଦଶ ଶମ୍ଭୁଙ୍କର ପୌରାଣିକ ଇତିବୃତ୍ତ ସମ୍ବନ୍ଧରେ ଅତି ସଂକ୍ଷିପ୍ତରେ କେତେକ ବିଷୟ ଉପରେ ବର୍ଣ୍ଣିତ ହେଲା । କିନ୍ତୁ ଏହି କେତେକ ଘଟଣା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କବି ଆହୁରି ଅସଂଖ୍ୟ ପୌରାଣିକ ଘଟଣାର ଉଲ୍ଲେଖ ମଧ୍ୟ କରିଛନ୍ତି । ଏ ସବୁ ପ୍ରାଚୀମାହାତ୍ମ୍ୟ ପାଠରୁ ସ୍ପଷ୍ଟ ଜାଣି ହେବ । ଏଠାରେ ସେ ସମସ୍ତ ବିଷୟ ବର୍ଣ୍ଣନା କରିବାଦ୍ବାରା ଏ ଲେଖାର କଳେବର ଅସ୍ବାଭାବିକ ରୂପେ ବୃଦ୍ଧି ଲାଭ କରିବା ସମ୍ଭବ ବୋଲି ସେସବୁ ଲେଖାବାଦ ଦିଆଗଲା ।

**ପ୍ରାଚୀନଦୀ ତୀରରେ ଦ୍ବାଦଶ ଶମ୍ଭୁଙ୍କ ସ୍ଥାନ ନିର୍ଣ୍ଣୟ**—ଆଜକାଲି ପ୍ରାଚୀନଦୀର କେଉଁ ତୀରର କେଉଁ କେଉଁ ଗ୍ରାମରେ ଦ୍ବାଦଶ ଶମ୍ଭୁଙ୍କ ମନ୍ଦିରମାନ ଦେଖାଯାଏ ସେ କଥା ପୂର୍ବେ ବର୍ଣ୍ଣନା କରାଯାଇଛି । ଏହି ସ୍ଥାନଗୁଡ଼ିକ ପ୍ରାଚୀମାହାତ୍ମ୍ୟରେ ବର୍ଣ୍ଣିତ ସ୍ଥାନଠାରୁ ଅନେକ ପ୍ରଭେଦ ଦେଖାଯାଏ । ପ୍ରାଚୀମାହାତ୍ମ୍ୟ ଅନୁସାରେ :

"କପିଳେଶ୍ବରଙ୍କୁ ଅବଧି - ଅଷ୍ଟକୋଶରେ ସେ ପ୍ରସିଦ୍ଧି
କୋଷେ କୋଶକେ ପ୍ରାଚୀତୀରେ - ଶିବ ଅଛନ୍ତି ନିରନ୍ତରେ

ଏହି ଲେଖାରେ ପ୍ରତି କୋଶକରେ ଏକ ଏକ ଶମ୍ଭୁ ଥିବାର ବର୍ଣ୍ଣିତ ଅଛି । କିନ୍ତୁ ପ୍ରକୃତରେ ଏକ୍ଷଣିଥିବା ମନ୍ଦିରଗୁଡ଼ିକ ସେପରି ଦେଖାଯାଏ ନାହିଁ । ୧ମ ପାଞ୍ଚୋଟି ମନ୍ଦିର ପ୍ରାୟ ଏକମାଇଲରୁ ଦେଢ଼ ମାଇଲ ଅନ୍ତରରେ ଦେଖାଯାଏ । ପଞ୍ଚମଠାରୁ ଷଷ୍ଠ ଶିବଙ୍କ ଦୂରତା ପ୍ରାୟ ୩ ମାଇଲ ହେବ ।

ଷଷ୍ଠ, ସପ୍ତମ ଓ ଅଷ୍ଟମ ଶିବଙ୍କ ମଧ୍ୟରେ ପ୍ରାୟ ଏକ ମାଇଲ ବା ଦେଢ଼ ମାଇଲ ଦୂରତା ରହିଛି । ଅଷ୍ଟମ ଶିବ ଗ୍ରାମେଶ୍ୱରଙ୍କଠାରୁ ନବମ ଶିବ ସୋମେଶ୍ୱରଙ୍କ ମନ୍ଦିର ପ୍ରାୟ ପାଞ୍ଚ ଛଅ ମାଇଲ ହେବ । ନବମ ଠାରୁ ଦଶମ ଶିବ ସିଦ୍ଧେଶ୍ୱର ପ୍ରାୟ ୩/୪ ମାଇଲ ଦୂରରେ ଅବସ୍ଥିତ । ଦଶମ ଓ ଏକାଦଶ ଶିବଙ୍କ ମଧ୍ୟରେ ପ୍ରାୟ ଦୁଇ ତିନି ମାଇଲ ଦୂରତା ହେବ ଏବଂ ଏକାଦଶ ଓ ଦ୍ୱାଦଶ ମଧ୍ୟରେ ତିନି ଚାରି ମାଇଲ ଦୂରତା ହେବ ।

ଦ୍ୱାଦଶ ଶିବ ମନ୍ଦିର ମଧ୍ୟରୁ ୩ୟ ଶିବ ବଲେ୍ୱଶ୍ୱର ଏବଂ ୭ମ ଶିବ ଅମରେଶ୍ୱରଙ୍କ ମନ୍ଦିରଗୁଡ଼ିକ ପ୍ରାଚୀର ଦକ୍ଷିଣ ତୀରରେ ଅଛି । ଅନ୍ୟ ସବୁ ମନ୍ଦିର ପ୍ରାଚୀର ଉତ୍ତର ତୀରରେ ଦେଖାଯାଏ । ବଲେ୍ୱଶ୍ୱର, ନଦୀ ପାର ହୋଇ ପ୍ରାଚୀର ଉତ୍ତର ତୀରରେ ଥିବା ବେଲଗଛ ମୂଳେ ଲୁଚି ରହିଥିବା କଥା ପ୍ରାଚୀମାହାତ୍ମ୍ୟରେ ଲେଖାଅଛି । କିନ୍ତୁ ଅମରେଶ୍ୱର କାହିଁକି ଏହି ନଦୀର ଦକ୍ଷିଣ ତୀରରେ ରହିଲେ ସେ କଥା ଉକ୍ତ ପୁରାଣରେ ଲେଖା ନାହିଁ ।

**୧୨ଶ ଶମ୍ଭୁ ଏବଂ ସେମାନଙ୍କର ସାକ୍ଷୀ**—ପ୍ରାଚୀମାହାତ୍ମ୍ୟରେ ବର୍ଣ୍ଣିତ ଅଛି ।

"ଦ୍ୱାଦଶ ହର ମୂର୍ତ୍ତି ତହିଁ - ତୀରେ ନିବାସ ଛନ୍ତି ରହି ।
ଦ୍ୱାଦଶ ଅମ୍ବିକା ମୂରତି - ଧରି ପାର୍ବତୀ ସଙ୍ଗେ ଛନ୍ତି ।
ଦ୍ୱାଦଶ ମାଧବ ନିବାସ - କରି ଅଛନ୍ତି ତୀରେ ବାସ ।
କପିଳ ଋଷି ଆଶ୍ରମରୁ - ବଳେ ସେ କଲେ ତୀର୍ଥ ଗୁରୁ ।
ମହୋଦଧିର ନିକଟରେ - ଗୋମୁଖୀ କେଶବ ସେଠାରେ ।
ନିବାସ କରିଛନ୍ତି ତହିଁ - ପାପୀଙ୍କୁ ଉଦ୍ଧରିବା ପାଇଁ ।

(ପ୍ରା.ମା.୧୧ଶ ଅଧ୍ୟାୟ)

ଯେଉଁମାନେ ପ୍ରାଚୀ ନଦୀରେ ସ୍ନାନକରି ସେହି ତୀରରେ ଥିବା ଶମ୍ଭୁଙ୍କୁ ଦର୍ଶନ କରି ମୁକ୍ତିଲାଭ କରିବାକୁ ଆଶା କରନ୍ତି, ସେମାନେ ସେହି ଶମ୍ଭୁଙ୍କୁ ଦର୍ଶନ କଲା ସମ୍ବାଦ ସ୍ଥାନୀୟ ସାକ୍ଷୀମାନଙ୍କୁ ଯାଇ ଜଣାଇବାକୁ ହେବ । ତା ନହେଲେ ସେମାନଙ୍କର ପୁଣ୍ୟଲାଭ ହେବା ଅସମ୍ଭବ ।

ଏଥିପାଇଁ ପ୍ରତ୍ୟେକ ଶିବଙ୍କଠାରେ ଏକ ଏକ 'ମାଧବ' ବା ବିଷ୍ଣୁଙ୍କୁ ରଖା ଯାଇଛି ଏବଂ ପ୍ରତ୍ୟେକ ଶିବଙ୍କ ସହ ତାହାଙ୍କର ପତ୍ନୀ ପାର୍ବତୀ ରହିଛନ୍ତି । ଏହି ପାର୍ବତୀଙ୍କର ସ୍ଥାନେ ସ୍ଥାନେ ଏକାଧିକ ନାମ ମଧ୍ୟ ଅଛି । ଯଥା—ଚର୍ଚ୍ଚିକା, ଚଣ୍ଡଘଣ୍ଟା, ଖାରଭୁଜା, ମଙ୍ଗଳା, ଚଣ୍ଡୀ, ଜଗଦମ୍ବିକା କାତ୍ୟାୟିନୀ ପ୍ରଭୃତି ।

**ଦ୍ୱାଦଶ ମାଧବ**— ପ୍ରାଚୀ ତୀରରେ ଦ୍ୱାଦଶ ଶମ୍ଭୁଙ୍କ ସହ 'ଦ୍ୱାଦଶ ମାଧବ' ଥିବାର ପ୍ରାଚୀ ମାହାତ୍ମ୍ୟରେ ବର୍ଣ୍ଣିତ ଅଛି, କିନ୍ତୁ ଏ ସବୁ ମାଧବଙ୍କର ସ୍ଥାନ, କେଉଁ କେଉଁ ଠାରେ ସେ କଥା ସେହି ପୁରାଣରେ ଲେଖାନାହିଁ । ମୋହର ଏକାଧିକ ଅନୁସନ୍ଧାନରୁ ପ୍ରାଚୀତୀରର ନିମ୍ନ କେତେକ ସ୍ଥାନରେ ମାଧବଙ୍କର ପୃଥକ ମନ୍ଦିର ଥିବାର ଦେଖିପାରିଥିଲି । ସ୍ଥାନୀୟ ଲୋକମାନେ ଏହି ମାଧବଙ୍କୁ 'ମାଧବାନନ୍ଦ' କହନ୍ତି । ପଦ୍ମାସନରେ ଚତୁର୍ଭୁଜ ହୋଇ ଛିଡ଼ା ହୋଇଥିବା ବିଷ୍ଣୁ ମୂର୍ତ୍ତିଙ୍କୁ 'ମାଧବାନନ୍ଦ କୁହାଯାଏ । ପ୍ରାୟ ସବୁ ମୂର୍ତ୍ତି କଳା ମୁଗୁନି ପ୍ରସ୍ତରରେ ନିର୍ମିତ ଏବଂ ଅତି ସୁନ୍ଦର ଓ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ଦେଖାଯାଏ । ପ୍ରାଚୀ ତୀରର ମାଧବାନନ୍ଦ ମୂର୍ତ୍ତିଙ୍କ ପରି ପ୍ରସ୍ତର ମୂର୍ତ୍ତି ପୁରୀ ଜିଲ୍ଲାର ଅନ୍ୟ କୌଣସି ସ୍ଥାନରେ ଦେଖାଯାଏକି ନାହିଁ ସନ୍ଦେହ । ଅନ୍ତତଃ ମୁଁ ସେପରି କୌଣସି ସ୍ଥାନରେ ମୂର୍ତ୍ତି ଦେଖିନାହିଁ । ପ୍ରାଚୀ ନଦୀର ନିମ୍ନ କେତେକ ସ୍ଥାନରେ ମାଧବଙ୍କର ପୃଥକ ମୂର୍ତ୍ତିମାନ ଏବଂ ସେହି ମୂର୍ତ୍ତିପାଇଁ ପୃଥକ୍ ମନ୍ଦିର ମଧ୍ୟ ଦେଖାଯାଏ ।

| ସ୍ଥାନ | ମୂର୍ତ୍ତି ଓ ମନ୍ଦିରର ବିଶେଷତ୍ୱ |
| --- | --- |
| **୧- ମାଧବ ଗ୍ରାମ**— କଟକ ଜିଲ୍ଲାର ଜଗତସିଂହପୁର ଥାନାର ପ୍ରାଚୀ ନଦୀର ଉତ୍ତରତୀରରେ ଏବଂ ଫୁଲନଖରା-ମାଧବ ସଡ଼କର ୨୪ ମାଇଲରେ । | ଏଠାରେ ମାଧବଙ୍କର ଅତି ବଡ଼ ମନ୍ଦିର ଅଛି । ମନ୍ଦିରଟି ଚାରି ଭାଗରେ ବିଭକ୍ତ । ରେଖଦେଉଳ, ପୀଢ଼ ମୁଖଶାଳା, ମଣ୍ଡପଯୁକ୍ତ ଛାତ ଓ ଖୋଲ ମଣ୍ଡପ । ଦେଉଳ ବାଡ଼ରେ ଅତି ସୁନ୍ଦର ଶିଳ୍ପକାର୍ଯ୍ୟ ଅଛି । ମନ୍ଦିରର ଅତି ପ୍ରଶସ୍ତ ଅଗଣା ଓ ସୁଦୃଢ଼ ପ୍ରାଚୀର । ପୂର୍ବ ଓ ଦକ୍ଷିଣରେ |

| | |
|---|---|
| | ପ୍ରାଚୀର ଦ୍ୱାର । ମାଧବାନନ୍ଦଙ୍କ ଅତି ସୁନ୍ଦର ପ୍ରସ୍ତର ମୂର୍ତ୍ତି । ପାଣ୍ଡବମାନେ ଏହାକୁ ସ୍ଥାପନ କରିଥିବାର ବର୍ଣ୍ଣିତ ଅଛି ।<br>(ମା: ମା: ୧୨ଶ ଅଧ୍ୟାୟ) |
| **୨- ଲଳିତମାଧବ—** (ପ୍ରାଚୀମାଧବ) ପ୍ରା.ମା: ୧୨ଶ ଅଧ୍ୟାୟ । ମଧ୍ୟରେ ପ୍ରାଚୀ ଓ ଲଳିତା ନଦୀର ମଧ୍ୟରେ ତୁଳସୀପୁର ଚୌରିଶି ଗ୍ରାମର ଉତ୍ତରରେ ଅବସ୍ଥିତ । | ପୁରୁଣା ଇଟାର ମନ୍ଦିର ଭାଙ୍ଗି ଯାଇଛି । ମାଧବଙ୍କର ପ୍ରସ୍ତର ମୂର୍ତ୍ତି ଅପୂଜା ହୋଇ ପଡ଼ିଛି । ଅତି ସୁନ୍ଦର ଶିଳ୍ପକାର୍ଯ୍ୟ ଦେଖାଯାଏ । |
| **୩- ବୋଲଗା ଗ୍ରାମର ମାଧବ**—ବୋଲଗାଁ ଗ୍ରାମର ଅଧ ମାଇଲ ଉତ୍ତରରେ ଏହି ମନ୍ଦିର ଅବସ୍ଥିତ । | ଏଠାରେ ପୁରୁଣା ଇଟା ଓ କଠା ପ୍ରସ୍ତରର ଅର୍ଦ୍ଧଭଗ୍ନ ମନ୍ଦିର ଓ ମାଧବାନନ୍ଦଙ୍କରଅତି ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରସ୍ତର ମୂର୍ତ୍ତି ରହିଛି । ଏହି ମନ୍ଦିର ପୂର୍ବେ ପ୍ରାଚୀର ଗୋଟିଏ ଶାଖା କନ୍ଦଳ ନଦୀର ଉତ୍ତର ତୀରରେ ଥିବାର ଅନୁମିତ ହୁଏ । ବର୍ତ୍ତମାନ ସେହି ଶାଖାନଦୀ ପୋତି ହୋଇ ପଡ଼ିଛି । |
| **୪ ରଘୁନାଥପୁର ମାଧବ** କାକଟପୁର ଥାନାସ୍ଥ ରଘୁନାଥପୁର ଗ୍ରାମ | କାକଟପୁର ଥାନାସ୍ଥ ରଘୁନାଥପୁର ଗ୍ରାମରେ ମାଧବାନନ୍ଦଙ୍କର ପ୍ରସ୍ତର ମୂର୍ତ୍ତି ଗୋଟିଏ ଛପର ଘରେ |

ରଖାଯାଇ ପୂଜା ପାଅନ୍ତି । ଏହି ମୂର୍ତ୍ତିକୁ ସ୍ଥାନୀୟ ଲୋକମାନେ ପ୍ରାଚୀଗର୍ଭରୁ ଆଣିଥିବା ସମ୍ଭବ ।

**୫-ମୁଦୁଗୁଲ ମାଧବ**
କାକଟପୁର ଥାନାସ୍ଥ
ମୁଦୁଗୁଲ ଗ୍ରାମ

କାକଟପୁର ଥାନାସ୍ଥ ମୁଦୁଗୁଲ ଗ୍ରାମରେ ମାଧବଙ୍କର ପୂର୍ବ ଇଟା ମନ୍ଦିର ଭାଙ୍ଗିଯିବାରୁ ସ୍ଥାନୀୟ ଜମିଦାରଙ୍କ ଦ୍ୱାରା ଗୋଟିଏ ପ୍ରସ୍ତର ଓ ଇଟାର ପୀଢ଼ ଦେଉଳ ନିର୍ମିତ ହୋଇ ଏଠାରେ ମାଧବଙ୍କର ସୁନ୍ଦର ପ୍ରସ୍ତର ମୂର୍ତ୍ତି ରଖାଯାଇଛି । ମନ୍ଦିର ସମ୍ମୁଖରେ ଗୋଟିଏ ଚୂଳର ମଣ୍ଡପରେ ମାଧବ ବାହନ ଗରୁଡଙ୍କର ଅତି ସୁନ୍ଦର ମୂର୍ତ୍ତି ରଖାଯାଇଛି । ମନ୍ଦିରର ପ୍ରାୟ ୧୫୦ ହାତ ପଶ୍ଚିମରେ ପୂର୍ବ ମନ୍ଦିରର ଭଗ୍ନାବଶେଷ ଏବଂ ସେଠାରେ ମୁଦୁଗୁଲ ଋଷିଙ୍କର ଛିଡ଼ା ହୋଇଥିବା ପ୍ରସ୍ତର ମୂର୍ତ୍ତି ଅଛି । ଏହି ମୂର୍ତ୍ତିର କାରୁକାର୍ଯ୍ୟ ଅତି ସୁନ୍ଦର ଅଟେ । ମୁଦୁଗୁଲ ଋଷି ସ୍ୱପ୍ନାଦିଷ୍ଟ ହୋଇ ଲଙ୍କାରେ ବିଭୀଷଣଙ୍କଠାରୁ ଏହି ମୂର୍ତ୍ତିକୁ ଆଣି ଏଠାରେ ସ୍ଥାପନ କରିଥିବାରୁ ଏହାଙ୍କର ନାମ ମୁଦୁଗୁଲ ମାଧବ ହୋଇଥିବାର ପ୍ରାଚୀମାହାତ୍ମ୍ୟ ୨୨ଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ।

**୬-ନଷ୍ଟାବୁ ମାଧବ**

କାକଟପୁର ଥାନାର ଗମ୍ଭାରିପଦା ଜଙ୍ଗଲରେ ଥିବ ମହାଦେବ ମନ୍ଦିର ।

କାକଟପୁର ଥାନାର ଗମ୍ଭାରିପଦା ଜଙ୍ଗଲରେ ଥିବା ଗ୍ରାମେଶ୍ୱର ମହାଦେବଙ୍କ ମନ୍ଦିରର ନାଟ ମନ୍ଦିରରେ ଏକ ସୁନ୍ଦର ମାନବାକୃତି ମାଧବାନନ୍ଦଙ୍କ ମୂର୍ତ୍ତି ରଖାଯାଇଛି । ଏହାକୁ ଅନ୍ୟ ସ୍ଥାନରୁ ଆଣିଥିବାର ଜନଶ୍ରୁତି ଅଛି । ଏହି ଛଅ ଗୋଟି ସ୍ଥାନରେ ମଧବଙ୍କ ପ୍ରସ୍ତର ମୂର୍ତ୍ତି ପୃଥକ ମନ୍ଦିରରେ ଦେଖାଯାଏ । ପ୍ରାଚୀ ମାହାତ୍ମ୍ୟ ବର୍ଣ୍ଣିତ ଦ୍ୱାଦଶ ମାଧବ ମଧ୍ୟରୁ ଅନ୍ୟ ମାଧବ କେଉଁଠାରେ ଥିଲେ ତାହା ଜଣାଯାଏ ନାହିଁ । ସମ୍ଭବତଃ ସେହି ସ୍ଥାନରେ ମନ୍ଦିରଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯିବାରୁ ସେଠାରୁ ଠାକୁର ମୂର୍ତ୍ତି ସ୍ଥାନାନ୍ତରିତ ହୋଇଛନ୍ତି । ଏପରି ଅଧିକାଂଶ ମୂର୍ତ୍ତି ପ୍ରାଚୀ କ୍ଷେତ୍ରର ଅନ୍ୟ ଶିବ ମନ୍ଦିରଗୁଡ଼ିକରେ ଦେଖାଯାଏ ସେପରି ମନ୍ଦିର ମଧ୍ୟରୁ ନିମ୍ନ ସ୍ଥାନଗୁଡ଼ିକ ପ୍ରଧାନ ଅଟେ ।

**୧ମ—ନିଆଳିର ଶୋଭନେଶ୍ୱର ମନ୍ଦିର**—ଏହି ମନ୍ଦିରର ମୁଖଶାଳା ଭିତରେ ମାଧବଙ୍କର ଗୋଟିଏ ଅତି ସୁନ୍ଦର ମୂର୍ତ୍ତି ରଖାଯାଇଛି । ସ୍ଥାନୀୟ ଲୋକମାନେ ଏହାକୁ ବାସୁଦେବ ଓ ମାଳ କହନ୍ତି । ନିଆଳିର ମାଳ ଏବଂ ମାଧବ ଗ୍ରାମର ମାଧବ ମିଶି ମାଳମାଧବ ହେବା-କଥା ଏଠା ଅଧିବାସୀମାନେ କହନ୍ତି ।

**୨ୟ**—ପ୍ରାଚୀନଦୀର ଉତ୍ତର ତଟବର୍ତ୍ତୀ ନଭରଣ ଗ୍ରାମର ଗ୍ରାମେଶ୍ୱରଙ୍କ ମନ୍ଦିର ନିକଟରେ ଏକ ବିଷ୍ଣୁ ମୂର୍ତ୍ତି ରଖାଯାଇଛି ।

ସମ୍ଭବତଃ ଏହା ଏକ ମାଧବ ମୂର୍ତ୍ତି । ଅନ୍ୟ କୌଣସି ଭଙ୍ଗା ମନ୍ଦିରରୁ ଆଣି ଏଠାରେ ରଖାଯାଇଛି ।

**୩ୟ**—କାକଟପୁର ଥାନାର କାକଟପୁର ଗ୍ରାମରେଥିବା ମହାମଙ୍ଗଳାଙ୍କ ମନ୍ଦିରର ପାର୍ଶ୍ୱଦେବତା ରୂପେ ଦୁଇଟି ମାଧବାନନ୍ଦ ମୂର୍ତ୍ତି ରଖାଯାଇଛି । ଏଗୁଡ଼ିକୁ କେଉଁଠାରୁ ଆଣି ଏଠାରେ ରଖାହୋଇଛି ସେକଥା ସ୍ଥାନୀୟ ଅଧିବାସୀ ଜାଣନ୍ତି ନାହିଁ । ଏହି ମୂର୍ତ୍ତିଗୁଡ଼ିକୁ ପୂର୍ବୋକ୍ତ ମାଧବାନନ୍ଦ ମୂର୍ତ୍ତିପରି ଅତି ସୁନ୍ଦର କାରୁକାର୍ଯ୍ୟ ମୂର୍ତ୍ତି ଦେଖାଯାଏ । ଏ ଗୁଡ଼ିକ ସମ୍ଭବତଃ ପ୍ରାଚୀତୀରର କୌଣସି ଭଙ୍ଗା ଦେଉଳରୁ ଅଣାଯାଇ ଏଠାରେ ରଖାଯାଇଛି ।

**୪ର୍ଥ**—କାକଟପୁର ଥାନାର 'ଲତାହରଣ' ଗ୍ରାମରେ ଥିବା ଗ୍ରାମେଶ୍ୱର ମହାଦେବଙ୍କ ମନ୍ଦିରରେ ଏପରି ଏକ ବଡ଼ ଓ ସୁନ୍ଦର ମୂର୍ତ୍ତି ରଖାଯାଇଛି । ଏହା ମଧ୍ୟ ଅନ୍ୟ କୌଣସି ଭଙ୍ଗା ମନ୍ଦିରରୁ ସଂଗ୍ରହ କରାଯାଇ ଏଠାରେ ରଖାଯାଇଛି । ଏହିପରି ପ୍ରାଚୀମାହାତ୍ମ୍ୟ ବର୍ଣ୍ଣିତ ଦ୍ୱାଦଶମାଧବ ଇତସ୍ତତ ହୋଇ ରହିଥିବାର ଦେଖାଯାଏ । ଏସବୁ ମାଧବ ପ୍ରୋକ୍ତ ଦ୍ୱାଦଶ ଶମ୍ଭୁଙ୍କର ସାକ୍ଷୀରୂପେ ନିର୍ମିତ ହୋଇଥିଲେ ।

**ପ୍ରାଚୀନଦୀ ତୀରବର୍ତ୍ତୀ ଦ୍ୱାଦଶ ଶମ୍ଭୁଙ୍କ ସ୍ଥାନ ନିର୍ଣ୍ଣୟ କରିବାରେ ପ୍ରାଚୀମାହାତ୍ମ୍ୟ ଲେଖକର ଭ୍ରମ**—ପ୍ରାଚୀମାହାତ୍ମ୍ୟ ପାଠରୁ ଏବଂ ସ୍ଥାନୀୟ ଅନୁସନ୍ଧାନରୁ ସ୍ପଷ୍ଟ ଜଣାଯାଏ ଯେ ପ୍ରାଚୀନଦୀ ତୀରରେ ଦ୍ୱାଦଶ ଶମ୍ଭୁଙ୍କ ପୀଠସ୍ଥାନ ରହିଛି । ଏହି ଦ୍ୱାଦଶ ଶମ୍ଭୁଙ୍କ ସଙ୍ଗେ ଦ୍ୱାଦଶ ଚଣ୍ଡୀ ବା ପାର୍ବତୀ ଏବଂ ଦ୍ୱାଦଶ ମାଧବ ମଧ୍ୟ ଥିବାର ଉକ୍ତ ପୁରାଣରେ ବର୍ଣ୍ଣିତ ଅଛି । ପ୍ରତ୍ୟେକ ଶିବ ମନ୍ଦିରରେ ଶିବଙ୍କ ଲିଙ୍ଗଥିବା ଗର୍ଭଗୃହରେ ପାର୍ବତୀଙ୍କର ପ୍ରସ୍ତର କିମ୍ବା ଧାତୁ ପ୍ରତିମା ଥାଏ । ଏହା ବ୍ୟତୀତ ସେହି ମନ୍ଦିରର ପଶ୍ଚିମପାର୍ଶ୍ୱ ଦେଉଳରେ ପାର୍ବତୀଙ୍କର ପାଷାଣ ମୂର୍ତ୍ତି ମଧ୍ୟ ରଖାଯାଇଥାଏ । ଏହା ବ୍ୟତୀତ ଅନ୍ୟ କେତେକ ମନ୍ଦିରରେ ପାର୍ବତୀଙ୍କ ଅନ୍ୟରୂପଗୁଡ଼ିକ ଯଥା ଦୁର୍ଗା ଠାକୁରାଣୀ, ମହିଷାସୁର ମର୍ଦ୍ଦିନୀ, ଚର୍ଚ୍ଚିକା, ମଙ୍ଗଳା, ଜଗଦମ୍ବିକା ପ୍ରଭୃତି ନାମରେ ପୃଥକ ମନ୍ଦିରମାନ ଥାଏ ।

ପ୍ରାଚୀଖଣ୍ଡର ଅଳ୍ପ କେତେକ ସ୍ଥାନରେ ସେପରି ପୃଥକ ମନ୍ଦିରମାନ ଅଛି । ସେ ବିଷୟ ପରବର୍ତ୍ତୀ ଅଧ୍ୟାୟରେ ବିସ୍ତୃତ ଆଲୋଚନା କରାଯିବ ।

ବର୍ତ୍ତମାନ ପ୍ରାଚୀଖଣ୍ଡର ଦ୍ୱାଦଶ ଶମ୍ଭୁଙ୍କ ମନ୍ଦିର ଗୁଡ଼ିକ ଯେପରି କ୍ରମାନୁସାରେ ଅଛି ତାହା ପୂର୍ବେ ବର୍ଣ୍ଣିତ ହେଲା ପ୍ରାଚୀମାହାତ୍ମ୍ୟରେ ସେହି କ୍ରମ ଆଦୌ ଦେଖାଯାଏ ନାହିଁ । ନିମ୍ନରେ ସେ ପାର୍ଥକ୍ୟ ଦେଖନ୍ତୁ ।

| ପ୍ରାଚୀନଦୀ ତୀରରେ ବର୍ତ୍ତମାନ ଥିବା କ୍ରମ | ପ୍ରାଚୀମାହାତ୍ମ୍ୟରେ ବର୍ଣ୍ଣିତ କ୍ରମ |
|---|---|
| ୧ମ—କପିଳେଶ୍ୱର | ୧—କପିଳେଶ୍ୱର |
| ୨ୟ—ଗୋକର୍ଣ୍ଣେଶ୍ୱର | ୨—ଗୋକର୍ଣ୍ଣେଶ୍ୱର |
| ୩ୟ—ବିଲେଶ୍ୱର | ୩—ବିଲେଶ୍ୱର |
| ୪ର୍ଥ—ଶୋଭନେଶ୍ୱର | ୪—ଅମରେଶ୍ୱର |
| ୫ମ—ରାମେଶ୍ୱର | ୫—ଅଂଗେଶ୍ୱର |
| ୬ଷ୍ଠ—ଅଂଶେଶ୍ୱର | ୬—ରାମେଶ୍ୱର |
| ୭ମ—ଅମରେଶ୍ୱର | ୭—ଗ୍ରାମେଶ୍ୱର |
| ୮ମ—ଗ୍ରାମେଶ୍ୱର | ୮—ସୋମେଶ୍ୱର |
| ୯ମ—ସୋମେଶ୍ୱର | ୯—ଶୋଭନେଶ୍ୱର |
| ୧୦ମ—ସିଦ୍ଧେଶ୍ୱର | ୧୦—ସିଦ୍ଧେଶ୍ୱର |
| ୧୧ଶ—ନୃସିଂହେଶ୍ୱର | ୧୧—ନୃସିଂହେଶ୍ୱର |
| ୧୨ଶ—ମୁକ୍ତେଶ୍ୱର | ୧୨—ମୁକ୍ତେଶ୍ୱର |

ଉପର୍ଯ୍ୟୁକ୍ତ ତାଲିକାରୁ ବେଶ୍ ଜାଣିହୁଏ ଯେ ପ୍ରାଚୀ ମାହାତ୍ମ୍ୟ ଲେଖକ ପ୍ରାଚୀଖଣ୍ଡର ଦ୍ୱାଦଶ ଶମ୍ଭୁଙ୍କ ମଧ୍ୟରୁ ୪ର୍ଥ, ୫ମ, ୬ଷ୍ଠ, ୭ମ, ୮ମ ଓ ୯ମ ଶମ୍ଭୁଙ୍କର ଭୌଗୋଳିକ ଅବସ୍ଥାନ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥିଲେ । ତା ନହେଲେ ସେହି ଶିବଙ୍କର ସ୍ଥାନଗୁଡ଼ିକୁ ଏପରି ପରିବର୍ତ୍ତନ କରି ନିଜ ଗ୍ରନ୍ଥରେ ଲେଖି ନଥାନ୍ତେ । ଏହି କେତେକ ସ୍ଥାନ ଭୁଲ ବର୍ଣ୍ଣନା ପ୍ରାଚୀମାହାତ୍ମ୍ୟର ନୂତନ ସଂସ୍କରଣରେ କରିବାକୁ ହେବ । ତଦ୍ୱାରା ସେହି ପୁରାଣର ଗୋଟିଏ ବିଶୁଦ୍ଧ ସଂସ୍କରଣ ଛପିହେବ ଏବଂ ପୁରାଣ

ପାଠକମାନେ ପ୍ରତ୍ୟେକ ଅଧ୍ୟାୟର କ୍ରମ ସଙ୍ଗେ ପ୍ରାଚୀତୀରର ଶମ୍ଭୁମାନଙ୍କୁ ସେହି କ୍ରମରେ ଦେଖିପାରିବେ ।

**ଦ୍ୱାଦଶ ଶମ୍ଭୁଙ୍କର ପୌରାଣିକ ବର୍ଣ୍ଣନା ସଙ୍ଗେ ଇତିହାସର ସମ୍ବନ୍ଧ**—ପ୍ରାଚୀମାହାତ୍ମ୍ୟରେ ଦ୍ୱାଦଶ ଶମ୍ଭୁଙ୍କର ଯେଉଁ ସବୁ ପୌରାଣିକ ବର୍ଣ୍ଣନା ଦିଆଯାଇଛି ସେଗୁଡ଼ିକୁ ଏକ୍ଷଣି ପ୍ରମାଣକରି ହେବନାହିଁ । ସିଦ୍ଧବନ କେଉଁଠି ଥିଲା, କପିଳ ମୁନି କେଉଁଠାରେ ଆଶ୍ରମ-କରି ତପସ୍ୟା କରୁଥିଲେ, ରାମଚନ୍ଦ୍ର ଏବଂ ପାଣ୍ଡବମାନେ ପ୍ରକୃତରେ କେଉଁଦିନ ଆସି ଏହି ଶିବମାନଙ୍କୁ ସ୍ଥାପନ କରିଥିଲେ ସେସବୁ ବିଷୟ ପ୍ରମାଣ କରିବା ସହଜ ନୁହେଁ । କିନ୍ତୁ ଉକ୍ତ ପୁରାଣ ବର୍ଣ୍ଣିତ ବିଷୟ ଗୁଡ଼ିକ ଯେତେ କାଳ୍ପନିକ ବା କିମ୍ବଦନ୍ତୀ ହେଲେ ମଧ୍ୟ ବର୍ତ୍ତମାନ ଯୁଗରେ ପ୍ରାଚୀନଦୀର ଯେଉଁ ଯେଉଁ ସ୍ଥାନରେ ଏହି ଶିବ ମନ୍ଦିରମାନ ନିର୍ମିତ ହୋଇଛି, ସେହି ଶିବ ମନ୍ଦିରଗୁଡ଼ିକରେ ଯେଉଁ ଯେଉଁ ସୁନ୍ଦର ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରସ୍ତର ମୂର୍ତ୍ତିମାନ ରଖାଯାଇଛି, ଏ ସମସ୍ତ କେଉଁ ସମୟରେ ଏବଂ କାହାଦ୍ୱାରା ନିର୍ମିତ ହୋଇଥିଲ ସେ ଐତିହାସିକ ପ୍ରମାଣ ଅମ୍ଭେମାନେ ସଂଗ୍ରହ କରିପାରିବା । ଏଗୁଡ଼ିକୁ ସଂଗ୍ରହକଲେ ଯେଉଁ ଯୁଗରେ ଏସବୁ ମନ୍ଦିର ପ୍ରତିମୂର୍ତ୍ତି ନିର୍ମିତ ହୋଇଥିଲା ସେହି ଯୁଗରେ ପ୍ରାଚୀନ ଓଡ଼ିଶାର ସଭ୍ୟତା କିପରିଥିଲା ତାହା ଅକ୍ଳେଶରେ ସ୍ଥିର କରିପାରିବା । ଏ କେତେକ ବିଷୟ ପରବର୍ତ୍ତୀ ଅଧ୍ୟାୟ ଗୁଡ଼ିକରେ ଆଲୋଚନା କରିପିବ ।

# ପ୍ରାଚୀନଦୀ ତୀରର ଅନ୍ୟାନ୍ୟ ପ୍ରାଚୀନ କୀର୍ତ୍ତି

ପୂର୍ବ ବର୍ଣ୍ଣିତ 'ଦ୍ୱାଦଶ ଶମ୍ଭୁ' ଏବଂ ମାଧବଙ୍କ ମନ୍ଦିର ବ୍ୟତୀତ ପ୍ରାଚୀତୀରରେ ଥିବା ଅନ୍ୟ ପ୍ରାଚୀନ କୀର୍ତ୍ତିଗୁଡ଼ିକୁ ନିମ୍ନ କେତେକ ଶ୍ରେଣୀରେ ବିଭକ୍ତ କରାଯାଇ ପାରେ:—

**ପ୍ରାଚୀତୀରର ଅନ୍ୟାନ୍ୟ ପ୍ରାଚୀନ କୀର୍ତ୍ତି**

- ୧ **ମନ୍ଦିର**
- ୨ ମଠ
- ୩ ଗାଦି
- ୪ ଗଡ଼
- ୫ ପୁଷ୍କରିଣୀ
- ୬ ବାପି
- ୭ ତୀର୍ଥସ୍ଥାନ
- ୮ ପୋତାନଦୀ,
- ୯ ବୋଇତକୁନ୍ଦା,
- ୧୦ ବ୍ରାହ୍ମଣଶାସନ,
- ୧୧ ବୌଦ୍ଧକୀର୍ତ୍ତି,
- ୧୨ ଜୈନକୀର୍ତ୍ତି,
- ୧୩ ଯଜ୍ଞସ୍ଥଳୀ

ମନ୍ଦିର

- ଅତି ପ୍ରାଚୀନ ଯୁଗର
  - ପ୍ରାଚୀନଦୀତୀରର
    - ଶିବମନ୍ଦିର
    - ବିଷ୍ଣୁମନ୍ଦିର
    - ଶାକ୍ତମନ୍ଦିର
  - ଅନ୍ୟସ୍ଥାନର
    - ଶିବମନ୍ଦିର
    - ବିଷ୍ଣୁ
    - ଠାକୁରାଣୀ
- ଆଧୁନିକ ଯୁଗର
  - ଶିବ
  - ବିଷ୍ଣୁ
  - ଠାକୁରାଣୀ, [ଗ୍ରାମଦେବୀ]

ପୁରାଣ ପ୍ରସିଦ୍ଧ ପ୍ରାଚୀନଦୀର ଦୀର୍ଘ ୩୦ ମାଇଲ ଲମ୍ବାଥିବା ଦୁଇତୀର ଏବଂ ଏହି ନଦୀର ନିମ୍ନ ଅଂଶରେ ନଦୀ ଓ ବଙ୍ଗୋପସାଗର ମଧ୍ୟରେ ଥିବା ଭୂପ୍ରଦେଶରେ ଯେଉଁ ସବୁ ପ୍ରାଚୀନ କୀର୍ତ୍ତିଗୁଡ଼ିକୁ ଆମ୍ଭେମାନେ ଦେଖି ସେଗୁଡ଼ିକୁ ଗୋଟି ଗୋଟି କରି ବର୍ଣ୍ଣନା କଲେ ଏକାଧିକ ବଡ଼ ଗ୍ରନ୍ଥ ଲେଖି ହେବ । ଏପର୍ଯ୍ୟନ୍ତ ମୁଁ ଦେଖିଥିବା ପ୍ରଦେଶରେ ଯେଉଁ ଶତାଧିକ ପ୍ରାଚୀନ ମନ୍ଦିର, ପୁଷ୍କରଣୀ, ଦୁର୍ଗ ଓ ସହସ୍ରାଧିକ ବାପି ରହିଛି ତହିଁର ସଂକ୍ଷିପ୍ତ ପରିଚୟ ନିମ୍ନରେ ବର୍ଣ୍ଣନା କରିବି । ଏଦିଗରେ ଅଧିକ ଅନୁସନ୍ଧାନ କରିବା ଦରକାର । ତଦ୍ଦ୍ୱାରା ଏ ସବୁ ଅଞ୍ଚଳର ଆହୁରି ଅସଂଖ୍ୟ ପ୍ରାଚୀନ କୀର୍ତ୍ତି ଉଦ୍‌ଘାଟିତ ହେବ। ଏକାଧିକ ସ୍ଥାନରେ ଏଥିପାଇଁ ଭୂମିଖୋଳି ତନ୍ମଧ୍ୟରୁ ପ୍ରାଚୀନ କୀର୍ତ୍ତିଗୁଡ଼ିକୁ ବାହାର କରିବାକୁ ହେବ । ତାହା ନହେବା ଯାଏ ଏ ଅଞ୍ଚଳର ପ୍ରାଚୀନ ବିଭବଗୁଡ଼ିକ ଏହିପରି ଲୁକ୍‌କାୟିତ ହୋଇ ପଡ଼ିଥିବ ମାତ୍ର ।

ନିମ୍ନରେ ପ୍ରାଚୀନଦୀ ତୀରର ଅନ୍ୟାନ୍ୟ ପ୍ରାଚୀନକୀର୍ତ୍ତିଗୁଡ଼ିକର ସ୍ଥାନ ଓ ସଂକ୍ଷିପ୍ତ ପରିଚୟ ଦିଆଯିବ ।

## ପ୍ରାଚୀତୀରବର୍ତ୍ତୀ ପ୍ରାଚୀନ ମନ୍ଦିର

| ଗ୍ରାମର ନାମ | ନଦୀର ଉତ୍ତରତୀର | ନଦୀର ଦକ୍ଷିଣତୀର | ମନ୍ଦିରର ସଂକ୍ଷିପ୍ତ ପରିଚୟ |
|---|---|---|---|
| **୧- ଅମଣକୁଦ ଟାଠଣା** | କଟକ ଗୋବିନ୍ଦପୁର ଥାନାରେ ନିଆଳିଠାରୁ ୩ ମାଇଲ ଉତ୍ତରରେ । | X | ଏଠାରେ 'ଭବକୁଣ୍ଡଳେଶ୍ୱର' ମହାଦେବ ଏବଂ ବାରଭୁଜା ଠାକୁରାଣୀଙ୍କ ଭଙ୍ଗା ମନ୍ଦିର ଅଛି । ଠାକୁରାଣୀଙ୍କ ପ୍ରସ୍ତର ମୂର୍ତ୍ତିର କାରୁକାର୍ଯ୍ୟ ଅତି ସୁନ୍ଦର ଓ ସୂକ୍ଷ୍ମ ଦେଖାଯାଏ । |

| | | | |
|---|---|---|---|
| ୨- **ପାଣ୍ଡବକୁଦ** | ପୁରୀଜିଲ୍ଲା ବାଲିପାଟଣା ଥାନାର ପାଣ୍ଡବକୁଦ ଗ୍ରାମରେ | × | ପ୍ରାଚୀନ ଇଟାର **ଶିବ ମନ୍ଦିର** ଅଛି । ଏଠାରେ ପାଣ୍ଡବମାନେ କେତେ-କାଳ ବାସକରିଥିବା କମ୍ବଦନ୍ତୀ ଅଛି । |
| ୩- **ଜଲାଲପୁର**— | କଟକ ଗୋବିନ୍ଦ ପୁର ଥାନାର ଜଲାଲପୁର ଗ୍ରାମରେ ନିଆଳିଠାରୁ ପ୍ରାୟ ୧ ମାଇଲ ପୂର୍ବରେ | × | ଏଠାରେ 'ସୋମନାଥ' ମହାଦେବଙ୍କର ପ୍ରାଚୀନ ଇଟାର ମନ୍ଦିର ଥିଲା । ତାହା ଭାଙ୍ଗି ଯିବାରୁ ସେହି ଉପାଦାନରେ ଗୋଟିଏ ନୂତନ ମନ୍ଦିର ଅଧାପର୍ଯ୍ୟନ୍ତ ହୋଇ ରହିଛି । |

୪- ପ୍ରାଚୀନଦୀର ୧୦/୧୨ ମାଇଲ ମଧ୍ୟରେ ସେହି ନଦୀ ଓ ତାହାର ଶାଖାନଦୀ ଚନ୍ଦ୍ରମୌଳି, ଲଳିତ ଧାର ମଧ୍ୟରେ ନିମ୍ନ କେତେକ ମନ୍ଦିର ଦେଖାଯାଏ ।

(୧) **ଲକ୍ଷ୍ମୀ ନାରାୟଣ ମନ୍ଦିର**—ପୁରୁଣା ଇଟାର ମନ୍ଦିର ଭାଙ୍ଗି ଯାଇଛି । ଠାକୁର ମୂର୍ତ୍ତି ଅତି ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରସ୍ତରରେ ନିର୍ମିତ ।

(୨) **କାଶୀବିଶ୍ୱନାଥ ମହାଦେବ**—ପୁରୁଣା ଇଟା ମନ୍ଦିର ଭାଙ୍ଗି ପଡ଼ିଛି । ଶିବ ଅପୂଜା ପ୍ରାୟ । ବୃଷଭ ସୁନ୍ଦର ମୂର୍ତ୍ତି ।

(୩) **ବନ୍ଦରେଶ୍ୱର ମହାଦେବ**—ପୁରୁଣା ଇଟା ମନ୍ଦିର ଭାଙ୍ଗି ଯାଇଛି । ପ୍ରସ୍ତର ମୂର୍ତ୍ତିର ସୁନ୍ଦର କାରୁକାର୍ଯ୍ୟ ଦେଖାଯାଏ ।

(୪) **ଲଳିତ ମାଧବ**—ବିଷ୍ଣୁମୂର୍ତ୍ତି ପୂର୍ବେ ବର୍ଣ୍ଣିତ ଅଛି ।

**(୪) ବାରାହୀ ମନ୍ଦିର**—ଚଉରାଶୀ ଗ୍ରାମର ପ୍ରାୟ ½ ମାଇଲ ଉତ୍ତର ପଶ୍ଚିମରରେ ଅବସ୍ଥିତ । ମାତୃକା ମୂର୍ତ୍ତି । ମନ୍ଦିରଟି କୋଣାର୍କ ଯୁଗର । ରେଖ ଦେଉଳ ଛେଉ ଯୁକ୍ତ ନାଟ ମନ୍ଦିର । ଅତି ସୁନ୍ଦର କାରୁକାର୍ଯ୍ୟରେ ପୂର୍ଣ୍ଣ ଠାକୁରାଣୀ ମୂର୍ତ୍ତି ୩/୪ଫୁଟ ଉଚ୍ଚ ହେବ ।

**(୫) ନଟାବୁଡ଼ ରାମେଶ୍ୱର**—ପ୍ରାଚୀନଦୀର ୧୭।୧୫ ମାଇଲ ମଧ୍ୟରେ ଉତ୍ତର ତୀରରେ ଗୋଟିଏ ଜଙ୍ଗଲ (ଗମ୍ଭାରି ପଦା ଜଙ୍ଗଲ) ଅଛି । ଏହି ଜଙ୍ଗଲ ମଧ୍ୟରେ ରାମେଶ୍ୱରଙ୍କର ଶିବ ମନ୍ଦିର ଅଛି । ମନ୍ଦିରଟି ପ୍ରଥମେ ପୁରୁଣା ଇଟାରେ ନିର୍ମିତ ହୋଇଥିଲା । ତାହା ଭାଙ୍ଗି ଯିବାରୁ ସ୍ଥାନୀୟ କୌଣସି ଧନୀ ବ୍ୟକ୍ତି ପ୍ରସ୍ତର ଓ ଇଟାରେ ଆଧୁନିକ ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିରଟି ୩ଭାଗରେ ବିଭକ୍ତ । ରେଖଦେଉଳ ପୀଢ଼ ମୁଖଶାଳା, ଛାତଯୁକ୍ତ ମଣ୍ଡପ । ଶିବଙ୍କ ଲିଙ୍ଗଅତି ଗଭୀରରେ ଥିବାରୁ ବର୍ଷା ଋତୁରେ ପାଣିରେ ବୁଡ଼ିଥାଏ । ମଣ୍ଡପର ଭିତରେ ମାଧବାନନ୍ଦଙ୍କ ପଥର ମୂର୍ତ୍ତି ଓ ବୃଷଭ ରଖାଯାଇଛି । ଏ ମନ୍ଦିର ଦେହରେ ଚୂନ ବୋଲା ହୋଇ ଥିବାରୁ କୌଣସି ଶିଳ୍ପକାର୍ଯ୍ୟ ଦେଖାଯାଏ ନାହିଁ । ପାର୍ଶ୍ୱ ଦେବତା ଥିବା ସ୍ଥାନରେ ପଶ୍ଚିମରେ ଗୋଟିଏ ବିଷ୍ଣୁମୂର୍ତ୍ତି ଦକ୍ଷିଣରେ ଗଣେଶ ଏବଂ ଉତ୍ତରରେ ଗୋଟିଏ 'ନାଗମାତା' ବା 'ପାର୍ଶ୍ୱନାଥଙ୍କ' ପର ମୂର୍ତ୍ତି ରଖା ଯାଇଛି । ଏହି ମୂର୍ତ୍ତିର-ମୁଣ୍ଡ ଉପରେ ୫ଟି ସାପ ଫଣା ଏବଂ ଯୋଡ଼ହାତ ଗୁନ୍ତି ଉପରେ ରହି ଗୋଟିଏ ପାତ୍ରକୁ ଧରିଛି ।

**୬-ଶଙ୍କରେଶ୍ୱର ମହାଦେବ**—କାକଟପୁର ଥାନାର ନରୁଆ ଶଙ୍କରପୁର ଠାରେ ପ୍ରାଚୀର ଦକ୍ଷିଣ ତୀରରେ ଗୋଟିଏ ପୁରୁଣା ଇଟାର ମନ୍ଦିର (ଶିବ) ଅଛି । ମନ୍ଦିରଟି ପ୍ରାୟ ଭାଙ୍ଗି ଗଲାଣି ।

## ଅନ୍ୟ ସ୍ଥାନରେ ପ୍ରାଚୀନ ମନ୍ଦିର, ଗ୍ରାମର ନାମ, ମନ୍ଦିରର ପରିଚୟ

୧-କୃଷ୍ଣପ୍ରସାଦ ଗଡ଼—ପ୍ରାଚୀ ନଦୀର ଉତ୍ତର ଦିଗରେ ପିତାପଡ଼ା ଗ୍ରାମର ପ୍ରାୟ ଦେଢ଼ମାଇଲ ପୂର୍ବରେ ପ୍ରାଚୀନ ଇଟାର ଗୋଟିଏ ଶିବ ମନ୍ଦିର ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି ।

୨ ମାଲକଣ୍ଠପୁର ଶାସନ—ପ୍ରାଚୀନଙ୍କର ଉତ୍ତର ଖରଚୁ ପ୍ରାୟ ୩ମାଇଲ ପୂର୍ବ-ଉତ୍ତରରେ ଗୋଟିଏ ଶିବ ମନ୍ଦିର ପ୍ରାଚୀନ ଇଟାରେ ନିର୍ମିତ ହୋଇଥିଲା । ବର୍ତ୍ତମାନ ଜୀର୍ଣ୍ଣ ଅବସ୍ଥାରେ ରହିଛି ।

୩-ଲତାହରଣ—କାକଟପୁର ଥାନାର ଲତାହରଣ ଗ୍ରାମରେ ପୁରୁଣା ଇଟାର ରେଖ ଦେଉଳ ଓ ମୁଖଶାଳା (ପୀଢ) ଶିବମନ୍ଦିର (ଗ୍ରାମେଶ୍ୱର) ଅଛି । ଏହି ମନ୍ଦିରରେ ମାଧବାନନ୍ଦଙ୍କ ଗୋଟିଏ ମୂର୍ତ୍ତି ରହିଛି ।

## କାକଟପୁର ଥାନା

୪-ନଈଗୁଆଁ—ଏଠାରେ ପୂର୍ବେ ଗଣେଶଙ୍କର ଗୋଟିଏ ପୁରୁଣା ଇଟାର ମନ୍ଦିର ଥିଲା । ତାହା ଭାଙ୍ଗିଯିବାରୁ ସେହି ଉପାଦାନ ଓ ଆଧୁନିକ ଇଟାରେ ସ୍ଥାନୀୟ ଲୋକମାନେ ଗୋଟିଏ ଛୋଟ ମନ୍ଦିର ଅସମ୍ପୂର୍ଣ୍ଣ କରି ରଖିଛନ୍ତି । ଏହି ମନ୍ଦିରରେ ଗୋଟିଏ ଗ୍ଲେଟ ପ୍ରସ୍ତର ହାତୀ ମୂର୍ତ୍ତିକୁ ଗଣେଶ ବୋଲି ପୂଜା କରନ୍ତି ।

୫-ଯିଉନ୍ତ—ପିପିଲି ଅସ୍ତରଙ୍ଗ ସଡ଼କର ୨୯/୩୦ମାଇଲ ମଧ୍ୟରେ ସଡ଼କ ଠାରୁ ପ୍ରାୟ ଅଧମାଇଲ ଦକ୍ଷିଣରେ ଯିଉନ୍ତ ଗ୍ରାମରେ ଈଶ୍ୱର-ନାଥଙ୍କର ପୁରୁଣା ଇଟାର ରେଖ ଦେଉଳ, ପୀଢ଼, ମୁଖଶାଳା ଏବଂ ସମ୍ମୁଖରେ ମଣ୍ଡପର ମୂଳ ଚଟାଣ ଆଦି ଭଗ୍ନାବସ୍ଥାରେ ରହିଛି ।

୬-ଅସ୍ତରଙ୍ଗ—ଅସ୍ତରଙ୍ଗ ଗ୍ରାମର ପୂର୍ବଦିଗରେ ଥିବା ବଡ଼ ବରଗଛମୂଳେ ପୂର୍ବେ ଗୋଟିଏ ଇଟାର ମନ୍ଦିର ଥିଲା । ତାହା ଭାଙ୍ଗିଯାଇ ଇଟା କୁଡ଼ ହୋଇପଡ଼ିଛି । ଏକ୍ଷଣି ଏଠାରେ ମହାଦେବଙ୍କ ଲିଙ୍ଗ ଓ ଗୋଟିଏ ଦଶଭୁଜା ଠାକୁରାଣୀ ମୂର୍ତ୍ତି ଭଗବତୀ ପୂଜା ପାଆନ୍ତି ।

୭-କୁହୁଡ଼—ପିପିଲି ଅସ୍ତରଙ୍ଗ ରାସ୍ତାର ୩୦/୩୧ ମାଇଲ ମଧ୍ୟରେ ସଡ଼କଠାରୁ ପ୍ରାୟ ଅଧମାଇଲ ଉତ୍ତରରେ ଥିବା କୁହୁଡ଼ ଗ୍ରାମରେ ପୂର୍ବେ ଗୋଟିଏ ଇଟାର ଶିବମନ୍ଦିର ଥିଲା । ଏହା ଭାଙ୍ଗିଯିବାରୁ ସ୍ଥାନୀୟ ଲୋକମାନେ ଗୋଟିଏ ପୀଢ଼ ଦେଉଳ କରି ଶିବପୂଜା କରନ୍ତି ।

୮-ଗୁଡ଼ୁବଣେଇ—ଅସ୍ତରଙ୍ଗଠାରୁ ପ୍ରାୟ ୩ ମାଇଲ ଦକ୍ଷିଣପୂର୍ବରେ ଗୁଡ଼ୁବଣେଇ ଗ୍ରାମର ପୂର୍ବରେ ପ୍ରାଚୀନ ଇଟାର ମନ୍ଦିର ଅର୍ଦ୍ଧଭଗ୍ନାବସ୍ଥାରେ ଅଛି ।

୯-କୁରୁଅ—ଏଠାରେ ଗୋଟିଏ ପ୍ରାଚୀନ ଇଟାର ମନ୍ଦିର ଥିଲା, ବର୍ତ୍ତମାନ ଭାଙ୍ଗି କୁଢ଼ ହୋଇଛି ।

୧୦-ଓଳଅା—ଏକନ୍

୧୧-ବାରହଅା—ଏକନ୍

୧୨-ମୂଳାଗଡ଼—ଏଠାରେ ପ୍ରାଚୀନ ଇଟାର ମନ୍ଦିର ଥିଲା । ଭାଙ୍ଗିଯାଇଥିବାରୁ ସେଠାର ଠାକୁର ଅନ୍ୟତ୍ର ନେଇ ରଖାଯାଇଛି ।

## ଏସବୁ ଶ୍ରେଣୀ ମନ୍ଦିରର କେତୋଟି ବିଶେଷତ୍ୱ—

ପ୍ରାଚୀନଦୀ ତୀରବର୍ତ୍ତୀ ଏବଂ ଉପରେ ବର୍ଣ୍ଣିତ ଅନ୍ୟସ୍ଥାନରେ ଥିବା ଅତି ପ୍ରାଚୀନ ମନ୍ଦିରଗୁଡ଼ିକରେ ନିମ୍ନ କେତୋଟି ବିଶେଷତ୍ୱ ଥିବାର ଦେଖାଯାଏ ।

୧—ସବୁଶ୍ରେଣୀ ପ୍ରାଚୀନ ମନ୍ଦିରଗୁଡ଼ିକ କେବଳ ଅତିବଡ଼ ପୁରୁଣା ଇଟାରେ ପ୍ରଥମେ ନିର୍ମିତ ହୋଇଥିଲା ।

୨—ଏକୋଡ଼ିଏ ତିରିଶିଟି ମନ୍ଦିର ମଧ୍ୟରୁ କେବଳ ୫-୬ଟି ପ୍ରାଚୀନ ମନ୍ଦିର ସଂପୂର୍ଣ୍ଣରୂପେ ଭାଙ୍ଗିଯିବାରୁ କୌଣସି ଧନୀ ବ୍ୟକ୍ତି ବା ରାଜାଙ୍କ-

ଦ୍ୱାରା ସେହି ସ୍ଥାନରେ ପୁଣି ପ୍ରସ୍ତରର ନୂତନ ମନ୍ଦିର ନିର୍ମିତ ହୋଇଅଛି । ଅନ୍ୟଗୁଡ଼ିକ ସେହି ଭଗ୍ନାବସ୍ଥାରେ ପଡ଼ିରହିଛି ।

୩—ପ୍ରାଚୀଖ୍ୱାଇର ଏ ଶ୍ରେଣୀ ସବୁ ମନ୍ଦିରଗୁଡ଼ିକୁ ଦେଖିଲେ ଏହି ଅଂଚଳରେ ଶୈବ, ବୈଷ୍ଣବ ଓ ଶାକ୍ତ ଧର୍ମର ଉପାସକମାନେ ଅତି ପ୍ରାଚୀନକାଳରୁ ବାସକରୁଥିଲେ ।

୪—ପ୍ରାୟ ପ୍ରତ୍ୟେକ ମନ୍ଦିରରେ ନିମ୍ନ କେତେକ ଭାଗ ନିର୍ମିତ ହୋଇଥିବାର ଦେଖାଯାଏ ।

(କ) ରେଖଦେଉଳ (ଖ) ପୀଢ଼ ମୁଖଶାଳା (ଗ) ମୁଖଶାଳାକୁ କିଛିଦୂର ଛାଡ଼ି ଗୋଟିଏ ମଣ୍ଡପ (ଘ) ଚତୁର୍ଦ୍ଦିଗ ଇଟାର ପ୍ରାଚୀର (ଚ) ପ୍ରାଚୀର ମଧ୍ୟରେ ଗୋଟିଏ ଇଟାର ବାର୍ମି । ଏସବୁ କେବଳ ଇଟାରେ ନିର୍ମିତ ହୋଇଥିଲା । କେବଳ ଫାଟକଦ୍ୱାର ଚୌକାଠ, କଳସ, ନବଗ୍ରହ, ପାର୍ଶ୍ୱଦେବତା ଏବଂ ଠାକୁର ମୂର୍ତ୍ତିଙ୍କପାଇଁ ପ୍ରସ୍ତର ବ୍ୟବହାର କରାଯାଇଥିଲା ।

୫—ସମୁଦାୟ ମନ୍ଦିର ଇଟାରେ ନିର୍ମିତ ହେବାରୁ ତହିଁରେ ସେପରି କୌଣସି ଶିଳ୍ପକାର୍ଯ୍ୟ ଦେଖାଯାଉନଥିଲା ଏବଂ ମନ୍ଦିର ଦେହରେ ଚୂନର ପଲସ୍ତରା ମଧ୍ୟ ନଥିଲା ।

୬—ପ୍ରାଚୀଖ୍ୱାଇରବର୍ତ୍ତୀ ଏବଂ ଅନ୍ୟସ୍ଥାନର ପ୍ରାଚୀନ ମନ୍ଦିରଗୁଡ଼ିକ ଏକ ଉପାଦାନରେ ଏବଂ ଏକପ୍ରକାର ନିର୍ମିତ ହୋଇଥିବାରୁ ଏଗୁଡ଼ିକ ଏକ ସମୟରେ ଏବଂ ସମ୍ଭବତଃ ଜଣେ ପୃଷ୍ଠପୋଷକଙ୍କଦ୍ୱାରା ନିର୍ମିତ ହୋଇଥିବାର ସମ୍ଭବ ।

୭—ଏ ଶ୍ରେଣୀର ସବୁ ମନ୍ଦିର ନିକଟରେ ଗୋଟିଏ ଗୋଟିଏ ଅତିବଡ଼ ପୁଷ୍କରଣୀ ଖୋଳାଯାଇଥିଲା । ଆଜି କାଲି ଅଳ୍ପ କେତୋଟି ମାତ୍ର ପୁଷ୍କରଣୀ ଅକ୍ଷୁର୍ଣ୍ଣହୋଇ ରହିଛି । ଅନ୍ୟ ଗୁଡ଼ିକ ପୋତିହୋଇ ପଡ଼ିଥିବାରୁ ସେହିସ୍ଥାନରେ କୃଷି ଜମି କରାଯାଇଛି କିମ୍ବା ଜଙ୍ଗଲ ହୋଇଛି ।

୮—ପ୍ରାଚୀତୀରବର୍ତ୍ତୀ ମନ୍ଦିରଗୁଡ଼ିକ ଯେପରି ସେହି ନଦୀର କୌଣସି ଗୋଟିଏ ତୀରରେ ଦେଖାଯାଏ ଅନ୍ୟ ମନ୍ଦିରଗୁଡ଼ିକ ମଧ୍ୟ ସେହିପରି ଗୋଟିଏ ନଦୀଧାରରେ ନିର୍ମିତ ହୋଇଥିବାର ଜଣାଯାଏ। ଏହି ନଦୀଧାରଗୁଡ଼ିକ ପୂର୍ବେ ପ୍ରାଚୀନଦୀର ଶାଖାନଦୀ ଥିଲା ଏବଂ ଏକ୍ଷଣି ପୋତି ହୋଇଯିବାରୁ ସେହି ସ୍ଥାନକୁ ପୋତାନଦୀ କୁହାଯାଏ।

୯—ପ୍ରାଚୀନଦୀର ପୂର୍ବ ଅଞ୍ଚଳରେ ଥିବା କାକଟପୁର ଥାନାର ଯେଉଁ କେତେକ ପୋତାନଦୀ ତୀରରେ ପ୍ରାଚୀନ ମନ୍ଦିର ଅଛି ସେହି ମନ୍ଦିରକୁ ଲାଗି କିଂବା ତାହାର କିଛି ଦୂରରେ ଗୋଟିଏ ଗୋଟିଏ ମାଟି ସ୍ତୂପ ବା ମାଟିକୁଦ ଦେଖାଯାଏ। ଏ ଗୁଡ଼ିକୁ ସ୍ଥାନୀୟ ଲୋକମାନେ 'ବୋଇତକୁଦ' କହନ୍ତି। ସମ୍ଭବତଃ ପ୍ରାଚୀ ଓ ତାହାର ଶାଖାନଦୀ-ଗୁଡିକରେ ଯେତେବେଳେ ବୋଇତ ବାଣିଜ୍ୟ ଚାଲୁଥିଲା ସେତିକବେଳେ ଏହି କୁଦଗୁଡ଼ିକ ଆଧୁନିକ ବଂଦରର କାର୍ଯ୍ୟ କରୁଥିଲା। ଏଠାରେ ନଦୀରେ ଯା'ଆସ କରିବା ବୋଇତ ଗୁଡ଼ିକ ଆଶ୍ରୟ ନେଉଥିଲା। ଏହିପରି ସ୍ଥଳଗୁଡ଼ିକୁ ଆଜିକାଲି ଅନ୍ୟସ୍ଥାନରେ ନଦୀପେଣ୍ଠ କହନ୍ତି। ପ୍ରତ୍ୟେକ ବୋଇତ କୁଦ ନିକଟରେ ଜଣେ କେହି ଧନୀ ସାଧବ ବା ମହାଜନର ଘର ଥିବାର ସ୍ଥାନୀୟ କିମ୍ବଦନ୍ତୀରୁ ଜଣାଯାଏ। ଏହି ସାଧବମାନେ ନିଜ ବ୍ୟୟରେ ଏଠାରେ ଶିବ ମନ୍ଦିରଗୁଡ଼ିକୁ ନିର୍ମାଣ କରିଥିବା ସମ୍ଭବ ଜଣାଯାଏ।

୧୦—ପ୍ରାଚୀନଦୀର ପ୍ରାୟ ୧୫/୨୦ ମାଇଲ ନିକଟରେ କୌଣସି ପର୍ବତ ନାହିଁ। ପୁରୀଜିଲ୍ଲାର ଭୁବନେଶ୍ୱର ନିକଟବର୍ତ୍ତୀ ଖଣ୍ଡଗିରି ଓ ଉଦୟଗିରି ଏବଂ ଖୋରଧାର ବରୁଣେଇ ପ୍ରଭୃତି ଏହି ନଦୀର ଉତ୍ପତ୍ତି ସ୍ଥାନରୁ ପ୍ରାୟ ୨୦/୫୦ ମାଇଲ ଦୂରରେ ଅଛି। ଏହି କେତେକ କାରଣରୁ ବୋଧହୁଏ ସ୍ଥାନୀୟ ମନ୍ଦିରଗୁଡ଼ିକ କେବଳ ଇଟାରେ ନିର୍ମିତ ହୋଇଥିଲା ଏବଂ ଅଳ୍ପ କେତୋଟି ପ୍ରସ୍ତର ମୂର୍ତ୍ତି ଓ ଅନ୍ୟାନ୍ୟ ଉପାଦାନ ଅନ୍ୟସ୍ଥାନରୁ ସଂଗ୍ରହ କରାଯାଇଥିଲା।

୧୧—ଏଠା ମନ୍ଦିରଗୁଡ଼ିକ ଯେଉଁ ଉପାଦାନ—ପୁରୁଣା ବଡ଼ ଇଟାରେ ନିର୍ମିତ, ଏହି ଅଂଚଳର ଅଧିକାଂଶ ପ୍ରାଚୀନ କୀର୍ତ୍ତି (କଅ) ମଧ୍ୟ

ଠିକ୍ ସେହି ଉପାଦାନରେ ନିର୍ମିତ ହୋଇଥିଲା । ଏଥିରୁ ସ୍ପଷ୍ଟ କହିହେବ ଯେ ଏ ଅଂଚଳରେ ମିଳୁଥିବା ସବୁ ମନ୍ଦିର ଓ ବାର୍ମ୍ମି ଏକ ଯୁଗରେ ନିର୍ମିତ ହୋଇଥିଲା ।

୧୬—ଏ ପର୍ଯ୍ୟନ୍ତ କୌଣସି ପ୍ରାଚୀନ ମନ୍ଦିରରୁ ଶିଳା କିଂବା ତାମ୍ରଲିପି ଆବିଷ୍କୃତ ହୋଇନାହିଁ, କିଂବା ଏହିସବୁ ମନ୍ଦିର ସମ୍ବନ୍ଧରେ ଓଡ଼ିଶାର ପ୍ରାଚୀନ ଇତିହାସରେ ଆଦୌ କିଛିହେଲେ ଲେଖାହୋଇ ନାହିଁ । ଏପରି ଅବସ୍ଥାରେ ଏସବୁ ମନ୍ଦିର କାହାଦ୍ୱାରା ନିର୍ମିତ ହୋଇଥିଲା ଏବଂ ଏଗୁଡ଼ିକ ଠିକ୍ କେଉଁ ଯୁଗରେ ନିର୍ମିତ ହୋଇଥିଲା ସେକଥା ସ୍ଥିର କରିବାପାଇଁ ସୁବିଧା ନାହିଁ । ପୂର୍ବୋକ୍ତ ହାତୀଗୁମ୍ଫା ଲିପିରେ ବର୍ଣ୍ଣିତ "ଉଭୟ ପ୍ରାଚୀତଟେ ରାଜ ନିବାସଂ ମହାବିଜୟପ୍ରସାଦଂ କାରୟତି ......." ଇତ୍ୟାଦି ଯଦି ସତ୍ୟବୋଲି ଗ୍ରହଣ କରାଯିବ ତେବେ ଏସବୁ ଶ୍ରେଣୀ ପ୍ରାଚୀନ ମନ୍ଦିର, ବାର୍ମ୍ମି, ପୁଷ୍କରିଣୀ ପ୍ରଭୃତି ସେହି ଲିପି ବର୍ଣ୍ଣିତ କଳିଙ୍ଗ ରାଜଚକ୍ରବର୍ତ୍ତୀ ଖାରବେଳଙ୍କ ଦ୍ୱାରା ନିର୍ମିତ ହୋଇଥିବାର ସ୍ଥିର କରାଯାଇପାରେ । ଏ ଦିଗରେ ବିଶେଷ ଅନୁସଂଧାନ କରିବା ଭାର ଓଡ଼ିଶାର ନବୀନ ଐତିହାସିକ ପ୍ରତ୍ନତତ୍ତ୍ୱସନ୍ଧିତ୍ସୁମାନଙ୍କ ଉପରେ ରହିଛି ।

**ପ୍ରାଚୀ ନଦୀ ତୀରରେ ଆଧୁନିକ ଯୁଗର ମନ୍ଦିର—** ଏ ପର୍ଯ୍ୟନ୍ତ ଯେଉଁ କେତୋଟି ପ୍ରାଚୀନ ମନ୍ଦିରର ନାମ, ସ୍ଥାନ ଓ ସଂକ୍ଷିପ୍ତ ପରିଚୟ ପ୍ରଭୃତି ଉପରେ ବର୍ଣ୍ଣିତ ହେଲା, ସେଗୁଡ଼ିକ ଅତି ପୁରୁଣା ଇଟାରେ ଏବଂ ଏକ ଗଠନ ପ୍ରଣାଳୀରେ ନିର୍ମିତ ହୋଇଥିବାରୁ ସେଗୁଡ଼ିକୁ 'ପ୍ରାଚୀନ ଯୁଗର ମନ୍ଦିର' ବୋଲି ଲେଖିଅଛୁ । ପ୍ରାଚୀନଯୁଗ କହିଲେ ସମ୍ଭବତଃ ଖ୍ରୀଷ୍ଟପୂର୍ବ ଏବଂ ଖାରବେଳଯୁଗ ବୋଲି ମୋର ବିଶ୍ୱାସ । ଏ ଶ୍ରେଣୀ ମନ୍ଦିରଗୁଡ଼ିକୁ ବାଦ୍ ଦେଲେ ପ୍ରାଚୀ ନଦୀର ଦୁଇକୂଳରେ ଏବଂ ଏହି ନଦୀର ପୂର୍ବରେ ବଂଗୋପସାଗର ଓ ନଦୀ ମଧ୍ୟରେ ଥିବା ଭୂ-ପ୍ରଦେଶରେ ଯେଉଁ ସବୁ ଅନ୍ୟ ଉପାଦାନରେ ନିର୍ମିତ ମନ୍ଦିର ଦେଖାଯାଏ ସେଗୁଡ଼ିକୁ

ଆଧୁନିକ ଯୁଗର ମନ୍ଦିର ବୋଲି ମୁଁ ସ୍ଥିର କରିଛି । ଏ ସବୁ ଶ୍ରେଣୀ ମନ୍ଦିରର ନିମ୍ନ କେତୋଟି ବିଶେଷତ୍ୱ ଦେଖ ଯାଏ ।

୧- ଅଧୁନିକ ଯୁଗର ମନ୍ଦିରଗୁଡ଼ିକ ପ୍ରାଚୀ ତୀରବର୍ତ୍ତୀ ପ୍ରାୟ ସବୁ ପଲ୍ଲୀ ଗ୍ରାମରେ ଦେଖାଯାଏ ।

୨- ଏ ଶ୍ରେଣୀ ମନ୍ଦିର କୌଣସି ଇଟା କିମ୍ବା ପ୍ରସ୍ତରରେ ନିର୍ମିତ ନହୋଇ ସାଧାରଣ ମାଟି କାନ୍ଥ ଓ ଛପର ଘର ଥିବାର ଦେଖାଯାଏ ।

୩- ଏହି ଶ୍ରେଣୀ ମନ୍ଦିରଗୁଡ଼ିକରେ ଶିବ, ବିଷ୍ଣୁ (ପତିତପାବନ ଜଗନ୍ନାଥ) କୌଣସି ଠାକୁରାଣୀ ବା ଗ୍ରାମ ଦେବୀ ପୂଜା ପାନ୍ତି ।

୪- ଏ ଗୁଡ଼ିକ ସ୍ଥାନୀୟ ଧନୀ, ଜମିଦାର, ମକଦ୍ଦମ ବା ଗ୍ରାମବାସୀଙ୍କ ଦ୍ୱାରା ନିର୍ମିତ ହୋଇଥିବାର ଜଣାଯାଏ ।

୫- କୌଣସି ମନ୍ଦିରରେ ଶିଳ୍ପକଳା ଦେଖାଯାଏ ନାହିଁ ।

୬- ଏକାଧିକ ମନ୍ଦିରରେ ଧାତୁ ନିର୍ମିତ ପ୍ରତିମୂର୍ତ୍ତି ବିଷ୍ଣୁ ବା ଦୁର୍ଗା ପ୍ରଭୃତି ଦେଖାଯାଏ ।

୭- ଅଧିକାଂଶ ମନ୍ଦିରପାଇଁ ସ୍ଥାନୀୟ ଜମିଦାରମାନେ ସ୍ଥାୟୀଜମି ଖଞ୍ଜା କରିଦେଇଥିବାରୁ କେବଳ ସେବକମାନଙ୍କ ରୁଚି ଅନୁସାରେ ଏଠାରେ ଭୋଗରାଗ ହୁଏ ।

୮- ଏକାଧିକ ମନ୍ଦିରର ଆର୍ଥିକ ଅବସ୍ଥା ଏବଂ ସ୍ୱତ୍ତ୍ୱ ମଧ୍ୟ ଶୋଚନୀୟ ଦେଖାଯାଏ ।

୯- ପ୍ରାଚୀ ତୀରବର୍ତ୍ତୀ ସବୁ ଅଧୁନିକ ମନ୍ଦିର ମଧ୍ୟରୁ କାକଟପୁର ଥାନାର ଇନ୍ଦ୍ରାକୁ ଗ୍ରାମରେ ଥିବା ପତିତପାବନଙ୍କ ମନ୍ଦିରରେ ପ୍ରତିବର୍ଷ ଗୁଣ୍ଡିଚା ଯାତ୍ରା ହୁଏ । ଏହି ମନ୍ଦିରଟି ପ୍ରାଚୀର ପୂର୍ବ ତୀରରେ ।

**ପ୍ରାଚୀତୀରବର୍ତ୍ତୀ ଆଧୁନିକ ମନ୍ଦିର ମଧ୍ୟରୁ କାକଟପୁର ମହାମଙ୍ଗଳା ମନ୍ଦିରର ବିଶେଷତ୍ୱ—** ପ୍ରାଚୀନଦୀର ଦୁଇତୀରରେ ଥିବା ଅସଂଖ୍ୟ ଆଧୁନିକ ମନ୍ଦିରଠାରୁ ଏହି ନଦୀର ପୂର୍ବ ତୀରରେ ଅବସ୍ଥିତ କାକଟପୁର ମହାମଙ୍ଗଳାଙ୍କ ମନ୍ଦିରରେ କେତେକ ବିଶେଷତ୍ୱ ଦେଖାଯାଏ । ସେ ସମ୍ବନ୍ଧରେ ମୋଦ୍ୱାରା ସଂଗୃହୀତ ତଥ୍ୟାବଳି ପର ଅଧ୍ୟାୟରେ ଦିଆଗଲା । ଏହା ମଧ୍ୟ ପୂର୍ବରୁ ଏକ କ୍ଷୁଦ୍ର ପୁସ୍ତିକା ରୂପେ ପ୍ରକାଶ ପାଇଅଛି ।

# କାକଟପୁର ମହାମଙ୍ଗଳା

"ଭଲ୍ଲୁକ ବିକଟ କାକଟ
ପୁର ମହାମଙ୍ଗଳା"

(ରାଧାନାଥ)

ଉତ୍କଳ ଦେଶର ପ୍ରତ୍ୟେକ ପଲ୍ଲୀରେ ଗୋଟିଏ ଗୋଟିଏ ଗ୍ରାମଦେବୀ ବା ଠାକୁରାଣୀଙ୍କ ପୀଠ ଦେଖାଯାଏ । ଏହି ଠାକୁରାଣୀମାନଙ୍କର ଭିନ୍ନ ଭିନ୍ନ ନାମ ମଧ୍ୟ ଅଛି । ପଲ୍ଲୀବାସୀ କାହାକୁ ବିମଳା, କାହାକୁ ଶାରଳା, କାହାକୁ ମଟଚେଣ୍ଡି, ଈଶାନେଶ୍ୱରୀ, ଜାଗୁଲେଈ ଆଦି ନାମଦେଇ ଡାକନ୍ତି । ସେମାନଙ୍କର ବିଶ୍ୱାସ ଯେ ଏହି ଠାକୁରାଣୀମାନେ ଗ୍ରାମର ଭଲମନ୍ଦ ବିଷୟ ବୁଝନ୍ତି ଓ ଗ୍ରାମବାସୀଙ୍କ ଦେହପା ସେମାନଙ୍କର ସନ୍ତୁଷ୍ଟି ଉପରେ ନିର୍ଭର କରେ । ସେଥିପାଇଁ ଅନେକ ଗ୍ରାମବାସୀ ଏହି ଠାକୁରାଣୀଙ୍କଠାରେ ପଶୁବଳି ଦିଅନ୍ତି ଓ ଅନେକ ଭୋଗ, [illegible]ପଣା ପ୍ରଭୃତି କରନ୍ତି ।

ପ୍ରାଚୀନ କାଳରେ ଏହି ଭାରତବର୍ଷରେ ଅନେକ ନୂତନ ନୂତନ ଧର୍ମ ପ୍ରଚାରିତ ହୋଇଥିଲା । ଆର୍ଯ୍ୟମାନେ ପ୍ରଥମେ ସାର୍ବଜନୀନ ସନାତନ ଧର୍ମ ପ୍ରଚାର କରିଥିଲେ । ପରେ ଏହି ଧର୍ମକୁ ହିନ୍ଦୁଧର୍ମ କୁହାଯାଇଥିଲା ।

ଆର୍ଯ୍ୟମାନେ ପ୍ରଥମେ ନିରାମିଷ ଭୋଜୀଥିଲେ । ପରେ ଅନାର୍ଯ୍ୟ ସଂସର୍ଗରେ ପଡ଼ି ଆମିଷ ଖାଦ୍ୟ ଖାଇଲେ । ସେଥିପାଇଁ ପଶୁବଳିପ୍ରଥା ସୃଷ୍ଟି ହୋଇଥିଲା ।

ଏହି ବଳି, ବସ୍ତ୍ର ବା ଶିରଙ୍କ ଠାରେ ଦେଲେ ମହାପାପ ହେବ ବୋଲି ଜାଣି ସେମାନେ ଠାକୁରାଣୀ ବା ଗ୍ରାମଦେବୀଙ୍କୁ ସ୍ଥାପନ କଲେ । ଏହି ଠାକୁରାଣୀଙ୍କ ଅନ୍ୟନାମ 'ଶକ୍ତି' । ସେ ଯୁଗରୁ ଏହି ଦେଶରେ 'ଶକ୍ତି ପୂଜା' ଆରମ୍ଭ ହୋଇଗଲା । ଏହି ଶକ୍ତିପୂଜା କାଳକ୍ରମେ ଏତେ ଉତ୍କଟ ହୋଇଥିଲା ଯେ ଏହାକୁ ବନ୍ଦ କରିବା ପାଇଁ ବୁଦ୍ଧ ଓ ଜୈନ ତୀର୍ଥଙ୍କର ମାନେ ନିଜର ଅହିଂସା ଧର୍ମ ପ୍ରଚାର କରିଥିଲେ । କ୍ରମେ ଏଦେଶରେ ଜଗନ୍ନାଥ ଦାସ ଓ ଚୈତନ୍ୟ ଦେବଙ୍କ ଦ୍ୱାରା 'ବୈଷ୍ଣବ ଧର୍ମ' ପ୍ରଚାର ହୋଇଥିଲା । ଏହି ନୂତନ ଧର୍ମ ପରେ ଦେଶର କେତେକ ଠାକୁରାଣୀଙ୍କ ଠାରେ ପଶୁବଳି ପ୍ରଥା ଏକବାର ବନ୍ଦ ହୋଇଥିଲା । ଯେଉଁ କେତେକ ଠାକୁରାଣୀଙ୍କଠାରେ ପଶୁବଳି ବନ୍ଦ ହୋଇଥିଲା ସେମାନଙ୍କୁ "ପରମବୈଷ୍ଣବୀ" କୁହାଗଲା । ଉତ୍କଳରେ ଆଠଗୋଟି ପରମବୈଷ୍ଣବୀଙ୍କ ସ୍ଥାନ ଅଛି । ତନ୍ମଧ୍ୟରୁ ପୁରୀଜିଲ୍ଲା କାକଟପୁର ଥାନାର କାକଟ ପୁର ଗ୍ରାମରେ ଥିବା **"ମହାମଙ୍ଗଳା"** ଜଣେ ପରମବୈଷ୍ଣବୀ ଅଟନ୍ତି ।

**ପୂର୍ବ ଇତିହାସ**—ମଙ୍ଗଳା କାକଟପୁରର ପ୍ରସିଦ୍ଧ ଠାକୁରାଣୀ ହେଲେହେଁ ସେ ଏଠାର ଅତି ପ୍ରାଚୀନ ଗ୍ରାମଦେବୀ ନୁହନ୍ତି । ଏଠାର ସର୍ବପ୍ରଥମ ଗ୍ରାମଦେବୀଙ୍କ ନାମ 'କାକଟେଈ' । ଏହି 'କାକଟେଈ'ଙ୍କ ନାମାନୁସାରେ ଏହି ସ୍ଥାନର ନାମ 'କାକଟପୁର' ହୋଇଅଛି । ମଙ୍ଗଳାଙ୍କ ଉତ୍ତର ଦ୍ୱାରର ଅତି ନିକଟରେ କାକଟେଈଙ୍କର ଗୋଟିଏ ଶ୍ରେଷ୍ଠ ମନ୍ଦିର ଅଛି ।

## କେଉଁଠାରୁ ଆସିଲେ—

ସ୍ଥାନୀୟ ଲୋକମୁଖରୁ ଜଣାଯାଏ ଯେ ମଙ୍ଗଳା ସିଂହଳଦ୍ୱୀପ **(Ceylon)**ରେ ପ୍ରଥମେ ପୂଜା ପାଉଥିଲେ । ସିଂହଳ ସଙ୍ଗେ ଏହି ଅଞ୍ଚଳ-ବାସୀ ବୋଇତ ବାଣିଜ୍ୟ କରୁଥିବା ସମୟରେ ଦଧିବାମନ ସାଧୁ ନାମକ

ଜନୈକ ସାଧବ ପୁଅ ମଙ୍ଗଳାଙ୍କ ପାଷାଣମୂର୍ତ୍ତି ସେହି ସିଂହଳରୁ ଆଣି ଏଠାରେ ସ୍ଥାପନ କରିଥିଲେ । କାଳକ୍ରମେ ସେହି ଠାକୁରାଣୀଙ୍କ ମାହାତ୍ମ୍ୟ ଏହି ଅଞ୍ଚଳରେ ବୃଦ୍ଧିଲାଭ କରିଥିବାରୁ ସ୍ଥାନୀୟ ଜମିଦାର ଠାକୁରାଣୀଙ୍କ ପାଇଁ ଗୋଟିଏ ମନ୍ଦିର ନିର୍ମାଣ କରିଥିଲେ ଓ ଦୈନିକ ଭୋଗପାଇଁ କେତେକ ଜମି ଖଞ୍ଜା କରିଥିଲେ ।

ଆଉ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ, କଳାପାହାଡ଼ ଓଡ଼ିଶା ଅଧିକାର କଲା ସମୟରେ ତାହାର ଅତ୍ୟାଚାରକୁ ସହ୍ୟ ନକରି ମଙ୍ଗଳା ନିକଟବର୍ତ୍ତୀ ପ୍ରାଚୀନଦୀରେ ଲୁଚିଯାଇଥିଲେ । କେତେକାଳ ପରେ ଜଣେ ସାଧବପୁଅ ତାର ବୋଇତ ନେଇ ପ୍ରାଚୀରେ ଯାଉ ଯାଉ ହଠାତ୍ ମଙ୍ଗଳା ଥିବାସ୍ଥାନରେ ସେହି ବୋଇତ ଅଟକିଗଲା ଓ ସେହି ରାତ୍ରରେ ଠାକୁରାଣୀ ସେହି ସାଧବକୁ ସ୍ୱପ୍ନରେ ସମସ୍ତ ବିଷୟ କହିବାରୁ ସାଧବ ଠାକୁରାଣୀଙ୍କୁ ପାଣିରୁ କାଢ଼ି ନିକଟବର୍ତ୍ତୀ ଗ୍ରାମରେ ରଖାଇଥିଲେ । ପରେ ସେଠାରେ ମନ୍ଦିର ନିର୍ମାଣ ଓ ଭୋଗ ପ୍ରଭୃତି ଖଞ୍ଜା ହୋଇଥିଲା ।

ଏହି କିମ୍ବଦନ୍ତୀଗୁଡ଼ିକରୁ ସ୍ପଷ୍ଟ ଜଣାଯାଏ ଯେ ମଙ୍ଗଳା ସ୍ଥାନାନ୍ତରରୁ ଆଣି ଏଠାରେ ସ୍ଥାପିତ ହୋଇଥିଲେ । *

**ସମୟ—** ପୁରୀ ଜିଲ୍ଲାର ଅତି ପ୍ରାଚୀନ ନଦୀର ନାମ 'ପ୍ରାଚୀନଦୀ' ଏହି ନଦୀର ପୂର୍ବକୂଳରେ ମଙ୍ଗଳାଙ୍କ ମନ୍ଦିର । ପ୍ରାଚୀନଦୀର ଉତ୍ପତ୍ତି ତାହା କୂଳରେ ଥିବା ଦେବମନ୍ଦିର ଓ ଅସଂଖ୍ୟ ତୀର୍ଥଗୁଡ଼ିକର ବର୍ଣ୍ଣନା 'ପ୍ରାଚୀ ମାହାତ୍ମ୍ୟ, ନାମକ ଉପ ପୁରାଣରେ ବର୍ଣ୍ଣିତ ଅଛି । ଏହି ପୁରାଣ ସଂସ୍କୃତ ପଦ୍ମ ପୁରାଣରୁ ଉଦ୍ଧୃତ । ପଦ୍ମ ପୁରାଣ ଅଷ୍ଟାଦଶ ପୁରାଣମଧ୍ୟରୁ ଗୋଟିଏ ଓ ତାହା ଖ୍ରୀଷ୍ଟ ଦଶମ ଶତାବ୍ଦୀରେ ଲେଖାଯାଇଥିବାର ପଣ୍ଡିତମାନେ କହନ୍ତି । ପଦ୍ମ ପୁରାଣ କିମ୍ବା ପ୍ରାଚୀମାହାତ୍ମ୍ୟରେ ମଙ୍ଗଳାଙ୍କ ବିଷୟ ବର୍ଣ୍ଣନା କରାଯାଇ ନାହିଁ । ତଥାପି ଉତ୍କଳରେ ବୈଷ୍ଣବ ଧର୍ମ ପ୍ରଚାରିତ ହେବା ସମୟେ ଅର୍ଥାତ୍

* କବିବର ଚନ୍ଦ୍ରମଣି ମହାନ୍ତି ଲେଖିଛନ୍ତି —
'ଧନେଶ୍ୱର ବଣିକେ ପାଷାଣ ମଙ୍ଗଳାଙ୍କୁ ସିଂହଳରୁ ଆଣି ସ୍ଥାପନ କରିଥିଲେ 'ମୁକୁନ୍ଦଦେବ' ୧୨୮ ପୃଷ୍ଠା ।

୧୭ଶ ଶତାବ୍ଦୀର ପ୍ରଥମଭାଗରେ ମଙ୍ଗଳାଙ୍କୁ 'ପରମବୈଷ୍ଣବୀ' ବୋଲି କୁହାଯାଇଥିବାରୁ ମଙ୍ଗଳା ଖ୍ରୀଷ୍ଟ ୧୫ଶ ଶତାବ୍ଦୀ ବା ତହିଁରୁ କିଛି ପୂର୍ବରୁ ଏଠାରେ ସ୍ଥାପିତ ହୋଇଥିବାର ସମ୍ଭବ ଦେଖାଯାଏ । ସେ ସମୟରେ ବୋଇତବାଣିଜ୍ୟ ପାଇଁ ପ୍ରାଚୀନଦୀରେ ବେଶ୍ ସୁବିଧା ଥିଲା ଓ ଏହି ନଦୀ ତୀରବର୍ତ୍ତୀ କୌଣସି ସାଧବ ବା ବଣିକ ମଙ୍ଗଳାଙ୍କୁ ସିଂହଳରୁ ଆଣି ଏଠାରେ ପ୍ରତିଷ୍ଠା କରିଥିଲେ ।

**ମନ୍ଦିର ଓ ଠାକୁରାଣୀ**—କାକଟପୁର ଥାନାର କାକଟପୁର ଗ୍ରାମରେ ପ୍ରାଚୀ ନଦୀର ପୂର୍ବ ତୀରରେ ମଙ୍ଗଳାଙ୍କର ମନ୍ଦିର ଅଛି । ଏହି ମନ୍ଦିର ତିନି ଭାଗରେ ବିଭକ୍ତ; ଜଗମୋହନ, ମୁଖଶାଳା ଓ ମଣ୍ଡପ ।

**ଜଗମୋହନ**—ଏହାର ଲମ୍ବ ୨୦ହାତ, ଓସାର ୧୭ହାତ ଓ ଉଚ୍ଚତା ୩୦ହାତ । ଗୋଟିଏ ମାତ୍ର ଦ୍ୱାର ମୁଖଶାଳା ବା ପୂର୍ବ ଦିଗକୁ ଖୋଲିଛି । ଜଗମୋହନର ଭିତର ପଶ୍ଚିମ କାନ୍ଥକୁ ଲାଗି ଠାକୁରାଣୀଙ୍କର ଗୋଟିଏ ଗ୍ରେଣ୍ଟିଆ ପଥର ସିଂହାସନ ଓ ତହିଁଉପରେ ଠାକୁରାଣୀଙ୍କର ପାଷାଣ ପ୍ରତିମା । ସିଂହାସନ ଓ ଠାକୁରାଣୀଙ୍କ ଉପରେ ୨।୩ ହାତ ଉଚ୍ଚରେ କାଠ ବିମାନ ଚାରିଗୋଟି ପଥର ଖମ୍ବ ଉପରେ ରଖା ଯାଇଛି । ଏହି ବିମାନକୁ ସେବକମାନେ 'କନକ ମଣ୍ଡପ' କହନ୍ତି । ଉତ୍ତରଦିଗ କାନ୍ଥରେ ପାଦୁକ ନଳା ରହିଛି ।

**ଠାକୁରାଣୀ**- ମଙ୍ଗଳାଙ୍କ ପ୍ରତିମା କଳାମୁଗୁନି ପଥରରେ ତିଆରି ହୋଇଛି । ପ୍ରାୟ ଚାରି ହାତ ଉଚ୍ଚାର ଖଣ୍ଡିଏ ପଥର ଦେହରେ ତଳପୀଠ, ପ୍ରସ୍ଫୁଟିତ ପଦ୍ମ ଆସନ ଉପରେ ଠାକୁରାଣୀଙ୍କ ଚତୁର୍ଭୁଜା ମୂର୍ତ୍ତି ବାମଜାନୁକୁ ମାଡି ରଖାଯାଇଛି ଓ ଠାକୁରାଣୀଙ୍କ ଉପରି ଭାଗର ଦୁଇଦିଗରେ ଦୁଇଟି 'ପରୀ' ପୁଷ୍ପମାଳା ଧରିଛନ୍ତି । ତଳପୀଠ ଦେହରେ ଏକ ଧାତୁ ସ୍ତ୍ରୀ ମୂର୍ତ୍ତି (ପ୍ରାୟ ୩/୪ ଇଞ୍ଚ ଉଚ୍ଚ ହେବ ) ଠାକୁରାଣୀଙ୍କ ପାଇଁ ଭୋଗ ସାମଗ୍ରୀ ସଂଗ୍ରହ କରି ହାତଯୋଡି ଛିଡା ହୋଇଛନ୍ତି । ଠାକୁରାଣୀଙ୍କ ଚାରିହାତ ମଧ୍ୟରୁ ଡାହାଣ ଉପରି ହାତରେ ପୂର୍ଣ୍ଣଚନ୍ଦ୍ର, ତଳ ହାତରେ ଜପମାଳା ଏବଂ ବାମ ଉପରି ହାତରେ ପଦ୍ମକଳି ଓ ତଳ ହାତରେ ଜପସଂଖ୍ୟା କରୁଥିବାଭଳି ସେହି ପଥର ଦେହରେ ଖୋଳା ଯାଇଛି । ଏହି ଚାରିହାତରେ ଥିବା ପଦାର୍ଥଗୁଡ଼ିକୁ ନେଇ ମଙ୍ଗଳାଙ୍କର ଧ୍ୟାନ ନିମ୍ନପରି ବୋଲଯାଏ ।

"ପ୍ରାଚୀ ପୂର୍ବତଟେ ପୟୋଧି ନିକଟେ ପାଥୋଜପୁଷ୍ପେ ସ୍ଥିତାଂ
ମାଳାସଂଖ୍ୟା (?) ପୂର୍ଣ୍ଣ ଶଶାଙ୍କ ପଦ୍ମକଳିକା ନକ୍ଷତ୍ର ମାଳା ଧରାଂ,
ଭୁକ୍ତୋବାହୁ (?) ଚତୁଷ୍ଟୟେନ ସହିତାଂ ନାନାବିଭୂଷୋଜ୍ଜ୍ୱଳାଂ
ଶାନ୍ତାଂ ସର୍ବବରପ୍ରଦାଂ ଚ କୁଶଳାଂ ଧ୍ୟାୟେତ୍ ସଦା ମଙ୍ଗଳାଂ ।"

ମୁଣ୍ଡରେ ପ୍ରାୟ ଏକଫୁଟ ଉଚ୍ଚା ଜଟାଟି ଓ ଦୁଇ କାନରେ ଅତି ବଡ଼ କର୍ଣ୍ଣଫୁଲ ଅଛି । ମୂର୍ତ୍ତିଟି ଏପରି ଖୋଳାଯାଇଛି ଯେ ମୂର୍ତ୍ତିର ପୃଷ୍ଠଭାଗ ସୁନ୍ଦର ରୂପେ ଦେଖିହେବ । ଉତ୍କଳୀୟ ଶିଳ୍ପୀମାନେ ଖୋଳିଥିବା ମୂର୍ତ୍ତିଗୁଡ଼ିକ ଖଣ୍ଡିଏ ପଥର ଦେହରେ ଖୋଳା ଯାଇଥିଲେ ସୁଦ୍ଧା କୌଣସି ମୂର୍ତ୍ତିର ପୃଷ୍ଠଭାଗ ଦେଖିହୁଏ ନାହିଁ । ଏହି କାରଣରୁ ଏବଂ ମୁଣ୍ଡର ଅତି ଲମ୍ବା ମୁକୁଟ ଓ କାନର କର୍ଣ୍ଣଫୁଲଗୁଡ଼ିକୁ ଦେଖିଲେ ଏହି ମୂର୍ତ୍ତି ଉତ୍କଳ ଦେଶର ମୂର୍ତ୍ତି ନୁହେ ବୋଲି ସ୍ପଷ୍ଟ ବୁଝାଯାଇପାରେ । ଉତ୍କଳର ବିଭିନ୍ନ ସ୍ଥାନରେ ଥିବା ବୈଦେଶିକ ମୂର୍ତ୍ତିଗୁଡ଼ିକୁ ଏହି ନିୟମରେ ସମ୍ପୂର୍ଣ୍ଣ ଚିହ୍ନିହୁଏ ।

ପ୍ରୋକ୍ତ ପାଷାଣ ମୂର୍ତ୍ତି ବ୍ୟତୀତ ଠାକୁରାଣୀଙ୍କର ସିଂହାସନ ଉପରେ ଆଉ ତିନୋଟି ପିତ୍ତଳମୂର୍ତ୍ତି ରଖାଯାଇଛି । ଏହି ମୂର୍ତ୍ତିଗୁଡ଼ିକ ଯଥାକ୍ରମେ 'ମହିଷାସୁର ମର୍ଦ୍ଦିନୀ', 'ମଙ୍ଗଳାଙ୍କ ପ୍ରତିମୂର୍ତ୍ତି' ଓ 'କନକଦୁର୍ଗା' ଅଟନ୍ତି । ଏମାନଙ୍କୁ ମଙ୍ଗଳାଙ୍କ "ଚଳନ୍ତିପ୍ରତିମା" କୁହାଯାଏ । ଠାକୁରାଣୀଙ୍କର ସିଂହାସନ ଏପରି ଭାବରେ ନିର୍ମିତ ହୋଇଛି ଯେ ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ଜଗମୋହନ ମୁଖଶାଳା ଓ ପୂର୍ବ ସିଂହଦ୍ୱାର ଖୋଲିଦେଲେ ସୂର୍ଯ୍ୟଙ୍କ ସୁନ୍ଦର ଆଲୋକ ମଙ୍ଗଳାଙ୍କ ଉପରେ ପଡ଼ିଥାଏ । ସେହି ସମୟରେ ମଙ୍ଗଳାଙ୍କ ସୁରତ୍ନ ଖଚିତ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ଦେହ ଓ ଅଙ୍ଗ ପ୍ରତ୍ୟଙ୍ଗ ଅତିସୁନ୍ଦର ଦେଖାଯାଏ ।

**ମୁଖଶାଳା**:—ଜଗମୋହନର ପୂର୍ବପଟରେ ମୁଖଶାଳା ଏହାର ଲମ୍ବା ୨୦ ହାତ, ଓସାର ୧୮ ହାତ ଓ ଉଚ୍ଚତା ୨୮ ହାତ, ଜଗମୋହନ ଓ ମୁଖଶାଳା ମଧ୍ୟରେ ପ୍ରାୟ ତିନିହାତ ଓସାର ସ୍ଥାନ ଅଛି । ଏହାକୁହିଁ ସେବକମାନେ 'ଭୋଗମଣ୍ଡପ' କହନ୍ତି । ଏହିଠାରେ ଠାକୁରାଣୀଙ୍କର ଭୋଗରଖି ପୂଜା ହୁଏ ।

**ମୁଖଶାଳାର** ତିନୋଟି ଦ୍ୱାର । ପୂର୍ବଦ୍ୱାର ମଣ୍ଡପଦିଗକୁ ଖୋଲିଛି, ପଶ୍ଚିମଦ୍ୱାର ଦେଇ ଜଗମୋହନକୁ ଯିବାକୁ ହୁଏ । ଦକ୍ଷିଣଦ୍ୱାର ଭୋଗଘର ଦିଗକୁ ଖୋଲିଛି । ଏହି ଦକ୍ଷିଣଦ୍ୱାରଠାରୁ ଭୋଗଘରଯାଏଁ ଯିବାରାସ୍ତାକୁ 'ଅଚନ୍ତାପହଣ୍ଡ' କୁହାଯାଏ ଓ ଏହାର ଉପର ଛାତ ଅଛି । ଭୋଗଘରୁ ଠାକୁରାଣୀଙ୍କପାଇଁ ଭୋଗ ଆଣିବା ସମୟରେ ମନରେ କୌଣସି ଚିନ୍ତା ନକରି ସେବକମାନେ ଏହି ବାଟଦେଇ ଯାନ୍ତି ବୋଲି ଏହାର ନାମ 'ଅଚନ୍ତାପହଣ୍ଡ' ହୋଇଛି । ଦକ୍ଷିଣଦ୍ୱାରର ବାହାର ଉପର ଭାଗରେ ଏକଧାଡ଼ି 'ନବଗ୍ରହ'ମୂର୍ତ୍ତି ଅଛି ।

ମୁଖଶାଳାର ଭିତର ପଶ୍ଚିମକାନ୍ଥ ଉତ୍ତରଭାଗରେ ରାଧାକୃଷ୍ଣ ଯୁଗଳମୂର୍ତ୍ତିଙ୍କ ପିତ୍ତଳ ପ୍ରତିମା ଗୋଟିଏ ଠଣାରେ ରଖାଅଛି । ଏହାଙ୍କ ସହ ମଙ୍ଗଳାଙ୍କର ଗୋଟିଏ ଛୋଟିଆ ପାଷାଣ ମୂର୍ତ୍ତି ମଧ୍ୟ ରଖାଯାଇଛି । ଅନ୍ୟ ଏକ ଛୋଟ ଠଣାରେ ଗୋଟିଏ ପଥର ବାମନ ଅବତାର ମୂର୍ତ୍ତି ରଖାଯାଇଛି । ପ୍ରଥମ ଠଣାର ରାଧାକୃଷ୍ଣ ମୂର୍ତ୍ତି ଦୋଳ, ଚନ୍ଦନ ଓ ଅନ୍ୟାନ୍ୟ ଯାତ୍ରାରେ ଚଳନ୍ତି ପ୍ରତିମା ହୋଇ ବିମାନରେ ବାହାରନ୍ତି । ଏହି ମୁଖଶାଳାର ଦକ୍ଷିଣଭାଗରେ 'ଭାଗବତ ଗାଦି' ରଖାଯାଇଅଛି । ଜଗମୋହନ ପରି ମୁଖଶାଳାର ଉତ୍ତର କାନ୍ଥରେ ଗୋଟିଏ ପାଦୁକ ନଳା ଅଛି ।

**ମଣ୍ଡପ:**— ମୁଖଶାଳାକୁ ଲାଗି ପୂର୍ବଦିଗରେ ମଣ୍ଡପ । ଏହି ମଣ୍ଡପ ଦୁଇଭାଗରେ ବିଭକ୍ତ । ପ୍ରଥମ ଭାଗଟି ମୁଖଶାଳାକୁ ଲାଗିଛି । ଏହାର ଲମ୍ବ ୧୯ ହାତ, ଓସାର ୧୭ ହାତ ଓ ଉଚ୍ଚତା ପାଖୁ ୧୨ ହାତ । ମଧ୍ୟଭାଗରେ ଚାରିଗୋଟି ଖମ୍ବ ଓ ଦୁଇଧାଡ଼ି ଖିଲାଣ ଉପରେ ଏହାର ଛାତ ତିଆରି ହୋଇଥିବାରୁ ଏହି ପ୍ରଥମ ମଣ୍ଡପର ଭିତର ଅଂଶ ଅତି ସୁନ୍ଦର ଦେଖାଯାଏ । ଏହି ମଣ୍ଡପରେ ଠିଆହୋଇ ମୁଖଶାଳା ଦେଇ ଜଗମୋହନ ଭିତରକୁ ଦେଖିଲେ ମଙ୍ଗଳାଙ୍କ ପ୍ରତିମୂର୍ତ୍ତି ସ୍ପଷ୍ଟରୂପେ ଦେଖାଯାଏ । ଏହି ମଣ୍ଡପର ଦକ୍ଷିଣଦିଗ କାନ୍ଥକୁ ଲାଗି ଗୋଟିଏ ପ୍ରାୟ ତିନିଫୁଟ ଉଚ୍ଚ ପୀଠଉପରେ ଖଣ୍ଡିଏ କଳା ମୁଗୁନିପଥର ଅଛି । ସେବକମାନେ କହନ୍ତି ମଙ୍ଗଳା ପ୍ରତିଦିନ ଜଗନ୍ନାଥଙ୍କୁ ଦର୍ଶନ କରି ଫେରିବା ସମୟରେ କିଛି ସମୟ ଏହି ମୁଗୁନିପଥର ଉପରେ ବସନ୍ତି । ସେପରି ବସୁଥିବାରୁ ଏହି ପଥର କ୍ରମଶଃ ଖାଲ ହୋଇଥିବାର ସେମାନଙ୍କ ବିଶ୍ୱାସ ।

ମଣ୍ଡପର ଦ୍ୱିତୀୟଭାଗ ପ୍ରଥମଭାଗର ପୂର୍ବରେ ରହିଛି । ଏହାର ଲମ୍ବ ୨୨ ହାତ ଓସାର ୧୨ ହାତ ଓ ଉଚ୍ଚତା ମଧ୍ୟ ପ୍ରଥମମଣ୍ଡପ ପରି ୧୨ ହାତ, ଅଟେ । ଏହି ମଣ୍ଡପର ଛାତ ଅତି ଲମ୍ବ ଓ ମୋଟା କାଠ ଉପରେ ତିଆରି ହୋଇଛି ଏବଂ ଏହାର ମଧ୍ୟଭାଗରେ କୌଣସି ସ୍ତମ୍ଭ କିଂବା ଖଳଣ ନଥିବାରୁ ଏହା ଅତି ପ୍ରଶସ୍ତ ଓ ବଡ଼ ଦେଖାଯାଏ । ଏହି ମଣ୍ଡପ ଛାତର ଗୋଟିଏ କଡ଼ରୁ ଗୋଟିଏ ଅତି ବଡ଼ ଘଣ୍ଟି (Bell) ଲୁହା ଶିକୁଳିରେ ଓହଳିଛି । ଏହି ଘଣ୍ଟି ପ୍ରାଚୀନ କାଳର କୌଣସି ଜାହାଜରୁ ସଂଗ୍ରହ କରାଯାଇଥିବାର ସେବକମାନେ କହନ୍ତି । ଏହି ଘଣ୍ଟି ଉପରେ ଇଂରାଜୀରେ ଏହି କେତୋଟି ଅକ୍ଷର ଲେଖାଅଛି ।

## "GRACE 15th M1527"

ଏହି ଲେଖାରୁ ସ୍ପଷ୍ଟ ଜାଣିହୁଏ ଯେ ଏହି ଘଣ୍ଟି କୌଣସି ଇଂରାଜ ବଣିକ ଜାହାଜରୁ ଅଣାଯାଇଛି ଓ ଏହା ୧୬ଶ ଶତାବ୍ଦୀରେ ତିଆରି ହୋଇଥିଲା ।

**ମନ୍ଦିରର ଆକୃତି**—ଜଗମୋହନ ଓ ମୁଖଶାଳାର ଆକୃତି ପୀଢ଼ ଦେଉଳ ସଦୃଶ । ମଣ୍ଡପ ଗୁଡ଼ିକ ସାଧାରଣ ପଂକ୍ତିଘରର ଛାତପରି ତିଆରି ହୋଇଛି । ଜଗମୋହନ ଉପରେ ବେକି, ଆମଳକଶିଳା, କଳସ, ଚକ୍ର ଓ ପତାକା ପ୍ରଭୃତି ରହିଛି ।

**ପାର୍ଶ୍ୱଦେବତା**—ଜଗମୋହନର ବାହାର ଦକ୍ଷିଣ, ପଶ୍ଚିମ ଓ ଉତ୍ତର କାନ୍ଥରେ ଯଥାକ୍ରମେ ଗଣେଶ ଓ ଦୁଇଟି ବିଷ୍ଣୁ ପ୍ରତିମା ରଖାଯାଇଛି । ଏଠା ବିଷ୍ଣୁ ପ୍ରତିମାଗୁଡ଼ିକ ଚିକ୍କଣ କଳାମୁଗୁନି ପଥରରେ ତିଆରି । ପ୍ରତ୍ୟେକ ପ୍ରତିମା ଚତୁର୍ଭୁଜ ଓ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ । ସ୍ଥାନୀୟ ଲୋକମାନେ ଏ ଦୁଇଟି ପ୍ରତିମାଙ୍କୁ "ମାଧବାନନ୍ଦ" ପ୍ରତିମା କହନ୍ତି । ମନ୍ଦିର ତୁଳନାରେ ଦେଖିଲେ ଏ ଦୁଇଟି ମୂର୍ତ୍ତି ପ୍ରାଚୀକୂଳର କୌଣସି ଅତି ପ୍ରାଚୀନ ମନ୍ଦିରରୁ ଆଣିଥିବାର ସ୍ପଷ୍ଟ ଜଣାଯାଏ । ମୂର୍ତ୍ତି ଗୁଡ଼ିକର କାରୁକାର୍ଯ୍ୟ ଅତି ସୁନ୍ଦର ଓ ସୂକ୍ଷ୍ମ ଦେଖାଯାଏ ।

**ଅନ୍ୟାନ୍ୟ ମୂର୍ତ୍ତି**—ପାର୍ଶ୍ୱଦେବତା ବ୍ୟତୀତ ଜଗମୋହନ ଓ ମୁଖଶାଳାର ଦକ୍ଷିଣ ଓ ଉତ୍ତର କାନ୍ଥରେ ଦୁର୍ଗା, ବାମନ, ନୃସିଂହ ଓ ଅଶ୍ୱାରୋହୀ ପ୍ରଭୃତିଙ୍କର ପ୍ରସ୍ତରମୂର୍ତ୍ତି ଏବଂ ଅଳ୍ପ କେତୋଟି ଅଶ୍ଳୀଳ ମୂର୍ତ୍ତି ଦେଖାଯାଏ । କୌଣସି ମୂର୍ତ୍ତିରେ ଶିଳ୍ପ ଗୁରୁତ୍ୱ ଦେଖାଯାଏ ନାହିଁ ।

**ମନ୍ଦିର ବେଢ଼ା**—ମଙ୍ଗଳାଙ୍କ ଦେଉଳର ଉତ୍ତର ଓ ପୂର୍ବଦିଗରେ ପ୍ରଶସ୍ତ ବେଢ଼ା ଅଛି । ଦକ୍ଷିଣ ଦିଗରେ ପୂର୍ବରୁ ପଶ୍ଚିମ ଯାଏ ଯଥାକ୍ରମେ ।୧। ଅଫିସ ଓ କୋଠିଘର ।୨। ପତିତପାବନଙ୍କର ମନ୍ଦିର, ।୩। ଅଚନ୍ତାପହଣ୍ଡି ରାସ୍ତା ଓ ତହିଁର ଛାତ, ।୪। ରୋଷଘର ।୫। ବାର୍ମି ।୬। ରୋଷଘରର କୂଅ ଦେଖାଯାଏ । ଏହି କେତେକ ଯୋଗୁଁ ଏ ଦିଗର ବେଢ଼ା ସଂକୀର୍ଣ୍ଣ ହୋଇ ଯାଇଛି । ପଶ୍ଚିମ ଦିଗରେ ଦେଉଳ ଓ ପ୍ରାଚୀର ମଧ୍ୟରେ ପ୍ରାୟ ୮।୯ ହାତର ଓସାର ସ୍ଥାନ ରହିଛି ।

**ବେଢ଼ା ପାଚେରୀ**—ମନ୍ଦିରର ପୂର୍ବ, ଉତ୍ତର ଓ ପଶ୍ଚିମ ଦିଗରେ ଯଥାକ୍ରମେ ୮୫, ୧୦୧ ଓ ୮୫, ହାତ ଲମ୍ବ ଓ ପ୍ରାୟ ୭।୮ ହାତ ଉଚ୍ଚ ବେଢ଼ା ପାଚେରୀ ଅଛି । ଦକ୍ଷିଣ ଦିଗରେ ରୋଷଘର ଓ କୋଠିଘରର ଦକ୍ଷିଣ କାନ୍ଥ ଏବଂ ରୋଷ ଘରଠାରୁ ପଶ୍ଚିମ କାନ୍ଥଯାଏଁ ପ୍ରାୟ ୧୯ ହାତର ପାଚେରୀ ରହିଛି ।

**ପାଚେରୀ ଦ୍ୱାର**—ପୂର୍ବ ପାଚେରୀରେ ସିଂହଦ୍ୱାର, ଉତ୍ତର ଓ ପଶ୍ଚିମ କାନ୍ଥରେ ଦିଓଟି ଦ୍ୱାର ରହିଛି । ଦକ୍ଷିଣ ଦିଗରେ କୋଠି ଓ ପତିତ ପାବନଙ୍କ ମନ୍ଦିର ମଧ୍ୟରେ ଗୋଟିଏ ଦ୍ୱାର ଅଛି । ଏହି ଦ୍ୱାର ଦେଇ ଗଲେ ସେବକ ସାହିକି ଯାଇହୁଏ ।

**ପତିତପାବନ ମନ୍ଦିର**—ମଙ୍ଗଳାଙ୍କ ବେଢ଼ାର ଦକ୍ଷିଣ ଦିଗରେ 'ପତିତପାବନ' (ଜଗନ୍ନାଥ) ଙ୍କର ଗୋଟିଏ କୁଡ଼ଆଘର ଅଛି । ଏହି ଘରେ ପତିତପାବନଙ୍କର ମୂର୍ତ୍ତି ଓ ତାହାଙ୍କ ସମ୍ମୁଖରେ ଗରୁଡ଼ ଦେଖାଯାନ୍ତି । ଏହି ପତିତପାବନ ବହୁବର୍ଷ ପୂର୍ବେ ନିକଟବର୍ତ୍ତୀ ମୂଳାଗଡ଼ (ଶ୍ରୀରାମପୁର ଶାସନ)ରେ ଥିଲେ ସେଠାର ମନ୍ଦିର ଭାଙ୍ଗିଯିବାରୁ ସେବକମାନେ ତାହାଙ୍କୁ ଆଣି ଏଠାରେ ରଖାଇଛନ୍ତି । ମଙ୍ଗଳାଙ୍କ ସେବକ-

ମାନେ ଏହି ପତିତପାବନଙ୍କର ମଧ୍ୟ ସେବାପୂଜା କରନ୍ତି । କିନ୍ତୁ, ଏହି ଠାକୁରଙ୍କର, ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥା ଓ ଭଙ୍ଗା କୁଡ଼ିଆ ଦେଖିଲେ ପ୍ରକୃତରେ ତାହାଙ୍କର 'ପତିତପାବନ' ନାମ ସାର୍ଥକ ହୋଇଥିବାର ଜଣାଯାଏ ।

**ସ୍ନାନମଣ୍ଡପ**— ମନ୍ଦିର ବେଢ଼ାର ପୂର୍ବୋତ୍ତର କୋଣରେ ଗୋଟିଏ ମଣ୍ଡପ ଅଛି । ଏହି ମଣ୍ଡପ ପତିତପାବନଙ୍କର 'ସ୍ନାନମଣ୍ଡପ' ଅଟେ । ଜ୍ୟେଷ୍ଠ ପୂର୍ଣ୍ଣିମୀ ଦିନ ପତିତପାବନ ଏଠାକୁ ଆସି 'ଦେବସ୍ନାନ' କରନ୍ତି ।

**ସିଂହଦ୍ୱାର**— ସବୁଦ୍ୱାରଠାରୁ ପୂର୍ବଦିଗର ସିଂହଦ୍ୱାର ଅତି ବଡ଼ ଅଟେ । ଏହି ଦ୍ୱାର ଉପରେ 'ନବଗ୍ରହ' ମୂର୍ତ୍ତି ନିର୍ମାଣ କରାଯାଇଛି । ଏହି ଦ୍ୱାରର ଦୁଇଦିଗରେ ଦୁଇଗୋଟି ସଶସ୍ତ୍ର ଦ୍ୱାରପାଳ ଓ ଦୁଇଟି ବଡ଼ ସିଂହମୂର୍ତ୍ତି ରଖା ଯାଇଛି । ଉତ୍ତରଦିଗର ଦ୍ୱାରମୁହଁରେ ମଧ୍ୟ ଦୁଇଟି ଛୋଟ ସିଂହମୂର୍ତ୍ତି ଅଛି ।

**ମନ୍ଦିର ନିର୍ମାଣ ସମୟ**— ମଙ୍ଗଳାଙ୍କ ମନ୍ଦିର ଠିକ୍ କେଉଁ-ଯୁଗରେ ନିର୍ମିତ ହୋଇଛି ସ୍ଥାନୀୟ ଅଧିବାସୀ କେହି ଜାଣନ୍ତି ନାହିଁ । ସ୍ଥାନୀୟ କିମ୍ବଦନ୍ତୀରୁ ଏହା ଠିକ୍ ଜଣାଯାଏ ଯେ, ମଙ୍ଗଳା ଏଠାରେ ପ୍ରତିଷ୍ଠା ହୋଇ ବହୁକାଳ ଯାଏ ଗୋଟିଏ କୁଡ଼ିଆରେ ଥିଲେ । ପରେ ସ୍ଥାନୀୟ ସେବକମାନଙ୍କର ପ୍ରଥମ ପୁରୁଷ ହଟ ଘୋଷିତ ଓ ବଡ଼ ଘୋଷିତ ଦୁଇଭାଇ ଗୋଟିଏ କାଠମଣ୍ଡପ ତିଆରି କରିଥିଲେ । ସେହି କାଠମଣ୍ଡପ ଦେଖିଥିବାର କେତେକ ଲୋକଙ୍କୁ ମୁଁ ନିଜେ ଦେଖି ସେମାନଙ୍କଠାରୁ ସେ କାଳର ଅନେକ କଥା ସଂଗ୍ରହ କରିଥିଲି । କାଳକ୍ରମେ ସେହି କାଠମଣ୍ଡପ ଭାଙ୍ଗିଯିବାରୁ ନିମାପଡ଼ା ଥାନା, ଭଦର ନିବାସୀ ଏହି ଅଞ୍ଚଳର ପ୍ରସିଦ୍ଧ ଜମିଦାର ଜଗମୋହନ ରାୟ ଠାକୁରାଣୀଙ୍କ ପାଇଁ ବର୍ତ୍ତମାନର ପଥର ମନ୍ଦିର ନିର୍ମାଣ କରାଇଥିଲେ । ଏହି ମନ୍ଦିର ନିର୍ମାଣ କରି ଏହାର ଚୂଡ଼ା ବା କଳସ ପ୍ରଭୃତି ସ୍ଥାପନ କରିଥିବାରୁ ଜଗମୋହନ ରାୟଙ୍କୁ ସେକାଳର ସରକାର 'ଚୂଡ଼ାମଣି' ଉପାଧି ଦେଇଥିଲେ । ଏହି ଜଗମୋହନ ରାୟ ଚୂଡ଼ାମଣି ୧୮୪୪ ୬୫ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜୀବିତ ଥିଲେ । ଅତଏବ, ଏହି ମନ୍ଦିରର ମୁଖଶାଳା ଓ ଜଗମୋହନ ୧୯ଶ ଖ୍ରୀଷ୍ଟାବ୍ଦର ମଧ୍ୟଭାଗରେ ନିର୍ମାଣ ହୋଇଥିବାର ନିଃସନ୍ଦେହ ।

ମୁଖଶାଳା ଆଗରେ ଗୋଟିଏ କାଠର ମଣ୍ଡପ ବହୁକାଳଯାଏ ଥିଲ । ସେହି କାଠମଣ୍ଡପ ଗତ ୧୨୯୯ ସାଲ ବା ୧୮୯୨ ଖ୍ରୀଷ୍ଟାବ୍ଦରେ ନଷ୍ଟ ହୋଇଥିଲା । ପରେ ୧୩୦୪ ସାଲ ବା ୧୮୯୭ ଖ୍ରୀଷ୍ଟାବ୍ଦରେ ବର୍ତ୍ତମାନର ମଣ୍ଡପ ନିର୍ମିତ ହେଲା । ଏ ବିଷୟ ବଡମଣ୍ଡପ ସ୍ତମ୍ଭର ଗୋଟିଏ କଡ଼ ଦେହରେ ଲେଖାଅଛି । ଏହି ମଣ୍ଡପ ନିର୍ମାଣ ପାଇଁ ସେକାଳର କାକଟପୁର ଭର୍ଣ୍ଣାକ୍ୟୁଲର ସ୍କୁଲ ହେଡ୍ ପଣ୍ଡିତ ଅଣ୍ଡିଆ (ନିମାପଡ଼ା) ନିବାସୀ ଜଗନ୍ନାଥ ମିଶ୍ର ସ୍ଥାନୀୟ ଓ ନିମାପଡ଼ା ବାସୀଙ୍କଠାରୁ ଯଥେଷ୍ଟ ଚାନ୍ଦା ସଂଗ୍ରହ କରିଥିବାର ମଧ୍ୟ କେତେକ ବୃଦ୍ଧ କହନ୍ତି ।

**ଶିଳ୍ପକଳା**—ମଙ୍ଗଳାଙ୍କ ଜଗମୋହନ ଓ ମୁଖଶାଳା ମାଙ୍କଡ଼ା ଓ କନ୍ଦା ପଥରରେ ନିର୍ମିତ । ମଣ୍ଡପଗୁଡ଼ିକ ଭୋଗଘର, କୋଠିଘର ପ୍ରଭୃତି ଇଟାରେ ତିଆରି । ଉତ୍ତର ଓ ପଶ୍ଚିମ ଦିଗର ପାର୍ଶ୍ୱ ଦେବତା ବ୍ୟତୀତ ମନ୍ଦିର ଓ ମଣ୍ଡପରେ କୌଣସି ଉଲ୍ଲେଖ ଯୋଗ୍ୟ ଶିଳ୍ପକଳା ଦେଖା ଯାଏ ନାହିଁ *। ମଙ୍ଗଳାଙ୍କ ପ୍ରତିମୂର୍ତ୍ତିର ଶିଳ୍ପକଳା ଅତି ଚମତ୍କାର ହେଲେହେଁ ତାହା ଉତ୍କଳବାହାରୁ ଆସିଥିବାରୁ ତହିଁରେ ଉତ୍କଳୀୟ ଶିଳ୍ପକଳାର କୌଣସି ବିଶେଷତ୍ୱ ଦେଖାଯାଏ ନାହିଁ ।

**ଭୋଗ**—ମଙ୍ଗଳାଙ୍କର ଦୈନିକ ଭୋଗ ପାଇଁ ପ୍ରାୟ ୨୦ ବାଟି ଖଞ୍ଜା ଜମି ଅଛି । ଏହି ୨୦ ବାଟି ମଧ୍ୟରୁ ୧୫ ବାଟି ଜମିର ବାର୍ଷିକ ଆୟ ସେବକମାନେ ପାଆନ୍ତି । ଅବଶିଷ୍ଟ ଜମି ଅନ୍ୟାନ୍ୟ ସେବାୟତ ଯଥା:— ମାଳି, ମାହାରି, ଗଉଡ଼, କାହାଳିଆ, ଟହଲିଆ ଓ ଝାଡୁଦାର ପ୍ରଭୃତିଙ୍କ ମଧ୍ୟରେ ବଣ୍ଟାଯାଇଛି । ସ୍ଥାନୀୟ ଖଞ୍ଜା ଜମି ବ୍ୟତୀତ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲାରେ ଏବଂ ଗଡ଼ଜାତଗୁଡ଼ିକରେ ଅନେକ ଦେବୋତ୍ତର ଜମି ରହିଛି । କିନ୍ତୁ ସେଗୁଡ଼ିକର ବାର୍ଷିକ ଆୟ ସଂଗ୍ରହ କରିବାପାଇଁ ସେବକ-

---

* ଗତ ୧୯୩୭ ଖ୍ରୀଷ୍ଟାବ୍ଦରେ ସେବକମାନେ ଠାକୁରାଣୀଙ୍କ ଖର୍ଚ୍ଚରେ ସବା ଆଗ ମଣ୍ଡପର ଭିତରଭାଗ ଉତ୍ତର ଓ ଦକ୍ଷିଣ କାନ୍ଥରେ ଥିବା ଠଣାଗୁଡ଼ିକରେ ଗୋଟିଏ ଗୋଟିଏ ପ୍ରକାଣ୍ଡ ମୂର୍ତ୍ତି ନିର୍ମିତ କରାଇଛନ୍ତି । ଏଣୁ ମୂର୍ତ୍ତିଗୁଡ଼ିକର ଉତ୍ତମ ଶିଳ୍ପ କଳା ଦେଖାଯାଏ ।

ମାନଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରଯାଇ ନାହିଁ । ଏପରିକି, ମଙ୍ଗଳାଙ୍କର କୋଠ ସମ୍ପତ୍ତିର ଆୟ ବ୍ୟୟର ହିସାବ ମଧ୍ୟ ଠିକରୂପେ ରଖାଯାଇ ନାହିଁ ।

**ଦୈନିକ ଭୋଗ:**—ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ମଙ୍ଗଳାଙ୍କର ମଙ୍ଗଳ ଆରତି ପରେ ସ୍ନାନ ହୁଏ । ସ୍ନାନ ପରେ ସକାଳବେଶ ହୁଏ । ସ୍ନାନସାର ସୂର୍ଯ୍ୟପୂଜା କରି ବଲ୍ଲଭ ଧୂପ ହୁଏ । ଏହି ଧୂପରେ ଦହି, ଖଇ ଓ କଦଳୀ ଭୋଗ ହୁଏ ।

**ସକାଳ ଧୂପ:**—ଦିନ ୯/୧୦ ଘଣ୍ଟା ସମୟରେ ଖେଚଡ଼ି, ଡ଼ାଲି, ତରକାରୀ ଓ ଭଜା ପ୍ରଭୃତି ସକାଳ ଧୂପ ହୁଏ ।

**ଦ୍ୱିପ୍ରହର ଧୂପ:**—ଅନ୍ନ, ଡାଲି, ତରକାରୀ, ଭଜା, ଖିରି ଓ ଆମ୍ବିଳ ପ୍ରଭୃତି ଭୋଗ ଲାଗେ ।

**ଭଣ୍ଡି ଧୂପ:**— ପ୍ରାୟ ୧୨ ଟା ବେଳେ ଦ୍ୱିପହର ଧୂପପରେ ଭଣ୍ଡିଧୂପ ହୁଏ ।

**ସନ୍ଧ୍ୟା:**—ସନ୍ଧ୍ୟା ସମୟରେ ଠାକୁରାଣୀଙ୍କର ଆଉଏକ ବେଶ ହୁଏ ଓ ସନ୍ଧ୍ୟା ଆଳତି ହୁଏ ।

**ରାତ୍ରିଧୂପ:**—ପ୍ରାୟ ୧୦ ଘଣ୍ଟା ରାତ୍ରରେ ଅନ୍ନ, ଡ଼ାଲି, ତରକାରୀ, ଭଜା, ଖିରି ଓ ଦହି ପଖାଳ ଭୋଗ ହୁଏ ।

**ବଡ଼ ସିଙ୍ଘାର**—ରାତ୍ର ୧୧/୧୨ ଘଣ୍ଟା ସମୟରେ ମଙ୍ଗଳାଙ୍କର ଚନ୍ଦନଲାଗି ହୁଏ ଏବଂ କେଳି ଓ ପଣା ଭୋଗ ହୁଏ ।

ଏହି ଦୈନିକ ଭୋଗପାଇଁ ପ୍ରତିଦିନ ପ୍ରାୟ ଦଶ-ଟଙ୍କା ଖର୍ଚ୍ଚ ହୁଏ । ଦୈନିକ ଭୋଗର ସମସ୍ତ ଖର୍ଚ୍ଚ ସେବକମାନେ ନିଜେ ନିଜେ ବହନ କରନ୍ତି । କିନ୍ତୁ ଅଜିକାଲି ସେମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇଥିବାରୁ ଠାକୁରାଣୀଙ୍କର ଦୈନିକ ଭୋଗରେ ମଧ୍ୟ କିଛି ଅବହେଳା ଦେଖାଯାଏ ।

**ପର୍ବପର୍ବାଣୀ**—ଅନ୍ୟାନ୍ୟ ଦେବମନ୍ଦିରରେ ଯେପରି ପର୍ବପର୍ବାଣୀ ହୁଏ ମଙ୍ଗଳାଙ୍କର ମଧ୍ୟ ସେହିପରି ବାରମାସରେ ତେର ପର୍ବ ହୁଏ । ଏହି ସବୁ ପର୍ବ ଦିନରେ ଠାକୁରାଣୀଙ୍କର ନୂତନ ନୂତନ ବେଶ ଲାଗିହୁଏ ଏବଂ ବିଭିନ୍ନ ମିଷ୍ଟାନ୍ନ ଭୋଗ ହୁଏ । ବାର୍ଷିକ ସାଧାରଣ ପର୍ବ ବ୍ୟତୀତ ମଙ୍ଗଳାଙ୍କର ନିମ୍ନ କେତୋଟି ପର୍ବ ଅତି ପ୍ରସିଦ୍ଧ ଅଟେ :—

**(୧) ବାସନ୍ତୀ ପୂଜା**—ପ୍ରତି ବର୍ଷ ଚୈତ୍ରମାସର ଶୁକ୍ଳ ସପ୍ତମୀ ଅଷ୍ଟମୀ ଓ ନବମୀ ଦିନ ଠାକୁରାଣୀଙ୍କର 'ବାସନ୍ତୀ ପୂଜା' ହୁଏ । ଏହି ପୂଜା ଆଶ୍ୱିନମାସର ପୂଜାପରି ହୁଏ । ଏଥିରେ ଠାକୁରାଣୀଙ୍କର ନୂତନ ବେଶ ଓ ନୂତନ ଭୋଗ ହୁଏ । ଏ ସମସ୍ତର ଭୋଗ ସ୍ଥାନୀୟ ଜମିଦାରମାନେ ଯୋଗାନ୍ତି । ନବମୀ ଦିନ ମଙ୍ଗଳାଙ୍କଠାରେ ଥିବା ଦୁର୍ଗାଙ୍କ ନାମରେ ଗୋଟିଏ ଛେଳି ବଳି ପଡ଼େ ।

**ଝାମୁଯାତ୍ରା**— ଚୈତ୍ର ମାସର ପ୍ରତି ମଙ୍ଗଳବାର ଦିନ ଠାକୁରାଣୀଙ୍କର 'ଚୈତ୍ରପର୍ବ' ହୁଏ । ଶେଷ ମଙ୍ଗଳବାର ଦିନ ଘଣ୍ଟ ପଟୁଆମାନେ ମଙ୍ଗଳାଙ୍କ ବେଢ଼ାରେ ଗାତ ଖୋଳି ସେଥିରେ ନିଆଁ ଦେଇ ଉପରେ ଚାଲନ୍ତି । ଏହି ଚାଲିବା କାର୍ଯ୍ୟ ଦେଖିବାପାଇଁ ସେଦିନ ହଜାର ହଜାର ଯାତ୍ରୀ ମଙ୍ଗଳାଙ୍କ ବେଢ଼ାରେ ଏକତ୍ର ହୁଅନ୍ତି । ଚୈତ୍ରମାସରେ ଏହି ଝାମୁଯାତ ପାଇଁ କାକଟପୁରରେ ମାସାଧିକ କାଳ ବିରାଟ ମେଳା ହୁଏ । ହାରାହାରି ଏହି ଯାତ ଦେଖିବାପାଇଁ ପ୍ରତିବର୍ଷ ୫୦/୬୦ ହଜାର ଲୋକ ଓଡ଼ିଶାର ବିଭିନ୍ନ ଜିଲାରୁ ଏଠାକୁ ଆସନ୍ତି । ଅସଂଖ୍ୟ ଦୋକାନ ବସେ, ହଜାର ହଜାର ଟଙ୍କାର ଜିନିଷ ବିକ୍ରି ହୁଏ ।

**(୩) ଦୁର୍ଗାପୂଜା**—ଆଶ୍ୱିନମାସରେ ୧୬ ଦିନ ଯାଏଁ ଆଶ୍ୱିନ-ପୂଜା ବା ଦୁର୍ଗପୂଜା ହୁଏ । ମଙ୍ଗଳାଙ୍କର ସାଧାରଣ ଭୋଗ ସହ ତାହାଙ୍କ ସିଂହାସନରେ ଥିବା କନକ ଦୁର୍ଗାଙ୍କ ନାମରେ ଆଶ୍ୱିନ ପୂଜା ହୁଏ ଏବଂ ମହାଷ୍ଟମୀ ଦିନ ସେହି ଦୁର୍ଗାଙ୍କ ନାମରେ ପଶୁବଳି ପଡ଼େ । ଏହି ଦୁର୍ଗାପୂଜା 'ସମସ୍ତର ବିଶେଷ ଭୋଗର ଖର୍ଚ୍ଚ ସ୍ଥାନୀୟ ଜମିଦାରମାନେ କରନ୍ତି ।

ମଙ୍ଗଳାଙ୍କର ଉପର୍ଯ୍ୟୁକ୍ତ ପ୍ରସିଦ୍ଧ ପର୍ବ ବ୍ୟତୀତ ସେହି ଦେଉଳରେ-ଥିବା ରାଧାକୃଷ୍ଣ ଓ ନିକଟବର୍ତ୍ତୀ ପତିତପାବନଙ୍କର ନିମ୍ନ କେତୋଟି ପ୍ରଧାନ ଯାତ୍ରା ହୁଏ ।

**ରାଧାକୃଷ୍ଣଙ୍କର ଚନ୍ଦନ ଯାତ୍ରା**--ବୈଶାଖମାସରେ ୨୨ ଦିନ ଯାଏଁ ଯାତ୍ରା ହୁଏ । ପ୍ରାଚୀନଘାର ଚନ୍ଦନମଣ୍ଡପ ନିକଟରେ ଚନ୍ଦନ ବେଢା ଓ ଗୃପ ହୁଏ ।

**ଝୁଲଣ ଯାତ୍ରା**—ଏହି ଯାତ୍ରା ପ୍ରତିବର୍ଷ ଶ୍ରାବଣ ଶୁକ୍ଳ ଦଶମୀଠାରୁ ପାଞ୍ଚଦିନ ଯାଏ ହୁଏ । ରାଧାକୃଷ୍ଣ ମୂର୍ତ୍ତିଙ୍କୁ ଦୋଳମଣ୍ଡପରେ ରଖି କୁଞ୍ଜରେ ଝୁଲଣ କରନ୍ତି ।

**ଦୋଳ ଯାତ୍ରା**--ଫାଲ୍‌ଗୁନ ଶୁକ୍ଳ ଏକାଦଶୀଠାରୁ ପୂର୍ଣ୍ଣିମୀ ଯାଏଁ ରାଧାକୃଷ୍ଣଙ୍କୁ ବିମାନରେ ରଖି ଗ୍ରାମ ମଧ୍ୟରେ ଦୋଳଗୃହେଣ୍ଟି ଭୋଗ କରନ୍ତି । ପୂର୍ଣ୍ଣିମୀ ଦିନ ଦୋଳବେଦୀରେ କୁଞ୍ଜ ସଜାଇ ଝୁଲଣ କରନ୍ତି ।

**ରାସ ଯାତ୍ରା**—କାର୍ତ୍ତିକମାସର ଶେଷ ପାଞ୍ଚଦିନ ରାସଯାତ୍ରା ହୁଏ ।

**ପତିତପାବନଙ୍କର ଦେବସ୍ନାନ**—ଜ୍ୟେଷ୍ଠ ପୂର୍ଣ୍ଣିମୀ ଦିନ ପତିତପାବନ ସ୍ନାନମଣ୍ଡପରେ ଦେବସ୍ନାନ କରି ଅଣସର ହୁଅନ୍ତି ।

**ସେବକ ଓ ସେବାୟତ**—ମଙ୍ଗଳାଙ୍କର ଦୈନିକ ଭୋଗ, ପର୍ବପର୍ବାଣୀ ଓ ସମସ୍ତ ନୀତି ଚଳାଇବାପାଇଁ ପ୍ରାୟ ଶହେଘର ସେବକ ଓ ୮/୧୦ଟି ସେବାୟତ ଘର ଏହି କାକଟପୁର ଗ୍ରାମରେ ଅଛି । ସେବକମାନେ ଠାକୁରାଣୀଙ୍କର ଖଞ୍ଜାଜମି ଗୃଷକରି ତାହାର ବାର୍ଷିକ ଆୟ ଏବଂ ପ୍ରତିଦିନ ଯାତ୍ରୀମାନଙ୍କଠାରୁ ପାଇବା ଟଙ୍କା ପଇସାରେ ଚଳନ୍ତି, ଠାକୁରାଣୀଙ୍କର ଅଚଳା ସମ୍ପତ୍ତି ଓଡ଼ିଶା ଓ ଗଡ଼ଜାତର ସବୁ ସ୍ଥାନରେ ଥିଲେ ମଧ୍ୟ ସେଠାର ବାର୍ଷିକ ଆୟ କେହି କରିପାରନ୍ତି ନାହିଁ । ଏସମସ୍ତ ବିଷୟ ବୁଝିବାପାଇଁ ମନ୍ଦିରର କୌଣସି ପରିଗୃଳନା କମିଟି ମଧ୍ୟ ନାହିଁ । ସେବକ-ମାନେ ନିଜ ବୁଦ୍ଧି କୌଶଳରେ ଯା ସଂଗ୍ରହ କରନ୍ତି ସେଥିରେ ନିଜେ ନିଜେ ସନ୍ତୁଷ୍ଟ ରହନ୍ତି । ପ୍ରଥମେ ହଟପାଷିତ ଓ ବଟପାଷିତ ନାମରେ ଦୁଇଭାଇ ଠାକୁରାଣୀଙ୍କର ସେବାପୂଜା କରୁଥିଲେ । ପରେ ସେ ଦୁହିଁଙ୍କ ବଂଶବୃଦ୍ଧି

ହେବାରୁ ସେମାନଙ୍କର ସଂଖ୍ୟା ବୃଦ୍ଧି ହୋଇ ଆଜି ପ୍ରାୟ ଏକଶତ ଘର ସେବକ ଏଠାରେ ଅଛନ୍ତି । ଏମାନଙ୍କ ମଧ୍ୟରୁ ଦୁଇଘରର ଜଣଙ୍କୁ ବାଦ୍‌ଦେଲେ ଅନ୍ୟ କାହାରି ଅବସ୍ଥା ସ୍ୱଚ୍ଛଳ ନୁହେ ।

ନିଜ ଗ୍ରାମରେ ସ୍କୁଲ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏମାନଙ୍କ ମଧ୍ୟରୁ କେହି ଉଚ୍ଚ ଶିକ୍ଷିତ ନୁହଁନ୍ତି । ସ୍କୁଲ ଶିକ୍ଷା ଗ୍ରହଣ କଲେ ନିଜର କୌଳିକ ବିଦ୍ୟାର କ୍ରମ ବିକାଶ କରିବାପାଇଁ ମଧ୍ୟ ଏମାନଙ୍କ ମଧ୍ୟରେ ବିଶେଷ ଚେଷ୍ଟା କରାଯାଉନାହିଁ । ଠାକୁରାଣୀଙ୍କର ଦୈନିକ ଭୋଗ ଓ ଯାତ୍ରୀମାନଙ୍କର ଖର୍ଚ୍ଚରେ ପେଟକୁ ଗଣ୍ଡାଏ ପାଇଲେ ଅନ୍ୟ କୌଣସି ଦାୟିତ୍ୱ ନଥିବା ବ୍ୟକ୍ତି ଯା' କରିପାରେ ଏଠାର ଅନେକ ଯୁବକ କେବଳ ତାହାହିଁ କରନ୍ତି ।

ସେବକମାନଙ୍କପରି ଠାକୁରାଣୀଙ୍କ ସେବାଯୁତମାନଙ୍କର ଅବସ୍ଥା ଆହୁରି ଶୋଚନୀୟ ଦେଖାଯାଏ । ଏମାନଙ୍କ ମଧ୍ୟରୁ ଅଧିକାଂଶ ନିଶା ଓ ଆଳସ୍ୟର ଦାସତ୍ୱ ଗ୍ରହଣ କରି ଦିନୁଦିନ ଶୋଚନୀୟ ଦେଖାଯାନ୍ତି । ଠାକୁରାଣୀଙ୍କର ଦୈନିକ ନୀତି, ଚଳାଇବାପାଇଁ ଯେଉଁ 'ଦେବଦାସୀ' ଅଛନ୍ତି ସେମାନଙ୍କର କାର୍ଯ୍ୟକଳାପ ଅତି ବିଚିତ୍ର ।

**ମଙ୍ଗଳାଙ୍କ ମାହାତ୍ମ୍ୟ**—ଧର୍ମଭୀରୁ ଭାରତବାସୀ ନିଜର ଦେବାଦେବୀଙ୍କ ଠାରେ ଯେପରି ଅଟଳ ବିଶ୍ୱାସ ରଖନ୍ତି ବୋଧହୁଏ ଅନ୍ୟ କୌଣସି ଦେଶବାସୀ ଏପରି ଦେଖାଯାନ୍ତି ନାହିଁ । ଏହି ବିଶ୍ୱାସ ଯୋଗୁଁ କେବଳ କାକଟପୁର କାହିଁକି ଓଡ଼ିଶାର ଅନେକ ସ୍ଥାନରୁ ପ୍ରାୟ ପ୍ରତିଦିନ ଯାତ୍ରୀ ଆସି ମଙ୍ଗଳାଙ୍କ ଦର୍ଶନ କରନ୍ତି ଓ ଅନେକ ଭୋଗ ଲଗାନ୍ତି । ମଫସଲବାସୀ ଠାକୁରାଣୀଙ୍କ ନାମରେ ଗୋରୁ, ଛେଳି, ମେଣ୍ଢା, ସୁନା, ରୁପା ପ୍ରଭୃତି ମାନସିକ କରି ଆଣି ଦିଅନ୍ତି । କାହାର ଦେହ ଭଲ ହେଲେ ଏହି ମାନସିକର ମାତ୍ରା ବୃଦ୍ଧି ହୁଏ । ଏ ଅଂଚଳର ଅନେକ ଲୋକ ଯେ କୌଣସି ନୂଆ କାର୍ଯ୍ୟ କରିବା ପୂର୍ବରୁ ମଙ୍ଗଳାଙ୍କ ଠାରେ କିଛି ଭୋଗକରିବାକୁ ଭୁଲନ୍ତି ନାହିଁ ।

**ବଳିପ୍ରଥା**— ମଙ୍ଗଳା 'ପରମବୈଷ୍ଣବୀ' ଥିବାର ପୂର୍ବରୁ କୁହାଯାଇଛି । ତାହାଙ୍କର ନିରାମିଷ ଭୋଗ ହୁଏ । ତଥାପି, ସାଧାରଣ

ଲୋକମାନେ ଏକଥା ନଜାଣି ମଙ୍ଗଳାଙ୍କ ନାମରେ ଛେଳି ମେଣ୍ଢା ପ୍ରଭୃତି ବଳି ଯାଚନ୍ତି । ସେବକମାନେ ମଧ୍ୟ ସେହି ନିରୀହ ପ୍ରାଣୀଙ୍କୁ କିଛି ନକହି ସେମାନଙ୍କଠାରୁ ଛେଳି, ମେଣ୍ଢା ପ୍ରଭୃତି ନେଇ ମଙ୍ଗଳାଙ୍କ ନିକଟରେ ଥିବା କନକ ଦୁର୍ଗାଙ୍କ ନାମରେ ବଳି ଦିଅନ୍ତି । ବାସନ୍ତୀ ପୂଜା ଓ ଆଶ୍ୱିନପୂଜା ସମୟରେ ଯେଉଁ ପଶୁ ବଳିପଡ଼େ ସେହି ବଳି ମଧ୍ୟ ସେହି ଦୁର୍ଗାଙ୍କ ନାମରେ ପଡୁଥିବାର ସେବକମାନେ କହନ୍ତି । ମଙ୍ଗଳାଙ୍କ ପରି ପରମବୈଷ୍ଣବୀଙ୍କ ପୀଠରେ ଅନ୍ୟଏକ ଦୁର୍ଗା ନାମରେ ଏପରି ଜୀବହିଂସା କରୁଥିବା ଅତି ଜଘନ୍ୟ ଦେଖାଯାଏ । କେବଳ ସେତିକି ନୁହେଁ, ସେବକମାନେ ମଙ୍ଗଳାଙ୍କ ପ୍ରସାଦରେ ଦୁର୍ଗାଙ୍କ ଆମିଷ ଭୋଗ ମଧ୍ୟ ମିଶାଇ ଖାନ୍ତି । ତଦ୍ୱାରା ସେମାନେ ଘୋର ଅଧର୍ମ କାର୍ଯ୍ୟ କରୁଥିବାର ନିଃସନ୍ଦେହ । ଏ ବିଗରେ ବୈଷ୍ଣବ ଭକ୍ତମାନେ ତୀବ୍ର ପ୍ରତିବାଦ କରିବା ନିତାନ୍ତ ଦରକାର ମନେକରୁ । ମଙ୍ଗଳାଙ୍କଠାରୁ ଦୁର୍ଗାମୂର୍ତ୍ତି ଅଲଗା କରିବା ମଧ୍ୟ ନିତାନ୍ତ ଦରକାର ଏବଂ ମଙ୍ଗଳା ପରମବୈଷ୍ଣବୀ ଥିବାର ଓ ତାହାଙ୍କ ନାମରେ କୌଣସି ବଳି ମାନସିକ କରିବା ଅନୁଚିତ ବୋଲି ମଧ୍ୟ ସାଧାରଣ ଲୋକମାନଙ୍କୁ ବୁଝାଇ ଦେବାକୁ ହେବ । ନଚେତ୍ ଏ ପବିତ୍ରପୀଠ ଦିନୁଦିନ କଳୁଷିତ ହେବ ଏବଂ ଏଠା ସେବକମାନଙ୍କର ଅବସ୍ଥା ଆହୁରି ଶୋଚନୀୟ ହେବ । ଯେଉଁମାନେ ଧର୍ମ ନାମରେ ଅଧର୍ମ କରିବାକୁ ଇଚ୍ଛା କରନ୍ତି ସେମାନେ ନିଶ୍ଚୟ ଯେ ତହିଁର ବିପରୀତ ଫଳ ପାଇବେ । ଏହା ନିଃସନ୍ଦେହ ।

# ପ୍ରାଚୀନଦୀ ତୀରର ଅନ୍ୟାନ୍ୟ
# ପ୍ରାଚୀନ କୀର୍ତ୍ତି (୨)

**ପ୍ରାଚୀନଦୀ ତୀରବର୍ତ୍ତୀ ମଠ**—ପୂର୍ବୋକ୍ତ ଦୁଇ ଶ୍ରେଣୀର ମନ୍ଦିର ବ୍ୟତୀତ ପ୍ରାଚୀତୀରରେ ଅନେକ ଗୁଡ଼ିଏ 'ମଠ' ଦେଖାଯାଏ । ଏହି ମଠଗୁଡ଼ିକରେ ବିଷ୍ଣୁଙ୍କ 'ପତିତପାବନ' (ଜଗନ୍ନାଥ) ମୂର୍ତ୍ତି ପୂଜାପାଏ । ଅଧିକାଂଶ ମଠ ସମ୍ଭବତଃ ୧୫/୧୬ଶ ଖ୍ରୀଷ୍ଟାବ୍ଦରୁ ସୃଷ୍ଟି ହୋଇଅଛି । ସେକାଳରେ ଏହି ଅଞ୍ଚଳରେ ଅସଂଖ୍ୟ ଯୋଗୀ ଋଷିମାନେ ମଠ ନିର୍ମାଣ କରି ବାସ କରିଥିବା କଥା ବର୍ଣ୍ଣିତ ଅଛି । କୃଷ୍ଣଭକ୍ତ ଅଚ୍ୟୁତାନନ୍ଦ ଦାସଙ୍କ ଶୂନ୍ୟ ସଂହିତାରେ ଯେଉଁ ମାଧୁରୀଙ୍କ ଉପାଖ୍ୟାନ ବର୍ଣ୍ଣିତ ଅଛି ତହିଁରେ ଲେଖାଅଛି—

"ଦଣ୍ଡକା ଅରଣ୍ୟ ପୂର୍ବ ପ୍ରାଚୀନଦୀ କୂଳେ
ତପୀ ଯତି ସନ୍ନ୍ୟାସୀଙ୍କ ସେଠାବରେ ମେଳେ
ଭ୍ରମିଣ କୁମରମଣି ସେଠାବରେ ହେଲା
ପର୍ଣ୍ଣଶାଳା ଦେଖିଣ ଆନନ୍ଦ ମନ କଲା

× ×

ଏକା ତପୀଙ୍କି ଯେ ଗୁମ୍ଫା ଶତେ ଗୋଟିକର
ଏତ ବଡ଼ ଅସମ୍ଭବ ଅଟଇ ଅବିଷ୍ଟର

× ×

ଗୁମ୍ଫା ଚିହ୍ନାଇବାକୁ ମାଧୁରୀ ସଙ୍ଗେ ଘେନି
ପର୍ଣ୍ଣଶାଳା ଯେତେକ ଚିହ୍ନାଇ ଦେଲେ ମୁନି
ବୋଲନ୍ତି ହେ ମାଧୁରି ! ଏ ଗୁମ୍ଫା ଗୋଲେକର
ଯୋଗାରୁଢ଼ ସାଧନ୍ତି ଏଠାରେ ମୀରା ଧୀର
ଏଠାରେ ମଲ୍ଲିକା ନାଥ ଗୁମ୍ଫା କରିଥାନ୍ତି ।
ଗୁରୁ ଅଜ୍ଞା ଘେନିଣ ସେ ଯୋଗ ଆରମ୍ଭନ୍ତି ।
ବୀରସିଂହ ଆଶ୍ରମ ଏ ଭରଦ୍ୱାଜ ବାଳ
ଯାଇ ଆସି ସାଧନ୍ତି ଯେ ତପୀ ବିଶଙ୍ଖୁଳ ।
ଲୋହି ଦାସ ମଠକରି ଥାଆନ୍ତି ଏଠାରେ
ଲୟେ କରିଥାନ୍ତି ନିରାକାର ଧ୍ୟାନପରେ ।
ବୀରସିଂହ ବିପରୀତ ଆଜ୍ଞାକାରୀ ଥାନ୍ତି
ବିଷମ ସନ୍ଧି ଯେ ନାଗାନ୍ତକ ସେ ସାଧନ୍ତି ।
ଇଚ୍ଛାଏ ଯାଆନ୍ତି ତପୀ ଶଏ ଯୁଗେ କ୍ଷଣେ
ଶ୍ରୀକୃଷ୍ଣ ନିଯୋଗ ଯେ ଅଣନ୍ତି ପ୍ରତିଦିନେ ।
ବାଲିଗାଁ ଦାସଙ୍କ ମଠ ମାଧୁରି ଯେ ଦେଖି
ମନୁ ଏକ ହେଲି ବୋଲି ବୋଲନ୍ତି ବାଲ୍ମୀକି ।
ଯୋଗାରୁଢ଼ ସାଧନ୍ତି ଏ ବ୍ରହ୍ମଜ୍ଞାନ ମୂଳ
କବଳ କରନ୍ତି ମୁନି ବୃକ୍ଷର ବକଳ ।
ଏ ସବୁ ଋଷି ଅଶ୍ରମ କେ ରହେ କେ କ୍ଷଣେ
ବନ ଯେ ଦୁର୍ଗମ ଲତା ବୁଲୁଥାନ୍ତି ବନେ
କେହୁ ଫଳ ମୂଳ ଖାନ୍ତି କେହୁଖାନ୍ତି ଜଳ
କେହୁଖାନ୍ତି ପବମାନ କେ ରହେ ନିର୍ଜଳ
ଏମନ୍ତେ ଏଠାରେ ଆମ୍ଭେ ଋଷିମାନ ହରୁ
ନିରଞ୍ଜନ ଶ୍ରୀକୃଷ୍ଣଙ୍କୁ ନିତ୍ୟେ ଅନୁସରୁ
ଦର୍ପିଷ୍ଟ ଦାନବଙ୍କର ଏହି ନାହିଁ ଭୟେ
ନିରାଲମ୍ବ ଭୂମି ଏଯେ କ୍ଷୁଧାତୃଷା ନୋହେ

× × ×

ଦଣ୍ଡକା ଅରଣ୍ୟ ପୂର୍ବ ପ୍ରାଚୀନଦୀ କୂଳ
ସବୁ ଋଷିମାନେ ତହିଁ ହୋଇଛନ୍ତି ମେଳ
ସେଠାରେ ପ୍ରବେଶ ଯାଇଁ ମାଧବ ଗୋସାଇଁ
ସର୍ବ ଋଷି ମାନଙ୍କୁ ପ୍ରଣାମ କଲେ ଯାଇଁ ।

(ଶୂନ୍ୟ ସଂହିତା ଦଶମ ଅଧ୍ୟାୟ)

ଭକ୍ତକବି ଅଚ୍ୟୁତାନନ୍ଦ ଦାସ ୧୫୧୧/୧୨ ଖ୍ରୀଷ୍ଟାବ୍ଦରେ ଜନ୍ମ ଗ୍ରହଣ କରିଥିବାର ରାୟ ସାହେବ ପଣ୍ଡିତ ଆର୍ତ୍ତବଲ୍ଲଭ ମହାନ୍ତି ସ୍ଥିର କରିଛନ୍ତି । * ଶ୍ରୀ ଚୈତନ୍ୟଙ୍କର ପଞ୍ଚସଖା ମଧ୍ୟରୁ ଅଚ୍ୟୁତ ଜଣେ ଥିଲେ । ସେ ଯେଉଁ କେତେକ ଗ୍ରନ୍ଥ ଲେଖି ଅଛନ୍ତି ତନ୍ମଧ୍ୟରୁ ଶୂନ୍ୟ ସଂହିତା ଅତି ଉତ୍କୃଷ୍ଟ ଗ୍ରନ୍ଥ । ଏହି ଗ୍ରନ୍ଥକୁ ସେ ତାହାଙ୍କର ୪୦/୫୦ ବର୍ଷ ବୟସରେ, ଅର୍ଥାତ୍ ୧୫୫୧/୫୨ ଖ୍ରୀଷ୍ଟାବ୍ଦରେ ଲେଖିଥିବାର ପ୍ରମାଣ ମିଳେ । ସେ ସମୟକୁ ପ୍ରାଚୀନଦୀ ଏ ଅଞ୍ଚଳର ଅତି ପ୍ରସିଦ୍ଧ ତୀର୍ଥସ୍ଥଳ ଥିଲା ଏବଂ ଏହି ତୀର୍ଥ ଭୂମିରେ ପୂର୍ବୋକ୍ତ ଗୋପାଳକ, ମଲ୍ଲିକାନାଥ, ନାରସିଂହ, ଲୋହିଦାସ ଓ ବାଳକ ଦାସ ପ୍ରଭୃତି ତପୀ ସନ୍ଥମାନେ ନିଜର ମଠମାନ ସ୍ଥାପନକରି ଯୋଗ ସାଧୁଥିଲେ । ତତ୍ପୂର୍ବରୁ ମଧ୍ୟ ଏହା ପ୍ରସିଦ୍ଧି ଲାଭ କରିଥିଲା । ଚୈତନ୍ୟ ଓଡ଼ିଶାକୁ ଆସିବା ସମୟରେ ଅର୍ଥାତ୍ ୧୫୦୯ ଖ୍ରୀଷ୍ଟାବ୍ଦରେ ଏହି ପ୍ରାଚୀତୀର ଆଶ୍ରମରୁ ଯୋଗୀ ଋଷିମାନେ ଯାଇ ତାହାଙ୍କର ଦର୍ଶନ ଲାଭ କରିଥିଲେ । 'ଶୂନ୍ୟ ସଂହିତା'ରେ ମାଧବଙ୍କୁ ଜଣେ ଋଷି କହିଥିଲେ —

"ଦିନ ପାଞ୍ଚ ସାତେ ହେଲା ତପୀ ଗଲେ କେଣେ
ଶୁଣିଥିଲୁ ଓଡ଼ିଶା ସେ କରିବେ ଭ୍ରମଣେ ।
ଶ୍ରୀକୃଷ୍ଣ ଉଦୟ ହେଲେ ସଖା ବୃନ୍ଦ ଘେନି
ବାର ସହ୍ର ଭକ୍ତ ଉଦେ ହେଲେ ବୋଲି ଶୁଣି ।"

---

* ରାୟ ସାହେବଙ୍କ ଦ୍ୱାରା ପ୍ରଣୀତ ପ୍ରାଚୀଗ୍ରନ୍ଥ ମାଳାର ଷଷ୍ଠ ଖଣ୍ଡ "ବ୍ରହ୍ମାଣ୍ଡ ଭୂଗୋଳ ଓ ଅଣାକାର ସଂହିତା" ମୁଖବନ୍ଧ ୨୮ ପୃଷ୍ଠା ଦେଖନ୍ତୁ ।

ପଞ୍ଚ ଶାଖାମୂଳେ ବାର ସପ୍ତ ଭକ୍ତ କୂଳେ
ଖୋଳ କରତାଳ ଧରି ଗାଇଲେ ସକଳେ
ଏହା ଶୁଣି କରି ଅବା ସେ ଠାବକୁ ଗଲେ
ମାଧୁରି ଶୁଣିଣ ହରି ହରି ବୋଲେ ବୋଲେ
ଋଷିଙ୍କୁ ପ୍ରଣାମ କରି ସୁଖେ ଚଳିଗଲ
ଶ୍ରୀକୃଷ୍ଣ ନାମକୁ ଗାଇ ସଂସାରେ ଭ୍ରମିଲ
(ଶୂ: ସ: ଦଶମ ଅଧ୍ୟାୟ)

**ଆଜି କାଲିର ମଠ**—ଶୂନ୍ୟ ସଂହିତାରେ ବର୍ଣ୍ଣିତ ମଠଗୁଡ଼ିକ ପ୍ରକୃତରେ କେଉଁଠାରେ ଥିଲି ସେକଥା ଜାଣିବା ପାଇଁ କୌଣସି ପ୍ରମାଣ ମିଳି ନାହିଁ । ଦୀର୍ଘ ଚୁରିଶତ ବର୍ଷ ମଧ୍ୟରେ ଏହି ମଠଗୁଡ଼ିକର ଅନେକ ପରିବର୍ତ୍ତନ ଓ ପରିବର୍ଦ୍ଧନ ହେବା ଅସମ୍ଭବ ନୁହେ । ଲୋକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକଭାବ ଯେପରି ଦିନକୁଦିନ ପରିବର୍ତ୍ତନ ହେଉଛି ଏ ଦେଶର ଧର୍ମପୀଠଗୁଡ଼ିକର ବିଶେଷତ୍ୱ ମଧ୍ୟ ବଦଳି ଯାଉଛି । ଆଜିକାଲି ପ୍ରାଚୀନଦୀ ତୀରରେ ନିମ୍ନ କେତେକ ପ୍ରସିଦ୍ଧ ମଠ ଦେଖାଗଲେ ମଧ୍ୟ ପ୍ରାଚୀନ କାଳର ସେହି ଧର୍ମଭାବ କିମ୍ବା ସ୍ଥାନର ମାହାତ୍ମ୍ୟ ସେପରି ଥିବାର ଦେଖାଯାଏ ନାହିଁ । ଏକ୍ଷଣି ପ୍ରାଚୀତୀରର ନିମ୍ନସ୍ଥାନଗୁଡ଼ିକରେ କେତୋଟି ମଠ ଦେଖାଯାଏ ।

| ମଠର ସ୍ଥାନ | ସଂକ୍ଷିପ୍ତ ପରିଚୟ |
|---|---|
| ୧-ଅନ୍ତର୍ବେଦୀମଠ | ପୁରୀଜିଲାର ବାଲିପାଟଣା ଥାନାସ୍ଥ ପଞ୍ଚୁଡ଼ିପାଟଣା ନିକଟବର୍ତ୍ତୀ ପ୍ରାଚୀନଦୀର ତ୍ରିବେଣୀ ଘାଟ ପାଖରେ ଅବସ୍ଥିତ । ପ୍ରାଚୀ ସରସ୍ୱତୀ ସଂଗେ ତାହାର ଉପନଦୀ ମଣିକର୍ଣ୍ଣିକା ଯେଉଁଠାରେ ମିଶୁଅଛି ସେ ଦୁଇ ନଦୀର ମଧ୍ୟରେ ଅନ୍ତର୍ବେଦୀ ମଠ ଅଛି । ଏଠାରେ ଜଣେ ବାବାଜି ରହନ୍ତି । ଏହାଙ୍କର ପୂର୍ବ ସାତପୁରୁଷ ଏଠାରେ ଥିଲେ । ଖଣ୍ଡିଏ ଛପର ଘରେ |

ଜଗନ୍ନାଥଙ୍କ ପତିତପାବନ ମୂର୍ତ୍ତି ପୂଜାପାନ୍ତି । ଅନ୍ୟ ଏକ ସ୍ଥାନରେ ଶିବ ଲିଙ୍ଗ ପୂଜାପାନ୍ତି । ମଠର ସମ୍ମୁଖରେ ତ୍ରିବେଣୀଘାଟ । ଏହି ଘାଟକୁ ସ୍ଥାନୀୟ ଥୋଡ଼ଆ ମାନେ ଇଟା ଓ ପ୍ରସ୍ତରରେ ବାନ୍ଧିଦେଇ ସୁନ୍ଦର କରିଛନ୍ତି ଉକ୍ତ ଘାଟରେ ଗୋଟିଏ ମର୍ମର ପ୍ରସ୍ତରରେ ନିମ୍ନ କେତୋଟି ଧାଡ଼ି ଲେଖାଯାଇଛି ।

ସନ ୧୩୪୦ ସାଲରେ
ଥୋଡ଼ଆ ଜାତି ଧା ୯ ନ
ଭାଇଙ୍କର ତ୍ରିବେଣୀ
ଧାରରେ ଅନ୍ତର ବେଦୀର
ଘାଟ ନିର୍ମାଣ
ମା: ଶ୍ରୀ ବାଞ୍ଛାନିଧି ସାହୁ
ସାଃ ପଣସ ପାଟଣା
ପ୍ରଃ କୋଠଦେଶ, ଜିଃ ପୁରୀ

ଏହି ମଠ ଓ ନଦୀଘାଟ ମଧ୍ୟସ୍ଥ ସ୍ଥାନ ଅତି ରମଣୀୟ ଦେଖାଯାଏ । ଏଠାରେ ଅସଂଖ୍ୟ ଯଜ୍ଞ ଖୁଣ୍ଟମାନ ଦେଖାଯାଏ । ଗୋଟିଏ ଖୁଣ୍ଟରେ ୧୩୦୭ ସାଲ ଓଡ଼ିଆରେ ଖୋଳାଯାଇ ଥିବାର ଦେଖାଯାଏ । ଥୋଡ଼ଆମାନେ ନିଜର ଜାତିଆଣ ବୈଠକ ପାଇଁ ଏଠାରେ ଗୋଟିଏ ସୁନ୍ଦର ଆଶ୍ରମ ଘର ୧୩୪୨ ସାଲରେ କରିଛନ୍ତି ।

"ଦୁଇ ଦେବଙ୍କ ଅନ୍ତରାଳ
ଭୂମି ବ୍ରହ୍ମାଣ୍ଡ ଅନର୍ଗଳ
ନାମ ତାଙ୍କର ଅନ୍ତର୍ବେଦୀ
ସାଯୁଜ୍ୟ ମୋକ୍ଷ ପ୍ରଭୃବାଦୀ

(ପ୍ରାଃ ମାଃ ୫ମ ଅଧ୍ୟାୟ)

ଏହି ଅନ୍ତର୍ବେଦୀ ମଠର ପ୍ରାୟ ଅଧମାଇଲ ପଶ୍ଚିମରେ ପ୍ରତିବର୍ଷ ମାଘ ଅମାବାସ୍ୟାଦିନ ତ୍ରିବେଣୀ ମେଳା ହୁଏ । ଅନ୍ତର୍ବେଦୀରେ ଥିବା ମାଧବୀ ଲତାରେ ଭଗବାନ ଶ୍ରୀକୃଷ୍ଣ ଦିନେ ଶୋଇଥିବାରୁ ଯରାଶବର ତାହାଙ୍କୁ ଘାତ କରିଥିବାର କିମ୍ବଦନ୍ତୀ ଅଛି ।

**୨-ଅର୍କତୀର୍ଥ ମଠ**—ନିଆଳି ଗ୍ରାମର ଏକମାଇଲ ପଶ୍ଚିମରେ ପ୍ରାଚୀନଦୀର ଉତ୍ତର ତୀରରେ ନୂଆଗାଁ ନାମକ ଗ୍ରାମରେ 'ଅର୍କତୀର୍ଥ ମଠ' ଅଛି । ପ୍ରତିବର୍ଷ ମାଘସପ୍ତମୀ ଦିନ ଏଠାରେ ମେଳା ଓ ଯାତ୍ରା ହୁଏ ।

**୩-ରାଧାକାନ୍ତ ମଠ**—ନୂଆଗାଁର ପ୍ରାୟ ଅଧମାଇଲ ଉତ୍ତରରେ ଏହି ମଠ ଦେଖାଯାଏ ।

**୪-ଅନ୍ଧୁଣିଆ ମଠ**—ନିଆଳିର ଅଧମାଇଲ ପୂର୍ବରେ ପ୍ରାଚୀ ନଦୀ ଉତ୍ତରବାହିନୀ ହୋଇଅଛି । ଏହି ସ୍ଥାନକୁ ସୁନାମୁହିଁ କହନ୍ତି । ଏଠାରେ ପୂର୍ବେ ଋଷିମାନଙ୍କର ଆଶ୍ରମ ଥିବାର ସ୍ଥାନୀୟ କିମ୍ବଦନ୍ତୀ ଅଛି ।

**୫-ସିଦ୍ଧ ମଠ**—ନିଆଳିଠାରୁ ୩ ମାଇଲ ଦକ୍ଷିଣପୂର୍ବରେ ପ୍ରାଚୀ ନଦୀରୁ ଚନ୍ଦ୍ରମୌଳୀ ନାମକ ଯେଉଁ 'ଦ୍ୱିତୀୟ ଶାଖାନଦୀ ବାହାରିଛି ସେହି ଶାଖା ଓ ପ୍ରାଚୀ ମଧ୍ୟରେ ଏହି ମଠ ଦେଖାଯାଏ । ଏହା ନିକଟରେ 'ପଦ୍ମ-ମାଳ' ନାମକ ଗଉଡ଼ ଗ୍ରାମ ଅଛି । ସିଦ୍ଧମଠ ପ୍ରଥମେ ଜଣେ ବାଉରି ସାଧକ ଦ୍ୱାରା ସ୍ଥାପିତ ହୋଇଥିଲା । ଉକ୍ତ ବାଉରି ପୁରୀରେ କୌଣସି ମହନ୍ତଙ୍କଠାରୁ ଧର୍ମୋପଦେଶ ଲଭିକରି ଏଠାକୁ ଆସି ଏହି ମଠ ସ୍ଥାପନ କରିଥିଲେ । ଏହି ମଠ ସ୍ଥାପନ କଲାଦିନରୁ ଏ ଅଞ୍ଚଳର ହଇଜା ପ୍ରଭୃତି କଠିଣ ରୋଗୀ-ମାନେ ଉକ୍ତ ବାଉରି ସାଧକର ହୁକୁମଦ୍ୱାରା ମୁକ୍ତିଲାଭ କରୁଥିବାର କିମ୍ବଦନ୍ତୀ ଅଛି । ଏବେଣି ତାଙ୍କର ଜଣେ ଚେଲା ଏଠାରେ ଅଛନ୍ତି । ସେ ସେପରି ହୁକୁମ ଦେବାର ଜଣାଯାଏ ନାହିଁ । ଏହି ସିଦ୍ଧମଠ ନିକଟରେ ପ୍ରାଚୀତୀରରେ ମାଧବ ଗ୍ରାମର ମାଧବାନନ୍ଦ ଠାକୁର ପ୍ରତିବର୍ଷ ମାଧବ ଏକାଦଶୀକୁ ଯମୁନାସ୍ନାନ କରିବାପାଇଁ ଆସନ୍ତି ।

**୬-ଗୁରୁଦେବ ଆଖଡ଼ା**—ପ୍ରାଚୀନଦୀର ଚନ୍ଦ୍ରବଂଶୀ ଗ୍ରାମ-ନିକଟବର୍ତ୍ତୀ (ନଦୀର ଦକ୍ଷିଣତୀରରେ) ଗୋଟିଏ ମଠ । ଏଠାରେ ଗୋଟିଏ ଛପରଘରେ ଜଗନ୍ନାଥ ମୂର୍ତ୍ତି ପୂଜା ପାଆନ୍ତି । ପୂର୍ବେ ଏଠାରେ ହୁକୁମ ଦିଆ ହେଉଥିଲା ।

**୭-ଗୋପାଳ ମଠ**—ପ୍ରାଚୀନଦୀର ଉତ୍ତରତୀରରେ ପ୍ରୋକ୍ତ 'ଚନ୍ଦ୍ରବଂଶୀ' ଗ୍ରାମ ଓ ଗୁରୁଦେବ ଆଖଡ଼ାର ପ୍ରାୟ ଦେଢମାଇଲ ଉତ୍ତର ପୂର୍ବରେ ଅବସ୍ଥିତ । ଏହି ମଠ ନିକଟରେ 'କୁଦପାଟଣା' ଅଛି । ଏହି ମଠରେ ଜଣେ ବାବାଜି ରହି ବସ୍ତ୍ରମୂର୍ତ୍ତି ପୂଜା କରନ୍ତି । ଉକ୍ତ କବି ଅଚ୍ୟୁତାନନ୍ଦ ଦାସଙ୍କୁ 'ଗୋପାଳ ଗୁରୁଗୋସେଇଁ' କୁହାଯାଉଥିଲା (ଅଣାକାର ସଂହିତା ୨୪୮ ପୃଷ୍ଠା) । ପୁରୀରେ କୁଣ୍ଢେଇବେଣ୍ଟ ସାହିର ଗୋପାଳ ମଠ ଏହାଙ୍କର ପ୍ରଧାନପୀଠ ଥିଲା । ପ୍ରାଚୀ ତୀରବର୍ତ୍ତୀ ଏହି ଗୋପାଳମଠ ସମ୍ଭବତଃ ତାହାର ଅନୁକରଣରେ ପ୍ରତିଷ୍ଠିତ ।

**୮-ଅଗି ମଠ**—ପ୍ରାଚୀତୀରବର୍ତ୍ତୀ ନିପାଣିଆ ଗଡ଼ର ପ୍ରାୟ ଏକ-ମାଇଲ ଦୂର ପ୍ରାଚୀର ଉତ୍ତର ତୀରରେ ପୂର୍ବେ ଗୋଟିଏ ମଠ ଥିଲା । ଏହାକୁ 'ଅଗି ମଠ' କୁହାଯାଏ । ଆଜିକାଲି ଏଠାରେ ସ୍ଥାନୀୟ ଲୋକମାନଙ୍କର ବାର୍ଷିକ ସଂକୀର୍ତ୍ତନ ମେଳା ପ୍ରଭୃତି ହୁଏ ।

**୯-ରୋହଣୀ ମଠ**—କାକଟପୁର ଥାନାର ବୋଲଗ୍ରାମ ନିକଟରେ ପ୍ରାଚୀନଦୀର ପୂର୍ବତୀରରେ ଏହି ମଠ ଅଛି । ଏଠାରେ ପ୍ରାଚୀର 'ରୋହଣୀକୁଣ୍ଡ' ନାମକ ପାତାଳଫୁଟୀ ଗଣ୍ଡ ଅଛି । ଜଣେ ବାବାଜି ଏହି ମଠରେ ରହନ୍ତି । ମଠର ଅନେକ ସଂପତ୍ତି ଥିଲା, କିନ୍ତୁ ନଦୀବଢିରେ ସେସବୁ ନଷ୍ଟ ହୋଇଛି ।

**୧୦-ବିଶ୍ୱାମିତ୍ର ମଠ**—ରୋହଣୀ ମଠର ପ୍ରାୟ ଦେଢମାଇଲ ପୂର୍ବରେ ନଦୀର ଉତ୍ତର ତୀରରେ 'ବିଶ୍ୱାମିତ୍ର ମଠ' ଅଛି । ଜଣେ ବାବାଜି ଏଠାରେ ରହି ପ୍ରାଚୀନ ବରାହ ଓ ବାମନ ପ୍ରସ୍ତର ମୂର୍ତ୍ତିଗୁଡ଼ିକୁ ପୂଜା କରନ୍ତି । ସ୍ଥାନଟି ଅତି ରମଣୀୟ ଦେଖାଯାଏ । ଏଠାରେ ଏକାଧିକ ବାବାଜି ଯଜ୍ଞ କରିଥିବାର କିମ୍ବଦନ୍ତୀ ଅଛି ।

**୧୧-ଚକଆ ମଠ**—କାକଟପୁର ଥାନାର ହରିଦାସପୁର ଗ୍ରାମରେ ପ୍ରାଚୀ ନଦୀର ଦକ୍ଷିଣତୀରରେ ପତିତପାବନ ମୂର୍ତ୍ତି ପୂଜା ପାଆନ୍ତି ।

**୧୨—ଦେଉଳୀ ମଠ**—ଚକଆ ମଠରୁ ପ୍ରାୟ ଦେଢ଼ ମାଇଲ ଦକ୍ଷିଣ ପୂର୍ବକୁ ପ୍ରାଚୀର ଉତ୍ତର ତୀରରେ ପ୍ରାୟ ୭୦/୮୦ ବର୍ଷ ହେଲା ରାମଦାସ ନାମକ ଜଣେ ବାବାଜି ଏଠାର ଜଙ୍ଗଲ ଛାଡ଼ି ଏହି ମଠ ସ୍ଥାପନ କରିଥିଲେ । ଏଠାରେ ପତିତପାବନ ମୂର୍ତ୍ତି ପୂଜା ପାଆନ୍ତି । ଏଠାରେ ନାନା ରକମ ଫଳ ଓ ଫୁଲ ବଗିଚା ଅଛି । ଏକ୍ଷଣି ଏହି ସ୍ଥାନ ଏମାର ମଠ ଅଧୀନରେ ରହିଛି ।

**୧୩-ଅତିବଡ଼ି ମଠ**—କାକଟପୁର ଥାନାର କୁଣ୍ଡେଇ ନାମକ ସ୍ଥାନରେ ପ୍ରାଚୀର ପଶ୍ଚିମତୀରରେ ଗୋଟିଏ ଛପର ଘରେ ପତିତପାବନ ପୂଜାପା'ନ୍ତି । ଜଣେ ବାବାଜି ଏଠାରେ ରହନ୍ତି ।

**୧୪-ଯଷ୍ଟିବଟି ମଠ**—ଦେଉଳୀ ମଠ ଏମାର ମହନ୍ତଙ୍କ ହସ୍ତଗତ ହେବାରୁ ସେଠାର ବାବାଜିମାନେ ତଡ଼ା ଖାଇଲେ । ସେମାନଙ୍କ ମଧ୍ୟରୁ କେତେଜଣ ଆସି ପ୍ରାଚୀର ପୂର୍ବ ତୀରରେ ଦ୍ରୋକ୍ତ' ଅତିବଡ଼ି ମଠର ସମ୍ମୁଖରେ ଏହି ମଠ ସ୍ଥାପନ କରିଛନ୍ତି ।

**୧୫-ବନ୍ତ ମଠ**—ଅତିବଡ଼ି ମଠରୁ ପ୍ରାୟ ୨ ମାଇଲ ଦକ୍ଷିଣରେ ନଦୀର ପଶ୍ଚିମ ତୀରରେ ଏହି ମଠ ଅଛି । ଏଠାରେ ଜଣେ ବାବାଜି ରହନ୍ତି ।

**୧୬-ଅପ୍ସରା ମଠ**—ବନ୍ତରୁ ପ୍ରାୟ ୨ ମାଇଲ ଦକ୍ଷିଣ ପୂର୍ବରେ ନଦୀର ପୂର୍ବ ତୀରରେ 'ଅପସରା ମଠ' । ଏହି ମଠ ସମ୍ବନ୍ଧରେ ପ୍ରାଚୀମାହାତ୍ମ୍ୟରେ ଗୋଟିଏ ବିଚିତ୍ର କଥା ବର୍ଣ୍ଣିତ ଅଛି । ଜଣେ ଋଷି ଏହି ପ୍ରାଚୀ ତୀରରେ ଘୋର ତପସ୍ୟା କରୁଥିଲେ । ତାହାଙ୍କ ତପ ଭାଙ୍ଗିବାପାଇଁ ଇନ୍ଦ୍ରଙ୍କ ଆଦେଶରେ 'ପ୍ରମ୍ଳୋଚା' ନାମକ ଅପ୍ସରା ଆସି ଏହି ମୁନିଙ୍କ ତପ ଭାଙ୍ଗିଥିଲା । ତପ ଭଙ୍ଗ ସଙ୍ଗେ ସଙ୍ଗେ ମୁନି ସେହି ଅପ୍ସରାକୁ ଧରି ନବସହସ୍ର ନବମାସ ପୁଣି ସାତମାସ ତିନଦିନ କାଳ

କଟାଇଥିଲେ । ଏକାଧିକବାର ଅପ୍‌ସରା ନିଜପୁରକୁ ଯିବାପାଇଁ ଇଚ୍ଛା କରି ସୁଦ୍ଧା ଯାଇପାରିନଥିଲା । ଦିନେ ସନ୍ଧ୍ୟା ସମୟରେ ସେହି ମୁନି ପ୍ରାଚୀରେ ସଂଧ୍ୟା କରିବାପାଇଁ ବାହାରିଲେ । ସେତିକିବେଳେ ଉକ୍ତ ଅପ୍‌ସରାଙ୍କଠାରୁ ଶୁଣିଲେ ଯେ ସେ ଏତେକାଳ ତା ସଙ୍ଗେ ମାତିଥିଲେ । ଏଥିରେ ମୁନି କ୍ରୋଧାନ୍ୱିତହୋଇ ଉକ୍ତ ଅପ୍‌ସରାକୁ ପ୍ରାଚୀରେ କମ୍ଭୀର ହେବାପାଇଁ ଅଭିଶାପ ଦେଇଥିଲେ । ସେହିଦିନୁ ଏହି ମଠର ନାମ ଅପ୍‌ସରା ମଠ ହୋଇଥିଲା । କାଳକ୍ରମେ ଏହା ଅପଖରା ମଠ ବୋଲି ପରିଚିତ ।

( ପ୍ରାଚୀମାହାତ୍ମ୍ୟ-୨୨-୨୩ ଶ ଅଧ୍ୟାୟ )

ଅପସରା ମଠ ପରେ ପ୍ରାଚୀନଦୀ ତୀରରେ ଆଉ ସେପରି କୌଣସି ଉଲ୍ଲେଖଯୋଗ୍ୟ ମଠ ଦେଖାଯାଏ ନାହିଁ ।

## ପ୍ରାଚୀନଦୀ ତୀରରେ ଥିବା ଆଧୁନିକ ମଠର କେତୋଟି ବିଶେଷତ୍ୱ—

(୧) ଏକ୍ଷଣି ପ୍ରାଚୀନଦୀ ତୀରରେ ଥିବା ମଠଗୁଡିକର ଇତିହାସ ପ୍ରାୟ ଶତାବ୍ଦୀବର୍ଷ ମଧ୍ୟରେ ଲୁପ୍ତ ଥିବାର ଜଣାଯାଏ । କେବଳ ଅନନ୍ତବେଣୀ, ବିଶ୍ୱାମିତ୍ର ଓ ଅପ୍‌ସରା ମଠ ବ୍ୟତୀତ ଅନ୍ୟ କୌଣସି ମଠର ନାମୋଲ୍ଲେଖ ପ୍ରାଚୀମାହାତ୍ମ୍ୟରେ ଦେଖାଯାଏ ନାହିଁ ।

(୨) ପ୍ରାୟ ସବୁ ମଠଗୁଡ଼ିକ ସାଧାରଣ ମାଟିକାନ୍ଥ ଓ ଛପରଘର ଥିବାର ଦେଖାଯାଏ ।

(୩) ପ୍ରତ୍ୟେକ ମଠରେ ଜଣେ ବାବାଜି ବାସ କରନ୍ତି ।

(୪) ପ୍ରତ୍ୟେକ ମଠରେ ବିଷ୍ଣୁ ପ୍ରତିମା ପୂଜାହୁଏ । ଜଗନ୍ନାଥଙ୍କ ପତିତପାବନ ମୂର୍ତ୍ତି କିମ୍ବା ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସ୍ଥାପିତ ହୋଇଥିବାର ଦେଖାଯାଏ ।

(୫) ଏହି ମଠଗୁଡ଼ିକରେ ଥିବା ବାବାଜିମାନେ ସେପରି କୌଣସି ପୁରାଣର ଚର୍ଚ୍ଚା ପ୍ରଭୃତି କରନ୍ତି ନାହିଁ । ମୁଁ ଦେଖିଥିବା କୌଣସି ବାବାଜି

'ପ୍ରାଚୀମାହାତ୍ମ୍ୟ' ମଧ୍ୟ ପଢିଥିବାର ଜଣା ନାହିଁ । ଧର୍ମଜ୍ଞାନ ବା ଆଧ୍ୟାତ୍ମିକ-ଜ୍ଞାନ ସମ୍ବନ୍ଧରେ ଏମାନଙ୍କ ଜ୍ଞାନ ଅତି ସୀମାବଦ୍ଧ ଦେଖାଯାଏ ।

(୬) ଅଧିକାଂଶ ମଠର କିଛି ସ୍ଥାୟୀ ଭୂସମ୍ପତ୍ତି ଅଛି । ଏହି ଜମିର ଆୟରେ ଠାକୁରଙ୍କ ଭୋଗ ଚାଲିଯାଏ । ସେଥିପାଇଁ ବାବାଜି-ମାନଙ୍କୁ ଅଧିକ ପରିଶ୍ରମ କରିବାପାଇଁ ପଡେ ନାହିଁ ।

(୭) ଧର୍ମଜ୍ଞାନ ଚର୍ଚ୍ଚା ଅଭାବରୁ ଅନେକ ମଠର ବାବାଜି କେବଳ ଗଞ୍ଜା ଚିଲମର ସଦବ୍ୟବହାର କରିବାପାଇଁ ସ୍ଥାନୀୟ କେତେଜଣ ଅକର୍ମାଙ୍କୁ ନିଜର ଦୈନିକ ବନ୍ଧୁ କରିଥାନ୍ତି ।

(୮) କୌଣସି ମଠରେ ପ୍ରାଚୀନ ଯୁଗର ପୋଥି, ପୁରାଣ, ତାମ୍ର ଶାସନ ପ୍ରଭୃତି ରଖାଯାଇ ନାହିଁ ।

(୯) ପ୍ରାଚୀନଦୀର ପୌରାଣିକ ମାହାତ୍ମ୍ୟ ସମ୍ବନ୍ଧରେ କୌଣସି ମଠର ବାବାଜି ବିଶେଷ କିଛି ସମ୍ବାଦ ରଖି ନାହାନ୍ତି ।

(୧୦) ପ୍ରାଚୀତୀରରେ ବାସ କରୁଥିବା ଜଣେ ବାବାଜି ପ୍ରାଚୀର ଦ୍ୱାଦଶ ଶମ୍ଭୁଙ୍କୁ କେବେ ଦେଖିଥିବାର କହି ନାହାନ୍ତି ।

**ଏ ଅଞ୍ଚଳର ଆହୁରି ଅସଂଖ୍ୟ ଆଧୁନିକ ମଠ—** ପ୍ରାଚୀନଦୀର ଉତ୍ତର ତୀର ଅପେକ୍ଷା ଦକ୍ଷିଣ ତୀରରେ ଏବଂ ପ୍ରାଚୀ ଓ ବଙ୍ଗୋପସାଗର ମଧ୍ୟସ୍ଥ କାକଟପୁର ଥାନାରେ ଅସଂଖ୍ୟ ଆଧୁନିକ ମଠ ଦେଖାଯାଏ । ଏ ସବୁ ମଠଗୁଡିକ ପୁରୀର କୌଣସି ବଡ଼ ମଠ ଯଥା ଏମାର, ରାଧାକୃଷ୍ଣ, ଉତ୍ତର ପାର୍ଶ୍ୱ, ଦକ୍ଷିଣ ପାର୍ଶ୍ୱ, ମହି ପ୍ରକାଶ ପ୍ରଭୃତି ଅଧୀନରେ ରହିଥିବାର ଦେଖାଯାଏ । ପୂର୍ବ କାଳରେ ଏ ଅଞ୍ଚଳର ଜମିଦାରମାନେ ଜଗନ୍ନାଥଙ୍କ ଅମୃତମଣୋହି ସକାଶେ ଏ ଅଞ୍ଚଳର ଜମିଗୁଡିକ ଦାନ କରି ଦେଇଥିବାରୁ ଏସବୁ ଅଞ୍ଚଳ ପୁରୀର ମଠ ମହନ୍ତମାନେ ହସ୍ତଗତକରି ନିଜ ନିଜ ରୁଚି ଅନୁସାରେ ସ୍ଥାନେ ସ୍ଥାନେ ମଠମାନ ସ୍ଥାପନ କରିଥିବାର ପ୍ରମାଣ ମିଳେ । ପୂର୍ବୋକ୍ତ ଆଧୁନିକ ମଠ-ଗୁଡିକରେ ଯେଉଁସବୁ ବିଶେଷତ୍ୱ ଦେଖାଯାଏ, ଏଠାରେ ମଧ୍ୟ ଠିକ୍ ସେହି ଅବସ୍ଥା ଚାଲେ ।

ପୁରୀ ମହନ୍ତମାନଙ୍କ ଅଧୀନରେ ଥିବା ମଠ ବ୍ୟତୀତ ପ୍ରାଚୀନଦୀ ଓ ବଙ୍ଗୋପସାଗର ମଧ୍ୟରେ ଥିବା କାକଟପୁର ଥାନାରେ କେତୋଟି ମଠରେ ସ୍ୱତନ୍ତ୍ର ମହନ୍ତ ରହନ୍ତି ଓ ସେମାନଙ୍କ ଦ୍ୱାରା ଏହି ମଠର ସମସ୍ତ ଆୟ ବ୍ୟୟ ବୁଝାଯାଏ । ଏ ଶ୍ରେଣୀ କେତୋଟି ମଠର ମହନ୍ତ ସ୍ଥାନୀୟ ଗଉଡ଼, ଶୂଦ୍ର ଓ ବାଉରି ପ୍ରଭୃତି ଜାତିର ନାମଦିଆ ଗୁରୁ ଅଟନ୍ତି ।

**୭ମ-ଗାଦି**—ପ୍ରାଚୀନଦୀର ସ୍ଥାନେ ସ୍ଥାନେ (ଦୁଇକୂଳରେ) କେତେକ 'ଗାଦି' ବା 'ଧର୍ମପୀଠ' ଦେଖାଯାଏ । ଏହି ଗାଦିଗୁଡିକର କୌଣସି ଠାକୁର କିମ୍ବା କୌଣସି ମହନ୍ତ ପ୍ରଭୃତି ଦେଖାଯାନ୍ତି ନାହିଁ କିମ୍ବା କୌଣସି ଗାଦିପାଇଁ ସ୍ୱତନ୍ତ୍ର ମନ୍ଦିର ମଧ୍ୟ ନଥାଏ । କୌଣସି ଗୋଟିଏ ବର, ନିମ୍ବ, ସାହାଡ଼ା ପ୍ରଭୃତି ବୃକ୍ଷ ମୂଳରେ ଗୋଟିଏ ମାଟିର ସ୍ତୂପ ପୀଢ଼କରି ତାହାକୁ 'ଗାଦି' କୁହାଯାଏ । ଏହି ଗାଦିଥିବା ସ୍ଥାନରେ ଗୋଟିଏ ଧଳା ପତାକା ଖଣ୍ଡିଏ ବାଉଁଶରେ ଲଟକା ଯାଇଥାଏ । ସାମୟିକ ସ୍ଥାନୀୟ ଲୋକମାନେ ଏଠାରେ ଏକତ୍ରହୋଇ 'ନାମ ସଂକୀର୍ତ୍ତନ' ପ୍ରଭୃତି କରନ୍ତି । ସମୟ ସମୟରେ କେତେକ ଗାଦି ବୈଠକରେ ଗଞ୍ଜା ଓ ଭାଙ୍ଗର ସଦବ୍ୟବହାର ମଧ୍ୟ ହୁଏ । ଏଠାର ଭକ୍ତମାନେ 'ଗାଦି ଗୋସେଇଁ' ନାମରେ ମୁଣ୍ଡି ଆଟିଏ ମାରି ଯାନ୍ତି । ଏ ଶ୍ରେଣୀ ଗାଦି ଆଜି କାଲି ଅନେକ ସ୍ଥାନରେ ଅଛି । ତନ୍ମଧ୍ୟରୁ ପୂର୍ବୋକ୍ତ 'ଅଗିମଠ' ଗୋଟିଏ ଗାଦି ଏବଂ ନୈରି ଝାଡ଼ ଜଙ୍ଗଲରେ 'ବାଲିନାସି' ନାମକ ଗାଦି ପ୍ରସିଦ୍ଧ ଅଟେ । * ଏହି ଗାଦିର ସୃଷ୍ଟି ସଂଭବତଃ ଓଡ଼ିଶାର ଅଲେଖ ଧର୍ମ ପ୍ରଚାର ପରେ ହୋଇଛି । କାରଣ ଏଠାରେ 'ନିରାକାର'ଙ୍କୁ ପୂଜା ହୁଏ । ନିରାକାର ଭକ୍ତମାନେ ଗାଦି ଓ 'ଗାଦି ଗୋସାଇଁ'ଙ୍କ କଥା ବହୁବାର କହି ବୁଲନ୍ତି । ପ୍ରାଚୀ ଖାତର କେତେକ ଗ୍ରାମରେ ଅଲେଖ ଭକ୍ତମାନେ ବାସ କରନ୍ତି । ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ପୀଠ ବା ମଠ ନାହିଁ । କେବଳ ଶୂନ୍ୟରେ

---

* ଲଳିତା ନଦୀର ମୁହାଣରେ ଯେଉଁ 'ମାତଂଗ ଋଷିଙ୍କ ଗାଦି' ଅଛି ସେ କଥା ପୂର୍ବେ କୁହା ଯାଇଛି । ଏହି ଗାଦି ଗୋଟିଏ ବରଗଛ ମୂଳରେ ଦେଖାଯାଏ । ଏଠାରେ ମାଟିର ଗୋଟିଏ ସ୍ତୂପ ଏବଂ ଖଣ୍ଡିଏ ଧଳା କନାର ପତାକା ଅଛି । ନଦୀବଢ଼ି ସମୟରେ ଏହି ଗାଦିର ଚତୁର୍ଦ୍ଦିଗ ପାଣି ଭର୍ତ୍ତି ହେଲେ ମଧ୍ୟ ଗାଦିର ଉପରିଭାଗ ପାଣିରେ ବୁଡ଼େ ନାହିଁ ବୋଲି ସ୍ଥାନୀୟ ଲୋକମାନେ ବିଶ୍ୱାସ କରନ୍ତି ।

ସେମାନେ ସେହି ଶୂନ୍ୟକୁ ହିଁ ଉପାସନା କରନ୍ତି ଏବଂ ଉପାସନା ଶେଷରେ ଭୂମିରୁ ମାଟି ଟିକିଏ କାଢି କାନରେ ଲଗାନ୍ତି । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ କେବଳ ଅଲେଖ ଧର୍ମ ପ୍ରବୃତ୍ତିର ହିନଠାରୁ ଏ ଶ୍ରେଣୀ ଗାଦିଗୁଡ଼ିକ ପ୍ରାଚୀନଦୀର ଦୁଇ ତୀରର ସ୍ଥାନେ ସ୍ଥାନେ ସ୍ଥାପିତ ହୋଇଛି ।

**୪ର୍ଥ-ଗଡ଼—** ପ୍ରାଚୀନଦୀର ଆରମ୍ଭରୁ ଶେଷଯାଏ ତାହାର ଦୁଇ ତୀରରେ ଅସଂଖ୍ୟ ପ୍ରାଚୀନ 'ଗଡ଼' ଦେଖାଯାଏ । ଓଡ଼ିଶାର ପ୍ରାଚୀନ ଇତିହାସରୁ ଜଣାଯାଏ ଯେ ଏ ଦେଶର ସ୍ୱାଧୀନ ରାଜାମାନେ ଦେଶର ସ୍ଥାନେ ସ୍ଥାନେ ଅସଂଖ୍ୟ ଦୁର୍ଗ ନିର୍ମାଣ କରାଇ ନିଜର ବିଶ୍ୱସ୍ତ ସାମନ୍ତ ରାଜାମାନଙ୍କୁ ଏବଂ ସେମାନଙ୍କ ଅଧୀନରେ ଅସଂଖ୍ୟ ସୈନ୍ୟ ସାମନ୍ତ ରଖାଇଥିଲେ । ଏହି ସାମନ୍ତରାଜା ଓ ତାହାଙ୍କ ଅଧୀନସ୍ଥ ସୈନ୍ୟସାମନ୍ତ ଯୁଦ୍ଧବେଳେ କେନ୍ଦ୍ର ସରକାରଙ୍କୁ ସାହାଯ୍ୟ କରୁଥିଲେ । ଦେଶ ଶାନ୍ତି ସମୟରେ କୃଷି ବାଣିଜ୍ୟାଦି କରି ସୁଖରେ ଥିଲେ ଏବଂ ନିଜ ଦେଶ ମଧ୍ୟରେ କୌଣସି ବାହ୍ୟ ଶତ୍ରୁକୁ ପଶାଇ ନଦେବା ଦିଗରେ ବିଶେଷ ଦୃଷ୍ଟି ଦେଉଥିଲେ । ଆକବର ବାଦ୍‌ଶାଙ୍କ ସଭାମନ୍ତ୍ରୀ ଓ ପରିବ୍ରାଜକ ଆବୁଲ୍ ଫାଜଲ ତାହାଙ୍କର 'ଆଇନ ଆକ୍‌ବରି'ରେ ଏପରି ଅସଂଖ୍ୟ ଗଡ଼ ଓ ଦୁର୍ଗର ନାମ ଦେଇଛନ୍ତି । କିନ୍ତୁ ଏଗୁଡ଼ିକ ପ୍ରକୃତରେ କେଉଁ ସ୍ଥାନରେ ଥିଲା ତାହା ସେ ନିର୍ଣ୍ଣୟ କରି ନଥିଲେ । ତଥାପି ଆଜିକାଲି ପ୍ରାଚୀନଦୀର ସେହି ଅସଂଖ୍ୟ ଗଡ଼ଗୁଡ଼ିକୁ ଦେଖିଲେ ସେ ଗୁଡ଼ିକ ଏକ ସମୟରେ ସୈନ୍ୟସାମନ୍ତଙ୍କ ଦ୍ୱାରା ସୁଦୃଢ଼ ହୋଇଥିବାର ସ୍ପଷ୍ଟ ବୁଝାଯାଇ ପାରେ ।

**ପ୍ରାଚୀନଦୀ ତୀରବର୍ତ୍ତୀ ଗଡ଼ଗୁଡ଼ିକର କେତୋଟି ବିଶେଷତ୍ୱ—** ପ୍ରାଚୀନଦୀର ଦୁଇକୂଳରେ ଥିବା ଗଡ଼ଗୁଡ଼ିକର ନିମ୍ନ କେତୋଟି ବିଶେଷତ୍ୱ ଦେଖାଯାଏ ।

୧ । ଆଜିକାଲି ଏଠାର ପ୍ରାଚୀନ ଗଡ଼ଗୁଡ଼ିକ କେବଳ ନାମକୁ ମାତ୍ର ଗଡ଼ବୋଲି ପରିଚିତ ଅଟେ । କୌଣସି ଗଡ଼ରେ ସେପରି ସୈନ୍ୟସାମନ୍ତ କିମ୍ବା ସାମନ୍ତ ରାଜାଙ୍କର ବଳିଷ୍ଠ ବଂଶଧର ଦେଖାଯାନ୍ତି ନାହିଁ ।

୨ । ପ୍ରାୟ ସବୁ ଗଡ଼ଗୁଡ଼ିକ ଭାଙ୍ଗିଯାଇ ସାଧାରଣ ଗ୍ରାମରେ ପରିଣତ ହୋଇଅଛି । କୌଣସି ସ୍ଥାନରେ ପ୍ରାଚୀନ କାଳର ପ୍ରାଚୀର, ଗଡ଼ଖାଇ, ରାଜା ଓ ସୈନ୍ୟ ନିବାସ ପାଇଁ ଉପଯୁକ୍ତ ଘର ପ୍ରଭୃତି ଦେଖାଯାଏ ନାହିଁ ।

୩ । କୌଣସି ଗଡ଼ର ଗଡ଼ୁଆ ସାମନ୍ତ କିମ୍ବା ତାହାଙ୍କ ଅଧୀନସ୍ଥ ପାଇକମାନେ ଯୁଦ୍ଧ ବିଦ୍ୟାରେ ନିପୁଣ ଥିବାର ଦେଖାଯାନ୍ତି ନାହିଁ ।

୪ । କୌଣସି ଗଡ଼ର ସାମନ୍ତ ବଂଶଧର କିମ୍ବା ପାଇକ ମାନଙ୍କଠାରେ ପ୍ରାଚୀନ କିମ୍ବା କିମ୍ବା ଆଧୁନିକ ଧରଣର ଅସ୍ତ୍ରଶସ୍ତ୍ର ନାହିଁ ।

୫ । ଦୁଇ ତିନିଟି ଗଡ଼କୁ ଛାଡ଼ିଦେଲେ ଅନ୍ୟ କୌଣସି ଗଡ଼ରେ ପ୍ରାଚୀନ ଅସ୍ତ୍ର ଶସ୍ତ୍ରର ପୂଜା କିମ୍ବା ବ୍ୟବହାର ମଧ୍ୟ ହୁଏ ନାହିଁ ।

୬ । ବ୍ୟକ୍ତିଗତ ବିଳାସ, ଅଜ୍ଞାନତା ଏବଂ ଆଳସ୍ୟ ଯୋଗୁ ଅଧିକାଂଶ ଗଡ଼ର ସାମନ୍ତ ବଂଶଧର ଓ ଗଡ଼ୁଆ ପାଇକ ପ୍ରଭୃତି ଦିନୁଦିନ ନିଃସ୍ୱହୋଇ ବୁଲୁଥିବାର ଦେଖାଯାନ୍ତି ।

୭ । ଏମାନଙ୍କ ଠାରେ ପ୍ରାଚୀନ ବୀରତ୍ୱ କିମ୍ବା ଆଧ୍ୟାତ୍ମିକ ଭାବ ମଧ୍ୟ ଦେଖ ଯାଏ ନାହିଁ ।

୮ । ପ୍ରାଚୀନଦୀର ଦୁଇ ତୀରରେ ଅସଂଖ୍ୟ ହିନ୍ଦୁ ଗଡ଼ ଥିଲେ ହେଁ ଅଳ୍ପ କେତୋଟି ଗଡ଼ର ନାମଗୁଡ଼ିକ ମୁସଲମାନ ନାମରେ ପରିଚିତ । ସମ୍ଭବତଃ ଏଗୁଡ଼ିକ ମୁସଲମାନ ଶାସକମାନଙ୍କଦ୍ୱାରା ପ୍ରତିଷ୍ଠିତ କିମ୍ବା ସେହି ଶାସକମାନେ ପୂର୍ବର ହିନ୍ଦୁ ଗଡ଼ଗୁଡ଼ିକୁ ଅଧିକାର କରି, ପୂର୍ବ ହିନ୍ଦୁ ନାମ ବଦଳରେ ନିଜ ଜାତୀୟ ନାମଗୁଡ଼ିକୁ ଦେଇଥିଲେ ।

୯ । ସ୍ଥାନେ ସ୍ଥାନେ କେତେକ ମହାରାଷ୍ଟ୍ରୀୟ ଓ ରାଜପୁତ ଜାତୀୟ ଲୋକ ମଧ୍ୟ ବାସକରନ୍ତି । ଏମାନେ ବୋଧହୁଏ ଓଡ଼ିଶାର ମରହଟ୍ଟା

ଶାସନ ସମୟରେ ଏଠାର ଗଡ଼ଗୁଡ଼ିକୁ ଅଧିକାର କରି ରହିଥିଲେ । କାଳକ୍ରମେ ନିଜର ପୂର୍ବ ଶତ୍ରୁତା ଭୁଲି ସ୍ଥାନୀୟ ଲୋକମାନଙ୍କ ସହ ଏକତ୍ର ମିଶି ରହିଛନ୍ତି ।

୧୦ । ପ୍ରାଚୀନଦୀର ଦୁଇକୂଳ ବ୍ୟତୀତ ସେହି ଦୁଇକୂଳଠାରୁ ଆରମ୍ଭକରି ପ୍ରାୟ ୨୫/୩୦ ମାଇଲ ମଧ୍ୟରେ ଅସଂଖ୍ୟ ପ୍ରାଚୀନ ଗଡ଼ର ନାମ ଶୁଣାଯାଏ ।

ନିମ୍ନରେ ପ୍ରାଚୀନଦୀର ଉଭୟ ତୀରରେ ଥିବା କେତୋଟି ଗଡ଼ର ପରିଚୟ ଯଥାକ୍ରମେ ପ୍ରାଚୀ ଆରମ୍ଭରୁ ଶେଷଯାଏ ଦିଆଯିବ ।

**ପ୍ରାଚୀର ଉତ୍ତର ତୀରରେ**

୧-ଅମଣା କୁଦ ଗଡ଼
୨-ବନ୍ତପୁର ଗଡ଼
୩-ପୂବା ଗଡ଼
୪-ବାଳିଆ ମାଳ
୫-କୃଷ୍ଣ ପ୍ରସାଦ ଗଡ଼
୬-ଗଂଭାରି ପଦା ଗଡ଼
୭-ମୂଳା ଗଡ଼
୮-ଚନ୍ଦ୍ରପଡ଼ା ଗଡ଼
୯-ମୁଦୁଗୁଲ ଗଡ଼

**ପ୍ରାଚୀର ଦକ୍ଷିଣ ତୀରରେ**

୧-ଗଡ଼ ଗୃହ ପଡ଼ା
୨-ଭଅଁରି ଗଡ଼
୩-ଇଟା ପୋଖରୀ ଗଡ଼ (ଝିଙ୍କିରିଆ)
୪-ତୁଳସୀପୁର ନବର
୫-ଅମର ପ୍ରସାଦ ଗଡ଼
୬-ପହରି ଗଡ଼
୭-ନପାଣିଆ ଗଡ଼
୮-ସୁଜା ଗଡ଼ (ଷଣ୍ଢପୋଡା ଗଡ଼)
୯-କୈରି ଗଡ଼
୧୦-ଗୋଲରି ଗଡ଼

ଏହା ବ୍ୟତୀତ ପ୍ରାଚୀର ଉତ୍ତର ଓ ପୂର୍ବରେ ଥିବା କାକଟପୁର ଥାନାରେ ନିମ୍ନ କେତୋଟି ଗଡ଼ ଥିଲା ।

୧୦-ସୁନାଗଡ଼ (ମରିଚପୁର)
୧୧-ଗୋପାଳପୁର ଗଡ଼ (କରଞ୍ଜପୁର)
୧୨-ନୂଆଗଡ଼ (ନଗର)

ପ୍ରାଚୀନଦୀ ତୀରବର୍ତ୍ତୀ ଉପର୍ଯ୍ୟୁକ୍ତ ପ୍ରାଚୀନ ଗଡ ବ୍ୟତୀତ ପୁରୀ ଜିଲ୍ଲାର ସଦର ସବ୍‌ଡ଼ିଭିଜନରେ ଅସଂଖ୍ୟ ପ୍ରାଚୀନଗଡ ଥିବାର ସଂକେତମାନ ଦେଖାଯାଏ । ଏ ସବୁ ଗଡରେ ପୂର୍ବେ ସ୍ୱାଧୀନ ଓଡ଼ିଶା ରାଜାମାନଙ୍କର ସାମନ୍ତରାଜା ଓ ସୈନ୍ୟସାମନ୍ତ ପ୍ରଭୃତି ରକ୍ଷିତ ରହୁଥିଲେ । ଓଡ଼ିଶାର ସ୍ୱାଧୀନତା ଲୋପହେବାପରେ ଏବଂ ଓଡ଼ିଶା ବିଧର୍ମୀ ମୋଗଲ ଓ ମରହଟ୍ଟା ଶାସକମାନଙ୍କର ଅଧିକାରଭୁକ୍ତ ହେବାପରେ ସ୍ଥାନୀୟ ହିନ୍ଦୁ ସୈନ୍ୟ ଓ ସାମନ୍ତ ଛତ୍ରଭଙ୍ଗ ହୋଇ ଦିନକୁ ଦିନ ହୀନବଳ ଓ ହୀନବୀର୍ଯ୍ୟ ହୋଇ ପଡ଼ିଛନ୍ତି ।

**ପ୍ରାଚୀନଦୀ ତୀରବର୍ତ୍ତୀ ଗଡ଼ଗୁଡ଼ିକର ଇତିବୃତ୍ତ**—ପ୍ରାଚୀ ନଦୀର ଦୁଇକୂଳରେଥିବା ପ୍ରତ୍ୟେକ ଗଡ଼ ସମ୍ବନ୍ଧରେ ଏକାଧିକ କିମ୍ବଦନ୍ତୀ ଶୁଣାଯାଏ । ଏ ଗୁଡ଼ିକୁ ସଂଗ୍ରହକରି ପ୍ରକାଶକଲେ ଏକାଧିକ ପ୍ରକାଣ୍ଡଗ୍ରନ୍ଥ ଲେଖିହେବ । ପ୍ରବନ୍ଧର କଳେବର ବୃଦ୍ଧି ଭୟରେ ସେ ସବୁ ସଂଗ୍ରହ କରାଯାଇ ପାରିନାହିଁ । କେବଳ ସବୁ ଗଡ଼ ସମ୍ବନ୍ଧରେ ଏତିକିମାତ୍ର କୁହାଯାଇ ପାରେ ଯେ ଏ ସବୁ ଗଡ ଓଡ଼ିଶାର ସ୍ୱାଧୀନ ରାଜାମାନଙ୍କ ସମୟରେ ନିର୍ମିତ ହୋଇଥିଲା । ସେହି ସ୍ୱାଧୀନ ବଂଶ ଲୋପ ହେବା ସଂଗେ ଏହି ଗଡ଼ ଗୁଡ଼ିକର ପତନ ଘଟିଛି ।

ବର୍ତ୍ତମାନ ପ୍ରତ୍ୟେକ ଗଡ଼ର ଅବସ୍ଥା ସମାନ ଦେଖାଯାଏ । ଏ ବିଷୟରେ ସଂକ୍ଷିପ୍ତରେ କେତେକ କଥା ପୂର୍ବରୁ କୁହାଯାଇଛି ।

**'ନବର' ଏବଂ 'ମୂଳା ଗଡ଼'ର ପ୍ରାଚୀନତ୍ୱ**—ପୂର୍ବେ ବର୍ଣ୍ଣିତ ସବୁ ପ୍ରାଚୀନ ଗଡ଼ ମଧ୍ୟରୁ ତୁଳସୀପୁର ନିକଟବର୍ତ୍ତୀ 'ନବର'ର ପ୍ରାଚୀନତ୍ୱ ସମ୍ବନ୍ଧରେ ପୂର୍ବ ଅଧ୍ୟାୟରେ କେତେକ କଥା କୁହାଯାଇଛି । ଏହି 'ନବର' ଯେତେଦୂର ସମ୍ଭବ ହାତୀଗୁମ୍ଫା ଲିପିରେ ବର୍ଣ୍ଣିତ ଖାରବେଳଙ୍କ 'ମହାବିଜୟ ପ୍ରାସାଦ' ହେବା ବିଶ୍ୱାସ ହୁଏ । ଏ ସମ୍ବନ୍ଧରେ ସ୍ଥାନୀୟ ଅଧିବାସୀ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ଶ୍ରୀଯୁକ୍ତ ନାରାୟଣ ତ୍ରିପାଠୀ ବି.ଏ ଏକାଧିକବାର ତାହାଙ୍କର ଅନୁକୂଳ ମତ ପ୍ରକାଶ କରିଛନ୍ତି । ଏହିଗଡରେ ଆହୁରି ଅନୁସନ୍ଧାନ କଲେ ଏବଂ ଏହି ସ୍ଥାନରେ ଭୂଖନନ କାର୍ଯ୍ୟ କଲେ ନିଶ୍ଚୟରେ ଏହି 'ନବର' ଏ ଅଞ୍ଚଳର ଅତି ପ୍ରାଚୀନ ଥିବାର ପ୍ରମାଣ ମିଳିବ ବୋଲି ମୋର ବିଶ୍ୱାସ ।

ପ୍ରାଚୀନଦୀର ପୂର୍ବକୂଳରେ ଥିବା କାକଟପୁର ଥାନାର 'ମୂଳାଗଡ଼' ନାମକ ସ୍ଥାନର ଗଡ଼ ମଧ୍ୟ ସେହି ନଳର ସମକାଳୀନ ବୋଲି ବୋଧହୁଏ। ପ୍ରାଚୀରର ଅଧିକାଂଶ ଗଡ଼ କେବଳ ମାଟି ପ୍ରାଚୀରରେ ନିର୍ମିତ, କିନ୍ତୁ ଏ ମୂଳାଗଡ଼ ପୂର୍ବେ ସେହି ପ୍ରାଚୀନ ଇଟାରେ ନିର୍ମିତ ଥିବାର ପ୍ରମାଣ ମିଳେ। ଏହି ଗ୍ରାମର ନିକଟବର୍ତ୍ତୀ ଜଙ୍ଗଲରେ ପୁରୁଣା ଇଟାର କୁଢ଼ ଏକାଧିକ ସ୍ଥାନରେ ଦେଖାଯାଏ। ଏଠାରେ 'ନଳ' ନାମକ ରାଜା ବାସକରୁଥିବାର ସ୍ଥାନୀୟ କିମ୍ବଦନ୍ତୀ ଅଛି। ଏହି 'ନଳ' କିଏ ତାହା ଜାଣିବାପାଇଁ ଅନ୍ୟ କୌଣସି ପ୍ରକୃତ ପ୍ରମାଣ ଶିଳା ବା ତାମ୍ରଲିପି ପ୍ରଭୃତି ନାହିଁ। 'ନଳ'ଙ୍କ ସମ୍ବନ୍ଧରେ ସ୍ଥାନୀୟ ଜଣେ ଶିକ୍ଷିତ ବ୍ୟକ୍ତିଙ୍କଠାରୁ ନିମ୍ନ ଲିଖିତ କବିତାଟି ସଂଗ୍ରହ କରାଯାଇଥିଲା।

"ଅଦ୍ୟାପି ଅଛି ନାମ ଯେ ମୂଳାଗଡ଼
ନଳ ରାଜାଙ୍କର ଥିଲା ଦୃଢ଼ ଗଡ଼।
ପ୍ରାଚୀର ଥିଲା ତାର ଚଉପାଶର
ବଡ଼ ଧାର୍ମିକ ଥିଲେ ସେ ନରବର।
କରିଅଛନ୍ତି କୀର୍ତ୍ତି ନାନା ସ୍ଥାନରେ
ସୋମନାଥ ମନ୍ଦିର ମୂଳା ଗଡ଼ରେ।
ଗଣେଶଙ୍କ ମନ୍ଦିର ନଦୀ ଗ୍ରାମରେ
ନଇଁ ଗୁଆଁ ବିଖ୍ୟାତ ଲୋକମୁଖରେ।
ଅନେକ କୀର୍ତ୍ତି ଅଛି ଆଉ ଏପରି
କୂପ ସଡ଼କ ବଡ଼ ବଡ଼ ପୋଖରୀ।
ଭଗ୍ନାବଶେଷ ଅଛି ଆଜିପର୍ଯ୍ୟନ୍ତ
ଦେଉଛି ପରିଚୟ ଜନେ ସନ୍ତତ।"

ଏହି କବିତାରେ ବର୍ଣ୍ଣିତ 'ସୋମନାଥ' ମନ୍ଦିର ପ୍ରାଚୀମାହାତ୍ମ୍ୟ ବର୍ଣ୍ଣିତ ସୋମେଶ୍ୱର ନବମ ଶମ୍ଭୁ ଅଟନ୍ତି। ନଇଁଗୁଆଁରେ ଗଣେଶମନ୍ଦିର କଥା ପୂର୍ବେ କୁହାଯାଇଛି। ମୂଳାଗଡ଼ର ସମ୍ମୁଖରେ ଦୁଇଟି ପୁଷ୍କରିଣୀ ଅଛି। ଏହାକୁ ରାଜା ଓ ରାଣୀ ପୁଷ୍କରିଣୀ କୁହାଯାଏ। ପ୍ରତ୍ୟେକ ପୁଷ୍କରିଣୀ ହାରାହାରି ୫/୬ ଏକର ଜମିରେ ଖୋଳା ଯାଇଥିଲା। ସେହି ପୁଷ୍କରିଣୀ ମଧ୍ୟରେ ଗୋଟିଏ ଇଟାର ପୋଲ ନିର୍ମିତ ହୋଇଥିଲା। ସ୍ଥାନୀୟ

ଲୋକମାନେ ପୋଲର ଇଟାଗୁଡ଼ିକ ଭାଙ୍ଗିନେଇ ଘରକାନ୍ଥ ପ୍ରସ୍ତୁତ କରିଛନ୍ତି ।

**ମରିଚପୁରର ସୁନା ଗଡ଼, ଚନ୍ଦ୍ରପଡ଼ା ଗଡ଼ ଓ ଟୋଲରା ଗଡ଼**— ଏସବୁ ଗଡ଼ ସମ୍ବନ୍ଧରେ ଅନ୍ୟ ଏକ ଅଧ୍ୟାୟରେ ବିସ୍ତୃତ ଆଲୋଚନା କରାଯିବ ।

**୪- ପୁଷ୍କରିଣୀ**— ପୂର୍ବୋକ୍ତ ପ୍ରାଚୀତୀରରେ ଦ୍ୱାଦଶ ଶମ୍ଭୁଙ୍କ ମନ୍ଦିରର ସମ୍ମୁଖରେ କିମ୍ବା ନିକଟରେ ଗୋଟିଏ ଗୋଟିଏ ବଡ଼ ପୁଷ୍କରିଣୀ ଥିବାର ସଂକେତ ଦେଖାଯାଏ । ବିଶେଷତଃ ଏହି ନଦୀ ପ୍ରଥମ ୭-୮ ମାଇଲ ଠାରୁ ନଦୀ ମୁହାଣ ପର୍ଯ୍ୟନ୍ତ ଥିବା ଦୁଇ କୂଳରେ ଦ୍ୱାଦଶ ଶମ୍ଭୁଙ୍କ ମନ୍ଦିର ପୁଷ୍କରିଣୀ ବ୍ୟତୀତ, ଆହୁରି ଶତ ଶତ ପୁଷ୍କରିଣୀ ପୂର୍ବେ ଥିଲା । ଏବେଣି ସେ ଗୁଡ଼ିକ ପ୍ରାୟ ପୋତିହୋଇ ପଡ଼ିଛି । ତୁଳସୀପୁର ଓ ଚଉରାଶୀ ଗ୍ରାମର ଚତୁର୍ଦ୍ଦିଗରେ ଯେଉଁ ୮-୧୦ ଟି ବଡ଼ ପୁଷ୍କରିଣୀ ଥିଲା ସେକଥା ପୂର୍ବରୁ କୁହାଯାଇଛି । ପ୍ରାଚୀର ଉତ୍ତର ତୀରରେ ଥିବା ମାଧବ ଗ୍ରାମରେ ଯେଉଁ 'ଚନ୍ଦନ ପୁଷ୍କରିଣୀ' ବେ ସୁଦ୍ଧା ଅକ୍ଷୁନ୍ନ ଭାବରେ ରହିଛି ସେପରି ପୁଷ୍କରିଣୀ ସମଗ୍ର କଟକ ଜିଲ୍ଲାରେ ନଥିବାର ସ୍ଥାନୀୟ ଲୋକମାନେ କହନ୍ତି । ଏହି ପୁଷ୍କରିଣୀ ପ୍ରାୟ ୮-୧୦ ଏକର ଜମିରେ ଖୋଳା ଯାଇଥିଲା ।

ଶୋଭନେଶ୍ୱର ଲିପିରେ (ନିଆଳିର) ରାଜା ବୈଦ୍ୟନାଥ ଯେଉଁ ପୁଷ୍କରିଣୀମାନ ଖୋଳାଇଥିବା କଥା ପୂର୍ବେ ବର୍ଣ୍ଣିତ ଅଛି, ସେହିସବୁ ପୁଷ୍କରିଣୀ ଆଜିକାଲି ପୋତି ହୋଇ ପଡ଼ିଛି ।

ପ୍ରାଚୀମାହାତ୍ମ୍ୟରେ ବର୍ଣ୍ଣିତ ଅଂଗ ଦେଶର ରାଜା କର୍ଣ୍ଣ ପ୍ରାଚୀତୀରକୁ ଆସି ଏଠାରେ ଅଙ୍ଗେଶ୍ୱରଙ୍କଠାରେ ଯଜ୍ଞ କରିଥିଲେ ଏବଂ ନିଜପାଇଁ ଗୋଟିଏ ରାଜଭବନ ଓ ସହସ୍ର ସହସ୍ର କୂପ, ବାପୀ କରିଥିବାର ଉଲ୍ଲେଖ ଅଛି । ପ୍ରାଚୀନଦୀର ଦୁଇକୂଳରେ ପ୍ରାୟ ଅଧିକାଂଶ ପ୍ରାଚୀନ ଗ୍ରାମରେ ଏକାଧିକ ପୁଷ୍କରିଣୀ ଥିବାର ସଂକେତ ଦେଖାଯାଏ । ବିଶେଷତଃ ପ୍ରତ୍ୟେକ ପ୍ରାଚୀନ ମନ୍ଦିର ନିକଟରେ ଏପରି ଏକ ପୁଷ୍କରିଣୀ ଖୋଳା-ଯାଇଥିଲା । ପ୍ରତ୍ୟେକ ପୁଷ୍କରିଣୀ ପ୍ରାୟ ୫/୬ ଏକର ଜମି ଥିଲା ।

ପୂର୍ବବର୍ଣ୍ଣିତ ମୂଳାଗଡ଼ର ରଜା ଓ ରାଣୀ ପୁଷ୍କରଣୀ ମଧ୍ୟ ସେହି ପ୍ରାଚୀନ ଯୁଗର ପୁଷ୍କରିଣୀ ଥିବା ସଂଭବ ।

୭ ବାମ୍ପି—ପ୍ରାଚୀନଦୀର ଦୁଇକୂଳରେ ଯେତେ ଯେତେ ଜଳାଶୟ ଅଛି ତନ୍ମଧ୍ୟରୁ ପ୍ରାଚୀନ ଇଟାରେ ନିର୍ମିତ କୂଅ ବା ବାମ୍ପି ପ୍ରସିଦ୍ଧ ଥିବାର ଦେଖାଯାଏ । କାକଟପୁର ଥାନାର ଅଳ୍ପ କେତୋଟି ବାମ୍ପି ଚୂନ ପଥରରେ ନିର୍ମିତ । ଅନ୍ୟ ଗୁଡ଼ିକ କେବଳ ପୁରୁଣା ଇଟାରେ ତିଆରି ହୋଇଥିଲ । ପ୍ରାଚୀନଦୀରବର୍ତ୍ତୀ ବାମ୍ପି ଗୁଡ଼ିକରେ ନିମ୍ନ କେତୋଟି ବିଶେଷତ୍ୱ ଦେଖାଯାଏ ।

୧—ଏହି ନଦୀର ଉଭୟ ପାର୍ଶ୍ୱରେ ଥିବା ଏକାଧିକ ଗ୍ରାମରେ ଏବଂ ଜଂଗଲରେ ଅସଂଖ୍ୟ ବାମ୍ପି ଅଛି ।

୨—ଗୋଟିଏ ଗୋଟିଏ ଗ୍ରାମରେ କିମ୍ବା ଜଙ୍ଗଲରେ ଧାଡ଼ି ଧାଡ଼ି ହୋଇ ୬/୮ କିମ୍ବା ୧୪/୧୬ଟି ବାଂପି ଏକା ସ୍ଥାନରେ ଦେଖାଯାଏ ।

୩—ଅସଂଖ୍ୟ ବାଂପି ପୋତିହୋଇ ପଡ଼ିଛି । କୃଷି କଲାବେଳେ କିମ୍ବା ଧାନବରଜ ପାଇଁ ମାଟି ଖୋଳୁ ଖୋଳୁ ଭୂଗର୍ଭରୁ ବାଂପିର ସେହି ଇଟା-ଗୁଡ଼ିକ ଅକ୍ଷୁନ୍ନ ହୋଇ ବାହାରେ ।

୪—ଅତି ଅଳ୍ପ ବାଂପିରୁ ଆଜିକାଲି ଲୋକମାନେ ପାଣି କାଢି ଖାନ୍ତି । ଅସଂଖ୍ୟ ବାଂପିକି ଭାଙ୍ଗି ସେଠାର ଇଟାଗୁଡ଼ିକୁ ଆଣି ନିଜର ଘରକାନ୍ଥ ଓ ଗୁହାଳଘର ପ୍ରଭୃତି ନିର୍ମାଣ କରିଛନ୍ତି ।

୫—ପ୍ରତ୍ୟେକ ଇଟା ବାଂପିର ଆଭ୍ୟନ୍ତରୀଣ ପ୍ରାୟ ୧୫/୨୦ ଫୁଟ ଏବଂ ଗଭୀର ପ୍ରାୟ ୨୫/୩୦ ହାତ ହେବ ।

୬—ଯେଉଁ କେତୋଟି ବାଂପି ଅକ୍ଷୁନ୍ନ ହୋଇ ରହିଛି ତହିଁରେ ଗ୍ରୀଷ୍ମ ଦିନରେ ମଧ୍ୟ ପ୍ରାୟ ୫/୬ ହାତ ପାଣି ରହେ ।

୭—ଏହି ବାଂପିରେ ବ୍ୟବହୃତ ଇଟାଗୁଡ଼ିକ ପୂର୍ବ ବର୍ଣ୍ଣିତ 'ସଭା-ମଣ୍ଡପ', ପ୍ରାଚୀନ ମନ୍ଦିର ଓ ଗଡ଼ ପ୍ରଭୃତିରେ ବ୍ୟବହାର କରାଯାଇଥିବା

ଇଟା ସଦୃଶ ଅତି ମୋଟା ଶକ୍ତ ଓ ଚକ୍ଷୁଦେଇ ପୋଡ଼ା ହୋଇଥିବାର ଦେଖାଯାଏ। ଏତେ ଯୁଗ ହେଲା ଖରବର୍ଷା ଖାଇ ସୁଦ୍ଧା କୌଣସି ଇଟା ସହଜରେ ଭାଙ୍ଗି ହୁଏ ନାହିଁ।

୮—କାକଟପୁର ଥାନାରେ ଏବଂ ପ୍ରାଚୀ ତୀରର ଅନ୍ୟ କେତେକ ଅଞ୍ଚଳରେ ମିଳୁଥିବା ନଡ଼, ବାମ୍ଫିଗୁଡ଼ିକ ମଧ୍ୟ ସେହି ପୁରୁଣା କାଳରେ ନିର୍ମିତ ହୋଇଥିବାର ଅନୁମିତ ହୁଏ। ଏହି ବାମ୍ଫିରେ ବ୍ୟବହାର କରାଯାଇଥିବା ନଡ଼ଗୁଡ଼ିକ ମାଟିରେ ତିଆରି—ଅତି ମୋଟା ଓ ଶକ୍ତ ଦେଖାଯାଏ। ଆଜିକାଲି ଏ ଶ୍ରେଣୀର ନଡ଼ ସ୍ଥାନୀୟ କୁମ୍ଭାରମାନେ ନିର୍ମାଣ କରିପାରନ୍ତି ନାହିଁ କିମ୍ବା ଆଧୁନିକ ନଡ଼ଗୁଡ଼ିକ ଏତେ ଟାଣ ବା ଦୀର୍ଘସ୍ଥାୟୀ ହୁଏ ନାହିଁ।

୯—ପ୍ରତ୍ୟେକ ଇଟାର ବାମ୍ଫି ଆଜିକାଲିର ହିସାବରେ ପ୍ରାୟ ଏକହଜାର ଟଙ୍କା ହେବା ସମ୍ଭବ ଦେଖଯାଏ।

୧୦—ପ୍ରାଚୀର ଉଭୟ ତୀରରେ ଥିବା ଏକାଧିକ ଜଙ୍ଗଲରେ ଯେଉଁଠାରେ କି ଆଦୌ ଲୋକବସତି ନାହିଁ, ସେପରି ସ୍ଥାନରେ ମଧ୍ୟ ଧାଡ଼ି ଧାଡ଼ି ହୋଇ ଏ ଶ୍ରେଣୀର ପୁରୁଣା ବାମ୍ଫି ଦେଖାଯାଏ। ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ପୂର୍ବେ ଏସବୁ ଅଞ୍ଚଳରେ ଲୋକବସତି ଥିଲା। ନଚେତ ଏତେ ଗୁଡ଼ାଏ ବାମ୍ଫି ଜଙ୍ଗଲରେ ନିର୍ମାଣ କରାଇବା କି ଦରକାର ଥିଲା ?

**ବାମ୍ଫିଗୁଡ଼ିକର ସ୍ଥାନ ନିର୍ଣ୍ଣୟ**—ପୂର୍ବରୁ କୁହାଯାଇଛି ଯେ, ପୁରୁଣା ଇଟା ଓ ନଡ଼ରେ ତିଆରି ବାମ୍ଫି ଗୁଡ଼ିକ ପ୍ରାଚୀ ନଦୀର ଉଭୟ ତୀରରେ ଦେଖାଯାଏ। ତନ୍ମଧ୍ୟରୁ ନିମ୍ନ ସ୍ଥାନର ବାମ୍ଫିଗୁଡ଼ିକ ପ୍ରସିଦ୍ଧ ଅଟେ।

(୧) ପ୍ରତ୍ୟେକ ଦ୍ୱାଦଶ ଶମ୍ଭୁଙ୍କ ମନ୍ଦିର ବେଢ଼ାରେ।

(୨) ଦ୍ୱାଦଶ ଶମ୍ଭୁ ଥିବା ଗ୍ରାମ କିମ୍ବା ବ୍ରହ୍ମଣ ଶାସନରେ।

(୩) ପ୍ରତ୍ୟେକ ପ୍ରାଚୀନ ମନ୍ଦିର ଥିବା ସ୍ଥାନରେ।

(୪) କୁଲର୍ମାଧୁପୁର ଓ ତଉରଗଣି ଗ୍ରାମର ଚତୁର୍ଦିଗରେ। ତଉରଗଣି ଗ୍ରାମରେ ୮୦ଗୋଟି ବାମ୍ଫି ଥିବା କଥା ଆଗରୁ କୁହାଯାଇଛି।

(୫) ପ୍ରାଚୀଖାତବର୍ତ୍ତୀ ପ୍ରତ୍ୟେକ ପ୍ରାଚୀନ ଗଡ଼ ଏବଂ ଗ୍ରାମଗୁଡ଼ିକରେ ଏକାଧିକ ବାର୍ମ୍ଫି ଥିଲା ।

(୬) ନିମ୍ନ ଜଙ୍ଗଲଗୁଡ଼ିକରେ ଏକାଧିକ ବାର୍ମ୍ଫିର ସଙ୍କେତମାନ ଦେଖାଯାଏ ।

(କ) କୃଷ୍ଣପ୍ରସାଦ ଗଡ ନିକଟବର୍ତ୍ତୀ ଜଙ୍ଗଲ ।

(ଖ) ଚମ୍ପାଖପଦା ଜଙ୍ଗଲ ।

(ଗ) ଟେଙ୍ଗନପଡ଼ା ଜଙ୍ଗଲ-ଏଠାରେ ଥିବା ଦୁଇଧାଡ଼ି ବାର୍ମ୍ଫି ମଧ୍ୟରୁ ଦେଉଳସ୍ଥର ଭାଇବୋହୂ ବାର୍ମ୍ଫିଗୁଡ଼ିକ ଅତି ବଡ଼ ଥିଲା ।

(ଘ) ଛୁଲାମାଳ ଜଂଗଲ ।

(ଙ) ବୈରଙ୍ଗୀ ଜଂଗଲ ।

(ଚ) ଟୋଲଗ୍ର ଜଂଗଲ ଇତ୍ୟାଦି ।

୭—ପ୍ରାଚୀଙ୍କରର ପୂର୍ବରେ ଥିବା କାକଟପୁର ଥାନାର ନିମ୍ନ ଗ୍ରାମଗୁଡ଼ିକରେ ଧାଡ଼ି ଧାଡ଼ି ବାର୍ମ୍ଫି ଥିଲା । ତହିଁର ସଙ୍କେତ ଏକାଧିକ ସ୍ଥାନରେ ଦେଖାଯାଏ ।

(କ) କାକଟପୁର ଗ୍ରାମ,

(ଖ) କନ୍ଦଳପୁର,

(ଗ) ଲତାହରଣ,

(ଘ) ଓଲଂଗର,

(ଙ) ନଈଗୁଅ,

(ଚ) ଅସ୍ତରଂଗ,

(ଛ) ପିଇଣ୍ଠ,

(ଜ) କୁଗୁଅ,

(ଝ) ମାଣ୍ଡୁକ,

(ଞ) ମୁଦୁଗଲ,

(ଟ) ନାଶିକେଶ୍ୱର ,

(ଠ) ଯୁଦୁପୁର,

(ଡ) ହରିଦାସପୁର ଇତ୍ୟାଦି ସ୍ଥାନରେ,

**ବାମ୍ଫି ଓ ପୁଷ୍କରଣୀଥିବା ସ୍ଥାନରେ ପ୍ରାଚୀନ ଲୋକବସତି ଥିଲା**—ପ୍ରାଚୀ ନଦୀର ଦୁଇ କୂଳରେ ଯେଉଁ ଯେଉଁ ସ୍ଥାନରେ ପ୍ରାଚୀନ ପୁଷ୍କରଣୀ ଓ ବାମ୍ଫି ଥିଲ ସେହି ଜଳାଶୟଗୁଡ଼ିକର ସଂଖ୍ୟା ଓ ବିସ୍ତୃତି ଦେଖିଲେ, ପୁରାକାଳରେ ଏହି ଅଞ୍ଚଳଗୁଡ଼ିକରେ ଅସଂଖ୍ୟ ଲୋକ ନିବାସ ଥିବାର ସ୍ଥିର କରାଯାଇପାରେ । ପୂର୍ବୋକ୍ତ ଜଳାଶୟ ମଧ୍ୟରୁ ଅସଂଖ୍ୟ ବାମ୍ଫି ଓ ପୁଷ୍କରଣୀ ପ୍ରାଚୀନଦୀର ଦୁଇ କୂଳକୁ ଲଗି ପ୍ରାୟ ୧୦୦/୨୦୦ ହାତ ଛଡ଼ାରେ ଦେଖାଯାଏ । ଏଥିରୁ ମଧ୍ୟ ବେଶଜାଣିହୁଏ ଏହି ବାମ୍ଫି ଓ ପୁଷ୍କରଣୀ ଖୋଳାହେଲା ସମୟରେ ପ୍ରାଚୀନଦୀ ନ ଥିଲା । ସେହି ନଦୀ ଯଦି ପ୍ରକୃତରେ ଥିଲା ତେବେ ଏହାର ଦୁଇକୂଳରେ ଏତେ ସଂଖ୍ୟକ ପୁଷ୍କରଣୀ ଓ ବାମ୍ଫି ଖୋଳାଇବା ପାଇଁ କି କାରଣ ଥିଲା ? ଏକାଧିକ ଗ୍ରାମର ଧାଡ଼ି ଧାଡ଼ି ବାମ୍ଫିରୁ ସ୍ପଷ୍ଟ ଜାଣି ହୁଏ ଯେ, ସେହି ସ୍ଥାନଗୁଡ଼ିକରେ ଅସଂଖ୍ୟ ଲୋକ ବାସ କରୁଥିଲେ ଏବଂ ସେମାନଙ୍କର ସୁବିଧାପାଇଁ ଏତେ ଗୁଡ଼ିଏ ବାମ୍ଫି ଓ ପୁଷ୍କରଣୀ ଖୋଳା ହୋଇଥିଲା ।

**ପ୍ରାଚୀନଦୀର ପୁଷ୍କରଣୀ ଓ ବାମ୍ଫି ସଂଗେ ହାତୀଗୁମ୍ଫା ଲିପିର ସମ୍ବନ୍ଧ**—ଖାରବେଳଙ୍କ ହାତୀଗୁମ୍ଫା ଲିପିରେ ଏକାଦଶ ଧାଡ଼ିରେ ଲେଖାଅଛି— "କଲିଙ୍ଗ ନଗରୀ—ଗଭୀର—ଶୀତଳ— ତଡ଼ାଗ—ପାଡ଼ିଓ କାବାନ ପାଏଛି......"

ଅର୍ଥାତ୍‌, ଖାରବେଳ କଳିଙ୍ଗ ନଗରରେ ଥିବା ଗମ୍ଭୀର ଶୀତଳ ତଡ଼ାଗ (ପୁଷ୍କରିଣୀ) ଗୁଡ଼ିକର ସଂସ୍କାର କରାଇଥିଲେ । ଏଥିପାଇଁ ସେ ୩୫, ୦୦,୦୦୦ ମୁଦ୍ରା ବ୍ୟୟ କରିଥିଲେ ।

ଲିପିର ଏହି ବର୍ଣ୍ଣନାରୁ ସ୍ପଷ୍ଟ ଜଣାପଡ଼େ ଯେ ଖାରବେଳଙ୍କ ପୂର୍ବରୁ କଳିଙ୍ଗ ନଗରରେ ଅସଂଖ୍ୟ ପୁଷ୍କରିଣୀ ଓ ବାମ୍ପି ଥିଲା । ଯେଉଁମାନେ କଳିଙ୍ଗ ନଗରର ଅସ୍ତିତ୍ୱ ସୁଦ୍ଧା ସ୍ୱୀକାର କରନ୍ତି ନାହିଁ ସେମାନଙ୍କୁ ମୋର ଅନୁରୋଧ ସେମାନେ ଥରେ ଆସି ପ୍ରାଚୀନଦୀର ଉଭୟ ତୀରରେ ଥିବା ଏସବୁ ଜଳାଶୟଗୁଡ଼ିକୁ ଦେଖିଯାଆନ୍ତୁ । ତା ସଂଗେ ସଂଗେ କାକଟପୁର ଥାନାର ପ୍ରତ୍ୟେକ ଗ୍ରାମରେ ଥିବା ପ୍ରାଚୀନ ମନ୍ଦିର ଓ ବାମ୍ପି ଗୁଡ଼ିକୁ ଦେଖନ୍ତୁ । ତଦ୍ୱାରା ସେମାନଙ୍କର ଭ୍ରମ ଅଚିରେ ଦୂର ହେବ ।

**ପ୍ରାଚୀନ ପୁଷ୍କରିଣୀ ଓ ବାମ୍ପି ସମୂହରୁ ସେକାଳର କଳିଙ୍ଗ ଲୋକ ସଂଖ୍ୟା ବାରି ହେବ**—ହାତୀଗୁମ୍ଫା ଲିପିରୁ ସେକାଳରେ କଳିଂଗ ନଗରର ଲୋକସଂଖ୍ୟା କେତେ ସ୍ପଷ୍ଟ ଜାଣି ହୁଏ ନାହିଁ । କିନ୍ତୁ ଏକାଧିକବାର ଖାରବେଳ ଏହି ଲୋକମାନଙ୍କ ମୌଜ ମଜଲସ୍ ଓ ଭୋଜି ଭାତ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବାର ବର୍ଣ୍ଣିତ ଅଛି । ପୁଣି ତାହାଙ୍କର ଏକାଧିକ ଯୁଦ୍ଧ ଅଭିଯାନବେଳେ ସେ ସହସ୍ର ସହସ୍ର ସୈନ୍ୟ ଓ ଶତ ଶତ ହାତୀ ଘୋଡ଼ା ଧରି ଯୁଦ୍ଧଯାତ୍ରା କରୁଥିବା କଥା ସେହି ଲିପିରେ ଲେଖାଅଛି ।

ଏସବୁ ଦେଖିଲେ ସେକାଳରେ ଖାରବେଳଙ୍କ ରାଜଧାନୀରେ ଲକ୍ଷ ଲକ୍ଷ ଲୋକ ବାସ କରୁଥିବାର ବିଶ୍ୱାସ କରିହୁଏ । ଏସବୁ ଲୋକ ମାନଙ୍କ ପାଇଁ ଏହି ରାଜ୍ୟରେ ଅସଂଖ୍ୟ ସହର ଓ ଲୋକବସତି ଥିଲା ଏବଂ ସେହି ଲୋକମାନଙ୍କ ପାଇଁ ପୂର୍ବୋକ୍ତ ପୁଷ୍କରିଣୀ ବାଂଫି ଖୋଳା ହୋଇଥିଲା ବୋଲି କୁହାଯାଇପାରେ ।

**ପ୍ରାଚୀନଦୀ ଓ ତାହାର ତୀରବର୍ତ୍ତୀ ଜଳାଶୟଗୁଡ଼ିକର ସମୟ**— ହାତୀଗୁମ୍ଫା ଲିପି ଅନୁସାରେ ପ୍ରାଚୀନଦୀ ଖାରବେଳଙ୍କ

ପଞ୍ଚମବର୍ଷ ରାଜତ୍ୱ, ଅର୍ଥାତ ଖ୍ରୀଷ୍ଟପୂର୍ବ ୧୬୮ ଅବ୍ଦରେ ଖୋଳାଯାଇଥିବାର ପୂର୍ବରୁ ବୁଝାଯାଇଛି । କିନ୍ତୁ, ଏକ୍ଷଣି ସେହି ନଘାଞ୍ଚରବର୍ତ୍ତୀ ଥିବା ପୁଷ୍କରିଣୀ ଓ ବାଂଫିଗୁଡ଼ିକ ପ୍ରାଚୀନଘାର ବହୁପୂର୍ବରୁ ଖୋଳା ଯାଇଥିବାର ସମ୍ଭବ ଦେଖାଯାଏ । କାରଣ ହାତୀଗୁମ୍ଫା ଲିପିର ଦ୍ୱିତୀୟ ଧାଡ଼ିରୁ ଜଣାଯାଏ ଯେ, ଖାରବେଳ ସିଂହାସନ ଆରୋହଣ କରିବାପୂର୍ବରୁ ଏସବୁ ଜଳାଶୟ ଏଠାରେ ଥିଲା । ତାହାଙ୍କ ରାଜତ୍ୱର ପୂର୍ବବର୍ଷ ପ୍ରବଳ ତୋଫାନ ଦ୍ୱାରା ଏସବୁ ଏବଂ ରାଜଧାନୀର ଦେବମନ୍ଦିର ଓ ଗଡ଼ଚାନ୍ଥ ପ୍ରଭୃତି ଭଙ୍ଗ ଯାଇ-ଥିବାରୁ ଖାରବେଳ ରାଜା ହେଉ ହେଉ ଏଗୁଡ଼ିକୁ ୩୦ ଲକ୍ଷମୁଦ୍ରା ଖର୍ଚ୍ଚ କରି ମରାମତି କରାଇଥିଲେ । ଏହି ଅଂଶ ଲିପିରୁ ଖାରବେଳଙ୍କ ପୂର୍ବରୁ ପ୍ରାଚୀଞ୍ଚରର ଅଂସଖ୍ୟ ପୁଷ୍କରିଣୀ ଓ ବାଂଫି ଖୋଳା ହୋଇଥିବାର ନିଃସନ୍ଦେହ ।

**ବାଂଫିରେ ବ୍ୟବହୃତ ଇଟାର କାଳ—** ଏଠା ବାଂଫି ଗୁଡ଼ିକରେ ଯେଉଁ ପୁରୁଣା ଇଟା ଦେଖାଯାଏ ଏଗୁଡ଼ିକ ମୌର୍ଯ୍ୟ ଯୁଗରେ ତିଆରି ହେବାର ପ୍ରମାଣ ମିଳୁଛି । ମୌର୍ଯ୍ୟ ରାଜଧାନୀ ପାଟଳୀପୁତ୍ର ବା ଆଧୁନିକ ପାଟଣା ସହରର କେତେକ ସ୍ଥାନରେ ବିଶେଷତଃ ପ୍ରାଚୀନ ନାଳନ୍ଦା ଓ ଗୃଧ୍ରକୂଟ ଅଞ୍ଚଳରେ ଏ ଶ୍ରେଣୀର ଇଟା ବ୍ୟବହାର କରା ଯାଇଥିବାର ପ୍ରମାଣ ମିଳୁଛି । ସମ୍ଭବତଃ ଅଶୋକଙ୍କ କଳିଂଗ ଅଧିକାର ପରେ ସେହି ସମ୍ରାଟଙ୍କ ଶିଳ୍ପୀମାନେ କଳିଂଗରେ ଏ ଶ୍ରେଣୀର ଇଟା ବ୍ୟବହାରର ପ୍ରଚଳନ କରାଇଥିଲେ । ଆଜକାଲି ଭୁବନେଶ୍ୱର ନିକଟବର୍ତ୍ତୀ ଶିଶୁପାଳଗଡ଼ ଠାରୁ ପ୍ରାଚୀମୁହାଣ ମଧ୍ୟରେ ଥିବା ସବୁ ପ୍ରାଚୀନ ମନ୍ଦିର ବାନ୍ଧି ଓ ଦୁର୍ଗରେ କେବଳ ଏ ଶ୍ରେଣୀର ଇଟା ଦେଖାଯାଏ । ପୁରୀ ଜିଲ୍ଲାର ଏ କେତେକ ସ୍ଥାନ ବ୍ୟତୀତ ଅନ୍ୟତ୍ର ଏ ଶ୍ରେଣୀ ଇଟା କ୍ୱଚିତ୍ ଦେଖାଯାଏ ଅନ୍ତତଃ ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ସ୍ଥାନରେ ଏ ଶ୍ରେଣୀର ଇଟା ଆବିଷ୍କୃତ ହୋଇଥିବାର ଜଣା ଯାଇନାହିଁ । ଅଶୋକଙ୍କ ପ୍ରାୟ ୨୦୦ ବର୍ଷପରେ ଖାରବେଳ ଏହି ଇଟାର ବହୁଳ ପ୍ରଚଳନ କରିଥିବା ସମ୍ଭବ ଦେଖାଯାଏ । ହାତୀଗୁମ୍ଫା ଲିପିର ଦ୍ୱିତୀୟ ଧାଡ଼ିରେ ବର୍ଣ୍ଣିତ କଳିଂଗ ନଗରର ସବୁ ଜଳାଶୟଗୁଡ଼ିକ ଖାରବେଳ ଏବଂ ତାହାଙ୍କ ପୂର୍ବ ରାଜାମାନେ ନିର୍ମାଣ କରିଥିବା କଥା ନିଃସନ୍ଦେହରେ ବୁଝା ଯାଇପାରେ ।

୭-ତୀର୍ଥସ୍ଥାନ—ପ୍ରାଚୀନଦୀର ଦୁଇତୀରରେ ଅସଂଖ୍ୟ ତୀର୍ଥସ୍ଥାନ ଏବଂ ବାର୍ଷିକ ମେଳା ହୁଏ। ଏଥିରୁ ଅଧିକାଂଶ ତୀର୍ଥ ଓ ମେଳା କଥା ପ୍ରାଚୀ ମହାତ୍ମ୍ୟରେ ବର୍ଣ୍ଣିତ ଅଛି। ଏ ସମ୍ବନ୍ଧରେ ପରବର୍ତ୍ତୀ ଅଧ୍ୟାୟରେ ବିସ୍ତୃତ ବର୍ଣ୍ଣନା କରାଯିବ।

୮-ପୋତାନଦୀ—ପ୍ରାଚୀର ପୂର୍ବେ ଆଠଗୋଟି ଶାଖା ନଦୀ ଥିବାର ବର୍ଣ୍ଣିତ ହୋଇଛି। ଏହି ଆଠଗୋଟି ନଦୀ ଏକ୍ଷଣି ପୋତି ହୋଇ ପଡ଼ିଛି। ପୂର୍ବେ ଯେଉଁ ପ୍ରଦେଶ ଦେଇ ଏସବୁ ଶାଖାନଦୀ ବହିଯାଉ ଥିଲା ଆଜିକାଲି ସେହି ନଦୀର ସଂକ୍ଷିପ୍ତ ପ୍ରମାଣ ମିଳେ। ବର୍ଷାଦିନେ ପ୍ରାଚୀର ବନ୍ୟାଜଳ ବଢ଼ିଗଲା ବେଳେ ସେହି ଉଦବୃତ୍ତ ପାଣି ପ୍ରୋକ୍ତ ପୋତାନଦୀ-ଗୁଡ଼ିକ ଦେଇ ସମୁଦ୍ର ଆଡ଼କୁ ବହିଯାଏ। ପୁଣି ପ୍ରତ୍ୟେକ ପ୍ରାଚୀନ ଶାଖାନଦୀର କୂଳରେ ନିର୍ମିତ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷଗୁଡ଼ିକ ମଧ୍ୟ ଦେଖାଯାଏ। ଏ ସମସ୍ତ ପରିଚୟ ପ୍ରବନ୍ଧର ଅନ୍ୟ ଅଧ୍ୟାୟରୁ ଜାଣିହେବ।

୯ ବୋଇତକୁଦ ଓ ଜାହାଜ ଘାଟ— ପ୍ରାଚୀନଦୀର ସ୍ଥାନେ ସ୍ଥାନେ ଯେଉଁ 'ବୋଇତକୁଦ' ଓ 'ଜାହାଜ ଘାଟ' ପ୍ରଭୃତି ଅଛି ସେ ସମ୍ବନ୍ଧରେ ଅନ୍ୟଏକ ଅଧ୍ୟାୟରେ (ପ୍ରାଚୀନଦୀର ବୋଇତ ବାଣିଜ୍ୟ) ବିସ୍ତୃତ ଆଲୋଚନା କରାଯିବ।

୧୦ ବ୍ରାହ୍ମଣ ଶାସନ— ପ୍ରାଚୀନଦୀର ଦୁଇକୂଳରେ ଅନେକ ବ୍ରାହ୍ମଣ ଶାସନ ଅଛି। ଏଗୁଡ଼ିକ କେଉଁ କାଳରୁ ଏବଂ କାହାଦ୍ୱାରା ପ୍ରତିଷ୍ଠିତ ହୋଇଥିଲା, ସେ ବିଷୟରେ ପୃଥକ ଅନୁସନ୍ଧାନ କଲେ ଗୋଟିଏ ପ୍ରକାଣ୍ଡ ପୁସ୍ତକ ଲେଖିହେବ। ମୁଁ ଦେଖିଥିବା ଅଧିକାଂଶ ବ୍ରାହ୍ମଣ ଶାସନର (ପ୍ରାଚୀନଦୀର ଦୁଇ କୂଳରେ) ଆଜିକାଲିର ପ୍ରକୃତ ଅବସ୍ଥା ସମ୍ବନ୍ଧରେ ନିମ୍ନ କେତେକ ବିଷୟ ଉଲ୍ଲେଖ କରାଯାଇପାରେ।

୧-ପୂର୍ବକାଳରେ ରାଜାମାନେ ଅତି ଉତ୍କୃଷ୍ଟ ଶ୍ରେଣୀର ସୁପଣ୍ଡିତ ଏ। ଶୁଦ୍ଧ ବ୍ରାହ୍ମଣମାନଙ୍କୁ ସୁଖରେ ରଖାଇବା ପାଇଁ ସ୍ଥାନେ ସ୍ଥାନେ ବ୍ରାହ୍ମଣ ଶାସନମାନ ସ୍ଥାପନ କରାଇଥିଲେ। କିନ୍ତୁ ଆଜିକାଲିର ବ୍ରାହ୍ମଣ ଶାସନ ଗୁଡ଼ିକରେ ସେପରି କୌଣସି ବ୍ରାହ୍ମଣ ଦେଖାଯାଆନ୍ତି ନାହିଁ।

୨-ବ୍ରାହ୍ମଣମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା ଅଧ୍ୟୟନ, ଅଧ୍ୟାପନା, ଯଜନ ଓ ଯାଜନ ପ୍ରଭୃତି ବ୍ରାହ୍ମଣୋଚିତ କାର୍ଯ୍ୟ —କିନ୍ତୁ ଆଜିକାଲିର ବ୍ରାହ୍ମଣମାନେ ଏପରି କୌଣସି କାର୍ଯ୍ୟ କରୁଥିବାର ମୁଁ କୌଣସି ଶାସନରେ ଦେଖି ନ ଥିଲି ।

୩- ଶାସ୍ତ୍ରଚର୍ଚ୍ଚା, ଧର୍ମଚର୍ଚ୍ଚା ଓ ଆଧ୍ୟାତ୍ମିକ ଭାବର ପ୍ରଚାର ଦ୍ୱାରା ଦେବତାମାନଙ୍କୁ ସନ୍ତୁଷ୍ଟ କରାଇବା ଏବଂ ସେମାନଙ୍କ ଅନୁଗ୍ରହ ଲାଭ କରି ନିଜର ପୃଷ୍ଠପୋଷକମାନଙ୍କର ମଙ୍ଗଳ କାମନା କରିବା ଉଦ୍ଦେଶ୍ୟରେ ବ୍ରାହ୍ମଣମାନେ ନିଷ୍କର ଜାଗିର ଭୂମିପାଇ ସୁଖରେ ରହିବାର ବ୍ୟବସ୍ଥା ଥିଲା । କିନ୍ତୁ ଏହି ନିଷ୍କରଜମି ଯୋଗୁ ବ୍ରାହ୍ମଣ ଶାସନର ବ୍ରାହ୍ମଣମାନେ ସ୍ୱଚ୍ଛନ୍ଦରେ ଚଳୋଜନକରି ନିଜର କର୍ତ୍ତବ୍ୟ ଭୁଲିଯିବା ସଙ୍ଗେ ସଙ୍ଗେ ନାନାପ୍ରକାର ବିଳାସ ଏବଂ ନିଶା ସେବନଦ୍ୱାରା ନିଜର ସମସ୍ତ ସଂପତ୍ତି ହରାଇ ଏକ୍ଷଣି ନିଃସ୍ୱ ହୋଇଯାଇଛନ୍ତି ।

୪-ଆଜିକାଲି ଅଧିକାଂଶ ବ୍ରାହ୍ମଣ ଶାସନର ବ୍ରାହ୍ମଣମାନଙ୍କର ପ୍ରଧାନ କାର୍ଯ୍ୟ ହେଉଛି ବର୍ଷ ବର୍ଷବ୍ୟାପୀ ବିଦେଶ ଯାଇ ସେଠାରୁ ଧନ ଉପାର୍ଜ୍ଜନ କରି ସେହି ସଞ୍ଚିତ ଧନରେ କିଛି କାଳ ଆମୋଦ ପ୍ରମୋଦରେ କଟାଇବା ।

୫—ଅଧିକାଂଶ ବ୍ରାହ୍ମଣ ଶାସନର ବ୍ରାହ୍ମଣମାନେ ବିଦେଶ ଯାଇ ରହୁଥିବାରୁ ସେମାନଙ୍କର ଘର ଭାଙ୍ଗି ଭିହ ହେଉଛି । ସେହି ଭିହ ବ୍ରାହ୍ମଣେତର ଲୋକମାନଙ୍କର ହସ୍ତଗତ ହୋଇ ପୂର୍ବକାଳର ଖାଣ୍ଟି ବ୍ରାହ୍ମଣ ଶାସନ ଗୁଡ଼ିକରେ ଆଜିକାଲି ବ୍ରାହ୍ମଣେତର ସବୁ ଜାତିର ଲୋକମାନେ ଅବାଧରେ ବାସ କରୁଛନ୍ତି ।

୬-ମୁଁ ଦେଖିବା ଅସଂଖ୍ୟ ବ୍ରାହ୍ମଣ ଶାସନର ବ୍ରାହ୍ମଣମାନେ ନିଜର ଶାସନଗୁଡ଼ିକ କାହାଦ୍ୱାରା ସ୍ଥାପିତ ହୋଇଥିଲା ଓ ସେହି ପ୍ରତିଷ୍ଠାତାମାନଙ୍କ ବଂଶାବଳୀ ବା ପ୍ରାଚୀନ ଇତିହାସ ସମ୍ବନ୍ଧରେ କିଛିହିଁ କହି ପାରନ୍ତି ନାହିଁ ।

୭-ପ୍ରାଚୀନଦୀ ତୀରର ଅସଂଖ୍ୟ ବ୍ରାହ୍ମଣ ଶାସନଗୁଡ଼ିକ ଓଡ଼ିଶାର ସ୍ୱାଧୀନ ରାଜା ଏବଂ ସେମାନଙ୍କ ପରେ ଖୋର୍ଦ୍ଧାର ଗଜପତି ରାଜାମାନଙ୍କଦ୍ୱାରା

ସ୍ଥାପିତ ହୋଇଥିବାର ଜଣାଯାଏ । ସେଥିମଧ୍ୟରୁ ଭୁଲସୀପୁର ନିକଟବର୍ତ୍ତୀ 'କେଶର ପୁର' କେଶରୀବଂଶର କୌଣସି ରାଜାଙ୍କ ସମୟରେ ଏବଂ 'ଭୁଲସୀପୁର' ଗଙ୍ଗବଂଶର ରାଜା କପିଳେନ୍ଦ୍ରଦେବଙ୍କ ସମୟରେ (୧୪୩୮ ଖ୍ରୀ) ସ୍ଥାପିତ ହେବାର ଜଣାଯାଏ । (ମିଶ୍ର ଇତିହାସ ୧୩୦ ପୃଷ୍ଠା) କାକଟପୁର ଥାନା ନିମ୍ନ ଶାସନଗୁଡ଼ିକ ମରହଟ୍ଟା ରାଜବଂଶର ରାଜାମାନଙ୍କଦ୍ୱାରା ସ୍ଥାପିତ ହୋଇଥିବାରୁ ପ୍ରତ୍ୟେକ ଶାସନର ନାମ ଶେଷରେ ସେହି ସେହି ରାଜାମାନଙ୍କର ନାମଥିବାର ଦେଖାଯାଏ ।

ଆଦିକନ୍ଦ ପୁର, (ଆଦିକନ୍ଦ ମଙ୍ଗରାଜଙ୍କ କୀର୍ତ୍ତି)
ଯଦୁନାଥ ପୁର,
ରଘୁନାଥ ପୁର,
ବଂଶୀଧର ପୁର,
ଶ୍ରୀରାମ ପୁର ଇତ୍ୟାଦି ଇତ୍ୟାଦି ।

୮-ନିଆଳିର ଶୋଭନେଶ୍ୱର ମନ୍ଦିରରେ ଥିବା ରାଜା ବୈଦ୍ୟମାନଙ୍କ ଶିଳାଲିପିର ଏଗାର ଧାଡ଼ିରେ ସେହି ରାଜା ଉତ୍କଳ ଦେଶରେ 'ନିଆଳି ଶାସନ' ସ୍ଥାପନ କରିଥିବାର ଲେଖାଅଛି । ଆଜିକାଲି ନିଆଳି ଶାସନ ଏହି ମନ୍ଦିର ନିକଟରେ ଅଛି । କିନ୍ତୁ ସ୍ଥାନୀୟ ବ୍ରାହ୍ମଣମାନଙ୍କର ଅବସ୍ଥା ଉପରେ ବର୍ଣ୍ଣିତ ଅବସ୍ଥାରୁ କୌଣସି ଗୁଣରେ ଉତ୍କୃଷ୍ଟ ନୁହେଁ ।

୯-**ପ୍ରାଚୀତୀରର ବ୍ରାହ୍ମଣ ଶାସନ ସଙ୍ଗେ ହାତୀଗୁମ୍ଫା ଲିପିର ସମ୍ବନ୍ଧ**—ହାତୀଗୁମ୍ଫା ଲିପିର ପନ୍ଦର ଧାଡ଼ିରେ ଲେଖାଅଛି "ଖାରବେଳ ବହୁ ପ୍ରଦେଶରୁ ଆସିଥିବା ଯତି, ସନ୍ନ୍ୟାସୀ ଓ ବାନପ୍ରସ୍ଥମାନଙ୍କ ପାଇଁ ଗୋଟିଏ ଗୋଟିଏ ଆଶ୍ରମ ନିର୍ମାଣ କରାଇଥିଲେ । ଏଥିପାଇଁ ସେ ୭୫,୦୦,୦୦୦ ମୋହର ବ୍ୟୟ କରିଥିଲେ । ଏହି ଯତି, ସନ୍ନ୍ୟାସୀ ଓ ବାନପ୍ରସ୍ଥମାନେ ହିନ୍ଦୁ ବ୍ରାହ୍ମଣ ଶ୍ରେଣୀର ଥିଲେ ।"

୧୦-ଲିପିର ଏହି ଲେଖା ଅନୁସାରେ କଳିଙ୍ଗ ରାଜଧାନୀରେ ଖ୍ରୀ: ପୂ: ୧୭୦-୧୬୦ ଅବ୍ଦ ମଧ୍ୟରେ ଉତ୍କୃଷ୍ଟ ବ୍ରାହ୍ମଣ ବାସ କରୁଥିଲେ ।

ଏଥିରୁ ଅଧିକାଂଶ ବ୍ରାହ୍ମଣ ଯେ ପୁଣ୍ୟତୋୟା ପ୍ରାଚୀତୀରରେ ଆଶ୍ରମ ବା ଶାସନ କରି ରହିଥିବେ ସନ୍ଦେହ ନାହିଁ । ଆଜି କାଲି ବ୍ରାହ୍ମଣଶାସନର କଥା ପୂର୍ବେ ବର୍ଣ୍ଣିତ ଅଛି । ଏହି ତୁଳନାରେ ଖ୍ରୀ ପୂ: ଯୁଗର ବ୍ରାହ୍ମଣ ଶାସନଗୁଡ଼ିକର ଅବସ୍ଥା କପରିଥିବ ସେ କଥା ଏକ୍ଷେତ୍ର କୁହାଯାଇ ନପାରେ । ସେଥିପାଇଁ ଆହୁରି ଉତ୍କୃଷ୍ଟ ପ୍ରମାଣମାନ ସଂଗ୍ରହ କରିବାକୁ ହେବ ।

୧୧ **ବୌଦ୍ଧକୀର୍ତ୍ତି** - ପ୍ରାଚୀନଦୀର ଏକାଧିକ ସ୍ଥାନରେ ବୌଦ୍ଧ-କୀର୍ତ୍ତିମାନ ଦେଖାଯାଏ । 'ବୌଦ୍ଧଧର୍ମ' କେବେ ପ୍ରାଚୀନ ଓଡ଼ିଶାରେ ପ୍ରବେଶ କଲା ? ଏ ସମ୍ବନ୍ଧରେ ଅନ୍ୟ ଏକଅଧ୍ୟାୟରେ (ପ୍ରାଚୀନ ପ୍ରତିଷ୍ଠିତ ବିଭିନ୍ନ ଧର୍ମ) କେତେକ କଥା ଆଲୋଚିତ ହେବ ।

୧୨-**ଜୈନକୀର୍ତ୍ତି** — ଏ ସମ୍ବନ୍ଧରେ ମଧ୍ୟ କେତେକ କଥା ଆଲୋଚିତ ହେବ ।

୧୩-**ଯକ୍ଷସ୍ଥଳୀ** —ପରବର୍ତ୍ତୀ ଅଧ୍ୟାୟ ଦେଖନ୍ତୁ ।

# ପ୍ରାଚୀନଦୀ ତୀରର ତୀର୍ଥସ୍ଥାନ ଓ ବାର୍ଷିକ ମେଳା

ପ୍ରାଚୀନଦୀର ଦୁଇ ତୀରରେ ଅନେକ ତୀର୍ଥସ୍ଥାନ ଏବଂ ସ୍ଥାନେ ସ୍ଥାନେ ବାର୍ଷିକ ମେଳା ଭୂମିମାନ ଅଛି । ଏହି ତୀର୍ଥସ୍ଥାନ ଗୁଡ଼ିକ ସମ୍ବନ୍ଧରେ ପ୍ରାଚୀମାହାତ୍ମ୍ୟରେ ଅନେକ ପୌରାଣିକ ଇତିବୃତ୍ତ ଲେଖା ଯାଇଛି । ଅବଶ୍ୟ ସେସବୁ ଇତିବୃତ୍ତ ସମ୍ବନ୍ଧରେ ସ୍ଥାନୀୟବାସୀ ବେଶୀ ଦୃଷ୍ଟି ନଦେଲେ ସୁଦ୍ଧା କେବଳ ବାର୍ଷିକମେଳା ଦିନରେ ଏହି ତୀର୍ଥସ୍ଥାନ-ଗୁଡ଼ିକର ସଦ୍‌ବ୍ୟବହାର କରନ୍ତି । ଏହାଦ୍ୱାରା ପୂର୍ବ ମାହାତ୍ମ୍ୟର ସ୍ମୃତି ଚିର ଦିନପାଏ ବଞ୍ଚାଇ ରଖିବାପାଇଁ ସୁବିଧା ହୋଇଛି ।

**ଦ୍ୱାଦଶ ଶମ୍ଭୁଙ୍କ ନିକଟରେ ତୀର୍ଥସ୍ଥାନ**—ପ୍ରାଚୀତୀରସ୍ଥ ପ୍ରତ୍ୟେକ ଶମ୍ଭୁଙ୍କ ନିକଟବର୍ତ୍ତୀ ପ୍ରାଚୀନଦୀ ଗୋଟିଏ ବା ଏକାଧିକ ତୀର୍ଥ ନାମରେ ପରିଚିତ । ନିମ୍ନରେ ଏହି ତୀର୍ଥର ନାମ ଓ ସଂକ୍ଷିପ୍ତ ପରିଚୟ ବର୍ଣ୍ଣିତ ହୋଇଛି ।

୧—ଶମ୍ଭୁଙ୍କନାମ—କପିଳେଶ୍ୱର

ତୀର୍ଥରନାମ—**ମୁକ୍ତିତୀର୍ଥ**

ବିଶେଷତ୍ୱ—ପ୍ରାଚୀନଦୀର ଏହି ତୀର୍ଥରେ ସ୍ନାନକରି ପିତୃଶ୍ରାଦ୍ଧ କଲେ ପିତୃଲୋକ ମୁକ୍ତିପାନ୍ତି ।

"ମୁକ୍ତି ତୀର୍ଥରେ ସ୍ନାନ, ଯେ ମୋତେ କରିବ ପୂଜନ ।
ଜନନୀ ଗର୍ଭେ ଦୁଃଖେ ଯେତେ, ନାଶିବ ସେ ନର ଭୁଲତେ ।
ନୋହିବ ଆଉ ଗର୍ଭେ ଜନ୍ମ, ଅନ୍ତେ ମୋ ଦେହେ ହେବ ଲୀନ ।"
(ପ୍ରା: ମା. ୩ୟ ଅଧ୍ୟାୟ)

୨—ଶମ୍ଭୁଙ୍କ ନାମ—ଗୋକର୍ଣ୍ଣେଶ୍ୱର
ତୀର୍ଥର ନାମ—**ଗୋକର୍ଣ୍ଣ ତୀର୍ଥ**
ବିଶେଷତ୍ୱ- "ଜଳ ପ୍ରଦାନ କଲେ ତହିଁ, ଉଦ୍ଧାରି ନରକୁ ନିଅଇ ।
ନେଇ ବସାଇ ସ୍ୱର୍ଗପୁରେ, ଦେବତା ହୋଇ ଭୋଗକରେ
ମହୀ ମଣ୍ଡଳେ ପୁଣ୍ୟଧାମ, ଏଠାରେ ନାହିଁ ଦ୍ୱିଜୋତ୍ତମ ।"
(ପ୍ରା. ମା. ୪ର୍ଥ ଅଧ୍ୟାୟ)

୩—ଶମ୍ଭୁଙ୍କ ନାମ—ବିଲ୍ୱେଶ୍ୱର
ତୀର୍ଥସ୍ଥାନ **ତ୍ରିବେଣୀ ତୀର୍ଥ, ମଣିକର୍ଣ୍ଣିକା ତୀର୍ଥ, ମାତୃ ତୀର୍ଥ ।**
ବିଶେଷତ୍ୱ—"ହର ସହିତେ ବେଦବର, ପ୍ରବେଶ କଲେ ପ୍ରାଚୀତୀର ।
ଜଟା ଜୁଟରୁ ଶ୍ରମଝାଳ, ଗଡ଼ି ପଡ଼ିଲେ ପ୍ରାଚୀଜଳ ।
ଗଙ୍ଗା ଯମୁନା ସରସ୍ୱତୀ, ତ୍ରିଧା ହୋଇଲେ ସ୍ରୋତସ୍ୱତୀ ।
ଉତ୍ତର ତୀରେ ଗଙ୍ଗାବାରି, ଦକ୍ଷିଣେ ଯମୁନା ବିହରି ।
ମଧ୍ୟେ ରହିଲେ ସରସ୍ୱତୀ, ତ୍ରିବେଣୀ ନାମ ସେ ବହନ୍ତି ।
ତହିଁରେ ଯାଇ କଲେ ସ୍ନାନ, ଉଦେ ହୋଇବ ପୁଣ୍ୟମାନ ।
ଅନେକ ଜନ୍ମେ ପାପଧ୍ୱଂସି, ବିଷ୍ଣୁ ଲୋକରେ ଥାଇବସି ।"
× × ×
ତ୍ରିବେଣୀ ନେତ୍ରେ ଦେଖିକରି, ମୁକ୍ତି ହୋଇଣ ଯାଇ ତରି ।
× × ×
ଯାହାକୁ ବୋଲନ୍ତି ତ୍ରିବେଣୀ, ମଣି କର୍ଣ୍ଣିକା ସେ ସେ ପୁଣି ।
କଳରେ ଗୁପ୍ତ ବାରାଣାସୀ, ଗୋକର୍ଣ୍ଣେଶ୍ୱର ପାଶେ ଆସି ।
ବିଲ୍ୱେଶ୍ୱରଙ୍କ ନିକଟରେ, ମାତୃକା ତୀର୍ଥ ସେହିଠାରେ ।

ପୂର୍ବକାଳରେ ମାତୃଗଣ, ଦାନବ ସୈନ୍ୟେ କଲେ ରଣ ।
ମାତୃଗଣରେ ପରାଭବ, ଯେଠାରେ ପାଇଲେ ଦାନବ ।
ସେହିନୁ ମାତୃ ନାମେଖ୍ୟାତ, ମାତୃକା ତୀର୍ଥରେ ଜଗତ ।
ସପ୍ତ ମାତୃକା ଛନ୍ତି ରହି, ଦେଖିଲେ ଗର୍ଭେ ବାସ ନାହିଁ ।
( ପ୍ରା: ମା: ୫ମ ଅଧ୍ୟାୟ )

ଅନ୍ତର୍ବେଦୀ—ବିଲେଶ୍ୱର ଓ ଗୋକର୍ଣ୍ଣେଶ୍ୱର ମଧ୍ୟରେ ଯେଉଁ ଅନ୍ତର୍ବେଦୀ ନାମକ ସ୍ଥାନ ଅଛି ତହିଁର—

ବିଶେଷତ୍ୱ—"ବିଲେଶ୍ୱରଙ୍କଠାରୁ ଯେତେ ଗୋକର୍ଣ୍ଣେଶ୍ୱରଙ୍କ ପର୍ଯ୍ୟନ୍ତେ ।
ମଧ୍ୟରେ ଅନ୍ତର୍ଭୂମି ଯେତେ, ଅନ୍ତର୍ବେଦୀ ସେ ଏ ଜଗତେ ।"

୪—ଶମ୍ଭୁଙ୍କ ନାମ—ଶୋଭନେଶ୍ୱର
ତୀର୍ଥ ନାମ—**ଅର୍କତୀର୍ଥ**

ବିଶେଷତ୍ୱ—"ସେ ତୀର୍ଥ ଅର୍କ ତୀର୍ଥ ନାମ, ଖ୍ୟାତ ହୋଇଲା ଦ୍ୱିଜୋତ୍ତମ ।
ଅର୍କ ତୀର୍ଥକୁ ଦେବ ମୁନି, ସେବନ୍ତି କଲେ ହବି ଯେନି ।
ଅର୍କ ତୀର୍ଥରୁ ଅଣିମାର, ସଞ୍ଚଇ ଯେବେ କଳେବର ।
ସକଳ ପାପ ଧ୍ୱଂସକରେ, ଅନ୍ତେ ବସଇ ଶିବ ପୁରେ ।"
(ମାଘ ଶୁକ୍ଳ ସପ୍ତମୀ ଦିନ ଏଠାରେ ବୃହତ ପର୍ବ) (ପ୍ରା: ମା: ୬ଷ୍ଠ ଅଧ୍ୟାୟ)

**ସଙ୍ଗମତୀର୍ଥ**—"ପୂର୍ବେ ସେ ଆଦି ସୃଷ୍ଟି ସାଇଁ, ମନ୍ତ୍ର ଉଚ୍ଚାରି କର୍ମ ତହିଁ ।
କରି ସଙ୍ଗମ ନାମ ଦେଲେ, ସଙ୍ଗମ ତୀର୍ଥ ବୋଲାଇଲେ ।"
(ପ୍ରା: ମା: ୭ମ ଅଧ୍ୟାୟ)

୫—ଶମ୍ଭୁଙ୍କନାମ ରାମେଶ୍ୱର
ତୀର୍ଥନାମ—**ଅଗ୍ନି ତୀର୍ଥ**

ବିଶେଷତ୍ୱ—"କେତେଦୂର ସେ ତହିଁଗଲେ, ଅଗ୍ନି ତୀର୍ଥରେ ପ୍ରବେଶିଲେ ।
ଯେଉଁ ସ୍ଥାନରେ ରାମେଶ୍ୱର, ଈଶ୍ୱର ବିଜୟ ମନ୍ଦିର ।

ତ୍ରେତା ଯୁଗର ଆଦ୍ୟେ ଦ୍ୱିଜା, ପୂର୍ବେ ରାଘବ କଲପୂଜା ।
ସେଠାରେ ଜଗତ ପାବନୀ, ରହିଲେ ଅଗ୍ନି ତୀର୍ଥ ହେନ ।”

(ପ୍ରା: ମା: ୮ମ ଅଧ୍ୟାୟ)

ଗଙ୍ଗେଶ୍ୱରଙ୍କ ସମୀପରେ, ଅଗ୍ନି ଅଛନ୍ତି ପ୍ରାଚୀ ନୀରେ ।
ତେଣୁ ସେ ଅଗ୍ନି ତୀର୍ଥ ନାମ, ବହି ଅଛନ୍ତି ତେଜୋ ଧାମ ।

(ପ୍ରା: ମା: ୧୦ମ ଅଧ୍ୟାୟ)

୬—ଶମ୍ଭୁଙ୍କନାମ—ଅଙ୍ଗେଶ୍ୱର
ତୀର୍ଥନାମ—**ପିତୃତୀର୍ଥ**

ବିଶେଷତ୍ୱ—“ଦେଖ ସାକ୍ଷାତେ ତୀର୍ଥବର, ପିତୃତୀର୍ଥ ନାମ ଯାହାର ।
ଏଠାରେ ନିତ୍ୟ ସ୍ନାନକରି, ପିତୃ ଉଦ୍ଧାର ଦେଇପାରି ।
ପିତୃଙ୍କୁ ପୂଜା କରି ଏବେ, ନରଙ୍କୁ ବଯାଅ ନିନ୍ଦିବେ ”।

**କର୍ଣ୍ଣତୀର୍ଥ**(କର୍ଣ୍ଣ)“ ଏମନ୍ତେ କେତେ ସ୍ତୁତିକଲେ, ଆନନ୍ଦେ କୃତ କୃତ୍ୟ ହେଲେ ।
ସେଦିନୁ ପ୍ରାଚୀ ସରସ୍ୱତୀ, କର୍ଣ୍ଣ ତୀର୍ଥରେ ହେଲେ ଖ୍ୟାତି ।

× × ×

ସେ ତୀର୍ଥେ ସ୍ନାନ ଯାର କାୟେ, ଜନ୍ମେ ସେ ନର ସୁର ହୋଏ ।
ସାକ୍ଷାତେ ସୁରନର ହୋଇ, ସୁଖେ ବିହରେ ସ୍ୱର୍ଗେ ଯାଇ ।

(ପ୍ରା: ମା. ୧୧ଶ ଅଧ୍ୟାୟ)

୭- ଶମ୍ଭୁଙ୍କନାମ-ଅମରେଶ୍ୱର
ତୀର୍ଥନାମ-**ଗୋତୀର୍ଥ**

ବିଶେଷତ୍ୱ-“ ଗୋତୀର୍ଥେ ସ୍ନାନ କରି ନର, ପୂଜିବ ଅମର ଈଶ୍ୱର
ଅମରସଙ୍କୁ ସେ ଆଣଇ, ସୁଖେ ବୈକୁଣ୍ଠେ ବିହରଇ ।”

× × ×

ବୈଶାଖ ଶୁକ୍ଳ ତୃତୀୟାରେ, ଗଙ୍ଗାଆସନ୍ତି ସେ ସ୍ଥାନରେ ।
ସେ ସମ ପୂଣ୍ୟ ସ୍ଥାନନାହିଁ, ବ୍ରହ୍ମାଣ୍ଡମଧ୍ୟେ ସରି ହୋଇ ।

**ଲଳିତାତୀର୍ଥ** "ଅମରେଶ୍ୱର ସମୀପରେ, ଲଳିତାନାମ ବୋଲି ନଗରେ ।
ପ୍ରାଚୀରୁ କିଛି ଭିନ୍ନ ହୋଇ, ଲଳିତା ବୋହୁଛନ୍ତି ତହିଁ ।
(ପ୍ରା.ମା ୧୬ଶ ଅଧ୍ୟାୟ)

"ଶୁଣ ସକଳ ଦ୍ୱିଜବର, ମହିମା ଲଳିତା ତୀର୍ଥର ।
ମଧ୍ୟର କାଶୀପୁରେଶ୍ୱର, ସରି ନୁହନ୍ତି ସେ ତୀର୍ଥର ।
କୁରୁକ୍ଷେତ୍ରକୁ ଆଦି କରି, ଯେତେ ଅଛନ୍ତି ତୀର୍ଥବାରି ।
ସରି ନୁହନ୍ତି ଲଳିତାକୁ, ହେ ବିପ୍ର କହିଲି ତୁମ୍ଭଙ୍କୁ ।"
(ପ୍ରା. ମା: ୧୩ଶ ଅଧ୍ୟାୟ)

୮- ଶମ୍ଭୁଙ୍କନାମ—ଗ୍ରାମେଶ୍ୱର
ତୀର୍ଥନାମ-**ପୁରୁରବା ତୀର୍ଥ** (ପୁରୁରବା ରାଜା ଏଠାରେ ବିଷ୍ଣୁଙ୍କୁ ସ୍ଥାପନ କରିଥିବାରୁ)

ବିଶେଷତ୍ୱ–"ତାଙ୍କନାମରେ ହେଲା ଖ୍ୟାତ, ଅଦ୍ୟାପି ପୁରୁରବା ତୀର୍ଥ ।
ସେ ତୀର୍ଥେ ସ୍ନାନ କଲେ ନର, ଗର୍ଭନିବାସ କରେ ଦୂର ।
କାର୍ତ୍ତିକମାସେ ଯେଉଁ ନର, ସ୍ନାନ କରଇ ସେ ତୀର୍ଥର ।
କାର୍ତ୍ତିକ ଯୁକ୍ତ ପୂର୍ଣ୍ଣମାସୀ, ପୂର୍ବରୁ ଜାଗର ନିଶି ।
ହୋଇବ ପୁରୁରବା ତୀର୍ଥେ, ପ୍ରଦୀପ ଦେବ ଶିବ ଅର୍ଥେ ।
କରଇ ଯେହୁ ବିଚକ୍ଷଣ, ଶିବ ସାଯୁଜ୍ୟ ତାର ଜାଣ ।
(ପ୍ରା. ମା ୧୬ଶ ଅଧ୍ୟାୟ)

× × ×

**ମୃତ୍ୟୁତୀର୍ଥ**-"ମୃତ୍ୟୁ ତପ ସେଠାରେ କଲେ, ସେହିକୁ ମୃତ୍ୟୁ ତୀର୍ଥ ହେଲେ ।
ତହିଁରେ ସ୍ନାନ କଲେ ନର, ସପ୍ତକୁଳ କରେ ଉଦ୍ଧାର ।"

(ପ୍ରା: ମା: ୧୫ଶ ଅଧ୍ୟାୟ)

"ଏ ତୀର୍ଥେ ଯେ ସ୍ନାନ କରିବ, ନିର୍ମଳ ମତି ତାର ହେବ ।
ଏ ତୀର୍ଥନାମ ମୃତ୍ୟୁ ତୀର୍ଥ, ଏସବୁ କରିବ କୃତାର୍ଥ ।
ଏଥିରେ ଯେ ସ୍ନାନ କରିବ, ପରମଜ୍ଞାନ ସେ ପାଇବ ।

× × ×

**ସୁଦର୍ଶନ ତୀର୍ଥ** ମୃତ୍ୟୁ ତୀର୍ଥର ନିକଟରେ, ସୁଦରଶନ ତୀର୍ଥ ବରେ ।
ପୂର୍ବେ ଗ୍ରାମେଣ ସନ୍ନିଧାନ, ବ୍ରାହ୍ମଣ ନାମ ସୁଦର୍ଶନ ।
ଶ୍ରଦ୍ଧାଭାବରେ ଦ୍ୱିଜବର, ତପସ୍ୟା କଲା ମହାଘୋର ।

(ପ୍ରା: ମା: ୧୬ଶ ଅଧ୍ୟାୟ)

୯- ଶମ୍ଭୁଙ୍କନାମ-ସୋମେଶ୍ୱର
ତୀର୍ଥନାମ-**ବିଶ୍ୱାମିତ୍ର ତୀର୍ଥ**
ବିଶେଷତ୍ୱ-" ତଦନ୍ତେ ପ୍ରାଚୀ ସରସ୍ୱତୀ, ପୂର୍ବାଦଧିଙ୍କ କଲେ ଗତି ।
ଯହିଁ କୌଶିକ ତପୋଧନ, କରି ଅଛନ୍ତି ନିକେତନ ।
ସେଠାରେ ବିଶ୍ୱାମିତ୍ର ନାମ, ତୀର୍ଥ ବୋଲନ୍ତି ଦ୍ୱିଜୋତ୍ତମ ।
ସର୍ବ କଲୁଷ ବିନାଶଇ, ସେ ତୀର୍ଥେ ସ୍ନାନ ଯେ କରଇ ।

(ପ୍ରା: ମା: ୧୮ଶ ଅଧ୍ୟାୟ)

ପ୍ରାଚୀ ନଦୀର ଯେଉଁ ସ୍ଥାନରେ ବିଶ୍ୱାମିତ୍ର ତୀର୍ଥ ଅଛି ସେହି ତୀର୍ଥର ଦକ୍ଷିଣ ତୀରରେ ଥିବା ଜଙ୍ଗଲକୁ ତାଟକା ବଣ କୁହାଯାଏ । ସ୍ଥାନୀୟ ଲୋକ ମୁଖରୁ ଜଣାଯାଏ ଯେ ଏଠାରେ ଶ୍ରୀରାମଚନ୍ଦ୍ର ତାଟକାକୁ ବଧ କରିଥିଲେ ।

**ଚକ୍ରତୀର୍ଥ**-"ସେଠାରୁ ଗଲେ ସରସ୍ୱତୀ, ପାପିଙ୍କି କରିବେ ମୁକତି ।
ପ୍ରବେଶ ହେଲେ ଚକ୍ରତୀର୍ଥ, ପାପିଙ୍କ କରିବେ କୃତାର୍ଥ ।
ପୂର୍ବେ ଯହିଁରେ ଚକ୍ରଧର, ତପସ୍ୟା କଲେ ମହାଘୋର ।
ସୋମେଶ୍ୱରଙ୍କୁ କରିପୂଜା, ଚକ୍ର ପାଇଲେ ଦେବରାଜା ।"

(ପ୍ରା: ମା: ୧୯ଶ ଅଧ୍ୟାୟ)

**ଦଧୀଚିତୀର୍ଥ**-"ସୋମେଶ୍ୱରଙ୍କ ସନ୍ନିଧାନ, ଦଧୀଚି ଋଷିଙ୍କ ଆଶ୍ରମ ।
ସେ ପୁଣ୍ୟତମ ବିପ୍ରବର, ଧର୍ମାର୍ଥେ କାମ ମୋକ୍ଷ ତାର ।
ଦଧୀଚି ନାମ ତାହାଙ୍କର, ସମାଧି ଧର୍ମେ ସେ ତତ୍ପର ।

× × ×

[ଦେବତାମାନଙ୍କ ଯୁଦ୍ଧାସ୍ତ୍ରଗୁଡ଼ିକୁ ଦ୍ରବକରି ନିଜ ପେଟରେ ଜିର୍ଣ୍ଣ କଲାପରେ ନିଜ ଅସ୍ଥି ନେଇ ଦେବତାମାନଙ୍କୁ ଯୁଦ୍ଧରେ ଜୟଯୁକ୍ତ କରାଇଲେ ।] ସେଥିପାଇଁ:—

ସେଦିନୁ ସେ ତୀର୍ଥର ନାମ, ଦଧୀଚି ତୀର୍ଥ ପୁଣ୍ୟୋତ୍ତମ ।
ଦଧୀଚି ତୀର୍ଥେ ସ୍ନାନକଲେ, ଆୟୁଷ ଯଶ ଲଭେ ଭଲେ ।
ଇହ ଲୋକରେ ବିହରଇ, ଅନ୍ତେ ବୈକୁଣ୍ଠେ ବସେ ଯାଇ ।

(ପ୍ରା: ମା: ୨୦ଶ ଅଧ୍ୟାୟ)

୧୦- ଶମ୍ଭୁଙ୍କନାମ- ସିଦ୍ଧେଶ୍ୱର
**ତୀର୍ଥନାମ-ଅପ୍‌ସରା ତୀର୍ଥ**
(ମୁଦ୍‌ଗଲ)

ବିଶେଷତ୍ୱ— ପ୍ରମ୍ଲୋଚା ନାମକ ଅପ୍‌ସରାଦ୍ୱାରା ମୁନିଙ୍କ ତପଭଙ୍ଗ ଓ ସେହି ମୁନିଙ୍କଦ୍ୱାରା ଶାପ ପାଇ ଅପ୍‌ସରା ଏହିଠାରେ କମ୍ପିର ହେବାରୁ ପ୍ରାଚୀର ଏହି ତୀର୍ଥକୁ ଅପ୍‌ସରାତୀର୍ଥ ନାମ ଦିଆଗଲା ।

(ପ୍ରା: ମା: ୨୨/୨୩ ଶ ଅଧ୍ୟାୟ)

୧୧- ଶମ୍ଭୁଙ୍କନାମ—ନାଟେଶ୍ୱର
ତୀର୍ଥନାମ- **ନୃତ୍ୟତୀର୍ଥ** (ନାରିକେଶ୍ୱର)

"ନାଟେଶ୍ୱରଙ୍କ ସମୀପରେ, ପ୍ରାଚୀଙ୍କ ଉତ୍ତର ତୀରରେ ।
ସେଠାରେ ଦର୍ଶନରସ୍ଥାନ, ବୋଲି ବୋଲନ୍ତି ସାଧୁଜନ ।"

× × ×

ନାଟକର୍ମିକୁ କଲେ ହର, ନାମବହିଲେ ନାଟେଶ୍ୱର ।
ନାଟେ ପ୍ରମତ୍ତ କଳେବର, ତାଣ୍ଡବ ନୃତ୍ୟ କଲେହର ।

(ପ୍ରା: ମା: ୨୪ ଅଧ୍ୟାୟ)

× ×

୧୨- ଶମ୍ଭୁଙ୍କନାମ-ମୁକ୍ତେଶ୍ୱର
**ତୀର୍ଥନାମ-ମୁକ୍ତତୀର୍ଥ**

ବିଶେଷତ୍ୱ- "ଗାଁର ମଧ୍ୟରେ ସ୍ଥିତ ଦେବ, ତା ନାମ ଗୋମୁଖୀ କେଶବ ।
ତାଙ୍କ ସମୀପେ ମୁକ୍ତିତୀର୍ଥ, ସ୍ନାନେ ସେ କରଇ କୃତାର୍ଥ ।

ବିଶେଷେ ମୁକ୍ତି ତୀର୍ଥେ ସ୍ନାନ, କରି କେଶବ ଦରଶନ ।
ଭାବେ ଯେ କରେ ଦରଶନ, ନରକାନ୍ତରେ ହୁଏ ଲୀନ ।

(ପ୍ରା: ମା: ୨୪ଶ ଅଧ୍ୟାୟ)

## ସାଗର ସଙ୍ଗମ ତୀର୍ଥ

"ସେଠାରେ ସାଗର ସଂଗମ, ତାଙ୍କର ହେଲା ତୀର୍ଥନାମ।
ସାଗର ସଙ୍ଗମରେ ଯାଇ, ଯେଉଁଭାବେ ସ୍ନାହାନ କରଇ ।
ସକଳପାପ ହୁଏ ନାଶ, ଅନ୍ତେ ବସଇ ବିଷ୍ଣୁ ପାଶ ।
ଏଥିରୁ ଅନ୍ୟ ତୀର୍ଥ ନାହିଁ, ମହାଚଳରେ ବଡ଼ ହୋଇ ।

(ପ୍ରା: ମା; ୨୪ଶ ଅଧ୍ୟାୟ)

**ପ୍ରାଚୀନଦୀତୀରରେ ବାର୍ଷିକ ମେଳା**—ଅତି ପ୍ରାଚୀନକାଳରୁ ପ୍ରାଚୀନଦୀକୂଳର ନିମ୍ନ କେତେ ସ୍ଥାନରେ ବାର୍ଷିକ ମେଳା ହୁଏ । ଏହି ମେଳାଗୁଡ଼ିକରେ ହଜାର ହଜାର ସ୍ତ୍ରୀ ପୁରୁଷ ଆସି ଯୋଗ ଦିଅନ୍ତି ଏବଂ ସେହିଦିନ ପ୍ରାଚୀ ତୀର୍ଥରେ ସ୍ନାନ କରି ନିକଟବର୍ତ୍ତୀ ଶିବଙ୍କୁ ଦର୍ଶନ କରି ଶିବଭୋଗ ଖାଆନ୍ତି । ଏପର୍ଯ୍ୟନ୍ତ ଅନେକ ସ୍ଥାନୀୟ ଲୋକମାନଙ୍କର ବିଶ୍ୱାସ ପ୍ରାଚୀନଦୀତୀରର ଏହି ତୀର୍ଥ ଓ ମେଳାଗୁଡ଼ିକରେ ଯୋଗ ଦେଇ ଶିବ ଦର୍ଶନ କଲେ ବନ୍ଧ୍ୟା ସ୍ତ୍ରୀ ପୁତ୍ରଲାଭ କରନ୍ତି ଏବଂ ସୁଖରେ କାଳାତିପାତ କରିପାରନ୍ତି । ଏହି କାରଣରୁ ଅସଂଖ୍ୟ ସ୍ତ୍ରୀ ଓ ଗରିବ ଏହି ମେଳାଗୁଡ଼ିକରେ ଯୋଗଦେଇ ଶିବ ଦର୍ଶନ କରନ୍ତି ।

୧- **ତ୍ରିବେଣୀମେଳା**—ପ୍ରାଚୀର ଦକ୍ଷିଣତୀରବର୍ତ୍ତୀ ବିଲେ୍ୱଶ୍ୱରଙ୍କ ମନ୍ଦିରର ପଶ୍ଚିମଭାଗରେ ।

**ସଂକ୍ଷିପ୍ତ ପରିଚୟ**—ଅନ୍ୟୂନ ଦଶହଜାର ଲୋକ ଏହି ମେଳାରେ ଯୋଗ ଦିଅନ୍ତି । ପୂର୍ବେ ଏହା ମାସାଧିକ କାଳଯାଏ ବସୁଥିଲା । ଆଜକାଲି ନଅ ଦଶ ଦିନରେ ଶେଷ ହୁଏ । ଏଠାରେ ବିଭିନ୍ନ ଦ୍ରବ୍ୟର ଗୋଟିଏ ପ୍ରଦର୍ଶନୀ ବା ହାଟ ବସେ । ଲୋକମାନେ କାଠର ଜିନିଷ ବହୁତ କିଣନ୍ତି ।

**୨- ମାଧବ ଦ୍ୱାଦଶୀ ମେଳା**—ମାଧବ ନିକଟବର୍ତ୍ତୀ ସିଦ୍ଧମଠ ପ୍ରାଚୀର ଉତ୍ତରତୀରରେ । ଏହିଦିନ ପ୍ରାଚୀନଦୀର ଏହି ତୀର୍ଥରେ ମାଧବାନନ୍ଦ ସ୍ନାନ କରିବାକୁ ଆସନ୍ତି । ବିରାଟ ମେଳା ହୁଏ । କଟକ ଓ ପୁରୀ ଅଞ୍ଚଳରୁ ଅସଂଖ୍ୟ ଲୋକ ଯୋଗ ଦିଅନ୍ତି ।

**୩-ଗୋତୀର୍ଥ କୁଡ଼**—ତୁଳସୀପୁର ନିକଟବର୍ତ୍ତୀ ଅମରେଶ୍ୱରଙ୍କ-ଠାରେ ପ୍ରାଚୀନଦୀର ଦକ୍ଷିଣତୀର ।

ଅକ୍ଷୟତୃତୀୟାଦିନ ଅସଂଖ୍ୟା ବନ୍ଧ୍ୟା ସ୍ତ୍ରୀ ଏଠାକୁ ଆସି ସ୍ନାନ କରନ୍ତି ।

**୪-ନନ୍ଦା କୁଡ଼**—ପ୍ରାଚୀନଦୀର ଉତ୍ତରତୀରରେ ଥିବା (ନିପାଣିଆ-ଗଡ଼ର ସମ୍ମୁଖରେ ।) ରାମେଶ୍ୱରଙ୍କ ନିକଟରେ ।

**୫- ଅପସରାକୁଡ଼**—ଅପ୍‌ସରମଠ ନିକଟବର୍ତ୍ତୀ ପ୍ରାଚୀତୀରରେ । ବୈଶାଖ ପୂର୍ଣ୍ଣିମାଦିନ ସ୍ଥାନୀୟ ଲୋକମାନେ ଏଠାରେ କୁଡ଼ ପକାନ୍ତି ।

**ପ୍ରାଚୀତୀରର ଅନ୍ୟାନ୍ୟ ପର୍ବପର୍ବାଣୀ**— ଉପର୍ଯ୍ୟୁକ୍ତ କେତୋଟି ନିର୍ଦ୍ଦିଷ୍ଟ ବାର୍ଷିକ ମେଳା ବ୍ୟତୀତ ପ୍ରାଚୀତୀରର ପ୍ରତ୍ୟେକ ଶମ୍ଭୁଙ୍କ ନିକଟରେ ବାରମାସରେ ତେରପର୍ବ ମଧ୍ୟ ହୁଏ । ଏହି ସ୍ଥାନର ଶିବରାତ୍ରି ଦିନରେ ଜାଗର, ଚନ୍ଦନଯାତ୍ରା ସମୟରେ ନିକଟବର୍ତ୍ତୀ ପୁଷ୍କରିଣୀ ଗୁଡ଼ିକରେ ଚନ୍ଦନ ରୂପ ଏବଂ ଅନ୍ୟାନ୍ୟ ପର୍ବଗୁଡ଼ିକ ପ୍ରାୟ ପ୍ରତିମାସରେ ହୁଏ ।

ଠାକୁରଙ୍କ ମାସିକ ଓ ବାର୍ଷିକ ମେଳା ଓ ପର୍ବ ସଙ୍ଗେ ସଙ୍ଗେ କେତେକ ସ୍ଥାନରେ ସ୍ଥାନୀୟ ଲୋକମାନଙ୍କ ଉଦ୍ୟମରୁ ବାର୍ଷିକ ନାମ-ସଂକୀର୍ତ୍ତନ, ଅଷ୍ଟପ୍ରହର, ପାଲା, ସୁଆଙ୍ଗ ନାଟ ପ୍ରଭୃତି ମଧ୍ୟ ସ୍ଥାନେ ସ୍ଥାନେ ହୁଏ । ଏ ଶ୍ରେଣୀର ପର୍ବପର୍ବାଣୀ ସମ୍ବନ୍ଧରେ ଆଲୋଚନା କଲେ ପୁଣି ଗୋଟିଏ ପ୍ରକାଣ୍ଡ ଗ୍ରନ୍ଥ ହେବା ଅସମ୍ଭବ ନୁହେଁ ।

ପ୍ରାଚୀତୀରବର୍ତ୍ତୀ ଶିବ ଓ ବିଷ୍ଣୁଙ୍କ ବାରମାସର ତେରପର୍ବ ସଙ୍ଗେ ସଙ୍ଗେ ଏହି ତୀର ବର୍ତ୍ତୀ ଅସଂଖ୍ୟ ଠାକୁରାଣୀ, ଦୁର୍ଗା, ଗ୍ରାମଦେବୀଙ୍କର

ସାଧାରଣ ପର୍ବପର୍ବାଣୀ ଏବଂ ଅଶ୍ୱିନମାସର ଷୋଳପୂଜା ମଧ୍ୟ ହୁଏ । ଏକାଧିକ ସ୍ଥାନରେ 'ଚରମବେଷ୍ଟଣୀ'ଙ୍କ ପୀଠ ଅଛି ।

ଯଥା:—କାକଟପୁର ମହାମଙ୍ଗଳା, ନଭରଣରେ ଦଶଭୁଜା ଦୁର୍ଗା ପ୍ରଭୃତି । ଅନ୍ୟ ସ୍ଥାନଗୁଡ଼ିକରେ ଥିବା ଗ୍ରାମଦେବୀ, ଚଣ୍ଡି ଚର୍ଚ୍ଚିକା ପ୍ରଭୃତି ପୀଠରେ ଷୋଳପୂଜା ସମୟରେ ଛେଳି, ମେଣ୍ଢା ଓ କୁକୁଡ଼ା ପ୍ରଭୃତି ବଳି ମଧ୍ୟ ପଡ଼େ । ଏପରି ଏକାଧିକ ସ୍ଥାନରେ ପ୍ରାଚୀତୀରବର୍ତ୍ତୀ ଦେବାଦେବୀଙ୍କର ପର୍ବପର୍ବାଣୀ ବର୍ଷର ପ୍ରତ୍ୟେକ ମାସରେ ହୁଏ ।

**ପ୍ରାଚୀତୀରର କେତୋଟି ଯଜ୍ଞସ୍ଥଳୀ**—ପ୍ରାଚୀନଦୀର ନିମ୍ନ କେତେକ ସ୍ଥାନରେ ପୌରାଣିକ ଏବଂ ଆଧୁନିକ ଯୁଗରେ ମହାଯଜ୍ଞମାନ ହୋଇଥିବାର ସଙ୍କେତ ଦେଖାଯାଏ ।

**୧ମ ଅନ୍ତର୍ବେଦୀ**—ଏଠାରେ ୧୩୦୭ ସାଲରେ ପ୍ରଥମ ଯଜ୍ଞ ହୋଇଥିବାର ସ୍ଥାନୀୟ ଲୋକମୁଖରୁ ଜଣାଯାଏ ଏବଂ ସେହି ସାଲର ସୂଚନାସ୍ୱରୂପ ଦୁଇଖଣ୍ଡି ଯଜ୍ଞପ୍ରସ୍ତର ସ୍ତମ୍ଭ ଅନ୍ତର୍ବେଦୀ ମଠର ସମ୍ମୁଖରେ ପୋତା ହୋଇଛି । ଏ ଦୁଇଟି ସ୍ତମ୍ଭ ବ୍ୟତୀତ ଏଠାରେ ଆହୁରି ୪-୬ଟି ଛୋଟ ପ୍ରସ୍ତର ସ୍ତମ୍ଭ ଅଛି । ଏସବୁ ସ୍ତମ୍ଭରେ ଓଡ଼ିଆ ଲିପି ଖୋଳାଯାଇଛି, କିନ୍ତୁ ଅକ୍ଷରଗୁଡ଼ିକ ପ୍ରାୟ ଅଦୃଶ୍ୟ ହୋଇଗଲାଣି ।

**୨ୟ ନଆଳି**- ନଆଳି ଶୋଭନେଶ୍ୱର ମନ୍ଦିରରେ ଥିବା ଶିଳାଲିପି ୨୨ଧାଡ଼ିରେ ଲେଖାଅଛି ଯେ ରାଜା ଶ୍ରୀ ବୈଦ୍ୟନାଥ ସ୍ଥାନୀୟ ଶୋଭନେଶ୍ୱର ମନ୍ଦିର ନିର୍ମାଣ କରିବା ସମୟରେ ସାତୋଟି ଯଜ୍ଞ କରିଥିଲେ । ଠିକ କେଉଁ ସ୍ଥାନରେ ସେ ଏସବୁ ଯଜ୍ଞ କରିଥିଲେ ସେହିସ୍ଥାନ ଏକ୍ଷଣି ଜାଣିବାର ସୁବିଧା ନାହିଁ ।

**୩ୟ ଚୌଲଗ୍ରାମ**—ଏହି ଗ୍ରାମ ନଆଳିଠାରୁ ପ୍ରାୟ ଦେଢ଼ମାଇଲ ଦକ୍ଷିଣ ପୂର୍ବରେ ପ୍ରାଚୀନଦୀର ଉତ୍ତର ତୀରରେ ଅବସ୍ଥିତ । ପ୍ରାଚୀନଦୀ ଓ ଏହି ଗ୍ରାମ ମଧ୍ୟରେ ନଆଳି-ମାଧବ ରାସ୍ତା ଯାଇଛି । ସେହି ରାସ୍ତା ଓ ନଦୀ ମଧ୍ୟରେ ଥିବା ପଡ଼ିଆ ଭୂମିରେ ୬।୭ ଟି ଯଜ୍ଞ ସ୍ତମ୍ଭ ଅଛି । ସେଗୁଡ଼ିକ କେଉଁ କାଳରୁ ଅଛି ତାହାର ସମୟ ଠିକ୍ କରିହୁଏ ନାହିଁ । ତେବେ

ସ୍ଥାନୀୟ ବୃଦ୍ଧମାନେ କହନ୍ତି ଏଗୁଡ଼ିକ ଶ୍ରୀରାମଚନ୍ଦ୍ରଙ୍କ ଯଜ୍ଞ ସ୍ତମ୍ଭ ଅଟେ । ବନବାସ ସମୟରେ ଶ୍ରୀରାମଚନ୍ଦ୍ର ଏହି ସ୍ଥାନରେ ଯଜ୍ଞ କରି ସ୍ଥାନୀୟ ରାମେଶ୍ୱରଙ୍କୁ ସ୍ଥାପନ କରିଥିଲେ । ରାମଚନ୍ଦ୍ରଙ୍କ କଥାତ ପୌରାଣିକ ଯୁଗର ଘଟଣା । ସମ୍ଭବତଃ ଅନ୍ତର୍ବେଦୀରେ ଥିବା ସ୍ତମ୍ଭର ଏଗୁଡ଼ିକ ସମସାମୟିକ କିମ୍ବା ପରବର୍ତ୍ତୀ ଯୁଗର ହେବା ସମ୍ଭବ ।

**୪ର୍ଥ-ପିତାପଡ଼ା**—ପ୍ରାଚୀନଦୀର ଉତ୍ତର ଏବଂ ମାଧବ ଗ୍ରାମର ପ୍ରାୟ ଦେଢ଼ମାଇଲ ଦକ୍ଷିଣ ପୂର୍ବରେ ଥିବା ପିତାପଡ଼ା ଗ୍ରାମରେ ଅଙ୍ଗେଶ୍ୱରଙ୍କଠାରେ ପ୍ରବଂ ଅଙ୍ଗଦେଶର ରାଜା କର୍ଣ୍ଣ ଯଜ୍ଞ କରିଥିବାରୁ ପ୍ରାଚୀନଦୀର ଏହି ସ୍ଥାନକୁ 'କର୍ଣ୍ଣ ତୀର୍ଥ' କୁହା ଯାଇଥିଲା ।

**୫ମ-ଅମରେଶ୍ୱର**—ପ୍ରାଚୀନଦୀର ଦକ୍ଷିଣ ତୀରରେ ଚଉରାଶୀ ଗ୍ରାମର ପ୍ରାୟ ୨୯ ମାଇଲ ଦକ୍ଷିଣ ପୂର୍ବରେ ଯେଉଁ ଅମରେଶ୍ୱର ମହାଦେବ ଅଛନ୍ତି, ସେହି ମହାଦେବଙ୍କ ମନ୍ଦିର ସମ୍ମୁଖରେ ଗୋଟିଏ ଯଜ୍ଞକୁଣ୍ଡ ଅଛି । ଏଠାରେ ଲଙ୍କାଧିପତି ରାବଣ ଅମରବର ପାଇବା ପାଇଁ ଗୋଟିଏ ଯଜ୍ଞ କରିଥିବାର ପ୍ରାଚୀ ମାହାତ୍ମ୍ୟରେ ବର୍ଣ୍ଣିତ ଅଛି ।

**୬ଷ୍ଠ-ଚଉରାଶୀ** ଚଉରାଶୀ ଗ୍ରାମର ଉତ୍ତରରେ ପ୍ରାଚୀନଦୀକୁ ଲାଗି ଗୋଟିଏ ଇଟାଗଦା ବା ସ୍ତୁପ ଅଛି । ଏହାକୁ ସ୍ଥାନୀୟ ଲୋକମାନେ 'ଯଜ୍ଞ ବେଦୀ' କହନ୍ତି । ଏହି ଯଜ୍ଞବେଦୀର ସମ୍ମୁଖରେ ପ୍ରାଚୀନଦୀର ଘାଟକୁ 'ବଣୀଘାଟ' କୁହାଯାଏ । ଏଠା ଯଜ୍ଞବେଦୀରେ ଯେଉଁ ଇଟା ଦେଖିବାକୁ ପାଉଁ ସେଗୁଡ଼ିକ ପ୍ରାଚୀତୀରବର୍ତ୍ତୀ ଅନ୍ୟ ପ୍ରାଚୀନ ମନ୍ଦିର ଓ ବାସଗୃହରେ ବ୍ୟବହୃତ ଇଟାପରି ପୁରୁଣା ଓ ବଡ଼ ଥିବାର ଦେଖାଯାଏ । ଏଥିରୁ ସ୍ପଷ୍ଟ କହିପାରୁ ଯେ ଏହି ଯଜ୍ଞବେଦୀ ଏ ଅଂଚଳର ଅତି ପ୍ରାଚୀନ ଯଜ୍ଞସ୍ଥଳୀ ଅଟେ ।

**୭ମ ବିଶ୍ୱାମିତ୍ର**—କାକଟପୁର ଥାନାର କାକଟପୁର ଗ୍ରାମକୁ ପ୍ରାୟ ୧୨ ମାଇଲ ପଶ୍ଚିମରେ ପ୍ରାଚୀନଦୀର ଉତ୍ତରତୀରରେ ବିଶ୍ୱାମିତ୍ର ମଠ ଅଛି । ଏହି ମଠଠାରେ ଏକାଧିକ ବାବାଜି ଯଜ୍ଞ କରିଥିବାର ସ୍ଥାନୀୟ ଲୋକ ମୁଖରୁ ଜଣାଯାଏ । ସେମାନେ ଯଜ୍ଞପାଇଁ ଯେଉଁ କୁଣ୍ଡ ନିର୍ମାଣ କରିଥିଲେ ସେହିକୁଣ୍ଡ ଅଦ୍ୟାବଧି ଏଠାରେ ରହିଛି ।

**୮୨-ଦେଉଳୀ**—କାକଟପୁର ଥାନାର ଦେଉଳୀ ଗ୍ରାମରେ ପ୍ରାଚୀ ନଦୀର ଉତ୍ତର ତୀରରେ ଥିବା ଦେଉଳୀ ମଠ ନିକଟରେ ଏକାଧିକ ଯଜ୍ଞ ହେବାର କିମ୍ବଦନ୍ତୀ ଅଛି । କିନ୍ତୁ କୌଣସି ସ୍ଥାନରେ ଯଜ୍ଞ ସ୍ତମ୍ଭ ଦେଖାଯାଏ ନାହିଁ ।

ଏପରି ଅଳ୍ପ କେତେକ ସ୍ଥାନରେ ପ୍ରାଚୀ ନଦୀର ଉତ୍ତର ତୀରରେ ପୂର୍ବେ ଯଜ୍ଞ ହୋଇଥିବାର ସୂଚନା ମିଳେ । ଏହି ଯଜ୍ଞସ୍ଥଳୀ ଯୋଗୁ ପ୍ରାଚୀନଦୀ ଅତି ପ୍ରାଚୀନ ଯୁଗରୁ ଅତି ପୂଣ୍ୟସ୍ଥଳୀ ରୂପେ ପ୍ରସିଦ୍ଧ ହୋଇଥିବା ନିଃସନ୍ଦେହ ।

# ପ୍ରାଚୀନଦୀ ତୀରରେ ପ୍ରତିଷ୍ଠିତ ବିଭିନ୍ନ ଧର୍ମ

**କଳିଙ୍ଗର ପ୍ରାଚୀନ ଧର୍ମ**—କଳିଙ୍ଗ ଦେଶର ଅତି ପ୍ରାଚୀନ ଧର୍ମ କଅଣ ଥିଲା ? **ଓଡ଼ିଶା ଇତିହାସରୁ** ଜଣାଯାଏ ଯେ ଆର୍ଯ୍ୟମାନଙ୍କ ଆଗମନର ବହୁପୂର୍ବରୁ ଏହି ଦେଶରେ ଅନାର୍ଯ୍ୟମାନେ ବାସ କରୁଥିଲେ । ଏହି ଅନାର୍ଯ୍ୟମାନଙ୍କ ମଧ୍ୟରୁ ଗଡ଼ଜାତ ପ୍ରଭୃତି ଜଙ୍ଗଲମୟ ପ୍ରଦେଶଗୁଡ଼ିକରେ କନ୍ଧ, କୋଲ, ସଉରା ପ୍ରଭୃତି ଜାତିର ଲୋକମାନେ ବାସ କରୁଥିଲେ ଏବଂ ଆଧୁନିକ ମୋଗଲବନ୍ଦୀ ବୋଲିଯାଉଥିବା ସମୁଦ୍ରକୂଳର ପ୍ରଦେଶରେ କେତେପ୍ରକାର ମତ୍ସ୍ୟଜୀବୀ ବାସକରୁଥିଲେ । ଏହି ମତ୍ସ୍ୟଜୀବୀ ମଧ୍ୟ ଅନାର୍ଯ୍ୟ ଥିଲେ । ଏମାନଙ୍କର ଧର୍ମ ଅନାର୍ଯ୍ୟ ଧର୍ମ (Animism) ଥିଲା । ଆଧୁନିକ 'ଗ୍ରାମଦେବୀ' ଏ ଶ୍ରେଣୀ ଲୋକମାନଙ୍କର ଇଷ୍ଟଦେବୀ ଥିଲା । ଆଧୁନିକ 'ସଭ୍ୟତା' ଏମାନଙ୍କର ନଥିଲେ ମଧ୍ୟ ସାମାଜିକ ଓ ପାରିବାରିକ ନିୟମାବଳୀ ଏମାନଙ୍କ ମଧ୍ୟରେ ଥିଲା ।

**ପ୍ରାଚୀନଦୀ ଓ ଅନାର୍ଯ୍ୟ ଜାତି**—ଆଧୁନିକ ପ୍ରାଚୀନଦୀ ଯେଉଁ ଅଞ୍ଚଳରେ ବହି ଯାଉଛି, ତାହା ଏକ ସମୟରେ କଳିଙ୍ଗର ଅଂଶ

ଥିଲା ଏବଂ ଏହା ସମୁଦ୍ରର ଅତି ନିକଟ ଥିବାରୁ ଏଠାରେ ମଧ୍ୟ ସେହି ମତ୍ସ୍ୟଜୀବୀ ଶ୍ରେଣୀର ଅନାର୍ଯ୍ୟମାନେ ବାସ କରୁଥିଲେ । ଏହି ଅଞ୍ଚଳଗୁଡ଼ିକ ଓଡ଼ିଶା ଗଡ଼ଜାତର ବହୁଦୂରରେ ରହି ଥିବାରୁ ପ୍ରାଚୀ ତୀରବର୍ତ୍ତୀ କୌଣସି ଅଞ୍ଚଳରେ କନ୍ଧ, କୋଲ ପ୍ରଭୃତି ପାର୍ବତ୍ୟଅନାର୍ଯ୍ୟମାନେ ଦେଖାଯାନ୍ତି ନାହିଁ । ଅତଏବ ଏହି ପ୍ରଦେଶରେ ପୂର୍ବେ ମତ୍ସ୍ୟଜୀବୀ ଅନାର୍ଯ୍ୟମାନେ ବାସ କରୁଥିଲେ ବୋଲି କୁହାଯାଇପାରେ ।

**ପ୍ରାଚୀନଦୀ ଅଞ୍ଚଳରେ ଆର୍ଯ୍ୟବସତି ସ୍ଥାପନ**—ମଗଧ ରାଜା ଅଶୋକ କଳିଙ୍ଗ ଅଧିକାର କରିବା ବହୁ ପୂର୍ବରୁ କଳିଙ୍ଗ ପ୍ରଦେଶ ସୁସଭ୍ୟ ଥିଲା । ରାମାୟଣ ଓ ମହାଭାରତରେ କଳିଙ୍ଗର ନାମୋଲ୍ଲେଖ ଅଛି । କଳିଙ୍ଗର ବଳୀରାଜା ନିଜ ସୈନ୍ୟଙ୍କୁ ନେଇ ମହାଭାରତ ଯୁଦ୍ଧରେ ଯୋଗ ଦେଇଥିଲେ । ଏହି କେତେକ ଘଟଣାରୁ ବେଶ୍ ଜାଣିହୁଏ ଯେ ମହାଭାରତ ଯୁଦ୍ଧବେଳକୁ, ଅର୍ଥାତ୍ ଖ୍ରୀ: ପୂ: ୨୦୦୦ ବର୍ଷ ଆଗରୁ ଏ ଦେଶ ଆର୍ଯ୍ୟମାନଙ୍କଦ୍ୱାରା ସଂସ୍କୃତ ହୋଇ ଯାଇଥିଲା ।

ଅଶୋକ କଳିଙ୍ଗ ଅଧିକାର କଲା ସମୟରେ ଏ ଦେଶରେ ଲକ୍ଷ ଲକ୍ଷ ଲୋକ ବାସ କରୁଥିଲେ । ସେହି ଯୁଦ୍ଧବେଳେ ଅଶୋକ ପ୍ରାୟ ୧୫୦,୦୦୦ ଲୋକଙ୍କୁ ବନ୍ଦୀ କରିଥିଲେ ଏବଂ ପ୍ରାୟ ୧୦୦,୦୦୦ ଲୋକଙ୍କୁ ଯୁଦ୍ଧଭୂମିରେ ହତ୍ୟା କରାଇଥିଲେ । ଏହି ସଂଖ୍ୟାରୁ କଳିଙ୍ଗ ସୈନ୍ୟ କେତେ ଥିଲ ସ୍ପଷ୍ଟ ଅନୁମାନ କରାଯାଇପାରେ । ପ୍ରାଚୀନଦୀ ଥିବା ପ୍ରଦେଶଗୁଡ଼ିକ କଳିଙ୍ଗର ଅନ୍ତର୍ଭୁକ୍ତ ଥିବାରୁ ବିଶେଷତଃ ଅଶୋକଙ୍କ କଳିଙ୍ଗ ରାଜଧାନୀ ତୋଷାଳୀ ବା ଆଧୁନିକ ଧଉଳୀ ଏହି ପ୍ରାଚୀ ନଦୀର ଅତି ନିକଟ ଥିବାରୁ ଏହି ପ୍ରଦେଶ ମଧ୍ୟ ଲୋକାକୀର୍ଣ୍ଣ ଥିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ ଏବଂ ଏହି ଲୋକମାନେ ଆର୍ଯ୍ୟ ଥିବାର ମଧ୍ୟ ସମ୍ଭବ । କାରଣ କୌଣସି ଅନାର୍ଯ୍ୟ ଜାତିର ଲୋକମାନେ କଳିଙ୍ଗ ଯୁଦ୍ଧପରି ଯୁଦ୍ଧରେ ଯୋଗ ଦେଇ-ଥିବାର କଳିଙ୍ଗ ଇତିହାସରେ ଲେଖା ନାହିଁ ।

**ଚୈତ୍ରବଂଶ ରାଜାମାନଙ୍କ ସମୟରେ ପ୍ରାଚୀନଦୀ ତୀରର ଧର୍ମ**—ଅଶୋକଙ୍କ ମୃତ୍ୟୁପରେ ଚୈତ୍ରବଂଶ କୋଶଳରୁ ଆସି କଳିଙ୍ଗରେ ସ୍ୱାଧୀନ ରାଜତ୍ୱ ସ୍ଥାପନ କରିଥିଲେ ଏବଂ ଏହାଙ୍କ ରାଜଧାନୀ

ଆଧୁନିକ ପ୍ରାଚୀନଦୀ ତୀରବର୍ତ୍ତୀ ଗୋଟିଏ ସ୍ଥାନରେ ଥିବାର ପୂର୍ବରୁ କୁହା ଯାଇଅଛି । ସେହି ଚୈତ୍ରଐରଙ୍କର ଏବଂ ତାହାଙ୍କ ପ୍ରଜାମାନଙ୍କର ଧର୍ମ କ'ଣ ଥିଲା ?

ହାତୀଗୁମ୍ଫା ଲିପିରୁ ବେଶ୍ ଜାଣିହୁଏ ଯେ, ଖାରବେଳ ପ୍ରଥମେ ସାର୍ବଜନୀନ ଆର୍ଯ୍ୟଧର୍ମାବଲମ୍ବୀ ଥିଲେ । ତାହାଙ୍କ ସମୟରେ ଏହି ଅଞ୍ଚଳରେ ଶିବ, ବିଷ୍ଣୁ ଓ ଶକ୍ତି ପ୍ରଭୃତି ହିନ୍ଦୁ ଦେବାଦେବୀ ପୂଜା ପାଉଥିଲେ । ଖାରବେଳ ନିଜେ ଦାନ, ଜପ, ହୋମ ଓ ଯଜ୍ଞ ପ୍ରଭୃତି କରି ଆର୍ଯ୍ୟ ଭାରତୀୟ ଧର୍ମର ନିୟମଗୁଡ଼ିକୁ ପାଳନ କରୁଥିଲେ । ଏ କେତେକ ଘଟଣାରୁ ଚୈତ୍ରବଂଶ ରାଜାମାନଙ୍କ ସମୟରେ 'ସାର୍ବଜନୀନ ଆର୍ଯ୍ୟଧର୍ମ' ଏ ଦେଶବାସୀଙ୍କ ପ୍ରଧାନ ଧର୍ମ ଥିଲା ବୋଲି କୁହାଯାଇ ପାରେ ।

ପୂର୍ବେ କୁହାଯାଇ ଅଛିଯେ, ଚୈତ୍ରଐର ଜଣେ ହିନ୍ଦୁ ଥିଲେ ଏବଂ 'ଶିବ' ତାହାଙ୍କର ପ୍ରଧାନ ଉପାସ୍ୟ ଦେବ ଥିଲେ । ପ୍ରାଚୀ ମାହାତ୍ମ୍ୟରେ ବର୍ଣ୍ଣିତ 'ଚିତ୍ରଚଣ୍ଡାଳ' ଏହି ଚୈତ୍ରଐର ଅଟନ୍ତି ଏବଂ ଏ ଜଣେ ପରମ ଧାର୍ମିକ ଓ ଶିବ ଉପାସକ ଥିବାରୁ ଏହାଙ୍କ ମୃତ୍ୟୁପରେ ସ୍ଥାନୀୟ ଲୋକମାନେ ତାହାଙ୍କ ସ୍ମୃତିରକ୍ଷା ପାଇଁ ଗୋଟିଏ ଶିବଲିଙ୍ଗ ସ୍ଥାପନ କରିଥିଲେ ।

**ଖାରବେଳଙ୍କ ପ୍ରଥମ ଧର୍ମ**—ଖାରବେଳଙ୍କ ଧର୍ମ କଅଣ ଥିଲା ? ଚେତ୍ରଐର ଖାରବେଳଙ୍କ ପୂର୍ବପୁରୁଷ ଥିବାର ନିଃସନ୍ଦେହ ଏବଂ ଚୈତ୍ର ଯେ ଆର୍ଯ୍ୟ ହିନ୍ଦୁ ଥିଲେ ଏହା ମଧ୍ୟ ପୂର୍ବରୁ ପ୍ରମାଣିତ ହୋଇଛି । ଏପରି ଅବସ୍ଥାରେ ଖାରବେଳଙ୍କୁ ଜନ୍ମରୁ 'ଜୈନ' ଥିଲେ ବୋଲି କୁହାଯାଇ ନପାରେ । ସେ ଯଦି ପ୍ରକୃତରେ ଜନ୍ମରୁ ଜୈନଧର୍ମାବଲମ୍ବୀ ଥାନ୍ତେ ତାହା-ହେଲେ ତାଙ୍କ ତେରବର୍ଷ ରାଜତ୍ୱରେ ଯେଉଁ 'ଲୋମହର୍ଷଣ' ଯୁଦ୍ଧ ମାନ ଘୋଷଣାକରି ଭାରତର ଅର୍ଦ୍ଧାଧିକ ପ୍ରଦେଶ ଜୟ କରିଥିଲେ ତାହା କେବେହେଁ ସମ୍ଭବ ହୁଅନ୍ତା ନାହିଁ । ଏପର୍ଯ୍ୟନ୍ତ କୌଣସି ଜୈନରାଜା ବା ସମ୍ରାଟ ଏପରି ଧର୍ମ ବିରୁଦ୍ଧ ଯୁଦ୍ଧମାନ କରିଥିବାର କୌଣସି ଜୈନ ଗ୍ରନ୍ଥରେ ଲେଖାଯାଇ ନାହିଁ । ଖାରବେଳଙ୍କ ପରି ଜଣେ ପରାକ୍ରମୀ ରାଜା

ଯଦି ଜୈନଧର୍ମକୁ ପ୍ରାରମ୍ଭରୁ ଗ୍ରହଣ କରିଥାନ୍ତେ ତାହାହେଲେ ସେ କେବେ କୌଣସି ପ୍ରକାର ଯୁଦ୍ଧ ଘୋଷଣା କରନ୍ତେ ନାହିଁ । କାରଣ ଜୈନଧର୍ମର ପ୍ରଧାନ ନିୟମ ହେଉଛି 'ଅହିଂସା ବାଦ' । ଜୀବହତ୍ୟା ସମ୍ବନ୍ଧରେ ଜୈନମାନେ ଏପରି କଠୋର ନିୟମ ଜାରି କରିଛନ୍ତିଯେ କୌଣସି ଜୈନ ଧର୍ମାବଲମ୍ବୀ ଜ୍ଞାତ ବା ଅଜ୍ଞାତରେ ମଧ୍ୟ କୌଣସି ଜୀବହତ୍ୟା କରିବେ ନାହିଁ । ସେହି କାରଣରୁ ସେମାନଙ୍କୁ ସ୍ନାନ କରିବା ମନା, ଦୀର୍ଘ ନିଶ୍ୱାସ ପ୍ରଶ୍ୱାସ ନେବା ମନା, ବସିବା ସ୍ଥାନକୁ ମୟୂର ପୁଚ୍ଛରେ ସଫା ନକରି କେହି ଭୂମିରେ ବସିବେ ନାହିଁ । ନଛାଣି କରି କେବେ ପାଣି ପିଇବେ ନାହିଁ ଇତ୍ୟାଦି । ଏତେ କଠୋର ନିୟମଗୁଡ଼ିକ ଯେଉଁ ଧର୍ମରେ ଅଛି ସେହି ଧର୍ମର ପ୍ରଧାନ ପୃଷ୍ଠପୋଷକ ଖାରବେଳ । ବାଲ୍ୟରୁ ଯଦି ଜୈନଧର୍ମାବଲମ୍ବୀ ଥାନ୍ତେ, ତେବେ ହାତୀଗୁମ୍ଫା ଲିପି ବର୍ଣ୍ଣିତ ହୋମ ଯଜ୍ଞ ଓ ଯୁଦ୍ଧଯାତ୍ରା ସେ କିପରି କରନ୍ତେ ?

ପୁଣି ସେହି ଲିପିରୁ ଜଣାଯାଏଯେ, ଖାରବେଳ ରାଜା ହୋଇ ହୋଇ ଅନେକ ଦେବଦେବୀଙ୍କ ମନ୍ଦିର ପୁନରୁଦ୍ଧାର କରିଥିଲେ । ଜୈନଧର୍ମରେ ଦେବଦେବୀ କାହିଁ ଆସିଲେ ? ଜୈନମାନେ ଜୈନ ବ୍ୟତୀତ ଅନ୍ୟ ସବୁ ଜାତିର ଲୋକଙ୍କୁ 'ପାଖଣ୍ଡି' ବୋଲି କହି ଘୃଣା କରନ୍ତି । ଏପରି ଅବସ୍ଥାରେ ଖାରବେଳ ଜୈନ ହୋଇ ସୁଦ୍ଧା ସେହି ପାଖଣ୍ଡମାନଙ୍କୁ ଦାନ କଲେ କିପରି ଏବଂ ସେମାନଙ୍କ ପାଇଁ ଶାସନ, ଗୁମ୍ଫା ଓ ଆଶ୍ରମ ପ୍ରଭୃତି କଲେ କିପରି ? ଏ କେତେକ ପ୍ରମାଣରୁ ଖାରବେଳ ତାହାଙ୍କ ପୂର୍ବପୁରୁଷମାନଙ୍କ ପରି ଖାଣ୍ଟି ଆର୍ଯ୍ୟ ହିନ୍ଦୁ ଥିଲେ ଏବଂ ତାହାଙ୍କର ପ୍ରଥମ ଜୀବନ କେବଳ ଏହି ହିନ୍ଦୁ ଜୀବନରେ କଟିଥିଲା ବୋଲି କହିବା ଅତ୍ୟୁକ୍ତି ହେବନାହିଁ ।

**ଖାରବେଳ ଶେଷ ଧର୍ମ**—ରାଜତ୍ୱର ୧୩ବର୍ଷ ମଧ୍ୟରେ ଭାରତର ଅର୍ଦ୍ଧାଧିକ ରାଜ୍ୟ ଅଧିକାର କରି ନିଜର ଏକଛତ୍ରାଧିପତ୍ୟ ସ୍ଥାପନ କଲାପରେ, ଖାରବେଳ ଜୀବନର ଶେଷ ଅବସ୍ଥାରେ 'ଅହିଂସା ପରମୋଧର୍ମ' ଜପକରିବା ପାଇଁ ଜୈନ ଧର୍ମକୁ ଗ୍ରହଣ କରିଥିଲେ । ଏହି ଧର୍ମକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସେ ନିଜର ମହାବିଜୟ ପ୍ରାସାଦ ତ୍ୟାଗକରି ଉଦୟଗିରିର ରାଣୀହଂସପୁର ନାମକ ପ୍ରସ୍ତର ଗୁମ୍ଫାରେ ଯାଇ ଶେଷ ଜୀବନ ଯାପନ କରିଥିଲେ । ସେହି ଦିନରୁ ତାହାଙ୍କର ସମସ୍ତ ଯୁଦ୍ଧ ବିଗ୍ରହ

ଉଠେଇ ଯାଇଥିଲା ଏବଂ ସନ୍ନ୍ୟାସ ଜୀବନରେ ରହି ନିଜର ରାଜ୍ୟ କିଂବା ରାଜଧର୍ମ ପ୍ରଭୃତି ପ୍ରତି ଆଦୌ ଦୃଷ୍ଟି ଦେଇ ନଥିଲେ । ଫଳରେ ଖାରବେଳଙ୍କ ପରେ କଳିଙ୍ଗ ରାଜ୍ୟର ଅବସ୍ଥା ତମିସାଛନ୍ନ ହୋଇପଡ଼ିଲା ।

**ଖାରବେଳଙ୍କ ଧର୍ମାନ୍ତର ଗ୍ରହଣ**— ଖାରବେଳଙ୍କର ଧର୍ମାନ୍ତର ଗ୍ରହଣ ସମ୍ବନ୍ଧରେ ଯେଉଁମାନେ ସନ୍ଦେହ କରନ୍ତି ସେମାନଙ୍କୁ ମୋର ଏତିକି ମାତ୍ର କହିବାକୁ ହେବ ଯେ ପୃଥିବୀର କୌଣସି ଧର୍ମପ୍ରବର୍ତ୍ତକ ଜନ୍ମରୁ ସେହି ଧର୍ମରେ ଦୀକ୍ଷା ପାଇ ନଥିବାର ଆମ୍ଭେମାନେ ଦେଖୁଁ । ଦେଖନ୍ତୁ, ପାର୍ଶ୍ୱନାଥ, ବୁଦ୍ଧ, ଯୀଶୁ, ମହମ୍ମଦ ଓ ଅଶୋକଙ୍କ କଥା ଏମାନଙ୍କ ମଧ୍ୟରୁ କେହିହେଲେ ଜନ୍ମରୁ ସେହି ସେହି ଧର୍ମର ନିର୍ଦ୍ଦିଷ୍ଟ ଧର୍ମାବଲମ୍ବି ନଥିଲେ । ଅବଶ୍ୟ ସେମାନଙ୍କଠାରେ ଐଶୀ ଶକ୍ତି ଥିଲା । ଏହି ଶକ୍ତି ବଳରୁ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ସେମାନେ ଏହି ସଂସାରର ସମସ୍ତ ମାୟାଜାଲକୁ ଛିଡ଼ାଇ ସେହି ସାର୍ବଜନୀନ ପ୍ରେମ ବିସ୍ତାର କରିବା ପାଇଁ ଦ୍ୱିଗୁଣିତ ଉତ୍ସାହ ଓ ଶକ୍ତି ପାଇଥିଲେ । ସେପରି ଦିବ୍ୟଜ୍ଞାନ ଲାଭ କରିବା ସଙ୍ଗେ ସଙ୍ଗେ ସେମାନେ ନିଜର ପୂର୍ବଲୋଭ, ରାଜ୍ୟବିଭବ ବା ଅନ୍ୟକୌଣସି ପ୍ରଲୋଭନରେ ନପଡ଼ି ଗୃହତ୍ୟାଗୀ ହୋଇ ବାହାରିଥିଲେ । ଖାରବେଳଙ୍କ ଜୀବନରେ ଠିକ୍ ତାହାହିଁ ହୋଇଥିଲା । ଜନ୍ମରୁ ଆର୍ଯ୍ୟହିନ୍ଦୁ ଥାଇ ଅର୍ଥ ବା ସମ୍ପଦ ଓ ବିଭବରେ ମତ୍ତଥିବାରୁ ସେ ଭାରତର ସବୁ ରାଜାମାନଙ୍କୁ ପରାସ୍ତକରି ସେମାନଙ୍କଠାରୁ ଆଣିଥିବା ଧନ ସମ୍ପଦରେ ନିଜର ଭୋଗ ବିଳାସ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟକରି ପ୍ରାଚୀତୀରରେ ମହାବିଜୟ ପ୍ରାସାଦ ନିର୍ମାଣ କଲାପରେ ଯେତେବେଳେ ଭୋଗବିଳାସରୁ ମନରେ ଏକ ପ୍ରକାର କ୍ଲାନ୍ତି ବା ବୈରାଗ୍ୟ ଜନ୍ମିଲା ଠିକ୍ ସେହି ମୁହୂର୍ତ୍ତରେ ସେ ନିଜର ସମସ୍ତ ବିଭବ ତ୍ୟାଗକରି ଉଦୟଗିରି ଯାଇ ସେଠା ଗୁମ୍ଫାରେ ରହି ଜୈନଧର୍ମର ଅତି କଠୋର ନିୟମଗୁଡ଼ିକୁ ପାଳନ କରିଥିଲେ । ଏହିଠାରେହିଁ ତାହାଙ୍କ ତ୍ୟାଗର ଜ୍ୱଳନ୍ତ ପ୍ରମାଣ ସେ ଦେଖାଇ ଥିଲେ ।

**ପ୍ରାଚୀତୀରରେ ଚୈତ୍ରଐର ବଂଶ ଦ୍ୱାରା ସ୍ଥାପିତ ଧର୍ମ**— ଚୈତ୍ର ରାଜାମାନେ ଜାଣି ଆର୍ଯ୍ୟହିନ୍ଦୁ ଥିବାର ପୂର୍ବରୁ କୁହାଯାଇଛି ।

ଏହି ମାନଙ୍କଦ୍ୱାରା ସ୍ଥାପିତ ଅସଂଖ୍ୟ ଶିବ, ବିଷ୍ଣୁ ଓ ଶକ୍ତି ଦେବାଦେବୀଙ୍କ ମନ୍ଦିର ଏବଂ ପ୍ରତିମୂର୍ତ୍ତିଗୁଡ଼ିକ ବର୍ତ୍ତମାନ ସୁଦ୍ଧା ପ୍ରାଚୀର ଉଭୟ ତୀରରେ ପଡ଼ି ରହିଛି । ଅବଶ୍ୟ ଏହାଙ୍କ ପରବର୍ତ୍ତୀ ରାଜାମାନେ ସ୍ଥାନେ ସ୍ଥାନେ କେତୋଟି ମନ୍ଦିରର ପୁନରୁଦ୍ଧାର କିମ୍ବା ସଂସ୍କାର କରିଥିବେ ସତ୍ୟ, କିନ୍ତୁ ପ୍ରାଚୀତୀରର ଏହି ଶତାଧିକ ଦେବମନ୍ଦିର ଓ ପ୍ରତିମୂର୍ତ୍ତିଗୁଡ଼ିକ କେବଳ ଏହି ବୀର ବଂଶ ରାଜାମାନେ ସ୍ଥାପନ କରିଥିବା ନିଃସନ୍ଦେହ । ଯେଉଁମାନେ ଏ ଗୁଡ଼ିକୁ ଆଦୌ ଦେଖି ନାହାନ୍ତି ଏବଂ ଯେଉଁମାନେ କେବଳ ବଙ୍ଗାଳୀ ବା ୟୁରୋପୀୟ ଲେଖକମାନଙ୍କର ଅସମ୍ପୂର୍ଣ୍ଣ ଓ ମିଥ୍ୟା ବିବରଣୀଗୁଡ଼ିକୁ ପାଠକରି ଅନ୍ଧବିଶ୍ୱାସ କରନ୍ତି ସେମାନଙ୍କୁ ମୋର ବିନୀତ ଅନୁରୋଧ ଯେ ସେମାନେ ଥରେ ଆସି ପ୍ରାଚୀ ତୀରବର୍ତ୍ତୀ ଏସବୁ ଅଂଚଳଗୁଡ଼ିକ ଦେଖିଯାଆନ୍ତୁ ଏବଂ ଏଠାର ଏହି କୀର୍ତ୍ତିଗୁଡ଼ିକ କାହା ସମୟରେ ଏବଂ କେଉଁ ଯୁଗରେ ନିର୍ମିତ ହୋଇଥିଲା ସେ କଥା ସ୍ଥିର କରନ୍ତୁ ।

## ଖାରବେଳଙ୍କ ପରେ ପ୍ରାଚୀ ତୀରର ଅନ୍ୟାନ୍ୟ ଧର୍ମ—

ଖାରବେଳ ଜୀବନର ସୂର୍ଯ୍ୟାସ୍ତ ସମୟରେ ନିଜର କୌଳିକ ହିନ୍ଦୁ ଧର୍ମ ଛାଡ଼ି ଜୈନଧର୍ମ ଗ୍ରହଣ କରିଥିବା କଥା ପୂର୍ବେ କୁହା ଯାଇଛି । କେତେକ ପଣ୍ଡିତ କହନ୍ତିଯେ ସେ ଜନ୍ମରୁ ଜୈନଥିଲେ ଏବଂ ଏହି ଧର୍ମ ତାହାଙ୍କର ରାଜଧର୍ମ ଥିଲା । ଏହା ଆଦୌ ସତ୍ୟ ନୁହେଁ । ଜୈନଧର୍ମ ଯଦି ଖାରବେଳଙ୍କ ରାଜଧର୍ମ ବା ଦେଶରେ ପ୍ରଚଳିତ ସାଧାରଣ ଧର୍ମ ହୁଅନ୍ତା ତେବେ ତାହାଙ୍କ ସମୟରେ କଳିଙ୍ଗ ରାଜ୍ୟରେ ଅସଂଖ୍ୟ ଜୈନ ମନ୍ଦିର ବା ଜୈନ ପୀଠ ନିର୍ମିତ ହୁଅନ୍ତା ଏବଂ ଦେଶବାସୀ ସମସ୍ତେ ଜୈନ ଧର୍ମାବଲମ୍ବୀ ଥାନ୍ତେ । କିନ୍ତୁ ଏ ପର୍ଯ୍ୟନ୍ତ ଉତ୍କଳରେ ଭୁବନେଶ୍ୱର ନିକଟବର୍ତ୍ତୀ ଖଣ୍ଡଗିରି ଓ ଉଦୟଗିରି ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଜୈନ ଧର୍ମର କୌଣସି ସଙ୍କେତ ଦେଖାଯାଏ ନାହିଁ । ଦେଶର ଲୋକସଂଖ୍ୟା ମଧ୍ୟରୁ ଶତକଡ଼ା ୨ ସୁଦ୍ଧା ଜୈନଧର୍ମାବଲମ୍ବୀ ନାହାନ୍ତି । ବସ୍ତୁତ ଓଡ଼ିଶା ପ୍ରଦେଶର କୌଣସି ସ୍ଥାନରେ ଭୂଗର୍ଭରୁ ସେପରି କୌଣସି ପ୍ରାଚୀନ ଜୈନ ମୂର୍ତ୍ତି ପ୍ରଭୃତି ଆବିଷ୍କୃତ ହୋଇନାହିଁ । ଏ କେତେକ କାରଣରୁ ଜୈନଧର୍ମ ଖାରବେଳଙ୍କ ସମୟରେ କଳିଙ୍ଗର ରାଜଧର୍ମ ହୋଇଥିଲା ବୋଲି ଆଦୌ କୁହାଯାଇ ନପାରେ, କିଂବା ଖାରବେଳ ଜନ୍ମରୁ ସେହି ଧର୍ମାବଲମ୍ବୀ ନଥିଲେ ।

ସେ କାଳର ଯେଉଁ କେତେକ ଦେବ ମନ୍ଦିର ଓ ଅନ୍ୟ ପ୍ରାଚୀନ କୀର୍ତ୍ତି ଦେଖାଯାଏ ଏବଂ ହାତୀଗୁମ୍ଫା ଲିପିର ଏକାଧିକ ସ୍ଥାନରେ ଲେଖା ଯାଇଥିବା ଦେବ ବ୍ରାହ୍ମଣ କଥା ଦେଖିଲେ ସ୍ପଷ୍ଟ କୁହାଯାଇପାରେ ଯେ ଖାରବେଳଙ୍କ ପରେ ଏହି ପ୍ରଦେଶରେ ପୂର୍ବ ଆର୍ଯ୍ୟ ଧର୍ମହିଁ ପ୍ରଧାନ ଧର୍ମଥିଲା । ଅବଶ୍ୟ ଏହି ଧର୍ମ ସଙ୍ଗେ ସଙ୍ଗେ ପ୍ରାଚୀନଘାର ଦୁଇ ପାର୍ଶ୍ୱରେ ଜୈନ, ବୌଦ୍ଧ ଓ ମୋଗଲ ପ୍ରଭୃତି ଅନ୍ୟ ଧର୍ମାବଲମ୍ବୀ ମଧ୍ୟ ଥିଲେ । ସେହି ଧର୍ମ ଗୁଡ଼ିକ ସମ୍ବନ୍ଧରେ ସଂକ୍ଷିପ୍ତରେ କେତେକ ବିଷୟ ନିମ୍ନରେ ଲେଖାଯିବ ।

**ପ୍ରାଚୀତୀରରେ ଜୈନଧର୍ମ**--ଖାରବେଳଙ୍କ ବହୁଶତ ବର୍ଷ ପୂର୍ବରୁ ଜୈନଧର୍ମ ଓଡ଼ିଶାରେ ପ୍ରବେଶ କରିଥିଲା । ଓଡ଼ିଶା ଇତିହାସରୁ ଜଣାଯାଏ ଯେ ପ୍ରଥମ ଐର ବଂଶର 'କେତୁଭଦ୍ର' ନାମକ ପ୍ରସିଦ୍ଧ ରାଜା ଜୈନଧର୍ମର ପ୍ରଥମ କଳିଙ୍ଗ ପୃଷ୍ଠପୋଷକ ଥିଲେ । ଏହାଙ୍କର ସମୟ ସମ୍ଭବତଃ ଖ୍ରୀ: ପୂ: ୭୦୦ ଅବ୍ଦ ହେବ । ସେହି ସମୟରେ ଜୈନଧର୍ମର ପ୍ରଥମ ପ୍ରତିଷ୍ଠାତା ପାର୍ଶ୍ୱନାଥ ଭାରତର କେତେକ ପ୍ରସିଦ୍ଧ ସ୍ଥାନରେ ତାହାଙ୍କର ନୂତନ ଧର୍ମ (ଜୈନଧର୍ମ) ପ୍ରଚାର କରିଥିଲେ । ସେପରି ପ୍ରସିଦ୍ଧ ସ୍ଥାନ ମଧ୍ୟରୁ ତମଲୂକ୍ ଗୋଟିଏ ଥିଲା । ଏହି ତମଲୂକ ବା ତାମ୍ର ଲିପ୍ତର ଯେଉଁମାନେ ଜୈନଧର୍ମ ଗ୍ରହଣକରି ସନ୍ନ୍ୟାସୀ ହେଲେ ସେହି ପ୍ରଥମ ଜୈନ ସନ୍ୟାସୀମାନଙ୍କୁ 'ତାମ୍ର ଲିପ୍ତିକା' କୁହାଯାଇଥିବାର ବର୍ଣ୍ଣିତ ଅଛି *। ତାମ୍ର ଲିପ୍ତରେ ଗୋଟିଏ ପ୍ରସିଦ୍ଧ ବନ୍ଦର ଥିଲା ଏବଂ ଅତି ପ୍ରାଚୀନ କାଳରୁ ଏହି ବନ୍ଦର କଳିଙ୍ଗର ଉତ୍ତର ସୀମାଭୁକ୍ତ ଥିଲା । ପାର୍ଶ୍ୱନାଥଙ୍କ ଦ୍ୱାରା ନିଜରାଜ୍ୟର କେତେଜଣ ଜୈନଧର୍ମ ଗ୍ରହଣ କରିଥିବାରୁ କଳିଙ୍ଗ ରାଜା କେତୁଭଦ୍ର ସେହି ନୂତନ ଧର୍ମାବଲମ୍ବୀ ସନ୍ନ୍ୟାସୀମାନଙ୍କୁ ଆଶ୍ରୟ ଦେବାପାଇଁ ଯତ୍ନ କରିଥିଲେ । ଏହି ରାଜପୋଷକତା ଲାଭକରି ଜୈନ ସନ୍ନ୍ୟାସୀମାନେ ଖଣ୍ଡଗିରିର କେତକ ସ୍ଥାନରେ ଶ୍ରେଷ୍ଠ ଗୁମ୍ଫାମାନକରି ବାସକରୁଥିଲେ । କେତୁଭଦ୍ର ନିଜେ ଜୈନ ଧର୍ମ ପ୍ରତି ଆକୃଷ୍ଟ ଥିବାରୁ

---

* Vide. Jacob's "Sacred books of the east Vol XXII. P. 288.

ସେହି ଧର୍ମର ପ୍ରଥମ ତୀର୍ଥଙ୍କର ଋଷଭଦେବଙ୍କର ଗୋଟିଏ ବିଗ୍ରହ ନିର୍ମାଣକରି ନିଜ ରାଜଧାନୀରେ ରଖିଥିଲେ । କେତେକାଳ ପରେ ମଗଧର ନନ୍ଦରାଜାମାନେ କଳିଙ୍ଗ ଅଧିକାର କରି ଏହି ଋଷଭ ମୂର୍ତ୍ତିକୁ କଳିଙ୍ଗରୁ ନେଇ ପାଟଳୀପୁତ୍ରରେ ରଖାଇଥିଲେ । ପରେ ଖାରବେଳ ମଗଧ ଅଧିକାରକରି ଏହି ମୂର୍ତ୍ତିକୁ ପୁଣି ଆଣି କଳିଙ୍ଗ ରାଜଧାନୀରେ ରଖିଥିଲେ । ଏ କେତେକ ଘଟଣାରୁ ସ୍ପଷ୍ଟ ଜାଣିହୁଏ ଯେ ଖାରବେଳଙ୍କ ବହୁ ପୂର୍ବରୁ କଳିଙ୍ଗରେ ଜୈନଧର୍ମ ସ୍ଥାପିତ ହୋଇଥିଲା । ପାର୍ଶ୍ୱନାଥଙ୍କ ଦ୍ୱାରା ପ୍ରଥମେ ଏହି ଧର୍ମ କଳିଙ୍ଗରେ ପ୍ରବେଶ କରିଥିବାରୁ ସେହି ଧର୍ମର ଶେଷ ତୀର୍ଥଙ୍କର ମହାବୀର ତାହାଙ୍କ ଧର୍ମ ପ୍ରଚାର ସମୟରେ କଳିଙ୍ଗକୁ ଆସି ଖଣ୍ଡଗିରିରେ ସେହି ଧର୍ମ ପ୍ରଚାର କରିଥିବାର ଉଲ୍ଲେଖ ଅଛି । ❋

ଜୈନଧର୍ମ କଳିଙ୍ଗରେ ପ୍ରବେଶ କରିଥିବା ବହୁ ବର୍ଷପରେ ଖାରବେଳ ଏହି ଧର୍ମକୁ ଗ୍ରହଣ କରିଥିବାରୁ ଏହାଙ୍କ ଜୀବଦ୍ଦଶାରେ ପ୍ରାଚୀତୀରବର୍ତ୍ତୀ ଅଳ୍ପ କେତେକ ଲୋକ ଏହି ନୂତନ ଧର୍ମରେ ଦୀକ୍ଷିତ ହୋଇଥିଲେ ମାତ୍ର । ଏମାନଙ୍କର ସଂଖ୍ୟା ଏତେ ଅଳ୍ପ ହୋଇଥିଲା ଯେ ଖାରବେଳଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ଏମାନେ ହୁଏତ ପୂର୍ବ ହିନ୍ଦୁଧର୍ମରେ ମିଶିଯାଇଥିଲେ କିମ୍ବା ସେ ସମୟକୁ ଏହି ଅଞ୍ଚଳରେ ପ୍ରଚ୍ଛନ୍ନ ଭାବରେ ଥିବା ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ । ତା ନହେଲେ ଆଜିକାଲି ପ୍ରାଚୀନଦୀ ତୀରବର୍ତ୍ତୀ ନିମ୍ନ କେତେକ ଗ୍ରାମ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଏ ଜାତିର ଲୋକମାନେ ଦେଖାଯାନ୍ତି ନାହିଁ । ଯେଉଁମାନେ ନିମ୍ନ ସ୍ଥାନଗୁଡ଼ିକରେ ବାସ କରନ୍ତି ସେମାନଙ୍କର ପ୍ରଧାନ ବ୍ୟବସାୟ ହେଉଛି କୃଷି କରିବା । ଅତି ଅଳ୍ପ କେତେକ ଲୋକ ତନ୍ତକାମ ମଧ୍ୟ କରନ୍ତି ।

---

❋ "Mahavira Vardhamna went to Kalinga as the king of that country was a friend of his father."

["Haribhadriya Vrithi" & R. D. Benerjee's "History of Orissa." Vol. 1· P. 61]

| ଗ୍ରାମର ନାମ | | ଥାନା |
|---|---|---|
| ୧—ମୀହଟୀ | ... | ବାଲିପାଟଣା |
| ୨—କୋଳଥପିଠା | ... | ” |
| ୩—ଓଦଲା ବାଦ | ... | ” |
| ୪—ବନମାଳୀପୁର | ... | ” |
| ୫—ପଧାନ ପାଟଣା | ... | ” |
| ୬—ପତିତପାବନ ପାଟଣା | ... | ” |
| ୭—ଅମୃତମଣି ପାଟଣା | ... | ” |
| ୮—ହୋତା ସାହି | ... | ” |
| ୯—ଦେଓ୍ୱାନ ପାଟଣା | ... | ” |
| ୧୦—ଲକ୍ଷ୍ମୀଜେନାରଞ୍ଜନ ପାଟଣା | ... | ” |

ଏହି ସବୁ ଗ୍ରାମଗୁଡିକ ପ୍ରାଚୀନଦୀର ପ୍ରଥମ ଦୁଇମାଇଲ ମଧ୍ୟରେ ଥିବା ପଶ୍ଚିମ ତୀରରେ ବିଲେଶ୍ୱର ମହାଦେବଙ୍କ ପଶ୍ଚିମ ଅଞ୍ଚଳରେ ଦେଖାଯାଏ ।

ଉପର୍ଯ୍ୟୁକ୍ତ ଗ୍ରାମଗୁଡ଼ିକରେ ବାସ କରୁଥିବା ଜୈନମାନେ ପ୍ରକୃତରେ ଜୈନ ଗୃହୀ (ଶ୍ରାବକ-ସରାକ) ଶ୍ରେଣୀର ହେଲେହେଁ ଏମାନେ ନିଜକୁ ଜୈନ ବୋଲି ପରିଚୟ ଦିଅନ୍ତି ନାହିଁ । କେବଳ ସେମାନଙ୍କର ନିରାମିଷ ଖାଦ୍ୟ, ସାମାଜିକ ରୀତିନୀତି ଏବଂ ପ୍ରତିବର୍ଷ ମାଘମାସର ଶୁକ୍ଳ ସପ୍ତମୀ ଦିନ ଖଣ୍ଡଗିରି ମେଳାରେ ଯୋଗଦାନଦ୍ୱାରା ସେମାନଙ୍କୁ ଜୈନ ବୋଲି ଚିହ୍ନି ହୁଏ । ଏମାନଙ୍କ ସମ୍ବନ୍ଧରେ କଲିକତା ଜୈନ ସଂପ୍ରଦାୟ ବିଶେଷ ବିବରଣୀ ସଂଗ୍ରହ କରି ପ୍ରକାଶ କରିଛନ୍ତି ଏବଂ ସାମାଯୁକ ଏମାନଙ୍କ ମଧ୍ୟରେ ନିଜ ଜାତିର ସ୍ମୃତିରକ୍ଷା କରିବାପାଇଁ ଯତ୍ନ କରନ୍ତି । *

---

* ଓଡ଼ିଶାର କେଉଁ କେଉଁ ସ୍ଥାନରେ ଏ ଶ୍ରେଣୀର ଲୋକ ବାସକରନ୍ତି ସେମାନଂକର ବିବରଣୀ ଜାଣିବାପାଇଁ କଲିକତାର ପ୍ରାଚୀନ ଶ୍ରାବକୋଦ୍ଧାରିଣୀ ସଭାଦ୍ୱାରା ପ୍ରକାଶିତ "ଓଡ଼ିଶାର ଶ୍ରାବକ (ସରାକ) ଜାତିର ପ୍ରାଚୀନ ଇତିହାସ" ପୁସ୍ତିକାଦେଖନ୍ତୁ ।

**ପ୍ରାଚୀତୀରରୁ ପ୍ରାଚୀନ ଜୈନ ମୂର୍ତ୍ତି**—ପ୍ରାଚୀନଦୀ ତୀରରେ ବାସ କରୁଥିବା ଜୈନଧର୍ମାବଲମ୍ବୀଙ୍କ ବିଷୟରେ ଅଳ୍ପ କେତେକ କଥା ପୂର୍ବେ କୁହାଗଲା । ଏହି ଅଳ୍ପ ସଂଖ୍ୟକ ଲୋକ ବ୍ୟତୀତ ଏ ଅଞ୍ଚଳରେ କୌଣସି ଜୈନମନ୍ଦିର କି ଅତୀତର ଜୈନବିଗ୍ରହ କୌଣସି ସ୍ଥାନରେ ଦେଖାଯାଏ ନାହିଁ । କିନ୍ତୁ ଗତ ୧୯୭୮/୭୯ ଖ୍ରୀଷ୍ଟାବ୍ଦରେ ପ୍ରାଚୀର ପୂର୍ବରେ ଥିବା କାକଟପୁର ଗ୍ରାମର ଅତି ନିକଟରେ ୮।୧୦ଟି ପିତ୍ତଳର ଜୈନମୂର୍ତ୍ତି ପାନବରଜ ପାଇଁ ମାଟି ଖୋଳୁ ଖୋଳୁ ଭୂ-ଗର୍ଭରୁ ମିଳିଥିଲା । ଏହି ମୂର୍ତ୍ତିଗୁଡିକ ଜୈନ ତୀର୍ଥଙ୍କରମାନଙ୍କର ମୂର୍ତ୍ତି ଅଟେ । ଏଥିରୁ ଦୁଇଟି ମୂର୍ତ୍ତି କଟକ କଲେଜର ଯାଦୁଘରେ ଏବଂ ଆଉ କେତୋଟି ପାଟଣା ଯାଦୁଘରେ ରଖାଯାଇଛି । ଏହି ମୂର୍ତ୍ତିଗୁଡିକରେ 'ଅଳ୍ପ କେତୋଟି ଅସ୍ପଷ୍ଟ ଲିପି ଖୋଦିତ ହୋଇଛି । ଏହି ଲିପି ପାଠ କରି ଶ୍ରୀଯୁକ୍ତ ନାରାୟଣ ତ୍ରିପାଠୀ କହନ୍ତିଯେ, ଏଗୁଡିକ ୮-୯ମ ଖ୍ରୀଷ୍ଟାବ୍ଦର ମୂର୍ତ୍ତି । ସମ୍ଭବତଃ ସେ ସମୟରେ ପ୍ରାଚୀତଟରେ କୌଣସି ଜୈନ ସନ୍ନ୍ୟାସୀ ଏଗୁଡିକୁ ପୂଜା କରୁଥିଲେ ଏବଂ ତାହାଙ୍କପରେ ଏଗୁଡିକ ଭୂମିତଳେ ପୋତିହୋଇ ପଡ଼ିଥିଲା । ଏହି ଅଳ୍ପ କେତୋଟି ମୂର୍ତ୍ତିବ୍ୟତୀତ ପ୍ରାଚୀତୀରର ଅନ୍ୟ କୌଣସି ସ୍ଥାନରେ ଏପର୍ଯ୍ୟନ୍ତ ଜୈନମୂର୍ତ୍ତି ବା ଅନ୍ୟ କୌଣସି ଜୈନ ସଂକେତ ଆବିଷ୍କୃତ ହୋଇନାହିଁ ।*

**ପ୍ରାଚୀତୀରରେ ବୌଦ୍ଧଧର୍ମ**—ପ୍ରାଚୀତୀରର ଅଳ୍ପ କେତେକ ସ୍ଥାନରେ ବୁଦ୍ଧଦେବଙ୍କର ଅତି ସୁନ୍ଦର କଳାମୂର୍ତ୍ତିପୂର୍ଣ୍ଣ ପ୍ରସ୍ତରର ମୂର୍ତ୍ତି ଦେଖାଯାଏ । କେତେକ ସ୍ଥାନରେ ଏହି ମୂର୍ତ୍ତି 'ଗ୍ରାମଦେବୀ' ବା 'ଠାକୁରାଣୀ' ରୂପେ ପୂଜାପାଏ । ଗ୍ରାମବାସୀମାନେ

* ପ୍ରାଚୀନଦୀ ତୀରର କେତେକ ଅଞ୍ଚଳକୁ 'ଜୈନାବାଦ' କୁହାଯାଏ । ସମ୍ଭବତଃ ପୂର୍ବେ ଏହି ଅଞ୍ଚଳରେ ଜୈନମାନେ ବାସ କରୁଥିଲେ ଏବଂ ସେମାନଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ କୌଣସି ରାଜା ଏସବୁ ଅଞ୍ଚଳର ଭୂମି ନିଷ୍କର ଦାନ ଦେଇଥିଲେ । ଏକ୍ଷଣେ ରାଜପୋଷକତା ଅଭାବରୁ ଜୈନଧର୍ମ ପ୍ରାୟ ଲୋପପାଇଛି ଏବଂ ଯେଉଁ କେତେକ ଜୈନଧର୍ମାବଲମ୍ବୀ ଏହି ଅଞ୍ଚଳରେ ଅଛନ୍ତି ସେମାନେ ଅନ୍ୟ ହିନ୍ଦୁ ଜାତିର ଲୋକମାନଙ୍କ ସଙ୍ଗେ ଏକାଠି ମିଶି ଯାଇଛନ୍ତି । କେବଳ ସେମାନଙ୍କର ନିରାମିଷ ଆହାରରୁ ଏବଂ ଅଳ୍ପ କେତେକ ସାମାଜିକ ରୀତିନୀତିରୁ ସେମାନଙ୍କୁ ଜୈନବୋଲି ଧରାଯାଇପାରେ ।

ଅହିଂସାଧର୍ମ ପ୍ରବର୍ତ୍ତକ ବୁଦ୍ଧଦେବଙ୍କ ମୂର୍ତ୍ତି ସମ୍ମୁଖରେ ଛେଳି, କୁକୁଡ଼ା ବଳିଦେଇ ସେହି ରକ୍ତରେ ଉକ୍ତ ମୂର୍ତ୍ତିଗୁଡ଼ିକୁ କଳୁଷିତ କରୁଥିବାର ମଧ୍ୟ ଦେଖାଯାଏ । ପ୍ରାଚୀନ ଦେବମୂର୍ତ୍ତି ଓ ମହାପୁରୁଷମାନଙ୍କର ମୂର୍ତ୍ତିଗୁଡ଼ିକୁ ସ୍ପଷ୍ଟରୂପେ ଚିହ୍ନି ନପାରି ବହୁଦିନରୁ ଧର୍ମବିଦ୍ରୋହୀ ହେଲେ, ଲୋକମାନେ ଯାହା କରିପାରନ୍ତି ଏହି ପ୍ରାଚୀନଦୀ ତୀରରେ ଥିବା ବୁଦ୍ଧ ବିଗ୍ରହଗୁଡ଼ିକର ଠିକ୍ ସେହି ଦଶାହିଁ ଘଟିଛି । ଆଜିକାଲି ପ୍ରାଚୀନଦୀ ତୀର-ବର୍ତ୍ତୀ ନିମ୍ନ କେତେକ ସ୍ଥାନରେ ବୁଦ୍ଧମୂର୍ତ୍ତିଗୁଡ଼ିକ ଦେଖାଯାଏ ।

## ସ୍ଥାନ ଓ ମୂର୍ତ୍ତିର ବିଶେଷତ୍ୱ—

୧-ସ୍ଥାନ ତୁଳସୀପୁର ନିକଟବର୍ତ୍ତୀ ସାନଭିଲି ଗ୍ରାମରେ । ଏଠାରେ ଗୋଟିଏ ଅତି ସୁନ୍ଦର 'ପଦ୍ମପାଣି ବୁଦ୍ଧ ମୂର୍ତ୍ତି' ଗ୍ରାମଦେବୀ ରୂପେ ପୂଜାପାଏ । ଏହି ମୂର୍ତ୍ତି ନିକଟରେ ଗ୍ରାମବାସୀ ବଳି ମଧ୍ୟ ଦିଅନ୍ତି ।

୨-ସ୍ଥାନ କେଶରପୁର ଗ୍ରାମ—ଧ୍ୟାନୀ ବୁଦ୍ଧଙ୍କ ମୂର୍ତ୍ତି ସେଇ ଗ୍ରାମଦେବୀ ରୂପେ ପୂଜାପାଏ ।

୩-ସ୍ଥାନ କଉଙ୍ଗଗଡ଼—ବୁଦ୍ଧମୂର୍ତ୍ତି ଠାକୁରାଣୀ ନାମରେ ପୂଜାପାଏ ।

୪-ପ୍ରାଚୀର ଉତ୍ତରତୀରବର୍ତ୍ତୀ ମାଉରଣ ଗ୍ରାମରେ ଯେଉଁ ଗ୍ରାମେଶ୍ୱର ମହାଦେବ ଅଛନ୍ତି ସେହି ମହାଦେବଙ୍କ ପାର୍ଶ୍ୱରେ ଥିବା ଏକ ବିଷ୍ଣୁ ମନ୍ଦିରରେ ଗୋଟିଏ ଅତି ସୁନ୍ଦର ବୁଦ୍ଧମୂର୍ତ୍ତି ଅଛି । ଏହାକୁ ସ୍ଥାନୀୟ ଲୋକମାନେ 'କନ୍ଦର୍ପ ବୁଦ୍ଧ' କହନ୍ତି । କିନ୍ତୁ ବିଷ୍ଣୁମୂର୍ତ୍ତି ରୂପେ ପୂଜା କରନ୍ତି । ପ୍ରକୃତରେ ଏହି ଅଞ୍ଚଳର ସବୁ ମୂର୍ତ୍ତି ଅପେକ୍ଷା ଏଠାର ବୁଦ୍ଧମୂର୍ତ୍ତି ଅତି ସୁନ୍ଦର ଓ କାରୁକାର୍ଯ୍ୟପୂର୍ଣ୍ଣ ।

**କଳିଙ୍ଗରେ ବୌଦ୍ଧଧର୍ମ**—ଠିକ୍ କେଉଁ ସମୟରେ ବୌଦ୍ଧ-ଧର୍ମ କଳିଙ୍ଗରେ ପ୍ରବେଶ କରିଥିଲା ? ପୁରୀଜିଲ୍ଲା ଗେଜେଟିଅର ଲେଖକ ଲେଖିଛନ୍ତିଯେ ଅଶୋକଙ୍କ କଳିଙ୍ଗ ଅଧିକାର ପରେ ଏହି ଧର୍ମାବଲମ୍ବୀ ଏ ଦେଶକୁ ଆସିଥିଲେ । କିନ୍ତୁ ଏହି ଯୁକ୍ତି ଆଦୌ ଠିକ୍ ନୁହେଁ । ଅଶୋକଙ୍କ ବହୁ ପୂର୍ବରୁ ବୁଦ୍ଧଦେବ ପ୍ରଥମେ ଯେତେବେଳେ ବୋଧଗୟାରେ ତପସ୍ୟା

କରୁଥିଲେ ସେହି ସମୟରେ କଳିଙ୍ଗର ଦୁଇଜଣ ବଣିକ ତପସୁ ଓ ବଲ୍ଲିକ ବାଣିଜ୍ୟ ସୂତ୍ରରେ ମଗଧ ଯାଉଁ ଯାଉଁ ବୋଧଗୟାଠାରେ ବୁଦ୍ଧଙ୍କୁ ଦେଖି ସେହି ଧର୍ମରେ ଦୀକ୍ଷିତ ହୋଇଥିବାର ଉଲ୍ଲେଖ ଅଛି । ଏହି ଦୁଇଜଣ ବଣିକ ଦ୍ୱାରା ପ୍ରଥମେ ବୌଦ୍ଧଧର୍ମ କଳିଙ୍ଗରେ ପ୍ରବେଶ କରିଥିଲା । ପରେ ଅଶୋକଙ୍କ କଳିଙ୍ଗ ଅଧିକାର ସଂଗେ ସଂଗେ ଅସଂଖ୍ୟ ବୌଦ୍ଧ ସନ୍ନ୍ୟାସୀ ଏ ଦେଶକୁ ଆସି 'କଟକ ନିକଟବର୍ତ୍ତୀ ନଗର ଓ ପୁରୀଜିଲ୍ଲାର ଧଉଳି ପାହାଡ଼ରେ ଗୁମ୍ଫାମାନ କରି ରହିଥିଲେ । ସେଠାରୁ ସେମାନେ ଦେଶର ବିଭିନ୍ନ ସ୍ଥାନକୁ ଯାଇଥିବା ସମ୍ଭବ ।

**'କୁକୁଟହାର' କିମ୍ବଦନ୍ତୀ**—ଶ୍ରୀଯୁକ୍ତ ନାରାୟଣ ତ୍ରିପାଠୀ କୁକୁଟହାର ସମ୍ବନ୍ଧରେ ଗୋଟିଏ ବିଚିତ୍ର କିମ୍ବଦନ୍ତୀ ସଂଗ୍ରହ କରିଛନ୍ତି । ତାହା ଏହି "ବୌଦ୍ଧ ଯୁଗରେ ପ୍ରାଚୀକୂଳ ବୌଦ୍ଧ ଓ ଜୈନ ଧର୍ମପାଇଁ ବଡ଼ ଖ୍ୟାତି ଲଭିଥିଲା । ଅଶୋକ କଳିଙ୍ଗ ସଂଗେ ଯୁଦ୍ଧରେ ଲିପ୍ତ ଥିଲାବେଳେ ଚଣ୍ଡ କୌଶିକ ନାମକ ବ୍ରାହ୍ମଣର ପ୍ରରୋଚନାରେ ପଡ଼ି ୨୦,୦୦୦ ନରବଳି ଦିଆଯିବାପାଇଁ ଗୋଟିଏ ଯଜ୍ଞ ଆରମ୍ଭ କରିଥିଲେ । କଳିଙ୍ଗର ଯୁଦ୍ଧ ବନ୍ଦୀମାନେ ପାଟଳୀପୁତ୍ରରେ ବଳି ଦିଆ ଯାଉଥିଲେ । ପ୍ରାୟ ୧୦,୦୦୦ ପୂରିବାପରେ ଜଣେ ବୌଦ୍ଧ ସନ୍ନ୍ୟାସୀ ବନ୍ଦୀ ମଧ୍ୟରେ ପଡ଼ିଥିଲେ । ସେ ନାନାବିଧ ଅଲୌକିକ ଘଟଣା ଦେଖିଥିବାରୁ ଘାତକ, ପରେ ଅଶୋକ ବୌଦ୍ଧଧର୍ମ ଓ ଅହିଂସାର ଆଶ୍ରୟନେଇ ଉକ୍ତ ସନ୍ନ୍ୟାସୀଙ୍କୁ ଗୁରୁ କରିବାକୁ ଚାହିଁବାରୁ ସେ କହିଲେ "ଆପଣ କୁକୁଟହାର ବିହାରସ୍ଥ ମୋ ଗୁରୁଙ୍କ ଆଶ୍ରୟ ନିଅନ୍ତୁ । ଆପଣଙ୍କ ଭଳି ପାପୀଙ୍କୁ ମୁଁ ଉଦ୍ଧାର କରି ପାରିବି ନାହିଁ । ସେ ପାରିବେ ।" ଅଶୋକ ଉତ୍ତର ଦେଲେ "ତୁମେ ଯାଇ ତୁମ ଗୁରୁଙ୍କୁ ମୋ ପାଖକୁ ଆସିବାକୁ କୁହ । ସେ ଅସ୍ୱୀକୃତ ହେଲେ ମୁଁ ତାଙ୍କ ପାଖକୁ ଯିବି ।" ଗୁରୁ ଖବର ପାଇ ଭାବିଲେ ଅଶୋକ ଯଦି ନିଜେ ଏଠାକୁ ଆସନ୍ତି ତେବେ, ଆସିବା ରାସ୍ତା ନରରକ୍ତରେ କର୍ଦ୍ଦମାକ୍ତ ହେବ । ମୋର ବରଂ ତାଙ୍କ ପାଖକୁ ଯିବା ଉଚିତ । ଏହାକହି ପାଟଳପୁତ୍ର ଗଲେ । ରାସ୍ତା ରୁଧିରାକ୍ତ ହେବ ଏଥିରୁ ଅନୁମାନ ହେଉଛି 'କୁକୁଟହାର' କଳିଙ୍ଗ ରାଜ୍ୟରେ ଥିଲା । କାରଣ ନିଜ ରାଜ୍ୟରେ ବା ବନ୍ଧୁ ରାଜ୍ୟରେ ଅଶୋକଙ୍କ ଅବାଧ ଗତି ହେବାର କଥା । ଏହି କିମ୍ବଦନ୍ତୀରୁ ଶ୍ରୀଯୁକ୍ତ ନାରାୟଣ ତ୍ରିପାଠୀ

ବିଶ୍ୱାସ କରନ୍ତି ଯେ ପ୍ରାଚୀନ 'କୁକୁଟହାର' ଆଧୁନିକ କାକଟପୁର ହେବ । କାକଟପୁର ପୁରୀଜିଲ୍ଲାର ଉତ୍ତର ପୂର୍ବ କୋଣରେ ପ୍ରାଚୀନଦୀର ପୂର୍ବତଟରେ ଅବସ୍ଥିତ । ଏକ୍ଷଣି କାକଟପୁରରେ ସେପରି କୌଣସି ବୌଦ୍ଧକୀର୍ତ୍ତି ନାହିଁ ସତ୍ୟ, କିନ୍ତୁ ପୂର୍ବେ ବର୍ଣ୍ଣିତ ବୌଦ୍ଧମୂର୍ତ୍ତି ଗୁଡ଼ିକ ଏହି କାକଟପୁରର ଅତି ନିକଟରେ ତିନି ଚାରି ମାଇଲ ମଧ୍ୟରେ ଥିବାରୁ ଏକ ସମୟରେ ଏହି ଅଞ୍ଚଳରେ ମଧ୍ୟ ବୌଦ୍ଧଧର୍ମର ମାହାତ୍ମ୍ୟ ଥିବା ସମ୍ଭବ ଦେଖାଯାଏ ।

**ପ୍ରାଚୀତୀରର କେତେକ ବୌଦ୍ଧସ୍ଥାନ—** ପ୍ରାଚୀନଦୀର ଦକ୍ଷିଣ ତୀରବର୍ତ୍ତୀ ତୁଳସୀପୁର ଓ ଚଉରାଶୀ ଗ୍ରାମର ନିକଟରେ ନିମ୍ନ କେତେକ 'ବୌଦ୍ଧ'ନାମର ସ୍ଥାନ ଦେଖାଯାଏ । ଚଉରାଶୀ ନିକଟରେ ତିନୋଟି ପୋଖରୀକୁ 'ବଧୁଆ' ପୋଖରୀ କହନ୍ତି । ଏହି ବଧୁଆ ସଂସ୍କୃତ ବୌଦ୍ଧ୍ୟାର ଅପଭ୍ରଂଶ ହେବା ସମ୍ଭବ । କୌଣସି ବୌଦ୍ଧ ସନ୍ନ୍ୟାସୀମାନଙ୍କ ଦ୍ୱାରା ଏହି ପୋଖରୀ ଖୋଳା ହେବାର ଅନୁମିତ ହୁଏ । ଅନ୍ୟ ଏକ ପୋଖରୀର ନାମ 'ତିରୁଣା' ପୋଖରୀ । ଏହି ତିରୁଣା ବୌଦ୍ଧ ତ୍ରିରତ୍ନ ଶବ୍ଦର ସ୍ମାରକ ହେବା ସମ୍ଭବ । ପ୍ରାଚୀତୀରର କେତେକ ଜମିକୁ 'ହେତା ଜମି' କୁହାଯାଏ । ବୌଦ୍ଧ ସନ୍ନ୍ୟାସୀମାନଙ୍କ ଉଦ୍ଦେଶ୍ୟରେ ଯେଉଁସବୁ ଦାନଜମି ନିର୍ଦ୍ଦିଷ୍ଟ କରାଯାଏ ତାହାର ନାମ ହେତା ଜମି । ସମ୍ଭବତଃ ସ୍ଥାନୀୟ କୌଣସି ରାଜା ଏଠା ବୌଦ୍ଧ ସନ୍ନ୍ୟାସୀମାନଙ୍କ ପାଇଁ ଏସବୁ ଜମି ଦାନ କରି ଦେଇଥିଲେ ।

ପ୍ରୋକ୍ତ ତୁଳସୀପୁର ଗ୍ରାମର ଗୋଟିଏ ସାହିରେ ରଙ୍ଗିଣୀ ତନ୍ତୀମାନେ ବାସ କରନ୍ତି । ଏହି ତନ୍ତୀମାନେ ସମ୍ଭବତଃ ପ୍ରାଚୀନ ବୌଦ୍ଧ ସଂପ୍ରଦାୟର ଲୋକଥିଲେ । ଏମାନେ ମଧ୍ୟ ଜୈନମାନଙ୍କ ପରି ନିରାମିଷ ଖାନ୍ତି ଏବଂ 'କଟା,' 'ବଟା' କଥା କହିଲେ ଏମାନେ ଖାଇବା ସ୍ଥାନରୁ ଉଠିଯାନ୍ତି ।

ଏକ୍ଷଣି ଜୈନ ବା ବୌଦ୍ଧ ସମ୍ପ୍ରଦାୟର କୌଣସି ବିଶେଷତ୍ୱ ପ୍ରାଚୀ କୂଳରେ କିମ୍ବା ଓଡ଼ିଶାରେ ନଥିବାରୁ ଏବଂ ଏ ଶ୍ରେଣୀର ଲୋକ-ମାନଙ୍କର ସାଧାରଣ ବ୍ୟବସାୟ, କୃଷି ଓ ଲୁଗାବୁଣା ପ୍ରଭୃତି ହେବାରୁ ଏମାନେ ନିଜ ଧର୍ମ ପ୍ରତି ତେତେ ଆକୃଷ୍ଟ ଥିବାର ଦେଖାଯାଏ ନାହିଁ ।

ହିନ୍ଦୁ ଜାତିର ଅନ୍ୟ ପାଠକ କୁଳ ଯେପରି ନିଜର ଦୈନିକ ଜୀବନ ଯାପନ କରନ୍ତି ଏହି ଶ୍ରେଣୀ ଲୋକମାନଙ୍କର ମଧ୍ୟ ଠିକ୍ ସେପରି ଜୀବନ ଚଳେ ।

**ପ୍ରାଚୀତୀରରେ ଶାକ୍ତଧର୍ମ**--ପ୍ରାଚୀତୀରର ପ୍ରତ୍ୟେକ ଶିବଙ୍କ ମନ୍ଦିର ନିକଟରେ ଗୋଟିଏ ଗୋଟିଏ ଦୁର୍ଗା ବା ଠାକୁରାଣୀ ମୂର୍ତ୍ତି ରଖା ଯାଇଛି । ଏଥି ମଧ୍ୟରୁ କାକଟପୁରର ମହାମଙ୍ଗଳା ଏବଂ ମାଦ୍ଧରଣର ଦଶଭୁଜା(ଠାକୁରାଣୀ) ମାନଙ୍କୁ ପରମ ବୈଷ୍ଣବୀ କୁହାଯାଏ । ଏ ଦୁଇ ମୂର୍ତ୍ତିକୁ ବାଦ ଦେଲେ ଅନ୍ୟ ସବୁ ମୂର୍ତ୍ତି ଗୁଡ଼ିକଠାରେ ଛେଳି, କୁକୁଡ଼ା ଓ କେତେକ ସ୍ଥାନରେ ଆଶ୍ୱିନ ମାସରେ ପଶୁବଳି ମଧ୍ୟ ପଡ଼େ । ମଙ୍ଗଳା ପରମ ବୈଷ୍ଣବୀ ହେଲେହେଁ ତାହାଙ୍କ ନିକଟରେ ଥିବା ଦୁର୍ଗାଙ୍କ ନାମରେ ସେହି ମଙ୍ଗଳାଙ୍କ ହତାରେ ପଶୁବଳି ପଡ଼େ । ଏହି ଠାକୁରାଣୀ ମୂର୍ତ୍ତି ଓ ପଶୁବଳି ପ୍ରଥାରୁ ସ୍ପଷ୍ଟ ଜାଣିହୁଏ ଯେ ବହୁକାଳରୁ 'ଶାକ୍ତଧର୍ମ' ମଧ୍ୟ ପ୍ରାଚୀ ତୀରରେ ସ୍ଥାପିତ ହୋଇଛି । ଏହି ହିଂସ୍ର ଧର୍ମ ପ୍ରତି ଲୋକମାନଙ୍କର ଏତେ ଅନ୍ଧ ବିଶ୍ୱାସ ଯେ ଏକାଧିକ ସ୍ଥାନରେ ଏଥିପାଇଁ ପ୍ରାଚୀନ ବୁଦ୍ଧ ଓ ବିଷ୍ଣୁ ମୂର୍ତ୍ତିଗୁଡ଼ିକୁ 'ଗ୍ରାମଦେବୀ' ଓ 'ଠାକୁରାଣୀ' ପ୍ରଭୃତି ନାମଦେଇ ସେହି ମୂର୍ତ୍ତି ସମ୍ମୁଖରେ ମଧ୍ୟ ବଳି ଦେବାକୁ କୁଣ୍ଠିତ ହୁଅନ୍ତି ନାହିଁ ।

**ପ୍ରାଚୀ ତୀରରେ ନିରାକାର ଧର୍ମ**—ଖ୍ରୀଷ୍ଟ ୧୫୧୬ ଅବ୍ଦରେ ପ୍ରାଚୀ ତୀରରେ ଅସଂଖ୍ୟ ଯୋଗୀ ଋଷି ବାସ କରୁଥିବା କଥା ଅଚ୍ୟୁତାନନ୍ଦ ଦାସଙ୍କ 'ଶୂନ୍ୟ ସଂହିତା'ରେ ବର୍ଣ୍ଣିତ ଅଛି । ଏହି ଯୋଗୀ ଋଷିମାନେ ପ୍ରଥମେ ଅନେକ ପ୍ରକାର ବୈଦିକ ବିଦ୍ୟା ଗୁଡ଼ିକରେ ପାରଦର୍ଶୀ ଥିଲେ । ଶୂନ୍ୟ ସଂହିତାର ମାଧୁର ଉପାଖ୍ୟାନରେ ଜଣେ ଋଷି ଏହି ବିଦ୍ୟା ବିଷୟରେ ମାଧୁରଙ୍କ କହିଥିଲେ--

"ମୁନିବର ବୋଇଲେ ଯେ ଶୁଣ ହୋ ମାଧୁର
ମନଦତ୍ତେ ଆସିଯାଇ ପୃଥୀ ବୁଲିକର ।
ଇଚ୍ଛାକଲେ ମନଯାନ ଚଳେ ସତ୍ତ୍ୱଗୁଣ
ଶ୍ରୀହରି କରୁଣା ଯୋଗୁ ସାଧୁ ବ୍ରହ୍ମଜ୍ଞାନ ।
ପ୍ରଭୁଙ୍କ ଶ୍ରୀମୁଖେ ଆଜ୍ଞା ହୋଇଛି ମାଧୁର
ନାଗାନ୍ତ, ଯୋଗାନ୍ତ ଯେ ବେଦାନ୍ତ ଆଦି କର ।

ତେଣୁକରି ମନଦଣ୍ଡ ଚଳଇ ଆମ୍ଭର
ଯେତେ ଇଚ୍ଛା ତେତେ ଚଳେ ପ୍ରଚଣ୍ଡ ପ୍ରଖର ।"

ପ୍ରୋକ୍ତ ବୈଦିକ ବିଦ୍ୟାଗୁଡ଼ିକ ନିମ୍ନ କେତେକ ଋଷିଙ୍କ ଦ୍ୱାରା ପ୍ରଚଳିତ ଥିଲା ।

ଗୋରେଖନାଥଙ୍କ-ବିଦ୍ୟା
ଖାରସିଂହଙ୍କ-ଆଜ୍ଞା
ମଲ୍ଲିକାନାଥଙ୍କ-ଯୋଗ
ବାଉଳା ଦାସଙ୍କ-ପ୍ରତିଜ୍ଞା
ଲୋହିଦାସ ଓ କପିଳଙ୍କର-ସାକ୍ଷୀମନ୍ତ୍ର

ଏସବୁ ମନ୍ତ୍ର ଯନ୍ତ୍ର ଗୁଡ଼ିକ ସେହି ସେହି ଋଷିଙ୍କଠାରୁ ମାଧୁରି ଶିକ୍ଷା କରିଥିଲେ । ଏଗୁଡ଼ିକ ଶିକ୍ଷା କଲାପରେ ଚପଳ ମାଧୁରି ବିନାଗୁରୁଙ୍କ ଉପଦେଶରେ ସେହି ସେହି ମନ୍ତ୍ର ଯନ୍ତ୍ର ଗୁଡ଼ିକୁ ପରୀକ୍ଷା କରିଥିଲେ । ଫଳରେ ନିଜର ଗୁରୁ ଓ ଅନ୍ୟ ଋଷିମାନେ କୁପିତ ହୋଇ ଏସବୁ ମନ୍ତ୍ର ଯନ୍ତ୍ରର ବିଲୋପ ପାଇଁ ଶାପ ଦେଇ ନିଜେ ନିଜେ କାଷ୍ଠ ପାଷାଣ ହେବାପାଇଁ ସ୍ଥିର କରିଥିଲେ । ଏ ସମ୍ବାଦ ଶ୍ରୀ ଚୈତନ୍ୟ ଶୁଣି ଏହି ଦିନରୁ ପ୍ରାଚୀଖଣ୍ଡ ଓ ସମଗ୍ର ଦେଶରେ 'ଶୂନ୍ୟଧର୍ମ' ବା 'ନିରାକାର ଧର୍ମ' ପ୍ରଚୁର କରିବା ପାଇଁ ଘୋଷଣା କରିଥିଲେ ।

× ×

"ଶାପଦେଇ ଯେ ଯାହାରେ ଗଲେ ମୁନି ସବ
ମନ୍ତ୍ରର ବଚନ ଯେ ପାଷାଣଗାର ଜାଣି,
ଲଙ୍ଘନ କରିବ କେହୁ ଏତେ ସବ ବାଣୀ ।
ସେହିଦିନୁ ମନଯାନ କେବେ ନଚଳିଲା,
ଯେ ଯେମନ୍ତେ ରହିଲେ ସେ ସ୍ଥଳରେ ରହିଲା ।
କେହୁ ହେଲେ ପାଷାଣ କେ ହେଲେ ଦାରୁଭୂତ,
କେ ହେଲେ ମୃତ୍ତିକା ସମ କେହେଲେ ସ୍ଥଳଗତ ।
ଦଶସପ୍ତ ଦ୍ୱିଜବର ଯାଅନ୍ତି ଆସନ୍ତି,
ନଯାଇ ରହିଲେ ସ୍ଥାନ କ୍ଷୀଣ ତାଙ୍କ ମତି ।"

ପ୍ରାଚୀ ତୀରବର୍ତ୍ତୀ ଏହି ଯୋଗୀ ଋଷିମାନଙ୍କର ଏପରି ଦଶା ଘଟିବା ଦିନରୁ ଭଗବାନ ବୌଦ୍ଧ ଅବତାର ହେବା କଥା ଉକ୍ତ ସଂହିତାରେ ଲେଖାଅଛି ।

"ବୋଇଲେ ଅଚ୍ୟୁତ ତୁମ୍ଭେ ଶୁଣ ଆମ୍ଭ ବାଣୀ,
କଳିଯୁଗେ ବୌଦ୍ଧରୂପେ ପ୍ରକାଶିଲୁ ପୁଣି ।
କଳିଯୁଗେ ବୌଦ୍ଧରୂପେ ନିଜରୂପ ଗୋପ୍ୟ,
ଏଣୁ ଯେ ସକଳ ମୁନି ଜନେ ଦେଲେ ଶାପ ।
ଆମ୍ଭେ ଏହା ଜାଣୁ ହୋ ଅଚ୍ୟୁତ ଦାସ ବାଇ,
ଏଣୁ କରି ପ୍ରକାଶିବୁ ଏକକଳା ନେଇ ।
ଅଳପେ ନାଶକୁ ଯାନ୍ତେ ଭଳିକଲେ ତପୀ,
ବେଳୁଁ ଜାଣି ନିରାକାର ମନ୍ତ୍ର ଅଛୁ ସ୍ଥାପି ।
×   ×
ନିରାକାର ମନ୍ତ୍ରେ ସର୍ବ ଦୁର୍ଗତି ହରିବ,
ଆପଣେ ତରିଣ ସେ ଯେ ପରେ ତରାଇବ ।"

(ଶୂନ୍ୟ ସଂହିତା ଦଶମ ଅଧ୍ୟାୟ)

ଏହି କେତେକ ବର୍ଣ୍ଣନାରୁ ପ୍ରାଚୀତୀର ତଥା ଲୋକରେ ଶ୍ରୀ ଚୈତନ୍ୟଙ୍କ ଆବିର୍ଭାବ ସଙ୍ଗେ ସଙ୍ଗେ 'ନିରାକାର ଧର୍ମ' ସ୍ଥାପିତ ହୋଇଥିବା ସମ୍ଭବ ଦେଖାଯାଏ । ଏହି ନିରାକାରରେ ପୂର୍ଣ୍ଣ ପୂର୍ବ ବୌଦ୍ଧ ଓ ଜୈନ ଧର୍ମର କେତେକ ଅଂଶ ମିଶିଥିବାର ଅନୁମିତ ହୁଏ । କାରଣ ଏହି ଧର୍ମରେ ନିରାକାର ପୂଜା ସଙ୍ଗେ ସଙ୍ଗେ ବୁଦ୍ଧଦେବଙ୍କ ଅହିଂସା ଧର୍ମ ମଧ୍ୟ ମିଶି ଅଛି । ଏ ସମ୍ପ୍ରଦାୟର ଲୋକମାନେ ନିରାମିଷ ଖାଦ୍ୟ ଖାଆନ୍ତି ।

**ପ୍ରାଚୀ ତୀରରେ ଅଲେଖ ବା କୁମ୍ଭିପାଟିଆ ଧର୍ମ—** ପ୍ରାଚୀ ନଦୀର ତୀରବର୍ତ୍ତୀ କେତେକ ଗ୍ରାମରେ ଅଲେଖ ଧର୍ମ ବା କୁମ୍ଭିପାଟିଆ ଶ୍ରେଣୀର ଲୋକମାନେ ବାସ କରନ୍ତି । ଏହି ଧର୍ମ ଢେଙ୍କାନାଳର ଭୋଇଙ୍କ ପ୍ରବର୍ତ୍ତିତ ଧର୍ମ ଥିବା ସମ୍ଭବ । କୁମ୍ଭିପାଟିଆମାନେ ନିରାକାର ଉପାସନା କରନ୍ତି । ନିରାମିଷ ଖାଦ୍ୟ ଖାଆନ୍ତି ଏବଂ ଏକ ପ୍ରକାର ଗେରୁଆ କଷାୟ ବସନ ପିନ୍ଧନ୍ତି ।

**ପ୍ରାଚୀ ତୀରରେ ବୈଷ୍ଣବ ଧର୍ମ** —ପ୍ରାଚୀନଦୀ ତୀରବର୍ତ୍ତୀ ଅସଂଖ୍ୟ ମଠ ଗୁଡ଼ିକରେ ଜଣେଜଣେ ବାବାଜି ରହି ଜଗନ୍ନାଥଙ୍କ 'ପତିତପାବନ' ମୂର୍ତ୍ତି ରଖି ପୂଜାକରନ୍ତି । ଏ ଶ୍ରେଣୀ ବାବାଜିମାନେ ମଧ୍ୟ ପ୍ରଚ୍ଛନ୍ନ ନିରାକାର ବା ପ୍ରଚ୍ଛନ୍ନ ବୌଦ୍ଧଧର୍ମ ପ୍ରଚାର କରୁଥିବା ସମ୍ଭବ । କିନ୍ତୁ ନିଜେ କୌଣସି ଧର୍ମଶାସ୍ତ୍ର ନ ପଢ଼ି କେବଳ ପେଟ ବିକଳରେ ମାଧୁଆ ଯୋଗୀ ନ୍ୟାୟରେ ଆଜିକାଲି ଏହି ମଠର ବାବାଜିମାନେ ଦେଖାଯାଆନ୍ତି । ଠାକୁରଙ୍କ ନାମରେ କିଛି ଭିକ୍ଷାକରି ନିଜପେଟ ପୋଷିବା ବ୍ୟତୀତ ଏମାନଙ୍କଠାରେ ସେପରି କୌଣସି ବିଦ୍ୟା କିମ୍ବା ଧର୍ମଗ୍ରନ୍ଥାଲୋଚନାର ବିଶେଷତ୍ୱ ଦେଖାଯାଏ ନାହିଁ ।

**ପ୍ରାଚୀ ତୀରରେ ମୁସଲମାନ ଧର୍ମ**—ପ୍ରାଚୀନଦୀର ନିମ୍ନ କେତେକ ସ୍ଥାନରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ବାସ କରନ୍ତି । ପୁରୀଜିଲ୍ଲାର ବାଲିପାଟଣାଥାନା ଅନ୍ତର୍ଗତ ବନମାଳିପୁର, ମୁକୁନ୍ଦଦାସପୁର ବାରହଳ, ଗିରିପାରି, ବେଙ୍ଗ, ଜରିଂଗ, ବଡ଼ ନଦୀହରା ପ୍ରଭୃତି ଗ୍ରାମରେ ଏବଂ କାକଟପୁର ଥାନାର ଲତାହର, ରସୁଲପୁର, ଖାଙ୍ଗଧର, ଓ ସୁଜାଗଡ଼ ପ୍ରଭୃତିରେ କଟକ ଜିଲ୍ଲାର ନିଆଳି ଗ୍ରାମରେ ଏବଂ ମାଧବ ଗ୍ରାମରେ ।

ଓଡ଼ିଶାରେ ମୋଗଲ ରାଜତ୍ୱ ସମୟରେ (୧୬ଶ ଖ୍ରୀଷ୍ଟାବ୍ଦ) ସେହି ଶାସକ ମାନଙ୍କର କର୍ମଚାରୀମାନେ ଆସି ଏହି ଅଞ୍ଚଳରେ ସ୍ଥାୟୀ ଘରକରି ରହିଥିବା ସମ୍ଭବ ଜଣାଯାଏ । ଆଜିକାଲି ଏହି ଧର୍ମର ଲୋକମାନଙ୍କର ପ୍ରଧାନ ବ୍ୟବସାୟ ପାନ ବରଜ କରିବା ଓ ପାନ ବ୍ୟବସାୟ ଦ୍ୱାରା ଜୀବିକାର୍ଜନ କରିବା, ପ୍ରାୟ ଅଧିକାଂଶ ମୁସଲମାନ ଗ୍ରାମରେ ସେମାନଙ୍କର ଉପାସନା ମନ୍ଦିର ବା ମସଜିଦ୍ ଦେଖାଯାଏ । ଏତେ ଦୀର୍ଘକାଳ ଏ ଶ୍ରେଣୀର ଲୋକମାନେ ଏହି ଅଞ୍ଚଳରେ ରହିଥିବାରୁ ସ୍ଥାନୀୟ ହିନ୍ଦୁମାନଙ୍କ ସହ ଏମାନଙ୍କର ଅତି ସୁନ୍ଦର ବନ୍ଧୁଭାବ ଜନ୍ମିଥିବାର ଦେଖାଯାଏ ।

**ପ୍ରାଚୀ ତୀରରେ ଖ୍ରୀଷ୍ଟଧର୍ମ** — ପ୍ରାଚୀନଦୀର ପଶ୍ଚିମ ତୀରରେ ଥିବା ବନମାଳିପୁର ନିକଟବର୍ତ୍ତୀ ଆନନ୍ଦପୁରରେ କେତେଘର ଖ୍ରୀଷ୍ଟିଆନ (ପାଦ୍ରି) ବାସ କରନ୍ତି । ଏମାନେ ସମ୍ଭବତଃ ଗତ ନଅଙ୍କ

ସମସ୍ତ (୧୮୭୭) ସେହି ଧର୍ମରେ ଦୀକ୍ଷିତ ହୋଇଛନ୍ତି । ଆଜକାଲି ଏମାନଙ୍କର ପ୍ରଧାନ ବ୍ୟବସାୟ କୃଷି । ଏ ଶ୍ରେଣୀ ଲୋକମାନଙ୍କର ଗୋଟିଏ ଉପାସନା ମନ୍ଦିର ଆନନ୍ଦପୁରଠାରେ ଅଛି । ପ୍ରାୟ ୩୦ ମାଇଲ ବ୍ୟାପୀ ଏ ପ୍ରଦେଶର ପ୍ରାଚୀ ତୀରରେ ଆନନ୍ଦପୁର ବ୍ୟତୀତ ଅନ୍ୟ କୌଣସି ଠାରେ ଏହି ଧର୍ମାବଲମ୍ବୀ ଦେଖାଯାନ୍ତି ନାହିଁ ।

# ପ୍ରାଚୀନଦୀରେ ବୋଇତ ବାଣିଜ୍ୟ

**ଜିଲ୍ଲା ଗେଜେଟିୟର ର ପ୍ରମାଣ**—ପୁରୀଜିଲ୍ଲା ଗେଜେଟିୟରରେ ଲେଖାଅଛି- "Centuries ago the Prachi was a large navigable river" (Puri Dt. Gazetteer,P-303,13. th edn.)

**ପ୍ରାଚୀରେ ବୋଇତ ବାଣିଜ୍ୟର ପ୍ରାରମ୍ଭ**— ଠିକ କେଉଁ ସମୟରୁ ପ୍ରାଚୀ ନଦୀରେ ବୋଇତ ବାଣିଜ୍ୟ ଆରମ୍ଭ ହୋଇଥିଲା ତାହା ଜାଣିବାପାଇଁ ଏ ପର୍ଯ୍ୟନ୍ତ କୌଣସି ପ୍ରାଚୀନ ଲେଖା କିମ୍ବା ନିଦର୍ଶନ ମିଳିନାହିଁ । କିନ୍ତୁ କେତେକ ପ୍ରମାଣରୁ ଏହି ବୋଇତ ବାଣିଜ୍ୟ ଖାରବେଳଙ୍କପରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୧୭୦-୧୫୦ ଅବ୍ଦଠାରୁ ଆରମ୍ଭ ହୋଇଥିବା ସମ୍ଭବ ଦେଖାଯାଏ ।

**ଏଥିର କେତୋଟି ପ୍ରମାଣ**.-- ଖାରବେଳଙ୍କ ପରେ ପ୍ରାଚୀନଦୀରେ ବୋଇତ ବାଣିଜ୍ୟ ଆରମ୍ଭ ହୋଇଥିବା ନିମ୍ନ କେତୋଟି କାରଣ ଅଛି ।

(୧) ପ୍ରାଚୀନଦୀ 'ହାତୀଗୁମ୍ଫା ଲିପି' ଅନୁସାରେ ଖ୍ରୀ: ପୂ: ୧୭୮ ଅବ୍ଦରେ ଖୋଳାଯାଇଥିବାର ପୂର୍ବରୁ ବର୍ଣ୍ଣିତ ଅଛି ।

(୨) ଖାରବେଳଙ୍କ ରାଜତ୍ୱ ମଧ୍ୟରେ ଅର୍ଥାତ୍ ଖ୍ରୀ: ପୂ: ୧୭୩-୧୬୦ ଅବ୍ଦରେ ଏହି ନଦୀରେ ସେପରି ଉଲ୍ଲେଖ ଯୋଗ୍ୟ ବୋଇତ ବାଣିଜ୍ୟ ହୋଇଥିବାର ଜଣାଯାଏ ନାହିଁ । ସେପରି କୌଣସି ବାଣିଜ୍ୟ ହେଉଥିଲେ ସେ ବିଷୟରେ ଅନ୍ତତଃ ଅଳ୍ପ କେତେକ ସୂଚନା ହାତୀଗୁମ୍ଫା ଲିପିରେ ଉଲ୍ଲେଖ ହୋଇଥାଆନ୍ତା । ସେପରି କୌଣସି ବର୍ଣ୍ଣନା ଉକ୍ତ ଲିପିରେ ନାହିଁ ।

(୩) ଗ୍ରୀକ୍ ଲେଖକ ଟଲମି ତାହାଙ୍କର ପୃଥିବୀ ଭୂଗୋଳ ପ୍ରଥମ ଖ୍ରୀଷ୍ଟାବ୍ଦରେ ଲେଖିଥିଲେ । ଏହି ଗ୍ରନ୍ଥରେ କୋଣାର୍କ ନିକଟବର୍ତ୍ତୀ ଗୋଟିଏ ପ୍ରସିଦ୍ଧ ବନ୍ଦର କଥା ଉଲ୍ଲେଖ ଅଛି । ତାହେଲେ ପ୍ରଥମ ଖ୍ରୀଷ୍ଟାବ୍ଦ ବେଳକୁ ପ୍ରାଚୀନଦୀ ଓ ତାହାର ପ୍ରସିଦ୍ଧ ଶାଖାନଦୀ ଚନ୍ଦ୍ରଭାଗା ଏ ଅଞ୍ଚଳର ବୋଇତ ବାଣିଜ୍ୟ ପାଇଁ ସୁବିଧା ଜନକ ହୋଇଥିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ ।

(୪) ପୂର୍ବରୁ କୁହା ଯାଇଛି ଯେ ନନ୍ଦବଂଶର ପ୍ରଥମ ରାଜା ନନ୍ଦବର୍ଦ୍ଧନ କଳିଙ୍ଗ ଅଧିକାର କରି ମହାନଦୀର 'ତାଳଅମ୍ବା' ନାମକ ସ୍ଥାନରୁ ଗୋଟିଏ ନାଳ ନିଜ ରାଜଧାନୀ ତୋଷାଳୀଯାଏ ଖୋଳାଇଥିଲେ । ପରେ ଖାରବେଳ ଏହି ନାଳର ନିମ୍ନ ଭାଗରେ ଥିବା ତନୁଶୂଳୀ (ଓ୍ୱାଟ) ବା ଆଧୁନିକ ଶୋଲନଦୀରୁ ପ୍ରାଚୀନଦୀ ଖୋଳାଇ ନିଜ ରାଜଧାନୀ ପ୍ରାଚୀ ତୀରବର୍ତ୍ତୀ ତୁଳସୀପୁର ଓ ଚଉରାଶୀ ଯାଏ ନେଇଥିଲେ । ଏହି ପ୍ରାଚୀ ଖାରବେଳଙ୍କ ସମୟକୁ ଗୋଟିଏ ନାଳ ରୂପେ ଥିଲା । ପରେ ଏହା ସମୁଦ୍ର ଯାଏ ବ୍ୟାପୀ ଯିବାରୁ ଏକ ନଦୀରେ ପରିଣତ ହୋଇଥିଲା । ଏହି ପ୍ରାଚୀନଦୀହିଁ ପୁରୀ ଜିଲ୍ଲାର ପ୍ରସିଦ୍ଧ ନଦୀଥିବାର ପୂର୍ବେ ବର୍ଣ୍ଣିତ ଅଛି । ସମୁଦ୍ର ସଙ୍ଗେ ମିଶିବା ପରେ ମହାନଦୀର ତାଳଅମ୍ବାଠାରୁ ଆରମ୍ଭକରି ଶୁଷ୍କବାଟଙ୍ଗନଦୀ ଓ ଶୋଲ ନଦୀଦେଇ ପ୍ରାଚୀର ପାଣି ମହାନଦୀଠାରୁ ଅବାଧରେ ସମୁଦ୍ର (ବଙ୍ଗୋପସାଗର) ଯାଏ ପ୍ରବାହିତ ହେଉଥିଲା । ଠିକ୍

ଏହି ଅବସ୍ଥାରେ ପ୍ରାଚୀନଦୀରେ ବୋଇତ ବାଣିଜ୍ୟ ଅବାଧରେ ଚାଲୁଥିବାର ଅନୁମାନ କରାଯାଏ ।

(୫) ସେ କାଳରେ ପ୍ରୋକ୍ତ ବାରଙ୍ଗ, ଶୋଲ ଓ ପ୍ରାଚୀନଦୀ ଏକ ପ୍ରସିଦ୍ଧ ନଦୀ ଥିବାର ଏକାଧିକ ପ୍ରମାଣ ଦେଖାଯାଏ । ପ୍ରାଚୀନଦୀର ଉପରେ ଯେଉଁ ଶୋଲ ନଦୀଅଛି ତାହାର ବର୍ତ୍ତମାନ ଚୌଡ଼ା ତିନ ଚାରି ଶତହାତ ହେବ । ଏହି ନଦୀ ପୋତି ହୋଇଯିବାରୁ ତହିଁର ଗର୍ଭରେ ସ୍ଥାନୀୟ ଲୋକମାନେ କୃଷିକର୍ମ କରଯାଉଛନ୍ତି । କିନ୍ତୁ ପୂର୍ବ ନଦୀର ଦୁଇକୂଳରେ ବିଶେଷତଃ ଉତ୍ତର କୂଳରେ ଯେଉଁ ପ୍ରକାଣ୍ଡ ବାଲିସ୍ତୂପମାନ ଅଛି ସେହି ସ୍ତୂପଗୁଡ଼ିକ ଦେଖିଲେ ପୂର୍ବକାଳରେ ଶୋଲନଦୀ ଅତି ଗଭୀର ଓ ଚଉଡ଼ା ଥିବାର ସ୍ପଷ୍ଟ କହିହେବ ।

(୬) ଏ କ୍ଷଣି ଶୋଲ ଓ ପ୍ରାଚୀ ପ୍ରାୟ ପୋତିହୋଇ ପଡ଼ିଥିଲେ ସୁଦ୍ଧା ଏମାନଙ୍କ କୂଳରେ ଅସଂଖ୍ୟ ବୋଇତ ଆଶ୍ରୟ ବା ବନ୍ଦର ଥିବାର ପ୍ରମାଣ ମିଳେ ଏବଂ ପୂର୍ବେ ଏହି ନଦୀ କୂଳରେ ଅସଂଖ୍ୟ ବ୍ୟବସାୟୀ ବାସ କରୁଥିବାର ସ୍ପଷ୍ଟ ପ୍ରମାଣ ଏ ଅଞ୍ଚଳର ଗ୍ରାମଗୁଡ଼ିକରୁ ଜଣାଯାଏ । ଶୋଲର ପୂର୍ବକୂଳରେ କଟକ ଜିଲ୍ଲାର ସଦର ଓ ଗୋବିନ୍ଦପୁର ଥାନା ମଧ୍ୟବର୍ତ୍ତୀ 'ଝିରଲୋ' ଗ୍ରାମର ପଶ୍ଚିମରେ ଏବେ ସୁଦ୍ଧା ଗୋଟିଏ ପ୍ରକାଣ୍ଡ ବରଗଛ ଅଛି । ଏହି ଗଛକୁ ସ୍ଥାନୀୟ ଲୋକମାନେ କହନ୍ତି 'ବୋଇତ ବନ୍ଧା ବରଗଛ'। ଏହି ସ୍ଥାନ ପୂର୍ବେ ଅତି ଗଭୀର ଥିବାର ମଧ୍ୟ ଦେଖାଯାଏ । ପ୍ରାଚୀ ନଦୀର ନିମ୍ନ କେତେକ ସ୍ଥାନରେ ପ୍ରାଚୀନ ବୋଇତ ବାଣିଜ୍ୟର ସଙ୍କେତ-ମାନ ଦେଖାଯାଏ ।

(୧) ବନମାଳିପୁର ନଆଲୀ ଓ ମାଧବ ଗ୍ରାମ ମଧ୍ୟରେ ପ୍ରାଚୀ ନଦୀର ଉତ୍ତର କୂଳରେ ଅତି ବଡ଼ ଓ ବିସ୍ତୃତ ବାଲିସ୍ତୂପମାନ ରହିଛି । ଏହି ବାଲିସ୍ତୂପଗୁଡ଼ିକରୁ ପୂର୍ବେ ଏହି ନଦୀ କିପରି ଗଭୀର ଥିଲା ତାହା ଅନୁମାନ କରାଯାଇପାରେ ।

(୨) ଚଉରାଶୀ ଗ୍ରାମକୁ ଲାଗି ପ୍ରାଚୀକୂଳରେ ଗୋଟିଏ 'ବୋଇତ ତୁଡ଼ିହ' ଅଛି । ଏଠା ପ୍ରାଚୀନଦୀରେ ଗୋଟିଏ ବୋଇତ ବନ୍ଧା ଲୁହାଖୁଣ୍ଟ ପୋତି ହୋଇଛି । ଗ୍ରୀଷ୍ମ ଦିନରେ ଏହା ସ୍ପଷ୍ଟ ଦେଖାଯାଏ ।

(୩) ଚଉରଶୀ ଗ୍ରାମର ଉତ୍ତରରେ ପ୍ରାଚୀର ଉତ୍ତର ଖଡ଼ରେ ଗୋପାଳ ମଠକୁ ଲାଗି ଗୋଟିଏ ବଡ଼ ବାଲିକୁଦ ଅଛି । ଏହାକୁ 'ଗୋପାଳ କୁଦ' କହନ୍ତି ଏବଂ ଏହି କୁଦକୁ ଲାଗି 'କୁଦ ପାଟଣା' ପୂର୍ବ କାଳର ବୋଇତ କୁଦରୁ ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକ ମୁଖରୁ ଶୁଣାଯାଏ ।

(୪) ତୁଳସୀପୁର ଓ ଚଉରଶୀର ଉତ୍ତର ଦିଗରେ ଲଳିତା ଓ ପ୍ରାଚୀନଦୀ ମଧ୍ୟରେ ଯେଉଁ 'ବନ୍ଦରେଶ୍ୱର' ମହାଦେବ ଅଛନ୍ତି ଏହି ମହାଦେବଙ୍କ ମନ୍ଦିର ନିକଟରେ ପୂର୍ବେ ଗୋଟିଏ ବନ୍ଦର ଥିବାର ଜଣାଯାଏ । ସେହି ବନ୍ଦର ଅନୁସାରେ ସେହି ମହାଦେବଙ୍କର ସେପରି ନାମ ଦିଆଯାଇଛି ।

(୫) କାକଟପୁର ଥାନାର ଏକାଧିକ ସ୍ଥାନରେ 'ବୋଇତ ଡିହ', 'ବୋଇତ କୁଦ' ଏବଂ 'ଜାହାଜ ପଡ଼ିଆ' ପ୍ରଭୃତି ଅଛି । ଯେଉଁ କେତେକ ସ୍ଥାନରେ ଏପରି ନାମ ଦିଆ ଯାଇଛି ପୂର୍ବେ ସେହି ଅଞ୍ଚଳ ଦେଇ ପ୍ରାଚୀନଦୀ କେତୋଟି ଶାଖାନଦୀ ପ୍ରବାହିତ ହେଉଥିବାର ଯଥେଷ୍ଟ ପ୍ରମାଣ ମିଳେ । ଏହି ଥାନାର 'ଯୋଲ', 'ଯୁନ୍ତ' ଓ 'ଅସ୍ତରଙ୍ଗ' ଗ୍ରାମରେ ଥିବା ପ୍ରାଚୀନ ମନ୍ଦିର ନିକଟରେ ଏପରି ବୋଇତ କୁଦ ଗୁଡ଼ିକ ଦେଖାଯାଏ । ଅସ୍ତରଙ୍ଗ ଗ୍ରାମର ପୂର୍ବରେ ଗୋଟିଏ କୃତ୍ରିମ ବନ୍ଦର ଅଛି । ଦୁଇଟି ପ୍ରକାଣ୍ଡ ମାଟିସ୍ତୂପ ମଧ୍ୟରେ ଗୋଟିଏ ଗଭୀର ପୋଖରୀ ଅଛି । ସେହି ପୋଖରୀ ସଙ୍ଗେ ସ୍ଥାନୀୟ ନଦୀ ଧାରର ସମ୍ବନ୍ଧ ରହିଛି । ପ୍ରାଚୀନ କାଳରେ ନଦୀର ବୋଇତଗୁଡ଼ିକ ସେହି ସମ୍ବନ୍ଧ ନଦୀ ଓ ଦୁଇଟି ମାଟିସ୍ତୂପ ମଧ୍ୟ ଦେଇ ଉକ୍ତ ପୋଖରୀ ମଧ୍ୟରେ ପ୍ରବେଶ କରୁଥିଲା ସେହି ପୋଖରୀ ଭିତରେ ବୋଇତଗୁଡ଼ିକ ନିରାପଦରେ ରହୁଥିଲା । ଏବଂ ସେହିଠାରୁ ନାବିକମାନେ ସୁବିଧାରେ ଜିନିଷ ନିଆ ଅଣା କରୁଥିଲେ ।

(୬) ପୂର୍ବେ ବର୍ଣ୍ଣିତ ଚନ୍ଦ୍ରପୋଖରୀ ନଦୀର ସ୍ଥାନେ ସ୍ଥାନେ ମଧ୍ୟ ସେପରି ବୋଇତ କୁଦମାନ ଥିଲା । ଏହି ଚନ୍ଦ୍ରପୋଖରୀ ଦେଇ ପ୍ରାଚୀନଦୀର ପ୍ରସ୍ତରଗୁଡ଼ିକ କୋଣାର୍କ ଯାଏ ବୁହା ଯାଉଥିଲା । ଚନ୍ଦ୍ରପୋଖରୀର ସ୍ଥାନୀୟ ନାମ 'ପଥର ବୁହା' ନଦୀ । ଏହି ନଦୀ ସମ୍ପୂର୍ଣ୍ଣ ଶୁଖିଗଲେ ହେଁ ଏହାର

ପୂର୍ବ ଧାରର ସ୍ଥାନେ ସ୍ଥାନେ ଅତିବଡ଼ ପ୍ରସ୍ତରମାନ ପୋତିହୋଇ ରହିଛି ।

ଏ କେତେକ ପ୍ରମାଣରୁ ସ୍ପଷ୍ଟ କହି ହେବଯେ ପ୍ରାଚୀନଦୀ ଖ୍ରୀ: ପୂ: ୧୫୦ ଅବ୍ଦଠାରୁ ବୋଇତ ବାଣିଜ୍ୟପାଇଁ ସୁବିଧା ଜନକ ନଦୀ ଥିଲା ଏବଂ ଏହି ନଦୀ ଦେଇ ସ୍ଥାନୀୟ ବଣିକମାନେ ପୂର୍ବରେ ବଙ୍ଗୋପ ସାଗର ଏବଂ ପଶ୍ଚିମରେ ମହାନଦୀ ସଙ୍ଗେ ଅବାଧ ବାଣିଜ୍ୟ କରୁଥିଲେ ।

**ପ୍ରାଚୀନଦୀରେ ବୋଇତ ବାଣିଜ୍ୟର ଅବନତି**—ଖ୍ରୀ: ପୂ. ୧୫୦ ଅବ୍ଦଠାରୁ ପ୍ରାଚୀ, ଶୋଲ ଓ ବାରଙ୍ଗ ପ୍ରଭୃତି ନଦୀରେ ଅବାଧ ବୋଇତ ବାଣିଜ୍ୟ ଚାଲୁଥିବାର କୁହାଯାଇଛି । କିନ୍ତୁ ଆଜି କାଲି ଏହି ବାଣିଜ୍ୟ ଏକବାର ବନ୍ଦ ହୋଇଯାଇଛି । ଏକ୍ଷଣି ସ୍ଥାନୀୟ ଲୋକମାନେ ସାଧାରଣ ଡଙ୍ଗାର ବ୍ୟବହାର ମଧ୍ୟ ପାଶୋରି ଦେଇଛନ୍ତି । ଏପରି ଦୁର୍ଦ୍ଦଶା କେଉଁ ସମୟରୁ ଘଟିଲା ?

ଓଡ଼ିଶାର ପ୍ରାଚୀନ ଇତିହାସରୁ ଜଣାଯାଏ ଯେ ୧୨/୧୩ ଶ ଖ୍ରୀଷ୍ଟାବ୍ଦ ଯାଏ ପ୍ରାଚୀ ଓ ତାହାର ପ୍ରଧାନ ଶାଖା ଚନ୍ଦ୍ରୋପୃଳା ନଦୀ ସୁଗଭୀର ଥିଲା ଏବଂ ଏହି ନଦୀ ଦେଇ କୋଣାର୍କର ସୂର୍ଯ୍ୟ ମନ୍ଦିର ପାଇଁ ଦରକାର ହୋଇଥିବା ଅତି ବଡ଼ ବଡ଼ ପ୍ରସ୍ତରମାନ ବୁହାଇ ନିଆ ଯାଇଥିଲା । ବାସ୍ତବରେ କୋଣାର୍କର ସୂର୍ଯ୍ୟ ମନ୍ଦିର ପାଇଁ ଯେଉଁ ପ୍ରକାଣ୍ଡ ପ୍ରସ୍ତରମାନ ବ୍ୟବହାର କରାଯାଇଛି ଯେଗୁଡ଼ିକୁ ନଦୀସ୍ରୋତ ବ୍ୟତୀତ ଅନ୍ୟ କୌଣସି ଉପାୟରେ ବୋହିନେବା ସହଜ ନୁହେଁ । କୋଣାର୍କର ମନ୍ଦିର ଖ୍ରୀ: ୧୨୫୦/୬୦ ଅବ୍ଦ ମଧ୍ୟରେ ନିର୍ମିତ ହୋଇଥିଲା । ତାହାହେଲେ ସେହି ସମୟ ସୁଦ୍ଧା ପ୍ରାଚୀ ଓ ଚନ୍ଦ୍ରୋପୃଳା ନଦୀରେ ବୋଇତ ବାଣିଜ୍ୟର ସୁବିଧା ଥିଲା ।

ତତ୍ ପୂର୍ବରୁ ଏ ଦୁଇଟି ନଦୀ ପୋତି ହୋଇଥିବାର ସମ୍ଭବ ନୁହେଁ । କାରଣ ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ଭାରତ ଭ୍ରମଣ ସମୟରେ ୬୪୦ ଖ୍ରୀଷ୍ଟାବ୍ଦରେ, ଚନ୍ଦ୍ରୋପୃଳା ମୁହାଣରେ ଥିବା ଚେଲିତାଲୋ ବା ଚନ୍ଦ୍ରୋପୃଳା ବନ୍ଦର କଥା ସେହି ପରିବ୍ରାଜକଙ୍କ ଭ୍ରମଣ ବୃତ୍ତାନ୍ତରେ

ଲେଖା ଯାଇଛି । ପରେ ୧୩ଶ ଖ୍ରୀଷ୍ଟାବ୍ଦରେ କୋଣାର୍କ ମନ୍ଦିର ନିର୍ମିତହେବା କଥା ସ୍ପଷ୍ଟ ପ୍ରମାଣ ମିଳୁଛି । ଏପରି ଅବସ୍ଥାରେ ୧୩ଶ ଖ୍ରୀଷ୍ଟାବ୍ଦ ଶେଷସୁଦ୍ଧା ପ୍ରାଚୀ ଓ ଚନ୍ଦ୍ରଭାଗା ନଦୀ ସୁଗଭୀର ଥିଲ ବୋଲି ବୁଝାଯାଇ ପାରେ । ଏହି ୧୩ଶ ଖ୍ରୀଷ୍ଟାବ୍ଦ ପରେ ପ୍ରାଚୀନଦୀ ସମ୍ପୂର୍ଣ୍ଣ ପୋତିହୋଇ ବୋଇତ ବାଣିଜ୍ୟ ପାଇଁ ଅନୁପଯୁକ୍ତ ହୋଇ ନଥିଲ । ଏ ସମ୍ବନ୍ଧରେ ଗୋଟିଏ ଜ୍ୱଳନ୍ତ ପ୍ରମାଣ ପ୍ରାଚୀନଦୀ ତୀରବର୍ତ୍ତୀ କାକଟପୁର ମହାମଙ୍ଗଳାଙ୍କ ଇତିହାସ ।

ଉକ୍ତ ଇତିହାସରୁ ଜଣାଯାଏ ଯେ ୧୫ଶ ଖ୍ରୀଷ୍ଟାବ୍ଦରେ ଦଧିବାମନ ସାହୁ ନାମକ ଜଣେ ସାଧବ ପ୍ରାଚୀନଦୀରେ ବୋଇତ ଚଳାଇ ସୁଦୂର ସିଂହଳଦ୍ୱୀପ ସଙ୍ଗେ ବୋଇତ ବାଣିଜ୍ୟ କରୁଥିଲ ଏବଂ ସେହି ବାଣିଜ୍ୟ କରିଯିବା ସମୟରେ ସିଂହଳରୁ ମଙ୍ଗଳାଙ୍କ ପାଷାଣ ବିଗ୍ରହ ଆଣି ପ୍ରାଚୀତୀରବର୍ତ୍ତୀ କାକଟପୁର ଗ୍ରାମରେ ସ୍ଥାପନ କରିଥିଲ । ଏହି ଘଟଣାରୁ ପ୍ରାଚୀନଦୀ ୧୫ଶ ଖ୍ରୀଷ୍ଟାବ୍ଦ ସୁଦ୍ଧା ସୁଗଭୀର ଥିବାର ଅନୁମିତ ହୁଏ ।

୧୫ଶ ଓ ୧୬ଶ ଖ୍ରୀଷ୍ଟାବ୍ଦ ସମୟକୁ ଓଡ଼ିଶାର ସ୍ୱାଧୀନ ରବି ଅସ୍ତ ହୋଇଯାଉଥିଲ । ଠିକ୍ ସେତିକବେଳେ ୟୁରୋପୀୟ ବଣିକମାନେ ଭାରତ ସଙ୍ଗେ ସାମୁଦ୍ରିକ ବାଣିଜ୍ୟ ଚଳାଇଥିଲେ । ଏକାଧିକ ୟୁରୋପୀୟ ବଣିକ ପ୍ରାଚୀର ପୂର୍ବରେ ଥିବା ଦେବୀ ମୁହାଣ ନିକଟବର୍ତ୍ତୀ ମାଛଗାଁ ବନ୍ଦରକୁ ଆସି ଏଠାରୁ ହରିହର ପୁର (କଟକ ଜିଲ୍ଲାର ଆଧୁନିକ ଜଗତସିଂହ ପୁର) ସଙ୍ଗେ ବାଣିଜ୍ୟ କରୁଥିବାର କମ୍ବଦନ୍ତୀ ଅଛି । ଏହି ୟୁରୋପୀୟ ବଣିକମାନଙ୍କ ସମୟରେ ପ୍ରାଚୀ ନଦୀରେ ବୋଇତ ବାଣିଜ୍ୟର ଅବସ୍ଥା କଅଣ ଥିଲ ଯେ ବିଷୟରେ ପ୍ରାଚୀନ ଇତିହାସ ସମ୍ପୂର୍ଣ୍ଣ ନୀରବ । ତଥାପି ସ୍ଥାନୀୟ କମ୍ବଦନ୍ତୀରୁ ଜଣାଯାଏ ଯେ ୟୁରୋପର ପର୍ତ୍ତୁଗୀଜ୍ ଓ ଓଲନ୍ଦାଜ ବଣିକମାନେ ଏହି ଅଞ୍ଚଳ ସହ ବୋଇତ ବାଣିଜ୍ୟ କରିବା ସଙ୍ଗେ ସଙ୍ଗେ ଭୀଷଣ ଜଳଦସ୍ୟୁ ବୃତ୍ତି ମଧ୍ୟ କରୁଥିଲେ । ଏ ଶ୍ରେଣୀ ଜଳଦସ୍ୟୁମାନେ ପ୍ରାଚୀ ଓ ଚନ୍ଦ୍ରଭାଗା ନଦୀର ମୁହାଣଗୁଡ଼ିକରେ ଜଗି ସ୍ଥାନୀୟ ବ୍ୟବସାୟୀମାନଙ୍କର ଧନ ସମ୍ପତ୍ତି ଏବଂ ବୋଇତ ପ୍ରଭୃତି ଲୁଣ୍ଠନକରି ବ୍ୟସ୍ତ କରୁଥିଲେ । ସମୟରେ ଏମାନେ ଦୁଇ ନଦୀର ଦୁଇ ତୀରରେ ଥିବା ବାଣିଜ୍ୟ କୋଠ, ପଲ୍ଲୀଗ୍ରାମଗୁଡ଼ିକୁ ମଧ୍ୟ ଆକ୍ରମଣ

କରିବାକୁ ସ୍ତୁତ୍ ନଥିଲେ । ନିଜ ରାଜ୍ୟରେ (ଓଡ଼ିଶାରେ) ସ୍ୱାଧୀନତା ଲୋପ ହେବା ସଙ୍ଗେ ସଙ୍ଗେ ଏହି ବୈଦେଶିକ ଜଳଦସ୍ୟୁମାନଙ୍କର ଅତ୍ୟାଚାରର ବୃଦ୍ଧି ହୋଇଥିଲା । ଏବଂ ଏହାକୁ ପ୍ରତିରୋଧ କରିବାପାଇଁ ସ୍ଥାନୀୟ ସରକାର କିମ୍ବା ଦେଶବାସୀଙ୍କର ବଳ ନଥିଲା । ଏ କେତେକ କାରଣରୁ ଏ ଅଞ୍ଚଳର ବୋଇତ ବାଣିଜ୍ୟ ୟୁରୋପୀୟ ବଣିକ ଓ ଜଳଦସ୍ୟୁମାନଙ୍କ ଯୋଗୁଁ ଏକବାରେ ବନ୍ଦହୋଇ ଯାଇଥିବାର ଜଣାଯାଏ ।

ବୈଦେଶିକ ଆକ୍ରମଣ ସଙ୍ଗେ ସଙ୍ଗେ ପ୍ରାକୃତିକ ଦୁର୍ଘଟଣା ଗୁଡ଼ିକ ମଧ୍ୟ ଏହି ଅଞ୍ଚଳର ବୋଇତ ବାଣିଜ୍ୟରେ ବାଧା ଦେଇଥିଲେ ! ପ୍ରତିବର୍ଷ ଦକ୍ଷିଣରୁ ବହି ଯାଉଥିବା ପ୍ରବଳ ପବନରେ ସମୁଦ୍ରବାଲି ଉଡ଼ି ଓ ଏହିନଦୀ ଗୁଡ଼ିକର ମୁହାଣ ବନ୍ଦ କରିଥିଲା । ପଦ୍ମତୋଳା ଗଣ୍ଡ ପୋତାହୋଇ କୋଣାର୍କର ସୂର୍ଯ୍ୟମନ୍ଦିର ନିର୍ମିତହେବା ସଙ୍ଗେ ସଙ୍ଗେ ଚିତ୍ରୋତ୍ପଳା ନଦୀ ଚିରଦିନପାଇଁ ବନ୍ଦ ହୋଇଗଲା । ପ୍ରାଚୀନଦୀର ମୁହାଣ ବନ୍ଦହେବା ସମୟରେ ତାହାର ଉପର ଭାଗରେ ଥିବା ଖୋଲ ଓ ବାରଙ୍ଗ ନଦୀ ମଧ୍ୟ ଶୁଷ୍କହେବାକୁ ଲାଗିଲା । ଠିକ୍ ଏତିକବେଳେ ଯେଉଁ କାଠଯୋଡ଼ି ନଦୀ ଦୁଇଖଣ୍ଡ କାଠଯୋଡ଼ି ପାରହେବା ଭଳି ଥିଲା ତାହାର କଳେବର ଦିନକୁ ଦିନ ବୃଦ୍ଧି ହେଲା । କାଠଯୋଡ଼ିର ପ୍ରଧାନ ଶାଖା କୁଆଖାଇ ଯଥାକ୍ରମେ କୁଶଭଦ୍ରା ଦୟା ଭାର୍ଗବୀରେ ବିଭକ୍ତ ହୋଇଗଲା ଏବଂ କୁଆଖାଇର ନିମ୍ନଭାଗ ଦେବୀ ନଦୀ ତାହାର ଶାଖା ପ୍ରଶାଖା ହୋଇ ସମୁଦ୍ର ଦିଗରେ ପ୍ରବାହିତ ହେବାକୁ ଲାଗିଲା । ଏ କେତେକ ପ୍ରାକୃତିକ ଘଟଣା ଯୋଗୁଁ ପ୍ରାଚୀ ନଦୀର ବୋଇତ ବାଣିଜ୍ୟ ଚିରଦିନ ପାଇଁ ବନ୍ଦ ହୋଇଗଲା ।

**ବୋଇତ ବାଣିଜ୍ୟ ବନ୍ଦ ପରେ ପ୍ରାଚୀ ନଦୀର ଅବସ୍ଥା—** ଖ୍ରୀଷ୍ଟ ୧୬/୧୭ ଶ ଅବ୍ଦରେ ଓଡ଼ିଶାର ସ୍ୱାଧୀନତା ଲୋପ ହେବା ସଙ୍ଗେ ସଙ୍ଗେ ପ୍ରାଚୀ ନଦୀର ବୋଇତ ବାଣିଜ୍ୟ ମଧ୍ୟ ବନ୍ଦହୋଇ ଯାଇଥିଲା । ଠିକ୍ ଏତିକ ବେଳେ ଓଡ଼ିଶାର ପୁରପଲ୍ଲୀରେ ବିଧର୍ମୀ ଲୁଣ୍ଠନପ୍ରିୟ ମୋଗଲ ଓ ମହରଟ୍ଟାମାନେ ଏ ଦେଶକୁ ଦୀର୍ଘ ତିନିଶତ ବର୍ଷଯାଏ ନିଜ ନିଜ ହାତରେ ରଖିଥିଲେ । ଏପରି ଅବସ୍ଥାରେ ଦେଶର ଅନ୍ୟାନ୍ୟ

ପୁରପଲ୍ଲୀର ଅବସ୍ଥା ଯେପରି ଶୋଚନୀୟ ହେଲା ପ୍ରାଚୀତୀରର ପଲ୍ଲୀଗୁଡ଼ିକରେ ମଧ୍ୟ ଠିକ୍ ସେହି ଅବସ୍ଥା ଘଟିଲା । ସ୍ଥାନୀୟ ବ୍ୟବସାୟୀମାନେ ବୋଇତ ବାଣିଜ୍ୟର ସମସ୍ତ ଆଶା ଚିରଦିନ ପାଇଁ ଛାଡ଼ିଥିଲେ । ତଥାପି ସେମାନଙ୍କ ମଧ୍ୟରେ ବ୍ୟବସାୟ ଲିପ୍ସା ଏକବାର ବିଲୋପ ହୋଇନଥିଲା । ଏହି କାରଣରୁ ଯେଉଁ ଯେଉଁ ଜାତିର ଲୋକମାନେ କେବଳ ନୌବାଣିଜ୍ୟ କରି ଚଳୁଥିଲେ ଆଜିକାଲି ସେହି ସବୁ ପାଠକ ଜାତିର ଲୋକମାନେ ଏହି ପ୍ରାଚୀ ନଦୀର ଉଭୟ ତୀରରେ ପୂର୍ବ ବାଣିଜ୍ୟ ବୃତ୍ତିର ସ୍ମୃତିରକ୍ଷା କରିବା ଭଳି ସାମାନ୍ୟ ବ୍ୟବସାୟ ବାଣିଜ୍ୟ କରନ୍ତି । ଏପରି ବ୍ୟବସାୟୀମାନଙ୍କ ମଧ୍ୟରୁ ପୁରୀଜିଲ୍ଲା ବାଲିପାଟଣା ଅଞ୍ଚଳ ରେ 'ଥୋଡ଼ିଆ' ଜାତିର ଲୋକମାନେ ପ୍ରସିଦ୍ଧ ଅଟନ୍ତି । ଏମାନଙ୍କ ପଛକୁ ତୁଳସୀପୁର ନିକଟବର୍ତ୍ତୀ ସାତପାଟଣାର ଲୋକମାନେ ଏବଂ କାକଟପୁର ଥାନାର ବାଜପୁର ଗ୍ରାମବାସୀ ପ୍ରଧାନ ଅଟନ୍ତି । ଏହି କେତେକ ଗ୍ରାମର ଲୋକମାନଙ୍କର ପ୍ରଧାନ ବ୍ୟବସାୟ କେବଳ ସ୍ଥାନୀୟ ହାଟ ଗୁଡ଼ିକରେ ନିଜର ଜିନିଷ ପତ୍ର ବିକ୍ରି କରିବା । ଏଥିପାଇଁ ପ୍ରୋକ୍ତ ଥୋଡ଼ିଆ ଜାତିର ଲୋକମାନେ ସେହି କାଳରୁ 'ଥୋଡ଼ି ବଳଦ' ଗୁଡ଼ିକୁ ରଖି ସେହି ବଳଦ ପିଠିରେ ନିଜର ଜିନିଷଗୁଡ଼ିକ ବୋଝେଇ କରି ପ୍ରତି ହାଟକୁ ଯାଆନ୍ତି ଓ ବିକାକିଣା କରନ୍ତି । ପ୍ରାଚୀତୀରର ଗୋଟିଏ ବିଶେଷତ୍ୱ ଏହି ଯେ କେବଳ ସ୍ଥାନୀୟ ବ୍ୟବସାୟୀମାନଙ୍କ ଯୋଗୁଁ ଏହି ଅଞ୍ଚଳର ଅସଂଖ୍ୟ ପଲ୍ଲୀହାଟ ସ୍ଥାପିତ ହୋଇଛି ଏବଂ ଏହି ହାଟୁଆ ଜାତିମାନେ ନିଜ ମଧ୍ୟରେ ସ୍ଥାନୀୟ ବ୍ୟବସାୟ ରଖିଥିବାରୁ ଏହି ଅଞ୍ଚଳରେ ଏପର୍ଯ୍ୟନ୍ତ କୌଣସି ମାରୁଆଡ଼ି କିମ୍ବା ବମ୍ବେ ମୁସଲମାନ ବେପାରୀ କେହି ଆସି ନିଜର ବ୍ୟବସାୟ ଖୋଲି ପାରିନାହାନ୍ତି । ପ୍ରାଚୀନଦୀ ଦୁଇକୂଳରେ ବାସ କରୁଥିବା ପ୍ରତ୍ୟେକ ପାଠକ ବ୍ୟବସାୟୀ ଏପର୍ଯ୍ୟନ୍ତ ନିଜ ଜାତିରେ ସ୍ଥାନୀୟ ହାଟ ଓ ପଲ୍ଲୀର ବ୍ୟବସାୟ ବାଣିଜ୍ୟ ରଖି ପାରିଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ କେବଳ ଏହି ହାଟଗୁଡ଼ିକରେ ବ୍ୟବସାୟ କରି ଚଳନ୍ତି—କେବଳ ଅତି କମ୍ ଲୋକ କୃଷି ବ୍ୟବସାୟ କରି ସ୍ୱାଧୀନଭାବରେ ଚଳନ୍ତି । ନିଜର ପୂର୍ବ ବ୍ୟବସାୟ ଅତି କ୍ଷୀଣ ଭାବରେ ନିଜ ହାତରେ ରଖିଥିବା ସତ୍ତ୍ୱେ ଏ ଶ୍ରେଣୀ ଲୋକମାନଙ୍କ ମଧ୍ୟରେ ସେପରି ଉଚ୍ଚଶିକ୍ଷିତ କେହି ଏପର୍ଯ୍ୟନ୍ତ ବାହାରି ନାହାନ୍ତି । ଏହାଦ୍ୱାରା ସେମାନେ ବ୍ୟକ୍ତିଗତ ଗର୍ବ ଅନୁଭବ କରନ୍ତି ।

**ପ୍ରାଚୀନଦୀ ତୀରବର୍ତ୍ତୀ ପ୍ରସିଦ୍ଧ ହାଟ**— ପ୍ରାଚୀନଦୀରେ ବୋଇତ ବାଣିଜ୍ୟ ଚାଲୁଥିବା ସମୟରେ ଏ ଅଞ୍ଚଳରେ ହାଟ ବଜାର ଥିଲା କି ନାହିଁ କହି ହେବ ନାହିଁ । କିନ୍ତୁ ଏବେ ଏହି ନଦୀର ଦୁଇତୀରରେ ଅସଂଖ୍ୟ ହାଟ ବସେ । ଏହି ହାଟ ସାଧାରଣତଃ ସପ୍ତାହରେ ଦୁଇଥର ବସେ । ଏହି କାରଣରୁ ଏ ଅଞ୍ଚଳର ବ୍ୟବସାୟୀମାନେ ପ୍ରାୟ ପ୍ରତିଦିନରେ କୌଣସି ଗୋଟିଏ ନିକଟବର୍ତ୍ତୀ ହାଟକୁ ଯାଇ ନିଜ ଜିନିଷଗୁଡ଼ିକର ବିକାକିଣା କରିପାରନ୍ତି । ପ୍ରାଚୀତୀରବର୍ତ୍ତୀ ହାଟମାନଙ୍କ ମଧ୍ୟରୁ ନିମ୍ନସ୍ଥାନର ହାଟମାନ ଅତି ପ୍ରସିଦ୍ଧ ଅଟେ । ବନମାଳିପୁର, ନିଆଳି, ରତ୍ନପୁର, ନୂଆହାଟ, ନୂଆପଲମ ହାଟ ଏବଂ କୁଣ୍ଡେଇ ହାଟ ପ୍ରାଚୀନଦୀର ଅତି ନିକଟରେ ବସେ । ଏହା ବ୍ୟତୀତ କାକଟପୁର ଥାନାର ନିମ୍ନ ହାଟଗୁଡ଼ିକ ମଧ୍ୟ ଅତି ପ୍ରସିଦ୍ଧ ଅଟେ ଅସ୍ତରଙ୍ଗ ଏବଂ ଲତାହରଣ ।

ପ୍ରାୟ ସବୁ ହାଟରେ ସ୍ଥାନୀୟ ବ୍ୟବସାୟୀମାନେ ଯୋଗଦେଇ ନିଜନିଜର ଜିନିଷଗୁଡ଼ିକୁ ବିକାକିଣା କରନ୍ତି । ଆଜିକାଲି ପ୍ରାଚୀନଦୀର ଦୁଇକୂଳର କୃଷି ଜମିଗୁଡ଼ିକ ବନ୍ୟା ଯୋଗୁଁ ନଷ୍ଟ ହୋଇଥିବାରୁ ସ୍ଥାନୀୟ ଲୋକମାନେ କୃଷିପ୍ରତି ବେଶୀ ଦୃଷ୍ଟି ନଦେଇ ପାନ ବରଜ କରି ସୁଖରେ ଦିପଇସା ରୋଜଗାର କରନ୍ତି । ପ୍ରାଚୀତୀରବର୍ତ୍ତୀ ନରସିଂହପୁର ଅତି ଉତ୍କୃଷ୍ଟ ପାନ ପାଇଁ ଓଡ଼ିଶା ଓ ସୁଦୂର କଲିକତାରେ ପ୍ରସିଦ୍ଧି ଲାଭ କରିଛି ।

# ପ୍ରାଚୀନଦୀ ତୀରବର୍ତ୍ତୀ କେତୋଟି ପ୍ରସିଦ୍ଧ ସ୍ଥାନ

**ପ୍ରାଚୀନଦୀ ଓଡ଼ିଶାବାସୀଙ୍କଠାରେ ଅପରିଚିତା**—ପୂର୍ବ ଅଧ୍ୟାୟଗୁଡ଼ିକରେ ବର୍ଣ୍ଣିତ ବିଷୟଦ୍ୱାରା ଖ୍ରୀଷ୍ଟପୂର୍ବ ଯୁଗରୁ ୧୫୧୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରାଚୀନଦୀର ଐତିହାସିକ ଓ ପୌରାଣିକ ବିଭବ କିପରି ଥିଲା ସେ କଥା ଉତ୍ତମରୂପେ ଜାଣିହୁଏ । କିନ୍ତୁ ଏତେ ବିଭବ ସତ୍ତ୍ୱେ ଏହି ନଦୀ ସମ୍ବନ୍ଧରେ ଓଡ଼ିଶାବାସୀ ଅତି ଅଳ୍ପ ସଂବାଦ ରଖିଅଛନ୍ତି । ଏପରିକି ଅନେକ ଉଚ୍ଚଶିକ୍ଷିତ ମଧ୍ୟ ଏହି ନଦୀର ପ୍ରକୃତ ଅବସ୍ଥାନ କେଉଁଠି ଏବଂ ଏହାର ଦୁଇ ତୀରରେ କି କି ପ୍ରାଚୀନ ବିଭବ ରହିଛି ତାହା ଆଦୌ ଜାଣନ୍ତି ନାହିଁ । ଓଡ଼ିଶାର ଅନ୍ୟ ଅଞ୍ଚଳବାସୀଙ୍କ କଥା ଦୂରରେ ଥାଉ, ଏହି ନଦୀ ତୀରବର୍ତ୍ତୀ ଗ୍ରାମଗୁଡ଼ିକରେ ବାସ କରୁଥିବା ଅଧିକାଂଶ ବ୍ୟକ୍ତି ମଧ୍ୟ ଏହି ନଦୀର ପ୍ରାଚୀନ ବିଭବ ଓ ପୌରାଣିକ ବିଶେଷତ୍ୱ କଥା ଜାଣନ୍ତି ନାହିଁ । ଏପର୍ଯ୍ୟନ୍ତ ଏହି ଅଞ୍ଚଳର କୌଣସି ବ୍ୟକ୍ତି ସମୂଦାୟ ପ୍ରାଚୀନଦୀର

ଗଡ଼ ଏବଂ ତାହାର ଦୁଇକୂଳରେ ଥିବା ପ୍ରାଚୀନମନ୍ଦିର ମୂର୍ତ୍ତି, ପୁଷ୍କରଣୀ ଓ ବାଂଫି ପ୍ରଭୃତି ଦେଖି ନାହାନ୍ତି । ଏହା କମ୍ ଆଶ୍ଚର୍ଯ୍ୟର କଥା ନୁହେଁ ।

## ଏହି ନଦୀ ତୀରବର୍ତ୍ତୀ କେତୋଟି ପ୍ରସିଦ୍ଧ ସ୍ଥାନ—

ପୂର୍ବ ଅଧ୍ୟାୟଗୁଡ଼ିକରେ ପ୍ରାଚୀ ନଦୀତୀରରେ ଥିବା ଦ୍ୱାଦଶଶମ୍ଭୁ ଏବଂ ଅନ୍ୟ ପ୍ରାଚୀନମନ୍ଦିରର ଅବସ୍ଥାନ କଥା ଏବଂ ଏହି ତୀରରେ ଥିବା ଅସଂଖ୍ୟ ଗଡ଼ର ପରିଚୟ ପ୍ରଭୃତି ଦିଆଯାଇଛି । ସେ ସବୁ ସ୍ଥାନ ବ୍ୟତୀତ ଏହି ନଦୀ ତୀରରେ ଆହୁରି କେତୋଟି ପ୍ରସିଦ୍ଧ ସ୍ଥାନ ଅଛି । ସେ ବିଷୟ ସଂକ୍ଷିପ୍ତରେ ନିମ୍ନରେ ବର୍ଣ୍ଣିତ ହେବ ।

**ଜୟଦେବଙ୍କ ଜନ୍ମସ୍ଥାନ**— 'ଗୀତଗୋବିନ୍ଦ' ପ୍ରଣେତା ଭକ୍ତ କବି ଜୟଦେବ ପୁରୀଜିଲାବାସୀ ଏବଂ ତାହାଙ୍କ ଘର ପ୍ରାଚୀନଦୀ ତୀରବର୍ତ୍ତୀ ଗୋଟିଏ ଗ୍ରାମରେ ଥିବାର ଜନଶ୍ରୁତି ଅଛି । 'ଚନ୍ଦ୍ରଦତ୍ତ' ନାମକ ଜଣେ କାଶୀନିବାସୀ ମୈଥିଳୀ ପଣ୍ଡିତଙ୍କ ରଚିତ 'ଭକ୍ତମାଳା' ନାମକ ଯେଉଁ ସଂସ୍କୃତ ଗ୍ରନ୍ଥ ଅଛି, ସେହି ଗ୍ରନ୍ଥରେ ମଧ୍ୟ ଜୟଦେବଙ୍କ ଘର ପୁରୀ ଜିଲାରେ ବୋଲି ବର୍ଣ୍ଣିତ ହୋଇଛି ।

"ଜଗନ୍ନାଥ ପୁରୀପ୍ରାନ୍ତେ ଦେଶେ ଚୈବୋତ୍କଳାଭିଧେ
ବିନ୍ଦୁବିଲ୍ୱ ଇତି ଖ୍ୟାତୋ ଗ୍ରାମୋ ବ୍ରାହ୍ମଣସଙ୍କୁଳଃ
ତତ୍ରୋତ୍କଳେ ଅଭୂଦ୍ଦ୍ୱିଜୋ ଜୟଦେବ ଇତି ଶ୍ରୁତଃ
ବିଦ୍ୟାଭ୍ୟାସ ରତଃ ଶାନ୍ତଃ ପୁରୁଷୋତ୍ତମ ପୂଜକଃ
ଅଥ ତସ୍ୟୈବ ବିପ୍ରାନ୍ୟୋ ଦେବଶର୍ମେତି ବିଶ୍ରୁତଃ
ଅନପତ୍ୟୋ ବଭୂବାସୌ ଜଗନ୍ନାଥ ମୁପାଗତଃ ।"

(ଭକ୍ତମାଳା)

ଉପର୍ଯ୍ୟୁକ୍ତ ବିବରଣୀରୁ ଜୟଦେବ ଜଣେ ଶାସନୀ ବ୍ରାହ୍ମଣ ଥିବାର ଏବଂ ତାହାଙ୍କ ଘର ବିନ୍ଦୁବିଲ୍ୱ ବା କେନ୍ଦୁବିଲ୍ୱ (?) ନାମକ ଗ୍ରାମରେ ଥିବାର ସ୍ପଷ୍ଟ ଜାଣିହୁଏ । ଏହି 'କେନ୍ଦୁବିଲ୍ୱ' ଗ୍ରାମ କେଉଁଠି ଅଛି ?

**ପ୍ରାଚୀତୀରରେ କେନ୍ଦୁବିଲ୍ୱ ଗ୍ରାମ** – ପ୍ରାଚୀନଦୀ ଫୁଲନଖରା-ନିଆଳି ସଡ଼କର ୧୬।୧୭ ମାଇଲ ମଧ୍ୟରୁ ଶୋଲଠାରୁ ବାହାରିଛି। ଏହି ନଦୀର ପୂର୍ବରେ କଟକଜିଲ୍ଲା ଗୋବିନ୍ଦପୁର ଥାନାର 'ଗୋବିନ୍ଦଗ୍ରାମ ପାଟଣା' ନାମକ ଗ୍ରାମ। ସେହି ଗ୍ରାମର ଠିକ୍ ପଶ୍ଚିମରେ ପ୍ରାଚୀନଦୀର ପଶ୍ଚିମ ତୀରରେ 'କେନ୍ଦୁଲି ଗ୍ରାମ' ଅଛି। ଏହି ଗ୍ରାମଟି ପୁରୀ ଜିଲ୍ଲାର ବାଲିଅନ୍ତା ଥାନାରେ ଅବସ୍ଥିତ। ଏହି ଗ୍ରାମକୁ ଯିବାପାଇଁ ନିଆଳିଠାରୁ ବନମାଳିପୁର ଦେଇ ଉତ୍ତର ମୁହାଁ ହୋଇ ପ୍ରାୟ ୪ ମାଇଲ ଗଲେ ସୁବିଧା ହେବ, କିମ୍ବା ଭିଙ୍ଗାରପୁର ଠାରୁ କୁଶଭଦ୍ରା ନଦୀର ଉତ୍ତର ବନ୍ଧରେ ପ୍ରାୟ ୪/୫ ମାଇଲ ପୂର୍ବ-ଦକ୍ଷିଣକୁ ଗଲେ ଏହି ଗ୍ରାମ ଦେଖିହେବ।

କେନ୍ଦୁଲି ଗ୍ରାମ ଚାରି ଭାଗରେ ବିଭକ୍ତ, ୧—କେନ୍ଦୁଲି ଶାସନ, ୨— କେନ୍ଦୁଲି ଦେଉଳି, ୩— କେନ୍ଦୁଲି ପାଟଣା, ୪— କେନ୍ଦୁଲି ସୁଜାନଗର। ଜୟଦେବ ଜଣେ ଶାସନୀ ବ୍ରାହ୍ମଣ ଥିବାର ପୂର୍ବରୁ କୁହାଯାଇଛି। ତାହାଙ୍କର ଘର ପ୍ରୋକ୍ତ କେନ୍ଦୁଲି ଶାସନରେ ଥିବାର ସମ୍ଭବ। ଏହି ଶାସନରେ ଆଜକାଲି ଯେଉଁ କେତେକ ବ୍ରାହ୍ମଣ ଅଛନ୍ତି ସେମାନେ ପ୍ରାୟ ଅଶିକ୍ଷିତ। ମୁଁ ସେ ଗ୍ରାମକୁ ଯାଇ ଜୟଦେବଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ସୁଦ୍ଧା କାହାରିଠାରୁ ଉକ୍ତ କବିଙ୍କ ସମ୍ବନ୍ଧରେ କିଛି ପ୍ରମାଣ ପାଇଲି ନାହିଁ। ଏହି କେନ୍ଦୁଲି ଶାସନରେ ଜୟଦେବ ଜନ୍ମ ଗ୍ରହଣ କରି ଶେଷ ଜୀବନରେ ପୁରୀ ଯାଇ ସେଠାରେ ନୀଳାଚଳନାଥଙ୍କ ଆଶ୍ରୟରେ ସମୟ କଟାଇଥିଲେ। କେବଳ ଖଣ୍ଡିଏ ମାତ୍ର ଗ୍ରନ୍ଥ ଲେଖି ସୁଦ୍ଧା ଜୟଦେବ ନିଜ ନାମକୁ ଅମର କରିଯାଇଛନ୍ତି। ତାହାଙ୍କ ରଚିତ ଗୀତଗୋବିନ୍ଦ ପ୍ରତିଦିନ ଜଗନ୍ନାଥଙ୍କ ନିକଟରେ ଆବୃତ୍ତି କରାଯାଏ। ଏହି ଗ୍ରନ୍ଥ ଖଣ୍ଡିକ ପୃଥିବୀର ଏକାଧିକ ଭାଷାରେ ଅନୂଦିତ ହୋଇଛି। ଏହା ପ୍ରାଚୀ ତୀରବର୍ତ୍ତୀ ଏହି କ୍ଷୁଦ୍ର କେନ୍ଦୁଲି ଶାସନ ପକ୍ଷରେ କମ ଗୌରବର କଥା ନୁହେଁ। ଏହି ଗ୍ରାମର ପୁଷ୍କରିଣୀରୁ ଖଣ୍ଡିଏ ତାମ୍ରଶାସନ ମିଳିଥିଲା, ତାହା ପୁରୀର ଏମାରି ମଠରେ ଅଛି। ସେଥିରେ ଏହି ଗ୍ରାମ ସମ୍ବନ୍ଧରେ କିଛି ନୂତନ ତଥ୍ୟଥିବା ସମ୍ଭବ।

**୨-କାକୋଦର ପୁର-** ନିଆଳିର ଶୋଭନେଶ୍ୱର ଲିପିରେ ଯେଉଁ ବ୍ରାହ୍ମଣରାଜା ଶ୍ରୀ ବୈଦ୍ୟନାଥଙ୍କ ବଂଶାବଳୀ ଦିଆଯାଇଛି। ଏହି

ବଂଶର ରାଜାମାନେ କାକୋଦରପୁର ନାମକ ସ୍ଥାନରେ ନିଜର ସ୍ୱାଧୀନ ରାଜଧାନୀ ସ୍ଥାପନ କରିଥିବାର ଉଲ୍ଲେଖ ଅଛି । କାକୋଦରପୁର ଆଜିକାଲି ପୁରୀଜିଲାର ବାଲିଅନ୍ତା ଥାନାରେ କୁଶଭଦ୍ରା ନଦୀର ଦକ୍ଷିଣତୀରରେ (ଭିଙ୍ଗାରପୁରଠାରୁ ପ୍ରାୟ ୨ମାଇଲ ପୂର୍ବରେ) ଅବସ୍ଥିତ । ଯେଉଁ ସମୟରେ ବୈଦ୍ୟନାଥଙ୍କ ବଂଶ ଏଠାରେ ରାଜତ୍ୱ କରୁଥିଲେ ଠିକ୍ ସେହି ସମୟରେ ପ୍ରାଚୀନ ଓଡ଼ିଶା ଗଙ୍ଗବଂଶର ସ୍ୱାଧୀନ ରାଜାମାନଙ୍କ ଅଧୀନରେ ଥିଲା । ଗଙ୍ଗବଂଶର ରାଜାମାନେ ପ୍ରବଳ ପ୍ରତାପୀ ଥାଇ ଗଙ୍ଗାନଦୀଠାରୁ ଗୋଦାବରୀପର୍ଯ୍ୟନ୍ତ ରାଜତ୍ୱ କରିଥିବାର ବର୍ଣ୍ଣିତ ହୋଇଛି । ଏପରି ସ୍ଥଳେ ତାହାଙ୍କ ରାଜ୍ୟରେ ପୁଣି ଏକ ବ୍ରାହ୍ମଣ ରାଜବଂଶ କପରି ସ୍ୱତନ୍ତ୍ର ରାଜଧାନୀ ସ୍ଥାପନ କରି ଥିଲେ ସେ ସମ୍ବନ୍ଧରେ ବିସ୍ତୃତ ବିବରଣୀ ସଂଗ୍ରହ କରିବାକୁ ହେବ । ପୁନଶ୍ଚ କାକୋଦରପୁର କୁଶଭଦ୍ରା ନଦୀର ଦକ୍ଷିଣ ତୀରରେ ଥିବା ସତ୍ତ୍ୱେ ସେହି ନଦୀ ତୀରରେ ଏହି ବଂଶର କୌଣସି ପ୍ରାଚୀନକୀର୍ତ୍ତି ନଥିବା ସତ୍ତ୍ୱେ ନିଜ ରାଜଧାନୀ-ଠାରୁ ପ୍ରାୟ ୧୦ ମାଇଲ ପୂର୍ବ ଦକ୍ଷିଣରେ ଥିବା ପ୍ରାଚୀର ପୂର୍ବତୀରରେ ରାଜା ବୈଦ୍ୟନାଥ 'ନିଆଳି ଶାସନ' ଶୋଭନେଶ୍ୱର ମନ୍ଦିର ଏବଂ ଅନେକ ପ୍ରାଚୀନକୀର୍ତ୍ତି, ପୁଷ୍କରିଣୀ, ମଣ୍ଡପ, ମଠ ପ୍ରଭୃତି କରିବାପାଇଁ କି ବିଶେଷତ୍ୱ ଥିଲା ସେସବୁ ବିଷୟରେ ପ୍ରକୃତତ୍ତ୍ୱ ସଂଗ୍ରହ କରିବାକୁ ହେବ । ତଦ୍ୱାରା ସେହି ଯୁଗର ଓଡ଼ିଶା ଇତିହାସରେ ଆହୁରି ଅନେକ ନୂତନ ଅଧ୍ୟାୟ ଲେଖିହେବ ।

**ଜାହାଙ୍ଗୀର ପାଟଣା**—ପ୍ରାଚୀନଦୀ ତୀରବର୍ତ୍ତୀ ତ୍ରିବେଣୀର ପ୍ରାୟ ୧୨ ମାଇଲ ଉତ୍ତର ପଶ୍ଚିମରେ ଗୋଟିଏ ଗ୍ରାମକୁ 'ଜାହାଙ୍ଗୀର ପାଟଣା' କୁହାଯାଏ । ସ୍ଥାନୀୟ କମ୍ବଦନ୍ତୀରୁ ଜଣାଯାଏ ଯେ ଏହିଠାରେ ଓଡ଼ିଶାର ଅନ୍ତିମ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ସମୟରେ ଗୋଟିଏ ସୈନ୍ୟାଗାର ଥିଲା । ଓଡ଼ିଶା ମୋଗଲମାନଙ୍କର ହସ୍ତଗତ ହେବା ପରେ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ସମୟରେ ମଧ୍ୟ ଏହା ସୈନ୍ୟାଗାରରୂପେ ବ୍ୟବହୃତ ହୋଇଥିବ । ସେହି ଦିନରୁ ଏହି ଗ୍ରାମର ଏପରି ମୋଗଲ ନାମ ରହିଛି ।

**ଚହଟାଗ୍ରାମ**—ଚନ୍ଦ୍ରଭାଗା ନିକଟବର୍ତ୍ତୀ ଗୋଟିଏ ଗ୍ରାମକୁ 'ଚହଟା' କୁହାଯାଏ । ଏହି ଗ୍ରାମର ଗୋଟିଏ ପ୍ରାଚୀନ ବଟମୂଳରେ

ପ୍ରତିବର୍ଷ କେଉଟମାନଙ୍କର ଗୋଟିଏ ଜାତିଆଣ ମେଳା ହୁଏ । ପ୍ରାଚୀ ତୀରବର୍ତ୍ତୀ କେଉଟମାନେ ଏହି ମେଳାରେ ଯୋଗ ଦେଇ ନିଜ ଜାତିଆଣ ବିଷୟଗୁଡ଼ିକର ଚର୍ଚ୍ଚା କରନ୍ତି । ଚଉରାଶୀ ନିକଟରେ ମଧ୍ୟ ଆଉ ଗୋଟିଏ କେଉଟ ବସତି ଥିଲା । ଗତ ନଅଙ୍କ ପୂର୍ବେ ଏହି ଅଞ୍ଚଳରେ ପ୍ରାୟ ବାରଶହ ଘର କେଉଟ ବାସ କରୁଥିବାର ଜନଶ୍ରୁତି ଅଛି । ଏହି କେଉଟମାନେ ଯେ ଏକ ସମୟରେ ପ୍ରାଚୀରେ ବୋଇତ ବାଣିଜ୍ୟ ଚଳାଉଥିଲେ ଏଥିରେ ସନ୍ଦେହ ନାହିଁ । ପ୍ରାଚୀନଦୀ ପୋତି ହେବାରୁ ସେହି ନଦୀ ଓ ବଙ୍ଗୋପସାଗରରେ ଅବାଧ ନୌବାଣିଜ୍ୟ କରିବା ସୁବିଧା ବନ୍ଦହେବା ଦିନଠାରୁ ଏହି କେଉଟମାନଙ୍କର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ଏପରିକି ଆଜିକାଲି ଗୃହ କିମ୍ବା କୁଲି କାମହିଁ କେଉଟମାନଙ୍କର ପ୍ରଧାନ ବ୍ୟବସାୟ ହୋଇଛି । ବନମାଳୀ ପୁର ନିକଟବର୍ତ୍ତୀ ଶତାଧିକ କେଉଟମାନଙ୍କ ନିକଟରେ ଖଣ୍ଡିଏ ସୁଦ୍ଧା ଡଙ୍ଗା ନାହିଁ । ଏମାନେ କେବଳ କୃଷିକାର୍ଯ୍ୟଦ୍ୱାରା ଜୀବିକାନିର୍ବାହ କରନ୍ତି ।

**ଭଇଁଚ ଗରଡ଼**—ଚଉରାଶୀ ନିକଟବର୍ତ୍ତୀ ଗୋଟିଏ ଗ୍ରାମର ନାମ 'ଭଇଁଚ ଗରଡ଼' । ଏହି ଗ୍ରାମରେ କୋଣାର୍କର ୧୨ଶହ ବଢ଼େଇଙ୍କ ମଧ୍ୟରୁ ଅଧିକାଂଶଲୋକ ବାସ କରୁଥିବାର କିମ୍ବଦନ୍ତୀ ଅଛି । ଏହି ଗ୍ରାମର ଅତି ନିକଟରେ ପ୍ରାଚୀତୀରବର୍ତ୍ତୀ ପ୍ରସିଦ୍ଧ 'ବାରାହୀ ମନ୍ଦିର' ଅଛି । ଏହି ମନ୍ଦିର କାରୁକାର୍ଯ୍ୟ କୋଣାର୍କ ମନ୍ଦିରଠାରୁ ଆହୁରି ସୂକ୍ଷ୍ମ ବୋଲି ନିଃସନ୍ଦେହରେ କୁହାଯାଇ ପାରେ । ଏହି ମନ୍ଦିରରେ ଥିବା ବାରାହୀମୂର୍ତ୍ତି ମନୁଷ୍ୟାକୃତି ପ୍ରାୟ ୫/୬ ଫୁଟ ଉଚ୍ଚ ହେବ । ମୂର୍ତ୍ତିରେ ସେପରି ଶିଳ୍ପକାର୍ଯ୍ୟ ନଥିଲେ ହେଁ, ଦୂରରୁ ଏହି ମୂର୍ତ୍ତି ଦେଖିଲେ ଚିତ୍ତରେ ବିସ୍ମୟ ଜନ୍ମେ । ଏହି ମୂର୍ତ୍ତିର ନାଭିଦେଶରେ ଗୋଟିଏ ଅମୂଲ୍ୟ ହୀରା ଥିବାର ଓ ତାହା କୌଣସି ୟୁରୋପୀୟ ବଣିକ ଚୋରାଇ ନେଇ ଥିବାର ଲୋକମୁଖରୁ ଜଣାଯାଏ । କୋଣାର୍କ ମନ୍ଦିର ନିର୍ମାତାମାନେ ଏଠାରେ ବସାକରି ଯେଉଁ ମନ୍ଦିର (କୋଣାର୍କ)ର ପ୍ରତ୍ୟେକ ପ୍ରସ୍ତରର ସୂକ୍ଷ୍ମକାର୍ଯ୍ୟ କଲାପରେ ତାହାକୁ ନଦୀରେ ଭସାଇନେଇ କୋଣାର୍କ ମନ୍ଦିରରେ ଖଞ୍ଜୁଥିବାର କିମ୍ବଦନ୍ତୀ ଅଛି । ପୂର୍ବେ ଏହି 'ଭଇଁଚ ଗଡ଼' ରେ ଗୋଟିଏ ବଢ଼େଇ ସମ୍ମିଳନୀ ପ୍ରତିବର୍ଷ ହେଉଥିଲା । ଆଜିକାଲିର ବଢ଼େଇମାନଙ୍କ

ମଧ୍ୟରେ ପ୍ରାଚୀନ ଶିଳ୍ପର କୌଣସି ଚିହ୍ନ ନ ଥିବାରୁ କେବଳ କେତେକ ଜାତିଆଣ ବିଷୟ ମାତ୍ର ଏହି ସମ୍ବରେ ଆଲୋଚନା କରାଯାଇ ଥାଏ ।

**ଓଷିଆଁ**—ପ୍ରାଚୀନଦୀ ତୀରବର୍ତ୍ତୀ ଅନ୍ୟ ସମସ୍ତ ଅପେକ୍ଷା ପୁରୀଜିଲାର 'କାକଟପୁର' ଥାନାର ପ୍ରତ୍ୟେକ ପଲ୍ଲୀରେ ପ୍ରାଚୀନ ଯୁଗର ପ୍ରାଚୀନ କୀର୍ତ୍ତି ଏବଂ କିମ୍ବଦନ୍ତୀ ଅଛି । ଏ ପ୍ରାଚୀନ ବିଷୟଗୁଡ଼ିକୁ ସଂଗ୍ରହ କଲେ କେବଳ କାକଟପୁର ଥାନା ପାଇଁ ଗୋଟିଏ ପ୍ରକାଣ୍ଡଗ୍ରନ୍ଥ ଲେଖି ହେବ । ଖାରବେଳଙ୍କ ହାତୀଗୁମ୍ଫା ଲିପିର ୫ମ ଧାଡ଼ିରେ ଗୋଟିଏ ଗ୍ରାମର ନାମ ଅଛି । ଏହାକୁ ପଣ୍ଡିତମାନେ 'ଆର୍କଟପୁର' (Arkatapura) ବୋଲି ପାଠ କରିଛନ୍ତି । ଖାରବେଳ ତାହାଙ୍କ ରାଜତ୍ୱର ୪ର୍ଥ ବର୍ଷ ଏହି ଆର୍କଟପୁରର ଅଧିବାସୀମାନଙ୍କୁ ନିଜ କରଗତ କରିଥିଲେ । ଏହି 'ଆର୍କଟପୁର', କେଉଁ ସ୍ଥାନରେ ଥିଲା, ତାହା ଏ ପର୍ଯ୍ୟନ୍ତ କେହିହେଲେ ସ୍ଥିର କରିନାହାନ୍ତି । ସମ୍ଭବତଃ ଆଧୁନିକ 'କାକଟପୁର'କୁ ଏମାନେ 'ଆର୍କଟପୁର' ବୋଲି ପାଠକରିଥିବେ । ଏ ବିଷୟରେ ଖାରବେଳଙ୍କ ହାତୀଗୁମ୍ଫା ଲିପି ପାଠକରି ପରେ ଅନ୍ୟଏକ ବିବରଣୀ ପ୍ରକାଶ କରାଯିବ । ଏକ୍ଷଣି ଏହି କାକଟପୁର ଥାନାର ଗୋଟିଏ ପ୍ରାଚୀନ ଗ୍ରାମ 'ଓଷିଆ' ସମ୍ବନ୍ଧରେ ସ୍ଥାନୀୟ ଲୋକମାନଙ୍କ ଠାରୁ ଯାହା କିମ୍ବଦନ୍ତୀ ଆକାରରେ ସଂଗ୍ରହ କରି ପ୍ରକାଶ କରିଥିଲି, ତାହାହିଁ ଏଠାରେ ସଂଯୋଗ କରୁଛି । ଏ ବିଷୟରେ ଅଧିକ ଅନୁସନ୍ଧାନ କରାଯାଇ ପାରେ ।

**ଓଷିଆଁ ବରଯାତ୍ରୀ** 'ଓଷିଆଁ' କାକଟପୁର ଥାନାନ୍ତର୍ଗତ କୋଧାର ପ୍ରଗନ୍ନାର ଗୋଟିଏ କ୍ଷୁଦ୍ରଗ୍ରାମ । କାକଟପୁରର ଉତ୍ତର ପୂର୍ବ ଦିଗରେ, କାକଟ-ପୁରଠାରୁ ପ୍ରାୟ ୭।୮ ମାଇଲ ଦୂରରେ ଏହି ଗ୍ରାମର ଅବସ୍ଥିତି । ଆଜିକାଲି ଯେଉଁ ଗ୍ରାମକୁ ଓଷିଆଁ ବୋଲି କହନ୍ତି, ତାହା ପ୍ରକୃତରେ ଓଷିଆଁ ନୁହେଁ । ତାହାର ନାମ ଗୋପାଳପୁର । ପ୍ରାଚୀନ ଓଷିଆଁ ଗ୍ରାମ ଗୋପାଳପୁର ଠାରୁ ପ୍ରାୟ ୧½ମାଇଲ ଉତ୍ତରରେ ଥିଲା । ବର୍ତ୍ତମାନ ସେହି ଗ୍ରାମ ଓ ତନ୍ନିକଟସ୍ଥ ତାଳଦା, ପଥରଭଞ୍ଜନ ଓ ଜଗତିହୁଡ଼ା ପ୍ରଭୃତି ଗ୍ରାମ ଦେବୀନଦୀ ଗର୍ଭରେ ଲୀନ ହୋଇଯାଇଛି । ଗୋପାଳପୁରର ଉତ୍ତର ଦିଗରେ 'ଦେବୀ' ନଦୀ । ଏହି ନଦୀ କାଠଯୋଡ଼ୀ ନଦୀର ଶେଷାଂଶର ଗୋଟିଏ ଶାଖା । ଆଜିକାଲି ଏହି ନଦୀର ଚୌଡ଼ା ପ୍ରାୟ ଏକ ମାଇଲ । ପୂର୍ବେ ଏହା ଏତେ ଓସାର

ନଥିଲା । ଗତ ନ'ଅଙ୍କ ସମୟରେ ଏହି ନଦୀର ଓସାର ଅଧ ମାଇଲରୁ କମ୍ ଥିବାର ସ୍ଥାନୀୟ କେତେକ ଅତି ବୃଦ୍ଧ ଲୋକଙ୍କଠାରୁ ଶୁଣିଲୁ । ନଦୀର ସ୍ରୋତ କ୍ରମେ କ୍ରମେ ବୃଦ୍ଧି ପ୍ରାପ୍ତ ହୋଇ ନଦୀ କୂଳସ୍ଥ ଗ୍ରାମଗୁଡ଼ିକକୁ ନଷ୍ଟ କରିବାରୁ ସେହି ଗ୍ରାମବାସୀମାନେ ପୂର୍ବ ଗ୍ରାମଗୁଡ଼ିକ ଛାଡ଼ି ଅନ୍ୟାନ୍ୟ ସ୍ଥାନକୁ ଚାଲିଗଲେ । ପୂର୍ବେ ଯେଉଁମାନେ ଖାସ୍ ଓଷଆଁ ଗ୍ରାମରେ ଥିଲେ, ସେମାନେ ବର୍ତ୍ତମାନର ଗୋପାଳପୁରକୁ ଆସି ଘର ଦ୍ୱାରକରି ରହିଲେ । ଏଣୁ ଏହି ଗୋପାଳପୁରକୁ ଆଜିକାଲି ଲୋକମାନେ ଓଷଆଁ କହନ୍ତି ।

ପ୍ରାଚୀନ ଓଡ଼ିଆଁ ଗ୍ରାମରେ ଯେଉଁମାନେ ପୂର୍ବେ ବାସ କରୁଥିଲେ ଏବଂ ସେହି ଗ୍ରାମର ତତ୍କାଳୀନ ଅବସ୍ଥା ଓ ତହିଁର କ୍ରମବିନାଶ ଯେ ନିଜ ଆଖିରେ ଦେଖିଥିଲେ, ସେପରି କେତୋଟି ଅତିବୃଦ୍ଧଙ୍କୁ ଏହି ଅଞ୍ଚଳରେ ମୁଁ ଦେଖିଥିଲି । ସେମାନଙ୍କର କାହାଣୀଗୁଡ଼ିକ ଶୁଣିଲେ ପ୍ରକୃତରେ ଦୁଃଖ ଲାଗେ । ଗତ ନ'ଅଙ୍କ ସମୟରେ (୧୮୭୭ ଖ୍ରୀଷ୍ଟାବ୍ଦ) ଏହି ପ୍ରଦେଶଗୁଡ଼ିକ ଅତ୍ୟନ୍ତ ସୁଖୀ ଦେଖାଯାଉଥିଲା । ସେ ସମୟର ମରିଚପୁରର ରାଜା ଏ ଅଞ୍ଚଳର ଏକଛତ୍ରାଧିପତି ହୋଇଥିଲେ । ଲୋକମାନେ ସୁସ୍ଥ ସବଳ ଥାଇ ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ କାଳାତିପାତ କରୁଥିଲେ । ଆଧୁନିକ ଚକ୍ଚକ୍ୟ ବା ବାହ୍ୟାଡ଼ମ୍ବର ସେମାନଙ୍କ ମଧ୍ୟରେ ପ୍ରବେଶ କରି ନଥିଲା । ମାତ୍ର ଆଜିକାଲି ଏହି ଲୋକମାନେ ମୁଠାଏ ଖାଇବାକୁ ପାଉ ନାହାନ୍ତି । ସେମାନଙ୍କର ଆର୍ଥିକ ଓ ସାମାଜିକ ଜୀବନ ଦେଖିଲେ କେହି ବିଶ୍ୱାସ କରି ପାରିବେ ନାହିଁ ଯେ, ଦିନେ ଏହି ବଂଶର ପୂର୍ବପୁରୁଷମାନେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଥିଲେ । ଗତ ନ'ଅଙ୍କ ପରେ ମରିଚପୁରର ରାଜବଂଶ ସମୂଳେ ନଷ୍ଟ ହୋଇଅଛି । ଠିକ୍ ସେହି ସମୟରେ ଦେବୀ ନଦୀ ତାହାର କରାଳ କବଳ ବିସ୍ତାର କରି ଅନେକ ପ୍ରଦେଶ ଆତ୍ମସାତ୍ କରିଛି । ଯେଉଁ ନଦୀର ଓସାର ଅଧମାଇଲରୁ ଅଧିକ ନ ଥିଲା, ଆଜି ତାହା ୧।୨ ମାଇଲ ଯାଏ ବ୍ୟାପିଛି । ଏହି କେତୋଟି ଆକସ୍ମିକ ଘଟଣା ସଙ୍ଗେ ଲୋକମାନଙ୍କର ଆର୍ଥିକ ଅବସ୍ଥା ମନ୍ଦ ହୋଇଅଛି । ସେମାନଙ୍କଠାରେ ପୂର୍ବ ଶାନ୍ତି ନାହିଁ କିମ୍ବା ପୂର୍ବ ସାହସ ନାହିଁ । ପୂର୍ବେ ଯେଉଁଠାରେ ଗୋଟିଏ ମାତ୍ର ରାଜାଥିଲେ, ବର୍ତ୍ତମାନ ସେଠାରେ ୧୮।୨୦ଟି ଭୂମ୍ୟଧିକାରୀ ଦେଖାଯାନ୍ତି । ଏହିମାନଙ୍କର ଅଧୀନରେ ରହି ଲୋକମାନଙ୍କର ଅବସ୍ଥା ଯେ ଦିନକୁ ଦିନ ଶୋଚନୀୟ ହେଉଛି, କହିବା ବାହୁଲ୍ୟ ମାତ୍ର ।

ପ୍ରାଚୀନ ଓଷିଆଁ ଗ୍ରାମ ପ୍ରାୟ ୮୦୦ ମାଣ ଜମି ବିସ୍ତୃତ ସ୍ଥାନରେ ଥିଲା । ତାହାର ନିକଟରେ ଜଗତିହୁଡ଼ା, ପଥରଡ଼ିହ ପ୍ରଭୃତି ଗ୍ରାମ ଥିଲା । ସେହି ଓଷିଆଁ ଗ୍ରାମରେ ବିଭିନ୍ନ ଜାତିର ଲୋକମାନେ (ବ୍ରାହ୍ମଣ, କରଣ, ଖଣ୍ଡାଏତ, ଚଷା ପ୍ରଭୃତି) ବାସ କରୁଥିଲେ, ପ୍ରାୟ ଦୁଇଶତ ଘର ଥିଲା । ଗ୍ରାମର ଏକ ଦିଗରେ ଗୋଟିଏ ପ୍ରକାଣ୍ଡ ବରଗଛ ଓ ଅନ୍ୟଦିଗରେ ଗୋଟିଏ ଶିବମନ୍ଦିର ଥିଲା । ସେହି ଶିବମନ୍ଦିର ସମ୍ମୁଖରେ ଗୋଟିଏ ମଣ୍ଡପ ଥିଲା । ମଣ୍ଡପର ଗୋଟିଏ ଦିଗରେ ଅନେକ ପ୍ରସ୍ତରମୂର୍ତ୍ତି ଥିଲା । ସେହି ପ୍ରସ୍ତରମୂର୍ତ୍ତି ଗୁଡ଼ିକୁ 'ଓଷିଆଁ ବରଯାତ୍ରୀ' ବୋଲି କହୁଥିଲେ । ମୂର୍ତ୍ତିଗୁଡ଼ିକ ମଧ୍ୟରୁ ବାଦ୍ୟକାର, ଶଙ୍ଖୁଆ, ମହୁରିଆ, ସବାରିଆ ପ୍ରଭୃତି ଲୋକମାନଙ୍କର ପ୍ରତିମୂର୍ତ୍ତି ସ୍ପଷ୍ଟ ଦେଖାଯାଉ ଥିଲା । ସେହି ପାଷାଣମୂର୍ତ୍ତି ମଧ୍ୟରୁ 'ଅମ୍ବିକେଘ୍ନୀ'ଙ୍କ ମୂର୍ତ୍ତି ଗୋଟିଏ । ଉପର୍ଯ୍ୟୁକ୍ତ ସବୁ ମୂର୍ତ୍ତିଗୁଡ଼ିକ କାଳକ୍ରମେ ନଦୀ ସ୍ରୋତରେ ଭାସି ଯାଇଛି । ଏପରିକି ବର୍ଣ୍ଣିତ ଶିବମନ୍ଦିର, ବରଗଛ ଓ ଗ୍ରାମର ସବୁ ଘର ଓ ଜମିଗୁଡ଼ିକ ନଦୀଗର୍ଭରେ ଲୀନ ହୋଇଅଛି । ପ୍ରସ୍ତର ମୂର୍ତ୍ତିଗୁଡ଼ିକ କ୍ରମେ କ୍ରମେ ନଦୀରେ ଭାସି ଯାଇଥିବାର ଲୋକମାନେ କହନ୍ତି । ଏପରିକି ଗତ ୧୦।୧୨ ବର୍ଷ ତଳେ କେତୋଟି ପ୍ରସ୍ତରମୂର୍ତ୍ତି, ଗ୍ରୀଷ୍ମ ଦିନରେ ନଦୀର ପାଣି ଶୁଖିଗଲେ ଲୋକମାନେ ସ୍ପଷ୍ଟ ଦେଖି ପାରୁଥିଲେ । ମାତ୍ର ଆଜି ତାହା ମଧ୍ୟ ଦେଖିବାକୁ ମିଳୁନାହିଁ, ସେହି ପାଷାଣମୂର୍ତ୍ତି ମଧ୍ୟରୁ "ଅମ୍ବିକେଘ୍ନୀ"ଙ୍କ ମୂର୍ତ୍ତି ଉଦ୍ଧାର କରାଯାଇଛି ବର୍ତ୍ତମାନ ସେହି ମୂର୍ତ୍ତିଟି ଗୋପାଳପୁର ଗ୍ରାମର ଗୋଟିଏ କୁଡ଼ିଆରେ ଦେଖାଯାଏ । ସ୍ଥାନୀୟ ଲୋକମାନେ ତାହାକୁ ଗ୍ରାମଦେବୀ ବୋଲି ପୂଜା କରନ୍ତି । "ଅମ୍ବିକେଘ୍ନୀ" ପ୍ରାୟ ୪।୫ ହାତର ପାଷାଣମୂର୍ତ୍ତି, ଲୋକମାନେ ସିନ୍ଦୂର, ହଳଦି ଓ ତେଲ ଦ୍ୱାରା ସେହି ମୂର୍ତ୍ତିର, ଦେହ ଓ ମୁଖ ଘୋଡ଼ାଇ ଦେଇଛନ୍ତି ।

**ଏହି ବରଯାତ୍ରୀ ସମ୍ବନ୍ଧରେ କିଂବଦନ୍ତୀ—** "ଓଷିଆଁ 'ବରଯାତ୍ରୀ'ର ପ୍ରକୃତ ଅର୍ଥ କଣ ? ଏ ବିଷୟରେ ଅନେକ ଲୋକ ଅନେକ ପ୍ରକାର ବ୍ୟାଖ୍ୟା କରିଥିଲେ । ତନ୍ମଧ୍ୟରୁ ନିମ୍ନ ଦିଓଟି ବିଷୟ କେତେଦୂର ବିଶ୍ୱାସଯୋଗ୍ୟ, ତାହା ପାଠକମାନେ ସ୍ଥିର କରି ପାରିବେ ।

ପ୍ରଥମ—ଅଧିକାଂଶ ଲୋକ "ଓଷିଆଁ ବରଯାତ୍ରୀ" ସମ୍ବନ୍ଧରେ ନିମ୍ନ କିଂବଦନ୍ତୀ ଥିବାର କହନ୍ତି । ଥରେ ନିକଟବର୍ତ୍ତୀ ନଈଗୁଆଁ ଗ୍ରାମରୁ ଜଣେ ଲୋକ ବିବାହ ହେବାପାଇଁ ବରବେଶରେ ଓଷିଆଁ ଗ୍ରାମକୁ ଗଲା । ତା ସାଥିରେ ଅନେକ ଲୋକ ବରଯାତ୍ରୀ ହୋଇ ଯାଇଥିଲେ । ବରଯାତ୍ରୀମାନଙ୍କ ସହ ଅନେକ ବାଦ୍ୟକାର, ଶଙ୍ଖୁଆ, ନର୍ତ୍ତକୀ ପ୍ରଭୃତି ଥିଲେ । ନଈଗୁଆଁ ଗ୍ରାମ ଦେବୀ ନଦୀର ଦକ୍ଷିଣ ତୀରରେ । ସେଠାରୁ ଓଷିଆଁ ଯିବାକୁ ହେଲେ ଦେବୀନଦୀ ପାର ହେବାକୁ ହୁଏ । ସେହି ବର ଓ ବରଯାତ୍ରୀମାନେ ନଦୀ ପାର ହୋଇ ଓଷିଆ ଗ୍ରାମରେ ପହଞ୍ଚିଲେ । ହଠାତ୍ ବର ତାହାର କୌଣସି ପଦାର୍ଥ ଭ୍ରମବଶତଃ ନିଜ ଘରେ ଭୁଲି ଦେଇ ଆସିଲା । ସେହି ପଦାର୍ଥ ନ ଆଣିଲେ ବାହାଘର ହେବା ଅସମ୍ଭବ । ତେଣୁ ସେ (ବରପାତ୍ର) ବରଯାତ୍ରୀମାନଙ୍କୁ ଓଷିଆଁରେ ଛାଡି ନିଜେ ଗଲା ତାହାର ଗ୍ରାମକୁ (ନଈଗୁଆଁକୁ) । ଗ୍ରାମକୁ ଯାଇ ତା ଘରେ ପ୍ରବେଶ କରିବା ମାତ୍ରେ ଦେଖିଲା ତାହାର ମାତା ରୋଷଘରୁ ହାଣ୍ଡିରେ ଭାତ, ତିଅଣ ପ୍ରଭୃତି ଆଣି ଘରର ଗୋଟିଏ କୋଣରେ ବସି ଖାଉଛି । ମା'ର ଏହି କାର୍ଯ୍ୟ ଦେଖି ବିସ୍ମିତ ହୋଇ ପୁଅ ପଚାରିଲା, "ମା' ଆଜି ତ ମୁଁ ତୁମଠାରେ ଆଶ୍ଚର୍ଯ୍ୟର ବିଷୟ ଦେଖୁଛି । ମୁଁ ବାହା ହେବାପାଇଁ ଯିବା ସମୟରେ ତୁମେ ଘର କୋଣରେ ବସି ହାଣ୍ଡିରେ ଏପରି କାହିଁକି ଖାଉଛ ?" ଏହି ପ୍ରଶ୍ନ ଶୁଣି ମାତା କହିଲେ, "ବାବୁ ରେ, ତୁ ଯିବୁ ବାହା ହେବାକୁ । ଗୋଟିଏ ପର ଘରର ଝିଅ ଆସି ଏହି ଘରର ଅଧିକାରିଣୀ ହେବ । ସେତେବେଳେ ଆଉ ମୁଁ ମୋ ମନ ମୁତାବକ ଖାଇ ପାରିବି ନାହିଁ । ଏହି ଆଶଙ୍କାରେ ମୁଁ ମୋ ଇଚ୍ଛାନୁସାରେ ଖାଉଛି ।"

ମା'ଠାରୁ ଏପରି ଆଶ୍ଚର୍ଯ୍ୟ ଜନକ ଉତ୍ତର ଶୁଣି ସେହି ବରପାତ୍ର କହିଲା, "ଯଦି ଗୋଟିଏ ପରଘରର ଝିଅ ଆସି ଏହି ଘର ଅଧିକାର କରିବ ଓ ତୁମର କ୍ଷମତା କ୍ଷୁଣ୍ଣ ହେବ, ତା ହେଲେ ମୁଁ ଆଉ ବାହାହେବି ନାହିଁ ।" ଏହିପରି ପ୍ରତିଜ୍ଞାକରି ଆଉ ସେ ବାହାହେବା ପାଇଁ ଓଷିଆଁ ଗ୍ରାମକୁ ଗଲା ନାହିଁ । ତେଣେ ଯେଉଁମାନେ ବରଯାତ୍ରୀ ହୋଇ ଯାଇଥିଲେ, ସେ ସମସ୍ତେ ପାଷାଣ ହୋଇଗଲେ । ସେମାନଙ୍କ ହାତରେ ବାଦ୍ୟ ଶଙ୍ଖ ମହୁରି ପ୍ରଭୃତି ମଧ୍ୟ ପାଷାଣ ହୋଇଗଲା । ପୁଣି ଯେଉଁ କନ୍ୟାଟିକୁ

ବରଯାତ୍ର ବାହାହେବ ବୋଲି ସ୍ଥିର କରିଥିଲେ, ସେ ମଧ୍ୟ ପଥର ହୋଇଗଲା । ସେ ସମସ୍ତେ ଉପର୍ଯ୍ୟୁକ୍ତ ଶିବମନ୍ଦିରର ସମ୍ମୁଖସ୍ଥ ମଣ୍ଡପର ଏକ ଢିଗରେ ରହିଗଲେ । କନ୍ୟାପାର୍ଶ୍ୱର ନାମ ବୋଧହୁଏ 'ଅମ୍ବିକା' ଥିଲା । ଅମ୍ବିକା ଅଭିଆଡ଼ୀ କନ୍ୟାହୋଇ ପାଷାଣ ମୂର୍ତ୍ତି ହେବାରୁ ସ୍ଥାନୀୟ ଲୋକମାନେ ସେହି ମୂର୍ତ୍ତିକୁ ପୂଜା କରିବାକୁ ଲାଗିଲେ । 'ଅମ୍ବିକା' କାଳକ୍ରମେ "ଅମ୍ବିକେଶ୍ୱରୀ" ହୋଇଅଛି । ନଦୀ ସ୍ରୋତରେ ଅନ୍ୟାନ୍ୟ ସବୁ ପ୍ରସ୍ତରମୂର୍ତ୍ତି ନଷ୍ଟ ହେବାର ଦେଖି ସ୍ଥାନୀୟ ଅଧିବାସୀମାନେ ଅମ୍ବିକେଶ୍ୱରୀଙ୍କ ପ୍ରସ୍ତରମୂର୍ତ୍ତିଟିକୁ ଉଦ୍ଧାର କରିଆଣି ଆଜିପର୍ଯ୍ୟନ୍ତ ପୂଜା କରୁଛନ୍ତି । ବରଯାତ୍ରର ଅବସ୍ଥା କଣ ହେଲା କେହି ଜାଣନ୍ତି ନାହିଁ ।

ଓଷିଆଁ 'ବରଯାତ୍ରୀ' ସମ୍ବନ୍ଧରେ ଅଧିକାଂଶ ଲୋକ ଯାହା କହନ୍ତି, ତାହା ଉପରେ କୁହାଗଲା । ବର୍ତ୍ତମାନ ଗୋପାଳପୁର ଗ୍ରାମରେ ନାଥ-ମଲ୍ଲିକ ନାମକ ଜଣେ ବୃଦ୍ଧଲୋକ ଅଛି । ତାର ବୟସ ପ୍ରାୟ ୮୫।୮୬ ବର୍ଷ । ସେହି ଲୋକର ଘର ପ୍ରାଚୀନ ଓଷିଆଁ ଗ୍ରାମରେ ଥିଲା ଓ ସେ ନିଜେ ସେଠାରୁ ଆସି ଏହି ଗୋପାଳପୁର ଗ୍ରାମ ପ୍ରତିଷ୍ଠା କରି ଥିବାର କହେ । ସେହି ଲୋକ ସଙ୍ଗେ ମୋର ସାକ୍ଷାତ୍ ହୋଇଥିଲା । ବୃଦ୍ଧକୁ ବର୍ଣ୍ଣିତ ବରଯାତ୍ରୀ ବିଷୟ ପଚାରିବାରୁ ସେ କହିଲା, "ନଈଗୁଆଁରୁ ବରଯାତ୍ରୀ ଆସିଥିବା ଓ ବରଯାତ୍ରର ପ୍ରତିଜ୍ଞା ପରେ ଏମାନେ ପାଷାଣ ହୋଇଥିବା କଥା ସମ୍ପୂର୍ଣ୍ଣ ମିଥ୍ୟା । ଏଗୁଡ଼ିକ କେବଳ 'ମାଇପି କଥା' । ପ୍ରକୃତ କଥା ଏହି ଯେ କାନରେ ଯେଉଁ ବରଯାତ୍ରୀ କଥା ଶୁଣାଯାଏ ତାହା କେବଳ ସତ୍ୟଯୁଗର କଥା । ଆପଣମାନେ ଜାଣନ୍ତି ମହାଭାରତର ପ୍ରଧାନ ଯୋଦ୍ଧା ଭୀଷ୍ମ ଅମ୍ବାକନ୍ୟାକୁ ବିବାହ କରିବାପାଇଁ ଯାଉଥିଲେ । ଭୀଷ୍ମଙ୍କ ପିତା ଶାନ୍ତନୁ ଏହି ସଂବାଦ ଶୁଣି ଅତ୍ୟନ୍ତ ଦୁଃଖ ପ୍ରକାଶ କଲେ । ଭୀଷ୍ମ ପିତାଙ୍କ ଦୁଃଖର କାରଣ ପଚାରିବାରୁ ଶାନ୍ତନୁ କହିଲେ ଯଦି ଭୀଷ୍ମ ବିବାହ କରନ୍ତି ତେବେ ତାଙ୍କଠାରୁ ଜାତହେବା ପୁତ୍ର ମୋତେ ବଧ କରିବ । ଭାବି ପୁତ୍ରଦ୍ୱାରା ନିଜ ପିତାଙ୍କର ମୃତ୍ୟୁ ହେବ ବୋଲି ଶୁଣିବା ମାତ୍ରେ ଭୀଷ୍ମ ଅମ୍ବା କନ୍ୟାକୁ ବିବାହ ନକରି ଚିରକୁମାର ହୋଇ ରହିଲେ । ସେହି ସମୟରେ ବରଯାତ୍ରୀ ଓ ଅମ୍ବାକନ୍ୟା ପାଷାଣ ହୋଇ ଅଛନ୍ତି ' ଇତ୍ୟାଦି ।"

ନାଥ ମଲ୍ଲିକ ତେତେ ଶିକ୍ଷିତ ନୁହେ । କେବଳ ଭାଗବତ, ରାମାୟଣ, ମହାଭାରତ ପ୍ରଭୃତି ପୁରାଣ ନିଜେ ପଢିଥିବ ବା ଅନ୍ୟଠାରୁ ଶୁଣିଥିବ । ତଥାପି ଏହି ବରସାହୀ ସମ୍ବନ୍ଧରେ ସେ ଯେଉଁ ମହାଭାରତ କଥା କହେ, ତାହା କେତେଦୂର ସତ୍ୟ କହି ହେବନାହିଁ । ପ୍ରକୃତରେ ଦେଖିବାକୁ ଗଲେ ଭୀଷ୍ମ ତଥା ଅମ୍ବାଙ୍କ ଇତିହାସ ଅନ୍ୟ ପ୍ରକାର ଥିବାର ଜଣାଯାଏ । ମହାଭାରତର ଆଦିପର୍ବ ଓ ଭୀଷ୍ମ ପର୍ବରେ ନିମ୍ନ ବିଷୟ ବର୍ଣ୍ଣିତ ଅଛି:—

ପଦ୍ମଦଳ ଦେଶର ରାଜା ପଦ୍ମନାଭଙ୍କର ତିନୋଟି କନ୍ୟା ଥିଲେ—ଅମ୍ବା, ଅମ୍ବିକା ଓ ଅମ୍ବାଳିକା । ଏହି କନ୍ୟାଙ୍କ ମଧ୍ୟରୁ ଭୀଷ୍ମ ଅମ୍ବା କନ୍ୟାକୁ ବିବାହ କରିବା ନିମନ୍ତେ ପ୍ରସ୍ତାବ କରିଥିଲେ । ବିବାହର ସମସ୍ତ ଯୋଗାଡ଼ ହୋଇଥିଲା । ଭୀଷ୍ମ ବରବେଶ ହୋଇ ବାହାରିବା ପୂର୍ବରୁ ନିଜ ପିତା ଶାନ୍ତନୁଙ୍କଠାରୁ ବିଦାୟ ନେବାକୁ ଗଲେ । ଶାନ୍ତନୁ ପୁତ୍ରର ଏହି ବରବେଶ ଦେଖି କାନ୍ଦି ପକାଇଲେ । ହଠାତ୍ ପିତାଙ୍କର ଏହି ଦୁଃଖର କାରଣ ପଚାରିବାରୁ ଶାନ୍ତନୁ କହିଲେ, "ବାବା ପୂର୍ବେ ମୁଁ ଗଙ୍ଗାକୁ ବିବାହ କରିଥିଲି । ବିବାହ ପୂର୍ବରୁ ଏପରି ଗୋଟିଏ ଚୁକ୍ତି ହୋଇଥିଲା ଯେ, ଗଙ୍ଗା ନିଜ ଇଚ୍ଛାନୁସାରେ କାର୍ଯ୍ୟ କରିବେ, କିନ୍ତୁ ମୁଁ ତାଙ୍କୁ ରାଗିକି କହିଲେ ସେ ମୋତେ ଛାଡ଼ି ଚାଲିଯିବେ । ଗଙ୍ଗାଙ୍କର ସାତଗୋଟି ପୁତ୍ର ଜନ୍ମହେଲେ । ଗଙ୍ଗା ସେହି ପୁତ୍ର-ମାନଙ୍କୁ ନିଜ ହାତରେ ମାରି ନଦୀରେ ପକାଇଦେଲେ । ଶେଷ ପୁତ୍ରକୁ ସେପରି ମାରିବା ପୂର୍ବରୁ ମୁଁ ହଠାତ୍ ତାଙ୍କପ୍ରତି ରାଗିଯାଇ ପୁତ୍ରକୁ ନଷ୍ଟ କରିବାପାଇଁ ମନାକଲି । ତେଣୁ ସେ ରାଗରେ ସେଠାରୁ ଚାଲିଯାଇ ଅଦୃଶ୍ୟ ହେଲେ ଓ ଯିବା ପୂର୍ବରୁ ଅଭିଶାପ ଦେଇଛନ୍ତି ଯେ, ସେହି ଜୀବିତ ପୁତ୍ରର ପୁତ୍ର ହାତରେ ମୋର ପ୍ରାଣ ନଷ୍ଟ ହେବ । ସେହି ଜୀବିତ ପୁତ୍ର ତୁମ୍ଭେ । ଯଦି ତୁମ୍ଭେ ବିବାହ କରିବ ତେବେ ମୋର ମୃତ୍ୟୁ ସୁନିଶ୍ଚିତ । ଏଣୁ ମୁଁ ଦୁଃଖ ପ୍ରକାଶ କରୁଅଛି । ପିତାଙ୍କଠାରୁ ଏହି କଥା ଶୁଣି ଭୀଷ୍ମ ପ୍ରତିଜ୍ଞା କଲେ ଯେ, ସେ ଆଉ ବିବାହ କରିବେ ନାହିଁ । ସେ ଦିନୁଁ ସେ ଚିରକୁମାର ହୋଇ ରହିଲେ ।

ଭୀଷ୍ମଙ୍କର ପ୍ରତିଜ୍ଞା ଦେଖି ବିରଯାଧୀମାନେ ହତାଶ ହେଲେ । ବିରପାର୍ଥୀ ଦୁଃଖରେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ରହିଲା । ଭୀଷ୍ମ ପରି ଯୋଦ୍ଧା ଯଦି ସେହି କନ୍ୟାର ପାଣି ଗ୍ରହଣ କଲେ ନାହିଁ ଅନ୍ୟ କେହି ତାହାକୁ ସ୍ପର୍ଶ କରିବାକୁ ଇଚ୍ଛା କଲେ ନାହିଁ । ତେଣୁ ଅମ୍ବା କନ୍ୟା ଯାଇ ପର୍ଶୁରାମଙ୍କଠାରେ ଗୁହାରି କଲା । ପର୍ଶୁରାମ ଭୀଷ୍ମଙ୍କୁ ନାନା ପ୍ରକାର ଭୟ ଦେଖାଇ ସେହି କନ୍ୟାକୁ ବିବାହ କରିବାକୁ କହିଲେ । ମାତ୍ର ଭୀଷ୍ମ ଅଟଳ ଅଚଳ ହୋଇ ରହିଲେ, ପରିଶେଷରେ ସମସ୍ତ ଯତ୍ନ ବିଫଳ ହେବାରୁ ଅମ୍ବାକନ୍ୟା ଯାଇ ଗଙ୍ଗାରେ ପଡ଼ି ଆତ୍ମହତ୍ୟା କଲା । ଆତ୍ମହତ୍ୟା କରିବା ପୂର୍ବରୁ ଅମ୍ବା ପ୍ରତିଜ୍ଞା କଲେ ଯେ ଆର ଜନ୍ମରେ ସେ ନପୁଂସକ ହୋଇ ଜନ୍ମ ହେବ ଓ ସେହି ଅବସ୍ଥାରେ ଭୀଷ୍ମଙ୍କୁ ହତ୍ୟା କରି ନିଜ ପ୍ରତିଶୋଧ ନେବ ।

ମହାଭାରତରେ ଏହି ବିଷୟ ପୁଣି ଲେଖା ଯାଇଛି ଯେ, ଅମ୍ବା କନ୍ୟା ପୁନର୍ଜନ୍ମରେ ଦ୍ରୁପଦ ରାଜାଙ୍କ ଘରେ ଜନ୍ମ ହେଲା । ଦ୍ରୁପଦ-ରାଜାଙ୍କର ଦ୍ରୌପଦୀ ଏକମାତ୍ର କନ୍ୟା ଥିଲେ । ପୁତ୍ର ପାଇବା ଆଶାରେ ଦ୍ରୁପଦରାଜା ଯଜ୍ଞ କଲେ । ସେହି ଯଜ୍ଞଫଳରେ ତାଙ୍କର ଗୋଟିଏ ସନ୍ତାନ ଜାତ ହେଲା । କିନ୍ତୁ ସେହି ଶିଶୁର ପୁଂ କିଂବା ସ୍ତ୍ରୀଲିଙ୍ଗ ନ ଥିଲା । ସେପରି ନପୁଂସକ ଲିଙ୍ଗର ଶିଶୁଟିକୁ ଦେଖି ଦ୍ରୁପଦରାଜ ରାଗରେ ସେହି ଶିଶୁଟିକୁ ବଧ କରିବାକୁ ଯାଉଥିଲେ, ମାତ୍ର ମୁନିମାନେ ତାହାଙ୍କୁ ସେହି ଶିଶୁର ଇତିବୃତ୍ତ କହିବାରୁ ଦ୍ରୁପଦରାଜ ସେହି ଶିଶୁଟିକୁ ହତ୍ୟା ନ କରି ତାହାକୁ 'ଶିଖଣ୍ଡୀ' ବୋଲି ନାମ ଦେଲେ । ମୁନିମାନେ କହିଲେ, ଦ୍ରୌପଦୀ ଜନ୍ମ ହେବାରୁ ଯେପରି କୁରୁବଂଶ ଲୋପ ହେବ, ସେହିପରି ଶିଖଣ୍ଡୀ ଯୋଗୁଁ ଭୀଷ୍ମଙ୍କର ମୃତ୍ୟୁ ହେବ । ସତକୁସତ ମହାଭାରତ ଯୁଦ୍ଧ ଶେଷରେ ଭୀଷ୍ମ ନିଜର ଇଚ୍ଛାମରଣ କଥା ପାଣ୍ଡବମାନଙ୍କୁ କହିବାରୁ ଯୁଦ୍ଧକ୍ଷେତ୍ରରେ ଅର୍ଜୁନ ଶିଖଣ୍ଡୀକୁ ସମ୍ମୁଖରେ ରଖି ନିଜେ ଭୀଷ୍ମଙ୍କୁ ଶରଦ୍ୱାରା ହତ କରିଥିଲେ । ସମ୍ମୁଖରେ ଶିଖଣ୍ଡୀକୁ ଦେଖି ଭୀଷ୍ମ ଆଉ ଯୁଦ୍ଧ କଲେ ନାହିଁ । ତେଣୁ ଅର୍ଜୁନ ଭୀଷ୍ମଙ୍କର ଗୋଟିଏ ଶରଶଯ୍ୟାକରି ତହିଁ ଉପରେ ଭୀଷ୍ମଙ୍କୁ ଶୁଆଇ ଥିଲେ । ଏ ହେଲା ଭୀଷ୍ମଙ୍କର ଶେଷାବସ୍ଥା ।

ଓଡ଼ିଶାର ପ୍ରାଚୀନ ଇତିହାସ କୌଣସିଠାରେ ଲିପିବଦ୍ଧ ହୋଇନାହିଁ । ଆଜିପର୍ଯ୍ୟନ୍ତ ଯେଉଁ କେତେ ଜଣ ପାଶ୍ଚାତ୍ୟ ଓ ଦେଶୀୟ ଲେଖକମାନଙ୍କ ଦ୍ୱାରା ଯାହା ଲେଖା ଯାଇଛି, ତାହା ସମ୍ପୂର୍ଣ୍ଣ ବୋଲି କୁହାଯାଇ ପାରିବ ନାହିଁ । ଓଡ଼ିଶାର ଇତିହାସ ଖୋଜିବାକୁ ଗଲେ ମଫସଲର ଗୋଟିଏ ଭଗ୍ନମନ୍ଦିର, ଶୁଷ୍କନଦୀ ବା ପୁଷ୍କରିଣୀ ଓ ଅତି ବୃଦ୍ଧ ଲୋକଙ୍କଠାରେ ଲୁକ୍କାୟିତ କେତେ କିମ୍ବଦନ୍ତୀ ଅନୁସରଣ କରିବାକୁ ହେବ । ଲୋକ ମୁଖରେ ଯାହା ଅଛି ତାହା ସମ୍ପୂର୍ଣ୍ଣ ସତ୍ୟବୋଲି ଧରି ନ ନେଲେ ମଧ୍ୟ ଆଜିପର୍ଯ୍ୟନ୍ତ ଯାହା ଲେଖାଯାଇଛି ତାହା ତୁଳନାରେ ଏହି ଜନଶ୍ରୁତି ବା କିମ୍ବଦନ୍ତୀଗୁଡ଼ିକୁ ବିଶ୍ୱାସ କରିବାକୁ ହେବ । ସେଥିରେ ମଧ୍ୟ ଅତିରଞ୍ଜିତ ବା କାଳ୍ପନିକ କଥା ଥାଇ ପାରେ, ତେଣୁ ସେହି ଜନଶ୍ରୁତି ସଙ୍ଗେ ପୁରାଣ କାବ୍ୟାଦି ପ୍ରାଚୀନ ଲେଖା ଓ ଆଧୁନିକ ଐତିହାସିକମାନଙ୍କର ଲେଖାଗୁଡ଼ିକ ତୁଳନା କରିବାକୁ ହେବ । ତାହା ହେଲେ ପ୍ରକୃତ ତଥ୍ୟ ସହଜରେ ଜାଣିହେବ ।

ବର୍ତ୍ତମାନ ନାଥ ମଲିକ ଏହି ବରଯାତ୍ରୀ ସମ୍ବନ୍ଧରେ ଯେଉଁ ମହାଭାରତ କଥା କହେ, ତାହା ତେତେ ବିଶ୍ୱାସ ଯୋଗ୍ୟ ହେଉନାହିଁ । ବିଶେଷତଃ ଅମ୍ବାକନ୍ୟା ପ୍ରତିଶୋଧ ନେବାପାଇଁ ନଦୀରେ ପଡ଼ି ଆତ୍ମହତ୍ୟା କରିଥିବା କଥା ମହାଭାରତରେ ଲେଖାଥିବା ସ୍ଥଳେ, ସେ ପୁଣି ପାଷାଣ ମୂର୍ତ୍ତି ହୋଇ ଏହି ଗ୍ରାମରେ ରହିଲା କିପରି ? ଅମ୍ବାକନ୍ୟା ପର ଜନ୍ମରେ ଶିଖଣ୍ଡୀ ରୂପେ ଜନ୍ମଗ୍ରହଣ କରି ଭୀଷ୍ମଙ୍କ ମୃତ୍ୟୁର କାରଣ ହୋଇଥିଲା ? ତେବେ ସେ ମୂର୍ତ୍ତି ହୋଇ ପୂଜାପାଏ କିପରି ? ଦ୍ୱିତୀୟରେ ଓଡ଼ିଶାରେ ଷଦ୍‌ଦଳ ରାଜ୍ୟ ବୋଲି କୌଣସିଠାରେ ଗୋଟିଏ ରାଜ୍ୟ ଥିବାର ଜଣାଯାଏ ନାହିଁ । ତେବେ ସେହି ବରଯାତ୍ରୀମାନେ ଷଦ୍‌ଦଳ ରାଜ୍ୟରୁ ଆସି ଏହି ଗ୍ରାମରେ ରହିଲେ କିପରି ? ଏହି ଗ୍ରାମକୁ କ'ଣ ପୂର୍ବେ ପଦ୍ମଦଳ ରାଜ୍ୟ କୁହାଯାଉଥିଲା ? ଏ ଅଞ୍ଚଳରେ ପୂର୍ବେ ଉତ୍ତମ କାରୁକାର୍ଯ୍ୟ ଜାଣିବା ଲୋକ ଥିଲେ । ସେମାନଙ୍କ ଦ୍ୱାରା ଏହି ମୂର୍ତ୍ତିଗୁଡ଼ିକ ତିଆରି ହୋଇଥିବ ଓ ସେହି ମୂର୍ତ୍ତିଗୁଡ଼ିକ ସମ୍ବନ୍ଧରେ ତତ୍‌କାଳୀନ ଲୋକମାନେ ଉପର୍ଯ୍ୟୁକ୍ତ ମହାଭାରତର ଘଟଣାଗୁଡ଼ିକ ଲୋକ ମୁଖରେ ପ୍ରଚାର କରିଥିବେ । ସେହି ପାଷାଣମୂର୍ତ୍ତିଗୁଡ଼ିକ ଯୋଗୁ ଉତ୍ତମ ପରିଚୟ ମିଳେ ।

ଏହି ସ୍ଥାନରେ ତତ୍କାଳୀନ ବିଭବ ଗୌରବର ସେ କାଳର ମରିଚପୁର ରାଜାମାନେ ଏହି କାର୍ଯ୍ୟର ପୃଷ୍ଠପୋଷକ ଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ମରିଚପୁର**-କାକଟପୁର ଥାନାର ଆଠଗୋଟି ପ୍ରଗନ୍ନା ମଧ୍ୟରୁ ମରିଚପୁର ଗୋଟିଏ । ଏହା ଏହି ଥାନାର ପୂର୍ବ ଦିଗରେ **ଅବସ୍ଥିତ** । ମରିଚପୁରର ପୂର୍ବରେ କଟକ ଜିଲ୍ଲାର ହରିଶପୁର, **ପଶ୍ଚିମରେ** ଏହି **ଥାନାର** ଅସ୍ତରଙ୍ଗ ଓ କୋଧାର ପ୍ରଗନ୍ନା, ଉତ୍ତରରେ **କଟକ** ଜିଲ୍ଲାର ବାଲିକୁଦା ଥାନା ଓ ଦକ୍ଷିଣରେ ବଙ୍ଗୋପସାଗର ଅଛି । ଏହି ପ୍ରଗନ୍ନାର ଆୟତନ ପୂର୍ବ ପଶ୍ଚିମରେ ପ୍ରାୟ ୬ ମାଇଲ ଓ ଉତ୍ତର ଦକ୍ଷିଣରେ ପ୍ରାୟ ୯ ମାଇଲ । ୧୮୦୫ ଖ୍ରୀଷ୍ଟାବ୍ଦରେ ଏହାର କ୍ଷେତ୍ରଫଳ ଥିଲା ୬୭½ ବର୍ଗ ମାଇଲ, ମାତ୍ର ଏହି ପ୍ରଗନ୍ନାରେ ଦେବୀନଦୀର ମୁହାଣ ଓ ଶାଖାନଦୀଗୁଡ଼ିକ ବିଶେଷ ରୂପେ ବଢ଼ି ଯାଇଥିବାରୁ ବର୍ତ୍ତମାନ ଏହାର କ୍ଷେତ୍ରଫଳ ଅନେକ କମି ଯାଇଅଛି । ଏହି ପ୍ରଗନ୍ନାରେ ପୂର୍ବେ ୫୨ଟି ମୌଜା ବା ଗ୍ରାମ ଥିଲା, କିନ୍ତୁ ସେହି ନଦୀ ଦ୍ୱାରା ଅନେକ ଗ୍ରାମ ନଷ୍ଟ ହୋଇଥିବାରୁ ବର୍ତ୍ତମାନ କେବଳ ୪୨ ଟି ଗ୍ରାମ ଏଠାରେ ଅଛି ।

**ପ୍ରଗନ୍ନାର ନାମ**-ଏହି ପ୍ରଗନ୍ନାର ନାମ 'ମରିଚପୁର' କାହିଁକି ହେଲା, ତାହା ଜାଣିବା ସକାଶେ କୌଣସି ବିଶ୍ୱାସଯୋଗ୍ୟ ଇତିହାସ ନାହିଁ । କେବଳ ଜନଶ୍ରୁତିରୁ ଜଣାଯାଏ ଯେ, ଏହି ପ୍ରଦେଶ ଓଡ଼ିଶାର ସ୍ୱାଧୀନ ରାଜାଙ୍କଠାରୁ ନିଷ୍କର ଜାଗିର ପାଇବାପରେ ମରିଚପୁରର ପ୍ରଥମ ରାଜା ପ୍ରାଚୀନଦୀ ତୀରସ୍ଥ 'ମରିଚେଯ୍ୟୀ ଠାକୁରାଣୀ' ବା 'ମରୀଚିକା ଚଣ୍ଡୀ'ଙ୍କୁ ଆଣି ନିଜ ଇଷ୍ଟଦେବୀ ରୂପେ ପୂଜା କଲେ ଓ ସେହି ଦେବୀଙ୍କ ନାମାନୁସାରେ ଏହି ପ୍ରଦେଶର ନାମ 'ମରିଚପୁର' ଦେଇଥିଲେ । 'ପ୍ରାଚୀମାହାତ୍ମ୍ୟ'ରୁ ଜଣାଯାଏ ଯେ, ପ୍ରାଚୀ ନଦୀ ତୀରରେ ଥିବା ଦ୍ୱାଦଶ ଶମ୍ଭୁଙ୍କ ମଧ୍ୟରୁ 'ରାମେଶ୍ୱର'ଙ୍କ ନିକଟରେ 'ମରିଚେଯ୍ୟୀ ଠାକୁରାଣୀ' ଥିଲେ । ସେହି ରାମେଶ୍ୱର ଓ ମରିଚେଯ୍ୟୀ ଠାକୁରାଣୀଙ୍କୁ ଦଶରଥ ପୁତ୍ର ଶ୍ରୀରାମଚନ୍ଦ୍ର, ସୀତା ଓ ଲକ୍ଷ୍ମଣଙ୍କ ସଂଗେ ବନବାସ ନିମନ୍ତେ ଦଣ୍ଡକାରଣ୍ୟକୁ ଯାଉଁ ଯାଉଁ ଏଠାରେ ପୂଜା କରିଥିଲେ । ସେହି ଦେବାଦେବୀଙ୍କୁ ପୂଜାକରି ରାମଚନ୍ଦ୍ର ତାଙ୍କଠାରୁ 'ମୋହବାଣ'

ଲାଭ କରିଥିଲେ । ଶ୍ରୀରାମଚନ୍ଦ୍ରଙ୍କ ଦ୍ୱାରା ପୂଜା ପାଇଥିବାରୁ ଏଠାର ଶିବ ଓ ଠାକୁରାଣୀ ଯଥାକ୍ରମେ 'ରାମେଶ୍ୱର' ଓ 'ରାମଚଣ୍ଡୀ' ବୋଲାଇଥିଲେ । * ପ୍ରାଚୀ ନଦୀ ତୀରସ୍ଥ 'ରାମେଶ୍ୱର' ଓ 'ମରିଚିକା ଚଣ୍ଡୀ'ଙ୍କ ସ୍ଥାନ ମରିଚପୁରଠାରୁ ପ୍ରାୟ ୧୦/୧୨ ମାଇଲ ଦୂରରେ ଥିବା ନୟାଣିଆ ଗଡ଼ ନିକଟସ୍ଥ ଗୋଟିଏ ଜଙ୍ଗଲରେ ଦେଖାଯାଏ । ପୂର୍ବେ ଏହି ବଂଶର ରାଜାମାନେ ଏ ଅଞ୍ଚଳର ଏକଚ୍ଛତ୍ରାଧିପତି ହୋଇଥିଲେ । ସୁତରାଂ ଏହି ବଂଶର ପ୍ରଥମ ରାଜା ପ୍ରୋକ୍ତ ଠାକୁରାଣୀଙ୍କୁ ଆଣି ନିଜ ଇଷ୍ଟଦେବୀ ରୂପେ ପୂଜାକରି ଏହି ପ୍ରଦେଶକୁ ସେହି ଠାକୁରାଣୀଙ୍କ ନାମାନୁସାରେ 'ମରିଚପୁର' ନାମ ଦେଇଥିବା ବିଶ୍ୱାସ ହୁଏ ।

**ମରିଚପୁରର ରାଜବଂଶ**-ମରିଚପୁରରେ ଅତି ପ୍ରାଚୀନ କାଳରୁ ଗୋଟିଏ ଖଣ୍ଡାଏତ ରାଜବଂଶ ରାଜତ୍ୱ କରୁଥିଲେ । ମରିଚପୁର ଦେବୀ ନଦୀର ମୁହାଣ ଓ ବଙ୍ଗୋପସାଗରର ଅତି ନିକଟରେ ଅବସ୍ଥିତ । ଓଡ଼ିଶାର କୌଣସି ବହିଃଶତ୍ରୁଙ୍କୁ ନଦୀ ମୁହାଣ ଦେଇ ଦେଶ ମଧ୍ୟରେ ପ୍ରବେଶ କରାଇ ନଦେବା ନିମନ୍ତେ ଓଡ଼ିଶାର ସ୍ୱାଧୀନ ରାଜାମାନେ ଯେଉଁ କେତୋଟି ଖଣ୍ଡାଏତ ବା ସାମନ୍ତ ରାଜାମାନଙ୍କୁ ସମୁଦ୍ର ଉପକୂଳରେ ରଖାଇଥିଲେ, ତନ୍ମଧ୍ୟରୁ ଏହି ମରିଚପୁର ରାଜବଂଶ ଗୋଟିଏ । ମରିଚପୁର ସଂଗେ ଆଉ ସାତୋଟି ସାମନ୍ତ ରାଜା ପୁରୀ ଓ କଟକ ଜିଲ୍ଲାର ନଦୀ ମୁହାଣ ନିକଟରେ ନିଯୁକ୍ତ ଥିଲେ । ଏହି ଆଠଗୋଟି ରାଜ୍ୟକୁ 'ଓଡ଼ରାଷ୍ଟ୍ର' କୁହାଯାଉଥିଲା । ଏଠାର ରାଜାମାନେ ଓଡ଼ିଶା ରାଜାଙ୍କଠାରୁ 'ମୁହାଣ ଚୌକିଆ' ଜାଗିର

---

* "ଶ୍ରୀରାମ ପୂର୍ବେ ପୂଜା କଲେ । ତେଣୁ ଯେ ରାମେଶ୍ୱର ହେଲେ ।"
(ପ୍ରାଚୀମାହାତ୍ମ୍ୟ ୮ମ ଅଧ୍ୟାୟ)

"ପୂର୍ବରେ ମରିଚକା ଚଣ୍ଡୀ,
ଏବେ ହୋଇଲେ ରାମଚଣ୍ଡୀ ।
ତାହାଙ୍କୁ କଲି ମୁଁ ପ୍ରଯନ,
ସେ ମୋତେ ଦେଲେ ମୋହବଣ ।।" (୧୦ମ ଅଧ୍ୟାୟ)

ପାଇଥିଲେ ଏବଂ ଏମାନଙ୍କର 'ମୁହାଣ କମ୍ପୀର' ଉପାଧି ଓ 'ସନ୍ତକ' ଥିଲା । *

ଓଡ଼ିଶାର ଅନ୍ୟାନ୍ୟ ପ୍ରଦେଶ ପରି ଏହି ଅଞ୍ଚଳର ମଧ୍ୟ କୌଣସି ଧାରାବାହିକ ପ୍ରାଚୀନ ଇତିହାସ ଲିପିବଦ୍ଧ ହୋଇନାହିଁ । ପ୍ରାଚୀନ ଇତିହାସର ପ୍ରଚୁର ଉପାଦାନ ଏହି ଅଞ୍ଚଳର ପ୍ରତ୍ୟେକ ସ୍ଥାନରେ ଓ ଲୋକମୁଖରେ ଲୁକ୍‌କାୟିତ ହୋଇ ରହିଅଛି । ଏ ଅଞ୍ଚଳର ରାଶିକୃତ ଭଗ୍ନ ମନ୍ଦିର, ଅସଂଖ୍ୟ ପ୍ରାଚୀନ ଗଡ଼ର ଭଗ୍ନାବଶେଷ, ପ୍ରାଚୀନ ପୋଖରୀ, ବାମ୍ପି ପ୍ରଭୃତି ସେହି ପ୍ରାଚୀନ ଇତିହାସର ମୂକସାକ୍ଷୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସମସ୍ତ ବିଷୟ ତନ୍ନ ତନ୍ନ କରି ଅନୁସନ୍ଧାନ କରିବା କୌଣସି ଜଣେ ଦୁଇଜଣ ବ୍ୟକ୍ତିଙ୍କର ସାଧ୍ୟ ନୁହେଁ କିମ୍ବା, କମ୍ ସମୟସାପେକ୍ଷ ଓ ବ୍ୟୟସାଧ୍ୟ ନୁହେଁ । ସେ ଯାହାହେଉ, ଏହି ଅଞ୍ଚଳରେ ମୁଁ ମୋର ଅଳ୍ପଦିନ ଅବସ୍ଥାନ ସମୟରେ ଏଠାର ମଫସଲ ଗ୍ରାମବାସୀଙ୍କଠାରୁ ଯାହା ଯାହା ସଂଗ୍ରହ କରିଅଛି, ତାହାହିଁ ଏଠାରେ ପ୍ରକାଶ କରିବି । ମୋର ଲେଖାରେ ପ୍ରମାଦ ଥାଇ ପାରେ, କାରଣ ମୁଁ ଏଠାରେ କୌଣସି ବିଶ୍ୱାସଯୋଗ୍ୟ ପ୍ରାଚୀନ ଲେଖା, ସନନ୍ଦ ପ୍ରଭୃତି ପାଇ ନାହିଁ । କେବଳ ଲୋକମୁଖରୁ ଓ ତତ୍କାଳୀନ ବନ୍ଦୋବସ୍ତ ଅଫସରଙ୍କଠାରୁ ଯାହା ସଂଗ୍ରହ କରିଥିଲି, ତାହାହିଁ ମୋର ପ୍ରଧାନ ଆଧାର ହୋଇଥିଲା । ମୋର ବିଶ୍ୱାସ, ଏହି କେତେକ ବିଷୟ ପାଠକରି ଏହି ଅଞ୍ଚଳର କୌଣସି ଶିକ୍ଷିତ ଯୁବକ ଏହି କାର୍ଯ୍ୟର ଯାହା ଅସମ୍ପୂର୍ଣ୍ଣ ରହିଅଛି, ତାହା ସମ୍ପୂର୍ଣ୍ଣ କରିବାପାଇଁ ଚେଷ୍ଟା କରିବେ କିମ୍ବା ଆଉ ଥରେ କେବେ ମୋର ସେ ଅଞ୍ଚଳରେ ରହିବା ସୁଯୋଗ ଘଟିଲେ ମୁଁ ଏଗୁଡ଼ିକର ସତ୍ୟତା ନିରୂପଣ ଓ ଏହାର ଅସମ୍ପୂର୍ଣ୍ଣାଂଶମାନ ପୂରଣ କରି ପାରିବି ।

* ୧, ଗୋଲରା, ୨, ମଣିତପୁର, ୩, ହରିଶପୁର, ୪ ବିହୁନପୁର, ୫, କୁଜଙ୍ଗ, ୬, ପାରାଦେଇପୁର, ୭, ଆଲି ଓ ୮ କନିକା ଏହି ଆଠଗୋଟି ରାଜ୍ୟକୁ 'ଓଡ଼ିବିଷ୍ଟ' କୁହାଯାଉଥିଲା । ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଗୋଟିଏ ସୁଦୃଢ଼ ଗଡ଼ ଥିଲା ଏବଂ ପ୍ରତି ଗଡ଼ରେ ଜଣେ ଜଣେ ଖଣ୍ଡାଏତ ରାଜା (ସାମନ୍ତରାଜା) ବାସ କରୁଥିଲେ ।

## ରାଜବଂଶାବଳୀ

**ମାଧବ ମଙ୍ଗରାଜ**

- ନରସିଂହ ମଙ୍ଗରାଜ (ହରିଶପୁର ରାଜା)
- (୧) ପଦ୍ମନାଭ ମଙ୍ଗରାଜ (ମରିଚପୁର ରାଜା)
  - (୨) ଆନନ୍ଦ ମଙ୍ଗରାଜ
    - ଗୋପୀନାଥ (ମୃତ)
    - (୩) ବାସୁଦେବ ମଙ୍ଗରାଜ
      - (୪) ବଳଭଦ୍ର
        - ବୀରଭଦ୍ର (ଚନ୍ଦପଡ଼ା ରାଜା)
          - ଜଗନ୍ନାଥ
            - ଜୟକୃଷ୍ଣ (ଜୀବିତ)
        - (୫) ଦାମୋଦର
          - (୬) ଭଗବାନ
            - (୭) ନରସିଂହ (ଜୀବିତ)

ଉପର୍ଯ୍ୟୁକ୍ତ ବଂଶାବଳୀରୁ ସ୍ପଷ୍ଟ ଜଣାଯାଏ ଯେ, ପ୍ରଥମେ ମରିଚପୁର ଓ ହରିଶପୁର ଏକ ରାଜାଙ୍କ ଅଧୀନ ଥିଲା । ରାଜା ମାଧବ ମଙ୍ଗରାଜ ଏ ଦୁଇ ପ୍ରଦେଶରେ ଶାସନକର୍ତ୍ତା ଥିଲେ । ତାଙ୍କ ପରେ ତାଙ୍କର ଦୁଇପୁତ୍ର ଦୁଇଟି ପ୍ରଦେଶର (ମରିଚପୁର ଓ ହରିଶପୁର) ରାଜା ହେଲେ । ମାଧବ

ମଙ୍ଗରାଜ କେଉଁ ସମୟରେ ଏ ଅଞ୍ଚଳରେ ରାଜତ୍ୱ କରୁଥିଲେ ଓ ତତ୍କାଳୀନ ଦେଶର ଅବସ୍ଥା କଣ ଥିଲା, ତହିଁର କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ଥିବାର ଜଣାଯାଏ ନାହିଁ । କବିବର ରାଧାନାଥ ରାୟଙ୍କ ରଚିତ 'ନନ୍ଦିକେଶ୍ୱରୀ' କାବ୍ୟରୁ ଜଣାଯାଏ ଯେ, ଓଡ଼ିଶାର କେଶରୀବଂଶର ଶେଷ ସ୍ୱାଧୀନ ରାଜା ସୁବର୍ଣ୍ଣକେଶରୀଙ୍କ ସଙ୍ଗେ ଗଙ୍ଗବଂଶର ପ୍ରଥମ ରାଜା ଚୋରଗଙ୍ଗ ଦେବ ଦକ୍ଷିଣରୁ ଆସି କାଠଯୋଡ଼ି ନଦୀ ତୀରରେ ଯେଉଁ ଯୁଦ୍ଧ କରିଥିଲେ, ସେହି ଯୁଦ୍ଧରେ ଓଡ଼ିଶାର ସବୁ ଗଡ଼ଜାତ ଓ ସାମନ୍ତ ରାଜାମାନଙ୍କ ❋ ସଙ୍ଗେ ଏହି ସମୁଦ୍ର ଉପକୂଳର ରାଜାମାନେ ମଧ୍ୟ ଯୋଗ ଦେଇଥିଲେ । ଉକ୍ତ କାବ୍ୟରେ ଯଦି କୌଣସି ଐତିହାସିକ ସତ୍ୟତା ଥାଏ, ତେବେ ଏହି ଅଞ୍ଚଳରେ ପ୍ରାୟ ଦ୍ୱାଦଶ ଶତାବ୍ଦୀର ପ୍ରାରମ୍ଭରୁ କିମ୍ବା ତତ୍ପୂର୍ବ ଶତାବ୍ଦୀରେ ସାମନ୍ତ ରାଜାମାନେ ଥିଲେ । କାରଣ ଚୋରଗଙ୍ଗ ଦେବ ୧୧୩୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଅଧିକାର କରିଥିଲେ । ତାଙ୍କ ପୂର୍ବରୁ ଯଦି ଏ ଅଞ୍ଚଳରେ ସାମନ୍ତ ରାଜାମାନେ ନ ଥିଲେ, ତେବେ ସେମାନେ କେଶରୀବଂଶର ଶେଷ ସ୍ୱାଧୀନ ରାଜାଙ୍କୁ ସାହାଯ୍ୟ କଲେ କିପରି ?

କେଶରୀବଂଶ ରାଜାମାନଙ୍କ ସମୟରେ ତତ୍କାଳୀନ ଓଡ଼ିଶା ପ୍ରଦେଶ ଉତ୍ତରରେ କାଂଶବାଂଶ ନଦୀଠାରୁ ଦକ୍ଷିଣରେ ଋଷିକୁଲ୍ୟା ନଦୀଯାଏ ବ୍ୟାପିଥିଲା । ଅର୍ଥାତ୍ ଆଧୁନିକ ଗଞ୍ଜାମର ଏକ ଅଂଶ ପୁରୀ, କଟକ, ବାଲେଶ୍ୱର ପ୍ରଭୃତି ଓଡ଼ିଶାର ଅନ୍ତର୍ଗତ ଥିଲା । ଏହି ପ୍ରଦେଶର ରାଜସ୍ୱ ଆଦାୟ ନିମନ୍ତେ ଅଳ୍ପ କେତୋଟି ସାମନ୍ତ ରାଜା ନିଯୁକ୍ତ ଥିଲେ । ସେମାନେ ସେହି ସେହି ଅଞ୍ଚଳର ରାଜସ୍ୱ ଆଦାୟ କରି ରାଜକୋଷରେ ଜମା ଦେଉଥିଲେ । କେଶରୀବଂଶ ରାଜାମାନଙ୍କ ସମୟରେ ଦେଶରେ ତେତେ ଅଶାନ୍ତି ନଥିଲା । ସେହି ରାଜାମାନେ ସେପରି କୌଣସି ଉଲ୍ଲେଖଯୋଗ୍ୟ ଯୁଦ୍ଧରେ ଯୋଗ ଦେଇ ନଥିଲେ । କେଶରୀବଂଶ ପରେ ଗଙ୍ଗବଂଶ ରାଜାମାନେ

---

❋"ସମସ୍ତ ଉତ୍କଳୁ କେତେ ମହାବୀର
ରଣାଙ୍ଗନେ ଆସି ଦେଲେ ନିଜ ଶିର ।
ତାଳି ବନଶ୍ୟାମ କନକା ଭୁଜଙ୍ଗ
ମଣିତ ହରଣପୁର ଅଧିରଙ୍ଗ ।" (ରାଧାନାଥ)

ଓଡ଼ିଶାର କଳେବର—ଉତ୍ତରରେ ଗଙ୍ଗାନଦୀଠାରୁ, ଦକ୍ଷିଣରେ ଗୋଦାବରୀଯାଏ, ବଢ଼ାଇ ଦେଇଥିଲେ । ଏହି ବୃହତ୍ ରାଜ୍ୟର ସୁଶାସନ ସକାଶେ ଗଙ୍ଗବଂଶର ରାଜା ଅନଙ୍ଗଭୀମ ଦେବ ଆହୁରି ଅନେକ ସାମନ୍ତ ରାଜାଙ୍କୁ ନିଯୁକ୍ତ କରିଥିଲେ । ସମ୍ଭବତଃ ମରିଚପୁର ଓ ହରିଶପୁର ରାଜାମାନଙ୍କର ଆଦି ବା ପୂର୍ବପୁରୁଷମାନେ ଏହି ସମୟରେ ନିଯୁକ୍ତ ଥିଲେ । ଏହି ସାମନ୍ତ ରାଜାମାନେ ସେହି ସେହି ଅଞ୍ଚଳର ଭୂମି ଭୋଗ କରୁଥିଲେ ଓ ପ୍ରୟୋଜନାନୁସାରେ ସିପାହୀ, ରସଦ ଓ ଅନ୍ୟାନ୍ୟ ପ୍ରୟୋଜନୀୟ ସାହାଯ୍ୟମାନ ଓଡ଼ିଶାଧିପତିଙ୍କୁ ପ୍ରଦାନ କରୁଥିଲେ ।" ❋

ବର୍ତ୍ତମାନ ଏହି ବଂଶର ରାଜାମାନଙ୍କ ବିଷୟ ସଂକ୍ଷେପରେ ଆଲୋଚନା କରିବୁଁ । ପୂର୍ବେ କୁହାଯାଇଅଛି ଯେ, ଏହି ରାଜାମାନଙ୍କ ସମ୍ବନ୍ଧରେ ସେପରି କୌଣସି ବିଶ୍ୱାସଯୋଗ୍ୟ ପ୍ରାଚୀନ ଲେଖା, କିମ୍ବା ସନନ୍ଦ ପ୍ରଭୃତି କୌଣସି ଠାରେ ପାଇ ନାହୁଁ । କେବଳ ଜନଶ୍ରୁତି ଓ କେତୋଟି ଅତି ବୃଦ୍ଧଲୋକମାନଙ୍କଠାରୁ (ଯେଉଁମାନେ କି ଏହି ବଂଶର ଶେଷ ୨।୩ଟି ରାଜାଙ୍କ ସଂସର୍ଗରେ ଆସିଥିଲେ ) ଯାହା ସଂଗ୍ରହ କରାଯାଇଅଛି, ତାହା ଏଠାରେ ବର୍ଣ୍ଣିତ ହେବ । ପ୍ରଥମ ୨।୩ ଜଣ ରାଜାଙ୍କ ସମ୍ବନ୍ଧରେ କୌଣସି ଲିଖିତ ପ୍ରମାଣ ମିଳି ନ ଥିଲେହେଁ ସେମାନଙ୍କଦ୍ୱାରା ପ୍ରତିଷ୍ଠିତ କେତୋଟି ବ୍ରାହ୍ମଣ ଶାସନ, ଦେବମନ୍ଦିର ଓ ପୁଷ୍କରିଣୀ ପ୍ରଭୃତିରୁ ସେମାନଙ୍କର ତତ୍କାଳୀନ କାର୍ଯ୍ୟକଳାପ ସମ୍ବନ୍ଧରେ ଯଥେଷ୍ଟ ପ୍ରମାଣ ମିଳୁଅଛି । ଏହା ଅପେକ୍ଷା ଅଧିକ ବିଶେଷ ପ୍ରମାଣ ମିଳିଲେ ପରେ ସେ ବିଷୟ ଆଲୋଚିତ ହେବ ।

**ରାଜଧାନୀ**—ମରିଚପୁରର ସୁନାଗଡ଼ନାମକ ସ୍ଥାନରେ ଏହି ବଂଶର ରାଜାମାନଙ୍କ ରାଜଧାନୀ ଥିଲା । ସେହି ରାଜଧାନୀରେ ଗୋଟିଏ ଅତି ପ୍ରାଚୀନ ଓ ସୁଦୃଢ଼ ଗଡ଼ ଥିଲା । ଶୁଣାଯାଏ, ସେହି ଗଡ଼ର ସିଂହଦ୍ୱାରରେ କଂସାର କବାଟ ଲାଗିଥିଲା । ସେହି କବାଟ ବନ୍ଦ କରିବାବେଳେ ଓ ତାକୁ ଖୋଲିବା ସମୟରେ ପ୍ରାୟ ୫।୬ ମାଇଲ ଦୂର ଯାଏ ଶବ୍ଦ ଶୁଣାଯାଉଥିଲା । ରାତିରେ ଏହି ଶବ୍ଦ ଶୁଣି ଲୋକମାନେ ବୁଝି

---

❋ "ଓଡ଼ିଶାର ଇତିହାସ" ୨୩ ପୃଷ୍ଠା

ପାରୁଥିଲେ ଯେ କବାଟ ବନ୍ଦ ହେବା ସମୟରେ ଅର୍ଦ୍ଧରାଧ ବା ପ୍ରାୟ ୧୨ ଘଣ୍ଟା ହୋଇଅଛି । ଏହି ବଂଶର ଶେଷ ରାଜାମାନେ ଅତ୍ୟନ୍ତ ଅତ୍ୟାଗ୍ରହୀ ହୋଇଥିଲେ । ଏପରି କି ସେମାନେ ନିଜ ପ୍ରଜାଙ୍କର ସମସ୍ତ ସମ୍ପତ୍ତି ଲୁଣ୍ଠନ କରିବାକୁ ମଧ୍ୟ କୁଣ୍ଠିତ ହେଉ ନ ଥିଲେ । ତାହା ଲୁଣ୍ଠନ କରିବାପାଇଁ ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ସମୟ ନ ଥିଲା । ଦିନ ବା ରାତିର ଯେ କୌଣସି ସମୟରେ ଗଡ଼ରୁ ବାହାରି ଗ୍ରାମେ ଗ୍ରାମେ ବୁଲି ଲୋକମାନଙ୍କର ସମ୍ପତ୍ତି ନେଉଥିଲେ । ରାତିରେ ଏହି ଗଡ଼ର କବାଟ ବନ୍ଦ ହେବା ଶବ୍ଦ ଶୁଣାଗଲେ ଲୋକମାନେ ନିଶ୍ଚିନ୍ତରେ ଶୋଉଥିଲେ । ଏହି କଂସା କବାଟର ଶବ୍ଦ ଗଡ଼ବାସୀଙ୍କର କାର୍ଯ୍ୟକଳାପ ଲୋକମାନଙ୍କ ମଧ୍ୟରେ ପ୍ରଚାର କରୁଥିଲା । *

ସୁନାଗଡ଼ରେ ରାଜଧାନୀ ଥିବା ସମୟରେ ଏହି ରାଜ୍ୟ ପୂର୍ବରେ ମରିଚପୁର, ପଶ୍ଚିମରେ ଗୋଲରା, ଉତ୍ତରରେ ପ୍ରାଚୀନଦୀ ଓ ଦକ୍ଷିଣରେ ବଙ୍ଗୋପସାଗର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ରାଜଧାନୀର ଗଡ଼ ବ୍ୟତୀତ ସେହି ବିସ୍ତୃତ ପ୍ରଦେଶରେ ଆଉ କେତୋଟି ଗଡ଼ ମଧ୍ୟ ଥିଲା । ତନ୍ମଧ୍ୟରୁ 'ଗୋବରାଗଡ଼' (ପ୍ରାଚୀ ନଦୀର ମୁହାଣ ନିକଟରେ), 'ଚନ୍ଦପଡ଼ା ଗଡ଼' (ମାଣ୍ଡୁଖୀ ନିକଟରେ) 'ଗୋପାଳପୁର ଗଡ଼' (କରଞ୍ଜପୁର ନିକଟରେ) ଓ ମୁଲାଗଡ଼ (କାକଟପୁରରୁ ପ୍ରାୟ ୧୪ମାଇଲ ଦୂରରେ) ପ୍ରଭୃତି ପ୍ରଧାନ । ବର୍ଣ୍ଣିତ ସବୁ ସ୍ଥାନରେ ପୂର୍ବଗଡ଼ର ଭଗ୍ନାବଶେଷ, ପୂର୍ବେ ଥିବା ପୋଖରୀ ଓ ଅସଂଖ୍ୟ ବାମ୍ପିର ଅବଶିଷ୍ଟାଂଶ ଦେଖାଯାଏ । ମୁଲାଗଡ଼ ବ୍ୟତୀତ ଅନ୍ୟ ତିନୋଟି ସ୍ଥାନରେ ଏହି ରାଜବଂଶର ଦାୟାଦ ବା ବଂଶଧରମାନେ ବର୍ତ୍ତମାନ ସୁଦ୍ଧା ଅଛନ୍ତି, କିନ୍ତୁ ସେମାନଙ୍କର ଶୋଚନୀୟ ଅବସ୍ଥା ଦେଖିଲେ କେହି ବିଶ୍ୱାସ କରିବ ନାହିଁ ଯେ, ଦିନେ ଏହି ବଂଶର ପୂର୍ବପୁରୁଷମାନେ ଏହି ବିଶାଳ ପ୍ରଦେଶର ଏକଛତ୍ରାଧିପତି ହୋଇଥିଲେ । ଏମାନଙ୍କଠାରେ ସେହି ବଂଶର ତେଜ; ସାହସ ବା ବଳବୀର୍ଯ୍ୟ ଥିବାର ଆଦୌ ଜଣାଯାଏ ନାହିଁ । ଏମାନେ ସେହି ପୂର୍ବ ସିଂହବଂଶରୁ ଜାତ ମେଷଶାବକ ପରି ଦେଖାଯାନ୍ତି । ଏମାନଙ୍କୁ ଦେଖିଲେ "ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର" ଉକ୍ତିଟି ଅକ୍ଷରେ ଅକ୍ଷରେ ପ୍ରମାଣିତ ହେଉଥିବାର ବିଶ୍ୱାସ ହୁଏ ।

* 'ଓଡ଼ିଶା ଇତିହାସ' ୭୩ ପୃଷ୍ଠା

ଶୁଣାଯାଏ, ଗତ ନ-ଅଙ୍କ ସମୟରେ ( ୧୮୭୭ ଖ୍ରୀ: ) ଏଠାରେ ପୂର୍ବଗଡ଼ର ଅଧିକାଂଶ ଭାଗ ଅକ୍ଷୁଣ୍ଣ ଭାବରେ ଥିଲା । ସେ ସମୟରେ ରାଜା ଦାମୋଦର ମଙ୍ଗରାଜ ଏହି ଗଡ଼ରେ ଥିଲେ । ତାଙ୍କର ୨/୩ ଟି ହାତୀ ଓ ଅଳ୍ପ କେତୋଟି ଘୋଡ଼ା ଥିଲେ । ଦାସଦାସୀ ପ୍ରାୟ ୪୦/୫୦ ଟି ଥିଲେ । ତାଙ୍କର ଆଶ୍ରିତ ଭଣ୍ଡା ଓ ଅନ୍ୟାନ୍ୟ ଲୋକମାନଙ୍କପାଇଁ ଏହି ଗଡ଼କୁ ଲାଗି କେତୋଟି ଘର ଥିଲା । ନ ଅଙ୍କ ପୂର୍ବରୁ ଦାମୋଦର ମଙ୍ଗରାଜଙ୍କ ପିତା ବଳଭଦ୍ର ମଙ୍ଗରାଜ ଅଧିକାଂଶ ରାଜ୍ୟ ହରାଇଥିଲେ । ତଥାପି ଗଡ଼ଟି ଏଠାରେ ଥିଲା । ମାତ୍ର ଆଜିକାଲି 'ସୁନାଗଡ଼'ର କୌଣସି ଭଗ୍ନାବଶେଷ ଏଠାରେ ନାହିଁ । ଯେଉଁ କେତୋଟି ଅତି ବୃଦ୍ଧଲୋକ ଏହି ଗଡ଼ର ସୂର୍ଯ୍ୟାସ୍ତ ନିଜ ଆଖିରେ ଦେଖିଥିଲେ, ସେମାନେ କହନ୍ତି ଯେ, ଏହି ବଂଶର ଶେଷ ରାଜାମାନେ ଅତ୍ୟନ୍ତ ପ୍ରଜାପୀଡ଼କ ଓ ଅତ୍ୟାଚାରୀ ହେବାରୁ ଅତ୍ୟଳ୍ପ ସମୟରେ ସେମାନଙ୍କର ରାଜଧାନୀ-ଦେବୀନଦୀ ଗର୍ଭରେ ଲୀନ ହୋଇ ଯାଇଅଛି । ସେମାନଙ୍କର ସମସ୍ତ ସମ୍ପତ୍ତି ଅଦୃଶ୍ୟ ହୋଇ ଯାଇଅଛି । ସେମାନଙ୍କ ବଂଶଧରମାନେ ଦାଣ୍ଡର ଭିକାରି ହୋଇଅଛନ୍ତି । ଆଜି ସେହି ବଂଶ ଲୋପ ପାଇଅଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଦିନେ ଯେଉଁ ମରିଚପୁର ଏକ ରାଜାଙ୍କ ଅଧୀନ ଥିଲା, ସେହି ରାଜ୍ୟ ଖଣ୍ଡ ଖଣ୍ଡ ହୋଇ ବିଭିନ୍ନ ଭୂମ୍ୟଧିକାରୀଙ୍କ ମଧ୍ୟରେ ବଣ୍ଟା ହୋଇ ଯିବା ପରେ ଏହି ରାଜ୍ୟକୁ ୧୫/୧୬ଟି ଜମିଦାର ବା ଭୂମ୍ୟଧିକାରୀ ଦଖଲ କଲେ । ବର୍ତ୍ତମାନ ପୂର୍ବ ମରିଚପୁର ନାହିଁ କମ୍ବା ପୂର୍ବ ରାଜଧାନୀ ବା ତହିଁର କିଛି ଅବଶିଷ୍ଟ ନାହିଁ । ସେ ସବୁ ଦେବୀନଦୀ ଗର୍ଭରେ ଲୀନ ହୋଇଅଛି । ପୂର୍ବେ ଯେଉଁ ସ୍ଥାନରେ ରାଜପ୍ରାସାଦ, ରାଜଦରବାର, ରାଜୋଦ୍ୟାନ ପ୍ରଭୃତି ଥିଲା, ବର୍ତ୍ତମାନ ସେଠାରେ ଦେବୀନଦୀର ୮/୧୦ଟି ଶାଖାନଦୀ ଦେଖାଯାଏ । ସେହି ଶାଖାନଦୀଗୁଡ଼ିକ ପ୍ରୋକ୍ତ ରାଜଧାନୀକୁ ନିଜ ଉଦରରେ ପୂରାଇବା ସଙ୍ଗେ ସଙ୍ଗେ ନିଜ ବକ୍ଷରେ ଭୟଙ୍କର କୁମ୍ଭୀରଗୁଡ଼ିକୁ ମଧ୍ୟ ସ୍ଥାନ ଦେଇଅଛି । ସୁତରାଂ, ଆଜି ଯେଉଁ ପ୍ରତ୍ନତତ୍ତ୍ୱବିତ୍ ବା ଅନୁସନ୍ଧିତ୍ସୁମାନେ ଏହି ରାଜଧାନୀର ଅବଶିଷ୍ଟାଂଶ ଦେଖିବାକୁ ବହୁ ଆୟାସ ସ୍ୱୀକାରକରି ଏହି ଅଞ୍ଚଳକୁ ଯିବେ, ସେମାନେ ଏହି ଅଞ୍ଚଳରେ କେବଳ୍ କେତୋଟି ପ୍ରକାଣ୍ଡ, ହିଂସ୍ର ଓ ମାଂସାଶୀ ଭୟଙ୍କର କୁମ୍ଭୀରଙ୍କୁ ଏହି ନଦୀର ସ୍ରୋତରେ କମ୍ବା ନଦୀ ଉପକୂଳସ୍ଥ ବାଲୁକାମୟ

ପ୍ରାନ୍ତରରେ ଦେଖିବେ । ମାତ୍ର ଏଗୁଡ଼ିକୁ ଦେଖିଲେ ସ୍ୱତଃ ମନେ ହେବ ଯେ, ଯେଉଁ ନରରାକ୍ଷସମାନେ (ରାଜା ଓ ପ୍ରଜା) ଦିନେ ଏହି ପ୍ରଦେଶରେ ଅମାନୁଷିକ ଓ ନୃଶଂସ ଭାବରେ ପଶୁ ଓ ମନୁଷ୍ୟଙ୍କୁ ହତ୍ୟା କରୁଥିଲେ, ସେମାନେ କି ଏହି ଜମ୍ମିର ହୋଇ ଜନ୍ମ ହୋଇଛନ୍ତି ?

## ରାଜ୍ୟସ୍ଥାପନ ଓ ସତ୍‌କୀର୍ତ୍ତି—

ମରିଚପୁର ରାଜ୍ୟ କେଉଁ ସମୟରେ ଓ କାହାଦ୍ୱାରା ସ୍ଥାପିତ ହେଲା, ତହିଁର କୌଣସି ଐତିହାସିକ ପ୍ରମାଣ ନାହିଁ । ପୁରୀଜିଲ୍ଲା ଗେଜେଟିଅର ଲେଖକ ଲେଖିଅଛନ୍ତି ଯେ, ପ୍ରାୟ ତିନିଶହ ବର୍ଷ ପୂର୍ବେ ତାଳଚେର ରାଜ୍ୟରୁ ତିନି ଜଣ ଭାଇ ଆସି ମରିଚପୁର, ହରିଶପୁର ଓ ବିଷୁନ୍‌ପୁର ଅଧିକାର କରି ସେଠାରେ ରାଜ୍ୟ ସ୍ଥାପନ କରିଥିଲେ । ସେହି ତିନି ଭାଇ ତାଳଚେରର ଗଙ୍ଗାବଂଶୀୟ ଖଣ୍ଡାୟତ ଥିଲେ । * ଗଙ୍ଗାବଂଶୀୟ ରାଜାମାନେ ପ୍ରକୃତ କ୍ଷତ୍ରିୟ ଅଟନ୍ତି । ତାଳଚେରରୁ ଆସିଥିବା ଭାଇମାନଙ୍କୁ 'ଗଙ୍ଗାବଂଶୀୟ ଖଣ୍ଡାୟତ' ବୋଲି କହିବା ଉଦ୍ଦେଶ୍ୟ କଣ ଜାଣି ହେଉ ନାହିଁ । ସେ ଯାହାହେଉ ମରିଚପୁରର ପ୍ରଥମ ରାଜା ଜଣେ ଖଣ୍ଡାୟତ ଓ ବର୍ତ୍ତମାନ ସେହି ଖଣ୍ଡାୟତ ରାଜାଙ୍କ ବଂଶଧରମାନେ ଏଠାରେ ଦେଖାଯାନ୍ତି ।

ଐତିହାସିକ ପ୍ରମାଣ ବିଶେଷ ନ ଥିଲେହେଁ ଏହି ବଂଶର ପ୍ରଥମ ଦୁଇଜଣ ରାଜା ଅତ୍ୟନ୍ତ ଧାର୍ମିକ, ସୁଶାସକ ଓ ପ୍ରଜାବତ୍ସଳ ଥିବାର ଜଣାଯାଏ । ସେମାନଙ୍କଦ୍ୱାରା ପ୍ରତିଷ୍ଠିତ ବ୍ରାହ୍ମଣଶାସନ, ଦେବମନ୍ଦିର, ପୋଖରୀ ଓ ବାନ୍ଧ ପ୍ରଭୃତି ସେମାନଙ୍କର କାର୍ଯ୍ୟକଳାପକୁ ସଜୀବ କରି ରଖିଅଛି ଓ ରଖିଥିବ । ରାଜା ପଦ୍ମନାଭ ମଙ୍ଗରାଜ ଓ ତାଙ୍କର ପୁତ୍ର ଆନନ୍ଦକନ୍ଦ ମଙ୍ଗରାଜ ଯଥାକ୍ରମେ 'ପଦ୍ମନାଭପୁର ଶାସନ' ଓ 'ଆନନ୍ଦକନ୍ଦପୁର ଶାସନ' ବସାଇଥିଲେ । ଏ ଦିଓଟି ଶାସନ ଆଜ ସୁଦ୍ଧା ମରିଚପୁରର

* Vide District Gazetteer,Puri P. 325 (1930 Ed)

ପ୍ରାୟ ୭/୮ ମାଇଲ ପଶ୍ଚିମରେ (ଅସ୍ତରଙ୍ଗ ପ୍ରଗନ୍ନାରେ) ଦେଖାଯାଏ । ବ୍ରାହ୍ମଣ ଶାସନ ସଙ୍ଗେ ସଙ୍ଗେ ବ୍ରାହ୍ମଣମାନଙ୍କପାଇଁ ନିଷ୍କର ଜାଗିର ଜମି ଓ ପ୍ରତ୍ୟେକ ଶାସନରେ ଦେବମନ୍ଦିର, ପୁଷ୍କରିଣୀ ପ୍ରଭୃତି କରାଇ-ଥିଲେ । ଏଠାର ବ୍ରାହ୍ମଣମାନେ ନିଜ ନିଜର କୌଳିକ କାର୍ଯ୍ୟଗୁଡ଼ିକ ଛାଡ଼ି କଲିକତା ଯାଇ ସେଠାରେ ପାଚକ ବା ସେବକବୃତ୍ତି କରି ଅଧୋଗତି ଲଭିଅଛନ୍ତି । ପୁଣି ଏ ଅଞ୍ଚଳର ଦେବମନ୍ଦିରଗୁଡ଼ିକର ଜୀର୍ଣ୍ଣସଂସ୍କାର ଦିଗରେ କେହି ଦୃଷ୍ଟି ଦେଉ ନ ଥିବାରୁ ସେଗୁଡ଼ିକ ମଧ୍ୟ ଅତି ଶୋଚନୀୟ ଅବସ୍ଥାରେ ପଡ଼ି ରହିଅଛି ।

ପୁରୀ ଏମାରମଠର ମହନ୍ତ ଏହି ବଂଶର ଗୁରୁ ଅଟନ୍ତି । ପୁରୀ ବଡ଼ ଠାକୁର ଜଗନ୍ନାଥଙ୍କ ଅମୃତମଣୋହି ନିମନ୍ତେ ଏହି ଅଞ୍ଚଳର ତିନିଗୋଟି ଗ୍ରାମ—ଆଡ଼ିତର, ଆଳସାହି ଓ ଅନନ୍ତା—ଏହି ରାଜାମାନେ ଏମାର ମଠର ମହନ୍ତଙ୍କ ହାତରେ ଦାନ କରି ଦେଇଅଛନ୍ତି । ସେହି ତିନିଗୋଟି ଗ୍ରାମର ବାର୍ଷିକ ଆଦାୟ ଜଗନ୍ନାଥଙ୍କ ଖର୍ଚ୍ଚରେ ଲାଗେ ।

ଏଠା ସମୁଦ୍ର ଉପକୂଳବର୍ତ୍ତୀ ଗୋଟିଏ ପ୍ରକାଣ୍ଡ ବାଲି ସ୍ତୂପରେ ମହାପୁରୁଷ 'ମୁକ୍‌ଦମ୍ ଜାହାନିୟା'ଙ୍କ * ପୀଠ ଅଛି । ଏହି ପୀଠକୁ ଏ ଅଞ୍ଚଳର କି ହିନ୍ଦୁ, କି ମୁସଲମାନ ସମସ୍ତେ ପୂଜା କରନ୍ତି । ଏହି ପୀଠ ଦର୍ଶନ କରିବାପାଇଁ ଭାରତର ବିଭିନ୍ନ ଅଞ୍ଚଳରୁ ମୁସଲମାନମାନେ ପ୍ରତିବର୍ଷ ଏଠାକୁ ଆସନ୍ତି । ଏପରି କି, ସୁଦୂର ଆଫ୍‌ଗାନିସ୍ଥାନ, ବେଲୁଚି-ସ୍ଥାନ ଓ ଆରବ ଦେଶର ମକ୍‌କା, ମଦିନାରୁ ମଧ୍ୟ ମୁସଲମାନମାନେ ଆସନ୍ତି । ସେହି ଆଗନ୍ତୁକ ଅତିଥି ବା ଯାତ୍ରୀମାନଙ୍କୁ ଖାଦ୍ୟ, ପେୟ ଓ ବାଟଖର୍ଚ୍ଚ ପ୍ରଭୃତି ଯୋଗାଇବାପାଇଁ ମରିଚପୁର ରାଜାମାନେ ଜାହାନିୟାଙ୍କ ପାଇଁ ପ୍ରାୟ ୨ । ୩ ଶତ ଏକର ନିଷ୍କର ଜମି ଦେଇଥିଲେ । ସେହି ଜମିଗୁଡ଼ିକୁ ଜାହାନିୟାଙ୍କର ଜଣେ ସେବକ ବର୍ତ୍ତମାନ ଦଖଲ କରୁଛି । ଜାତିରେ ହିନ୍ଦୁ ହେଲେହେଁ ଦାନଧର୍ମ କରିବାପାଇଁ କୌଣସି ଜାତି ବା ସମ୍ପ୍ରଦାୟର ଭେଦ ବା ପାର୍ଥକ୍ୟ ଏହି ରାଜାମାନଙ୍କଠାରେ ନ ଥିବାର ସ୍ପଷ୍ଟ ଜଣାହୁଏ ।

---

* ମୁକ୍‌ଦମ୍ ଜାହାନିୟାଙ୍କ ସମ୍ବନ୍ଧରେ ଏହି ଅଧ୍ୟାୟର ନବମ ବିଷୟ ଦେଖନ୍ତୁ ।

ସ୍ୱାଧୀନ ଓଡ଼ିଶା ରାଜାଙ୍କ ଅଧୀନସ୍ଥ ସାମନ୍ତ ରାଜାମାନଙ୍କ ମଧ୍ୟରୁ ମରିଚପୁର ରାଜା ଜଣେ ବୋଲି ପୂର୍ବେ କୁହାଯାଇଅଛି । ଗଙ୍ଗବଂଶ ରାଜାମାନଙ୍କ ସମୟରେ ଏହି ସାମନ୍ତ ରାଜାମାନେ ଦୁଇ ଭାଗରେ ବିଭକ୍ତ ଥିଲେ— ପ୍ରଥମ, ଆଧୁନିକ ଗଡ଼ଜାତର ରାଜାମାନେ; ଦ୍ୱିତୀୟ, ସମୁଦ୍ରକୂଳିଆ ସାମନ୍ତ ରାଜାମାନେ । ଏହି ଦ୍ୱିତୀୟ ଶ୍ରେଣୀ ରାଜାମାନେ ପ୍ରାୟ ସମସ୍ତେ ଜାତିରେ ଖଣ୍ଡାୟତ ଥିଲେ । ସେମାନେ ପ୍ରତ୍ୟେକ ନଦୀ ମୁହାଣରେ ଗୋଟିଏ ଗଡ଼ ନିର୍ମାଣ କରି ବାସ କରୁଥିଲେ । ସେମାନଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା—ଦେଶ ମଧ୍ୟରେ ବହିଃଶତ୍ରୁଙ୍କୁ ପ୍ରବେଶ କରାଇ ନ ଦେବା ଓ ପ୍ରୟୋଜନବେଳେ ଓଡ଼ିଶା ସମ୍ରାଟଙ୍କୁ ସୈନ୍ୟ ଯୋଗାଇବା । ଏ ଦୁଇଟି କାର୍ଯ୍ୟପାଇଁ ସେମାନେ ନିଜ ନିଜ ରାଜ୍ୟରେ ଲୋକ ସଂଗ୍ରହ କରି ସେମାନଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଉଥିଲେ । ଏହି ସୈନ୍ୟ ଓ ରାଜାଙ୍କ ପାଇଁ ଧନ ଏବଂ ଖାଦ୍ୟସାମଗ୍ରୀ ଯୋଗାଇବାପାଇଁ ଅନ୍ୟାନ୍ୟ ପ୍ରଜା କୃଷିବ୍ୟବସାୟ କରୁଥିଲେ । ସ୍ଥାନୀୟ ପ୍ରଜାମାନେ ଏହି ରାଜାଙ୍କୁ ଅତ୍ୟନ୍ତ ଭକ୍ତି କରୁଥିଲେ ଓ ରାଜା ମଧ୍ୟ ଉତ୍ତମ ପ୍ରଜାପାଳକ ଥିଲେ ।

ଓଡ଼ିଶାରୁ ସ୍ୱାଧୀନତା ଲୁପ୍ତ ହେବା ପରେ ଓଡ଼ିଶା ଯଥାକ୍ରମେ ମୋଗଲ ଓ ମରହଟ୍ଟାଙ୍କ ଅଧିକାରଭୁକ୍ତ ହେଲା । ମୋଗଲ ରାଜତ୍ୱରେ ଓଡ଼ିଶାର ସାମନ୍ତ ରାଜାମାନେ ଏକଛତ୍ରାଧିପତି ହେଲେ । ସେମାନଙ୍କର ଆଉ ଓଡ଼ିଶା ରାଜାଙ୍କ ପ୍ରତି ଭୟ ନ ଥିଲା । ଓଡ଼ିଶାରେ ମଧ୍ୟ ସେପରି କୌଣସି ସୁଶାସକ ନ ଥିବାରୁ ସାମନ୍ତ ରାଜାମାନେ ଯଥେଚ୍ଛାଚାରୀ ହେଲେ । ତଥାପି ମୋଗଲ ରାଜତ୍ୱରେ ଖ୍ରୀଷ୍ଟାବ୍ଦ ୧୫୬୮—୧୭୫୧ ମଧ୍ୟରେ ଏମାନେ ପ୍ରଜାପୀଡ଼କ ବା ଅତ୍ୟାଚାରୀ ହୋଇ ନ ଥିଲେ । ମୋଗଲ ସୁବାଦାରଙ୍କୁ ତାଙ୍କ ବାର୍ଷିକ ରାଜସ୍ୱ ଦେଇ ଏମାନେ ନିଜ ନିଜ ଗଡ଼ର ପ୍ରଧାନ ମାଲିକ ବା 'ରାଜା' ହୋଇଥିଲେ । ଏହି ମୋଗଲ ରାଜତ୍ୱ ସମୟରେ ରାଜା ପଦ୍ମନାଭ ମଙ୍ଗରାଜ ଓ ତାଙ୍କ ପୁତ୍ର ଆନନ୍ଦ ମଙ୍ଗରାଜ ମରିଚପୁରରେ ରାଜତ୍ୱ କରୁଥିବାର ଜଣାଯାଏ । କାରଣ, ସେହି ସମୟରେ ସେମାନେ ରାଜ୍ୟର ସୁଶାସନପାଇଁ ଯେଉଁ ଯେଉଁ କର୍ମଚାରୀମାନଙ୍କୁ ନିଯୁକ୍ତ କରିଥିଲେ, ସେମାନଙ୍କ ବଂଶଧରମାନଙ୍କଠାରୁ ଏହି ବିଷୟଗୁଡ଼ିକର ସ୍ପଷ୍ଟ ପ୍ରମାଣ ପାଉଁ । ଅବଶ୍ୟ ଏହା ପ୍ରମାଣ କରିବାପାଇଁ ଅନ୍ୟ କୌଣସି ଲିଖିତ ପତ୍ର

ନାହିଁ, କିନ୍ତୁ ସ୍ଥାନୀୟ ଅଧିବାସୀଙ୍କଠାରୁ ଯାହା ପାଉଁ, ତାହା ବିଶେଷରୂପେ ବିଶ୍ୱାସ କରିବା ଉଚିତ ମନେ କରେଁ ।

ମୋଗଲ ରାଜତ୍ୱ ପରେ ୧୭୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ମରହଟ୍ଟା-ମାନଙ୍କ ଅଧିକାରଭୁକ୍ତ ହେଲା । ମରହଟ୍ଟାମାନଙ୍କର ପ୍ରଧାନ ନୀତି ଥିଲା ଏ ଦେଶରୁ ଧନ ଲୁଣ୍ଠନ । କଳେ ବଳେ କୌଶଳେ ଲୋକମାନଠାରୁ ଧନ ଅପହରଣ କରି ସେମାନେ ନିଜ ନିଜର ତୃଷ୍ଣା ମେଣ୍ଟାଉ ଥିଲେ । ଧନ ପାଇବାପାଇଁ କୌଣସି ଲୋକର ପ୍ରାଣ ନେବାକୁ ମଧ୍ୟ କୁଣ୍ଠିତ ହେଉ ନ ଥିଲେ । ଓଡ଼ିଶାର 'ବର୍ଗୀ' ବା ମରହଟ୍ଟା ଅତ୍ୟାଚାରର ବିଷୟ ଇତିହାସ-ପାଠକମାନଙ୍କୁ ବିଶେଷରୂପେ ବର୍ଣ୍ଣନା କରି କହିବା ଆବଶ୍ୟକ ନାହିଁ । ଓଡ଼ିଶା ମରହଟ୍ଟାମାନଙ୍କ ହସ୍ତଗତ ହେବା ସଙ୍ଗେ ସଙ୍ଗେ ସାମନ୍ତ ରାଜାମାନଙ୍କ ଅତ୍ୟାଚାର ଦ୍ୱିଗୁଣିତ ହୋଇପଡ଼ିଲା ।

## ଅତ୍ୟାଚାର ଓ ରାଜପତନ—

ରାଜା ବାସୁଦେବ ମଙ୍ଗରାଜଙ୍କ ରାଜତ୍ୱଠାରୁ ଦେଶରେ ଅତ୍ୟାଚାରର ମାତ୍ରା ବୃଦ୍ଧି ପ୍ରାପ୍ତ ହେଲା । ସେହି ରାଜା ୧୭୭୧ ମଧ୍ୟରେ ମରିଚପୁରରେ ରାଜତ୍ୱ କରୁଥିଲେ । ତାଙ୍କ ରାଜତ୍ୱର ପ୍ରଥମାବସ୍ଥାରେ ଓଡ଼ିଶାରେ ମରହଟ୍ଟା ଅତ୍ୟାଚାର ପ୍ରବଳ ହୋଇ ଉଠିଥିଲା । ମରିଚପୁର ମରହଟ୍ଟାମାନଙ୍କ କାର୍ଯ୍ୟକ୍ଷେତ୍ରରୁ ବହୁ ଦୂରରେ ଥିବାରୁ ସେଠାର ରାଜା ନିରଙ୍କୁଶ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର କାର୍ଯ୍ୟକଳାପକୁ ସମାଲୋଚନା କରିବାପାଇଁ କିମ୍ବା ତାଙ୍କ ଅତ୍ୟାଚାର ଓ ପ୍ରଜାପୀଡ଼ନ ପଥରେ କୌଣସି ବାଧା ଦେବାପାଇଁ କେହି ନ ଥିଲେ । ଏଣୁ ସେ ଯାହା କରିବାକୁ ଇଚ୍ଛା କରୁଥିଲେ, ତାହା ନିଜ ଯଥେଚ୍ଛାଚାର ଭାବରେ କରିପାରୁ-ଥିଲେ । ତାଙ୍କ ଅତ୍ୟାଚାରର କେତୋଟି ନମୁନା ଏଠାରେ ବର୍ଣ୍ଣନା କଲେ ପାଠକମାନେ ତତ୍କାଳୀନ ମରିଚପୁରର ଅବସ୍ଥା ବିଶଦରୂପେ ବୁଝି ପାରିବେ ।

ମରିଚପୁର ଦେବୀନଦୀର ମୁହାଣ କୂଳରେ ଥିବାର ପୂର୍ବେ ଲେଖିଅଛୁ । ସେକାଳରେ ଦେବୀ ନଦୀ ଆଜି କାଲି ପରି ଭୟଙ୍କର ଆକୃତି ଧାରଣ କରି ନ ଥିଲା । କିମ୍ବା ଆଜି କାଲି ପରି ଭୟଙ୍କର କୁମ୍ଭୀରଦ୍ୱାରା

ତାହାର ଦେହ କଳୁଷିତ ହୋଇ ନ ଥିଲା । ଏହି ନଦୀ ମୁହାଣ ନିକଟବର୍ତ୍ତୀ ମାଛଗାଁ ସେକାଳରେ ଗୋଟିଏ ପ୍ରଧାନ ବାଣିଜ୍ୟକେନ୍ଦ୍ର ଥିଲା । ସମୁଦ୍ରଗାମୀ ବଣିକମାନେ ଦେବୀନଦୀ ମୁହାଣ ଦେଇ ଏହି ମାଛଗାଁକୁ ପଣ୍ୟଦ୍ରବ୍ୟ ଧରି ଆସୁଥିଲେ । ଅନେକ ବୋଇତ ଏହି ମୁହାଣ ଦେଇ ଯା ଆସ କରୁଥିଲା । ବାସୁଦେବ ମଙ୍ଗରାଜ ପ୍ରଥମେ ଏହି ବଣିକମାନଙ୍କ ସମ୍ପତ୍ତି ଲୁଣ୍ଠନ କରିବାପାଇଁ ଯୋଗାଡ଼ କଲେ । ସେହି କାର୍ଯ୍ୟ ସୁଗୁରୁତ୍ୱରୂପେ ସମ୍ପନ୍ନ କରିବାପାଇଁ ସେ ଅଞ୍ଚଳରେ କୌଣସି ବିଚକ୍ଷଣ ଲୋକ ନ ପାଇବାରୁ ମଙ୍ଗରାଜ ଦକ୍ଷିଣରୁ କେତେକ ନୋଳିଆଙ୍କୁ ଆଣି ନିଜ ରାଜ୍ୟରେ ରଖାଇଲେ । ଏହି ନୋଳିଆମାନେ ଜାତିରେ ତେଲୁଗୁ ଅଟନ୍ତି । ସମୁଦ୍ରରେ ମାଛ ଧରିବା ସେମାନଙ୍କର ପ୍ରଧାନ କାର୍ଯ୍ୟ । ଅତି ଅଳ୍ପ ବୟସରୁ ଏମାନେ ସମୁଦ୍ରରେ ଛୋଟ ଛୋଟ ଫଡ଼ୋଳିକ ବା ଡଙ୍ଗା ଧରି ଯା ଆସ କରନ୍ତି । ମାଛ ମାରିବା ସଙ୍ଗେ ସଙ୍ଗେ ଜଳଦସ୍ୟୁ (Piracy) ବିଦ୍ୟାରେ ମଧ୍ୟ ସେମାନେ ବେଶ୍ ପଟୁ ଅଟନ୍ତି ।

ଦେବୀ ମୁହାଣଦେଇ ଯା ଆସ କରିବା ବଣିକମାନଙ୍କର ସମ୍ପତ୍ତି ଲୁଣ୍ଠନ କରିବାପାଇଁ ବାସୁଦେବ ମଙ୍ଗରାଜ କେତେ ଜଣ ନୋଳିଆଙ୍କୁ ଆଣି ଏହି ମୁହାଣ ନିକଟବର୍ତ୍ତୀ 'ସୋନ' ଗ୍ରାମରେ ରଖାଇଥିଲେ । ଆଜି ସୁଦ୍ଧା ସେହି ନୋଳିଆମାନେ ଏହି ଗ୍ରାମରେ ଦେଖାଯାନ୍ତି । ବଣିକମାନଙ୍କ ସମ୍ପତ୍ତି ଲୁଣ୍ଠନ ସଙ୍ଗେ ସଙ୍ଗେ ସେମାନଙ୍କୁ ହତ୍ୟା କରିବାପାଇଁ ମଧ୍ୟ ଏହି ଜଳଦସ୍ୟୁମାନେ କୁଣ୍ଠିତ ହେଉ ନ ଥିଲେ । ଏହି ନଦୀ ମୁହାଣ ନିକଟବର୍ତ୍ତୀ ନୂଆଗଡ଼ ଗ୍ରାମରେ ଗୋଟିଏ ପୋଖରୀ ଅଛି । ସେହି ପୋଖରୀର ନାମ 'ମୁଣ୍ଡ ପୋଖରୀ' । ଶୁଣାଯାଏ, ନୋଳିଆମାନେ ଯେଉଁ ବଣିକମାନଙ୍କୁ କଳ କୌଶଳ କରି ରାଜ୍ୟ ଦେଖାଇବାପାଇଁ ନେଉଥିଲେ, ସେମାନଙ୍କୁ ଏହି ପୋଖରୀ କୂଳକୁ ଆଣି ସେଠାରେ ସେମାନଙ୍କ ମୁଣ୍ଡ କାଟି ପୋଖରୀରେ ପକାଉଥିଲେ । ଏହି ପୋଖରୀରେ ଶତ ଶତ ମୁଣ୍ଡ ଓ ନରକଙ୍କାଳ ଥିବାର ସ୍ଥାନୀୟ ବୃଦ୍ଧମାନେ କହନ୍ତି ।

ରାଜାଜ୍ଞା ପରି ବଣିକମାନଙ୍କ ମୁଣ୍ଡ କାଟି, ସେମାନଙ୍କ ସମ୍ପତ୍ତି ଲୁଣ୍ଠନ କରିବାପାଇଁ ଏଠାର ନୋଳିଆମାନେ ମରିଚପୁର ରାଜାଙ୍କଠାରୁ ନିଷ୍କର ଜାଗିର ଜମି ପାଇଥିଲେ । ପୁଣି ଏମାନଙ୍କୁ ଏ ଅଞ୍ଚଳର ବ୍ରାହ୍ମଣ

ଭଣ୍ଡାରୀ ଓ ଅନ୍ୟାନ୍ୟ ଜାତିର ଲୋକମାନେ ବିଭିନ୍ନ ପ୍ରକାର ସେବା ଶୁଶ୍ରୂଷା ମଧ୍ୟ କରୁଥିଲେ । ଦକ୍ଷିଣରେ ନୋଳଆମାନେ ଅସ୍ପୃଶ୍ୟ ଜାତି ବୋଲି ଧରାଯାନ୍ତି, କିନ୍ତୁ ଏଠାରେ ସେମାନେ ରାଜାଙ୍କ ପ୍ରୀତିପାତ୍ର ଥିବାରୁ ସ୍ୱୟଂ ବ୍ରାହ୍ମଣ ମଧ୍ୟ ସେମାନଙ୍କ ଘରକୁ ଯାଇ ଶୁଭାଶୁଭ କାର୍ଯ୍ୟ କରୁଥିଲେ ।

କେବଳ ବିଦେଶାଗତ ବଣିକମାନଙ୍କ ପ୍ରତି ଯେ ଏପରି ଅତ୍ୟାଗ୍ଭର ହେଉଥିଲା ସେତିକି ନୁହେଁ, ନିଜ ପ୍ରଜାମାନଙ୍କ ପ୍ରତି ମଧ୍ୟ ଏହି ରାଜାଙ୍କର ଅତ୍ୟାଗ୍ଭର କମ୍ ନ ଥିଲା । କୌଣସି ପ୍ରଜା ରାଜାଙ୍କ ଇଚ୍ଛାବିରୁଦ୍ଧରେ କୌଣସି କାର୍ଯ୍ୟ କରି ପାରୁ ନ ଥିଲା । ରାଜା ଯଦି କୌଣସି ଲୋକ ପ୍ରତି ଅସନ୍ତୁଷ୍ଟ ହେଉଥିଲେ, ସେହିକ୍ଷଣି ସେହି ଲୋକର ମୁଣ୍ଡକାଟ ହେଉଥିଲା । ଓଡ଼ିଶାର ପୁରପଲ୍ଲୀରେ ମରହଟ୍ଟା ବର୍ଗୀମାନେ ଯେଉଁ ଲୁଣ୍ଠନ, ଅତ୍ୟାଗ୍ଭର ପ୍ରଭୃତି କରିଥିବାର ଆମ୍ଭେମାନେ ଶୁଣୁ, ସେ ସମସ୍ତ କାର୍ଯ୍ୟ ଏଠା ରାଜା ଓ ତାଙ୍କର ପ୍ରିୟତମ ଭୃତ୍ୟମାନେ ମଧ୍ୟ ଅକ୍ଳେଶରେ କରିପାରୁଥିଲେ । ଦିନରେ କମ୍ବା ରାତ୍ରର ଯେ କୌଣସି ସମୟରେ ରାଜାଙ୍କ ଭୃତ୍ୟମାନେ ଦେଶର ନାନା ସ୍ଥାନ ଭ୍ରମଣ କରି ଲୋକମାନଙ୍କ ଧନସମ୍ପତ୍ତି ଲୁଣ୍ଠନ କରୁଥିଲେ । ରାଜା ଓ ରାଜଭୃତ୍ୟମାନଙ୍କୁ ଦେଖିବା ମାତ୍ରକେ ଲୋକମାନେ ଭୟରେ ଥରହର ହେଉଥିଲେ ! ରାତ୍ରରେ ମଧ୍ୟ ଏହି ଅତ୍ୟାଗ୍ଭର କମ୍ ନ ଥିଲା । କେବଳ ରାଜାଙ୍କ ସିଂହଦ୍ୱାରରେ ଥିବା 'କଂସାକବାଟ' ବନ୍ଦ ହେବା ଶବ୍ଦ ଶୁଣିବା ପରେ ଗ୍ରାମବାସୀ ଆଶ୍ୱସ୍ତ ହେଉଥିଲେ । ତଥାପି ସେମାନଙ୍କ ହୃଦୟରୁ ଭୟ ଦୂର ହେଉ ନ ଥିଲା ।

୧୮୦୩ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଇଂରେଜମାନଙ୍କ କରଗତ ହେଲା । ପ୍ରାୟ ଅର୍ଦ୍ଧଶତାବ୍ଦୀ କାଳ ମରହଟ୍ଟାମାନଙ୍କଦ୍ୱାରା ପ୍ରପୀଡ଼ିତ ହୋଇଥିବାରୁ ଓଡ଼ିଶାବାସୀ ଇଂରେଜମାନଙ୍କଠାରୁ ସୁଶାସନ ପାଇବା ଆଶାରେ ସେମାନଙ୍କୁ ସାଦରେ ଗ୍ରହଣ କଲେ । ଲୋକମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ପୂର୍ବ ରାଜା ଓ ଭୂମ୍ୟଧିକାରୀମାନଙ୍କଠାରୁ ସାମାନ୍ୟ କିଛି ପ୍ରମାଣ ପାଇ ଇଂରେଜ ସରକାର ଅନେକଗୁଡ଼ିଏ ରାଜା ଓ ଜମିଦାରଙ୍କୁ ସନନ୍ଦ ଦେଇଥିଲେ । ସେମାନଙ୍କୁ ନିଜ ଅଧିକାର ଭୁକ୍ତକରି ୧୮୦୫ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ପ୍ରଥମ ବନ୍ଦୋବସ୍ତ କରାଇଥିଲେ । ଏହି ବନ୍ଦୋବସ୍ତ ଅନୁଯାୟୀ ମରିଚପୁର

ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିଲା ଓ ସେଠାର ରାଜା ସରକାରଙ୍କୁ ସାମାନ୍ୟ ବାର୍ଷିକ ରାଜସ୍ୱ ଦେବା ବିଷୟ ସ୍ଥିର ହୋଇଥିଲା ।

୧୮୨୨ ଖ୍ରୀଷ୍ଟାବ୍ଦରେ ବାସୁଦେବ ମଙ୍ଗରାଜଙ୍କ ପୁତ୍ର ବଳଭଦ୍ର ମଙ୍ଗରାଜ ମରିଚପୁରର ରାଜା ହେଲେ । ତାଙ୍କ ସମୟରେ ଓଡ଼ିଶାରେ ଇଂରେଜ ରାଜତ୍ୱ ପୂର୍ଣ୍ଣରୂପେ ସ୍ଥାପିତ ହୋଇଥିଲା । ବଳଭଦ୍ର ମଙ୍ଗରାଜ ଯଦିଓ ବା ପ୍ରଜାପୀଡ଼କ ବା ଅତ୍ୟାଚାରୀ ନ ଥିଲେ, ତେବେ ତାଙ୍କ ରାଜତ୍ୱରେ ବିଳାସିତାର ମାତ୍ରା ଢେର୍ ବଢ଼ିଥିଲା । କେବଳ ଦାସଦାସୀ ଓ ହାତୀ ଘୋଡ଼ା ପ୍ରଭୃତି ଯାନବାହାନଗୁଡ଼ିକ ସଂଖ୍ୟାତୀତ ଥିଲେ । ଏହି ବିଳାସ ଓ ଅସଂଯତ ଖର୍ଚ୍ଚ ଯୋଗୁଁ ସେ ବିଶେଷ ଋଣଗ୍ରସ୍ତ ହୋଇଥିଲେ ଓ ତାଙ୍କର ଶେଷ ଅବସ୍ଥାରେ ସେ ଋଣ ପରିଶୋଧପାଇଁ ନିଜର ରାଜ୍ୟ ବିକ୍ରୟ କରିଥିଲେ । ୧୮୫୭-୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ରାଜ୍ୟ ନିଲାମ ହୋଇଥିଲା । ସେହି ନିଲାମରେ କଟକର (୧) ମୋହନ ଭଗତ (୨) ନଶାବାବାଙ୍କ ବଂଶଧର ଓ (୩) ଚନ୍ଦ୍ରଧର ମହାପାତ୍ର, ଏହି ତିନି ଜଣ ପ୍ରତ୍ୟେକେ ଏକତୃତୀୟାଂଶ କିଣିଥିଲେ । ପରେ ସେମାନଙ୍କ ଅଂଶଗୁଡ଼ିକ ପୁଣି କ୍ଷୁଦ୍ର କ୍ଷୁଦ୍ର ବିଭାଗରେ ବିକ୍ରୀ ହେଲା । ୧୮୭୦ ଖ୍ରୀଷ୍ଟାବ୍ଦରେ ମରିଚପୁର ଆଠଗୋଟି ଜମିଦାର ବା ଭୂମ୍ୟଧିକାରୀଙ୍କ ଅଧୀନରେ ଥିଲା, କିନ୍ତୁ ଗତ ୧୯୩୦ ଖ୍ରୀଷ୍ଟାବ୍ଦ ବେଳକୁ ତାହାପ୍ରାୟ ୩୦-୪୦ ବିଭାଗରେ ବିଭକ୍ତ ହୋଇଅଛି । ବର୍ତ୍ତମାନ ମରିଚପୁରର ପ୍ରତ୍ୟେକ ଗ୍ରାମରେ ଏକାଧିକ ଜମିଦାରଙ୍କ ଖମାର ବା କଚେରି ଦେଖାଯାଏ ।

ନିଜ ରାଜଧାନୀ ବ୍ୟତୀତ ବଳଭଦ୍ର ମଙ୍ଗରାଜ ନିଜ ରାଜ୍ୟସ୍ଥ ଚନ୍ଦ୍ରପଡ଼ା, ମାଣ୍ଡୁକ ପ୍ରଭୃତି ଗ୍ରାମ ମଧ୍ୟ ବିକ୍ରି କରିଥିଲେ । ସେ ଦୁଇଟି ଗ୍ରାମ ବର୍ତ୍ତମାନ ପୁରୀର ଏମାର ମଠ ମହନ୍ତଙ୍କ ଅଧୀନରେ ଅଛି । ଆହୁରି ଯେ କେତେ ସ୍ଥାନ ଏପରି ବିକ୍ରି କରିଥିବେ, ତାହା ସ୍ଥିର କରିବା ସହଜ ନୁହେ ।

ବିଳାସବୃଦ୍ଧି ସଙ୍ଗେ ସଙ୍ଗେ ଋଣବୃଦ୍ଧି ମଧ୍ୟ ହୋଇଥିଲା । ଏହି ଋଣ ପରିଶୋଧ କରିବାପାଇଁ ବଳଭଦ୍ର ମଙ୍ଗରାଜ ନିଜ ରାଜ୍ୟ ବିକ୍ରି କରିଥିଲେ । କିନ୍ତୁ ଏହି ବିକ୍ରି କରିବାପାଇଁ ଆହୁରି ଦୁଇଟି ପ୍ରଧାନ କାରଣ ଥିବାର ଏଠା ଅଧିବାସୀମାନଙ୍କଠାରୁ ଜଣାଯାଏ ।

୧—ବଳଭଦ୍ର ମଙ୍ଗରାଜ ଜଣେ ଲୋକକୁ ହତ୍ୟା କରିଥିଲେ । ସେହି ନରହତ୍ୟା ଦୋଷରୁ ମୁକ୍ତ ପାଇବାପାଇଁ ସେ କଟକସ୍ଥ ଜଣେ ମହାଜନଙ୍କଠାରୁ ( ବଳରାମ ଭଗତ ? ) ଅନେକ ଟଙ୍କା ଋଣ କରିଥିଲେ । ସେହି ଋଣ ପରିଶୋଧ କରିବା ସୁବିଧା ନ ଥିବାରୁ ସେ ନିଜ ରାଜ୍ୟ ନିଲାମ କରିଥିଲେ ।

୨—କୌଣସି ଗୋଟିଏ ମହାଜନ କେତେ ଖଣ୍ଡ ବୋଇତରେ ଜିନିଷ ଲଦି ଦେବୀ ନଦୀ ମୁହାଣରେ ଯାଉଁ ଯାଉଁ ହଠାତ୍ ବୋଇତଗୁଡ଼ିକ ସେଠାରେ ଅଟକି ଗଲା । କୌଣସି ଉପାୟରେ ବୋଇତଗୁଡ଼ିକୁ ସେଠାରୁ ନେବାର ସୁବିଧା ନ ଥିଲା । ସେହି ସମୟରେ ରାଜକର୍ମଚାରୀମାନେ ଉକ୍ତ ବଣିକକୁ କହି ତାର ସବୁ ଜିନିଷ ରାଜାଙ୍କୁ ବିକି କରାଇଥିଲେ, କିନ୍ତୁ ରାଜା ଜିନିଷର ମୂଳଧନ ସବୁ ଦେଇ ନ ଥିବାରୁ ପରେ ସେହି ଟଙ୍କା ଦେବାପାଇଁ ଗୋଟିଏ ଲେଖା ବଣିକକୁ ଦେଇଥିଲେ । ବଣିକ ନିଜ ଗ୍ରାମକୁ ଯିବାର କିଛି ସମୟ ପରେ ଇହଲୀଳା ସାଙ୍ଗ କଲେ । କେତେକ ସମୟ ପରେ ବଣିକର ସ୍ତ୍ରୀ ଅବଶିଷ୍ଟ ଟଙ୍କା ପାଇବାପାଇଁ ସେ ରାଜାଙ୍କ ପାଖକୁ ଗଲା । ସଙ୍ଗରେ ତାହାର ଗୋଟିଏ ଅଳ୍ପ ବୟସ୍କ ପୁତ୍ର ଥିଲା । ସ୍ତ୍ରୀ ଟଙ୍କା ମାଗିବାରୁ ରାଜା କ୍ରୁଦ୍ଧ ହୋଇ ସେହି ସ୍ତ୍ରୀକୁ ରାଜ୍ୟରୁ ବାହାର କରିଦେଲେ । ପରେ ସେହି ସ୍ତ୍ରୀ କେତେକ ମହାଜନଙ୍କ ସାହାଯ୍ୟରେ ରାଜାଙ୍କ ବିରୁଦ୍ଧରେ ମକଦ୍ଦମା ଚଳାଇ ରାଜାଙ୍କ ରାଜ୍ୟକୁ ନିଲାମ କରାଇଥିଲା ।

ସେ ଯାହାହେଉ ବଳଭଦ୍ର ମଙ୍ଗରାଜଙ୍କ ଜୀବଦ୍ଦଶାରେ ତାଙ୍କର ରାଜଧାନୀ ନିଲାମ ହୋଇଥିଲା ଓ ତାଙ୍କ ପରବର୍ତ୍ତୀ ରାଜାମାନେ କେବଳ ନାମକୁ ମାତ୍ର 'ରାଜା' ବୋଲାଉଥିଲେ ।

**ଅନ୍ତିମ ଦଶା**— ପ୍ରଜାପୀଡ଼ନ, ଅତ୍ୟାଚାର ଓ ବିଳାସିତା ଯୋଗୁଁ ବାସୁଦେବ ମଙ୍ଗରାଜ ଓ ତାଙ୍କ ପୁତ୍ର ବଳଭଦ୍ର ମଙ୍ଗରାଜ ନିଜର ରାଜ୍ୟ ହରାଇଥିଲେ ଓ ସଂଗେ ସଂଗେ ନିଜ ବଂଶଧର-ମାନଙ୍କୁ ଦାରିଦ୍ର ଭିକାରୀ କରାଇଥିଲେ । କେବଳ ସେତିକି ନୁହେଁ, ତାଙ୍କ ବଂଶଧରମାନଙ୍କ ଦୁର୍ଭାଗ୍ୟକୁ ନୈସର୍ଗିକ ଘଟଣାଗୁଡ଼ିକ ମଧ୍ୟ ତାଙ୍କର

ପ୍ରତିକୂଳ ହୋଇ ଉଠିଥିଲା । ବଳଭଦ୍ର ମଂଗରାଜଙ୍କ ପୁତ୍ର ଦାମୋଦର ମଂଗରାଜଙ୍କ ସମୟରେ ଓଡ଼ିଶାର ଲୋକକ୍ଷୟକାରୀ ଦୁର୍ଭିକ୍ଷ ନଅଙ୍କ ୧୮୬୬ ଖ୍ରୀଷ୍ଟାବ୍ଦରେ ଘଟିଥିଲା । ଏକେତ ରାଜ୍ୟନାଶ ଓ ରାଜାଙ୍କ ଦୁର୍ଗତି, ତହିଁରେ ଦୁର୍ଭିକ୍ଷ ଦାଉରେ ପଡ଼ି ଅସଂଖ୍ୟ ପ୍ରଜା ଇହଲୀଳା ସାଂଗ କରିଥିଲେ । ଯେଉଁମାନେ ବଞ୍ଚିଥିଲେ, ସେମାନଙ୍କ ଅବସ୍ଥା 'ନିଜ ରକ୍ଷଣ ଅସମ୍ଭବ' ଥିଲା । ଏପରି ଅବସ୍ଥାରେ ଆଉ କୌଣସିମତେ ରାଜା ଯେ ନିଜର ରାଜ୍ୟଲାଭ କରିବେ, ତାହାର ସମ୍ଭାବନା ନ ଥିଲା ।

ନଅଙ୍କ ପରେ ବାରମ୍ବାର ବନ୍ୟା ଯୋଗୁଁ ଦେବୀ ନଦୀର ଶାଖା ପ୍ରଶାଖାଗୁଡ଼ିକ ବିଶେଷରୂପେ ବୃଦ୍ଧି ପାଇଥିଲା । ସେପରି ବୃଦ୍ଧି ପାଇବା ଯୋଗୁଁ ଅନେକ ଗ୍ରାମ ଓ ପ୍ରଦେଶ ସେହି ନଦୀ ଗର୍ଭରେ ଲୀନ ହୋଇଗଲା । ପୂର୍ବ ରାଜାଙ୍କର ଗଡ଼ ଯେଉ ସ୍ଥାନରେ ଥିଲା, ସେହି 'ସୁନାଗଡ଼' ଗ୍ରାମ ମଧ୍ୟ ସେହି ନଦୀ ସ୍ରୋତରେ ନଷ୍ଟ ହୋଇଅଛି । ବର୍ତ୍ତମାନ ସେହି ଗ୍ରାମର କୌଣସି ଅଂଶ ଦେଖିବାକୁ ପାଉନାହୁଁ ।

ଦାମୋଦର ମଙ୍ଗରାଜଙ୍କ ପୁତ୍ର ଭଗବାନ ମଙ୍ଗରାଜ । ସେ ଗତ ୧୯୦୦ ଖ୍ରୀଷ୍ଟାବ୍ଦ ଯାଏ ଜୀବିତ ଥିଲେ । ବର୍ତ୍ତମାନ ତାଙ୍କର ପୁତ୍ର ନରସିଂହ ମଙ୍ଗରାଜ ଏଠାରେ ଅଛନ୍ତି । ତାଙ୍କର ଅବସ୍ଥା ଏତେ ଶୋଚନୀୟ ଯେ, ତାଙ୍କୁ ଦେଖି କେହି କହିପାରିବ ନାହିଁ ଯେ, ଦିନେ ଏହି ବଂଶର ପୂର୍ବପୁରୁଷମାନେ ଏହି ଅଞ୍ଚଳରେ ଏକଚ୍ଛତ୍ରାଧିପତି ଥିଲେ ।

**ଅସ୍ତରଙ୍ଗ**— କାକଟପୁର ଥାନାର ଗୋଟିଏ ପ୍ରଗନ୍ନାକୁ 'ଅସ୍ତରଙ୍ଗ' କୁହାଯାଏ । ଏହି ପ୍ରଗନ୍ନାର କ୍ଷେତ୍ରଫଳ ପ୍ରାୟ ୩୦ ବର୍ଗମାଇଲ ଅଟେ । ଏହାର ପୂର୍ବରେ ବଂଗୋପସାଗର, ପଶ୍ଚିମରେ ଏହି ଥାନାର କୋଧାର ପ୍ରଗନ୍ନା, ଉତ୍ତରରେ ମରିଚପୁର ଏବଂ ଦକ୍ଷିଣରେ କୁର୍ଲେ ପ୍ରଗନ୍ନା ଅଛି । ଓଡ଼ିଶାର ସ୍ୱାଧୀନ ରାଜାମାନଙ୍କ ସମୟରେ ଏହି ପ୍ରଗନ୍ନା ମରିଚପୁର ରାଜାମାନଙ୍କ ଅଧିକାରଭୁକ୍ତ ଥିଲା । ପରେ ସେହି ରାଜାମାନଙ୍କର ଅସ୍ତିତ୍ୱ ଲୋପହେବା ସଂଗେ ସଂଗେ ଏହି ପ୍ରଗନ୍ନାସ୍ଥ କୁଆଁରପୁର ଗ୍ରାମର କାନନଗୋ ବଂଶ ଏହି ପ୍ରଗନ୍ନାର ମାଲିକ ହେଲେ କିନ୍ତୁ

କେତେ କାଳ ପରେ ଏହା ଭିଂଗାରପୁର ଚୌଧୁରୀମାନଙ୍କର ହସ୍ତଗତ ହୋଇଥିଲା ।

**ବିଶେଷତ୍ଵ**-- ଏହି ପ୍ରଗନ୍ନାରେ ଓଡ଼ିଶା ଇଂରେଜ ଅଧିକାର ହେବା ପୂର୍ବରୁ ଅତି ଉଚ୍ଚ ଧରଣର ଲୁଣ ମୋକ୍ତାନ ହେଉଥିଲା । ସେ ସମୟରେ ଏହି ଅଞ୍ଚଳଗୁଡ଼ିକ ଜଂଗଲ ଥିବାମନ୍ତ୍ର ଏଠାରେ ଯେଉଁ ଲୁଣ ପୋକ୍ତାନ ହେଉଥିଲା ତାହା ଭାରତର ଅତି ଉତ୍‌କୃଷ୍ଟ ଲୁଣଥିବାର ଓଡ଼ିଶା କମିଶନର ଷ୍ଟାର୍ଲିଂ ସାହେବ ୧୮୨୨ ଖ୍ରୀଷ୍ଟାବ୍ଦରେ ଲେଖିଥିଲେ—

"In this wild inhospitable tract, however, the finest salt of all India is manufactured which under the monopoly system yield annually with Govt. a net revenue of a little short of eighteen lakks of rupees. "

(Stirling's "Account of orissa")

ଇଂରେଜ ରାଜତ୍ଵର ପ୍ରଥମ ଅବସ୍ଥାରେ ଦେବୀ ଓ ପ୍ରାଚୀନଘାର ମୁହାଣ ଦୁଇପାର୍ଶ୍ଵରେ ପ୍ରାୟ ୨୦ମାଇଲ ପ୍ରଦେଶରେ ଲୁଣ ପୋକ୍ତାନ ହେଉଥିଲା । ଏହି ଲୁଣ ଆଣିବାପାଇଁ ଏହି ଅଞ୍ଚଳରେ ଅସଂଖ୍ୟ ନାଳ ଖୋଳାହେଉଥିଲା । ଏବଂ ଏହି ଅଞ୍ଚଳର ଲୁଣ ସଂଗ୍ରହ କରିବାପାଇଁ ଏଠାରେ ଦୁଇଟି ଗୋଦାମ ବା 'ଆରଂଗ' ଥିଲା ।

The strong Aurungs (two in number) are situated in a tract of low jungle country upon the sea coast most intersected with creeks and rivers and extending for aobut ten miles north and south of the Devee river."

(See 80. of the Salt. Report of 1856. app. c, No. 3
By. Geo. plowden Commissioner)

ପୂର୍ବେ ଯେଉଁ ସବୁ ଅଞ୍ଚଳରେ ଲୂଣ ପୋକ୍ତାନ ହେଉଥିଲା ଆଜିକାଲି ସେସବୁ ସ୍ଥାନର ନାଳଗୁଡ଼ିକ ଅତି ବଡ଼ ଓ ବିକୃତ ହୋଇଯାଇଛି ଏବଂ ସେସବୁ ନାଳଦେଇ ଜୁଆର ପାଣି ପ୍ରବଳ ବେଗରେ ଆସିବାରୁ କଳକ ଜମିଗୁଡ଼ିକରେ ପଙ୍କ ମାଟି ଓ ପାଣି ଜମିରହି ଅସଂଖ୍ୟ ହେନ୍ତାଳ ଓ ଅନ୍ୟ କଣ୍ଟକ ବୃକ୍ଷଗୁଡ଼ିକୁ ଖାଦ୍ୟ ଯୋଗାଉଛି । ଅସ୍ତରଙ୍ଗ ପ୍ରଗନ୍ନାର 'ଟିମର' ନାମକ ସ୍ଥାନ ପୂର୍ବେ ଲୁଣ ଗୋଦାମ ପାଇଁ ଉପଯୁକ୍ତ ସ୍ଥାନ ଥିଲା ଏବଂ ଗତ ଗାନ୍ଧୀ-ଇରଉଇନ୍ ସନ୍ଧି ପରେ ଏ ସବୁ ଅଞ୍ଚଳରେ ପୁଣି କିଛି ଲୁଣ ପୋକ୍ତାନ ହୋଉଥିଲା । ଅସ୍ତରଙ୍ଗ ପ୍ରଗନ୍ନାର 'କୁହୁଡ଼ି' ନାମକ ସ୍ଥାନରେ ଗତ 'ଲବଣ ସତ୍ୟାଗ୍ରହ' ସମୟରେ କଂଗ୍ରେସ-ବାଦୀମାନେ ଲୁଣ ମାରିଥିଲେ ଏବଂ ଏହା ଏକ ପ୍ରଧାନ ରାଜନୈତିକ କେନ୍ଦ୍ର ହୋଇଥିଲା ।

ଅସ୍ତରଙ୍ଗ ପ୍ରଗନ୍ନାର ଅସ୍ତରଙ୍ଗ ଗ୍ରାମରେ ଗୋଟିଏ ପ୍ରାଚୀ ଶିକ୍ଷାମନ୍ଦିର ଏବଂ ବୋଇତ ବନ୍ଦର ଥିବା କଥା ପୂର୍ବେ କୁହାଯାଇଛି ।

## ମୁକ୍ଦମ୍ ଯାହାନପୀ—

ପୁରୁଣାକାଳ୍ପା କାକଟପୁର ଥାନାର ପ୍ରାୟ ୮।୯ ମାଇଲ ଦକ୍ଷିଣରେ ସମୁଦ୍ର କୂଳରେ ଗୋଟିଏ ପ୍ରକାଣ୍ଡ ବାଲିସ୍ତୂପ ଅଛି । ସେହି ସ୍ତୂପ ଉପରେ 'ମୁକ୍ଦମ୍ ଯାହାନପୀ'ଙ୍କର ଗୋଟିଏ ପୀଠ ଅଛି । ସେହି ପୀଠଠାରୁ ପ୍ରାୟ ଏକଶତ ହାତ ଦକ୍ଷିଣରେ ବଙ୍ଗୋପସାଗର । ଶୁଣାଯାଏ, ପ୍ରାୟ ୨୫।୩୦ ବର୍ଷ ପୂର୍ବେ ଯାହାନପୀଙ୍କର ଏହି ପୀଠ ସମୁଦ୍ର ମଧ୍ୟରେ ଥିଲା । ମାତ୍ର ଦିନକର ଗୋଟିଏ ଦୁର୍ଘଟଣା ✻ ଯୋଗୁଁ ସମୁଦ୍ର ମଧ୍ୟସ୍ଥ ପୀଠଟି

---

✻ ଯାହାନପୀଙ୍କର ଏହି ପୀଠ ସମ୍ବନ୍ଧରେ ଗୋଟିଏ ବିଚିତ୍ର କିମ୍ବଦନ୍ତୀ ଏଠାର ସ୍ଥାନୀୟ ଲୋକମାନଙ୍କଠାରୁ ଶୁଣାଯାଏ । ଅତି ପ୍ରାଚୀନକାଳରେ ଯାହାନପୀଙ୍କର ପୀଠସ୍ଥାନ ସମୁଦ୍ର ମଧ୍ୟରେ ଥିଲା । ତାହା କେବଳ ପୀଠର ମହାନ୍ତ ବା 'ସାଇଁ'ଙ୍କ ବ୍ୟତୀତ ଅନ୍ୟ କାହାରିକି ଦେଖାଯାଉ ନ ଥିଲା । ସାଇଁ ପ୍ରତିଦିନ ସେହି ପୀଠ ସ୍ଥାନକୁ ଯାଇ ସେଠାରେ ଯାହାନପୀଙ୍କ ନାମରେ ଉପାସନା କରୁଥିଲେ ଓ ସନ୍ଧ୍ୟାବତୀ ଦେଉଥିଲେ । ସାଇଁ ପୀଠ ନିକଟକୁ ଗଲାବେଳେ ସମୁଦ୍ରର ପାଣି ଦୁଇଭାଗ ହେଉଥିଲା । ସେହି ମଧ୍ୟସ୍ଥ ସ୍ଥାନରେ ଗୋଟିଏ ପରିଷ୍କୃତ ରାସ୍ତା ଦେଖାଯାଉଥିଲା । ସେହି ରାସ୍ତାଦେଇ ସାଇଁ ଅବାଧରେ ପୀଠ ନିକଟକୁ ଯାଇ ପାରୁଥିଲେ ।

ହଠାତ୍ ସମୁଦ୍ର ଗର୍ଭରେ ଲୀନହେବାରୁ ସ୍ଥାନୀୟ ପ୍ରଜାମାନେ ସମୁଦ୍ର କୂଳରେ ଗୋଟିଏ ବାଲିସ୍ତୂପ କରି ତହିଁରେ ଗୋଟିଏ ପୀଠ ଗଢ଼ି ସେଠାରେ ଯାହାନଯ୍ୱାଙ୍କ ନାମରେ ସେବାପୂଜା କରନ୍ତି । ବର୍ତ୍ତମାନର ପୀଠଟି ମଧ୍ୟ ସମୁଦ୍ର ପବନ ଓ ଢେଉ ଯୋଗୁ କ୍ରମେ କ୍ରମେ କ୍ଷୟ ହେଉଅଛି । ଏପରିକି ଆଉ ୮୧୦ ବର୍ଷ ମଧ୍ୟରେ ଏହାମଧ୍ୟ ଲୋପ ପାଇବା ଅସମ୍ଭବ ନୁହେ ।

## ମୁକ୍‌ଦମ୍ ଯାହାନଯ୍ୱା କିଏ ?

ମୁକଦମ୍ ଯାହାନଯ୍ୱା ପାରସ୍ୟ ଦେଶର ଜଣେ ମୁସଲମାନ । ସେ ତାଙ୍କ ପୂର୍ବ ପୁଣ୍ୟବଳରୁ ଓ ସ୍ୱକୃତ ମହତ୍ କାର୍ଯ୍ୟଗୁଡ଼ିକ ଯୋଗୁଁ ଜଣେ 'ମହାପୁରୁଷ' ବା 'ମୁକ୍‌ଦମ୍' ଆଖ୍ୟା ପାଇଥିଲେ । ତାହାଙ୍କର ପ୍ରକୃତ ନାମ ଥିଲା 'ଯାହାନଯ୍ୱା', ତାଙ୍କ ପରବର୍ତ୍ତୀ ଲୋକମାନେ ତାଙ୍କ ମହତ୍ କାର୍ଯ୍ୟଗୁଡ଼ିକୁ ଦେଖି ତାଙ୍କୁ 'ମୁକ୍‌ଦମ୍ ଯାହାନଯ୍ୱା' ବୋଲି ଡାକିଥିଲେ । ପୁଣି ତାଙ୍କ ନାମରେ ସ୍ଥାନେ ସ୍ଥାନେ ଉପାସ୍ୟ ମନ୍ଦିର ତିଆରି କରି ସେଠାରେ ଯାହାନଯ୍ୱାଙ୍କ ଉପାସନା ଓ ଭୋଗରାଗ କରିଥିଲେ । ପୃଥିବୀର ସବୁ ସ୍ଥାନରେ ଓ ସବୁ ଯୁଗରେ ଲୋକମାନେ 'ବୀରପୂଜା' କରୁଥିଲେ । ଖ୍ରୀଷ୍ଟ, ମହମ୍ମଦ, ବୁଦ୍ଧ, ଚୈତନ୍ୟ ପ୍ରଭୃତି ମହାପୁରୁଷମାନେ ପ୍ରଥମେ ସାଧାରଣ ମନୁଷ୍ୟରୂପେ ଜନ୍ମଗ୍ରହଣ କରିଥିଲେ, ମାତ୍ର ପରେ ସେମାନେ ଐଶୀଶକ୍ତିସମ୍ପନ୍ନ ଥିବାରୁ ଅନେକଗୁଡ଼ିଏ ଅଦ୍‌ଭୁତ କାର୍ଯ୍ୟକରି ଲୋକମାନଙ୍କ ପୂଜ୍ୟ ହୋଇଅଛନ୍ତି । ଯାହାନଯ୍ୱା ମଧ୍ୟ ଜଣେ ସାଧାରଣ

---

କିନ୍ତୁ ସେ ଯେଉଁ ଯାଉଁ ତାଙ୍କ ପଛେ ପଛେ ସେହି ଗମ୍ଭୀରାଟି ପୁଣି ସମୁଦ୍ର ପାଣି ଦ୍ୱାରା ବନ୍ଦ ହୋଇଯାଉଥିଲା । ଦିନେ ସେହି ରାଜାଙ୍କର ପୁଅ ପୀଠ ନିକଟକୁ ଯିବାକୁ ଜିଦ୍ ଧରିଲା । ପୁତ୍ରକୁ ସନ୍ତୁଷ୍ଟ କରିବାକୁ ରାଜା ରାଜିହେଲେ, ମାତ୍ର ସେଠାକୁ ଯାଇ ଫେରିବା ସମୟରେ କୌଣସି ମତେ ପଛକୁ ଚାହିଁବୁ ନାହିଁ ବୋଲି ପୁଅକୁ ନିଷେଧ କରିଥିଲେ । କିନ୍ତୁ ତାଙ୍କ ପୁଅ ସେଠାକୁ ଯାଇ ଫେରିବା ସମୟରେ ହଠାତ୍ ପଛକୁ ଫେରି ଚାହିଁବାରୁ ସମୁଦ୍ର ପାଣି ସେମାନଙ୍କୁ ଗ୍ରାସିଦେଲା । ସେହିଦିନୁଁ ସ୍ଥାନୀୟ ଲୋକମାନେ ସମୁଦ୍ର କୂଳରେ ଗୋଟିଏ ପୀଠ ଗଢ଼ିଛନ୍ତି । ପ୍ରକୃତପୀଠର କୌଣସି ସନ୍ଧାନ କେହି ପାଇ ନାହାନ୍ତି ।

ପରିବାରରେ ଜନ୍ମଗ୍ରହଣ କରିଥିଲେ ଏବଂ ତାହାଙ୍କ ଐଶୀଶକ୍ତି ଯୋଗୁ ସେ ଅନେକଗୁଡ଼ିଏ ମହତ୍ କାର୍ଯ୍ୟ କରିଥିବାରୁ ଆଜି ଲୋକମାନେ ତାଙ୍କୁ ଉପାସ୍ୟ ଦେବତା ରୂପେ ସ୍ଥାନେ ସ୍ଥାନେ ପୂଜା କରୁଛନ୍ତି ।

ଯାହାନପୀରଙ୍କର ପ୍ରକୃତ ଜନ୍ମସ୍ଥାନ କେଉଁଠି, ତାଙ୍କର ପିତାମାତା କିଏ ଓ ସେ କେଉଁ ସମୟରେ ଜୀବିତ ଥିଲେ, ତାହା ଜାଣିବାର କୌଣସି ସୁବିଧା ନାହିଁ କିମ୍ବା ସେ ଅଞ୍ଚଳରେ ସେପରି କୌଣସି ଲୋକ ନାହାନ୍ତି, ଯାହାଙ୍କଠାରୁ କି ଯାହାନପୀରଙ୍କର ପ୍ରକୃତ ଇତିବୃତ୍ତ ସଂଗ୍ରହ କରାଯାଇ ପାରିବ । 'ମୁନି ଗୋଟିକେ ମତ ଗୋଟିଏ' ଅନୁସାରେ ଅନେକ ଲୋକ ଅନେକ ପ୍ରକାର କିମ୍ବଦନ୍ତୀ କହିଥିଲେ, କିନ୍ତୁ ସେ ସବୁ କାଳ୍ପନିକ ବା ଅତିରଞ୍ଜିତ ବୋଧହେବାରୁ ତାହା ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରି ଅନ୍ୟ ଏକସ୍ଥାନରୁ କେତେକ ବିଶ୍ୱାସଯୋଗ୍ୟ କଥା ସଂଗ୍ରହ କରିଥିଲି । ତାହା ନିମ୍ନରେ ପ୍ରଦତ୍ତ ହେଲା—

ମୁକ୍‌ଦମ୍ ଯାହାନପୀର ଜଣେ 'ବିଶ୍ୱ ପରିବ୍ରାଜକ' ଥିଲେ । ଇତିହାସ ପ୍ରସିଦ୍ଧ ଚୀନ ପରିବ୍ରାଜକ ହୁଏନ୍‌ସାଂ ଓ ମୋଗଲ ବାଦସା ଆକବରଙ୍କ ପ୍ରଧାନ ପରିବ୍ରାଜକ ଅବୁଲ୍ ଫାଜଲଙ୍କ ପରି ଯାହାନପୀର ପୃଥିବୀର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ସେହି ସେହି ସ୍ଥାନର ବିଶେଷତ୍ୱ ଓ ବିଶେଷ ଘଟଣା ସମ୍ବନ୍ଧରେ ଅନେକ ବିଷୟ ବର୍ଣ୍ଣନା କରିଅଛନ୍ତି । କେବଳ ପୃଥିବୀ କଥା ନୁହେଁ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏବଂ ସମୁଦ୍ର ମଧ୍ୟସ୍ଥ ପ୍ରଦେଶଗୁଡ଼ିକ ଭ୍ରମଣ କରିଥିବାର ତାହାଙ୍କ ଲେଖାରୁ ଜଣାଯାଏ । ତାଙ୍କ ଗସ୍ତ ବିବରଣୀ ବା 'ଡ଼ାଏରୀ'ର ନାମ 'ମୁସାଫର ନାମା', ତାହାକୁ ଯାହାନପୀର ପାରସିକ ଭାଷାରେ ଲେଖିଥିଲେ । ସେ କାଳରେ ପାରସିକଭାଷା ସାଧାରଣ ଲୋକ ଜାଣିପାରୁ ନ ଥିଲେ । ସୁତରାଂ ମୁସାଫର୍ ନାମା ଅନେକ କାଳ ପର୍ଯ୍ୟନ୍ତ ଲୋକମାନଙ୍କଦ୍ୱାରା ପଢ଼ା ହୋଇପାରି ନ ଥିଲା । ସେହି ଅଭାବ ଦୂରକରିବା ନିମନ୍ତେ ଦିଲ୍ଲୀର ଗୁଲମ ଅଲ୍ଲି ନାମକ ବ୍ୟକ୍ତି ୧୯୦୪ ଖ୍ରୀଷ୍ଟାବ୍ଦରେ ତାହାକୁ ଉର୍ଦ୍ଦୁ ବା ମୁସଲମାନ ଭାଷାରେ ଅନୁବାଦ କରିଥିଲେ । ସେହି ଅନୁବାଦିତ ପୁସ୍ତକ ଲକ୍ଷ୍ନୌ ସହରରେ ପ୍ରଥମେ ଛପା ହୋଇଥିଲା । ଉର୍ଦ୍ଦୁ ଭାଷାରେ ଛପା ହୋଇଥିବା ପୁସ୍ତକର ମଲାଟରେ ପୁସ୍ତକର ନାମ ଏହିପରି ଲେଖା ଯାଇଅଛି —

"ହାଜରତ୍ ମୁକଦମ୍ ଯାହାନୀୟା ଯାହାଁ ଗସ୍ତ" ଅର୍ଥାତ୍ "ମହାପୁରୁଷ ମୁକଦମ୍ ଯାହାନୀୟା ଯେଉଁ ଯେଉଁ ସ୍ଥାନମାନ ଭ୍ରମଣ କରିଥିଲେ, ତହିଁର ବିବରଣୀ।" ଏହି ପୁସ୍ତକ ଲିଖିତ ଭାଷା ଉର୍ଦ୍ଦୁ ହେବାରୁ ତହିଁର ବିଶେଷ ବିବରଣୀ ଲେଖିବା ମୋର ସାଧ୍ୟ ନୁହେ। ଯାହାହେଉ, ତହିଁର କେତେକାଂଶ ଏଠାରେ ଉଦ୍ଧୃତ କରିବି। ଏହି ପୁସ୍ତକରୁ ଖଣ୍ଡିଏ ପୁରୀଜିଲ୍ଲା ନିମାପଡ଼ା ଥାନାର ସବ୍‌ଇନ୍‌ସ୍ପେକ୍‌ଟର ଯନାବ୍ ସେକ୍ ଗୁଲାମ ମହାମଦ୍‌ଙ୍କଠାରେ ଅଛି। କିନ୍ତୁ ଦୁଃଖର ବିଷୟ ତାଙ୍କ ଠାରେ ଥିବା ପୁସ୍ତକର ଶେଷ କେତେକ ପୃଷ୍ଠା ନଷ୍ଟହୋଇ ଯାଇଛି। ନଷ୍ଟ ହୋଇଥିବା ଅଂଶରେ ଆଉ କି କି ବିଷୟ ରହିଲା ଜାଣି ହେଉନାହିଁ। ଓଡ଼ିଶାର କୌଣସି ମୌଲବି ବା ଭଦ୍ରବ୍ୟକ୍ତିଙ୍କଠାରେ ଏହି ପୁସ୍ତକର ନକଲ (ମୁସାଫର ନାମା) ଥିଲେ ଅନୁଗ୍ରହ କରି ମୋତେ ପତ୍ରଦ୍ୱାରା ଜଣାଇଲେ ମୁଁ ମୋର ସମୁଦାୟ ପ୍ରବନ୍ଧଟି ସଂଶୋଧନ କରି ମୋର ଇତିହାସରେ ସଂଯୋଗ କରିବି।

## ସେହି ପୁସ୍ତକରେ ବର୍ଣ୍ଣିତ କେତୋଟି ପ୍ରଧାନ ବିଷୟ—

ପୁସ୍ତକର ପ୍ରଥମ ପୃଷ୍ଠାରେ ଯାହାନିୟାଙ୍କର ନାମ ବହୁ ଅଳଙ୍କାର ସହ ପ୍ରାୟ ଏକପୃଷ୍ଠା ବ୍ୟାପୀ ଲେଖା ଯାଇଛି। ତହିଁରେ ତାହାଙ୍କୁ ଜଣେ ମହାପୁରୁଷ ଦେବଦୂତ, ଐଶୀଶକ୍ତି ସଂପନ୍ନ ଓ ବିଶ୍ୱ ପରିବ୍ରାଜକ ବୋଲି ବର୍ଣ୍ଣିତ କରାଯାଇ ଅଛି। ତାପରେ ଯାହାନିୟା ନିଜେ ନିଜର ଗସ୍ତକ୍ରମ ବର୍ଣ୍ଣନା କରିଅଛନ୍ତି।

ପ୍ରଥମେ ସେ ପାରସିକ ଦେଶରୁ (Persia) ତାଙ୍କ ଯାତ୍ରା ଆରମ୍ଭ କରିଥିଲେ। ସେଠାରୁ ଯାଇ ୪ର୍ଥ ସ୍ୱର୍ଗରେ ସୂର୍ଯ୍ୟଙ୍କୁ ସାକ୍ଷାତ କରିଥିଲେ। * ସୂର୍ଯ୍ୟ ତାହାଙ୍କୁ ଆଶୀର୍ବାଦ କରି, ବିଶ୍ୱ ପର୍ଯ୍ୟଟନ କରିବା ନିମନ୍ତେ

* ଚତୁର୍ଥ ସ୍ୱର୍ଗ -- ମୁସଲମାନମାନେ ସାତୋଟି ସ୍ୱର୍ଗ ଥିବାର ବିଶ୍ୱାସ କରନ୍ତି। ତନ୍ମଧ୍ୟରୁ ଚତୁର୍ଥ ସ୍ୱର୍ଗରେ ସୂର୍ଯ୍ୟ ରହନ୍ତି। ସେହି ସୂର୍ଯ୍ୟଙ୍କୁ ଦେଖି ତାଙ୍କଠାରୁ ବର ଓ ଆଶୀର୍ବାଦ ଗ୍ରହଣ କରିବା ନିମନ୍ତେ ଯାହାନୀୟା ପ୍ରଥମେ ପାରସ୍ୟ ଦେଶଠାରୁ ସେହି ଚତୁର୍ଥ ସ୍ୱର୍ଗକୁ ଯାଇଥିଲେ। ଚନ୍ଦ୍ର ମୁସଲମାନମାନଙ୍କର ଉପାସ୍ୟ ଦେବତା, ତଥାପି ଯାହାନୀୟା ତାଙ୍କ ଯାତ୍ରାରମ୍ଭ ପୂର୍ବରୁ ପ୍ରଥମେ ସୂର୍ଯ୍ୟଙ୍କୁ କାହିଁକି ଦର୍ଶନ କରିଥିଲେ। ଜାଣି ହେଉନାହିଁ।

ଉତ୍ସାହ ଓ ଶକ୍ତି ଦେଇଥିଲେ । ସୂର୍ଯ୍ୟଙ୍କ ଦର୍ଶନ ପରେ ଯାହାନିୟାଙ୍କର ଗୋଟିଏ ନୂତନ କଳେବର ହୋଇଥିଲା । ଅର୍ଥାତ୍ ସେ ଐଶୀଶକ୍ତି ସଂପନ୍ନ ହୋଇଥିଲେ ଏବଂ ତାଙ୍କ ଦେହରୁ ଗୋଟିଏ ନୂତନ ତେଜ ବାହାରୁଥିଲା । ସୂର୍ଯ୍ୟଙ୍କଠାରୁ ବିଦାୟ ନେଇ ସେ ଆରବ ଦେଶର ମକ୍କା ସହରରେ ପ୍ରବେଶ କଲେ । ମକ୍କାରେ ମୁସଲମାନମାନଙ୍କର ପୟଗଂବର ହାଜରତ୍ ମହମ୍ମଦଙ୍କର କବର ଥିଲା । ଯାହାନିୟା ସେହି କବର ଦେଖିବାକୁ ଯାଇଥିଲେ । ସେଠାରେ ଗୋଟିଏ ବିଶେଷ ଘଟଣା ଘଟିଥିଲା । ମହମ୍ମଦଙ୍କ କବର ଚତୁର୍ଦ୍ଦିଗରେ ଗୋଟିଏ ପ୍ରକାଣ୍ଡ ପ୍ରାଚୀର ଥିଲା । ସେହି ପ୍ରାଚୀରର ଏକ ଦିଗରେ ଦ୍ୱାର । ଦ୍ୱାରଟି ଶକ୍ତ ତାଲା ଦ୍ୱାରା ବନ୍ଦଥିଲା । ଜଣେ ଦ୍ୱାରରକ୍ଷକ ସେଠାରେ ଥିଲା । ସେହି କବରର ଦ୍ୱାର ବର୍ଷକରେ କେତେକ ନିର୍ଦ୍ଦିଷ୍ଟ ଦିନ ଖୋଲା ଯାଉଥିଲା । ସେହି ଦିନରେ ଗ୍ରାମବାସୀ କବର ନିକଟକୁ ଯାଇ ତାହାକୁ ଦର୍ଶନ କରୁଥିଲେ । ଯାହାନିୟା ଦିନେ ଅସମୟରେ ଯାଇ ଦ୍ୱାରପାଳକୁ ଦ୍ୱାର ଖୋଲିବାକୁ କହିଲେ । କିନ୍ତୁ ଦ୍ୱାରପାଳ ମନାକଲା । ନିର୍ଦ୍ଦିଷ୍ଟ ଦିନ ବ୍ୟତୀତ ଅନ୍ୟଦିନରେ ମହମ୍ମଦଙ୍କ କୌଣସି ଆତ୍ମୀୟ ଆସିଲେ କେବଳ ଦ୍ୱାର ଖୋଲା ଯାଉଥିଲା । ଯାହାନିୟା ନିଜକୁ ମହମ୍ମଦଙ୍କର ନାତି ବା 'ନାଓସା' ବୋଲି ପରିଚୟ ଦେଇଥିଲେ । କିନ୍ତୁ ଦ୍ୱାରପାଳ କହିଲା, "ଆପଣ ମହମ୍ମଦଙ୍କର ନାତି ବୋଲି ମୁଁ ବିଶ୍ୱାସ କରିପାରୁ ନାହିଁ । ଆପଣଙ୍କର ବସ୍ତ୍ର ମହମ୍ମଦଙ୍କର କୌଣସି ବଂଶଧରଙ୍କ ବସ୍ତ୍ରପରି ଦେଖା ଯାଉନାହିଁ । ସୁତରାଂ ମୁଁ ଦ୍ୱାର ଖୋଲି ପାରିବି ନାହିଁ ।" ଦ୍ୱାରପାଳର ଏହି ନିଷେଧବାଣୀ ଶୁଣି ଯାହାନିୟା କିଂକର୍ତ୍ତବ୍ୟବିମୂଢ଼ ହୋଇ ଦ୍ୱାର ବାହାରୁ ମହମ୍ମଦଙ୍କୁ ପ୍ରଣାମ କରିବା ସ୍ଥିର କରିଥିଲେ । ସେଥିପାଇଁ ସେ ମାରବରେ ହାତ ଯୋଡ଼ି, ଆକାଶକୁ ଅନାଇ କହିଲେ, "ଅଜା, ମୁଁ ଆପଣଙ୍କ ନାତି ଯହାନିୟା ଆସିଛି, ମୋର ପ୍ରଣାମ ଗ୍ରହଣ କରନ୍ତୁ ।" ଏତିକି କହିବା ମାତ୍ରେ, କବର ମଧ୍ୟରୁ ଗୋଟିଏ ଶବ୍ଦ ଶୁଣାଗଲା, "ମୋର ନାତି ମୁକ୍‌ଦମ୍ ଯାହାନିୟା ଯାହାଁଗସ୍ତ, ମୁଁ ତୁମର ପ୍ରଣାମ ଗ୍ରହଣ କରି ତୁମଙ୍କୁ ମୋର ଆଶୀର୍ବାଦ ପ୍ରଦାନ କରୁଛି । ତାହା ଗ୍ରହଣ କରି ତୁମେ ମୋ ଦର୍ଶନାର୍ଥ ଭିତରକୁ ଆସ ।" ଏହି ଶବ୍ଦ ଶୁଣା ଯାଉ ଯାଉ ଫାଟକରେ ଥିବା ତାଲାଟା ଆପେ ଆପେ ଖୋଲିଗଲା ଓ ଦ୍ୱାରର କବାଟ ଦିଓଟି ଆପେ ଆପେ ମେଲା ହୋଇଗଲା । ଯାହାନିୟା ସେହି ମୁକ୍ତ ଦ୍ୱାର

ଦେଇ କବର ନିକଟକୁ ଗଲେ । ସେଠାରେ କବର ମଧ୍ୟରୁ ଗୋଟିଏ ଆଲୋକ ଆସି ଯାହାନସ୍ନାଙ୍କୁ ଘୋଡ଼ାଇ ଦେଲା । ସେହି ଆଲୋକ ପାଇବା ପରେ ଯାହାନସ୍ନାଙ୍କ ଶରୀର ଆହୁରି ଉଜ୍ଜ୍ୱଳ ଦିଶିଲା । ମହମ୍ମଦଙ୍କଠାରୁ ଆଶୀଷ ପାଇ ଯାହାନସ୍ନା ବାହାରକୁ ଗଲେ । ସେଠାରେ ଦ୍ୱାରପାଳ ଗ୍ରାମବାସୀମାନଙ୍କୁ ଏ ସମସ୍ତ ଘଟଣା ଜଣାଇଥିଲା । ତେଣୁ ଗ୍ରାମବାସୀମାନେ ସହସ୍ରସଂଖ୍ୟାରେ ଆସି ଯାହାନସ୍ନାଙ୍କୁ ଫଳମୂଳସହ ଭେଟିଥିଲେ । ସେମାନେ ଏ ବିଚିତ୍ର ଘଟଣାଗୁଡ଼ିକ ଦେଖି ଅବାକ୍ ହେଲେ ଏବଂ ଯାହାନସ୍ନାଙ୍କୁ ଜଣେ 'ମହାପୁରୁଷ' ବୋଲି ଭାବି ତାଙ୍କଠାରେ ସମସ୍ତେ କ୍ଷମା ପ୍ରାର୍ଥନା କଲେ । ତହୁଁ ଯାହାନସ୍ନା କହିଲେ, "ମୁଁ ଆପଣମାନଙ୍କର ସଂପୂର୍ଣ୍ଣ ଅପରିଚିତ ଥିବାରୁ ଆପଣମାନେ ମୋତେ କବର ମଧ୍ୟକୁ ଯିବାକୁ ନିଷେଧ କରିଥିଲେ । ସେଥିରେ ଆପଣମାନଙ୍କର କୌଣସି ଦୋଷ ଥିବାର ମୁଁ ଦେଖିପାରୁ ନାହିଁ । ମୁଁ ବର୍ତ୍ତମାନ ମୋର ଅଜା (ନାନା)ଙ୍କଠାରୁ ଆଶୀର୍ବାଦ ଓ ଉତ୍ସାହ ପାଇଅଛି । ଏଣିକି ବିଶ୍ୱପର୍ଯ୍ୟଟନ କରିବି ।" ଏହା କହି ସେ ସେଠାରୁ ଆରବର ଅନ୍ୟାନ୍ୟ ପ୍ରଦେଶ, ପାରସ୍ୟ, ଇଜିପ୍ଟ୍, ଆଫଗାନ ଓ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିଥିଲେ । ଭାରତରେ ସେ ଯେଉଁ-ସେଉଁ ସ୍ଥାନକୁ ଯାଇଥିଲେ, ସେହି ସେହି ସ୍ଥାନଗୁଡ଼ିକର ନାମ ସେ ଦେଇଛନ୍ତି, ମାତ୍ର ଆଜିକାଲି ସେହି ସ୍ଥାନଗୁଡ଼ିକ କେଉଁଠି ଅଛି, ତାହା ଠିକ୍‌କରି କହିହେବ ନାହିଁ । ଏହି ଦେଶଭ୍ରମଣ ପରେ ସେ ପାତାଳ ଲୋକ, ସ୍ୱର୍ଗପୁର ଓ ସମୁଦ୍ର ମଧ୍ୟସ୍ଥ ଅନେକ ଦେଶ, ଭ୍ରମଣକରି ସେଠାର ଅଧିବାସୀମାନଙ୍କର ବର୍ଣ୍ଣନା, ବିଶେଷ ଘଟଣା ଓ ସେଠାର ମହାପୁରୁଷମାନଙ୍କର ଚରିତ୍ର ସଂଗ୍ରହ କରି ସେ ସବୁ ବିଷୟ ନିଜର ଡାଏରୀ ବା 'ମୁସାଫିର୍ ନାମ୍'ରେ ଲେଖିଛନ୍ତି । ସେହି ଡାଏରିର ଏକ ପୃଷ୍ଠାରେ ନିମ୍ନଲିଖିତ ବିଷୟ ବର୍ଣ୍ଣିତ ଅଛି—

ଏକଦା ଯାହାନସ୍ନା ଯାଉଁ ଯାଉଁ ଗୋଟିଏ ବିଚିତ୍ର ଘଟଣା ଦେଖିଥିଲେ । ଗୋଟିଏ ସ୍ଥାନରେ ଜଣେ ବଳିଷ୍ଠ ଲୋକ ଗୋଡ଼ ଓ ହାତରେ ଶକ୍ତ ଲୌହଶୃଙ୍ଖଳ ଦ୍ୱାରା ବନ୍ଧାହୋଇ ପଡ଼ିଛି । ସେ ଦେଖିବାକୁ ଅତି ହୃଷ୍ଟପୁଷ୍ଟ । କିନ୍ତୁ ଏପରି ଅବସ୍ଥାରେ କାହିଁକି ପଡ଼ିଛି ତାହା କହିବାକୁ ନିଜେ ଅକ୍ଷମ ଥିଲା । ସେହି ଲୋକଟିକୁ ଯାହାନସ୍ନା ଦେଖି ଦେଖି ଆଉ

ଗୋଟିଏ ବଳିଷ୍ଠ ଲୋକ ଆସି ତାହାକୁ ସେହି ବନ୍ଧନରୁ ହଠାତ୍ ମୁକ୍ତ କରି ଦେଇ ଅଦୃଶ୍ୟ ହେଲା । ଯେଉଁ ଲୋକଟି ବନ୍ଧା ହୋଇଥିଲା, ସେ ମୁକ୍ତହେବା ମାତ୍ରେ ଜଣେ ବୃଦ୍ଧ ଗୋଟିଏ ଗଧ ଚଢ଼ି ସେଠାରେ ପ୍ରବେଶ କଲା । ସେ ଉନ୍ମୁକ୍ତ ଲୋକଟିକୁ ଦେଖି ଅତ୍ୟନ୍ତ ରାଗାନ୍ୱିତ ହୋଇ ତାହାକୁ ପ୍ରହାର କରିବାକୁ ଲାଗିଲା । କେତେକବାର ପ୍ରହାର କରି ପୁଣି ତାହାକୁ ସେହି ଶିକୁଳିରେ ବାନ୍ଧି ଦେଲା । ଏ ବିଚିତ୍ର ଦୃଶ୍ୟ ଦେଖି ଯାହାନିୟା ସେହି ବୃଦ୍ଧ ଲୋକଟିକୁ ତହିଁର କାରଣ ପଚାରିବାରୁ ବୃଦ୍ଧ କହିଲା, "ଏହି ଲୋକଟି କଳି ଶେଷ ସୁଦ୍ଧା ଏହିପରି ବନ୍ଧା ହୋଇଥିବ । ଯେଉଁ ଦିନ କଳି ଶେଷ ହେବ, ସେଦିନ ସେ ମୁକ୍ତ ହେବ ଓ ମୁଁ ନିଜେ କଲ୍‌କି ଅବତାରରେ ଏହି ଗଧ ଉପରେ ଚଢ଼ି ଆସିବି ।" ଇତ୍ୟାଦି ବିଷୟ କହିଥିଲା ।

**ଯାହାନିୟାଙ୍କର ସମୟ**—ଯାହାନିୟା ପ୍ରକୃତରେ କେଉଁ କାଳରେ ଜୀବିତଥିଲେ ତାହା ତାଙ୍କ ଡ଼ାଏରୀରୁ ଜାଣି ହେଉ ନାହିଁ । କିନ୍ତୁ ଗୋଟିଏ ବିଶେଷ ଘଟଣାଦ୍ୱାରା ତାଙ୍କର ସମୟ ଠିକ କରିହେବ । ସେ ନିଜକୁ ମହମ୍ମଦଙ୍କ ନାତି ବା 'ନଓସା' ବୋଲି ପରିଚୟ ଦେଇଛନ୍ତି । ପୁଅର ପୁଅ କିମ୍ବା ଝିଅର ପୁଅକୁ 'ନାତି' କହନ୍ତି । ଯାହନିୟା ମହମ୍ମଦଙ୍କର କେଉଁ ଅଂଶର ନାତି ତା' ମଧ୍ୟ ଜଣାଯାଏ ନାହିଁ । କିନ୍ତୁ ତାହାଙ୍କ ଭାରତ ଭ୍ରମଣରୁ ଜଣାଯାଏ ଯେ ସେ ଯେତେବେଳେ ଦିଲ୍ଲୀରେ ପହଞ୍ଚିଲେ ସେତେବେଳେ ଫିରୋଜସା ଦିଲ୍ଲୀର 'ବାଦସା' ଥିଲେ । ଯାହାନିୟା ତାଙ୍କଠାରୁ ବହୁତ ସମ୍ମାନ ପାଇଥିଲେ । 'ଜଲାଲ୍-ଉଦ୍-ଦୀନ ଫିରୋଜସା ୧୨୯୦ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସିଂହାସନାରୋହଣକରି 'ଖିଲଜୀ' ବଂଶ ସ୍ଥାପନ କରିଥିଲେ, ମାତ୍ର ପଯ୍ୟଗମ୍ବର୍ ମହମ୍ମଦ ୫୭୦ ଠାରୁ ୬୩୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜୀବିତ ଥିଲେ । ମହମ୍ମଦ ଓ ଫିରୋଜସାଙ୍କ ମଧ୍ୟରେ ପ୍ରାୟ ୬୫୮ ବର୍ଷ ତଫାତ୍ ରହିଲା । ସୁତରାଂ ଯାହାନିୟା ମହମ୍ମଦଙ୍କର ପ୍ରକୃତ ନାତି ହେବା ଅସମ୍ଭବ । ହୁଏତ ମହମ୍ମଦଙ୍କର କୌଣସି ଦୂର ସମ୍ପର୍କୀୟ ନାତି ହୋଇଥିବେ । ଉପର୍ଯ୍ୟୁକ୍ତ ଘଟଣାରୁ ଯାହାନିୟା ୧୩।୧୪ ଖ୍ରୀଷ୍ଟାବ୍ଦରେ ଜୀବିତ ଥିଲେ ବୋଲି କୁହା ଯାଇପାରେ । ଏ ସମ୍ବନ୍ଧରେ କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ମିଳିଲେ ଏହି ସମୟଟା ସଂଶୋଧନ କରାଯିବ ।

**କାକଟପୁରରେ ମାହାନସ୍ମାଙ୍କର ଆବିର୍ଭାବ**—ପ୍ରକୃତରେ ମାହାନସ୍ମା କାକଟପୁରକୁ କେବେ ଆସିଲେ ଓ ଏ ଅଞ୍ଚଳରେ ତାଙ୍କର ପୀଠ ସ୍ଥାପନ ଏବଂ ସେବାପୂଜା କେଉଁ ଦିନରୁ ଆରମ୍ଭ ହେଲା, ସେ ସମସ୍ତ ବିଷୟ ଜାଣିବାର କୌଣସି ସୁବିଧା ନାହିଁ। ତାଏଗାର ଯେତେକ ପୃଷ୍ଠା ଅଛି, ତହିଁରେ ସେପରି କୌଣସି ବିଷୟ ଲେଖା ଯାଇ ନାହିଁ। ଯେଉଁ ଅଂଶ ନଷ୍ଟ ହୋଇ ଯାଇଅଛି, ତହିଁରେ ବା ଥାଇପାରେ। କିନ୍ତୁ ସେହି ତାଏଗାରୁ ଏତିକି ଜଣାଯାଏ ଯେ, ମାହାନସ୍ମା ତାହାଙ୍କ ଅନ୍ତିମ କାଳରେ ଗୋଟିଏ ସମୁଦ୍ର ଉପକୂଳରେ ତାଙ୍କର କଟୋଉ (ଖଡ଼ମ) ବାଡ଼ି ଓ ଛତା ଥୁଇ ସମୁଦ୍ର ମଧ୍ୟକୁ ପ୍ରବେଶ କରିଥିଲେ। ସେଠାରୁ ସେ ଆଉ ଫେରିଥିବାର ତହିଁରେ ବର୍ଣ୍ଣନା କରାଯାଇ ନାହିଁ। ଏହି ଘଟଣାରୁ ଅନୁମିତ ହୁଏ ଯେ, ମାହାନସ୍ମା ସମଗ୍ର ପୃଥିବୀ ଭ୍ରମଣ କରି ଏହିଠାରେ ସମୁଦ୍ରରେ ଲୀନ ହୋଇଥିଲେ। ଏହି ସ୍ଥାନର ପ୍ରାଚୀନ ନାମ କ'ଣ ଥିଲା, ତାହା ସହଜରେ ଜାଣିହେଉ ନାହିଁ। ତାଏଗାରେ ଏପରି ଅସଂଖ୍ୟ ଦେଶର ନାମ ଅଛି, ଯାହାର ସ୍ଥାନ ଆଜିକାଲି ଠିକ୍ ରୂପେ ଅନୁମିତ ହୋଇ ପାରିବ ନାହିଁ। ସେ ଯାହା ହେଉ, ବର୍ତ୍ତମାନ ଏହି ସ୍ଥାନର ପୀଠ ବର୍ଣ୍ଣନା ଓ ମାହାନସ୍ମାଙ୍କର ସେବା ପୂଜା ବିଷୟ ଲେଖି ଏହି ପ୍ରବନ୍ଧଟି ଶେଷ କରିବି। ମାହାନସ୍ମାଙ୍କ ଆବିର୍ଭାବ ବିଷୟରେ କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ପାଇଲେ ସମସ୍ତ ପ୍ରବନ୍ଧଟି ପରେ ସଂଶୋଧନ କରିବି।

**ପୀଠ ବର୍ଣ୍ଣନା**—ସମୁଦ୍ର (ବଙ୍ଗୋପସାଗର) ଠାରୁ ପ୍ରାୟ ୧୦୦ ହାତ ଉତ୍ତରରେ ଗୋଟିଏ ବାଲି ସ୍ତୂପ ଅଛି। ସେହି ସ୍ତୂପର ଉଚ୍ଚତା ପ୍ରାୟ ୧୫।୨୦ ହାତରୁ କମ୍ ହେବ ଓ ତହିଁର ଉପର ପରିଧି ପ୍ରାୟ ୧୦୦ ଫୁଟ ହେବ। ପୂର୍ବେ ସ୍ତୂପଟି ଅଧିକ ଉଚ୍ଚ ଓ ବିଶାଳ ଥିଲା। କିନ୍ତୁ କାଳକ୍ରମେ ସମୁଦ୍ର ଲହରୀ ଓ ପବନଦ୍ୱାରା ବାଲିଗୁଡ଼ିକ ଉଡ଼ିଯିବାରୁ ତାହା କ୍ରମେ କ୍ରମେ କମ୍ ହେଉଅଛି। ସେହି ସ୍ତୂପର ଶିରୋଭାଗରେ ଗୋଟିଏ ଛୋଟ କୁଡ଼ିଆ ତିଆରି ହୋଇଛି। କୁଡ଼ିଆଟି ବଳଦ ଶଗଡ଼ର ଛପରପରି ଏକମୁହାଁ ଓ ତାହା ବାଉଁଶବତା ଏବଂ ତାଳପତ୍ରରେ ତିଆରି। କୁଡ଼ିଆ ଭିତରେ ୪।୫ଟି ମନୁଷ୍ୟ ଅତିକଷ୍ଟରେ ବସି ପାରିବାପାଇଁ ସ୍ଥାନ ଅଛି, କିନ୍ତୁ ତନ୍ମଧ୍ୟରେ ଗୋଟିଏ ଲୋକ ଅନାୟାସରେ ଛିଡ଼ା ହୋଇ

ପାରିବ ନାହିଁ । ସେହି କୁଡ଼ଆର ତଳ ଭାଗଟି ନିର୍ମଳ । ସେଠାରେ ୨।୩ ହଳ କଟୋଉ ରଖା ଯାଇଛି । ଶୁଣିଲି, ସେହି କୁଡ଼ଆ ମଧ୍ୟକୁ କେହି ଯାଆନ୍ତି ନାହିଁ । କେବଳ ଜଣେ ମୁସଲ୍‌ମାନ ପ୍ରତିଦିନ ଆସି ସେହି ସ୍ଥାନଟିକୁ ପରିଷ୍କାର କରେ ଓ କଟୋଉଗୁଡ଼ିକ ଯଥାସ୍ଥାନରେ ରଖି, ସନ୍ଧ୍ୟାସମୟରେ ଗୋଟିଏ ଦୀପ ଜାଳି ଦିଏ । ସେହି କୁଡ଼ଆର ଚତୁର୍ଦ୍ଦିଗରେ ଅସଂଖ୍ୟ ବାଉଁଶ ପୋତା ହୋଇଛି । ବାଉଁଶ ସଙ୍ଗେ ସଙ୍ଗେ ଅନେକ ବାଡ଼ି, ବେତ, ଛତା କାଠି ପ୍ରଭୃତି ସେଠାରେ ପୋତା ହୋଇଛି । ସ୍ଥାନୀୟ ଲୋକମାନେ କହନ୍ତି, ଯେଉଁ ଲୋକ ଏଠାକୁ ଗୋଟିଏ ହାତ ବାଡ଼ି କିମ୍ବା ବେତ ଧରି ଆସିବ ସେ ସେହି ବାଡ଼ି କିମ୍ବା ବେତ ସେଠାରେ ରଖି ଆସିବ । ସେପରି ନ ରଖି ବାଡ଼ି କିମ୍ବା ବେତ ଫେରାଇ ଆଣିଲେ ସେହି ଲୋକକୁ ଭୟାନକ ଜ୍ୱର ହେବ । ସେହି ଜ୍ୱରକୁ 'ବାଡ଼ି ଜ୍ୱର' କହନ୍ତି । ଯେତେଦିନ ପର୍ଯ୍ୟନ୍ତ ସେହି ବାଡ଼ି ସେଠାରେ ପୋତା ନ ଯାଏ, ସେତେଦିନ ପର୍ଯ୍ୟନ୍ତ 'ବାଡ଼ିଜ୍ୱର' ହେବ । ଏହିପରି ଜନଶ୍ରୁତି କେବଳ ଅଶିକ୍ଷିତମାନଙ୍କ ମଧ୍ୟରେ ନୁହେଁ, ସ୍ଥାନୀୟ ଉଚ୍ଚ ଶିକ୍ଷିତ ଲୋକମାନେ ମଧ୍ୟ ସେହିପରି କହନ୍ତି । ମାତ୍ର ଏହା କେତେଦୂର ବିଶ୍ୱାସ କରାଯାଇ ପାରେ, ତାହା କେବଳ ଭୁକ୍ତଭୋଗୀଙ୍କୁ ଜଣା । ଦିନେ ମୁଁ ମୋହର କମ୍ପାଉଣ୍ଡର ଓ ଆଉ କେତେକ ବନ୍ଧୁଙ୍କ ସହ ସେଠାକୁ ଯାଇଥିଲି । ସେଠାରୁ ଫେରିବା ସମୟରେ କେହି କାହାର ବାଡ଼ି ବା ବେତ ସେଠାରେ ଛାଡ଼ି ନଥିଲେ । ତଥାପି କୌଣସି ଲୋକ ସେହି 'ବାଡ଼ିଜ୍ୱରରେ' ପୀଡ଼ିତ ଥିବାର ମୁଁ ଜାଣି ନାହିଁ । ଲୋକମାନଙ୍କ ମଧ୍ୟରେ ଏପରି ଧାରଣା କାହିଁକି ଜନ୍ମିଛି କେତେ ଅନୁସନ୍ଧାନ କରି ସୁଦ୍ଧା ଠିକ ସମ୍ବାଦ ପାଇ ନାହିଁ । ସେହି କୁଡ଼ଆର ଚତୁର୍ଦ୍ଦିଗରେ ପୋତା ହୋଇଥିବା କେତୋଟି ବଡ଼ ବଡ଼ ବାଉଁଶରେ ପଠାଣମାନଙ୍କର ଜାତୀୟ ପତାକା (ଚନ୍ଦ୍ର ଅଙ୍କିତ ଧଳା କିମ୍ବା ଲାଲ ପତାକା) ବନ୍ଧା ହୋଇଅଛି । କୁଡ଼ଆର ଅତି ନିକଟରେ ଗୋଟିଏ ଶ୍ରେଷ୍ଠ ଘର ଓ ଗୋଟିଏ କୂପ ଅଛି । ଜଣେ ମୁସଲମାନ ସେହି ଗୃହରେ ପ୍ରତିଦିନ ସନ୍ଧ୍ୟା ସମୟରେ 'ଫାତିଆ' *

* ଫାତିଆ-ଫାତିଆ ଏକପ୍ରକାର ଖିରି । ତାହା ଦୁଧ, ଗୁଅଳ, ଚିନି, ନଡ଼ିଆ, କଦଳୀ ପ୍ରଭୃତି ମିଶି ତିଆରି ହୁଏ । ଗୋଟିଏ ନୂତନ ହାଣ୍ଡିରେ ସେ ସବୁ ଏକାଠି କରି

ରାନ୍ଧି, ଉପର୍ଯ୍ୟୁକ୍ତ କୁଡ଼ିଆରେ ବଣ୍ଟି ଦେବା ପରେ ସେହି ଫାତିଆ ସେହି କୁଡ଼ିଆ ମଧ୍ୟକୁ ନେଇ ସେଠାରେ ଭୋଗ କରେ । ଭୋଗ କରିବା ପୂର୍ବରୁ ସେ 'ନମାଜ' କରେ ଓ ପରେ ମୁକଦମ୍ ଯାହାନସ୍ୟାଙ୍କ ନାମରେ ସେହି ଫାଟିଆ ଭୋଗ କରେ । ଭୋଗପରେ ସେ ସେହି ଭୋଗ ଖାଇ ନିକଟରେ ଥିବା ତାର ଗ୍ରାମକୁ ଯାଏ ।

**ପୂଜା ଓ ଭୋଗ**—ଯାହାନସ୍ୟାଙ୍କର ଦୈନିକ ଭୋଗ; ସନ୍ଧ୍ୟାବତୀ ଓ ଅତିଥି ସତ୍କାର ନିମନ୍ତେ ପ୍ରାୟ ଦୁଇଶତ ଏକର ନିଷ୍କର ଜମି ଅଛି । ଏହି ଜମିର ଅଧିକାଂଶ ମରିଚପୁରର ପୂର୍ବ ଜମିଦାରମାନେ ଦାନ କରିଥିଲେ । ପୂର୍ବ ଜମିଦାରମାନେ ଜାତିରେ ହିନ୍ଦୁ ହେଲେ ସୁଦ୍ଧା ସେ ସମୟରେ ସେମାନଙ୍କର ଯାହାନସ୍ୟାଙ୍କ ପ୍ରତି ପ୍ରଗାଢ଼ ଭକ୍ତି ଥିବାରୁ ତାଙ୍କ ଭୋଗ ଓ ସେବା ପୂଜା ନିମନ୍ତେ ଅନେକ ଜମି ନିଷ୍କର ସ୍ୱରୂପ ଦାନ କରିଥିଲେ । ବର୍ତ୍ତମାନ ସେହି ଜମିର ସମ୍ପୂର୍ଣ୍ଣ ମାଲିକ ସ୍ଥାନୀୟ ଆକ୍‌ବର ଆଲ୍ଲିସା ନାମକ ଜଣେ ମୁସଲ୍‌ମାନ୍ । ସେହି ମୁସଲ୍‌ମାନକୁ ସ୍ଥାନୀୟ ଲୋକମାନେ 'ସାଙ୍ଗା' ବୋଲି ଜାଣନ୍ତି ।

'ସାଙ୍ଗା'ର ପ୍ରକୃତ ଅର୍ଥ ହେଉଛି 'ମହନ୍ତ' । ଓଡ଼ିଶାର ମନ୍ଦିର-ଗୁଡ଼ିକରେ ଯେପରି ଗୋଟିଏ ଗୋଟିଏ ମହନ୍ତ ରହି ମଠର ସମସ୍ତ ଆୟ ବ୍ୟୟ ହିସାବ ଓ ଭୋଗରାଗ ପ୍ରଭୃତି ଦେଖନ୍ତି, ସେହିପରି ଏହି ପୀଠର ସମସ୍ତ ଭାର ବୁଝିବା ନିମନ୍ତେ ଜଣେ ସାଙ୍ଗା ଅଛନ୍ତି । କିନ୍ତୁ ଏଠାର ସାଙ୍ଗା ଓଡ଼ିଆ ମହନ୍ତଙ୍କପରି ସନ୍ନ୍ୟାସୀ ନୁହନ୍ତି । ଏ ଜଣେ ଗୃହୀ । ଯାହାନସ୍ୟାଙ୍କ ଜମି ବାଡ଼ି ଓ ଭୋଗରାଗ ପ୍ରଭୃତିର ହିସାବ ବୁଝିବା ସଙ୍ଗେ ସଙ୍ଗେ ଏ ନିଜର ଘରଦ୍ୱାର, ବ୍ୟବସାୟ ବାଡ଼ି ପ୍ରଭୃତି ବୁଝନ୍ତି ।

**ପୀଠର ବିଶେଷତ୍ୱ**—କାକଟପୁରର ଏହି ପୀଠ ଓ ଏହି ଥାନାର ଆଉ ଚାରି ପାଞ୍ଚଟି ଶ୍ରେଷ୍ଠ ଶ୍ରେଷ୍ଠ ପୀଠ ବ୍ୟତୀତ ସମୁଦାୟ

---

ରନ୍ଧାଯାଏ । ରନ୍ଧା ଭୋଗ କରିବା ପରେ ଯେଉଁ ମୁସଲ୍‌ମାନ ସେଠାରେ ସନ୍ଧ୍ୟାବତୀ ଦିଏ ସେ ତାହା ଖାଏ କିମ୍ବା କୌଣସି ଅତିଥି, ଭକ୍ତ ବା ଫକୀର ସେଠାରେ ଥିଲେ ତାଙ୍କୁ ଦିଏ । ପ୍ରତିଦିନ ପାତିଆ ଗୋଟିଏ ଗୋଟିଏ ନୂତନ ମାଟି ହାଣ୍ଡିରେ ରନ୍ଧାହୁଏ ।

ଭାରତରେ ଅନ୍ୟ କୌଣସିଠାରେ ମୁକଦମ ଯାହାନୟାଙ୍କର ପୀଠ ଥିବାର ଜଣା ଯାଏ ନାହିଁ । ଗୋଟିଏ ନିତାନ୍ତ ଅଗମ୍ୟ ଓ ଅଜ୍ଞାତ ସ୍ଥାନରେ ଥିଲେ ସୁଦ୍ଧା ଏହି ପୀଠଟି ମୁସଲମାନ୍ ଜଗତରେ ବହୁକାଳରୁ ସୁପ୍ରସିଦ୍ଧ ହୋଇଥିବାର ଜଣାଯାଏ । ଏହି ପୀଠ ଦର୍ଶନ କରିବାକୁ ଭାରତର ବିଭିନ୍ନାଞ୍ଚଳରୁ ପ୍ରତିବର୍ଷ ଅନେକ ମୁସଲ୍‌ମାନ୍ ଆସନ୍ତି; ଏପରିକି ସୁଦୂର ମକ୍‌କା ଓ ମଦୀନା ( ଆରବ ଦେଶର ) ଅଞ୍ଚଳରୁ ଅନେକ ଲୋକ ଏକାଧିକ ଥର ଆସିଥିବାର ସ୍ଥାନୀୟ ଲୋକମାନଙ୍କଠାରୁ ଜଣାଯାଏ । ଉପର ଘଟଣାରୁ ଜଣାଯାଏ ଯେ, ଏହି ସ୍ଥାନଟି ମୁସଲ୍‌ମାନ୍‌ମାନଙ୍କର ଗୋଟିଏ ପ୍ରଧାନ ତୀର୍ଥସ୍ଥାନ (Pilgrimage) ରୂପେ ବ୍ୟବହୃତ ହେଉ ଅଛି । ଏହି ପୀଠ ଦର୍ଶନାର୍ଥ ଯେଉଁ ଭଦ୍ରବ୍ୟକ୍ତିମାନେ ଏଠାକୁ ସମୟ ସମୟରେ ଆସନ୍ତି, ସେମାନଙ୍କର ଖାଦ୍ୟ, ପେୟ ଓ ବାଟଖର୍ଚ୍ଚ ସକାଶେ ଯାହାନୟାଙ୍କର ବାର୍ଷିକ ଆଦାୟରୁ କେତେକ ଅଂଶ ନିର୍ଦ୍ଦିଷ୍ଟ କରି ଯାଇଥିଲା । କିନ୍ତୁ ବର୍ତ୍ତମାନର ସାଜା ସେପରି ଆଗନ୍ତୁକମାନଙ୍କର କୌଣସି ସୁବିଧା କରୁ ନ ଥିବାର ଶୁଣିଲୁ । ସେହି ଜମିଗୁଡ଼ିକ ନିଷ୍କର ବାହେଲି ହେବା-ଯୋଗୁଁ ସାଜା ନିଜ ଇଚ୍ଛାନୁସାରେ ସମସ୍ତ କାର୍ଯ୍ୟ କରୁଥିବାର ସ୍ଥାନୀୟ ଲୋକମାନେ କହନ୍ତି । ଗୋଟିଏ ପ୍ରଧାନ ତୀର୍ଥସ୍ଥାନର ଅତିଥି ଅଭ୍ୟାଗତ ସକାଶେ ଏତେଗୁଡ଼ିଏ ଜମି ଥିବା ସତ୍ତ୍ୱେ ସେମାନଙ୍କର କୌଣସି ସୁବିଧା ହେଉ ନ ଥିବାରୁ ଆଜିକାଲି ଯାତ୍ରୀଙ୍କ ସଂଖ୍ୟା କମ୍ ହେଉଥିବାର ଜଣାଯାଏ । ଏ ଦିଗରେ ମୁସଲମାନ ସମ୍ପ୍ରଦାୟର ଶୁଭଦୃଷ୍ଟି ପଡ଼ିଲେ ଏହି ପୀଠ ଯେ ପୁଣି ଶତାଧିକ ବିଦେଶୀଯାତ୍ରୀଙ୍କୁ ପ୍ରତିବର୍ଷ ଟାଣିଆଣିବ, ସନ୍ଦେହ ନାହିଁ ।

ପୀଠଟି କେବଳ ମୁସଲ୍‌ମାନମାନଙ୍କ ଦ୍ୱାରା ପୂଜିତ ନୁହେଁ —ଏ ଅଞ୍ଚଳର ଶତକଡ଼ା ୯୫ ହିନ୍ଦୁଙ୍କର ଏହି ପୀଠପ୍ରତି ଅଟଳ ଭକ୍ତି ଓ ସମ୍ମାନ ଦେଖାଯାଏ । ଯେ କୌଣସି ହିନ୍ଦୁ ତାହାର କୌଣସି ଶୁଭ ଅନୁଷ୍ଠାନ ସମୟରେ, ରୋଗରେ, ଶୋକରେ କିମ୍ବା କୌଣସି ମାନସିକ ସିଦ୍ଧି ସକାଶେ ପ୍ରଥମେ ଯାହାନୟାଙ୍କ ନାମ ସ୍ମରଣ ନକରି ରହିପାରେ ନାହିଁ । ଏପରି କି କୌଣସି ସ୍ତ୍ରୀ ସସତ୍ତ୍ୱାବସ୍ଥାରେ ଥିବା ସମୟରେ ତାହାର ସ୍ୱାମୀ ଯାହାନୟାଙ୍କ ନାମ ସ୍ମରଣ କରି କହେ, "ହେ ଯାହାନୟା ସାହେବ,

ମୋର ଯଦି ଗୋଟିଏ ପୁଅ ଜନ୍ମ ହେବ, ତେବେ ସେହି ପୁଅକୁ ମୁଁ ଯାହାନପୀର ବୋଲି ନାମ ଦେବି।" ଏହା କହି ସେ ସେହିକ୍ଷଣି ଗୋଟିଏ ପଇସା, ସୁଙ୍କି, ଅଧୁଲି କିମ୍ବା ଟଙ୍କା ଗୋଟିଏ କନାଗଣ୍ଠିରେ ବାନ୍ଧିରଖେ ଏବଂ ପୁଅ ଜନ୍ମ ହେଲେ ତାହାକୁ ଯାହାନପୀର ନାମ ଦିଏ। ଏହି ମତି ଯେ ଗୋଟିଏ ଦୁଇଟି ଜାତିରେ ଦେଖାଯାଏ, ତାହା ନୁହେଁ—ଏହି ଅଞ୍ଚଳର ପ୍ରାୟ ପ୍ରତ୍ୟେକ ଜାତିର (ବ୍ରାହ୍ମଣ, କରଣ, ଖଣ୍ଡାୟତ, ଚଷା, ହାଡ଼ି, ବାଉରି ପ୍ରଭୃତି) ସମସ୍ତ ଜାତିର ଲୋକମାନେ ଯାହାନପୀରଙ୍କଠାରେ ଏହିପରି କାମନା କରନ୍ତି ଏବଂ ସିଦ୍ଧିଲାଭରେ ସେହି ନବଜାତ ପୁତ୍ରଟିକୁ 'ଯାହାନପୀର' ନାମ ଦିଅନ୍ତି। ଏ ଅଞ୍ଚଳରେ ଯେଉଁ କେତେଜଣ ଲୋକ 'ଯାହାନପୀର' ବା 'ଯାହାନ' ନାମରେ ଦେଖାଯାନ୍ତି, ସେ ସମସ୍ତେ ଉପର୍ଯ୍ୟୁକ୍ତ ଘଟଣାର ଫଳ ବୋଲି ବୁଝାଯିବ। ଯାହାନପୀରଙ୍କଠାରେ 'ଗୁହାରିଆ ପଡ଼ିବା' * ମଧ୍ୟ ଆଉ ଗୋଟିଏ ବିଶେଷ କଥା। ଅନେକ ହିନ୍ଦୁ ଏହିପରି ଗୁହାରିଆ ପଡ଼ନ୍ତି। ଯେଉଁ ଲୋକଟିର କୌଣସି ଅସାଧ୍ୟ ରୋଗ ହେଲା, ସେ ନାନାପ୍ରକାର ଚିକିତ୍ସା କରି ସୁଦ୍ଧା କୌଣସି ଫଳ ନ ପାଇଲେ ଦୌଡ଼ିଯାଏ ଯାହାନପୀରଙ୍କଠାରେ ଗୁହାରିଆ ହେବାକୁ। ଯେଉଁମାନେ ଋଣଗ୍ରସ୍ତ କିମ୍ବା ମାଲିମକଦ୍ଦମାରେ ନିଃସ୍ୱ ହୁଅନ୍ତି, ସେମାନେ ମଧ୍ୟ ସମୟ ସମୟରେ ଯାଇ ଏଠାରେ ଗୁହାରିଆ ପଡ଼ନ୍ତି। ଏପରି ଗୁହାରିଆ ପଡ଼ିବା ଅଧିକାଂଶ ବ୍ୟକ୍ତି କେବଳ ହିନ୍ଦୁ। କୌଣସି ମୁସଲମାନ୍ ଏଠାରେ ଗୁହାରିଆ ପଡ଼ିଥିବାର ଜଣାଯାଏ ନାହିଁ। ମୁସଲମାନ୍‌ମାନେ କେବଳ ଏଠାକୁ ଆସି ଦିନେ ଦୁଇଦିନ ରହି ଫେରନ୍ତି।

---

*"ଗୁହାରିଆ ପଡ଼ିବା"—ଯେଉଁ ଲୋକ ଗୁହାରିଆ ପଡ଼ିବାକୁ ଏଠାକୁ ଆସେ ସେ ଏଠାରେ ରନ୍ଧା ପାଣି ବ୍ୟତୀତ ଅନ୍ୟ କୌଣସି ପ୍ରକାର ଖାଦ୍ୟ ଖାଏ ନାହିଁ। ଦିନରେ ଥରେ କିମ୍ବା ଦୁଇଥର ସମୁଦ୍ରରେ ସ୍ନାନ କରି ଯାହାନପୀରଙ୍କର ସେହି ପୀଠ କୁଟୀର ସମ୍ମୁଖରେ ଶୋଇଥାଏ କିମ୍ବା ବସି କୌଣସି ଧ୍ୟାନ କରୁଥାଏ। ଶୁଣାଯାଏ, ଯେଉଁମାନେ ଭକ୍ତି ସହ ୪।୫ ଦିନ ଯାଏ ଏପରି ପଡ଼ି ରହନ୍ତି ସେମାନଙ୍କୁ ସ୍ୱପ୍ନରେ କିମ୍ବା ଗୋଟିଏ ଫକୀର ବେଶରେ ଯାହାନପୀର ସାହେବ ଦୃଶ୍ୟ ହୋଇ କୌଣସି ଉପଦେଶ ଦିଅନ୍ତି। ସେପରି ଉପଦେଶ ପାଇବା ଲୋକର ଅଭୀଷ୍ଟସିଦ୍ଧି ହୋଇଥିବାର ଏଠା ଲୋକମାନଙ୍କଠାରୁ ଶୁଣିଅଛୁଁ।

**ପର୍ବପର୍ବାଣି**—ପାହାନସ୍ଥାଙ୍କଠାରେ ମୁସଲମାନ୍‌ମାନଙ୍କର କୌଣସି ବ୍ୟକ୍ତିଗତ ପର୍ବପର୍ବାଣି ହେଉଥିବାର ଜଣାଯାଏ ନାହିଁ । ପ୍ରତିଦିନ 'ଫାତିଆ' ଭୋଗ ବ୍ୟତୀତ ଅନ୍ୟ କୌଣସି ପ୍ରକାର ବିଶେଷ ଭୋଗ ହୁଏ ନାହିଁ । କିନ୍ତୁ ପ୍ରତିଦିନ ଅନେକ ହିନ୍ଦୁ ବିଭିନ୍ନ ସ୍ଥାନରୁ ଆସି ଏଠାରେ ନିଜ ନିଜ ମାନସିକ ପୂରଣାର୍ଥ କଦଳୀ ଓ ଉଖୁଡ଼ା ପ୍ରଭୃତି ଆଣି ଭୋଗ କରି ଯାଆନ୍ତି । ଏଠାରେ ପ୍ରଧାନ ଭୋଗ କଦଳୀ ଓ ଉଖୁଡ଼ା । ଏପରି ଶୁଣାଯାଏ ଯେ, ଯେଉଁ ଲୋକର ବଗିଚାରେ କଦଳୀଗଛ ଅଛି ସେ ଗୋଟିଏ ଦିଓଟି ଗଛର କଦଳୀ ପାହାନସ୍ଥାଙ୍କ ନାମରେ ଉତ୍ସର୍ଗ କରିଦିଏ । ତା ନ କଲେ ସେହି ବଗିଚାର କଦଳୀ ଭଲ ହୁଏ ନାହିଁ । ଏଠାର ପ୍ରଧାନ ପର୍ବ ହେଉଛି 'କାର୍ତ୍ତିକ ପୂର୍ଣ୍ଣିମା' । ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏଠାରେ ବିଭିନ୍ନ ସ୍ଥାନରୁ ପ୍ରାୟ ୪୦ ହଜାର ଲୋକ ଏକତ୍ର ହୁଅନ୍ତି । ସେ ଦିନ ଏଠାରେ ଗୋଟିଏ ବିରାଟ ମେଳା ହୁଏ । ସମୁଦାୟ କାକଟପୁର ଥାନାର ଅନ୍ୟ କୌଣସି ସ୍ଥାନରେ ଏପରି ଜନତା ଦେଖାଯାଏ ନାହିଁ । 'ଏହି ଜନତା ମଧ୍ୟରୁ ଶତକଡ଼ା ପ୍ରାୟ ୯୫ କେବଳ ହିନ୍ଦୁ । ବିଭିନ୍ନ ଲୋକ ବିଭିନ୍ନ ମାନସିକ ପୂରଣ କରିବା ନିମନ୍ତେ ଏଠାକୁ ଆସନ୍ତି । ଅନେକ ସ୍ତ୍ରୀ ନିଜ ନିଜ ସନ୍ତାନ ସନ୍ତତିଙ୍କ ଶୁଭକାମନାରେ ଏଠାକୁ ଆସନ୍ତି । ହିନ୍ଦୁମାନେ ଦଳ ଦଳ ହୋଇ 'ସଂକୀର୍ତ୍ତନ' କରନ୍ତି । ନାନାପ୍ରକାର ସୁଆଙ୍ଗ, ନାଟ, ତାମସା, ଖେଳ, କୌତୁକ ପ୍ରଭୃତି ହୁଏ । ଏଠାର ସଂକୀର୍ତ୍ତନରେ ଗୋଟିଏ ବିଶେଷତ୍ୱ ଦେଖାଯାଏ । ଏହା ଜଣେ ମୁସଲମାନ୍‌ଙ୍କର ପୀଠ ହେଲେ ସୁଦ୍ଧା ହିନ୍ଦୁମାନେ ଏଠାରେ 'ହରିନାମ' ସଂକୀର୍ତ୍ତନ କରନ୍ତି; କିନ୍ତୁ ମୁସଲମାନ୍ ମାନଙ୍କର ସେପରି କୌଣସି ଆଡ଼ମ୍ବର ଦେଖାଯାଏ ନାହିଁ । ଲୋକମାନେ କଦଳୀ, ଉଖୁଡ଼ା, ଶାକର ପ୍ରଭୃତି ପଦାର୍ଥ ଆଣି ପାହାନସ୍ଥାଙ୍କୁ ଭେଟନ୍ତି । ରାଶୀକୃତ ଭୋଗ ଏକତ୍ରୀକୃତ ହୁଏ । ସେହି ଭୋଗ ସବୁ ଏକତ୍ର କଲା ପରେ ଜଣେ ମୁସଲମାନ୍ କୋରାନରୁ କେତୋଟି ବାକ୍ୟ ଉଚ୍ଚାରଣ କରି, ପ୍ରତ୍ୟେକ ଲୋକର ଭୋଗରୁ କିଛି କିଛି ଚିଣ୍ଡି କାଟି ନିଏ । ଯେଉଁ ଲୋକମାନେ ଭୋଗ ଆଣନ୍ତି, ସେମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ପଇସା ଦକ୍ଷିଣା ଦିଅନ୍ତି । ସେହି ଚିଣ୍ଡି ଓ ଦକ୍ଷିଣା ସ୍ଥାନୀୟ ପାଜୀ ନିଅନ୍ତି । ଶୁଣାଯାଏ ,ପୂର୍ବେ ଏହି ଚିଣ୍ଡି ଓ ଦକ୍ଷିଣା ସ୍ଥାନୀୟ କେତେ ଘର ମୁସଲମାନ୍ ମାନଙ୍କ ମଧ୍ୟରେ ବଣ୍ଟା ଯାଉଥିଲା; ମାତ୍ର ଏବେ

କେତେ ବର୍ଷ ହେଲା ତାହା ସାଖୀଙ୍କର ଏକ ଗୃହିଆ ହୋଇଅଛି । ଏଥିପାଇଁ କେତେକ ମୁସଲମାନ୍ ସାଖୀଙ୍କ ପ୍ରତି ଅସନ୍ତୁଷ୍ଟ ଥିବାର ଜଣାଯାଏ ।

ସମଗ୍ର ଭାରତରେ ପୁରୀ ଗୋଟିଏ ପବିତ୍ର ସ୍ଥାନ । ଏଠାରେ ସାମ୍ୟ ମୈତ୍ରୀ ପ୍ରଚଳିତ । ଏଠାରେ ଜାତିଭେଦ ନାହିଁ, ସାନ ବଡ ବିଚାର ନାହିଁ, ଧର୍ମର ସାମ୍ପ୍ରଦାୟିକ ବିସମ୍ବାଦ ନାହିଁ । ଯେକୌଣସି ଧର୍ମ ଏଠାରେ ସ୍ଥାନ ପାଇଛି । ଏଠାରେ ବୌଦ୍ଧ, ଶୈବ, ବୈଷ୍ଣବ, ଖ୍ରୀଷ୍ଟିୟାନ ଓ ମୁସଲମାନ୍ ପ୍ରଭୃତି ବିଭିନ୍ନ ଜାତି ନିଜନିଜର ଆଧିପତ୍ୟ ସ୍ଥାପନ କରି ସୁଦ୍ଧା ଅପର ଜାତିପ୍ରତି କୌଣସିପ୍ରକାର ଅହଙ୍କାର ବିଦ୍ୱେଷ ଦେଖାଇ ନାହିଁ । ଏହି ସାର୍ବଜନୀନ ଭାବ ଯୋଗୁଁ ଆଜି ଏହି ସ୍ଥାନରେ ସବୁ ମତ ଏକାଧାରରେ ଚଳିଅଛି । କେହି କାହାକୁ ତୁଚ୍ଛ ମନେକରୁ ନାହିଁ । ବିଶେଷତଃ, ପୂର୍ବେ ଧର୍ମପ୍ରଚାରକମାନେ ନିଷ୍କପଟ ହୃଦୟରେ ଅପର ଜାତିର କୌଣସି ଅନିଷ୍ଟ ନ କରି ନିଜ ମତ ପ୍ରଚାର କରିଥିବାରୁ ଆଜି ଏଠାରେ ସବୁ ଧର୍ମ ପୂଜ୍ୟ ଓ ସବୁ ମହାପୁରୁଷମାନେ ପୂଜ୍ୟ । ତହିଁର ଉଦାହରଣ ସ୍ୱରୂପ ଆମ୍ଭେ ଏଠାରେ ତିନୋଟି ମହାତ୍ମାଙ୍କର ସାମାନ୍ୟ ଆଭାସ ମାତ୍ର ଦେବୁ । ଉପରେ ମୁକ୍ଦମ୍ ଯାହାନିୟାଁଙ୍କ ପ୍ରତି ଏଠା ହିନ୍ଦୁମାନଙ୍କର ପ୍ରେମଭକ୍ତି ବିଷୟ ବିଷଦରୂପେ ବର୍ଣ୍ଣିତ ଅଛି । ଦ୍ୱିତୀୟରେ— ମହାପୁରୁଷ କବିରଙ୍କ କଥା ଓଡ଼ିଶାବାସୀଙ୍କୁ ଅଜଣା ନୁହେଁ । କବିର ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଐକ୍ୟଭାବ ଜାତକରିବା ନିମନ୍ତେ ନିଜ ମତ ପ୍ରକାଶକରି ଶେଷ ଜୀବନ ଏହି ପୁଣ୍ୟସ୍ଥାନ ପୁରୀଧାମରେ କଟାଇଥିଲେ । ତୃତୀୟରେ—ଏହି ଜିଲ୍ଲାର ଖୋରଧା ସବଡ଼ିଭିଜନର କାଇପଦରଠାରେ 'କାଇପଦର ପୀର' ବା ମହାପୁରୁଷ 'ବଖାରୀସାହେବ' କବର ମଧ୍ୟ ସେହିପରି ପ୍ରତିବର୍ଷ ଅସଂଖ୍ୟ ହିନ୍ଦୁ ଓ ମୁସଲମାନ୍‌ମାନଙ୍କଦ୍ୱାରା ପୂଜା ପାଉଛି । ଉପର୍ଯ୍ୟୁକ୍ତ ଘଟଣା ଗୁଡିକରୁ ପୂର୍ବେ ଯେଉଁ ଯେଉଁ ମହାତ୍ମାମାନେ ଜାତି ଓ ଧର୍ମ ସମ୍ବନ୍ଧରେ ପ୍ରଚାର କରୁଥିଲେ, ସେମାନେ କେବଳ ସାର୍ବଜନୀନ ସାମ୍ୟମୈତ୍ରୀ ଅବଲମ୍ବନ କରିଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

**ମୁକ୍ଦମ୍ ଯାହାନିୟାଁ**—ପ୍ରୋକ୍ତ କାକଟପୁର ଥାନାର ଆଜି ଗୋଟିଏ ପ୍ରସିଦ୍ଧ ସ୍ଥାନ 'ମୁକ୍ଦମ୍ ଯାହାନିୟାଁ' ପୀଠ । ଏହି ପୀଠ ସମ୍ବନ୍ଧରେ ଯାହା ସଂଗ୍ରହକରି ପ୍ରକାଶ କରାଯାଇଥିଲି ତାହା ନିମ୍ନରେ ସଂଯୋଗ କରାଗଲା ।

**ଚନ୍ଦ୍ରପଡ଼ା ଗଡ଼**—କାକଟପୁରର ପ୍ରାୟ ୮।୯ ମାଇଲ ଦକ୍ଷିଣ ପଶ୍ଚିମ ଦିଗରେ ଅବସ୍ଥିତ ଗୋଟିଏ ଅତି ଶ୍ରେଷ୍ଠ ଗ୍ରାମ । ବର୍ତ୍ତମାନ ଏଠାରେ ନାନା ଜାତିର ଲୋକମାନେ ବାସ କରନ୍ତି । ତନ୍ମଧ୍ୟରୁ 'ପାଏକ' ବା 'ଉଡ଼ ଖଣ୍ଡାଏତ' ମାନଙ୍କ ସଂଖ୍ୟା ବେଶୀ ଦେଖାଯାଏ । ଏହି ଗ୍ରାମରେ ଗୋଟିଏ ପ୍ରାଚୀନ ଗଡ଼ର ଭଗ୍ନାବଶେଷ ଅଛି । ପୂର୍ବେ ଏଠାରେ ଜଣେ ସାମନ୍ତ ରାଜା ବାସ କରୁଥିଲେ । ପାଠକମାନଙ୍କର ସ୍ମରଣ ଥିବ ଯେ, ମରିଚପୁରର ୪ର୍ଥ ରାଜା ବଳଭଦ୍ର ମଙ୍ଗରାଜଙ୍କ ଦୁଇଟି ପୁଅ ଥିଲେ । ତନ୍ମଧ୍ୟରୁ ବଡ଼ପୁଅ ଦାମୋଦର ମଙ୍ଗରାଜ ମରିଚପୁରର ରାଜା ହେଲେ ଏବଂ ସାନ ପୁଅ ବୀରଭଦ୍ର ମଙ୍ଗରାଜ ଏହି ଚନ୍ଦ୍ରପଡ଼ାରେ ନୂତନ ଗଡ଼ ବାନ୍ଧି ଏଠାରେ ରହିଲେ । ବୀରଭଦ୍ରଙ୍କ ଅଧୀନରେ ଅନେକ ପାଏକ ଥିଲେ ଓ ସେ ଅଞ୍ଚଳର ବାର୍ଷିକ ରାଜସ୍ୱ ଆଦାୟ କରି ବେଶ୍ ସୁଖରେ ଚଳୁଥିଲେ ।

କ୍ରମେ ମରିଚପୁରର ରାଜୁତି ଶେଷ ହେବାରୁ ଏବଂ ସେଠା ରାଜାମାନେ ବିଳାସରେ ବୁଡ଼ି ଋଣଗ୍ରସ୍ତ ହୋଇ ନିଜର ସମ୍ପତ୍ତି ନିଲାମରେ ହରାଇଥିବାରୁ ସେହି ହାଉଆ ଏଠା ରାଜାଙ୍କୁ ମଧ୍ୟ ବାଜିଥିଲା । ଏ ମଧ୍ୟ ସେହିପରି ବିଳାସରେ ଜୀବନ କଟାଇ ଋଣଗ୍ରସ୍ତ ହୋଇ ନିଜର ସମସ୍ତ ସମ୍ପତ୍ତି ହରାଇଥିଲେ । ବର୍ତ୍ତମାନ ଏହି ବଂଶର ଜଣେ ଜୟକୃଷ୍ଣ ମଙ୍ଗରାଜ ଏଠାରେ ଜୀବିତ ଅଛନ୍ତି, ମାତ୍ର ତାଙ୍କୁ ଦେଖିଲେ ହୃଦୟରେ ଗଭୀର ଦୁଃଖ ଜାତ ହୁଏ । ବିଶାଳ ରାଜ୍ୟ ଓ ଅଚଳାଚଳ ସମ୍ପତ୍ତି ହରାଇବା ସଙ୍ଗେ ସଙ୍ଗେ ନିଜର ସେହି ପ୍ରାଚୀନ ଦୁର୍ଗ ବା ରାଜପ୍ରାସାଦ ହିଂସ୍ରଜନ୍ତୁମାନଙ୍କ ପାଇଁ ଛାଡ଼ିଦେଇ ସେହି ରାଜପୁତ୍ର (?) ଆଜି ଖଣ୍ଡିଏ ପାନ କୁଟୀରରେ ବାସ କରନ୍ତି । ଦୁଇ ଓଳି ପେଟପୂରି ଖାଇବାକୁ ମଧ୍ୟ ପା'ନ୍ତି ବୋଲି ବିଶ୍ୱାସ ହୁଏନାହିଁ ।

ପୂର୍ବ ରାଜାଙ୍କ ସମସ୍ତ ସମ୍ପତ୍ତି ପ୍ରଥମେ କୁଅଁରପୁରର କାନୁନ୍‌ଗୋ ବଂଶ ଅଧିକାର କରିଥିଲେ । ତା ପରେ ସେମାନଙ୍କଠାରୁ ପୁରୀର ଏମାରମଠ ମହନ୍ତଙ୍କ ହାତକୁ ସେ ସମ୍ପତ୍ତି ଗଲା । ବର୍ତ୍ତମାନ ଚନ୍ଦ୍ରପଡ଼ା ଓ ମାଣ୍ଡୁକୀ ପ୍ରଭୃତି ଗ୍ରାମ ଏବଂ ଏ ଅଞ୍ଚଳର ସମସ୍ତ ଭୂ-ସମ୍ପତ୍ତି ଏମାରମଠ ମହନ୍ତଙ୍କ ଅଧିକାରରେ ଅଛି । ଶେଷୋକ୍ତ ମାଣ୍ଡୁକୀ ଗ୍ରାମରେ ମହନ୍ତଙ୍କର ଗୋଟିଏ ବଡ଼ ଖମାର ଅଛି । ସେଠାରେ ଜଣେ ତହସିଲଦାର ରହି ଏ ଅଞ୍ଚଳର ବାର୍ଷିକ ଆୟ ଆଦାୟ କରନ୍ତି ।

ମହନ୍ତଙ୍କ ଅଧୀନରେ ଶତାଧିକ ଗ୍ରାମର ପ୍ରଜା ରହିଥିଲେହେଁ ଏମାନଙ୍କର ଶିକ୍ଷା ଦୀକ୍ଷା ସାମାଜିକ ରୀତି ନୀତି ବା ଅନ୍ୟ କୌଣସି ପ୍ରକାର ଉନ୍ନତି ହୋଇଥିବାର ଏ ପର୍ଯ୍ୟନ୍ତ ଜଣାଯାଏ ନାହିଁ । ଲୋକମାନେ ପାର୍ବତ୍ୟ ବା ବଣ ଜଙ୍ଗଲରେ ଥିବା କନ୍ଧ, ସୌରା ପ୍ରଭୃତି ଅନାର୍ଯ୍ୟମାନଙ୍କ ପରି ଜୀବିକାନିର୍ବାହ କରୁଅଛନ୍ତି । ଉଚ୍ଚଶିକ୍ଷା ଲାଭ କରି ଏମାନେ ଉଚ୍ଚ ସରକାରୀ କାର୍ଯ୍ୟ ନ କଲେହେଁ ହିତାହିତ ଜ୍ଞାନ ପାଇବା ଭଳି ଶିକ୍ଷା ପାଇବା ଉଚିତ ନୁହେଁ କି ? ତଦ୍ଦ୍ୱାରା ସେମାନେ ନିଜର ଆର୍ଥିକ, ମାନସିକ ଓ ସାମାଜିକ ଉନ୍ନତି ଯେ କରନ୍ତେ, ଏଥିରେ ସନ୍ଦେହ କଣ ? ଏ ଦିଗରେ ମହନ୍ତ ମହାରାଜାଙ୍କ ଶୁଭଦୃଷ୍ଟି ପଡ଼ିବ ବୋଲି ଆଶା କରୁଁ ।

**୧୧ଶ-ନୈରଖାଡ଼**— କାକଟପୁର ଥାନାର ଦକ୍ଷିଣ ଅଞ୍ଚଳରେ ପ୍ରାଚୀ ନଦୀର ପଶ୍ଚିମ ତୀରରେ ଦୀର୍ଘ ୨।୩ ମାଇଲ ବ୍ୟାପୀ ଗୋଟିଏ ଅତି ବଡ଼ ଜଂଗଲ ଅଛି । ଏହି ଜଂଗଲକୁ 'ନୈରଖାଡ଼' କୁହାଯାଏ । ସ୍ଥାନୀୟ ଲୋକମାନେ ଏହି ଜଙ୍ଗଲର ପ୍ରଶସ୍ତ ପ୍ରାୟ ନ'ଶହ ବାଟି ଜମି ବୋଲି କହନ୍ତି । ପୂର୍ବେ ଏହି ଜଂଗଲରେ ଏକ ଗଡ଼ ଥିଲା ଏବଂ ଗଡ଼ର ଅଧିଷ୍ଠାତ୍ରୀ ଦେବୀ 'ଜାଗୁଲେଇ' ବା 'ଯାଗେଶ୍ୱରୀ'ଙ୍କ ପାଷାଣ ମୂର୍ତ୍ତି ଏବେ ମଧ୍ୟ ଏହି ଜଂଗଲ ଭିତରେ ଗୋଟିଏ ଭଂଗା କୁଡ଼ିଆ ମଧ୍ୟରେ ରଖାଯାଇ ନିକଟବର୍ତ୍ତୀ ଲୋକମାନଙ୍କଦ୍ୱାରା ପୂଜାପାଆନ୍ତି । ଏହି ଜଂଗଲରେ ଥିବା ପ୍ରାଚୀନଗଡ଼ ଏବଂ ଯାଗେଶ୍ୱରୀଙ୍କ ପ୍ରାଚୀନ ଇଟାମନ୍ଦିରର ଭଗ୍ନାବଶେଷ ଏଠାରେ ପଡ଼ିଛି । ଏହି ଇଟା ମଧ୍ୟ ପ୍ରାଚୀ ତୀରବର୍ତ୍ତୀ ଅନ୍ୟ ପ୍ରାଚୀନ ମନ୍ଦିରର ଇଟା ସଦୃଶ । ଏହି ଇଟାଗୁଡ଼ିକ ଦେଖିଲେ ନୈରଖାଡ଼ ଜଂଗଲର ଗଡ ଓ ଠାକୁରାଣୀ ଅତିପ୍ରାଚୀନ ଯୁଗର ବୋଲି କହିବାକୁ ହେବ । ସ୍ଥାନୀୟ ଲୋକମାନେ ଏହି ଗଡ଼ ଓ ଠାକୁରାଣୀଙ୍କ ଇତିବୃତ୍ତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଦେଖାଯାନ୍ତି ।

**୧୨ଶ-ଗୋଲରା ଗଡ଼**— ପ୍ରାଚୀ ନଦୀର ମୁହାଣ ନିକଟବର୍ତ୍ତୀ ଦକ୍ଷିଣ ତୀରରେ ଗୋଟିଏ ବଡ଼ ଜଂଗଲ ଅଛି । ଏହି ଜଂଗଲକୁ 'ଗୋଲରା ଜଂଗଲ' କୁହାଯାଏ । ଏହାର ଆୟତନ ପ୍ରାୟ ୬୦୦ ବାଟି ଜମି ହେବ । ଏ ଅଞ୍ଚଳରେ ଗୋଟିଏ ପ୍ରବାଦ ଅଛି 'ନୈର ନ'ଶହ ବାଟି ଗୋଲରା ଛ'ଶହ ବାଟି' । ଆଜିକାଲି ଏହି ଜଂଗଲ ପ୍ରାୟ ଲୋପ ପାଇଲାଣି । ସ୍ଥାନୀୟ ଲୋକମାନେ ଜଂଗଲରୁ କାଠକାଟି ଜାଳି କରି ଯାଉଛନ୍ତି । ଗୋଲରା ଜଂଗଲରେ ପ୍ରାଚୀ ନଦୀର ଦକ୍ଷିଣ କୂଳକୁ ଲାଗି ପୂର୍ବେ ଗୋଟିଏ ଗଡ଼

ଥିଲା । ଏହି ଗଡ଼ର ନାମ 'ଗୋଲରା ଗଡ଼' । ଏହି ଗଡ଼ରେ ଜଣେ ଖଣ୍ଡାଏତ ରାଜା ଓଡ଼ିଶାର ଗଙ୍ଗବଂଶ ରାଜାମାନଙ୍କ ସମୟରେ ଥିଲେ । ଏହାଙ୍କର ପ୍ରଧାନ କାମ ଥିଲା ମୁହାଣ ଦେଇ କୌଣସି ଶତ୍ରୁ ଦେଶମଧ୍ୟକୁ ଆସିବାର ବନ୍ଦକରିବା । ଏଥିପାଇଁ ଓଡ଼ିଶା ଉପକୂଳରେ ଥିବା ଅନ୍ୟ ମୁହାଣ ଜମିଦାରଙ୍କ ପରି ଏହାଙ୍କର ମଧ୍ୟ 'ମୁହାଣ କଂଖ୍ୱାର' ଉପାଧି ଥିଲା । ଏହି 'ମୁହାଣ କଂଖ୍ୱାର' ଉପାଧିଧାରୀମାନେ ଏକ ସନ୍ତକ ନିଜର ଲେଖା-ଗୁଡ଼ିକରେ ବ୍ୟବହାର କରୁଥିଲେ ।

ବେଲାର ଗଡ଼ର ପ୍ରଧାନ ଅଧିଷ୍ଠାତ୍ରୀ ଦେବୀଙ୍କ ନାମ 'ଚଣ୍ଡେଶ୍ୱରୀ' । ଏହି ଚଣ୍ଡେଶ୍ୱରୀ ପ୍ରାଚୀମାହାତ୍ମ୍ୟ ବର୍ଣ୍ଣିତ ଚଣ୍ଡଚଣ୍ଡାଳଙ୍କ ମୃତ୍ୟୁପରେ ନାମାଙ୍କିତ ହୋଇଥିବା କଥା ପର୍ବେ କୁହାଯାଇଛି । ପୂର୍ବେ ଏହି ଗୋଲରା ଜଂଗଲ ଚନ୍ଦ୍ରୋପୂଜା ନଦୀ ମୁହାଣ ଯାଏ ଥିଲା । ସେତେବେଳେ ସଂଭବତଃ ଚଣ୍ଡେଶ୍ୱରୀ ମଧ୍ୟ ସେହି ମୁହାଣ ନିକଟରେ ଥିଲା । ଏକ୍ଷଣି ଚନ୍ଦ୍ରୋପୂଜା ମୁହାଣ ସଂପୂର୍ଣ୍ଣ ପୋତିହେବାରୁ ସେହି ଠାକୁରାଣୀ ପ୍ରାଚୀ ମୁହାଣ ନିକଟବର୍ତ୍ତୀ ଗୋଲରା ଗଡ଼ରେ ରଖାଯାଇଛନ୍ତି । କିନ୍ତୁ ଗୋଲରା ରାଜାମାନଙ୍କର ବଂଶଧର ଦିନୁଦିନ ନିସ୍ୱ ହେବାରୁ ଏହି ଅଧିଷ୍ଠାତ୍ରୀଦେବୀ ମଧ୍ୟ ଅପୂଜା ହେବାର ଦେଖାଯାଏ । ଗୋଲରା ଗଡ଼ର ରାଜବଂଶ ବିଷୟରେ ଯେଉଁ ଇତିବୃତ୍ତି ସଂଗ୍ରହ କରାଯାଇଥିଲା, ତାହା ନିମ୍ନରେ ସଂଯୋଗ କରାଗଲା—

ଗୋଲରା ଗଡ଼ ଗୋଟିଏ ଅତି ପ୍ରାଚୀନ ସ୍ଥାନ । ଏହା କାଦୁଆ ନଦୀକୂଳେ ଅବସ୍ଥିତ । ଏହାର ପୂର୍ବରେ ପ୍ରାଚୀ ମୁହାଣ ଓ କାଦୁଆ ନଦୀ, ପଶ୍ଚିମରେ ଗୋପ ଥାନା (କୋଣାର୍କ ମନ୍ଦିର ଥିବା ପ୍ରଦେଶ), ଦକ୍ଷିଣରେ ବଙ୍ଗୋପସାଗର ଓ ଉତ୍ତରରେ ସୈଦାବାଦ୍ ପ୍ରଗନ୍ନା । ଓଡ଼ିଶାର ସ୍ୱାଧୀନ ରାଜାମାନଙ୍କ ସମୟରେ ସମୁଦ୍ର ଉପକୂଳରେ ଯେଉଁ କେତୋଟି ସାମନ୍ତ ରାଜା ନଦୀ ମୁହାଣ ଜଗିବା ପାଇଁ ନିଯୁକ୍ତ ଥିଲେ, ତନ୍ମଧ୍ୟରୁ ଏହିଂ ଗୋଲରା ଗଡ଼ର ଜମିଦାର ଜଣେ । ଏ ଜାତିରେ ଖଣ୍ଡାଏତ ଓ ମରିଚପୁର ରାଜାଙ୍କର ଜଣେ ପ୍ରଧାନ ଭାୟା ଥିଲେ । ଏହାଙ୍କର ମଧ୍ୟ 'ମୁହାଣ କଂଭୀର' ଉପାଧି ଥିଲା । ଏ ଜମିଦାରଙ୍କର ଗୋଟିଏ ସୁଦୃଢ଼ ଗଡ଼ ଥିଲା । ସେହି ଗଡ଼ର ଭଗ୍ନାବଶେଷ ଏଠାରେ ଦେଖିବାକୁ ଥାଉ । ବର୍ତ୍ତମାନ ଗଡ଼ର ସମ୍ପୂର୍ଣ୍ଣ ଅଂଶ ଭାଂଗି ଯାଇଅଛି ଓ ସେହି ସ୍ଥାନ ଜନଶୂନ୍ୟ ବଣରେ ପରିଣତ

ହୋଇଅଛି । ପୂର୍ବ ଜମିଦାରଙ୍କର ବଂଶଧରମାନେ ବିଳାସପ୍ରିୟ ହୋଇ ଋଣଗ୍ରସ୍ତ ହେବା ସଙ୍ଗେ ସଙ୍ଗେ ନିଜର ଅଚଳାଚଳ ସମ୍ପତ୍ତି ସବୁ ଅନ୍ୟାନ୍ୟ ମହାଜନ ଓ ଜମିଦାରମାନଙ୍କୁ ବିକ୍ରୀ କରିଦେଇ ବର୍ତ୍ତମାନ ହୀନ ଭାବରେ ଜୀବନଯାପନ କରୁଛନ୍ତି । ପୂର୍ବଗଡ଼ ଗ୍ରଡ଼ ପ୍ରାଚୀ ନଦୀ କୂଳରେ ଗୋଟିଏ ଅତି କ୍ଷୁଦ୍ର ଗ୍ରାମରେ (ଚିରେଶ୍ୱରୀ ଗ୍ରାମ) ଏ ବଂଶଧରମାନେ ବାସ କରନ୍ତି ।

ପୂର୍ବ ଜମିଦାରମାନଙ୍କ ପତନର କାରଣ ଅନୁସନ୍ଧାନ କରିବାକୁ ଗଲେ ସ୍ପଷ୍ଟ ଦେଖାଯାଏ ଯେ, ଏ ଅଞ୍ଚଳର ଅନ୍ୟାନ୍ୟ ଜମିଦାରମାନେ ଯେପରି ବିଳାସ, ଅତ୍ୟାଚାର ଓ ପ୍ରଜାପୀଡ଼ନରେ କାଳାତିପାତ କରି ଧ୍ୱଂସପ୍ରାପ୍ତ ହୋଇଛନ୍ତି, ଏମାନେ ମଧ୍ୟ ଠିକ ସେହିପରି ଜୀବନ କଟାଇଥିଲେ । ଏଠା ଜମିଦାରଙ୍କ ଅତ୍ୟାଚାର କାହାଣୀ ଶୁଣିଲେ ଓଡ଼ିଶାର 'ମଗ୍‌ଠୀ' ବା 'ବର୍ଗୀ'ମାନଙ୍କ ଅତ୍ୟାଚାରକଥା ସ୍ୱତଃ ମନେପଡ଼େ । ବର୍ଗୀମାନେ ଅକାଳେ ସକାଳେ ଲୋକମାନଙ୍କର ଧନସମ୍ପତ୍ତି ଓ ପ୍ରାଣ ନଷ୍ଟ କରୁଥିଲେ । କିନ୍ତୁ ଏଠା ଜମିଦାରମାନେ ବିଳାସରେ ମଦାନ୍ଧ ହୋଇ ଯେ କୌଣସି ସମୟରେ ନିଜ ପ୍ରଜାଙ୍କ ସମ୍ପତ୍ତି ହରଣ କରିବାକୁ କୁଣ୍ଠିତ ହେଉ ନଥିଲେ । ଗୋଲରା ଜମିଦାରଙ୍କ 'ଅନ୍ଧାରି ବଜେ' ଏ ଅଞ୍ଚଳର ଗୋଟିଏ ପ୍ରସିଦ୍ଧ ଘଟଣା । ୧୫୦/୨୦୦ ବର୍ଷ ପୂର୍ବର ଘଟଣାଗୁଡ଼ିକ ଆଜିକାଲି ଘଟିଲା ପରି ସ୍ଥାନୀୟ ଲୋକମାନେ ତତ୍‌କାଳୀନ 'ଅନ୍ଧାରି ବଜେ' କଥା ମନେ ରଖିଛନ୍ତି । ଲୋକମୁଖରୁ ଏ କାହାଣୀଗୁଡ଼ିକ ଶୁଣିଲେ ହୃଦୟରେ ଗଭୀର ଦୁଃଖ ଜାତ ହୁଏ । ଦେଶର ସୁଶାସନ ନିମନ୍ତେ ଯେଉଁ ରାଜା ବା ଜମିଦାର ଶାସନଭାର ଗ୍ରହଣ କରିଥାନ୍ତି ସେ ନିଜେ ଯଦି ସ୍ୱକୀୟ ପ୍ରଜାର ସର୍ବସ୍ୱ ଲୁଣ୍ଠନ କରିବେ, ତେବେ ତାଙ୍କର ଯେ ଆକସ୍ମିକ ପତନ ହେବ, ଏହା ସ୍ୱତଃସିଦ୍ଧ । ଗୋଲରା ରାଜବଂଶରେ ତାହାହିଁ ଘଟିଅଛି ।

**'ଅନ୍ଧାରି ବଜେ'**—ଯେଉଁଦିନ ଇଚ୍ଛା ହେବ, ଜମିଦାର ବା ରାଜା ନିଜ ପାର୍ଶ୍ୱଚରମାନଙ୍କୁ ଧରି ରାଜ୍ୟର ଗ୍ରାମେ ଗ୍ରାମେ ବୁଲନ୍ତି । ଯାଉଁ ଯାଉଁ ମାର୍ଗରେ ଅନେକ ନାଚ ତାମସା ହୁଏ ଓ ବାଦ୍ୟ ପ୍ରଭୃତି ବାଜେ । ଏହି ବାଦ୍ୟ ଶବ୍ଦ ଶୁଣି ଗ୍ରାମର ଲୋକମାନେ ନାନାପ୍ରକାର ଉପଢୌକନ —ଧନ, ଅଳଙ୍କାର, ଖାଦ୍ୟସାମଗ୍ରୀ ପ୍ରଭୃତି ଧରି ରାଜାଙ୍କୁ ଭେଟିବାକୁ ଆସନ୍ତି । ପ୍ରତ୍ୟେକ ଲୋକ ନିଜ ନିଜ ଭେଟି ଧରି ନିଜ ଦ୍ୱାର ମୁହଁରେ ଛିଡ଼ା ହୁଏ । ରାଜା ଯାଉଁ ଯାଉଁ ସେହି ଭେଟି ପ୍ରତି କଟାକ୍ଷପାତ କରି

ଅନୁଚରମାନଙ୍କୁ ଇଙ୍ଗିତ ଦିଅନ୍ତି । ରାଜାଙ୍କଠାରୁ ଇଙ୍ଗିତ ପାଇବା ମାତ୍ରକେ ଅନୁଚରମାନେ ସେ ଲୋକଠାରୁ ସମ୍ପତ୍ତିତକ ନେଇଯାନ୍ତି । ଏହିପରି ଗ୍ରାମର ପ୍ରତ୍ୟେକ ଲୋକଠାରୁ କିଛି କିଛି ଆଦାୟ ହୁଏ । ପରେ ରାଜା ଗଡ଼କୁ ବାହୁଡ଼ା ବିଜେ କରନ୍ତି । ଯଦି କୌଣସି ଲୋକ ତାର ଭେଟି ସହ ଦ୍ୱାରମୁହଁରେ ଛିଡ଼ା ହେବାର ଦେଖା ନ ଯାଏ, ତେବେ ତାଙ୍କୁ ଖୋଜିବାପାଇଁ ରାଜ୍ୟ ଭୃତ୍ୟମାନେ ଯାନ୍ତି । ଯେ କୌଣସିଠାରୁ ହେଲେ ସେ ଲୋକଙ୍କୁ ଧରିଆଣି ରାଜାଙ୍କ ସମ୍ମୁଖରେ ହାଜର କରନ୍ତି । ରାଜା ସେହି ଧୃତ ବ୍ୟକ୍ତିଠାରୁ କୌଣସି ପ୍ରକାର କୈଫିଏତ୍ ନ ନେଇ ହଠାତ୍ ରାଜତରବାରିରେ ନିଜ ହସ୍ତରେ ତାର ଶିରଚ୍ଛେଦନ କରନ୍ତି । ଏପରି ଶୁଣାଯାଇଅଛି ଯେ, ଜଣେ ଲୋକ ରାଜତରବାରିରୁ ରକ୍ଷା ପାଇଥିବାରୁ ରାଜା ଖୁସି ହୋଇ ସେ ଲୋକକୁ କୌଣସି ରାଜୋପାଧିରେ ମଣ୍ଡିତ କରିଥିଲେ ।

ରାଜାଙ୍କର ଏପରି ଅତ୍ୟାଚାର କାହାଣୀ ଶୁଣି ବା ନିଜେ ଦେଖି ତତ୍କାଳୀନ ଇଂରେଜ ସରକାର ଏହି ବଂଶର ଜନୈକ ରାଜାଙ୍କୁ କଠିନ ଦଣ୍ଡ ଦେଇଥିଲେ ବୋଲି ମଧ୍ୟ ସ୍ଥାନୀୟ ଲୋକମୁଖରୁ ଶୁଣାଯାଏ ।

**୧୩୫-ଓଷଲଂଗ**—ପ୍ରାଚୀନ ଚନ୍ଦ୍ରୋପୃଳା ନଦୀର ଉତ୍ତର ତୀର ଏବଂ ପ୍ରାଚୀ ଓ ଚନ୍ଦ୍ରୋପୃଳା ମୁହାଣର ମଧ୍ୟଭାଗରେ ବଙ୍ଗୋପ-ସାଗର କୂଳରେ ଥିବା ଗୋଟିଏ ଗ୍ରାମକୁ 'ଓଷଲଂଗ' କୁହାଯାଏ । ଏହି ଗ୍ରାମରେ କୋଣାର୍କର ପ୍ରସିଦ୍ଧ ଶିଳ୍ପୀ ଶିବାଇ ସାମନ୍ତରାୟ ଜନ୍ମଗ୍ରହଣ କରିଥିବାର କିମ୍ବଦନ୍ତୀ ଅଛି । ଆଜିକାଲି ଏଠାରେ ଅତି ସୁନ୍ଦର କାରିଗରି ଜାଣିଥିବା ବଢ଼େଇ ଘର ପ୍ରାୟ ୨୪/୨୫ଟି ଅଛି । କିନ୍ତୁ ଏହି ବଢ଼େଇମାନେ ଶିବାଇଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ପୂର୍ବେ ଏହି ଓଷଲଂଗ ଗ୍ରାମରେ ଗୋଟିଏ ମାନବାକୃତି ପ୍ରସ୍ତର ପ୍ରତିମା ଥିଲା । ତାହାକୁ 'ଶିବାଇ ସାନ୍ତରା ପ୍ରସ୍ତର' କୁହାଯାଉଥିଲା । କିନ୍ତୁ ଏକ୍ଷଣି ଉକ୍ତ ପ୍ରସ୍ତର କେଉଁଠି ପୋତିହୋଇ ପଡ଼ିଛି ଜଣାଯାଏ ନାହିଁ । ଓଷଲଂଗ ଏକ୍ଷଣି ନିତାନ୍ତ ଅନୁନ୍ନତ ପଲ୍ଲୀ ହେଲେହେଁ ପୂର୍ବେ କୋଣାର୍କ ସହର ଓ ତନ୍ନିକଟବର୍ତ୍ତୀ ଗ୍ରାମ ତୁଳନାରେ ଏହା ଏପରି କ୍ଷୁଦ୍ର ନ ଥିଲା । ଏହି ଗ୍ରାମରେ କୋଣାର୍କ ମନ୍ଦିର ନିର୍ମାତା ଶିବାଇ ସାମନ୍ତରାୟ ଜନ୍ମଗ୍ରହଣ କରି ଓଡ଼ିଶାର ସ୍ୱାଧୀନ ରାଜା ନରସିଂହଦେବଙ୍କ

ପୃଷ୍ଠପୋଷକତାରେ ଓଡ଼ିଶା ତଥା ଭାରତର ଅଦ୍ୱିତୀୟ କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ନିର୍ମାଣ କରିଥିଲେ । ଏହା ଏହି ଅଞ୍ଚଳ ପକ୍ଷେ କମ୍ ଗୌରବର କଥା ନୁହେଁ । କିନ୍ତୁ ଆଜି ତାହାଙ୍କର ବଂଶଧରମାନେ ସାଧାରଣ ନିହାଣ ମୁଗୁରର ସଦ୍‌ବ୍ୟବହାର କରି ଜାଣନ୍ତି ନାହିଁ । ଏହା ମଧ୍ୟ କମ୍ ଦୁଃଖର ବିଷୟ ନୁହେଁ !

ଏହିପରି ପ୍ରାଚୀନଦୀର ଦୁଇ ତୀରବର୍ତ୍ତୀ ପ୍ରଦେଶରେ ଅସଂଖ୍ୟ ପ୍ରାଚୀନ ଗ୍ରାମ ଦୁର୍ଗ ବା ଗଡ଼ ପ୍ରଭୃତି ଥିଲା । କିନ୍ତୁ ଆଜିକାଲି ଏହି ଅଞ୍ଚଳଗୁଡ଼ିକ ପ୍ରକୃତିଦ୍ୱାରା ବିକୃତିହୋଇ ପଡ଼ିଛି । ଏକ ସମୟରେ ଯେଉଁ ପ୍ରଦେଶରେ ଲକ୍ଷ ଲକ୍ଷ ଲୋକଥିଲେ ହଜାର ହଜାର ଘୋଡ଼ା, ହାତୀ ଓ ରଥ ପ୍ରଭୃତି ଯାନବାହାନ ଥିଲେ । ଶତ ଶତ ପୁଷ୍କରିଣୀ, ବାର୍ପି ଓ ମନ୍ଦିର ପ୍ରଭୃତି ପ୍ରାଚୀନ କୀର୍ତ୍ତି ଥିଲା । ଆଜି ସେସବୁ ଭାଂଗିରୁଜି ବଣ ଜଙ୍ଗଲ ହୋଇଛି । ସେଠା ଲୋକମାନେ ନିତାନ୍ତ ଅନୁନ୍ନତ, ଅଶିକ୍ଷିତ ଓ ଚିର ରୁଗ୍ଣ ହୋଇପଡ଼ିଛନ୍ତି । କାହା ଅଭିଶାପରୁ ଏହି ପ୍ରଦେଶ ଏବଂ ଏଠା ଲୋକମାନେ ଏପରି ହୀନବଳ ଓ ହତବୀର୍ଯ୍ୟ ହେଲେ କହିବା ସମ୍ଭବ ନୁହେଁ ।

# ପ୍ରାଚୀନଦୀର ବର୍ତ୍ତମାନ ଅବସ୍ଥା

ପୁରାଣ ଓ ଇତିହାସ ପ୍ରସିଦ୍ଧ ପ୍ରାଚୀନଦୀର ବର୍ତ୍ତମାନ ଅବସ୍ଥା କଣ ହୋଇଛି ? ଏହି ପ୍ରଶ୍ନର ଉତ୍ତର ଦେବାପାଇଁ ଆମ୍ଭମାନଙ୍କୁ ଆଉଥରେ ସମୁଦାୟ ପ୍ରାଚୀନଦୀର ଅଂଶଗୁଡ଼ିକୁ ଦେଖିବାକୁ ହେବ । ତହିଁ ସଂଗେ ସଂଗେ ପ୍ରାଚୀର ପ୍ରଧାନ 'ଉପନଦୀ' ଶୋଲ ଏବଂ ଏ ଦୁଇ ନଦୀର ଯଥାକ୍ରମେ ପୂର୍ବ ଓ ପଶ୍ଚିମରେ ଥିବା ଦେବୀ, କୁଶଭଦ୍ରା ନଦୀ ଶୋଲର ଉପରେ ଓ ପଶ୍ଚିମରେ ଥିବା କୁଆଖାଇ ନଦୀର ଅବସ୍ଥା ମଧ୍ୟ ଜାଣିବାକୁ ହେବ । ତା' ହେଲେ ପ୍ରାଚୀର ପ୍ରକୃତ ଅବସ୍ଥା କଣ ବେଶ୍ ଜାଣିହେବ ।

**ପ୍ରାଚୀନଦୀର ପ୍ରଥମ ଦଶମାଇଲ ଅବସ୍ଥା**—ପ୍ରାଚୀନଦୀର ଦୀର୍ଘ ୩୦ ମାଇଲ ମଧ୍ୟରୁ ପ୍ରଥମ ୧୦ ମାଇଲ ନଦୀ, (ଅର୍ଥାତ୍ କପିଳେଶ୍ୱର ମହାଦେବଙ୍କଠାରୁ ଆରମ୍ଭ କରି ଅମରେଶ୍ୱର ମହାଦେବଙ୍କ ମଧ୍ୟବର୍ତ୍ତୀ ନଦୀ) ପ୍ରାୟ ପୋତିହୋଇ ପଡ଼ିଛି । ଏହି ଅଞ୍ଚଳର ବର୍ଷା ଓ ବନ୍ୟା ପାଣି ସେପରି ସ୍ରୋତରେ ବହି ଯିବାପାଇଁ ସୁବିଧା ନାହିଁ । ଏହି ସ୍ଥାନରେ ସ୍ଥାନେ ସ୍ଥାନେ ନଦୀର ଗର୍ଭ ପୋତିହେବାରୁ ସେହି ଅଞ୍ଚଳଗୁଡ଼ିକ କୃଷି ଜମିରେ ପରିଣତ ହୋଇସାରିଛି । ପ୍ରାଚୀ ଉପରେ ଥିବା ଶୋଲ ମଧ୍ୟ ସେହିପରି ପୋତି ହୋଇଛି ଓ ତାହାର ଗର୍ଭଭାଗରେ କୃଷିଜମି ହୋଇଛି । ଶୋଲ ଉପର ଦିଗରୁ କୁଆଖାଇ ଏବଂ ଭିଂଗାରପୁର ନିକଟବର୍ତ୍ତୀ କୁଶଭଦ୍ରାର ରାମଚନ୍ଦ୍ରପୁର ନାଳରୁ ଯେଉଁ ପାଣି ଶୋଲରେ ପଡ଼େ ଏବଂ ଦେବୀ ନଦୀର 'ବାରେଇ', କାଳିଆ ଓ 'ଅପୂଜା' ପ୍ରଭୃତି ଧାର ଦେଇ ଯେଉଁ ବନ୍ୟାଜଳ ଶୋଲରେ ପଡ଼େ ଏହି ଅଳ୍ପ କେତେକ ପାଣି ଏବଂ ମଣିକର୍ଣ୍ଣିକା ଦେଇ ଯେଉଁ ପାଣି

କୁଶଭଦ୍ରାରୁ ଆସି ପ୍ରାଚୀର ତ୍ରିବେଣୀଠାରେ ପଡ଼େ ଏ ସବୁ ଏତେ ଅଳ୍ପଥାଏ ଯେ ପ୍ରବଳ ବନ୍ୟା ସମୟରେ ମଧ୍ୟ ପ୍ରାଚୀର ପ୍ରଥମ ଦଶମାଇଲ ମଧ୍ୟରେ ୨।୪ ଦିନରୁ ବେଶି ସମୟ ବନ୍ୟାଜଳ ରହେ ନାହିଁ । ପ୍ରାଚୀର ଏହି ବନ୍ୟା ଜଳରୁ ଅଧିକାଂଶ ତାହାର ପ୍ରଥମ ଶାଖାନଦୀ 'ସାଇଲୋଯୋଡ଼'ରେ ଯାଏ । ଅବଶିଷ୍ଟ ଅତି ଅଳ୍ପମାତ୍ର ନଦୀର ନିମ୍ନ ଭାଗକୁ ଯାଏ । ପ୍ରଥମ ଦଶମାଇଲ ମଧ୍ୟରୁ ପ୍ରାୟ ୫ମ ଠାରୁ ୧୦ମ ମାଇଲ ମଧ୍ୟରେ ଥିବା ପ୍ରାଚୀନଦୀର ଗର୍ଭରେ ସ୍ଥାନେ ସ୍ଥାନେ କୃଷଜମି ହେବା ସଙ୍ଗେ ସଂଗେ ନଦୀର ଦୁଇତୀରରେ ଅତି ଉଂଚ ଭାବରେ 'କାଂକଡ଼' ବା 'କାଂକର' ବୃକ୍ଷ ଦେଖାଯାଏ । ଏହି କାଂକଡ଼ ବୃକ୍ଷ ଯୋଗୁ ନଦୀର ସ୍ରୋତ ବନ୍ଦ ହୋଇଯାଇଛି । ଦୁଇ କୂଳର କାଂକଡ଼ କଣ୍ଟା ମଧ୍ୟରେ ପ୍ରାୟ ୫।୬ ହାତ ଓସାର ସ୍ଥାନମାତ୍ର ଅଛି । ଏଥି ମଧ୍ୟରେ ଖଣ୍ଡିଏ ଛୋଟ କାଠୁଆ ଡଙ୍ଗା ସେହି ସ୍ରୋତରେ ଯିବା ସୁବିଧା ମାତ୍ର ଅଛି । ସେପରି ଡଙ୍ଗାରେ ଯିବାସମୟରେ କାଂକଡ଼ କଣ୍ଟା ହତାରେ ଦିଆ ଯାଇଥିବା କଣ୍ଟାବାଡ଼ ନାବିକ ଓ ଯାତ୍ରୀମାନଙ୍କୁ ବିଶେଷ ଅସୁବିଧା ଘଟାଇ ଥାଏ ।

**ନଦୀର ନିମ୍ନ ଅଂଶର ଅବସ୍ଥା**— ଉପର ଦଶ ମାଇଲକୁ ବାଦ୍ ଦେଲେ ନିମ୍ନ ପ୍ରାୟ ୨୦ ମାଇଲ ନଦୀରେ ଅତି ଗଭୀର ଓ ସ୍ଥାନେ ସ୍ଥାନେ ଅତି ବଡ଼ ଗଣ୍ଡ ଥିବାର ଦେଖାଯାଏ । ବର୍ଷା ସମୟରେ ଏହି ନଦୀରେ ପ୍ରବଳ ବନ୍ୟାହୁଏ ଏବଂ ଏହି ବନ୍ୟାଯୋଗୁ କୂଳରେ ଥିବା କୃଷଜମିଗୁଡ଼ିକୁ ଅଧିକାଂଶ ସମୟରେ ସେହି ବନ୍ୟାଜଳରେ ବୁଡ଼ିରହେ । ତଦ୍ୱାରା ଫସଲ ମଧ୍ୟ ନଷ୍ଟ ହୁଏ । ଏହି ବନ୍ୟା ସମୟରେ ନଦୀର ଉଦ୍‌ବୃତ୍ତ ପାଣି ପୂର୍ବ ତୋଟା ଶାଖାନଦୀଗୁଡ଼ିକ ଦେଇ ବହିଯାଏ । ତଦ୍ୱାରା ମଧ୍ୟ ସେହି ସେହି ଅଞ୍ଚଳର କୃଷଜମିଗୁଡ଼ିକର ବାର୍ଷିକ ଫସଲ ନଷ୍ଟ ହୁଏ ।

**ପ୍ରାଚୀନଦୀର ନିମ୍ନଭାଗକୁ କେଉଁଠୁ ବନ୍ୟାଜଳ ଆସେ**— ପୂର୍ବରୁ କୁହାଯାଇଛି ଯେ ପ୍ରାଚୀନଦୀର ପ୍ରଥମ ୧୦ ମାଇଲ ପୋତିହୋଇ ପଡ଼ିଛି ଓ ସେଠାରେ ପ୍ରବଳ ବନ୍ୟା ହୁଏ ନାହିଁ କିନ୍ତୁ ନିମ୍ନ ୨୦ ମାଇଲରେ ପ୍ରବଳ ବନ୍ୟା ହୁଏ । ଏହି ବନ୍ୟାଜଳ କେଉଁଠୁ ଆସେ ? ଜାଣିବାକୁ ହେଲେ ପ୍ରାଚୀମାହାତ୍ମ୍ୟ ବର୍ଣ୍ଣିତ ଦ୍ୱାଦଶ ଶଂଭୁ ମଧ୍ୟରୁ ୭ମ ଓ ୮ମ ଶଂଭୁ ଅମରେଶ୍ୱର ଓ ଗ୍ରାମେଶ୍ୱର ମଧ୍ୟରେ 'ଭାରଡ଼ା' ନାମକ ଗୋଟିଏ

ଶାଖାନଦୀ ପ୍ରାଚୀର ଉତ୍ତରପୂର୍ବରେ ଥିବା ଦେବୀନଦୀରୁ ବାହାରି ପ୍ରାଚୀ-ନଦୀରେ ମିଶେ । ଏହିନଦୀ ପୂର୍ବେ (୫/୬ ବର୍ଷ ତଳେ) ଅତି ଛୋଟିଆ ନାଳ ଥିଲା । ଏହାକୁ 'ଭାରଡ଼ା ନାଳ' କୁହାଯାଉଥିଲା । କିନ୍ତୁ ଆଜିକାଲି ଏହାର ଓସାର ପ୍ରାୟ ୨/୩ ଶହ ହାତ ହେବ ଏବଂ ଏହା ଏତେ ଗଭୀର ଯେ ସାଧାରଣ ଡଙ୍ଗାବାହୀମାନେ ଏହିନଦୀ ଦେଇ ଡଙ୍ଗା ବାହି ନେବାପାଇଁ ସାହସ କରନ୍ତି ନାହିଁ । ପୁଣି ଯେଉଁ ସ୍ଥାନରେ ଏହି 'ଭାରଡ଼ାନଦୀ' ପ୍ରାଚୀ ସଂଗେ ମିଶିଛି ସେଠାରେ ଗୋଟିଏ ଅତି ବଡ଼ ଗଣ୍ଡ—ଭାରଡ଼ା ଗଣ୍ଡ ଅଛି । ଏଠାରେ ଗ୍ରୀଷ୍ମଦିନରେ ମଧ୍ୟ ଅଗାଧ ପାଣି ରହେ । ଏହି ଭାରଡ଼ାନଦୀ ଦିନୁଦିନ ଏପରି ଦେଖାଯାଉଛି, ଏହାଦ୍ୱାରା ପ୍ରାଚୀନଦୀର ନିମ୍ନ ୨୦ ମାଇଲ ସର୍ବଦା ନଦୀଜଳରେ ପୂରି ରହିବ ଏବଂ ଦେବୀନଦୀରେ ୫/୬ ଫୁଟ ପାଣି ହେଲେ ମଧ୍ୟ ସେହି ପାଣି ପ୍ରାଚୀନଦୀରେ ଏହି ଭାରଡ଼ାନଦୀ ଦେଇ ମିଶୁଥିବ । ଏପରି ପାଣିଯୋଗୁ ପ୍ରାଚୀର ନିମ୍ନ ଅଂଶ ବର୍ଷର ସର୍ବଦା ଜଳାର୍ଣ୍ଣବ ହେଲେହେଁ ପ୍ରାଚୀତୀରବର୍ତ୍ତୀ ଲୋକମାନେ ଯା' ଆସ କରିବାରେ କେତେକ ଅସୁବିଧା ଭୋଗ କରିପାରନ୍ତି । ସେମାନଙ୍କର ଦୈନିକ କାର୍ଯ୍ୟରେ ମଧ୍ୟ ସେପରି ଅସୁବିଧା ହେବା ସମ୍ଭବ ।

**ଏପରି ନଦୀଜଳ ଯୋଗୁ କେତେକ ସୁବିଧା—** ପ୍ରାଚୀର ନିମ୍ନ ଅଂଶରେ ବର୍ଷର ସବୁ ସମୟରେ ଯଦି ଏହିପରି ପାଣିରହେ ତେବେ ସାଧାରଣ ଲୋକମାନଙ୍କର କେତେକ ଅସୁବିଧା ହେଲେ ମଧ୍ୟ ଏ ଅଞ୍ଚଳର ନୌବାଣିଜ୍ୟକାରୀଙ୍କ ପକ୍ଷରେ ଏହା ଅତି ସୁବିଧା ଘଟାଇ ପାରେ । ଯେଉଁମାନଙ୍କର ବଡ଼ ନାହା କିଂବା ଡଙ୍ଗା ଥିବ ସେମାନେ ପ୍ରାଚୀ ନଦୀରୁ ଭାରଡ଼ା ନଦୀ ଓ ଦେବୀ ନଦୀ ଦେଇ କଟକର କାଠଯୋଡ଼ି କୂଳରେ ପହଞ୍ଚି ପାରନ୍ତି । ଏହି ମାର୍ଗ ଦେଇ କଟକ ତାଳଦଣ୍ଡା କେନାଲକୁ ମଧ୍ୟ ଯିବାର ସୁବିଧା ଅଛି । ତଦ୍ୱାରା ବ୍ୟବସାୟୀମାନେ କଟକ ସହରରୁ ଜିନିଷ ପତ୍ର ଅତି ସୁବିଧାରେ ଡଙ୍ଗାରେ ବୋହି ପ୍ରାଚୀ ନଦୀକୁ ଆଣିପାରନ୍ତି । କିନ୍ତୁ ଏହା କରିବାପାଇଁ ଭାରଡ଼ା ନଦୀକୁ ଆହୁରି ଗଭୀର କରି ଖୋଳିବାକୁ ହେବ । ତା ନହେଲେ ଏହି ଭାରଡ଼ା ନଦୀ ଗ୍ରୀଷ୍ମ ଦିନରେ ଶୁଖିଯାଇ ଦେବୀ ଓ ପ୍ରାଚୀ ମଧ୍ୟରେ ଅବାଧରେ ଯା ଆସ କରିବା ପାଇଁ ଅସୁବିଧା ଘଟାଇ ପାରେ ।

**ପ୍ରାଚୀ ନଦୀରେ ବାର୍ଷିକ ବନ୍ୟା**—ପ୍ରାଚୀ ନଦୀର ଉପରଭାଗ କିପରି ପୋତିହୋଇ ପଡ଼ୁଛି ସେ କଥା ପୂର୍ବେ କୁହାଗଲା । ଶୋଲ ନଦୀରୁ ଯେଉଁ ବନ୍ୟାଜଳ ଆସି ପ୍ରାଚୀରେ ପଡ଼େ, ତହିଁରୁ ଅର୍ଦ୍ଧେକ ଜଳ କପିଳେଶ୍ୱର ଓ ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ମଧ୍ୟରେ ଥିବା ପ୍ରାଚୀ ନଦୀର ପୂର୍ବ ବନ୍ଧଭାଇ ଦେଇ ଯାଇ ପୁଣି ଦେବୀର ସ୍ଥାନୀୟ ଶାଢ଼ୋଳା ନଦୀରେ ମିଶେ । ଏହି ବନ୍ୟା ଜଳଦ୍ୱାରା କଟକ ଜିଲ୍ଲାର ଗୋବିନ୍ଦପୁର ଥାନାରେ ଥିବା ପ୍ରାଚୀକୂଳବର୍ତ୍ତୀ କୃଷିଜମିଗୁଡ଼ିକର ବାର୍ଷିକ ଫସଲ ନଷ୍ଟ ହୁଏ । ଏଥିପାଇଁ ଗୋକର୍ଣ୍ଣେଶ୍ୱର ନିକଟବର୍ତ୍ତୀ ଗ୍ରାମଗୁଡ଼ିକର ଲୋକମାନେ ଦିନୁ ଦିନୁ ଗରିବ ହୁଅନ୍ତି ଏବଂ ବିଦେଶ ଯାଇ ଜୀବନଯାତ୍ରା ନିର୍ବାହ କରନ୍ତି ।

ପ୍ରାଚୀର ନିମ୍ନ ଅଂଶରେ ବୋଲଗ ଗ୍ରାମଠାରୁ ପ୍ରାୟ ମୁହାଣ ପର୍ଯ୍ୟନ୍ତ ଥିବା ଦୁଇକୂଳର କୃଷିଜମିଗୁଡ଼ିକରେ ଆଜିକାଲି ବନ୍ୟାଜଳ ମାଡ଼ିଯାଏ । ଏହି ଅଞ୍ଚଳରେ ଥିବା ପ୍ରାଚୀର ପୂର୍ବ ପୋତା ଶାଖାନଦୀଗୁଡ଼ିକରେ ସ୍ଥାନୀୟ ଲୋକମାନେ କୃଷିଜମି କରି ବହୁକାଳରୁ ଚାଷ କରୁଥିଲେ । କିନ୍ତୁ ଗତ କେତେ ବର୍ଷହେଲା ଏମାନଙ୍କର ସମସ୍ତ କୃଷିଜମିର ଫସଲ ଏହି ବନ୍ୟା ଜଳଦ୍ୱାରା ନଷ୍ଟ ହୁଏ । ଯେପରି ଜଣାଯାଉଛି ଏଣିକି ଏହି ଅଞ୍ଚଳରେ ପ୍ରାଚୀ ପୂର୍ବଶାଖା ନଦୀଗୁଡ଼ିକର ଧାର ଅନ୍ତତଃ ବର୍ଷା ଚାରିମାସରେ ଅବାଧରେ ଚାଲିବ, ତଦ୍ୱାରା ଏହି ଅଞ୍ଚଳରେ ଆଦୌ ଚାଷକର ହେବନାହିଁ । ଲୋକମାନଙ୍କର ହଜାର ହଜାର ଜମି ଏଣିକି ବନ୍ୟାଜଳରେ ନଷ୍ଟ ହେବ ।

**ପ୍ରାଚୀ ଓ ଦେବୀମୁହାଣ ମଧ୍ୟସ୍ଥ ପ୍ରଦେଶର ଅବସ୍ଥା**— ପ୍ରାଚୀ ଓ ଦେବୀନଦୀର ମୁହାଣ ମଧ୍ୟରେ ଥିବା ପ୍ରଦେଶ ଗୁଡିକ କାକଟପୁର ଥାନାର ଅନ୍ତରଂଗ ଓ ମରିଚପୁର ପ୍ରଗନ୍ନାରେ ରହିଛି । ଏସବୁ ଅଞ୍ଚଳରେ ପ୍ରାଚୀନ କାଳରେ (ଓଡ଼ିଶା ଇଂରେଜମାନଙ୍କ ଅଧିକାରଭୁକ୍ତ ହେବା ପୂର୍ବରୁ) ଅତି ଉତ୍କୃଷ୍ଟ ଲୁଣ ପୋକ୍ତାନ ହେଉଥିବାର ପୂର୍ବେ ବର୍ଣ୍ଣିତ ଅଛି । ସେହି ଲୁଣ ପୋକ୍ତାନ ପାଇଁ ଏ ଦୁଇ ମୁହାଣ ମଧ୍ୟରେ ଯେଉଁ କେତେକ ନାଳ ଖୋଳି ଉକ୍ତ ଦୁଇ ମୁହାଣ ଦେଇ ସମୁଦ୍ରର ଜୁଆର ଲୁଣିପାଣି ଅଣା ଯାଇଥିଲା, ଆଜିକାଲି ସେହି ନାଳଗୁଡ଼ିକ ଗୋଟିଏ ଗୋଟିଏ ବଡ଼ନଦୀ ପରି ହୋଇ- ଯାଇଛି । ଅଧିକାଂଶ ନାଳରେ ସର୍ବଦା ପାଣି ରହେ । ନଦୀରେ ଜୁଆର

ହେଲାବେଳେ ଏହି ଜୁଆରର ଲୁଣିପାଣି ନଦୀକୂଳର ଦୁଇ ପ୍ରଦେଶ ମାଡ଼ିଯାଏ । ତଦ୍ୱାରା ସେହି ପ୍ରଦେଶଗୁଡ଼ିକ ଲୁଣଚରା ହୋଇଯାଏ । ସେଠାରେ କୌଣସି ଫସଲ ହୁଏ ନାହିଁ । କେବଳ ହେନ୍ତାଳ ଓ ଅନ୍ୟ କଣ୍ଟକ ବୃକ୍ଷରେ ପୂରିଥାଏ । ଗ୍ରୀଷ୍ମଦିନରେ ଏହି ଜୁଆର ପାଣି ଅଳ୍ପ ହୁଏ । ସେହି ସମୟରେ ଏହି ପ୍ରଦେଶର ସ୍ଥାନେ ସ୍ଥାନେ ଲୁଣ ଚାଷ କରିବା ବିଶେଷ ସୁବିଧା ଜନକ । କିନ୍ତୁ ସରକାରୀ କର୍ତ୍ତୃପକ୍ଷ ଏହି ଲୁଣଚାଷ ପାଇଁ ଆଜକାଲି ଯେଉଁସବୁ କଟକଣା କରନ୍ତି ଏବଂ ସ୍ଥାନୀୟ ଜମିଦାରମାନେ ଏହି ଲୁଣମରା ଜମିଉପରେ ଯେପରି ଅଯଥା ଓ ଅସ୍ୱାଭାବିକ ଖଜଣା ଦାବୀ କରନ୍ତି, ତଦ୍ୱାରା କୌଣସି ସ୍ଥାନୀୟ ପ୍ରଜା ଏହି ପ୍ରଦେଶଗୁଡ଼ିକରେ ଲୁଣ ମାରିବାପାଇଁ ସାହସ ମଧ୍ୟ କରନ୍ତି ନାହିଁ । ସେହି କାରଣରୁ ଏହି ଅଞ୍ଚଳର ପ୍ରାୟ ଦୁଇତିନିଶତ ଏକର ଜମି ସର୍ବଦା ଅନାବାଦି ହୁଏ ।

**ପ୍ରାଚୀନଦୀର ମୁହାଣ ନିକଟବର୍ତ୍ତୀ ପ୍ରଦେଶରେ ଲୁଣା ବନ୍ୟା ହୁଏ**—ପ୍ରାଚୀନଦୀର ମୁହାଣ ଆଜକାଲି ପ୍ରାୟ ପୋତିହୋଇ ପଡ଼ିଛି । ତଥାପି ବର୍ଷର କେତେକ ସମୟରେ ସେହି ମୁହାଣ ଦେଇ ସମୁଦ୍ର ପାଣି ଜୁଆର ସଙ୍ଗେ ଆସି ନିକଟବର୍ତ୍ତୀ ଚାଷ ଜମିରେ ମାଡ଼ିଯାଏ । ଏହାର ପ୍ରତିକାର କରିବାରେ ସରକାର ଏକାଧିକ ଥର ଯତ୍ନ କରିଥିଲେ । କିନ୍ତୁ ତଦ୍ୱାରା ବିଶେଷ କିଛି ଲାଭ ହେଲାନାହିଁ ।

**ପ୍ରାଚୀନଦୀ ଏବଂ ଓଡ଼ିଶାର ବନ୍ୟା ବିଶାରଦ କମିଟି**—ଗତ ୭୦।୮୦ ବର୍ଷ ହେଲା ଓଡ଼ିଶାର ପ୍ରତ୍ୟେକ ନଦୀରେ ପ୍ରତି ୨।୩ ବର୍ଷକୁ ଥରେ ପ୍ରବଳ ବନ୍ୟା ହୋଇ ଦେଶବାସୀଙ୍କର ବାର୍ଷିକ ଫସଲ, ଗାଈ ଗୋରୁ ଓ ମନୁଷ୍ୟ ଜୀବନ ମଧ୍ୟ ନଷ୍ଟ କରିଥିବାର ଜଣାଯାଏ । ଓଡ଼ିଶାର ଏହି ପ୍ରାକୃତିକ ଦୁର୍ଘଟଣା ସମ୍ବନ୍ଧରେ ବିଶେଷ ଅନୁସନ୍ଧାନ କରି ତହିଁର ତୁରନ୍ତ ପ୍ରତିକାର କରିବାପାଇଁ ସେକାଳର ବିହାର ଓଡ଼ିଶା ସରକାର ଓ ବଙ୍ଗଳା ସରକାର ଏକାଧିକ ବନ୍ୟାତଦନ୍ତ କମିଟିମାନ ବସାଇ ଥିଲେ । ଏପରି ଏକାଧିକ କମିଟି ମଧ୍ୟରୁ ଗତ ୧୯୨୪ ଓ ୧୯୨୭ ଖ୍ରୀଷ୍ଟାବ୍ଦରେ ଯେଉଁ ବିଶାରଦ କମିଟିମାନ ବସି ଅନୁସନ୍ଧାନ କରିଥିଲେ ସେହି କମିଟି ରିପୋର୍ଟରେ ଲେଖାଥିଲା—

"୧୯୨୪—

"The next area in the Puri District is in thanas Astrang and Kakatpur ( ପ୍ରାଚୀନଗାର ପୂର୍ବ କୂଳରେ ) 200 squar *miles* adjoining the Bay of Bengal were flooded out in this area in the flood of 1920 by spilt water from the Kushbhadra and Devi rivers ( ପ୍ରାଚୀନଗା ଦେଇ ). The area only suffers in years of high and prolayed flood.

"The Committee are unable to recommend only measures for relief during high floods. The raising of the Devi embankment and closing of the Ramchandrapur escape—ଏହି ରାମଚନ୍ଦ୍ରପୁର ଦେଇ କୁଶଭଦ୍ରାର ବନ୍ୟାପାଣି ଖୋଲି ଓ ପ୍ରାଚୀନଦୀ ଦେଇ ପ୍ରବାହିତ ହୁଏ – would only transfer the damage to same other locality."

[ Extract from the Report of flood. Draimage Committee" (1924) ].

ଖ୍ରୀ: ୧୯୨୪ ବର୍ଷାରର କମିଟୀ ରିପୋର୍ଟରୁ ସ୍ପଷ୍ଟ ଜଣାଯାଏ ଯେ ପ୍ରାଚୀନଦୀରେ, ନିମ୍ନ ୧୦-୨୦ ମାଇଲ ମଧ୍ୟରେ ଥିବା କାକଟପୁର ଓ ଅସ୍ତରଂଗ ପ୍ରଗନ୍ନା ଦେବୀ ଓ କୁଶଭଦ୍ରାର ଉଦ୍‌ବୃତ୍ତ ପାଣି ପ୍ରାଚୀନଦୀରେ ପଡ଼ିବାଦ୍ୱାରା ଏହି ଅଂଚଳଗୁଡ଼ିକରେ ବନ୍ୟା ହୁଏ । ଏହି ଅସ୍ୱାଭାବିକ ବନ୍ୟା ବନ୍ଦ କରିବା ପାଇଁ ଦେବୀ ଦକ୍ଷିଣବଂଧ ଉଚ୍ଚ କରିବା ଏବଂ କୁଶଭଦ୍ରାର ରାମଚନ୍ଦ୍ରପୁର ନାଳକୁ ବନ୍ଦକରିବା ଦରକାର । କିନ୍ତୁ ଏ ଦୁଇ କାର୍ଯ୍ୟ କଲେ ପ୍ରାଚୀର ବନ୍ୟା ବନ୍ଦହେବା ସଂଗେ ସଂଗେ ଅନ୍ୟ ଅଂଚଳଗୁଡ଼ିକରେ ଏହି ବନ୍ୟାଜଳ ଯାଇ ସେଠାରେ କ୍ଷତି କରିପାରେ । ଏହି ଆଶଂକାରେ ଉକ୍ତ କମିଟୀ ପ୍ରାଚୀର ବନ୍ୟା ନିବାରଣ ପାଇଁ କୌଣସି ମତ ଦେଇ ନଥିଲେ ।

ଖ୍ରୀ: ୧୯୨୭ରେ— ଏହି କମିଟୀର ସଭ୍ୟମାନେ ନିମ୍ନ ମନ୍ତବ୍ୟ ଦେଇଥିଲେ—

"It in pointed out that Orissa is a deltic Country that floods are nature's method of

building new land by the deposit of silt, and that it is useless to attempt to proward this process. Protect one area by a high embankment as the effect of throwing some water elsewhere. It is therefore recommended that no new embankments should be built, and that some of those already in existence should be gradually abandend and that no reclamation of land for cultivation should be allowed in the tidal position of the big rivers, as this leads to stop the discharge of flood water. In particular, the embankments near the mouth of Devi ( କାକଟପୁର ଥାନାର ଅନ୍ତର୍ଗତ ମଧ୍ୟବର୍ତ୍ତୀ ସ୍ଥାନ )········ should be gradually abandend.

[Extract from the "Expert Committee on Floods.1927" ]

ଶେଷୋକ୍ତ ବନ୍ୟା ବିଶାରଦ କମିଟୀ ରିପୋର୍ଟ ଫଳରେ ପ୍ରାଚୀନଦୀର ଉତ୍ତରରେ ଥିବା ଦେବୀ ନଦୀର ଦକ୍ଷିଣ ବନ୍ଧର କୌଣସି ଉନ୍ନତି କରାଯାଇ ନାହିଁ । ଏହାଦ୍ୱାରା ପ୍ରତି ବର୍ଷର ପ୍ରବଳ ବନ୍ୟାଜଳ କାକଟପୁର ଥାନାରେ ଏବଂ ପ୍ରାଚୀ ନଦୀରେ ପ୍ଲାବିତ ହୁଏ । ଏହି ଥାନାର ଅର୍ଦ୍ଧାଧିକ ବାର୍ଷିକ ଫସଲ ନଷ୍ଟ କରିଦିଏ । ଏହି କ୍ଷତିଦ୍ୱାରା ଏପରି ଦିନ ଆସିବ ଯେବେ କାକଟପୁର ଅଧିବାସୀମାନେ କୃଷିଜମି ବିନା ଉପାୟରେ ରହି କୁଲିକାମ କରିବା ପାଇଁ ବିଦେଶ ଯିବାକୁ ବାଧ୍ୟ ହେବେ ।

**ପ୍ରାଚୀ ନଦୀ ତୀରବର୍ତ୍ତୀ ପ୍ରାଚୀନ କୀର୍ତ୍ତୀଗୁଡ଼ିକର ରକ୍ଷାପାଇଁ କେତୋଟି ନିୟମର ଆବଶ୍ୟକତା** —ଆଜିକାଲି ପ୍ରାଚୀ ନଦୀ ତୀରବର୍ତ୍ତୀ ଲୋକମାନଙ୍କ ଆର୍ଥିକ ଓ ନୈତିକ ଦୁରବସ୍ଥା ଏପରି ଘଟିଛି ଯେ ଏମାନେ କେବେସୁଦ୍ଧା ଏହି ନଦୀ ତୀରବର୍ତ୍ତୀ ପ୍ରାଚୀନଦୀ କୀର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସଚେଷ୍ଟ ହେବା ସମ୍ଭବ ନୁହେଁ । ଅଧିକାଂଶ ସ୍ଥଳରେ ସ୍ଥାନୀୟ ଜମିଦାରମାନେ ଏହି କୀର୍ତ୍ତିଗୁଡ଼ିକର ମାଲିକ ଅଟନ୍ତି । ଏମାନଙ୍କର ପ୍ରଧାନ କର୍ତ୍ତବ୍ୟ ଠାକୁରଙ୍କ ସମ୍ପତ୍ତିରୁ କିଛି ଖର୍ଚ୍ଚ

କରି ଏହି ମନ୍ଦିର ଓ ଦେବମୂର୍ତ୍ତି ପ୍ରଭୃତିର ପୁନରୁଦ୍ଧାର କରାଇବା । କିନ୍ତୁ ସେ ଦିଗରେ କୌଣସି ବ୍ୟକ୍ତିର ଲେଶମାତ୍ର ଶ୍ରଦ୍ଧା ବା ମମତା ନାହିଁ । ଠାକୁରଙ୍କର ସମସ୍ତ ସମ୍ପତ୍ତି ଖାଇ ଠାକୁର ଓ ମନ୍ଦିର ପ୍ରଭୃତିଗୁଡ଼ିକୁ ଅତି ନିର୍ଦ୍ଦୟ ଭାବରେ ରଖିବାହିଁ ଏମାନଙ୍କର ଦୈନନ୍ଦିନ କାର୍ଯ୍ୟ ହୋଇପଡ଼ିଛି । ଏପରି ସ୍ଥଳେ ଅତି ପ୍ରାଚୀନ ଯୁଗର ଏସବୁ କୀର୍ତ୍ତି ଅଚିରେ ଯେ ନଷ୍ଟ ହେବ ଅସମ୍ଭବ ନୁହେଁ । ଏହି କାରଣରୁ ଏହି କୀର୍ତ୍ତିଗୁଡ଼ିକ ଯେପରି ଅନ୍ତତଃ ଏହି ଅବସ୍ଥାରେ ଅକ୍ଷୁନ୍ନ ରହେ ଏବଂ ସୁବିଧା କ୍ରମେ ଏଗୁଡିକର ସଂସ୍କାର କରାଇବା ଉଦ୍ଦେଶ୍ୟରେ ଦେଶର ସରକାର କେତେକ ଆଇନ ଜାରି କରିବା ଉଚିତ ମନେକରୁଁ । ଅନ୍ତତଃ ଏହି ମନ୍ଦିର, ପୁଷ୍କରିଣୀ, ବାଂଫି ଓ ଦୁର୍ଗ ପ୍ରଭୃତି ସରକାରଙ୍କର ପ୍ରାଚୀନ ଶିଳ୍ପ ସ୍ଥାପତ୍ୟ ରକ୍ଷଣୀ ଆଇନ (old manuments reservation Act) ଦ୍ୱାରା ରକ୍ଷା କରିବାକୁ ହେବ । ତଦ୍ୱାରା ଏଗୁଡ଼ିକର ଆଉ କ୍ଷତି ହେବା ସମ୍ଭବ ନୁହେଁ । ପୁଣି, ଏତେଗୁଡ଼ିଏ ପ୍ରାଚୀନକୀର୍ତ୍ତି ଦେଖିବାପାଇଁ ଏବଂ ଏ ସମ୍ବନ୍ଧରେ ଆହୁରି ବିଶେଷ ଅନୁସନ୍ଧାନ ପ୍ରଭୃତି କରିବାପାଇଁ ବିଶେଷଜ୍ଞମାନଙ୍କୁ ସୁବିଧା ମିଳିବ ଏବଂ ସେମାନଙ୍କର ଅନୁସନ୍ଧାନଦ୍ୱାରା ଏହି ଅଞ୍ଚଳର ପ୍ରାଚୀନ ଓ ଲୁପ୍ତ ଇତିହାସ ଲୋକମୁଖରେ ଉଦ୍‌ଘାଟିତ ହେବ । ସରକାରଙ୍କ କର୍ତ୍ତବ୍ୟ ସଂଗେ ସଂଗେ ଦେଶବାସୀଙ୍କର ମଧ୍ୟ ଏ ଦିଗରେ ଆହୁରି ଅଧିକ କାର୍ଯ୍ୟ କରିବାକୁ ହେବ ।

# ଉପସଂହାର

'ପ୍ରାଚୀନଦୀର ଐତିହାସିକ ବିଭବ' ସମ୍ବନ୍ଧରେ ମୁଁ ସ୍ୱକୀୟ ଅନୁଭୂତି ଏବଂ ସ୍ଥାନୀୟ ଅନୁସନ୍ଧାନରୁ ଯାହା ସଂଗ୍ରହ କରିଥିଲି ତାହାହିଁ ଏହି ପୁସ୍ତକରେ ବର୍ଣ୍ଣନା କରିଛି । ଏହି ନଦୀ ସମ୍ବନ୍ଧରେ ଏପର୍ଯ୍ୟନ୍ତ ସେପରି କୌଣସି ଉଲ୍ଲେଖଯୋଗ୍ୟ ଐତିହାସିକ ଗ୍ରନ୍ଥ ଲେଖା ଯାଇନାହିଁ । କେବଳ ପ୍ରାଚୀମାହାତ୍ମ୍ୟ ନାମକ ପୁରାଣ ବ୍ୟତୀତ ଏହି ନଦୀ ସମ୍ବନ୍ଧରେ ଅନ୍ୟ କୌଣସି ପୌରାଣିକ କିମ୍ବା ଐତିହାସିକ ଗ୍ରନ୍ଥ ସ୍ୱତନ୍ତ୍ର ଭାବରେ କେହି ଲେଖି ନାହାନ୍ତି । ଏହି ନଦୀତୀରରେ ଏତେଗୁଡ଼ିଏ ପ୍ରାଚୀନ ମନ୍ଦିର, ପୁଷ୍କରଣୀ, ବାମ୍ପୀ ଏବଂ ଦୁର୍ଗ ପ୍ରଭୃତି ଥିବା ସତ୍ତ୍ୱେ ସେଗୁଡିକର ଐତିହାସିକ ବିଭବ ଜାଣିବା କିମ୍ବା ସଂଗ୍ରହ କରିବା ପାଇଁ ଏପର୍ଯ୍ୟନ୍ତ କୌଣସି ଐତିହାସିକ ଏହି ଅଞ୍ଚଳକୁ ଆସି ନାହାନ୍ତି । ଦୀର୍ଘ ୩୦ ମାଇଲ୍ ପ୍ରଦେଶରେ ଥିବା ଏହି ନଦୀ ଦୁଇ କୂଳର ପ୍ରାଚୀନକୀର୍ତ୍ତି ସମୁଦାୟକୁ ବିସ୍ତୃତ ବର୍ଣ୍ଣନା ପୂର୍ବକ ଲେଖିବା ପାଇଁ କୌଣସି ବ୍ୟକ୍ତିବିଶେଷଙ୍କ ଉଦ୍ୟମ କିମ୍ବା ଦଳଗତ ଉଦ୍ୟମ ଆବଶ୍ୟକ । ଏହି କାର୍ଯ୍ୟପାଇଁ ବର୍ଷାଧିକ ସମୟ, ଅସୀମ ସହିଷ୍ଣୁ ଶକ୍ତି ଏବଂ ବିଶେଷ ଧନ ଆବଶ୍ୟକ ହେବ । ତା ନହେଲେ ସମୁଦାୟ ପ୍ରାଚୀନଦୀର ଦୁଇକୂଳରେ ଥିବା ପ୍ରତ୍ୟେକ ପ୍ରାଚୀନ କୀର୍ତ୍ତି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଲେଖିବା କଷ୍ଟସାଧ୍ୟ ।

ଉତ୍କଳ ସାହିତ୍ୟ ସମାଜ ଯେତିକ ସମୟ ମଧ୍ୟରେ ଏ ପ୍ରବନ୍ଧ ଲେଖିବା ପାଇଁ ତାହାଙ୍କର ବିଜ୍ଞାପନରେ ଲେଖିବା ପାଇଁ ସ୍ଥିର କରିଥିଲେ, ସେହି ସମୟ ମଧ୍ୟରେ ପ୍ରାଚୀନଦୀ ଦୁଇ କୂଳରେ ଥିବା ପ୍ରାଚୀନ ଏବଂ ଏହି ନଦୀର ପୌରାଣିକ, ଐତିହାସିକ କିମ୍ବଦନ୍ତୀ ଓ ଘଟଣାଗୁଡ଼ିକୁ ଯେତେଦୂର ସଂଗ୍ରହ କରାଯାଇଥିଲା, ତାହା ଏହି ପୁସ୍ତକରେ ଦିଆଯାଇ ଅଛି ।